ଧରିତ୍ରୀ
DHARITRI
51 Years
ଭୁବନେଶ୍ୱର, ଶନିବାର, ଅଗଷ୍ଟ ୩୦/୨୦୨୫ (୧୪ ପୃଷ୍ଠା+ପିଲାଙ୍କ ଧରିତ୍ରୀ) Bhubaneswar, Saturday, August 30/2025 Page 14 ₹ 7.00
୫୧ଶ ଭାଗ ୨୭୫ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul VOLUME 51 ISSUE 275 ମୂଲ୍ୟ₹୭/-

# ୧ ଡଲାର=୮୮.୨୦ ଟଙ୍କା

## ଟ୍ରମ୍ପ୍ ଟାରିଫ୍‌ରୁ ଭାରତୀୟ ମୁଦ୍ରା ସର୍ବନିମ୍ନ ସ୍ତରରେ



**ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଭାରତ ଉପରେ ବସାଇଥିବା ଟାରିଫ୍‌ର ସବୁଠୁ ବଡ଼ ଧକ୍କା ଟଙ୍କାକୁ ପହଞ୍ଚିଛି। ଏଥିଯୋଗୁ ଆମେରିକା ବଜାରରେ ଭାରତୀୟ ସାମଗ୍ରୀ ଦର ବଢ଼ିଯାଇଛି। ପରିଣତି ସ୍ୱରୂପ, ସେଠାକାର ବ୍ୟବସାୟିକ ସଂସ୍ଥା କମ୍ ଟାରିଫ୍ ରହିଥିବା ରାଷ୍ଟ୍ରରୁ ସାମଗ୍ରୀ ଆମଦାନୀ କରିବାକୁ ପସନ୍ଦ କରିଛନ୍ତି। କମ୍ ଟାରିଫ୍ ଲାଗିଲେ ସାମଗ୍ରୀ ଦର ଭାରତ ତୁଳନାରେ ଅପେକ୍ଷାକୃତ୍ କମ୍ ରହୁଛି। ଫଳରେ ଭାରତୀୟ ରପ୍ତାନି ବାଧାପ୍ରାପ୍ତ ହୋଇଛି। ଏହାର ପ୍ରଭାବ ସିଧାସଳଖ ଭାରତୀୟ ମୁଦ୍ରା ଉପରେ ପଡ଼ିବାରୁ ଆମେରିକୀୟ ଡଲାର ତୁଳନାରେ ଭାରତୀୟ ମୁଦ୍ରା ସର୍ବନିମ୍ନ ସ୍ତରକୁ ଆସିଯାଇଛି, ଯାହା ଭାରତୀୟ ଅର୍ଥନୀତିକୁ ସଙ୍କଟ ମଧ୍ୟକୁ ଠେଲି ଦେଇଛି ବୋଲି ଅର୍ଥନୀତିଜ୍ଞ ଓ ବଜାର ବିଶେଷଜ୍ଞମାନେ ମତ ଦେଲେଣି।**

ମୁମ୍ବାଇ/ନୂଆଦିଲ୍ଲୀ,୨୯।୮

ଭାରତୀୟ ଟଙ୍କା ଶୁକ୍ରବାର ସର୍ବକାଳୀନ ନିମ୍ନସ୍ତରକୁ ଖସି ଡଲାର ତୁଳନାରେ ୦.୬୦ ପଏଣ୍ଟ (୦.୭୦%) ଦୁର୍ବଳ ହୋଇଯାଇଛି। ଡଲାର ସହ ଟଙ୍କାର ବିନିମୟ ମୂଲ୍ୟ ପ୍ରାୟ ୮୮.୨୦ ଟଙ୍କାରେ ପହଞ୍ଚିଛି। ଏହା ହେଉଛି ଗତ ୩ ମାସ ମଧ୍ୟରେ ଦିନକ ଭିତରେ ଟଙ୍କାର ସର୍ବାଧିକ ଅବକ୍ଷୟ। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍‌ଙ୍କ ୫୦% ଟାରିଫ୍ ଯୋଗୁ ଭାରତୀୟ ଟଙ୍କାର ଏଭଳି ଐତିହାସିକ ଦୁରବସ୍ଥା ଉପୁଜିଥିବା କୁହାଯାଉଛି। ଆମେରିକାକୁ ପ୍ରବେଶ କରୁଥିବା ଭାରତୀୟ ସାମଗ୍ରୀଗୁଡ଼ିକ ଉପରେ ଟ୍ରମ୍ପ୍‌ଙ୍କ ୨୫% ପାଲଟା ଶୁଳ୍କ ଅଗଷ୍ଟ ୭ରୁ ଲାଗୁ ହୋଇଥିବାବେଳେ ରୁଷୀୟ ତୈଳ କ୍ରୟ ବାବଦକୁ ଜରିମାନା ଆକାରରେ ସେ ଆଉ ୨୫% ଆମଦାନୀ ଶୁଳ୍କ କଷିଥିଲେ, ଯାହାକି ୨୭ ତାରିଖରୁ ଲାଗୁ ହୋଇଛି। ଅର୍ଥାତ୍ ଆମେରିକାକୁ ଭାରତ ରପ୍ତାନି କରୁଥିବା ସାମଗ୍ରୀଗୁଡ଼ିକୁ ବର୍ତ୍ତମାନ ୫୦% ଟାରିଫ୍‌ର ବୋଝ ସହିବାକୁ ପଡୁଛି। ଏଥିଯୋଗୁ ଆମେରିକା ବଜାରରେ ଭାରତୀୟ ସାମଗ୍ରୀ ଦର ବଢ଼ିବାରେ ଲାଗିଛି। ଫଳରେ ସେଠାକାର ବ୍ୟବସାୟିକ ସଂସ୍ଥାଗୁଡ଼ିକ କମ୍ ଟାରିଫ୍ ରହିଥିବା ଦେଶଗୁଡ଼ିକରୁ ସାମଗ୍ରୀ ଆମଦାନୀ କରିବାକୁ ପସନ୍ଦ କଲେଣି। କମ୍ ଟାରିଫ୍ ଲାଗିଲେ ସାମଗ୍ରୀ ମଧ୍ୟ କମ୍ ଦାମ୍‌ରେ ଉପଲବ୍ଧ ହେବ, ଯାହାକୁ ଉଚିତ ମୂଲ୍ୟରେ ଆମେରିକୀୟ ବଜାରରେ ବିକ୍ରି କରିବା ସହଜ ଓ ସୁବିଧା ହେବ। ଏହାଦ୍ୱାରା ସ୍ଥାନୀୟ ଉପଭୋକ୍ତା ଯୁକ୍ତିଯୁକ୍ତ ମୂଲ୍ୟରେ ସେମାନଙ୍କ ପସନ୍ଦର ସାମଗ୍ରୀ ପାଇପାରିବେ। ଏହି ଦଣ୍ଡାତ୍ମକ ଶୁଳ୍କର ପ୍ରଭାବ ଭାରତୀୟ ପୁଞ୍ଜିବଜାର ଉପରେ ପଡ଼ିବାରେ ଲାଗିଥିବାବେଳେ ☞ପୃଷ୍ଠା-୪

## ୧ମ ତ୍ରୈମାସିକରେ ଜିଡିପି ଅଭିବୃଦ୍ଧି ୭.୮%

ନୂଆଦିଲ୍ଲୀ,୨୯।୮

ଚଳିତ ଆର୍ଥିକବର୍ଷର ପ୍ରଥମ ତ୍ରୈମାସିକ ଅର୍ଥାତ୍ ଏପ୍ରିଲ-ଜୁନ୍‌ରେ ଭାରତୀୟ ଅର୍ଥନୀତି ୭.୮% ରହିଥିଲା, ଯାହାକି ଗତ ୫ କ୍ୱାର୍ଟର୍ସରେ ସର୍ବାଧିକ ବୋଲି କେନ୍ଦ୍ର ସରକାରଙ୍କ ତଥ୍ୟରୁ ଜଣାପଡ଼ିଛି। ଆମେରିକା ପକ୍ଷରୁ ୫୦% ଟାରିଫ୍ କଷାଯିବା ପୂର୍ବରୁ ଅଭିବୃଦ୍ଧିରେ ଏପରି ଉନ୍ନତି ପରିଲକ୍ଷିତ ହୋଇଛି। କୃଷି କ୍ଷେତ୍ରରେ ଉନ୍ନତ ପ୍ରଦର୍ଶନକୁ ଜିଡିପି ଅଭିବୃଦ୍ଧି ପାଇଁ ଦାୟୀ କରାଯାଉଛି। ଜାତୀୟ ପରିସଂଖ୍ୟାନ କାର୍ଯ୍ୟାଳୟ (ଏନ୍‌ଏସ୍‌ଓ) ପକ୍ଷରୁ ଶୁକ୍ରବାର ଜାରି ଡେଟା ଅନୁସାରେ କୃଷି କ୍ଷେତ୍ରରେ ଏପ୍ରିଲରୁ ଜୁନ୍ ମଧ୍ୟରେ ୩.୭% ଅଭିବୃଦ୍ଧି ଆସିଛି। ୨୦୨୪-୨୫ ଆର୍ଥିକବର୍ଷରେ ଏହା ୧.୫% ରହିଥିଲା। ସେହିପରି ୨୦୨୪ ଜାନୁଆରୀରୁ ମାର୍ଚ୍ଚ ମଧ୍ୟରେ ଜିଡିପି ଅଭିବୃଦ୍ଧି ୮.୪% ରେକର୍ଡ କରାଯାଇଥିଲା। ଚଳିତମାସରେ ଆର୍‌ବିଆଇ ୨୦୨୫-୨୬ ଆର୍ଥିକବର୍ଷ ପାଇଁ ବାସ୍ତବ ଜିଡିପି ଅଭିବୃଦ୍ଧି ୬.୫% ରହିବା ଆକଳନ କରିଥିଲା। କେନ୍ଦ୍ରୀୟ ବ୍ୟାଙ୍କ କ୍ୟୁ୧ରେ ଏହା ୬.୫%, କ୍ୟୁ୨ରେ ୬.୭%, କ୍ୟୁ୩ରେ ୬.୬% ଓ କ୍ୟୁ୪ରେ ୬.୩% ରହିବା ନେଇ ଅନୁମାନ କରିଥିଲା।

ଆଜିର ସମ୍ପାଦକୀୟ ପରୀକ୍ଷାର ସମୟ






## ସ୍କୁଲ ଶୌଚାଳୟରେ ଶିଶୁ ଜନ୍ମକଲେ ଛାତ୍ରୀ

କର୍ଣାଟକର ୟାଦ୍‌ଗୀର ଜିଲା ଶାହପୁର ବ୍ଲକ୍‌ସ୍ଥିତ ଏକ ସରକାରୀ ଆବାସିକ ସ୍କୁଲରେ ଜଣେ ୯ମ ଶ୍ରେଣୀ ଛାତ୍ରୀ ଶିଶୁପୁତ୍ରକୁ ଜନ୍ମ ଦେଇଛନ୍ତି। ଶାହପୁର ସରକାରୀ ହସ୍ପିଟାଲରେ ଉଭୟଙ୍କ ଚିକିତ୍ସା ଜାରି ରହିଛି। ଏହି ମାମଲାକୁ ନେଇ ରିପୋର୍ଟ ପ୍ରଦାନ କରିବାକୁ କର୍ଣାଟକ ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଆୟୋଗ ପକ୍ଷରୁ ସ୍ଥାନୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି।

## ଉତ୍ତରାଖଣ୍ଡରେ ବାଦଲଫଟା ବର୍ଷା, ୮ ମୃତ

**ଡେରାଡୁନ୍, ୨୯।୮**

ଉତ୍ତରାଖଣ୍ଡର ଏକାଧିକ ସ୍ଥାନରେ ଗୁରୁବାର ରାତିରୁ ଶୁକ୍ରବାର ସକାଳ ମଧ୍ୟରେ ବାଦଲଫଟା ବର୍ଷା ଏବଂ ଭୂସ୍ଖଳନ ଘଟି ୮ ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ଏକ ଡଜନରୁ ଅଧିକ ଲୋକ ନିଖୋଜ ରହିଛନ୍ତି। ମୃତକମାନେ ଚାମୋଲି, ବାଘେଶ୍ୱର ଏବଂ ରୁଦ୍ରପ୍ରୟାଗ ଜିଲାର ହୋଇଥିବା ଜଣାପଡ଼ିଛି। ନିରନ୍ତର ମୌସୁମୀ ବର୍ଷା ପ୍ରଭାବରେ ହେଉଥିବା ବିଭିନ୍ନ ପ୍ରାକୃତିକ ବିପର୍ଯ୍ୟୟ ଯୋଗୁ ରାଜ୍ୟର ଚାମୋଲି, ରୁଦ୍ରପ୍ରୟାଗ, ତେହରି, ବାଘେଶ୍ୱର ଆଦି ଜିଲାରେ ବ୍ୟାପକ କ୍ଷୟକ୍ଷତି ଘଟିଛି। ବାଦଲଫଟା ବର୍ଷା ପ୍ରଭାବରେ ସୃଷ୍ଟି ହୋଇଥିବା ବନ୍ୟାରେ ବାଘେଶ୍ୱର ଜିଲାସ୍ଥିତ ଶିମୋତି ଗ୍ରାମର ୩ ଘର ଭାସିଯାଇଥିବା ବେଳେ ଅନେକ ସ୍ଥାନୀୟ ବାସିନ୍ଦା ନିଖୋଜ ରହିଛନ୍ତି।

## ୮ରେ ବିହାର ଏସ୍‌ଆଇଆର୍ ସମ୍ପର୍କିତ ଆବେଦନର ଶୁଣାଣି

**ନୂଆଦିଲ୍ଲୀ, ୨୯।୮**

ବିହାର ଭୋଟର ତାଲିକାରେ ସ୍ୱତନ୍ତ୍ର ସଘନ ସଂଶୋଧନ (ଏସ୍‌ଆଇଆର୍)କୁ ନେଇ ବିଭିନ୍ନ ଦାବି ଏବଂ ଆପତ୍ତି ଦାଖଲ କରିବାର ସମୟସୀମାକୁ ବୃଦ୍ଧି କରିବା ପାଇଁ ରାଷ୍ଟ୍ରୀୟ ଜନତା ଦଳ (ଆର୍‌ଜେଡି) ଏବଂ ଏଆଇଏମ୍‌ଆଇଏମ୍ ପକ୍ଷରୁ ଦାଖଲ ହୋଇଥିବା ପିଟିଶନର ଶୁଣାଣି କରିବାକୁ ସର୍ବୋଚ୍ଚ ଅଦାଲତ ରାଜି ହୋଇଛନ୍ତି। ରାଜ୍ୟରେ ଇସିଙ୍କ ପକ୍ଷରୁ ଜାରି ହୋଇଥିବା ଚିଠା ଭୋଟର ତାଲିକାକୁ ନେଇ ଦାବି ଏବଂ ଆପତ୍ତି ଦାଖଲ କରିବାର ଶେଷ ତାରିଖ ସେପ୍ଟେମ୍ବର ୧ ରହିଛି। ଏହି ସମୟସୀମାକୁ ବଢ଼ାଯାଉ ବୋଲି ଆର୍‌ଜେଡି ଏବଂ ଏଆଇଏମ୍‌ଆଇଏମ୍ ପକ୍ଷରୁ ସୁପ୍ରିମକୋର୍ଟରେ ଆବେଦନ ଦାଖଲ କରାଯାଇଥିଲା। ଶୁକ୍ରବାର ଆର୍‌ଜେଡି ପକ୍ଷରୁ ବରିଷ୍ଠ ଓକିଲ ପ୍ରଶାନ୍ତ ଭୂଷଣ ଏହି ମାମଲାକୁ ଜରୁରୀ ଶୁଣାଣି ପାଇଁ ତାଲିକାଭୁକ୍ତ କରିବାକୁ ଜଷ୍ଟିସ୍ ସୂର୍ଯ୍ୟକାନ୍ତ, ଜଷ୍ଟିସ୍ ଜୟମାଲ୍ୟ ବାଗ୍‌ଚୀ ଓ ଜଷ୍ଟିସ୍ ବିପୁଲ ଏମ୍ ପାଞ୍ଚୋଲିଙ୍କୁ ନେଇ ଗଠିତ ଖଣ୍ଡପୀଠକୁ ଅନୁରୋଧ କରିଥିଲେ।

## ପାକ୍ ବନ୍ୟାରେ ୨୨ ମୃତ

**ଲାହୋର, ୨୯।୮**

ପାକିସ୍ତାନର ପୂର୍ବବର୍ତ୍ତୀ ନଦୀ ସତ୍‌ଲେଜ, ରାବି ଏବଂ ଚେନାବରେ ବନ୍ୟା ସ୍ଥିତି ସୃଷ୍ଟି ହୋଇ ଗମ୍ଭୀର ରୂପ ଧାରଣ କରିବାରେ ଲାଗିଛି। ବନ୍ୟାରେ ଶୁକ୍ରବାର ସୁଦ୍ଧା ୨୨ ଜଣଙ୍କର ମୃତ୍ୟୁ ଘଟିଛି। ସେହିପରି ପଞ୍ଜାବ ପ୍ରଦେଶରେ ୧,୭୦୦ ଗ୍ରାମ ଜଳମଗ୍ନ ହୋଇଯାଇଛି। ବନ୍ୟାଜଳ ଲାହୋର ସହରରେ ପ୍ରବେଶ କରିବା ସହ ସହରର ୯ଟି ଆବାସିକ ଅଞ୍ଚଳକୁ ଜଳମଗ୍ନ କରିଛି। ଉଦ୍ଧାରକାରୀ ଦଳ ଏବଂ ପାକିସ୍ତାନୀ ସେନା ପକ୍ଷରୁ ବର୍ତ୍ତମାନ ସୁଦ୍ଧା ବନ୍ୟା ପ୍ରଭାବିତ ଅଞ୍ଚଳରୁ ୧୦ ଲକ୍ଷରୁ ଅଧିକ ଲୋକଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରାଯାଇଛି ବୋଲି ପଞ୍ଜାବ ସରକାର ସୂଚନା ଦେଇଛନ୍ତି।

## ପୋଲିସ ଗୁଳିରେ ଶିଖ୍ ମୃତ

**ଲସ୍‌ଏଞ୍ଜେଲ୍ସ, ୨୯।୮**

ଆମେରିକାର ଲସ୍‌ଏଞ୍ଜେଲ୍ସରେ ଜଣେ ଶିଖ୍ ବ୍ୟକ୍ତିଙ୍କୁ ପୋଲିସ ଗୁଳିକରି ହତ୍ୟା କରିଛି। ୩୫ ବର୍ଷୀୟ ଗୁର୍‌ପ୍ରୀତ ସିଂ ଜୁଲାଇ ୧୩ରେ ଲସ୍‌ଏଞ୍ଜେଲ୍ସ ଡାଉନଟାଉନରେ କ୍ରିପ୍ଟୋ ଡଟ୍ କମ୍ ଏରିନା ନିକଟ ଏକ ରାସ୍ତା ମଝିରେ ଧାରୁଆ ଅସ୍ତ୍ର ଧରି ପାରମ୍ପରିକ ମାର୍ଶଲ ଆର୍ଟ 'ଗତ୍‌କା' ପ୍ରଦର୍ଶନ କରୁଥିଲେ। ଲସ୍ ଏଞ୍ଜେଲ୍ସ ପୋଲିସ ଘଟଣାସ୍ଥଳରେ ପହଞ୍ଚି ପ୍ରଦର୍ଶନ ବନ୍ଦ କରିବା ପାଇଁ ତାଙ୍କୁ ଚେତାବନୀ ଦେଇଥିଲା। କିନ୍ତୁ ସେ ନିଜ ପ୍ରଦର୍ଶନକୁ ବନ୍ଦକରି ନ ଥିଲେ। ଫଳରେ ଗୁର୍‌ପ୍ରୀତଙ୍କ ଉପରକୁ ପୋଲିସ ଗୁଳି ଚଳାଇଥିଲା ଓ ତାଙ୍କର ସେଠାରେ ମୃତ୍ୟୁ ଘଟିଥିଲା। ଏହି ଘଟଣାର ଫୁଟେଜ୍‌କୁ ଶୁକ୍ରବାର ଲସ୍‌ଏଞ୍ଜେଲ୍ସ ପୋଲିସ ବିଭାଗ ଜାରି କରିଛି।

### ଦିଲ୍ଲୀରେ ଆଜି



ନୂଆଦିଲ୍ଲୀସ୍ଥିତ ବିକାଶ ମାର୍ଗଠାରେ ଶୁକ୍ରବାର ଟ୍ରାଫିକ୍ ଜାମ୍ ହୋଇଛି। (ଫଟୋ-ଚମନ ଗୌତମ)

# ଶାହାଙ୍କ ମୁଣ୍ଡ କାଟ: ମହୁଆ

**କୋଲକାତା/ନୂଆଦିଲ୍ଲୀ, ୨୯।୮(ପି.ଟି./ଏଜେନ୍ସି)**

ତୃଣମୂଳ କଂଗ୍ରେସ (ଟିଏମ୍‌ସି) ଏମ୍‌ପି ମହୁଆ ମୋଇତ୍ର ବାଂଲାଦେଶୀ ଅନୁପ୍ରବେଶକାରୀଙ୍କୁ ନେଇ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହାଙ୍କ ବିରୋଧରେ ଆପତ୍ତିଜନକ ମନ୍ତବ୍ୟ ଦେଇଛନ୍ତି। ଅନୁପ୍ରବେଶ ରୋକିବାରେ ଶାହା ବିଫଳ ହୋଇଥିବାରୁ ତାଙ୍କ ମୁଣ୍ଡ କାଟି ଟେବୁଲ ଉପରେ ରଖିବାକୁ ମହୁଆ କହିଛନ୍ତି, ଯାହାକୁ ନେଇ ବଡ଼ ରାଜନୈତିକ ବିବାଦ ସୃଷ୍ଟି ହୋଇଛି। ଭାଜପା ଏହାକୁ 'ଅରୁଚିକର' ଓ 'ଘୃଣା ମନ୍ତବ୍ୟ' କହି ସମାଲୋଚନା କରିଛି। ଭାଜପା ପକ୍ଷରୁ ଏନେଇ ମହୁଆଙ୍କ ବିରୋଧରେ ଥାନାରେ ଅଭିଯୋଗ କରାଯାଇଛି।

ପଶ୍ଚିମବଙ୍ଗର କ୍ରିଷ୍ଣାନଗର ଲୋକ ସଭା ଆସନରୁ ପ୍ରତିନିଧିତ୍ୱ କରୁଥିବା ଶାସକ ଟିଏମ୍‌ସିର ମହୁଆ ମୋଇତ୍ର ଗୁରୁବାର ଭାରତୀୟ ଭୂଖଣ୍ଡକୁ ବାଂଲାଦେଶୀଙ୍କ ବେଆଇନ ଅନୁପ୍ରବେଶ ସମ୍ପର୍କରେ ଖବରଦାତାଙ୍କ ସମ୍ମୁଖରେ ମତ ରଖିଥିଲେ। ନଦିଆ ଜିଲାରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ମହୁଆ କହିଥିଲେ, ସୀମା ସୁରକ୍ଷାରେ କେନ୍ଦ୍ର ସରକାର ନିଜ ଉତ୍ତରଦାୟିତ୍ୱକୁ ସଙ୍କୁଚିତ କରିବାରେ ଲାଗିଛନ୍ତି। ସେମାନେ ଲଗାତର ଅନୁପ୍ରବେଶ କଥା କହୁଛନ୍ତି। ଭାରତର ସୀମାକୁ ୫ଟି ବଳ ଦ୍ୱାରା ସୁରକ୍ଷା ଦିଆଯାଉଛି ଏବଂ ଏହା ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହାଙ୍କ ଦାୟିତ୍ୱ। ସୀମା ସୁରକ୍ଷାରେ ବିଫଳତା ପାଇଁ ଶାହାଙ୍କ ମୁଣ୍ଡ କଟାଯିବା ଜରୁରୀ। ତାଙ୍କ



ମହୁଆ ମୋଇତ୍ର



ଅମିତ୍ ଶାହା

କଟାମୁଣ୍ଡକୁ ଟେବୁଲ ଉପରେ ପ୍ରଦର୍ଶନ ପାଇଁ ରଖାଯିବା ଉଚିତ। ଯଦି ଭାରତର ସୀମାକୁ ସୁରକ୍ଷା ଦିଆଯାଇପାରୁନାହିଁ ଏବଂ ଅନେକ ଶହ ଅନୁପ୍ରବେଶକାରୀ ଭାରତକୁ ପ୍ରବେଶକରି ଆମ ମହିଳାମାନଙ୍କୁ ଅସମ୍ମାନ କରୁଛନ୍ତି ଓ ଆମ ଭୂମି ଛଡ଼ାଇନେଉଛନ୍ତି, ତେବେ ଶାହାଙ୍କ ମୁଣ୍ଡ କାଟି ତାକୁ ଟେବୁଲ ଉପରେ ରଖିବା ହେଉଛି ଆମର କର୍ତ୍ତବ୍ୟ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସ୍ୱାଧୀନତା ଦିବସ ଅଭିଭାଷଣର ଅବତାରଣା କରି ମହୁଆ କହିଛନ୍ତି, ଲାଲ୍‌କିଲ୍ଲାରେ ପ୍ରଧାନମନ୍ତ୍ରୀ କହିଥିଲେ, ଅନୁପ୍ରବେଶକାରୀମାନେ ଜନସଂଖ୍ୟାଗତ ଭୂଗୋଳରେ ପରିବର୍ତ୍ତନ ପାଇଁ ଦାୟୀ। ମୋଦି ଏପରି କହୁଥିବାବେଳେ ଶାହା ତାଙ୍କ ସମ୍ମୁଖରେ ଛିଡ଼ାହୋଇ ହସିବା ସହ ତାଳି ମାରୁଥିଲେ। ସୀମାନ୍ତରେ ସୀମା ସୁରକ୍ଷା ବଳ (ବିଏସ୍‌ଏଫ୍)ର ଉପସ୍ଥିତି ସତ୍ତ୍ୱେ ଅନୁପ୍ରବେଶ କାହିଁକି ଜାରି ରହିଛି ବୋଲି ମହୁଆ ପ୍ରଶ୍ନ କରିଛନ୍ତି। ଯେତେବେଳେ ସ୍ୱରାଷ୍ଟ୍ର ମନ୍ତ୍ରୀ ଓ ତାଙ୍କ ମନ୍ତ୍ରଣାଳୟ ଦେଶର ସୀମାକୁ ସୁରକ୍ଷା ଦେଇପାରୁ ନାହାନ୍ତି ଏବଂ ପ୍ରଧାନମନ୍ତ୍ରୀ ମୋଦି ଏହା ଉପରେ ଚିନ୍ତାବ୍ୟକ୍ତ କରୁଛନ୍ତି ତେବେ ଦୋଷ କାହାର? ଏହା ଆମ ଦୋଷ ନା ତୁମର ବୋଲି ସେ ପ୍ରଶ୍ନ କରିଛନ୍ତି। ମହୁଆଙ୍କ ମନ୍ତବ୍ୟ ପଶ୍ଚିମବଙ୍ଗ ଭଳି ସୀମାନ୍ତ ରାଜ୍ୟଗୁଡ଼ିକରେ ବେଆଇନ ଅନୁପ୍ରବେଶ ସମ୍ପର୍କିତ ଉଦ୍‌ବେଗ ପାଇଁ କେନ୍ଦ୍ରୀୟ ନେତୃତ୍ୱର ବିଫଳତାକୁ ପ୍ରତ୍ୟକ୍ଷ ଭାବେ ଦାୟୀ କରିଛି।

ଭାଜପା ଏହି ମନ୍ତବ୍ୟକୁ ନିନ୍ଦା କରିବା ସହ ଏହା ଟିଏମ୍‌ସିର ଆନୁଷ୍ଠାନିକ ଆଭିମୁଖ୍ୟ କି ବୋଲି ପ୍ରଶ୍ନ କରିଛି। ଭାଜପା ମୁଖପାତ୍ର ପ୍ରଦୀପ ଭଣ୍ଡାରୀ କହିଛନ୍ତି, ଏଭଳି ବିଷାକ୍ତ ଓ ଘୃଣ୍ୟ ମନ୍ତବ୍ୟ ରାଜନୀତିରୁ ଊର୍ଦ୍ଧ୍ୱରେ। ଏହା ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କ ଟିଏମ୍‌ସି ଦ୍ୱାରା ପ୍ରେରିତ। ସ୍ଥାନୀୟ ବାସିନ୍ଦା ସନ୍ଦୀପ ମଜୁମଦାର ମହୁଆଙ୍କ ବିରୋଧରେ କ୍ରିଷ୍ଣାନଗରସ୍ଥିତ କୋତ୍ୱାଲି ଥାନାରେ ଅଭିଯୋଗ କରିଛନ୍ତି। କେନ୍ଦ୍ରମନ୍ତ୍ରୀ ପ୍ରହ୍ଲାଦ ଜୋଶୀ କହିଛନ୍ତି, ରାଲିରେ ମହୁଆ ଓ କଂଗ୍ରେସ ନେତା ରାହୁଲ ଗାନ୍ଧୀଙ୍କ ମନ୍ତବ୍ୟ ଅତ୍ୟନ୍ତ ନିନ୍ଦନୀୟ। ଲଜ୍ଜା ଥିଲେ ସେମାନେ କ୍ଷମା ମାଗିବା ଉଚିତ। ମହୁଆଙ୍କ ମନ୍ତବ୍ୟ ଏଭଳି ସମୟରେ ଆସିଛି, ଯେତେବେଳେ ମୋଦି ସରକାର ଭାରତରେ ବେଆଇନ ଭାବେ ବସବାସ କରୁଥିବା ବାଂଲାଦେଶୀ ଶରଣାର୍ଥୀଙ୍କୁ ବିଦା କରିବାରେ ଲାଗିଛି। ୨୦୨୪ରେ ୧,୦୪୯ ବାଂଲାଦେଶୀ ଭାରତକୁ ଅନୁପ୍ରବେଶ କରିଥିବାବେଳେ ଚଳିତବର୍ଷ ସେମାନଙ୍କ ସଂଖ୍ୟାରେ ପ୍ରାୟ ତିନିଗୁଣା ବୃଦ୍ଧି ଘଟି ୩,୫୩୬ରେ ପହଞ୍ଚିଛି। ହରିୟାଣା, ଦିଲ୍ଲୀ, ରାଜସ୍ଥାନ ଓ ଆସାମ ପୋଲିସ ବେଆଇନ ବସ୍ତିଗୁଡ଼ିକ ଉପରେ ଚଢ଼ାଉ କରି ବହୁ ବେଆଇନ ପ୍ରବାସୀଙ୍କୁ ଅଟକ ରଖିଛି। ଚଳିତବର୍ଷ ଜୁଲାଇ ସୁଦ୍ଧା ୧,୩୭୨ ଅନୁପ୍ରବେଶକାରୀଙ୍କୁ ବିଏସ୍‌ଏଫ୍ ଧରିଥିବା ସରକାରୀ ସୂତ୍ରରୁ ପ୍ରକାଶ।

## ଅନୁପ୍ରବେଶ ରୋକିବାକୁ ଆମେରିକା ଭଳି ସୀମାରେ ବାଡ଼ ଦେବ କି ଭାରତ

### ସୁପ୍ରିମକୋର୍ଟଙ୍କ ପ୍ରଶ୍ନ

ଭାରତକୁ ବେଆଇନ ପ୍ରବାସୀଙ୍କ ଅନୁପ୍ରବେଶ ରୋକିବା ପାଇଁ କେନ୍ଦ୍ର ସରକାର ଆମେରିକା ଭଳି ସୀମା ପ୍ରାଚୀର ନିର୍ମାଣ କରିବାକୁ ଚାହୁଁଛନ୍ତି କି ବୋଲି ଶୁକ୍ରବାର ସୁପ୍ରିମକୋର୍ଟ ପ୍ରଶ୍ନ କରିଛନ୍ତି। ବଙ୍ଗଳା ଓ ପଞ୍ଜାବୀ ଭାଷୀ ଭାରତୀୟମାନେ ପଡ଼ୋଶୀ ବାଂଲାଦେଶ ଓ ପାକିସ୍ତାନ ନାଗରିକଙ୍କ ସହ ସମାନ ସାଂସ୍କୃତିକ ତଥା ଭାଷାଗତ ଐତିହ୍ୟ ସହ ଶେୟାର କରୁଥିଲେ ମଧ୍ୟ ସୀମା ଦ୍ୱାରା ସେମାନେ ବିଭକ୍ତ ବୋଲି ୩ ଜଣିଆ ଖଣ୍ଡପୀଠ କହିଛନ୍ତି। ବେଆଇନ ଶରଣାର୍ଥୀଙ୍କୁ ବିଶେଷକରି ବାଂଲାଦେଶକୁ ପ୍ରତ୍ୟର୍ପଣ ବେଳେ ସରକାର କେଉଁ ଏସ୍‌ଓପି ପାଳନ କରୁଛନ୍ତି ବୋଲି ଜଷ୍ଟିସ୍ ସୂର୍ଯ୍ୟକାନ୍ତ, ଜୟମାଲା ବାଗ୍‌ଚୀ ଏବଂ ଭିପୁଲ ଏମ୍. ପାଞ୍ଚୋଲିଙ୍କ ଖଣ୍ଡପୀଠ କେନ୍ଦ୍ର ଓ ଓଡ଼ିଶା ସମେତ ୧୦ ରାଜ୍ୟକୁ ପ୍ରଶ୍ନ କରିଛନ୍ତି। ତେବେ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ପକ୍ଷରୁ ବାଂଲାଦେଶୀଙ୍କୁ ଅଟକ ରଖାଯିବା ଓ ହଟାଯିବା ନେଇ ଗତ ମେ' ୨ରେ ଜାରି ସର୍କୁଲାର ଉପରେ ସ୍ଥଗିତାଦେଶ କରିବାକୁ ଶୀର୍ଷ ଅଦାଲତ ମନା କରିଦେଇଛନ୍ତି। ଉକ୍ତ ସର୍କୁଲାର ଜାରି ହେବା ପରେ ପ୍ରବାସୀ ଶ୍ରମିକମାନଙ୍କୁ ଏକତରଫା ଭାବେ ଅଟକ ରଖି ବିଦା କରାଯାଉଥିବା ନେଇ ୱେଷ୍ଟ ବେଙ୍ଗଲ ମାଇଗ୍ରାଣ୍ଟ ୱାର୍କର୍ସ ୱେଲଫେୟାର ବୋର୍ଡ ଅଭିଯୋଗ ଆଣି ଏଥିରେ ହସ୍ତକ୍ଷେପ ଲୋଡ଼ିଥିଲା। ଗତ ୧୪ରେ ଆଲୋଚ୍ୟ ମାମଲାର ପୂର୍ବ ଶୁଣାଣି ବେଳେ ସୁପ୍ରିମକୋର୍ଟ ଓଡ଼ିଶା, ରାଜସ୍ଥାନ, ମହାରାଷ୍ଟ୍ର, ଦିଲ୍ଲୀ, ବିହାର, ଉତ୍ତର ପ୍ରଦେଶ, ଛତିଶଗଡ଼, ହରିୟାଣା ଓ ପଶ୍ଚିମବଙ୍ଗ ସରକାରଙ୍କୁ ନୋଟିସ କରିଥିଲେ। ଶୁକ୍ରବାର ଏଥିରେ ଗୁଜରାଟକୁ ୧୦ମ ରାଜ୍ୟ ଭାବେ ସାମିଲ କରି ନୋଟିସ କରାଯାଇଛି।

## ରାମସେତୁକୁ ଜାତୀୟ ସ୍ମାରକ ଘୋଷଣା ପ୍ରସଙ୍ଗ: କେନ୍ଦ୍ରକୁ ଜବାବ ମାଗିଲେ ସୁପ୍ରିମକୋର୍ଟ

**ନୂଆଦିଲ୍ଲୀ,୨୯।୮(ପି.ଟି.):** ରାମସେତୁକୁ ଜାତୀୟ ସ୍ମାରକ ଘୋଷଣା କରିବା ନେଇ ରାଜ୍ୟ ସଭାର ପୂର୍ବତନ ସଦସ୍ୟ ସୁବ୍ରମଣ୍ୟମ୍ ସ୍ୱାମୀଙ୍କ ଆବେଦନ ଉପରେ ସୁପ୍ରିମକୋର୍ଟ ଶୁକ୍ରବାର କେନ୍ଦ୍ର ସରକାରଙ୍କୁ ଜବାବ ମାଗିଛନ୍ତି। ଶ୍ରୀଲଙ୍କାର ମାନ୍ନାର ଦ୍ୱୀପ ସହ ତାମିଲନାଡୁର ପମ୍ବନ ଦ୍ୱୀପକୁ ଯୋଡୁଥିବା ଏହି ସେତୁ ଆଡାମ୍ସ ବ୍ରିଜ୍ ନାମରେ ମଧ୍ୟ ପରିଚିତ। ୨୦୨୩ରେ ଏହି ପ୍ରସଙ୍ଗରେ ସୁପ୍ରିମକୋର୍ଟଙ୍କ ରାୟ ଆଧାରରେ ଏହାକୁ ନ୍ୟାଶନାଲ ମନୁମେଣ୍ଟ ଘୋଷଣା ପାଇଁ କେନ୍ଦ୍ରକୁ ନିର୍ଦ୍ଦେଶ ଦିଅନ୍ତୁ ବୋଲି ସୁବ୍ରମଣ୍ୟମ୍ ଏକ ପିଟିଶନ ଦାଖଲ କରିଛନ୍ତି। ଜଷ୍ଟିସ୍ ବିକ୍ରମ ନାଥ ଓ ସନ୍ଦୀପ ମେହେଟ୍ଟାଙ୍କ ଖଣ୍ଡପୀଠ ୪ ସପ୍ତାହ ପରେ ଏହାର ଶୁଣାଣି କରିବାକୁ ରାଜି ହେବା ସହ କେନ୍ଦ୍ରକୁ ନୋଟିସ କରିଛନ୍ତି।

## ଡିସେମ୍ବରରେ ଭାରତ ଆସିବେ ପୁଟିନ୍

**ନୂଆଦିଲ୍ଲୀ, ୨୯।୮:** ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର୍ ପୁଟିନ୍ ଆସନ୍ତା ଡିସେମ୍ବରରେ ଭାରତ ଗସ୍ତରେ ଆସିବେ। ଏନେଇ କ୍ରେମଲିନର ବହିର୍ବ୍ୟାପାର ନୀତି ପରାମର୍ଶଦାତା ୟୁରି ଉଷାକୋଭ ଶୁକ୍ରବାର ସୂଚନା ଦେଇଛନ୍ତି। ପୁଟିନ୍ ପ୍ରାୟ ୪ ବର୍ଷ ପରେ ଭାରତ ଆସିବେ। ଶେଷଥର ପାଇଁ ସେ ୨୦୨୧ ଡିସେମ୍ବରରେ ଭାରତ ଗସ୍ତରେ ଆସିଥିଲେ। ଆସନ୍ତା ୧ ତାରିଖରେ ଚାଇନାର ତିଆନ୍‌ଜିନ୍‌ରେ ଶାଂଘାଇ ସହଯୋଗ ସଙ୍ଗଠନ (ଏସ୍‌ସିଓ)ର ଶିଖର ସମ୍ମିଳନୀରେ ପୁଟିନ୍ ଓ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ମଧ୍ୟରେ ସାକ୍ଷାତ୍ ହେବ। ଭାରତୀୟ ସାମଗ୍ରୀ ଉପରେ ଆମେରିକାର ୫୦% ଟାରିଫ୍ ମଧ୍ୟରେ ଏହି ସାକ୍ଷାତ୍‌କୁ ଗୁରୁତ୍ୱପୂର୍ଣ୍ଣ ବୋଲି ବିବେଚନା କରାଯାଉଛି।

## ଉର୍ଜିତ ପଟେଲ ଆଇଏମ୍‌ଏଫ୍ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ



**ନୂଆଦିଲ୍ଲୀ, ୨୯।୮**

ଭାରତୀୟ ରିଜର୍ଭ ବ୍ୟାଙ୍କ (ଆର୍‌ବିଆଇ)ର ପୂର୍ବତନ ଗଭର୍ନର ଉର୍ଜିତ ପଟେଲ ୩ ବର୍ଷ ପାଇଁ ଅନ୍ତର୍ଜାତୀୟ ମୁଦ୍ରା ପାଣ୍ଠି (ଆଇଏମ୍‌ଏଫ୍)ର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଭାବେ ନିଯୁକ୍ତ ହୋଇଛନ୍ତି। ଏନେଇ କେନ୍ଦ୍ର ସରକାରଙ୍କ ପକ୍ଷରୁ ଶୁକ୍ରବାର ଘୋଷଣା କରାଯାଇଛି। ୨୦୧୬ ସେପ୍ଟେମ୍ବରରେ ରଘୁରାମ ରାଜନଙ୍କ ପରେ ଆର୍‌ବିଆଇର ୨୪ତମ ଗଭର୍ନର ଭାବେ ସେ ଦାୟିତ୍ୱ ନିର୍ବାହ କରିଥିଲେ। ତାଙ୍କ କାର୍ଯ୍ୟକାଳ ସମୟରେ କେନ୍ଦ୍ର ସରକାରଙ୍କ ପକ୍ଷରୁ ବିମୁଦ୍ରୀକରଣ ଭଳି ବଡ଼ ନିଷ୍ପତ୍ତି ନିଆଯାଇଥିଲା। ୨୦୧୮ରେ ବ୍ୟକ୍ତିଗତ କାରଣ ଦର୍ଶାଇ ଉର୍ଜିତ ଇସ୍ତଫା ଦେଇଥିଲେ। ୯୦ ଦଶକରେ ୫ ବର୍ଷ ପାଇଁ ସେ ଆଇଏମ୍‌ଏଫ୍‌ରେ କାର୍ଯ୍ୟ କରିଥିଲେ।

## ଇ୨୦ ଇନ୍ଧନକୁ ନେଇ ବିବାଦ

**ନୂଆଦିଲ୍ଲୀ/ଲକ୍ଷ୍ନୌ, ୨୯।୮**

ଦେଶବ୍ୟାପୀ ୨୦% ଇଥାନଲ ମିଶ୍ରିତ ଇନ୍ଧନ (ଇ୨୦)ର ପ୍ରଚଳନ ପରେ ଭାରତରେ ଗାଡ଼ି ଚାଳକଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଉଥିବା ନେଇ ରଏଟର୍ସରେ ଏକ ରିପୋର୍ଟ ପ୍ରକାଶ ପାଇଛି। ଇ୨୦କୁ ନେଇ ସ୍ୱଷ୍ଟତାର ଅଭାବ ଥିବାବେଳେ ଏହାଦ୍ୱାରା ପୁରୁଣା ଗାଡ଼ିର ପ୍ରଦର୍ଶନ ପ୍ରଭାବିତ ହୋଇପାରେ ବୋଲି କିଛି ଗାଡ଼ି ନିର୍ମାତା କମ୍ପାନୀ ଆଶଙ୍କା ପ୍ରକାଶ କରିଛନ୍ତି। ଗତ କିଛି ସପ୍ତାହ ହେବ ଦେଶର ଅଧିକାଂଶ ଇନ୍ଧନ ଷ୍ଟେଶନରେ ଏହା ଏକମାତ୍ର ବିକଳ୍ପ ହୋଇଯାଇଛି। ପୁରୁଣା କାର୍ ପାଇଁ ଉପଯୁକ୍ତ ବିବେଚନା କରାଯାଉଥିବା ଇ୫ ଏବଂ ଇ୧୦ ଭଳି ଇନ୍ଧନ ପେଟ୍ରୋଲ ପମ୍ପଗୁଡ଼ିକରେ ଦେଖିବାକୁ ମିଳୁନାହିଁ। ଲକ୍ଷ୍ନୌର ପେଟ୍ରୋଲ ପମ୍ପ ପରିଚାଳକ ରମେଶ ପାଣ୍ଡେ ରଏଟର୍ସକୁ ସୂଚନା ଦେଇ କହିଛନ୍ତି, କେବଳ ଇ୨୦ ଇନ୍ଧନ ଉପଲବ୍ଧ ଥିବା ଜାଣି ଅଧିକାଂଶ ଡ୍ରାଇଭର ବିରକ୍ତି ପ୍ରକାଶ କରୁଛନ୍ତି। ସେମାନେ ପେଟ୍ରୋଲ ପମ୍ପ କର୍ମଚାରୀଙ୍କୁ ଗାଳି ଦେଉଛନ୍ତି।

## ପ୍ରଧାନମନ୍ତ୍ରୀ ପଦ ହରାଇଲେ ଶିନାୱାତ୍ରା

**ବ୍ୟାଙ୍କକ୍, ୨୯।୮**

ଥାଇଲାଣ୍ଡର ଏକ ସାମ୍ବିଧାନିକ କୋର୍ଟ ଶୁକ୍ରବାର ଦେଶର ପ୍ରଧାନମନ୍ତ୍ରୀ ପେଟୋଙ୍ଗ୍‌ଟାର୍ନ ଶିନାୱାତ୍ରାଙ୍କୁ ପଦରୁ ବହିଷ୍କାର କରିଛନ୍ତି। ପ୍ରାୟ ବର୍ଷେ ଧରି ଶାସନରେ ରହିବା ପରେ ଶିନାୱାତ୍ରାଙ୍କୁ ପ୍ରଧାନମନ୍ତ୍ରୀ ପଦ ଛାଡ଼ିବାକୁ ପଡ଼ିଛି। ପଡ଼ୋଶୀ ଦେଶ କାମ୍ବୋଡିଆ ସହ ଥାଇଲାଣ୍ଡର ସୀମାବିବାଦ ଚରମରେ ଥିବାବେଳେ ଶିନାୱାତ୍ରା ଓ କାମ୍ବୋଡିଆର ପୂର୍ବତନ ନେତା ହୁନ୍ ସେନ୍‌ଙ୍କ ମଧ୍ୟରେ ଏକ ଫୋନ୍ ବାର୍ତ୍ତାଳାପ ଲିକ୍ ହୋଇଥିଲା। ଏହି ବାର୍ତ୍ତାଳାପରେ ଶିନାୱାତ୍ରା ଥାଇ ସେନାର ଜଣେ ବରିଷ୍ଠ ଅଧିକାରୀଙ୍କର ଆଲୋଚନା କରିଥିଲେ। ଫଳରେ ଜାତୀୟ ସ୍ୱାର୍ଥକୁ ଅଣଦେଖା କରିଥିବା ନେଇ ଶିନାୱାତ୍ରାଙ୍କ ବିରୋଧରେ ଅଭିଯୋଗ ହୋଇଥିଲା। ସେ ନିଜ ବ୍ୟକ୍ତିଗତ ସମ୍ପର୍କକୁ ପ୍ରାଥମିକତା ଦେଇ ଜାତୀୟ ସ୍ୱାର୍ଥ ଏବଂ ଥାଇଲାଣ୍ଡର ଛବିକୁ ଗୁରୁତର ଭାବେ କ୍ଷତି ପହଞ୍ଚାଇଥିବା ନେଇ କୋର୍ଟ ରାୟ ଦେଇଥିଲେ ଏବଂ ତାଙ୍କୁ ଦୋଷୀ ସାବ୍ୟସ୍ତ କରିଥିଲେ। ଶିନାୱାତ୍ରାଙ୍କୁ ପ୍ରଧାନମନ୍ତ୍ରୀ ପଦରୁ ବହିଷ୍କୃତ କରିବା ନେଇ କୋର୍ଟଙ୍କ ନିଷ୍ପତ୍ତି ପରେ ଥାଇଲାଣ୍ଡ ସଂସଦକୁ ଜଣେ ନୂତନ ପ୍ରଧାନମନ୍ତ୍ରୀଙ୍କୁ ନିର୍ବାଚିତ କରିବାକୁ ପଡ଼ିବ। ତେବେ ଏହି ପ୍ରସଙ୍ଗ ପରେ ଶିନାୱାତ୍ରାଙ୍କ ଫେଉ ଥାଇ ପାର୍ଟିରେ ବିଶ୍ୱସନୀୟତା ସଙ୍କଟ ସୃଷ୍ଟି ହୋଇଛି। ତେଣୁ ନୂତନ ପ୍ରଧାନମନ୍ତ୍ରୀ ନିର୍ବାଚନ ପ୍ରକ୍ରିୟା ଲମ୍ବା ଚାଲିପାରେ ବୋଲି ଆଶଙ୍କା କରାଯାଉଛି। ପ୍ରକାଶ ଯେ, ଶିନାୱାତ୍ରା ଥାଇଲାଣ୍ଡର ସବୁଠାରୁ ଯୁବ ପ୍ରଧାନମନ୍ତ୍ରୀ ଥିଲେ।



ପେଟୋଙ୍ଗ୍‌ଟାର୍ନ ଶିନାୱାତ୍ରା

## ପ୍ରତିରକ୍ଷା, ଆର୍ଥିକ ସହଯୋଗ ପାଇଁ ଭାରତ-ଜାପାନ ସହମତ

**ନୂଆଦିଲ୍ଲୀ,୨୯।୮(ପି.ଟି./ଏଜେନ୍ସି)**

ପୂର୍ବ ଓ ଦକ୍ଷିଣ ଚାଇନା ସାଗରରେ ବେଜିଂର ସାମରିକ ବଳ ବିସ୍ତାରକୁ ଦୃଷ୍ଟିରେ ରଖି ଶୁକ୍ରବାର ଭାରତ ଓ ଜାପାନ ମଧ୍ୟରେ ପ୍ରତିରକ୍ଷା ସହଯୋଗ ବୃଦ୍ଧି ପାଇଁ ସହମତି ପ୍ରକାଶ ପାଇଛି। ସୁରକ୍ଷା ଆହ୍ୱାନଗୁଡ଼ିକର ମୁକାବିଲା ପାଇଁ ଦ୍ୱିପାକ୍ଷିକ ପ୍ରତିରକ୍ଷା ସହଯୋଗ ନେଇ ଏକ ବିସ୍ତୃତ ରଣନୀତି ମଧ୍ୟ ପ୍ରସ୍ତୁତ କରାଯାଇଛି।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଟୋକିଓରେ ଜାପାନ ପ୍ରତିପକ୍ଷ ଶିରେଗୁ ଇଶିବାଙ୍କୁ ଭେଟି ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରିଛନ୍ତି। ଏହି ଅବସରରେ ଦୁଇନେତା ଦ୍ୱିପାକ୍ଷିକ 'ସ୍ପେଶିଆଲ ଷ୍ଟ୍ରାଟେଜିକ୍ ଆଣ୍ଡ୍ ଗ୍ଲୋବାଲ ପାର୍ଟନରଶିପ୍'ର ପରିସର ବୃଦ୍ଧି ଉପରେ ଗୁରୁତ୍ୱାରୋପ କରିଛନ୍ତି। ତଦନୁଯାୟୀ ଉଭୟ ପକ୍ଷ ବର୍ତ୍ତମାନ ତଥା ଭବିଷ୍ୟତରେ ସୁରକ୍ଷା ଆବଶ୍ୟକତା ପାଇଁ ସାମରିକ ଉପକରଣ ଏବଂ ଟେକ୍ନୋଲୋଜିର ସହବିକାଶ ଓ ସହଉତ୍ପାଦନ ଅନ୍ୱେଷଣ ଲାଗି ପ୍ରତିଶ୍ରୁତିବଦ୍ଧ ହୋଇଛନ୍ତି। ମୋଦି ଓ ଇଶିବା ଅର୍ଥନୀତି, ଏଆଇ, ମହାକାଶ ଗବେଷଣା, ହାଇସ୍ପିଡ୍ ଟ୍ରେନ୍ ଆଦି କ୍ଷେତ୍ରରେ ସହଯୋଗ ବୃଦ୍ଧି ନେଇ ଆଲୋଚନା କରିଛନ୍ତି। ଚନ୍ଦ୍ରକୁ ଭାରତର ପଞ୍ଚମ ମିଶନ ଚନ୍ଦ୍ରୟାନ୍ ୫ ପାଇଁ ଇସ୍ରୋ ଏବଂ ଜାପାନର ସ୍ପେସ୍ ଏଜେନ୍ସି ଜେଏକ୍ସଏ



ଟୋକିଓରେ ମିଳିତ ଖବରଦାତା ସମ୍ମିଳନୀରେ ଜାପାନ ପ୍ରଧାନମନ୍ତ୍ରୀ ଶିଗେରୁ ଇଶିବାଙ୍କ ସହ ଭାରତୀୟ ପ୍ରତିପକ୍ଷ ନରେନ୍ଦ୍ର ମୋଦି।

### ଟୋକିଓରେ ମୋଦି

ମିଳିତ ଭାବେ କାର୍ଯ୍ୟ କରିବେ ବୋଲି ମୋଦି କହିଛନ୍ତି। ସେହିପରି ଆଗାମୀ ଦଶନ୍ଧିରେ ଭାରତର ଘରୋଇ କ୍ଷେତ୍ରରେ ଜାପାନ ୧୦ ଟ୍ରିଲିୟନ୍ ୟେନ୍ (୬୭.୯ ବିଲିୟନ୍ ଡଲାର) ନିବେଶ କରିବ ବୋଲି ଟୋକିଓ କହିଛି। ପଞ୍ଚଦଶ ଭାରତ-ଜାପାନ ସମିଟ୍‌ରେ ଯୋଗଦେବା ପାଇଁ ମୋଦି ୨ ଦିନିଆ ଜାପାନ ଗସ୍ତରେ ଅଛନ୍ତି। ଏହି ଅବସରରେ ମୋଦି ଟୋକିଓରେ ଭାରତୀୟ ବଂଶୋଦ୍ଭବମାନଙ୍କୁ ସମ୍ବୋଧିତ କରି ପ୍ରଶଂସା କରିଥିଲେ। ଜାପାନର ଟେକ୍ନୋଲୋଜି ଓ ଭାରତର ମେଧା ମିଳିତ ଭାବେ ଶତାବ୍ଦୀର କାରିଗରି ବିପ୍ଳବର ନେତୃତ୍ୱ ନେଇପାରିବେ ବୋଲି ବିଜ୍‌ନେସ ଫୋରମ୍‌ରେ ସେ କହିଥିଲେ। ମୋଦି ପୂର୍ବତନ ପ୍ରଧାନମନ୍ତ୍ରୀ ଯୋଶିହିଦେ ସୁଗା ଓ ଫୁମିଓ କିଶିଦାଙ୍କୁ ମଧ୍ୟ ଭେଟିଛନ୍ତି। ସାଂଘାଇ ସହଯୋଗ ସଙ୍ଗଠନ(ଏସ୍‌ସିଓ) ସମ୍ମିଳନୀରେ ଯୋଗଦେବା ପାଇଁ ୩୧ରେ ଚାଇନା ଗସ୍ତ କରିବାକୁ ଥିବା ମୋଦି କହିଛନ୍ତି, ବେଜିଂ ସହ ଭାରତର ଦୃଢ଼ ସମ୍ପର୍କ ଗୁରୁତ୍ୱପୂର୍ଣ୍ଣ। କ୍ଷେତ୍ରୀୟ ଶାନ୍ତି ଓ ସମୃଦ୍ଧି ଉପରେ ଏହାର ସକାରାତ୍ମକ ପ୍ରଭାବ ରହିବା ସହ ବିଶ୍ୱ ଅର୍ଥନୀତିରେ ସ୍ଥିରତା ଆସିପାରିବ। ସୋମବାର ମୋଦି ଓ ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍‌ଙ୍କ ମଧ୍ୟରେ ଏସ୍‌ସିଓ ସମିଟ୍‌ରେ ଆଲୋଚନା ହେବ ବୋଲି କ୍ରେମ୍‌ଲିନ୍ ପକ୍ଷରୁ କୁହାଯାଇଛି।

# ସର୍ବଶ୍ରେଷ୍ଠ ମୁଖ୍ୟମନ୍ତ୍ରୀ: ଅଷ୍ଟମରେ ମୋହନ

ଭୁବନେଶ୍ୱର,୨୯।୮(ରବିନାରାୟଣ ଜେନା)

ସର୍ବଶ୍ରେଷ୍ଠ ମୁଖ୍ୟମନ୍ତ୍ରୀ ପ୍ରଦର୍ଶନ ତାଲିକାର ଅଷ୍ଟମରେ ଓଡ଼ିଶା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସ୍ଥାନ ପାଇଛନ୍ତି। ଶୁକ୍ରବାର 'ମୁଡ୍ ଅଫ୍ ଦ ନେସନ' ପକ୍ଷରୁ ସର୍ବେକ୍ଷଣ ଆଧାରିତ ପ୍ରକାଶିତ ସର୍ବଶ୍ରେଷ୍ଠ ପ୍ରଦର୍ଶନ ମୁଖ୍ୟମନ୍ତ୍ରୀ ତାଲିକାରେ ପ୍ରଥମ ସ୍ଥାନରେ ଆସାମ ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱଶର୍ମା ରହିଛନ୍ତି। ହିମନ୍ତ ୪୪.୬% ସମର୍ଥନ ସହ ସବା ଆଗରେ ରହିଥିବା ବେଳେ ଦ୍ୱିତୀୟରେ ଛତିଶଗଡ଼ ମୁଖ୍ୟମନ୍ତ୍ରୀ ବିଷ୍ଣୁଦେବ ସାଏ ୪୧.୯% ଏବଂ ସମାନ ପ୍ରତିଶତ ପାଇ ତୃତୀୟରେ ଝାଡ଼ଖଣ୍ଡ ମୁଖ୍ୟମନ୍ତ୍ରୀ ହେମନ୍ତ ସୋରେନ (୪୧.୯%), ଚତୁର୍ଥରେ ଗୁଜରାଟ ମୁଖ୍ୟମନ୍ତ୍ରୀ ଭୂପେନ୍ଦ୍ରଭାଇ ପଟେଲ (୪୦.୭%) ଓ ପଞ୍ଚମରେ ଉତ୍ତରପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ (୪୦.୪%) ରହିଛନ୍ତି।

ସେହିପରି ମଧ୍ୟପ୍ରଦେଶ ମୁଖ୍ୟମନ୍ତ୍ରୀ ମୋହନ ଯାଦବ ୩୯.୨% ଆଦୃତି ଲାଭ କରି ତାଲିକାର ଷଷ୍ଠ ସ୍ଥାନରେ ରହିଥିବାବେଳେ ଆନ୍ଧ୍ରପ୍ରଦେଶ ମୁଖ୍ୟମନ୍ତ୍ରୀ ଏନ୍. ଚନ୍ଦ୍ରବାବୁ ନାଇଡୁ ସପ୍ତମରେ (୩୮.୦୧%) ଏବଂ ଓଡ଼ିଶା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ୩୪.୨% ପାଇ ଅଷ୍ଟମରେ ରହିଛନ୍ତି। ଏହା ତଳକୁ ପଶ୍ଚିମବଙ୍ଗର ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ୩୦.୧% ପାଇ ନବମ


ମୋହନ ଚରଣ ମାଝୀ

ସ୍ଥାନରେ ରହିଥିବାବେଳେ ଦଶମରେ ପଞ୍ଜାବ ମୁଖ୍ୟମନ୍ତ୍ରୀ ଭଗୱନ୍ତ ସିଂହ ମନ୍ (୨୯.୯%) ରହିଛନ୍ତି। ୧୦ରୁ ଉର୍ଦ୍ଧ୍ୱ ଲୋକ ସଭା ଆସନ ବିଶିଷ୍ଟ ରାଜ୍ୟଗୁଡ଼ିକର ମୁଖ୍ୟମନ୍ତ୍ରୀମାନଙ୍କ କାର୍ଯ୍ୟଶୈଳୀ ଓ ପ୍ରଦର୍ଶନକୁ ନେଇ ଇଣ୍ଡିଆ ଟୁଡେ ଏବଂ ସି ଭୋଟର ପକ୍ଷରୁ ସମ୍ପୃକ୍ତ ରାଜ୍ୟଗୁଡ଼ିକରେ ସର୍ଭେ କରାଯାଇଥିଲା। ଭୋଟରଙ୍କୁ ସେମାନଙ୍କ ମୁଖ୍ୟମନ୍ତ୍ରୀଙ୍କ ପ୍ରଦର୍ଶନ ସମ୍ପର୍କରେ ପଚରାଯାଇଥିବା ପ୍ରଶ୍ନର ଉତ୍ତର ଆଧାରରେ ଏହା ପ୍ରକାଶିତ ହୋଇଛି।

ତେବେ ସର୍ବଭାରତୀୟସ୍ତରରେ ଉତ୍ତରପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ଏକନମ୍ବର ମୁଖ୍ୟମନ୍ତ୍ରୀ ତାଲିକାରେ ରହିଛନ୍ତି। ଯୋଗୀଙ୍କୁ ୩୬% ଭାରତୀୟ ସବୁଠୁ ଭଲ ମୁଖ୍ୟମନ୍ତ୍ରୀ ବୋଲି ମତ ଦେଇଛନ୍ତି। ସେହିପରି ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ୧୩% ସମର୍ଥନ ସହ ଦ୍ୱିତୀୟ ଏବଂ ଚନ୍ଦ୍ରବାବୁ ନାଇଡୁ ୭% ସମର୍ଥନ ପାଇ ତୃତୀୟରେ ରହିଛନ୍ତି।




# ସମତାଭିତ୍ତିକ ସମାଜ ମୂଳ ଲକ୍ଷ୍ୟ: ଓମ୍ ବିର୍ଲା



ଅନୁସୂଚିତ ଜାତି ଓ ଜନଜାତି ଜାତୀୟ ସମ୍ମିଳନୀରେ ମଞ୍ଚାସୀନ (ବାମରୁ) ଲୋକ ସଭାର ଅନୁସୂଚିତ ଜାତି ଓ ଜନଜାତି କଲ୍ୟାଣ ସଂସଦୀୟ କମିଟି ଅଧ୍ୟକ୍ଷ ଫଗନ ସିଂ କୁଲସ୍ତେ, ଓଡ଼ିଶା ବିଧାନସଭା ବାଚସ୍ପତି ସୁରମା ପାଢ଼ୀ, କେନ୍ଦ୍ର ଆଦିବାସୀ ବ୍ୟାପାର ମନ୍ତ୍ରୀ ଜୁଏଲ ଓରାମ, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଲୋକ ସଭା ବାଚସ୍ପତି ଓମ୍ ବିର୍ଲା, ରାଜ୍ୟ ସଭା ଉପାଧ୍ୟକ୍ଷ ହରିବଂଶ, କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏବଂ ଉପବାଚସ୍ପତି ଭବାନୀ ଶଙ୍କର ଭୋଇ।

ଭୁବନେଶ୍ୱର,୨୯।୮
(ରବିନାରାୟଣ ଜେନା)

ଦେଶକୁ ଆଗକୁ ନେବାକୁ ହେଲେ ସବୁ ବର୍ଗଙ୍କ ବିକାଶ ଆବଶ୍ୟକ। କେଉଁ ଯୋଜନା ଦ୍ୱାରା ଆଦିବାସୀ ବର୍ଗ ବିଶେଷ ଭାବେ ଉପକୃତ ହୋଇପାରିବେ ତାହାକୁ ଗୁରୁତ୍ୱ ଦେବାର ଆବଶ୍ୟକତା ରହିଛି। ଯାହାଫଳରେ ଦେଶରେ ଏକ ସମତା ଭିତ୍ତିକ ସମାଜ ଗଠନ ହେବା ସହିତ ବିକଶିତ ଭାରତ ଗଠନ ଲକ୍ଷ୍ୟ ସାଧିତ ହୋଇପାରିବ ବୋଲି ଲୋକସଭା ବାଚସ୍ପତି ଓମ୍ ବିର୍ଲା କହିଛନ୍ତି।

ଭୁବନେଶ୍ୱରସ୍ଥିତ ଲୋକସେବା ଭବନର କନ୍‌ଭେନ୍‌ସନ ହଲ୍‌ରେ ଶୁକ୍ରବାର ଆୟୋଜିତ ଅନୁସୂଚିତ ଜାତି ଓ ଜନଜାତି କଲ୍ୟାଣ ସମ୍ବନ୍ଧିତ ସଂସଦୀୟ ଏବଂ ବିଭିନ୍ନ ରାଜ୍ୟ ଓ କେନ୍ଦ୍ର ଶାସିତ ଅଞ୍ଚଳର କମିଟିର ଅଧ୍ୟକ୍ଷ ଓ ସଦସ୍ୟ ଗଣଙ୍କ ଦୁଇଦିନିଆ ଜାତୀୟ ସମ୍ମିଳନୀରେ ମୁଖ୍ୟଅତିଥି ଭାବେ ଯୋଗଦେଇ ଓମ୍ ବିର୍ଲା କହିଛନ୍ତି, ଅନୁସୂଚିତ ଜାତି ଓ ଜନଜାତି କଲ୍ୟାଣ କମିଟିର ସଦସ୍ୟ ଗଣ ସବୁ ସମୟରେ ଦଳମତରୁ ଉର୍ଦ୍ଧ୍ୱରେ ରହି ଏହି ବର୍ଗର ଉନ୍ନତି ପାଇଁ ନିଷ୍ପତ୍ତି ନେବାର ଆବଶ୍ୟକତା ରହିଛି। ଦେଶରେ ଏହି ବର୍ଗର ଯାହା ବି ଉନ୍ନତି ହୋଇଛି, ତାହା ଏହି ସବୁ କମିଟିର ପ୍ରସ୍ତାବ, ଅନୁଶୀଳନ ଓ ତଦାରଖ ଯୋଗୁ ସମ୍ଭବ ହୋଇପାରିଛି। ବାବା ସାହେବ ଆମ୍ବେଦକରଙ୍କର ବିଚାରକୁ ନେଇ ସମ୍ବିଧାନର ମୂଳ ସିଦ୍ଧାନ୍ତ ପ୍ରସ୍ତୁତ କରାଯାଇଛି। ଦୀର୍ଘ ୭୮ ବର୍ଷ ଧରି ଏହି ସିଦ୍ଧାନ୍ତକୁ ନେଇ ଦେଶ ଆଗକୁ ବଢ଼ୁଛି। ଏହି ସିଦ୍ଧାନ୍ତ ଅନୁଯାୟୀ ଅନୁସୂଚିତ ଜାତି ଓ ଜନଜାତି ତଥା ବିଭିନ୍ନ ପଛୁଆବର୍ଗଙ୍କୁ ସାମାଜିକ ଓ ଆର୍ଥିକ କ୍ଷେତ୍ରରେ ନ୍ୟାୟ ଦେବା ପାଇଁ ପଦକ୍ଷେପ ନିଆଯାଉଛି ବୋଲି ବିର୍ଲା କହିଛନ୍ତି।

ଏହି ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ୨୫ ବର୍ଷ ପରେ ଏହି ଜାତୀୟ ସମ୍ମିଳନୀ ପ୍ରଥମଥର ପାଇଁ ଦିଲ୍ଲୀ ବାହାରେ ତଥା ଓଡ଼ିଶାରେ ଅନୁଷ୍ଠିତ ହେଉଥିବାରୁ ଲୋକ ସଭା ବାଚସ୍ପତିଙ୍କୁ ଧନ୍ୟବାଦ ଦେଇଛନ୍ତି। ସେ କହିଛନ୍ତି, ଆଗରୁ ମଧ୍ୟ ଅନେକ ଜାତୀୟ ଓ ଅନ୍ତର୍ଜାତୀୟ ସମ୍ମିଳନୀ ଓଡ଼ିଶାରେ ଆୟୋଜିତ ହୋଇଛି, ଏଥିରୁ ଜାତୀୟ ସ୍ତରରେ ଓଡ଼ିଶାର ଗୁରୁତ୍ୱ ବୃଦ୍ଧିପାଉଛି। ଅନୁସୂଚିତ ଜାତି, ଜନଜାତିମାନଙ୍କର ବର୍ତ୍ତମାନର ସ୍ଥିତି ଭଲ ଅଛି, ଆଗାମୀ କାଲି ଖୁବ୍ ଭଲ ହେବ ଓ ନିଶ୍ଚୟ ଭଲ ହେବ। ଭୁବନେଶ୍ୱରର ଏହି ସମ୍ମିଳନୀ ଅନୁସୂଚିତ ଜାତି ଓ ଜନଜାତି ବର୍ଗଙ୍କ ପାଇଁ ଏକ ସମୃଦ୍ଧ ଭବିଷ୍ୟତର ରାସ୍ତା ନିର୍ମାଣ କରିବ ବୋଲି ମୁଖ୍ୟମନ୍ତ୍ରୀ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି। ମୁଖ୍ୟମନ୍ତ୍ରୀ କହିଛନ୍ତି, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ସେମାନେ ଯେପରି ସମ୍ପୂର୍ଣ୍ଣ ଭାବେ ସମାଜର ମୁଖ୍ୟସ୍ରୋତରେ ସାମିଲ ହୋଇପାରିବେ ଏବଂ ବିକଶିତ ଭାରତ ଗଠନରେ ମହତ୍ୱପୂର୍ଣ୍ଣ ଯୋଗଦାନ ରଖିପାରିବେ, ସେ ଦିଗରେ ଉଦ୍ୟମ ତ୍ୱରାନ୍ୱିତ ହୋଇଛି। ପିଏମ୍ ଜନମନ, ଧରତୀ ଆବା ଗ୍ରାମ ଉତ୍କର୍ଷ ଅଭିଯାନ ପରି ଯୋଜନାଗୁଡ଼ିକ ଏହି ଲକ୍ଷ୍ୟ ହାସଲ କରିବା ଦିଗରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି। ବିକାଶ ସହିତ ଆଦିବାସୀ ସଂସ୍କୃତିର ସୁରକ୍ଷା ପାଇଁ ଓଡ଼ିଶା ସରକାର ଆଦିବାସୀ ସଂସ୍କୃତି ଓ ଐତିହ୍ୟ ଭବନ ଏବଂ ଆଦିବାସୀ ଭାଷା ପ୍ରତିଷ୍ଠାନ ମଧ୍ୟ ନିର୍ମାଣ କରୁଛନ୍ତି। ଜନଜାତି ଭାଷାରେ ପାଠପଢ଼ାଇବା ପାଇଁ ପଦକ୍ଷେପ ନିଆଯାଇଛି। ଏହି ସମ୍ମିଳନୀ ସବୁ ଦୃଷ୍ଟିରୁ ଏକ ଐତିହାସିକ ସମ୍ମିଳନୀ ହେବ। ଏହି ସମ୍ମିଳନୀର ମତାମତକୁ ନେଇ ନୂଆ ନୂଆ ନୀତି ଓ କାର୍ଯ୍ୟକ୍ରମ ପ୍ରସ୍ତୁତ କରାଯିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

କେନ୍ଦ୍ର ଆଦିବାସୀ ବ୍ୟାପାର ମନ୍ତ୍ରୀ ଜୁଏଲ ଓରାମ କହିଛନ୍ତି, ପିଏମ୍ ଜନମନ ଏବଂ ଧରତୀ ଆବା ଗ୍ରାମ ଉତ୍କର୍ଷ ଯୋଜନାରେ ବିଭିନ୍ନ ଆଦିବାସୀ ଗୋଷ୍ଠୀଗୁଡ଼ିକୁ ସାମିଲ କରାଯାଇଛି। ଏହି ଦୁଇଟି କାର୍ଯ୍ୟକ୍ରମରେ ୫ କୋଟି ଆଦିବାସୀ ଲୋକ ହିତାଧିକାରୀ ଲାଭ ପାଇବେ। ଏକଲବ୍ୟ ମଡେଲ ଆବାସିକ ସ୍କୁଲ ଏବଂ ବିଭିନ୍ନ ଆଶ୍ରମ ସ୍କୁଲ ଦ୍ୱାରା ଆଦିବାସୀ ପିଲାଙ୍କ ପାଇଁ ଏକ ଶୈକ୍ଷିକ ପରିବେଶରେ ପିଲାଙ୍କୁ ଶିକ୍ଷିତ କରାଯାଉ ଅଭିନବ ପଦକ୍ଷେପ ଗ୍ରହଣ କରାଯାଉଛି ବୋଲି ସେ କହିଛନ୍ତି।

ଅନ୍ୟମାନଙ୍କ ମଧ୍ୟରେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ରାଜ୍ୟ ସଭା ଉପାଧ୍ୟକ୍ଷ ହରିବଂଶ, ଲୋକ ସଭାର ଅନୁସୂଚିତ ଜାତି ଏବଂ ଜନଜାତି କଲ୍ୟାଣ ସଂସଦୀୟ କମିଟି ଅଧ୍ୟକ୍ଷ ଫଗନ ସିଂ କୁଲସ୍ତେ ପ୍ରମୁଖ ଯୋଗଦେଇ ଅନୁସୂଚିତ ଜାତି ଏବଂ ଜନଜାତି ବର୍ଗଙ୍କ ବିକାଶକୁ ସରକାର କିଭଳି ଗୁରୁତ୍ୱ ଦେଉଛନ୍ତି ତା' ଉପରେ ମତ ରଖିଛନ୍ତି। ଏହି ଅବସରରେ ଓଡ଼ିଶା ବିଧାନସଭା ବାଚସ୍ପତି ସୁରମା ପାଢ଼ୀ ସ୍ୱାଗତ ଭାଷଣ ଦେଇ କହିଛନ୍ତି, ବିଧାନସଭା ହେଉଛି ଗଣତନ୍ତ୍ରର କେନ୍ଦ୍ର। ବିଧାନସଭାର ପ୍ରତ୍ୟେକ ବିଧାୟକଙ୍କ କାର୍ଯ୍ୟ ହେଉଛି ସରକାରଙ୍କ ପାଇଁ ନୀତି ନିର୍ଦ୍ଧାରଣ କରିବା ଏବଂ ସେହି ନୀତିକୁ ତୃଣମୂଳ ଅଞ୍ଚଳର ଶେଷ ଲୋକଙ୍କ ନିକଟକୁ ପହଞ୍ଚାଇବା ହେଉଛି ଆମ ସମସ୍ତଙ୍କର ଦାୟିତ୍ୱ। ଉପବାଚସ୍ପତି ଭବାନୀ ଶଙ୍କର ଭୋଇ ଧନ୍ୟବାଦ ଅର୍ପଣ କରିଥିଲେ।


ସମ୍ମିଳନୀରେ ଯୋଗ ଦେଇଥିବା ସାଂସଦ ଏବଂ ବିଭିନ୍ନ ରାଜ୍ୟ ବିଧାନସଭାର ଅନୁସୂଚିତ ଜାତି ଓ ଜନଜାତି କଲ୍ୟାଣ କମିଟିର ସଦସ୍ୟଗଣ।

## ଅନୁସୂଚିତ ଜାତି ଓ ଜନଜାତି ଜାତୀୟ ସମ୍ମିଳନୀ ଉଦ୍‌ଘାଟିତ

### ଏସ୍‌ସି, ଏସ୍‌ଟି ବର୍ଗଙ୍କ ପାଇଁ 'ସମୃଦ୍ଧ ଭବିଷ୍ୟତର ରାସ୍ତା' ନିର୍ମାଣ କରିବ: ମୁଖ୍ୟମନ୍ତ୍ରୀ

# ଗଣେଶ ମୂର୍ତ୍ତି ବିସର୍ଜନ ବେଳେ ପୋଖରୀରେ ବୁଡ଼ିଗଲେ ଛାତ୍ର

କୋରେଇ/ପାଣିକୋଇଲି,୨୯।୮
(ଚନ୍ଦ୍ରକାନ୍ତ ପତି/ବିକାଶ ମଲ୍ଲିକ)

ଯାଜପୁର ଜିଲା ପାଣିକୋଇଲି ଥାନା ଅନ୍ତର୍ଗତ ରଙ୍ଗରଙ୍ଗା ଗ୍ରାମରେ ଶୁକ୍ରବାର ଗଣେଶଙ୍କ ମୂର୍ତ୍ତି ବିସର୍ଜନ ବେଳେ ଏକ ଅଘଟଣ ଘଟିଛି। ପୋଖରୀରେ ବୁଡ଼ି ଜଣେ ଅଷ୍ଟମ ଶ୍ରେଣୀ ଛାତ୍ରଙ୍କ ମୃତ୍ୟୁ ହୋଇଛି। ମୃତ ଛାତ୍ର ହେଲେ ଗ୍ରାମର ବସନ୍ତ ସାହୁଙ୍କ ପୁତ୍ର ସତ୍ୟପ୍ରକାଶ ସାହୁ (୧୩)।


ସତ୍ୟପ୍ରକାଶ ସାହୁ

ଗ୍ରାମର ପ୍ରହଲ୍ଲାଦ ଉଚ୍ଚ ବିଦ୍ୟାପୀଠରେ ପୂର୍ବାହ୍ନ ୧୧ଟାରେ ଗଣେଶ ମୂର୍ତ୍ତି ବିସର୍ଜନ ପର୍ବ ଅନୁଷ୍ଠିତ ହୋଇଥିଲା। ଗଣେଶଙ୍କ ମୂର୍ତ୍ତି ଧରି ବିଦ୍ୟାଳୟର ପ୍ରାୟ ୧୦ଜଣ ପିଲା ସ୍ଥାନୀୟ ପୋଖରୀକୁ ବିସର୍ଜନ ପାଇଁ ଯାଇଥିଲେ। ବିସର୍ଜନ ସାରି ଗାଧୋଇବା ବେଳକୁ ଜଣକ ପରେ ଜଣେ ପୋଖରୀର ଗଭୀର ଜଳରେ ବୁଡ଼ିଯାଇଥିଲେ। ଖବର ପାଇ ସ୍ଥାନୀୟ ଲୋକେ ପହଞ୍ଚି ପୋଖରୀରୁ ୯ ଛାତ୍ରଙ୍କୁ ଉଦ୍ଧାର କରିଥିଲେ। ହେଲେ ସତ୍ୟପ୍ରକାଶଙ୍କୁ ଖୋଜି ପାଇ ନ ଥିଲେ। ବହୁ ବିଳମ୍ବରେ ଗ୍ରାମବାସୀ ସତ୍ୟପ୍ରକାଶଙ୍କୁ ପୋଖରୀରୁ ଉଦ୍ଧାରକରି ବୈତରଣୀରୋଡ୍ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ ଯାଜପୁର ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

ଏନେଇ ସତ୍ୟପ୍ରକାଶଙ୍କ ପରିବାର ଲୋକେ ପାଣିକୋଇଲି ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୋଲିସ ମୃତଦେହ ଜବତକରି ବ୍ୟବଚ୍ଛେଦ କରାଇ ତାଙ୍କ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ସତ୍ୟପ୍ରକାଶଙ୍କ ଅକାଳ ମୃତ୍ୟୁରେ ଗ୍ରାମରେ ଶୋକର ଛାୟା ଖେଳିଯାଇଛି। ଶୋକାକୁଳ ପରିବେଶରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ କରାଯାଇଛି। ତେବେ ବିଦ୍ୟାଳୟ ଶିକ୍ଷକ ଉପସ୍ଥିତ ନ ଥାଇ କିପରି ଛାତ୍ରମାନେ ଠାକୁର ବିସର୍ଜନ କଲେ ତାହା ପ୍ରଶ୍ନବାଚୀ ସୃଷ୍ଟି କରିଛି। ଅନ୍ୟପକ୍ଷରେ ବିଦ୍ୟାଳୟର ଠାକୁର ପହଞ୍ଚିବା ବେଳକୁ ଗ୍ରାମର ଏକ ଗଣେଶ ମୂର୍ତ୍ତି ମଧ୍ୟ ସେହି ପୋଖରୀରେ ବିସର୍ଜନ କରାଯାଉଥିଲା। ଗହଳି ମଧ୍ୟରେ ଛାତ୍ରମାନେ ପୋଖରୀରେ ବୁଡୁଥିଲେ। ତେଣୁ ଏଭଳି ଘଟଣା ଘଟିଲା ବୋଲି ମତପ୍ରକାଶ ପାଇଛି। ଏନେଇ ପୋଲିସ ନଂ.୨୮/୨୫ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

# ୨,୦୨୪ଥର ଅତିରିକ୍ତ ଯାତ୍ରା କରିବ ପୂଜା ସ୍ୱତନ୍ତ୍ର ଟ୍ରେନ୍

ଭୁବନେଶ୍ୱର,୨୯।୮
(ଅନୁରାଧା ମହାରଣା)

ପାର୍ବଣ ଋତୁ ଆରମ୍ଭ ହୋଇଥିବାବେଳେ ରେଳ ଯାତ୍ରୀଙ୍କ ସଂଖ୍ୟାରେ ବୃଦ୍ଧି ପାଇବାରେ ଲାଗିଛି। ଏହି ବର୍ଦ୍ଧିତ ଚାହିଦାକୁ ଦୃଷ୍ଟିରେ ରଖି ଭାରତୀୟ ରେଳପଥ ଯାତ୍ରୀଙ୍କ ସୁବିଧା ପାଇଁ ସ୍ୱତନ୍ତ୍ର ଟ୍ରେନ ସେବା ପରିଚାଳନା କରିବାକୁ ନିଷ୍ପତ୍ତି ନେଇଛି। ବିହାର ଯାଉଥିବା ଯାତ୍ରୀଙ୍କ ସୁବିଧା ପାଇଁ ୧୨୦୦୦ରୁ ଅଧିକ ଟ୍ରେନ ଚଳାଇବାକୁ ଯୋଜନା କରାଯାଇଛି। ୨୧ ସେପ୍ଟେମ୍ବରରୁ ୩୦ ନଭେମ୍ବର ୨୦୨୫ ପର୍ଯ୍ୟନ୍ତ ମୋଟ ୧୫୦ ପୂଜା ସ୍ୱତନ୍ତ୍ର ଟ୍ରେନ ଚଳାଚଳ କରିବ ଓ ଏହାମାଧ୍ୟମରେ ମୋଟ ୨,୦୨୪ ଅତିରିକ୍ତ ଯାତ୍ରା ସୁନିଶ୍ଚିତ କରାଯିବ। ପୂଜା ସ୍ୱତନ୍ତ୍ର ଟ୍ରେନ ସିରିଜ ଅଧୀନରେ ପଶ୍ଚିମ କେନ୍ଦ୍ରୀୟ ରେଳପଥ ସର୍ବାଧିକ ୪୮ଟି ଟ୍ରେନ ଚଳାଚଳ କରିବ, ଯାହା ୬୮୪ ଥର ଯାତ୍ରା କରିବ। ପୂର୍ବ କେନ୍ଦ୍ରୀୟ ରେଳପଥର ୧୯ଟି ଟ୍ରେନ ଯାହା ୫୮୮ ଥର ଯାତ୍ରା କରିବ। ପୂର୍ବ ରେଳପଥ କୋଲକାତା, ସିଆଲଦା, ହାୱଡ଼ା ଭଳି ଜନଗହଳିପୂର୍ଣ୍ଣ ଷ୍ଟେସନରୁ ୨୪ ସ୍ୱତନ୍ତ୍ର ଟ୍ରେନ ୧୯୮ ଥର ଯାତ୍ରା କରିବ। ଅନ୍ୟପକ୍ଷରେ ପଶ୍ଚିମ ରେଳପଥ ୨୪ଟି ସ୍ୱତନ୍ତ୍ର ଟ୍ରେନ ଚଳାଇବ, ଯାହା ୨୦୪ ଥର ଯାତ୍ରା କରିବ। ଦକ୍ଷିଣ ରେଳପଥ ୧୦ଟି ଟ୍ରେନ ୬୬ ଥର ଯାତ୍ରା କରିବ। ଏହା ବ୍ୟତୀତ ପୂର୍ବତଟ ରେଳପଥ ଭୁବନେଶ୍ୱର, ପୁରୀ ଏବଂ ସମ୍ବଲପୁର, ଦକ୍ଷିଣ ପୂର୍ବ ରେଳପଥ ପକ୍ଷରୁ ରାଞ୍ଚି, ଟାଟାନଗର, ଉତ୍ତର କେନ୍ଦ୍ରୀୟ ରେଳପଥ ପକ୍ଷରୁ ପ୍ରୟାଗରାଜ, କାନପୁର, ଦକ୍ଷିଣ ପୂର୍ବ କେନ୍ଦ୍ରୀୟ ରେଳପଥ ପକ୍ଷରୁ ବିଲାସପୁର, ରାୟପୁର ଏବଂ ପଶ୍ଚିମ କେନ୍ଦ୍ରୀୟ ରେଳପଥ ପକ୍ଷରୁ ଭୋପାଳ, କୋଟା ଭଳି ଷ୍ଟେସନଗୁଡ଼ିକୁ ସଂଯୋଗ କରୁଥିବା ସ୍ୱତନ୍ତ୍ର ଟ୍ରେନଗୁଡ଼ିକ ଚଳାଚଳ କରିବ।

# ସେପ୍ଟେମ୍ବର ୩ ଯାଏ ହାଲୁକା ବର୍ଷା

ଭୁବନେଶ୍ୱର,୨୯।୮
(ଅନୁରାଧା ମହାରଣା)

ରାଜ୍ୟରେ ଆସନ୍ତା ୫ଦିନ ଅର୍ଥାତ୍ ସେପ୍ଟେମ୍ବର ୩ ତାରିଖ ଯାଏ ହାଲୁକାରୁ ମଧ୍ୟମ ଧରଣର ବର୍ଷା ସମ୍ଭାବନା ରହିଛି। ଶନିବାର ରାଜ୍ୟର ଅଧିକାଂଶ ସ୍ଥାନରେ ବର୍ଷା ହେବା ସହ ୨୦ ଜିଲ୍ଲାକୁ ବଜ୍ରପାତ ନେଇ ସତର୍କ କରିଛି ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର। ଏଥିପାଇଁ ସୁନ୍ଦରଗଡ଼, ଝାରସୁଗୁଡ଼ା, ବରଗଡ଼, ସମ୍ବଲପୁର, ଦେବଗଡ଼, ଅନୁଗୋଳ, ଢେଙ୍କାନାଳ, କେନ୍ଦୁଝର, ମୟୂରଭଞ୍ଜ, ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, କଟକ, ଜଗତସିଂହପୁର, ପୁରୀ, ଖୋର୍ଦ୍ଧା, ନୟାଗଡ଼, ଗଞ୍ଜାମ ଓ ଗଜପତି ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି। ଏହାପରଠାରୁ ରାଜ୍ୟରେ ବର୍ଷା ପରିମାଣ ଓ ବିସ୍ତୃତି ବଢ଼ିବାର ସମ୍ଭାବନା ରହିଛି। ପ୍ରବଳ ବର୍ଷା ପାଇଁ ୪ ଜିଲ୍ଲାକୁ ଓ ବଜ୍ରପାତ ଲାଗି ସାରା ରାଜ୍ୟକୁ ୟେଲୋ ୱାର୍ଣ୍ଣିଂ ଦିଆଯାଇଛି।

# ଦେଶର ସାର୍ବଭୌମତ୍ୱ ପ୍ରତି ବିପଦ ବଢ଼ୁଛି: ଭକ୍ତ

ଭୁବନେଶ୍ୱର,୨୯।୮(ରବିନାରାୟଣ ଜେନା)

କେନ୍ଦ୍ର ସରକାରଙ୍କ ତ୍ରୁଟିପୂର୍ଣ୍ଣ ଆର୍ଥିକ ନୀତି ଯୋଗୁ ଦେଶର ଋଣଭାର ବଢ଼ି ଚାଲିଥିବାବେଳେ ଅସହିଷ୍ଣୁତା ଓ ଏକଛତ୍ରବାଦ ଯୋଗୁ ଦେଶର ଗଣତନ୍ତ୍ର ବିପଦାପନ୍ନ ହୋଇଛି ବୋଲି ପିସିସି ସଭାପତି ଭକ୍ତ ଚରଣ ଦାସ କହିଛନ୍ତି। ଭକ୍ତ ଏକ ପ୍ରେସ ବାର୍ତ୍ତାରେ କହିଛନ୍ତି, ଦେଶରେ ଏବେ ଗୋଟିଏ ପରେ ଗୋଟିଏ ସାମ୍ବିଧାନିକ ଅନୁଷ୍ଠାନକୁ ନଷ୍ଟ କରାଯାଉଛି; ଯେଉଁଥିପାଇଁ ଦେଶର ସାର୍ବଭୌମତ୍ୱ ପ୍ରତି ବିପଦ ସୃଷ୍ଟି ହୋଇଛି। ସେ କହିଥିଲେ, ମୋଦିଙ୍କ ଶାସନରେ ଦେଶବାସୀ ସବୁ ଦୃଷ୍ଟିରୁ ତିକ୍ତବିରକ୍ତ ହୋଇଛନ୍ତି। ଆମେରିକା ରାଷ୍ଟ୍ରପତି ଟ୍ରମ୍ପଙ୍କୁ ମୋଦି ନିଜର ଘନିଷ୍ଠ ବନ୍ଧୁ ବୋଲି ସମ୍ବୋଧନ କରୁଥିବା ଆତ୍ମପ୍ରଚାର ଏବେ ଧରା ପଡ଼ିଯାଇଛି। ଆମେରିକା ସହିତ ଭାରତର ସମ୍ପର୍କ ଏହା ପୂର୍ବରୁ କେବେ ଏତେ ଖରାପ ନ ଥିଲା। ଏବେ ପଡ଼ୋଶୀ ରାଷ୍ଟ୍ରମାନଙ୍କ ସହ ମଧ୍ୟ ଭାରତର ସମ୍ପର୍କ 'ସର୍ବକାଳୀନ ନିକୃଷ୍ଟ' ରହିଛି ବୋଲି ଭକ୍ତ କହିଛନ୍ତି।

ସେ ଆହୁରି କହିଛନ୍ତି, ପହଲଗାମ୍ ଗଣହତ୍ୟା ପରେ ପାକିସ୍ତାନ ଉପରେ ଭାରତର ଆକ୍ରମଣ ରୋକିବାକୁ ଟ୍ରମ୍ପଙ୍କ ଆଦେଶକୁ ମୋଦି ଅକ୍ଷରେ ଅକ୍ଷରେ ପାଳନ କରିଥିବା ସ୍ପଷ୍ଟ ହୋଇଛି। 'ନରେନ୍ଦ୍ର ସରେଣ୍ଡର' ବୋଲି ଲୋକ ସଭାର ବିରୋଧୀଦଳ ନେତା ରାହୁଲ ଗାନ୍ଧୀଙ୍କ କଥାକୁ ସତ ପ୍ରମାଣିତ ହୋଇଛି। ଯେଉଁ ଟ୍ରମ୍ପଙ୍କୁ ମୋଦି ନିଜର ବନ୍ଧୁ ବୋଲି କହିଥିଲେ, ସେହି ଟ୍ରମ୍ପ ଏବେ ଭାରତର ରପ୍ତାନି ଉପରେ ଚଢ଼ା ଶୁଳ୍କ ଲାଗୁ କରି ଦେଶର ଅର୍ଥନୀତିକୁ ସଙ୍କଟରେ ପକାଇଛନ୍ତି। ଭକ୍ତ କହିଛନ୍ତି, ରୁଷିଆର ଶସ୍ତା ତେଲ ଫାଇଦା ଲୋକେ ପାଇଲେନି, ସବୁ ଲାଭ ଗଲା ରିଲାଏନ୍ସ ଭଳି କମ୍ପାନୀଗୁଡ଼ିକର ପକେଟକୁ। ଲୋକେ ସେଇ ୧୦୨ ଟଙ୍କା ଲିଟରରେ ତେଲ କିଣିଲେ। ଅଥଚ ରୁଷ-ୟୁକ୍ରେନ ଯୁଦ୍ଧ ପାଇଁ ଭାରତକୁ ମଧ୍ୟ ଲୋକେ ଦାୟୀ କଲେଣି। ତା'ଛଡ଼ା, ଏବେ ଶସ୍ତା ତେଲ ପାଇଁ ଲୋକଙ୍କୁ ଓଲଟା ଛଟରେ ମିଳିବ ବୋଲି ଭକ୍ତ କହିଛନ୍ତି।

# ରାଜ୍ୟ ସରକାରଙ୍କୁ ସୁପ୍ରିମକୋର୍ଟଙ୍କ ନୋଟିସ୍

## ଗୃହ ନିର୍ମାଣରେ ନିର୍ମାଣକାରୀଙ୍କ ସ୍ୱଚ୍ଛତା ପ୍ରସଙ୍ଗ

ଭୁବନେଶ୍ୱର,୨୯।୮(ରବିନାରାୟଣ ଜେନା)

ଗୃହ ନିର୍ମାଣ କ୍ଷେତ୍ରରେ କିଭଳି ସ୍ୱଚ୍ଛତା ରହିବ ଏବଂ ଉପଭୋକ୍ତାମାନେ ପ୍ରଭାବିତ ହେବେନାହିଁ ସେ ସଂକ୍ରାନ୍ତରେ ସୁପ୍ରିମକୋର୍ଟ ବଡ଼ ନିଷ୍ପତ୍ତି ନେଇଛନ୍ତି। ଚଳିତମାସ ୨୨ରେ ସାମାଜିକ କର୍ମୀ ବିମଳେନ୍ଦୁ ପ୍ରଧାନଙ୍କ ଏକ ମାମଲାର ଶୁଣାଣିବେଳେ ସୁପ୍ରିମକୋର୍ଟ ବିଚାରପତି ଜେ.ବି. ପର୍ଦିୱାଲା ଏବଂ ବିଚାରପତି କେ.ଭି. ବିଶ୍ୱନାଥନଙ୍କୁ ନେଇ ଗଠିତ ଖଣ୍ଡପୀଠ ଅନଧିକୃତ ନିର୍ମାଣ ଓ ଅଧିଗ୍ରହଣ ପ୍ରମାଣପତ୍ର ସଂକ୍ରାନ୍ତରେ ଦୁଇ ସପ୍ତାହ ମଧ୍ୟରେ ରାଜ୍ୟ ସରକାର ତାଙ୍କର ରିପୋର୍ଟ ଦାଖଲ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ସୁପ୍ରିମକୋର୍ଟ ଏସଂକ୍ରାନ୍ତରେ (ଅଧିଗ୍ରହଣ ପ୍ରମାଣପତ୍ର) ପୂର୍ବରୁ ଏକ ନିର୍ଦ୍ଦେଶନାମା ପ୍ରଦାନ କରିଥିଲେ। ଏହି କ୍ଷେତ୍ରରେ ଓଡ଼ିଶା ସରକାର ସର୍କୁଲାର ଜାରି କରିବାରେ ବିଫଳ ହେବା ଯୋଗୁ ସୁପ୍ରିମକୋର୍ଟରେ ଏକ ଅଦାଲତ ଅବମାନନା ମାମଲା ରୁଜୁ ହୋଇଥିଲା। ସୁପ୍ରିମକୋର୍ଟଙ୍କ ପକ୍ଷରୁ ଅଗଷ୍ଟ ୨୨ ତାରିଖ ନିର୍ଦ୍ଦେଶନାମାରେ କୁହାଯାଇଛି ଯେ, କୌଣସି ଯୋଜନା ଅନୁମୋଦନବେଳେ ନିର୍ମାଣକାରୀଙ୍କୁ ଏକ ଲିଖିତ ପ୍ରତିଶ୍ରୁତି ଦେବାକୁ ପଡ଼ିବ ଯେ, ସେମାନେ ଉପଭୋକ୍ତାଙ୍କୁ ଘର ଦେବାବେଳେ [illegible] ଅକ୍ୟୁପାନ୍ସି ସର୍ଟିଫିକେଟ୍ (ଓସି) ଦେବେ। ନିର୍ମାଣକାରୀଙ୍କୁ ନିର୍ମାଣସ୍ଥଳରେ ଅନୁମୋଦିତ ଯୋଜନା ତଥା ନିର୍ମାଣ ନକ୍ସା ପ୍ରଦର୍ଶନ କରିବାକୁ ହେବ। ନିର୍ମାଣ ସମାପ୍ତି/ଅଧିଗ୍ରହଣ ପ୍ରମାଣପତ୍ର କେବଳ ପରିଦର୍ଶନ ପରେ ପ୍ରାଧିକରଣ ଦ୍ୱାରା ଜାରି ହେବ। ଯଦି ପରିଦର୍ଶନ ସମୟରେ ତ୍ରୁଟିବିଚ୍ୟୁତି ଦେଖାଯାଏ, ତେବେ ତାହା ସଂଶୋଧନ ନ ହେବା ପର୍ଯ୍ୟନ୍ତ ସମାପ୍ତି/ଅଧିଗ୍ରହଣ ପ୍ରମାଣପତ୍ର ସ୍ଥଗିତ ରହିବ। ସେହିପରି ବିଦ୍ୟୁତ, ପାଣି ନିଷ୍କାସନ (ଡ୍ରେନେଜ) ସଂଯୋଗ କେବଳ 'ଓସି' ପରେ ପ୍ରଦାନ କରାଯିବା ଆବଶ୍ୟକ। ଯଦି ଓସି ପରେ ଏହି ସବୁ କ୍ଷେତ୍ରରେ ତ୍ରୁଟି ଦେଖାଯାଏ ତେବେ ନିର୍ମାଣକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ହେବ। କୌଣସି ଅନଧିକୃତ ନିର୍ମାଣରେ ବ୍ୟାପାର ଲାଇସେନ୍ସ କିମ୍ବା ବ୍ୟବସାୟ/ବାଣିଜ୍ୟ ପାଇଁ ଅନୁମତି ଦିଆଯିବ ନାହିଁ।

ନିର୍ଦ୍ଦେଶନାମାରେ କୁହାଯାଇଛି, ଆବେଦନଗୁଡ଼ିକ ୯୦ ଦିନ ମଧ୍ୟରେ ନିଷ୍ପତ୍ତି ହେବା ଆବଶ୍ୟକ। ଏନେଇ ରାଜ୍ୟ ସରକାରଙ୍କୁ ସର୍କୁଲାର ଜାରି କରିବାକୁ ହେବ; ଯେଉଁଥିରେ ସମସ୍ତ ସମ୍ପୃକ୍ତ ବ୍ୟକ୍ତିଙ୍କୁ ପୂର୍ବ ନିର୍ଦ୍ଦେଶ ଏବଂ ଏହି ଆଦେଶକୁ କଡ଼ାକଡ଼ି ଭାବେ ପାଳନ କରିବାକୁ ହେବ। ଏହା ପାଳନ ନ କଲେ ବିଭାଗୀୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ସେହିପରି ବ୍ୟାଙ୍କଗୁଡ଼ିକ କେବଳ ଓସି ଥିବା ନିର୍ମାଣକୁ ବନ୍ଧକ (ସିକ୍ୟୁରିଟି) ପାଇଁ ଗ୍ରହଣ କରିପାରିବେ ବୋଲି ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶରେ କୁହାଯାଇଛି।



## ୧ରେ ବନ୍ଦ ରହିବ ମୁଖ୍ୟମନ୍ତ୍ରୀଙ୍କ ଜନଶୁଣାଣି

ଭୁବନେଶ୍ୱର,(ରବିନାରାୟଣ ଜେନା): ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ଥିବାରୁ ଆସନ୍ତା ସୋମବାର ସେପ୍ଟେମ୍ବର ୧ରେ ହେବାକୁ ଥିବା ଜନଶୁଣାଣି ବନ୍ଦ ରହିବ ବୋଲି ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

# ଆଜି କ'ଣ କେଉଁଠି

### ଭୁବନେଶ୍ୱର

- ପଲିଟିକାଲ୍ ଥିଙ୍କର୍ସ ଫୋରମ୍ ପକ୍ଷରୁ 'ସାମାଜିକ-ଆର୍ଥିକ ବିକାଶରେ ଓଡ଼ିଶା, ପ୍ରାଚୁର୍ଯ୍ୟ ଭିତରେ ଓଡ଼ିଶା ଗରିବୀରେ ୧ ନଂ. କାହିଁକି' ଶୀର୍ଷକ ଆଲୋଚନାଚକ୍ର, ସ୍ଥାନ: ଗୀତଗୋବିନ୍ଦ ସଦନ, ସମୟ: ପୂର୍ବାହ୍ନ ୧୦ଟା।
- ନ୍ୟାଶନାଲ କଲ୍‌ଚର ମିଶନ ପକ୍ଷରୁ ଶ୍ରୀ ଜୟଦେବ ରାଷ୍ଟ୍ରୀୟ ସମାରୋହ ଓ ନବୀନ କଳାକାର, ସ୍ଥାନ: ଭଞ୍ଜକଳା ମଣ୍ଡପ, ସମୟ: ପୂର୍ବାହ୍ନ ୧୦ଟା(ନବୀନ କଳାକାର) ଓ ସନ୍ଧ୍ୟା ୬ଟା (ଜୟଦେବ ସମାରୋହ)।
- ଅନୁସୂଚିତ ଜାତି ଓ ଜନଜାତି କଲ୍ୟାଣ ପାଇଁ ସଂସଦ ଏବଂ ରାଜ୍ୟ/କେନ୍ଦ୍ରଶାସିତ ଅଞ୍ଚଳ ବିଧାନସଭା କମିଟିର ଅଧ୍ୟକ୍ଷଙ୍କ ଜାତୀୟ ସମ୍ମିଳନୀର ଉଦ୍‌ଯାପନୀ ଅଧିବେଶନ, ସ୍ଥାନ: ସମ୍ମେଳନ କେନ୍ଦ୍ର, ଲୋକସେବା ଭବନ, ସମୟ: ପୂର୍ବାହ୍ନ ୧୦ଟା୩୦।
- ୩୧ତମ ଗୁରୁ କେଲୁ ଚରଣ ମହାପାତ୍ର ଆୱାର୍ଡ ୨୦୨୫ ପାଇଁ ଖବରଦାତା ସମ୍ମିଳନୀ, ରୟାଲ ମିଡ୍ ଟାଉନ୍ ହୋଟେଲ, ସମୟ: ପୂର୍ବାହ୍ନ ୧୧ଟା।
- ସ୍ୱେଚ୍ଛାସେବୀ ସଙ୍ଗଠନ ସ୍ନେହ ପକ୍ଷରୁ ଆଲୋଚନାଚକ୍ର, ସ୍ଥାନ: ସମ୍ପ୍ରୀତି, ଭିଆଇପି ଏରିଆ, ନୟାପଲ୍ଲୀ, ସମୟ: ପୂର୍ବାହ୍ନ ୧୧ଟା।
- 'ଯାଆଁଳା ତୋଟା' ପୁସ୍ତକର ଲୋକାର୍ପଣ ଉତ୍ସବ, ସ୍ଥାନ: ବୁଦ୍ଧ ମନ୍ଦିର ସଭାଗୃହ, ସମୟ: ଅପରାହ୍ନ ୫ଟା।

### କଟକ

- ଚୌଦ୍ୱାର ପୌରପାଳିକା ପକ୍ଷରୁ ମେଗା ସ୍ୱାସ୍ଥ୍ୟ, ଚକ୍ଷୁ ଚିକିତ୍ସା ଓ ରକ୍ତଦାନ ଶିବିର, ସ୍ଥାନ: ଗାନ୍ଧିଛକସ୍ଥିତ ପୌର ଟାଉନହଲ, ଚୌଦ୍ୱାର, ସମୟ: ସକାଳ ୯ଟା।
- ସ୍ୱାୟତ୍ତ ଶାସନ ଦିବସ ଅବସରରେ କଟକ ମହାନଗର ନିଗମ ପକ୍ଷରୁ ରକ୍ତଦାନ ଶିବିର, ସ୍ଥାନ: କଟକ ଟାଉନ ହଲ୍, ସମୟ: ସକାଳ ୯ଟା।
- ଶ୍ରମିକମାନଙ୍କ ବିଭିନ୍ନ ଦାବିରେ ଏଆଇଟିୟୁସି ପକ୍ଷରୁ ବିକ୍ଷୋଭ, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଛାତ୍ରୀ ଓ ମହିଳାମାନଙ୍କ ସୁରକ୍ଷା ଦାବିରେ ନାଗରିକ ସମ୍ମିଳନୀ, ସ୍ଥାନ: ଗାନ୍ଧୀ ଭବନ, ବାଖରାବାଦ, ସମୟ: ପୂର୍ବାହ୍ନ ୧୧ଟା।
- କଟକ ସତସଙ୍ଗ ବିହାର ଆନୁକୂଲ୍ୟରେ ଭାଦ୍ର ସତସଙ୍ଗ ପରିକ୍ରମା, ସ୍ଥାନ: ଯୋବ୍ରା, ସମୟ: ସନ୍ଧ୍ୟା ୭ଟା ୩୦।

### ପୁରୀ

- ଶ୍ରୀରାଧା ଜନ୍ମୋତ୍ସବ ଉପଲକ୍ଷେ ପଞ୍ଚକୁଣ୍ଡୀୟ ବିଶ୍ୱଶାନ୍ତି ମହାଯଜ୍ଞ, ସୂର୍ଯ୍ୟପୂଜା, ଗୋ ପୂଜା, ଆହୁତି, ସ୍ଥାନ: ସାକ୍ଷୀଗୋପାଳ ମନ୍ଦିର ସିଂହଦ୍ୱାର, ସମୟ: ସକାଳ ୯ଟା।
- ନାମ ସଂକୀର୍ତ୍ତନ ସମାବେଶ, ବକ୍ତୃତା ପ୍ରତିଯୋଗିତା, ବାଳଗୋପାଳ ସେବା, ସ୍ଥାନ: ସାକ୍ଷୀଗୋପାଳ ମନ୍ଦିର ସିଂହଦ୍ୱାର, ସମୟ: ଅପରାହ୍ନ ୧ଟା।
- ଶ୍ରୀରାଧା ଜନ୍ମୋତ୍ସବ ସାଂସ୍କୃତିକ କାର୍ଯ୍ୟକ୍ରମ ଓ ସାଧାରଣ ସଭା, ସ୍ଥାନ: ସାକ୍ଷୀଗୋପାଳ ମନ୍ଦିର ସିଂହଦ୍ୱାର, ସମୟ: ସନ୍ଧ୍ୟା ୭ଟା।
- ଶ୍ରୀମନ୍ଦିରରେ କେକେଶି ବଧ ପ୍ରସ୍ତାବ, ସ୍ଥାନ: ବାଲିସାହି, ସମୟ: ସନ୍ଧ୍ୟା ୭ଟା।
- ଚାର ଗଣେଶ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ନରେନ୍ଦ୍ର କୋଣ ଛକ, ସମୟ: ସନ୍ଧ୍ୟା ୭ଟା।

### ଖୋର୍ଦ୍ଧା

- ଖୋର୍ଦ୍ଧା ପୌରପାଳିକା ପକ୍ଷରୁ ବିଭିନ୍ନ ପ୍ରତିଯୋଗିତା, ସ୍ଥାନ: ଜୟୀ ରାଜଗୁରୁ ଭବନ, ସମୟ: ପୂର୍ବାହ୍ନ ୧୧ଟା।

### ବାଲେଶ୍ୱର

- ଏଫ୍‌ଏମ୍‌ୟୁରେ ଜାତୀୟ କ୍ରୀଡ଼ା ଦିବସର ଦ୍ୱିତୀୟ ଦିନ, ସ୍ଥାନ: ଫକୀରମୋହନ ବିଶ୍ୱବିଦ୍ୟାଳୟ, ନୂଆପାଢ଼ୀ, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୦ଟା।
- ଦ୍ୱିଦିବସୀୟ ଜାତୀୟ ଆଲୋଚନା ଚକ୍ରର ଉଦ୍‌ଘାଟନୀ ପର୍ବ, ସ୍ଥାନ: ଫକୀରମୋହନ ବିଶ୍ୱବିଦ୍ୟାଳୟ, ନୂଆପାଢ଼ୀ, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୦ଟା।
- ଜାତୀୟ କର୍ମଶାଳା ଉଦ୍‌ଯାପନୀ ଉତ୍ସବ, ସ୍ଥାନ: ଫକୀରମୋହନ ବିଶ୍ୱବିଦ୍ୟାଳୟ, ନୂଆପାଢ଼ୀ, ବାଲେଶ୍ୱର, ସମୟ: ଅପରାହ୍ନ ୪ଟା।

### ଭଦ୍ରକ

- ଧାମନଗର ବ୍ଲକ୍‌ରେ ବନ୍ୟାର ସ୍ଥାୟୀ ପ୍ରତିକାର ନେଇ ଖବରଦାତା ସମ୍ମିଳନୀ, ସ୍ଥାନ: ପ୍ରେସ କ୍ଲବ ଗୃହ, ଧାମନଗର, ସମୟ: ଅପରାହ୍ନ ୩ ଟା।

### କେନ୍ଦୁଝର

- ଜାତୀୟ କ୍ରୀଡା ଦିବସ ସମ୍ପର୍କରେ ଛାତ୍ରୀଛାତ୍ରଙ୍କୁ ନେଇ ବକ୍ତୃତା ପ୍ରତିଯୋଗିତା, ସ୍ଥାନ: ଆଞ୍ଚଳିକ ମହାବିଦ୍ୟାଳୟ, ସ୍ୱାମ ପାଟଣା, ପାଟଣା ସମୟ: ପୂର୍ବାହ୍ନ ୧୧ଟା।

### ମୟୂରଭଞ୍ଜ

- ଅଗ୍ନିବୀର ବାୟୁ ନିଯୁକ୍ତି, ସ୍ଥାନ:ଛଉ ପଡ଼ିଆ, ବାରିପଦା,ସମୟ: ସକାଳ ୬ଟା।
- ହ୍ୟାଣ୍ଡଲୁମ ଫେବ ପ୍ରଦର୍ଶନୀ ମେଳା, ସ୍ଥାନ:ଛଉ ପଡ଼ିଆ, ବାରିପଦା,ସମୟ:ପୂର୍ବାହ୍ନ ୧୧ଟା।

### ବ୍ରହ୍ମପୁର

- ନିକ୍ଷୟ ପୋଷଣ କିଟ୍ ବଣ୍ଟନ, ସ୍ଥାନ: ବିଇଏମ୍‌ସି ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ୧୦ଟା।
- ପୁରସ୍କାର ବିତରଣ, ସ୍ଥାନ: ବିଇଏମସି ସମ୍ମିଳନୀ କକ୍ଷ, ସମୟ: ଅପରାହ୍ନ ୫ଟା।
- ବିନାୟକ ଆଚାର୍ଯ୍ୟଙ୍କ ଜୟନ୍ତୀ ପାଳନ, ସ୍ଥାନ: ଗଜପତି ନଗର ୫ମ ଲାଇନ ପାଠାଗାର, ସମୟ: ଅପରାହ୍ନ ୫ଟା ୩୦।

### କନ୍ଧମାଳ

- ଆଦିବାସୀ ମହାବିଦ୍ୟାଳୟର ସ୍ୱନକ୍ଷତ୍ର ଉତ୍ସବ, ସ୍ଥାନ: ମହାବିଦ୍ୟାଳୟ ପରିସର,ବାଲିଗୁଡ଼ା, ସମୟ: ପୂର୍ବାହ୍ନ ୧୧ଟା।
- ଖୋଖୋ ପ୍ରତିଯୋଗିତା, ସ୍ଥାନ: ସତ୍ୟସାଇ ଉଚ୍ଚ ବିଦ୍ୟାଳୟ, ଫୁଲବାଣୀ, ସମୟ: ଅପରାହ୍ନ ୨ ଟା।
- ଗ୍ରାମ୍ୟ କମିଟି ତରଫରୁ ନୃତ୍ୟ ପ୍ରତିଯୋଗିତା, ସ୍ଥାନ: କନ୍ଧସାହି ନୂଆସାହି,ବାଲିଗୁଡ଼ା, ସମୟ: ସନ୍ଧ୍ୟା ୬ଟା ୩୦।

### ଢେଙ୍କାନାଳ

- ବିକାଶ ୟୁଥ୍ କ୍ଲବ ପକ୍ଷରୁ ଷ୍ଟାର ନାଇଟ୍, ସ୍ଥାନ: ଖମାରସାହି,ସମୟ: ସନ୍ଧ୍ୟା ୭ଟା।

### ଜଗତ୍‌ସିଂହପୁର

- ପାରାଦୀପ ପୌରପରିଷଦ ପକ୍ଷରୁ ସ୍ୱଚ୍ଛତା ସଚେତନତା ରାଲି, ସ୍ଥାନ:ବଡ଼ପଡ଼ିଆ, ପାରାଦୀପ, ସମୟ: ସକାଳ ୮ଟା।
- ନୁମାଲିଗଡ ରିଫାଇନେରୀ ଲିମିଟେଡ୍ (ଏନଆର୍‌ଏଲ) କମ୍ପାନୀ ପ୍ରକଳ୍ପ ସମୀକ୍ଷା କାର୍ଯ୍ୟକ୍ରମ, ସ୍ଥାନ: ଏନଆର୍‌ଏଲ ଅଞ୍ଚଳ, ଷଣ୍ଢପୁର, ପାରାଦୀପ, ସମୟ: ପୂର୍ବାହ୍ନ ୧୦ଟା।

### କେନ୍ଦ୍ରାପଡ଼ା

- କେନ୍ଦ୍ରାପଡ଼ା ସାଇକେଲ କ୍ଲବ ପକ୍ଷରୁ ସ୍ୱାସ୍ଥ୍ୟ ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ପୁରୁଣା ବସଷ୍ଟାଣ୍ଡ, ସମୟ: ସକାଳ ୬ଟା।
- ଶ୍ରୀରାଧାଷ୍ଟମୀ ଉତ୍ସବ, ସ୍ଥାନ: ନାମାଚାର୍ଯ୍ୟ ଶ୍ରୀମଦ୍ ବାୟାବାବାଙ୍କ ମଠ, ଫୋରଡ, କେନ୍ଦ୍ରାପଡ଼ା, ଗୋପାଳଜୀଉ ମନ୍ଦିର, ଗରାପୁର, କେନ୍ଦ୍ରାପଡ଼ା ସହର, ଗରାପୁର ସମୟ: ସକାଳ ୬ଟା।
- ତେରଗାଁ ସରପଞ୍ଚଙ୍କ ପକ୍ଷରୁ ରକ୍ତଦାନ ଶିବିର, ସ୍ଥାନ: ତେରଗାଁ, ମହାକାଳପଡ଼ା, ସମୟ: ସକାଳ ୮ଟା।

### ଯାଜପୁର

- ଧର୍ମଶାଳା ମହାବିଦ୍ୟାଳୟର ୪୮ତମ ପ୍ରତିଷ୍ଠା ଦିବସ, ସ୍ଥାନ: ଧର୍ମଶାଳା ମହାବିଦ୍ୟାଳୟ ପରିସର, ସମୟ:ପୂର୍ବାହ୍ନ ୧୦ଟା।
- ଗଣେଶ ପୂଜା ଉପଲକ୍ଷେ ଭଜନ ସନ୍ଧ୍ୟା, ସ୍ଥାନ:ଜାରକା ଗଣେଶପୂଜା ମଣ୍ଡପ ନିକଟ, ସମୟ: ସନ୍ଧ୍ୟା ୭ଟା।

### ନୟାଗଡ଼

- ସଂସ୍କୃତ ସମ୍ଭାଷଣ ପ୍ରଶିକ୍ଷଣର ଉଦ୍‌ଯାପନ ଦିବସ, ସ୍ଥାନ: ନୟାଗଡ ବ୍ଲକ ସଜନାପଡା ହାଇସ୍କୁଲ, ସମୟ: ପୂର୍ବାହ୍ନ ୧୦ଟା୩୦, ସ୍ଥାନ: ନୟାଗଡ଼ ବ୍ଲକ ବରପଲ୍ଲୀ ହାଇସ୍କୁଲ, ସମୟ: ପୂର୍ବାହ୍ନ ୧୧ଟା।
- ସଂସ୍କୃତ ସମ୍ଭାଷଣ ପ୍ରଶିକ୍ଷଣର ଅଷ୍ଟମ ଦିବସ, ସ୍ଥାନ: ନୟାଗଡ଼ ରାମକୃଷ୍ଣ ଆଦର୍ଶ ଶିକ୍ଷାକେନ୍ଦ୍ର, ସମୟ: ପୂର୍ବାହ୍ନ ୧୦ଟା୩୦।
- ନୟାଗଡ଼ ବଣିକ ସଂଘ ପକ୍ଷରୁ ଗଜାନନଙ୍କ ପୂଜା ଅବସରରେ ସଂକୀର୍ତ୍ତନ ପରିବେଷଣ, ସ୍ଥାନ: ନୟାଗଡ଼ ବଜାର ଓଡଗାଁ ରୋଡ, ସମୟ: ମଧ୍ୟାହ୍ନ ୧୨ଟା।

### ରାୟଗଡ଼ା

- ସ୍ୱାୟତ୍ତ ଶାସନ ଦିବସ ଉପଲକ୍ଷେ ଗୁଣପୁର ପୌର ପରିଷଦ ପକ୍ଷରୁ ପଥୋତ୍ସବ, ସ୍ଥାନ: ନୂଆ ବସ୍‌ଷ୍ଟାଣ୍ଡ ଛକରୁ ବାଇପାସ୍ ଛକ, ଗୁଣପୁର ସମୟ: ସକାଳ ୭ଟା।
- ଜୋନାଲସ୍ତରୀୟ ଦୁଇଦିନିଆ ୱେଲନେସ୍ ଆଣ୍ଡ ହେଲଥ୍ ଇକ୍ୱିଟି କାର୍ଯ୍ୟକ୍ରମ, ସ୍ଥାନ: ମହିଳା ମହାବିଦ୍ୟାଳୟ, ରାୟଗଡ଼ା, ସମୟ: ପୂର୍ବାହ୍ନ ୧୧ଟା।

### ନବରଙ୍ଗପୁର

- ଭାରତୀ କଳା ନିକେତନ ପକ୍ଷରୁ ନାଟକ 'ପାନ୍ଥଶାଳାର ପଥିକ', ସ୍ଥାନ: ଉମରକୋଟ, କୋଣ୍ଡାଗାଁ ରୋଡ୍‌ସ୍ଥିତ କଲ୍ୟାଣ ମଣ୍ଡପ, ସମୟ: ସନ୍ଧ୍ୟା ୭ଟା।

### କୋରାପୁଟ

- ସ୍ୱାୟତ୍ତ ଶାସନ ଦିବସରେ କ୍ରୀଡ଼ା ଦିବସ ପାଳନ, ସ୍ଥାନ: ଦଶହରା ପଡ଼ିଆ, ସୁନାବେଡ଼ା-୧, ସମୟ: ପୂର୍ବାହ୍ନ ୧୦ଟା।
- କୃଷି ଜିଲା ଅଧିକାରୀ(ଏଡିଓ)ଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା, ସ୍ଥାନ: ନନ୍ଦପୁର କୃଷି ଜିଲା କାର୍ଯ୍ୟାଳୟ,ସମୟ: ମଧ୍ୟାହ୍ନ ୧୨ଟା।

### ସମ୍ବଲପୁର

- ଯୋଗ ପରିବାର ଆୟୋଜନରେ ନିଃଶୁଳ୍କ ଯୋଗ ଶିବିର, ସ୍ଥାନ: ହାୱା ମଇଦାନ ସ୍ଥିତ ଗାନ୍ଧୀ ପାର୍କ, ସମୟ: ସକାଳ ୬ଟା।
- ଜିଲା ପ୍ରଶାସନ ଆୟୋଜନରେ ପଥ ଉତ୍ସବ, ସ୍ଥାନ: ସମଲେଇ ମନ୍ଦିର ନିକଟସ୍ଥ ରିଭର ଭ୍ୟୁ, ସମୟ: ସକାଳ ୭ଟା।
- ଜିଲା ବାରିକ ସମାଜ ଆୟୋଜନରେ ପଦ୍ମଶ୍ରୀ ବିନୋଦ ପଶାୟତଙ୍କ ସ୍ମୃତିରେ ରକ୍ତଦାନ ଶିବିର, ସ୍ଥାନ: ଓଡ଼ିଶା ସାଂସ୍କୃତିକ ସମାଜ ଭବନ, ସମୟ: ପୂର୍ବାହ୍ନ ୧୦ଟା।
- ଦିବ୍ୟଜ୍ୟୋତି ଜାଗୃତି ସଂସ୍ଥାନ ଆୟୋଜିତ ଶାନ୍ତି କାର୍ଯ୍ୟକ୍ରମ, ସ୍ଥାନ: କ୍ଷେତରାଜପୁର ଦୁର୍ଗା ମଙ୍ଗଳମ, ସମୟ: ପୂର୍ବାହ୍ନ ୧୦ଟା।

### ରାଉରକେଲା

- ଯୁବ ସମାବେଶ ଓ ଯୁବ ରାଲି ଆୟୋଜନ, ସ୍ଥାନ: ଗୁଣ୍ଡିଚା ମନ୍ଦିରରୁ ଆମ୍ବାଗାନ ଭଞ୍ଜ ଭବନ, ସମୟ: ପୂର୍ବାହ୍ନ ୧୧ଟା।
- ଡେଙ୍ଗୁ ଓ ମ୍ୟାଲେରିଆ ସଚେତନତା ଶିବିର, ସ୍ଥାନ: କୁଷ୍ଠ କଲୋନି, ମାଲଗୋଦାମ, ସମୟ: ପୂର୍ବାହ୍ନ ୧୧ଟା।
- ଓଡ଼ିଶା ରାଜ୍ୟ ସମ୍ମିଳନୀର ଯୁବ ଶୋଭାଯାତ୍ରା, ସ୍ଥାନ: ସେକ୍ଟର-୫ ଗୁଣ୍ଡିଚା ମନ୍ଦିର ଆମ୍ବାଗାନ, ସମୟ: ମଧ୍ୟାହ୍ନ ୧୨ଟା।
- ଗଣେଶ ପୂଜାର ରଙ୍ଗାରଙ୍ଗ କାର୍ଯ୍ୟକ୍ରମ, ସେକ୍ଟର-୨ ଓଆର୍‌ଟିସି କଲୋନି, ସମୟ: ଅପରାହ୍ନ ୪ଟା।

### ବରଗଡ଼

- ଆକାଶବାଣୀ ଶ୍ରୋତାସଂଘର ନୂଆଁଖାଇ ଭେଟ୍‌ଘାଟ୍, ସ୍ଥାନ: ଶାରଦା କମ୍ପ୍ଲେକ୍ସ, ବରଗଡ଼, ସମୟ: ଅପରାହ୍ନ ୩ଟା ୩୦।

### କଳାହାଣ୍ଡି

- ଜାତୀୟ କ୍ରୀଡ଼ା ଦିବସ ଉପଲକ୍ଷେ ବ୍ୟାଡ୍‌ମିଣ୍ଟନ ପ୍ରତିଯୋଗିତା, ସ୍ଥାନ: ଭବାନୀପାଟଣା ବିଜୁ ପଟ୍ଟନାୟକ ଇଣ୍ଡୋର ଷ୍ଟାଡିୟମ, ସମୟ: ପୂର୍ବାହ୍ନ ୧୦ଟା।
- ନୂଆଁଖାଇ ଭେଟ୍‌ଘାଟ କାର୍ଯ୍ୟକ୍ରମ, ସ୍ଥାନ: ଜୁନାଗଡ଼ ବ୍ଲକ ନୂଆଗୁଡ଼ା, ସମୟ: ସନ୍ଧ୍ୟା ୬ଟା।

### ବୌଦ୍ଧ

- ଏନଏସିସ୍ତରୀୟ ଫୁଟବଲ ଟୁର୍ନାମେଣ୍ଟ ଷଷ୍ଠ ଦିବସ, ସ୍ଥାନ: ଜିଲା ଷ୍ଟାଡିୟମ, ବୌଦ୍ଧ, ସମୟ : ଅପରାହ୍ନ ୩ଟା

### ଦେବଗଡ଼

- ମା' କନକ ଦୁର୍ଗାଙ୍କ ସନ୍ଧ୍ୟା ଆଳତି, ସ୍ଥାନ: ମଠ ସାହି, ମା' କନକ ଦୁର୍ଗା ମନ୍ଦିର, ସମୟ: ସନ୍ଧ୍ୟା ୭ଟା।
- ସାର୍ବଜନୀନ ଗଣେଶ ମେଳା ଅବସରରେ ମେଲୋଡି କାର୍ଯ୍ୟକ୍ରମ, ସ୍ଥାନ: ଗୋପବନ୍ଧୁ ଛକସ୍ଥିତ ପୂଜା ପେଣ୍ଡାଲ, ସମୟ: ରାତି ୮ଟା।

### ସୁବର୍ଣ୍ଣପୁର

- ବିନିକାରେ ଏକଦ୍ୱିବସୀୟ ଫୁଟବଲ ଟୁର୍ନାମେଣ୍ଟ, ସ୍ଥାନ: ନୂଆପାଲି ଖେଳପଡ଼ିଆ, ସମୟ: ପୂର୍ବାହ୍ନ ୧୦ଟା।
- ତରଭା ଶନିଶ୍ଚର ମନ୍ଦିରରେ ମହାଆଳତୀ ଓ ଭଜନ କାର୍ଯ୍ୟକ୍ରମ, ସ୍ଥାନ: ଶନି ମନ୍ଦିର ପରିସର, ସମୟ: ସନ୍ଧ୍ୟା ୬ଟା।

### ନୂଆପଡ଼ା

- ବାରିକ ପରିବାରନର ନବାନ୍ନ ଭକ୍ଷଣ କାର୍ଯ୍ୟକ୍ରମ, ସ୍ଥାନ: ଖଡିଆଳ ବ୍ଲକ ଲକ୍ଷ୍ମୀପୁର ଗାଁ, ସମୟ: ପୂର୍ବାହ୍ନ ୧୦ଟା।
- ସାର୍ବଜନୀନ ଗଣେଶ ପୂଜା କମିଟି ତରବୋଡ ପକ୍ଷରୁ ଭଜନ ସନ୍ଧ୍ୟା, ସ୍ଥାନ: କୋମନା ବ୍ଲକ ତରବୋଡ଼ ବସ୍‌ଷ୍ଟାଣ୍ଡ, ସମୟ: ସନ୍ଧ୍ୟା ୭ଟା।

### ଝାରସୁଗୁଡ଼ା

- ଲଖନପୁରସ୍ଥିତ ମହିମା କଲେଜରେ ଶିକ୍ଷା ବିଭାଗ ପକ୍ଷରୁ ଦିନିକିଆ ଓରିଏଣ୍ଟେସନ କାର୍ଯ୍ୟକ୍ରମ, ସ୍ଥାନ: କଲେଜ ସଭାଗୃହ,ସମୟ: ସକାଳ ୮ଟା।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ପଦାଧିକାରୀଙ୍କ ପୃଷ୍ଠପୋଷକତାରୁ ଆଜି ଦୃଢ଼ ମନୋବଳ ନେଇ କାର୍ଯ୍ୟହାସଲ କରିବେ। ପାରିବାରିକ କ୍ଷେତ୍ରରେ ମନୋମାଳିନ୍ୟକୁ ଦୂରେଇ ନେବା ପାଇଁ ପ୍ରଯତ୍ନ କଲେ ଉପକୃତ ହେବେ। ବନ୍ଧୁଙ୍କ ମିଥ୍ୟାଭିଯୋଗରୁ କ୍ରୋଧାନ୍ୱିତ ହୋଇପାରନ୍ତି। ଯେଉଁଥିପାଇଁ ଚିନ୍ତା କରୁଥିଲେ ଆଜି ତାହା ବିଳମ୍ବରେ ପାଇବେ।

**ବୃଷ** ସମ୍ପର୍କୀୟଙ୍କ ସାହାଯ୍ୟ ଲାଭକରି ସ୍ଥଗିତ ରହିଯାଇଥିବା କାମ ସମ୍ପନ୍ନ କରିବେ। ନିର୍ମାଣ, କର୍ମାରମ୍ଭ, ଯୋଗାଯୋଗ, ଆନୁଷ୍ଠାନିକ କାମରେ ପ୍ରତିବନ୍ଧକ ରହିବ ନାହିଁ। ଆଲୋଚନା ପରିସରରେ ଆପଣ ଅନ୍ୟମାନଙ୍କ ମତକୁ ସମ୍ମାନ ଦେବା ସହ ପ୍ରଶଂସା ମଧ୍ୟ କରିବେ। ସରକାରୀ କ୍ଷେତ୍ରରୁ ଋଣ ଆଣିବା ସକାଶେ ମନସ୍ଥ କରିପାରନ୍ତି।

**ମିଥୁନ** ଶୁକ୍ରଙ୍କ ସୁପ୍ରଭାବରେ ସୁଖ ଲାଭ କରିବା ସହ ମାନସିକ ସ୍ତରରେ ଅସ୍ଥିରତା ଦୂର ହେବ। ପରୀକ୍ଷା, ଇଣ୍ଟରଭ୍ୟୁ, ସରକାରୀ ସ୍ତରରେ କାମ ହାସଲରେ ଅକୃତକାର୍ଯ୍ୟ ହେବା ଯୋଗୁ ବ୍ୟସ୍ତ ରହିବେ। ଋଣ ପରିଶୋଧ ପାଇଁ ଚାପର ବଶବର୍ତ୍ତୀ ହେବେ। ସାମାଜିକ, ଅର୍ଥନୈତିକ ତଥା ରାଜନୈତିକ କ୍ଷେତ୍ରରେ ନିଜର ପ୍ରାଧାନ୍ୟ ଅକ୍ଷୁଣ୍ଣ ରହିବ।

**କର୍କଟ** ଅନ୍ୟମନସ୍କଜନିତ ସତର୍କତା ଅଭାବରୁ ଅନ୍ୟ ପାଇଁ ନିଜେ ସମସ୍ୟାର କାରଣ ହୋଇପାରନ୍ତି। ସ୍ତ୍ରୀଙ୍କ ସ୍ୱାସ୍ଥ୍ୟହାନି କିମ୍ବା ମତପାର୍ଥକ୍ୟଜନିତ ବାକ୍‌ବିତଣ୍ଡା ସୃଷ୍ଟି ହେବ। ସ୍ୱାସ୍ଥ୍ୟ ପ୍ରତି ଧ୍ୟାନ ନ ଦେଲେ ପରେ ବହୁମୂଲ୍ୟ ଦେବାକୁ ପଡ଼ିପାରେ। କଳା, ସାହିତ୍ୟ, ସଙ୍ଗୀତ କ୍ଷେତ୍ରରେ ନିଜ ସାଧନାର କୃତି ଓ କୃତିତ୍ୱର ଅଧିକାରୀ ହୋଇପାରନ୍ତି।

**ସିଂହ** କର୍ମକ୍ଷେତ୍ରରେ ସହକର୍ମୀଙ୍କ ସାହାଯ୍ୟ ଓ ସହଯୋଗ ଲାଭକରି କାର୍ଯ୍ୟ ସାଧନ କରିବେ। ପାରିବାରିକ ଜୀବନରେ ଖଳଲୋକଙ୍କ କାନକୁହା କଥା ସୁଖ ସନ୍ତୋଷରେ ବାଧା ଉପୁଜାଇବ। ଗୁରୁତ୍ୱପୂର୍ଣ୍ଣ କାମ ନିର୍ଦ୍ଦିଷ୍ଟ ସମୟରେ ନ ହେବାରୁ ଅନ୍ୟ ଉପରେ ବିରକ୍ତ ହେବେ। ଯାତ୍ରା ସମୟରେ ବନ୍ଧୁଙ୍କୁ ପ୍ରତୀକ୍ଷା କରି ଅସନ୍ତୁଷ୍ଟ ହୋଇପାରନ୍ତି।

**କନ୍ୟା** ଆଜିର ଗ୍ରହଯୋଗ ପ୍ରଭାବରୁ କାର୍ଯ୍ୟ ହାସଲ ସହ ଆର୍ଥିକ ଉନ୍ନତି, ବନ୍ଧୁ ସମ୍ପର୍କ ଓ ପ୍ରତିଦ୍ୱନ୍ଦ୍ୱିତାରେ ବିଜୟଲାଭ କରାଇବ। କୌଣସି ପାରିବାରିକ କଥା ମନକୁ ଆଲୋଡିତ କରିପାରେ। ଅପ୍ରିୟ ସତ କଥା କହି ବନ୍ଧୁମହଲରେ ଅପମାନିତ ହୋଇପାରନ୍ତି। କଚେରି ମାମଲାର ଶୁଣାଣି ବିଳମ୍ବରେ ଘଟିବାଜନିତ ମନ ଉଦ୍‌ବେଗଯୁକ୍ତ ରହିବ।

**ତୁଳା** ପାରିବାରିକ ଜୀବନ ସୁଖଶାନ୍ତିରେ କଟିବା ସହ ନୂଆ କାମଟିଏ ଆରମ୍ଭ କରିବେ । କର୍ମକ୍ଷେତ୍ରରେ ପ୍ରତିକୂଳ ପରିସ୍ଥିତିର ଚାପ ଦୁଶ୍ଚିନ୍ତାର କାରଣ ହୋଇପାରେ। ଅନ୍ୟମାନଙ୍କର ଭୁଲ୍ ଧାରଣା ଯୋଗୁ ଭଲ କାମ କରି ମଧ୍ୟ ନିନ୍ଦା ଶୁଣିପାରନ୍ତି। ବନ୍ଧୁମାନଙ୍କ ସାହାଯ୍ୟ ଏବଂ ସହଯୋଗ ଫଳରେ ଆର୍ଥିକ ସ୍ଥିତିରେ ପରିବର୍ତ୍ତନ ଆସିପାରେ।

**ବିଛା** କାର୍ଯ୍ୟସିଦ୍ଧି ସହ ସ୍ୱାସ୍ଥ୍ୟରେ ଉନ୍ନତି ଘଟିବାର ଲକ୍ଷ୍ୟ କରି ଆଶ୍ୱସ୍ତି ଲାଭ କରିବେ। ସାମାଜିକ ସ୍ତରରେ ପାରିପାର୍ଶ୍ୱିକ ପରିସ୍ଥିତି ଭଲ ରହିବ। ଆକସ୍ମିକ ଭାବରେ କୌଣସି ସମସ୍ୟା ହେତୁ ନିର୍ମାଣାଧୀନ କାର୍ଯ୍ୟ ସ୍ଥଗିତ ରହିପାରେ। ଉପରିସ୍ଥଙ୍କ ଆଦେଶାନୁସାରେ କିମ୍ବା ଘରୋଇ କାମରେ ହେଉ ଆପଣଙ୍କୁ ଦୂରଯାତ୍ରା ପାଇଁ ପ୍ରସ୍ତୁତ କରିପାରନ୍ତି।

**ଧନୁ** ମତାନୈକ୍ୟ କାରଣରୁ କର୍ମକ୍ଷେତ୍ରରେ କିମ୍ବା ସଭାସମିତିରେ ଆଲୋଚନା ଅସମାପ୍ତ ରହିପାରେ। ପରୋକ୍ଷ ଶତ୍ରୁତାରୁ ଅପମାନଜନକ ସ୍ଥିତି ଉପୁଜିପାରେ। କଚେରି ମାମଲାର ଶୁଣାଣି ବିଳମ୍ବରେ ଘଟିବା କାରଣରୁ ମାନସିକ ଅସ୍ଥିରତା ସୃଷ୍ଟି ହେବ। କୌଣସି କ୍ଷେତ୍ରରେ ସାହାଯ୍ୟ ଓ ଅର୍ଥ ପାଇଁ ବନ୍ଧୁଙ୍କ ହାତକୁ ଚାହିଁ ବସିପାରନ୍ତି।

**ମକର** କର୍ମକ୍ଷେତ୍ରରେ ଅନ୍ୟମାନଙ୍କ ମତକୁ ସମ୍ମାନ ଦେଇ ପ୍ରଶଂସିତ ହେବେ। ଅଂଶୀଦାରଙ୍କ ସହ ବ୍ୟବସାୟରେ ମତାନ୍ତର ଦେଖାଦେଇପାରେ। ଆକସ୍ମିକ କୌଣସି ସମସ୍ୟାର ସମ୍ମୁଖୀନ ହେବା କାରଣରୁ ଗସ୍ତ କାର୍ଯ୍ୟକ୍ରମ ବାତିଲ ହେବାର ସୂଚନା ରହିଛି। ଅସାବଧାନତା କାରଣରୁ ହାତ କିମ୍ବା ଗୋଡ଼ରେ ଆଘାତ ଲାଗିପାରେ।

**କୁମ୍ଭ** ସ୍ଥଗିତ ରହିଯାଇଥିବା କେତେକ ପୁରୁଣା ବାକିଆ କାମ ଶେଷ କରିବାକୁ ବାଧ ହେବେ। ପ୍ରିୟଜନଙ୍କ ସାହାଯ୍ୟ ମାଧ୍ୟମରେ ଜମିଜମା ସମ୍ପର୍କୀୟ ବିବାଦର ଆଶୁ ସମାଧାନ ହୋଇଯିବ। ଯାନବାହନ, ନିର୍ମାଣ, ଶିଳ୍ପ, ବାଣିଜ୍ୟାଦିରେ ଶୁଭଫଳ ପାଇବେ। କଳା, ସାହିତ୍ୟ, କ୍ରୀଡ଼ା,ଚଳଚ୍ଚିତ୍ରାଦିରେ ସମସ୍ୟା ସମାଧାନ ହୋଇଯିବ।

**ମୀନ** ଅବିମୃଶ୍ୟକାରିତାରୁ ପ୍ରତ୍ୟେକ କ୍ଷେତ୍ରରେ ଆଗପଛ ବିଚାର ନ କରି କାମ କଲେ ଅପଦସ୍ଥ ହେବେ। ବନ୍ଧୁଙ୍କ ଅସଂଯତ କାର୍ଯ୍ୟକଳାପ ଆପଣଙ୍କ ସମସ୍ୟାକୁ ବଢ଼ାଇଦେବ। ଆଜି ଶିଳ୍ପ, ବାଣିଜ୍ୟ ଓ ପରିବହନ ମାନ୍ଦା ହେବ ନାହିଁ। ସାହିତ୍ୟ ଚର୍ଚ୍ଚା, ସାମ୍ବାଦିକତା, ସରକାରୀ କାମ ଏବଂ ସାଂଗଠନିକ କାର୍ଯ୍ୟ ନେଇ କାମର ଚାପ ବୃଦ୍ଧି ପାଇବ।

ଆଜି ଅଗଷ୍ଟ ୩୦ ତାରିଖ, ଲଘୁ ଉଦ୍ୟୋଗ ଦିବସ, ଭାଦ୍ରବ ଶୁକ୍ଳପକ୍ଷର ଲଳିତାସପ୍ତମୀ, ଶନିବାର, ଶ୍ରୀମନ୍ଦିରରେ କେକେଶୀବଧ ଲୀଳା, ରାଶିନକ୍ଷତ୍ର-ଦିବା ଘ.୦୨।୩୭ ମି. ପର୍ଯ୍ୟନ୍ତ ବିଶାଖା/ବିଛା, ସପ୍ତମୀର ଏକୋଦ୍ଦିଷ୍ଟ ଓ ପାର୍ବଣଶ୍ରାଦ୍ଧ, ଦିବା ଘ.୧୦।୧୩ ଗତେ ଘ.୦୧।୦୧ ମଧ୍ୟେ ଶୁଦ୍ଧ ଶୁଭ ବେଳା। ଦିବା ଘ.୦୮।୪୦ ଗତେ ଘ.୧୦।୧୩ମି. ମଧ୍ୟେ ରାହୁ କାଳ।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ହୋଇ ନାହିଁ କି ହେବ ନାହିଁ,
ଗାଁ ଦେଢ଼ଶୁର, ଗାଁ ଭାଇବୋହୂ
ମୁଣ୍ଡରେ ପଣତ ଦେଇନାହିଁ କି ଦେବନାହିଁ।**

ଝିଅଟି ଏକା ଗାଁର, ସେଇ ଗାଁରେ ବି ବାହାଘର। ଯେଉଁ ଲୋକକୁ ଝିଅଟି ପିଲାଦିନୁ ଦେଖିଛି ସେ ଏବେ ମାନ୍ୟତାରେ ଦେଢ଼ଶୁର। ଚଳଣି ଅନୁସାରେ ଦେଢ଼ଶୁରକୁ ଭାଇବୋହୂ କଥା କହି ନ ଥାଏ, ମୁହଁରେ ଓଢ଼ଣା ଦେଇଥାଏ। ଏପରିସ୍ଥଳେ ଆଗରୁ ଚିହ୍ନାପରିଚୟ ତଥା କଥାବାର୍ତ୍ତା ଥିବାରୁ ଆଉ ସେ ଝିଅ ପ୍ରଥାନୁସାରେ ଓଢ଼ଣା ଦେବାକୁ ସଙ୍କୋଚ କରୁଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ହାଣ୍ଡିରେ ଖାଏ,
ଗୋଡ଼ରେ ପଡ଼ିଲେ ଗାଧୋଇ ଯାଏ।**

ନିଜର ସଚ୍ଚୋଟତା ପରିପ୍ରକାଶ ନିମନ୍ତେ ଅନେକେ ମିଛ ଅଭିନୟ କରିଥାନ୍ତି। ନିଷ୍ଠାର ଛଳନା। ଅନ୍ୟାୟ ଏବଂ ଅସଙ୍ଗତିରେ ଲିପ୍ତ ରହୁଥିବା ବ୍ୟକ୍ତି ସାମାନ୍ୟ ଏକ ତ୍ରୁଟି ବା ବିଭ୍ରାଟ ପାଇଁ ବ୍ୟସ୍ତବିବ୍ରତ ହୋଇପଡୁଥିବା ଅର୍ଥରେ ଏଭଳି ବ୍ୟଙ୍ଗୋକ୍ତି ପ୍ରକାଶ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ - ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ



ଲୋକସେବା ଭବନରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଶୁକ୍ରବାର ଟାଟା ଷ୍ଟିଲ୍‌ର ପରିଚାଳନା ନିର୍ଦ୍ଦେଶକ ଟି.ଭି.ନରେନ୍ଦ୍ରନ୍ ଓ ତାଙ୍କ ସହଯୋଗୀମାନେ ସୌଜନ୍ୟମୂଳକ ସାକ୍ଷାତ୍ କରୁଛନ୍ତି।

# ଭସାଣି ବେଳେ ବ୍ଲେଡରେ ଆକ୍ରମଣ, ୨ ଆହତ

ବାଲେଶ୍ୱର, ୨୯।୮(ବାଞ୍ଛାନିଧି ଦେ)

ବାଲେଶ୍ୱରରେ ପ୍ରଥମ ପର୍ଯ୍ୟାୟ ଗଣେଶ ବିସର୍ଜନ ଶୁକ୍ରବାର ଆରମ୍ଭ ହୋଇଛି। ଭସାଣି ବେଳେ ପୂଜା କମିଟିଗୁଡିକ ପ୍ରଶାସନ ପକ୍ଷରୁ ଜାରି ହୋଇଥିବା ଶବ୍ଦ ପ୍ରଦୂଷଣ ନିୟମକୁ ଭଙ୍ଗ କରିବା ସହ ଡିଜେ ବ୍ୟବହାର କରିଛନ୍ତି। ଜିଲା ଆଇନଶୃଙ୍ଖଳା ପାଇଁ ସହରର ଦୁଇଟି ସ୍ଥାନରେ ଅଘଟଣ ଘଟିଛି। ରାତିରେ ଭସାଣି ଉତ୍ସବ ବେଳେ ସିଦ୍ଧି ବିନାୟକ ମନ୍ଦିର ନିକଟରେ ୨ ଗୋଷ୍ଠୀ ଭିତରେ ଉତ୍ତେଜନା ଦେଖାଯାଇଥିଲା। ସେମାନେ ପରସ୍ପର ଭିତରେ ବ୍ଲେଡ ମରାମରି ହୋଇଥିଲେ। ଏଥିରେ ୨ ଯୁବକ ଗୁରୁତର ହୋଇ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି ହୋଇଛନ୍ତି।

### ବିଦ୍ୟୁତ୍ ସଂସ୍ପର୍ଶରେ ଜଣେ ଗୁରୁତର

ସେହିଭଳି ମଣ୍ଡଳବଜାର ଅଞ୍ଚଳରେ ଭସାଣି ହେଉଥିବା ବେଳେ ଡିଜେ ଗାଡ଼ି ଉପରେ ଥିବା ଜଣେ ଯୁବକ ବିଦ୍ୟୁତ ତାର ସଂସ୍ପର୍ଶରେ ଆସି ଗୁରୁତର ହୋଇଛନ୍ତି। ଆହତ ଯୁବକଙ୍କ ନାମ ଚାନ୍ଦିପୁର ଥାନା ଆଲଦିଆ ଗ୍ରାମର ପରଦେଶୀ ସିଂ । ତାଙ୍କୁ ପ୍ରଥମେ ଜିଲା ମୁଖ୍ୟ ଚିକିତ୍ସାଳୟ ଓ ପରେ କଟକ ଏସ୍‌ସିବିକୁ ସ୍ଥାନାନ୍ତର କରାଯାଇଛି। ପୋଲିସ ପକ୍ଷରୁ ତଦନ୍ତ ଜାରି ରହିଛି ।

## ପ୍ରଥମ ପୃଷ୍ଠାରୁ...

### ୧ ଡଲାର...

ଟଙ୍କା ମଧ୍ୟ ଏଥିରୁ ବର୍ତ୍ତିପାରିନାହିଁ। ଶୁକ୍ରବାର ସେସନ୍‌ରେ ଡଲାର ତୁଳନାରେ ଟଙ୍କା ସର୍ବନିମ୍ନ ୮୮.୩୦୭୫ ସ୍ତରକୁ ଖସିଥିଲା। କାରବାର ଶେଷରେ ଏହା ୮୮.୧୯୫୦ ଟଙ୍କାରେ ସ୍ଥିର ରହିଥିଲା। ଆମେରିକାର ଉଚ୍ଚ ଟାରିଫ୍ ଯୋଗୁ ଭାରତୀୟ ପୁଞ୍ଜିବଜାର ମଧ୍ୟ ପ୍ରଭାବିତ ହୋଇଛି। ବିଏସ୍‌ଇ ସେନ୍‌ସେକ୍ସ ୨୭୦.୯୨ ପଏଣ୍ଟ (୦.୩୪%) ହ୍ରାସ ପାଇ ୭୯,୮୦୯.୬୫କୁ ଖସିଥିବାବେଳେ ନିଫ୍ଟି ଫିଫ୍ଟି ୭୪.୦୫ ପଏଣ୍ଟ (୦.୩୦%) ନିମ୍ନଗାମୀ ହୋଇ ୨୪,୪୨୬.୮୫ରେ ସେଟେଲ୍ ହୋଇଛି। ସେଲିଂ ଚାପ ଯୋଗୁ ଟ୍ରେଡ୍‌ର ଶେଷ ଆଡ଼କୁ ଦୁଇଟି ଯାକ ସୂଚକାଙ୍କ ଦିନର ସର୍ବନିମ୍ନ ସ୍ତରକୁ ଚାଲିଆସିଥିଲା। ଟ୍ରମ୍ପଙ୍କ ଟାରିଫ୍‌ର ସମ୍ପୂର୍ଣ୍ଣ ପ୍ରଭାବକୁ ବଜାର ହଜମ କରିବାକୁ ଉଦ୍ୟମ କରିଥିବାବେଳେ ନିବେଶକଙ୍କ ସେଣ୍ଟିମେଣ୍ଟ ସତର୍କତାପୂର୍ଣ୍ଣ ରହିଛି। ଏହି ସ୍ଥିତି ଜାରି ରହିଲେ ଭବିଷ୍ୟତରେ ଭାରତୀୟ ରପ୍ତାନି ଆହୁରି ପ୍ରଭାବିତ ହେବ। ବିଦେଶୀ ସଂସ୍ଥାଗତ ନିବେଶକ (ଏଫ୍‌ଆଇଆଇ) ମଧ୍ୟ ଭାରତୀୟ ଶେୟାର ମାର୍କେଟରୁ ପୁଞ୍ଜି ପ୍ରତ୍ୟାହାର କରିନେବେ। ଫଳରେ ଟଙ୍କା ଆଗକୁ ଅଧିକ ଦୁର୍ବଳ ହେବା ଆଶଙ୍କା ଦେଖାଦେଇଛି ବୋଲି ଜିଓଜିତ୍ ଇନ୍‌ଭେଷ୍ଟମେଣ୍ଟ ଲିମିଟେଡ୍‌ର ରିସର୍ଚ୍ଚ ହେଡ୍ ବିନୋଦ ନାୟାର କହିଛନ୍ତି। ସେହିପରି ଏଲ୍‌କେପି ସିକ୍ୟୁରିଟିଜ୍‌ର କମୋଡିଟି ଆଣ୍ଡ କରେନ୍ସି ବରିଷ୍ଠ ବିଶ୍ଳେଷକ ଜତିନ୍ ତ୍ରିବେଦୀଙ୍କ ମତରେ ଇତିହାସରେ ପ୍ରଥମ ଥର ପାଇଁ ଟଙ୍କା ସାଇକୋଲୋଜିକାଲ୍ ମାର୍କ ୮୮କୁ ଅତିକ୍ରମ କରିଥିବାରୁ ଭାରତୀୟ ମୁଦ୍ରା ଲାଗି ସଙ୍କଟ ଉପୁଜିଛି। ଆମେରିକା ଭାରତୀୟ ଉତ୍ପାଦଗୁଡ଼ିକ ଉପରେ ୫୦% ଟାରିଫ୍ କଷିଥିବାରୁ ଏହାର ଚାପରେ ବିତ୍ତୀୟ ନିଅଣ୍ଟ ବଢ଼ିଯିବ।

ପୁଞ୍ଜି ବଜାରରେ କେବଳ ଅଗଷ୍ଟ ମାସରେ ଏଫ୍‌ଆଇଆଇ ରେକର୍ଡ ପରିମାଣ ମୋଟ୍ ୩୮,୫୯୦.୨୬ କୋଟି ଟଙ୍କାର ସେଲିଂ କରିଥିବା କୋଟାକ୍ ସିକ୍ୟୁରିଟିଜ୍ ଇକ୍ୱିଟି ରିସର୍ଚ୍ଚ ହେଡ୍ ଶ୍ରୀକାନ୍ତ ଚୌହାନ୍ ସୂଚନା ଦେଇଛନ୍ତି। ସେହିପରି ଏଏନ୍‌ଜେଡ୍ ବ୍ୟାଙ୍କ ଏଫ୍‌ଏକ୍ସ ଷ୍ଟ୍ରାଟେଜିଷ୍ଟ ଧୀରଜ ନିମ୍ କହିଛନ୍ତି, ଆମେରିକାର ଟାରିଫ୍ ଭାରତର ବାଲାନ୍ସ ଅଫ୍ ପେମେଣ୍ଟ ଚାପକୁ ଆହୁରି ବଢ଼ାଇଦେବା ସହ ଆର୍ଥିକ ଆଗମନ ସ୍ରୋତକୁ ଦୁର୍ବଳ କରିଦେବ। ଏଭଳି ସ୍ଥିତିରେ ଡଲାର ତୁଳନାରେ ଟଙ୍କା ଆହୁରି ଦୁର୍ବଳ ହୋଇପାରେ। ଭାରତୀୟ ରିଜର୍ଭ ବ୍ୟାଙ୍କ (ଆର୍‌ବିଆଇ) ଏହାର ସଦ୍ୟତମ ବୁଲେଟିନ୍‌ରେ କହିଛି, ଆମେରିକାର ବାଣିଜ୍ୟ ନୀତିକୁ ନେଇ ଭାରତୀୟ ବଜାରରେ ଲାଗିରହିଥିବା ଅନିଶ୍ଚିତତା ଘରୋଇ ଚାହିଦା ପାଇଁ ରିସ୍କ ସୃଷ୍ଟି କରିଛି।

ଇତିମଧ୍ୟରେ କେନ୍ଦ୍ର ବାଣିଜ୍ୟ ମନ୍ତ୍ରୀ ପୀୟୂଷ ଗୋୟଲ ଶୁକ୍ରବାର କହିଛନ୍ତି, ୱାଶିଂଟନ୍ ସହ ଟ୍ରେଡ୍ ଡିଲ୍ ପାଇଁ ନୂଆଦିଲ୍ଲୀ ଦ୍ୱିପାକ୍ଷିକ ଆଲୋଚନା ଜାରି ରଖିଛି। ଭାରତୀୟ ସାମଗ୍ରୀ ଉପରେ ଆମେରିକା ଲଗାଇଥିବା ୫୦% ଟାରିଫ୍ ଦେଶର ଅର୍ଥନୀତିକୁ ବିଶେଷ ପ୍ରଭାବିତ କରିବ ନାହିଁ। ଯଦି କେହି ଏକ ଉତ୍ତମ ମୁକ୍ତ ବାଣିଜ୍ୟ ଚୁକ୍ତି ଚାହୁଁଥାଆନ୍ତି ଆମେ ସଦାବେଳେ ପ୍ରସ୍ତୁତ ରହିବୁ। କିନ୍ତୁ ଯଦି କେହି ଭେଦଭାବ କରନ୍ତି, ତେବେ ଆମେ କେବେ ହେଲେ ମୁଣ୍ଡ ନୁଆଇବୁ ନାହିଁ ବୋଲି ଗୋୟଲ କହିଛନ୍ତି। ଉଲ୍ଲେଖଯୋଗ୍ୟ, ଭାରତ ଓ ଆମେରିକା ଗତ ମାର୍ଚ୍ଚରୁ ଅଦ୍ୟାବଧି ୫ଟି ପର୍ଯ୍ୟାୟରେ ଡିଲ୍ ପାଇଁ ଆଲୋଚନା କରିଥିବାବେଳେ ଟ୍ରମ୍ପଙ୍କ ଟାରିଫ୍ ଯୋଗୁ ଅଗଷ୍ଟ ୨୫ରେ ହେବାକୁ ଥିବା ପରବର୍ତ୍ତୀ ପର୍ଯ୍ୟାୟ ଆଲୋଚନା ହୋଇପାରି ନାହିଁ। ଷଷ୍ଠ ପର୍ଯ୍ୟାୟ ଆଲୋଚନା ପାଇଁ ତାରିଖ ଧାର୍ଯ୍ୟ ହୋଇନାହିଁ। ଏଭଳି ସ୍ଥିତିରେ ଅନିଶ୍ଚିତତା ଲମ୍ବିଚାଲିବା ଆଶଙ୍କା ଉପୁଜିଛି।



ଶୁକ୍ରବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

## ମାଡ଼ିଗଲା ଟ୍ରକ୍: ଯୁବକ ମୃତ

ଧରାକୋଟ,୨୯।୮ (ବିଷ୍ଣୁକେଶରୀ ଆଚାର୍ଯ୍ୟ): ଗଞ୍ଜାମ ଜିଲା ଧରାକୋଟ ଥାନା ଅନ୍ତର୍ଗତ ଡ଼ଗାଁ ଛକରେ ଶୁକ୍ରବାର ଭୋର୍‌ରେ ବେପରୁଆ ଗାଡ଼ି ଚାଳନା ଯୋଗୁ ଟ୍ରକ୍ ମାଡ଼ିଯାଇ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଡଡଗାଁ ଗ୍ରାମର ବସନ୍ତ ପରିଡ଼ା (୪୮)। ବସନ୍ତଙ୍କ ଉପରେ ଟ୍ରକ୍ ମାଡ଼ିଯିବା ପରେ କିଛି ଦୂରରେ ଥିବା ଗୋଟିଏ ଦୋକାନ, ଜଣେ ବ୍ୟକ୍ତିଙ୍କ ଘର ଓ ଗୋଟିଏ ବାଇକ୍ ଓ ସାଇକେଲ ଉପରେ ମଧ୍ୟ ଚାଳକ ଗାଡ଼ି ଚଢ଼ାଇ ଦେଇ ଚମ୍ପଟ ମାରୁଥିଲେ। ଗାଁ ଲୋକେ ତାଙ୍କୁ କାବୁ କରି ପୋଲିସ ଜିମା ଦେଇଛନ୍ତି। ପୋଲିସ ତାଙ୍କୁ ଗିରଫ କରି ତଦନ୍ତ ଚଳାଇଛି। ଗିରଫ ଚାଳକ ହେଲେ ସନ୍ତୋଷ କୁମାର ପରିଡ଼ା। ଅଧିକ ଭାଙ୍ଗ ସେବନରୁ ଏପରି ଅଘଟଣ ଘଟିଲା ବୋଲି ସନ୍ତୋଷ ସ୍ୱୀକାର କରିଛନ୍ତି।

# ‘ବରିଷ୍ଠ ଦେଖାଇ ହେଉଛ, ଏଇଠି ବସ’

### ତାତିଲେ ଛାତ୍ର, ଯୁବ ବିଜେଡି ନେତା

ଭୁବନେଶ୍ୱର,୨୯।୮ (ସୁନିତ୍ ମିଶ୍ର)

ବରିଷ୍ଠମାନଙ୍କ ପରେ ଏବେ ବିଜେଡିରେ ଯୁବ ଓ ଛାତ୍ର ସଭାପତି ଚୟନକୁ ନେଇ ଦଳର ଛାମୁଆ ସଙ୍ଗଠନରେ ଅସନ୍ତୋଷ ତୀବ୍ରରୂପ ଧାରଣ କରିଛି। ଛାତ୍ର ସଭାପତି ଚୟନକୁ ନେଇ ଛାତ୍ରନେତାମାନଙ୍କ ମେଳି ଶୁକ୍ରବାର ସକାଳେ ସ୍ଥାନୀୟ ଏକ ମଣ୍ଡପରେ ଦେଖିବାକୁ ମିଳିଥିବା ବେଳେ ସନ୍ଧ୍ୟାରେ ଶଙ୍ଖଭବନରେ ଯୁବନେତାମାନେ ବରିଷ୍ଠଙ୍କୁ ଘେରିଛନ୍ତି। ସୂଚନା ମୁତାବକ, ଗତ ମଙ୍ଗଳବାର ବିଜେଡି ସଭାପତି ନବୀନ ପଟ୍ଟନାୟକ ଛାତ୍ର ସଭାପତି ଭାବେ ଇପ୍ସିତା ସାହୁଙ୍କ ନାମ ଘୋଷଣା କରିଥିଲେ। ଏହାକୁ ଦଳର ଅନେକ ଛାତ୍ରନେତା ଗ୍ରହଣ କରିପାରିନାହାନ୍ତି। ଏହି ବିଷୟକୁ କେନ୍ଦ୍ରକରି ବହୁ ଛାତ୍ରନେତା ଖଣ୍ଡଗିରି ପାଖ ଏକ ମଣ୍ଡପରେ ଶୁକ୍ରବାର ଏକାଠି ହୋଇଥିଲେ। ଯେଉଁମାନଙ୍କର ଦଳରେ କୌଣସି ଅବଦାନ ନାହିଁ, ସେମାନଙ୍କୁ କାହିଁକି ପଦପଦବୀ ଦିଆଗଲା ବୋଲି ବୈଠକରେ ଆଲୋଚନା ହୋଇଥିଲା। ଯଦି ନିଷ୍ପତ୍ତିର ପୁନର୍ବିଚାର କରା ନ ଯାଏ ତେବେ ଆଗକୁ କୌଣସି କଲେଜ, ବିଶ୍ୱବିଦ୍ୟାଳୟ ଏବଂ ଆନ୍ଦୋଳନରେ ଛାତ୍ରନେତାମାନେ ସହଯୋଗ କରିବେ ନାହିଁ ବୋଲି ନିଷ୍ପତ୍ତି ହୋଇଥିଲା। ଏହାପରେ ବୈଠକ କରିଥିବା ଛାତ୍ରନେତାମାନେ ଦଳର ବରିଷ୍ଠ ନେତା ସଞ୍ଜୟ ଦାସବର୍ମାଙ୍କୁ ତାଙ୍କ ବାସଭବନରେ ଭେଟି ନିଜର ଅସନ୍ତୋଷ ଜଣାଇଥିଲେ। ସଞ୍ଜୟ ଏ ବିଷୟରେ ଦଳର ସଭାପତିଙ୍କ ସହ ଆଲୋଚନାକରି ଜଣାଇବେ ବୋଲି କହିଥିଲେ। ଉଲ୍ଲେଖଯୋଗ୍ୟ, ‘ବରିଷ୍ଠ’ ସାଜୁଥିବା ଅଧିକାଂଶ ବିଜୁ ଜନତା ଦଳର ନେତା, ଯେଉଁମାନେ ବିଜେଡିରେ ମଙ୍ଗ ଧରିଛନ୍ତି ବୋଲି କହୁଛନ୍ତି, ସେମାନେ କେହି ଗତ ବିଧାନସଭା ନିର୍ବାଚନରେ ଜିତିପାରିନାହାନ୍ତି। ସେହି ତଥାକଥିତ ବରିଷ୍ଠ ନେତାମାନଙ୍କୁ ଛାତ୍ର ନେତାମାନେ ଶନିବାର ଭେଟି ନୂଆ ସଭାପତି ଚୟନ ଉପରେ ପ୍ରଶ୍ନ କରିବେ ବୋଲି ଜଣାପଡ଼ିଛି।

ଛାତ୍ର ନେତାମାନଙ୍କ ଏହି ଆଲୋଚନା ପରେ ଦଳର ଯୁବ ନେତାମାନଙ୍କ ଅସନ୍ତୋଷ ଦାନା ବାନ୍ଧିଥିଲା। ଯୁବ ନେତାମାନେ ଶଙ୍ଖ ଭବନରେ ପଶି କାହା ଇଙ୍ଗିତରେ ଏଭଳି ନିଷ୍ପତ୍ତି ହୋଇଛି ବୋଲି ପ୍ରଶ୍ନ ଉଠାଇଥିଲେ। ଏହାପରେ ଦଳର ବରିଷ୍ଠ ନେତା ଦେବୀପ୍ରସାଦ ମିଶ୍ର ଅସନ୍ତୁଷ୍ଟ ଯୁବ ନେତାମାନଙ୍କୁ ଡାକି ବୈଠକ କରିଥିଲେ। ବୈଠକରେ ଯୁବ ନେତାମାନେ ପ୍ରବଳ ହଙ୍ଗାମା କରିଥିଲେ। ସନ୍ଧ୍ୟା ସାଢେ ୭ଟାରୁ ଯୁବ ନେତାମାନେ ପ୍ରାୟ ରାତି ୧୦ଟା ୩୦ ପର୍ଯ୍ୟନ୍ତ ସଭାପତି ଚୟନ ନିଷ୍ପତ୍ତି ନେଇ ଯୁକ୍ତିତର୍କ କରିଚାଲିଥିଲେ। ଏହି ସମୟରେ ଦେବୀ ମିଶ୍ର ଉକ୍ତ ନିଷ୍ପତ୍ତି ସମ୍ପର୍କରେ ଜାଣି ନ ଥିବା କଥା କହିଥିଲେ। ଯୁବ ନେତାମାନେ ଏହି ଉତ୍ତର ଶୁଣି ଉତ୍କ୍ଷିପ୍ତ ହେବା ସହ ଯଦି ନିଷ୍ପତ୍ତି ସମ୍ପର୍କରେ ଜାଣିନ ତେବେ କାହିଁକି ଏଠି ବସିଛ ବୋଲି ପାଲଟା ପ୍ରଶ୍ନ କରିଥିଲେ। ନିଷ୍ପତ୍ତି ପରିବର୍ତ୍ତନ ନ ହେଲେ କେହି ଦଳ ସହିତ ଆଉ ରହିବେ ନାହିଁ ବୋଲି ଯୁବ ନେତାମାନେ ସିଧାସଳଖ ଶୁଣାଇ ଦେଇଛନ୍ତି। ସବୁ ବରିଷ୍ଠ ନେତାଙ୍କୁ ଡାକ, ଏକଥା ଉପରେ ଯଦି କିଛି ଚୂଡ଼ାନ୍ତ ନ ହୁଏ, ତେବେ ଏଠାରୁ ଯିବୁ ନାହିଁ ବୋଲି କହି ସେମାନେ ଚେତାବନୀ ଦେଇଥିଲେ। କିଏ ବିଜେଡି ଯୁବ ଓ ଛାତ୍ର ସଭାପତି ଚୟନ କରିଛନ୍ତି, ଏନେଇ କିଏ ନିଷ୍ପତ୍ତି ନେଇଛନ୍ତି ତାଙ୍କୁ ଏଠିକି ଡକା ନ ହେଲେ ଛଡ଼ାଯିବ ନାହିଁ ବୋଲି ମଧ୍ୟ ସେମାନେ ଦେବୀ ମିଶ୍ରଙ୍କୁ କହିଥିଲେ। ଦଳର ନିଷ୍ପତ୍ତି ନବୀନ ନିଅନ୍ତି ବୋଲି ଦେବୀ କହିବାରୁ ଆମମାନଙ୍କୁ ଦଳର ସଭାପତିଙ୍କ ପାଖକୁ ନେଇକି ଚାଲ ବୋଲି ସେମାନେ କହିଥିଲେ। ଏହି ଖବର ଛପାହେବା ପର୍ଯ୍ୟନ୍ତ ପରିସ୍ଥିତି ଅମୀମାଂସିତ ଥିବା କେତେଜଣ ଯୁବନେତା ଖବର ଦେଇଛନ୍ତି।

# ପିକ୍‌ଅପ୍ ଭ୍ୟାନ୍-ବାଇକ୍ ଧକ୍କା, ୨ ଯୁବକଙ୍କ ମୃତ୍ୟୁ



ଉତ୍ତ୍ୟକ୍ତ ଲୋକଙ୍କୁ ସାନଖେମୁଣ୍ଡି ବିଧାୟକ ବୁଝାଶୁଝା କରୁଛନ୍ତି।

ବ୍ରହ୍ମପୁର,୨୯।୮ (ସୁବାସ ଚନ୍ଦ୍ର ପାଢ଼ୀ)

ବ୍ରହ୍ମପୁର ସଦର ଥାନା ଅନ୍ତର୍ଗତ ବାଇଗଣବାଡ଼ି ଛକରେ ଶୁକ୍ରବାର ମଧ୍ୟାହ୍ନରେ ପିକ୍‌ଅପ୍ ଭ୍ୟାନ୍ ଓ ବାଇକ୍ ଧକ୍କା ହେବାରୁ ୨ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତକମାନେ ହେଲେ ପାଟପୁର ଥାନା ଅନ୍ତର୍ଗତ ଖଲିଙ୍ଗି ଗ୍ରାମର କର୍ଣ୍ଣ ସେଠୀ (୫୫) ଓ ସନାତନ ସୁଆଁସିଆ (୪୦)। ଉଭୟେ ବାଇକ୍‌ରେ ବ୍ରହ୍ମପୁରରୁ ଗ୍ରାମକୁ ଫେରୁଥିବା ବେଳେ ପିକ୍‌ଅପ୍ ଭ୍ୟାନ ଧକ୍କା ଦେଇଥିଲା। ସେମାନଙ୍କ ମୁଣ୍ଡରେ ଆଘାତ ଲାଗିବା ସହ ପ୍ରଚୁର ରକ୍ତସ୍ରାବ ହୋଇ ଘଟଣାସ୍ଥଳରେ ମୃତ୍ୟୁ ଘଟିଥିଲା। ଦୀର୍ଘ ସମୟ ରାସ୍ତା ଉପରେ ମୃତଦେହ ପଡ଼ି ରହିବାରୁ ସ୍ଥାନୀୟ ଲୋକେ ରାସ୍ତାରୋକୋ କରିଥିଲେ।

### କ୍ଷତିପୂରଣ ଦାବିରେ ରାସ୍ତାରୋକୋ

ମୃତକମାନଙ୍କ ପରିବାରଙ୍କୁ ଆର୍ଥିକ ସହାୟତା ଓ ସେଠାରେ ବାରମ୍ବାର ଦୁର୍ଘଟଣା ଘଟୁଥିବାରୁ ରାସ୍ତାରେ ଡିଭାଇଡର୍ କରିବାକୁ ଦାବି କରିଥିଲେ। ପୋଲିସ ପହଞ୍ଚି ଆନ୍ଦୋଳନକାରୀଙ୍କୁ ବୁଝାଶୁଝା କରିଥିଲା। ତଥାପି ଲୋକେ ବୁଝି ନ ଥିଲେ। ସାନଖେମୁଣ୍ଡି ବିଧାୟକ ରମେଶ ଜେନା ପହଞ୍ଚି ସ୍ଥିତି ଯାଞ୍ଚ କରିବା ସହ ଲୋକମାନଙ୍କ ସହିତ ଆଲୋଚନା କରି ରାସ୍ତାରୋକୋରୁ ଓହରି ଯିବାକୁ ଅନୁରୋଧ କରିଥିଲେ। ରାସ୍ତାରୋକୋ ହଟିବା ପରେ ଯାତାୟାତ ସ୍ୱାଭାବିକ ହୋଇଥିଲା। ପୋଲିସ ମୃତଦେହ ଦୁଇଟିକୁ ଜବତ କରି ବ୍ୟବଚ୍ଛେଦ ପାଇଁ ଏମ୍‌କେସିଜି ମେଡିକାଲ ପଠାଇଛି। ଦୁର୍ଘଟଣାଗ୍ରସ୍ତ ପିକ୍‌ଅପ୍ ଭ୍ୟାନ୍ ଓ ବାଇକ୍ ଜବତ କରିଛି। ବେପରୁଆ ଗାଡ଼ି ଚାଳନା ଯୋଗୁ ଦୁର୍ଘଟଣା ଘଟିଥିବା ସନ୍ଦେହ କରାଯାଉଛି।

# ଆଇଜଲ୍‌କୁ ପ୍ରଥମ ରେଳ ସଂଯୋଗ

ଭୁବନେଶ୍ୱର,୨୯।୮ (ସୁନିତ୍ ମିଶ୍ର)



ଦେଶର ଦ୍ୱିତୀୟ ସର୍ବବୃହତ ‘୧୯୬ ନଂ. ବ୍ରିଜ୍’

ମିଜୋରାମର ରାଜଧାନୀ ଆଇଜଲ୍। ଦେଶ ସ୍ୱାଧୀନ ହେବାର ପ୍ରାୟ ୭୮ ବର୍ଷ ପୂରଣ ହୋଇସାରିଥିଲେ ସୁଦ୍ଧା ଏହି ଅଞ୍ଚଳକୁ ଏପର୍ଯ୍ୟନ୍ତ ରେଳଲାଇନ ସଂଯୋଗ କରାଯାଇପାରି ନ ଥିଲା। ଏହି ରେଳ ସ୍ୱପ୍ନ ପ୍ରଥମ ଥର ଲାଗି ସଫଳ ହେବାକୁ ଯାଉଛି। ମିଜୋରାମର ବୈରବୀ ପର୍ଯ୍ୟନ୍ତ ପୂର୍ବରୁ ରେଳ ସଂଯୋଗ ହୋଇଥିଲା। ହେଲେ ଏହା ଆଇଜଲ୍‌କୁ ସଂଯୋଗ କରି ନ ଥିଲା। ମାତ୍ର ରେଳ ମନ୍ତ୍ରଣାଳୟ ପକ୍ଷରୁ ଏଭଳି ଏକ କଠିନ କାର୍ଯ୍ୟକୁ ସଫଳତାର ସହ ପୂର୍ଣ୍ଣାଙ୍ଗ ରୂପରେଖ ଦିଆଯାଇଛି। ୧୨ ବର୍ଷର କଠିନ ପରିଶ୍ରମ ଦ୍ୱାରା ରେଳ ମନ୍ତ୍ରଣାଳୟ ବୈରବୀରୁ ସାଇରଙ୍ଗ୍ ପର୍ଯ୍ୟନ୍ତ ୫୧.୩୮ କିଲୋମିଟର ରେଳ ଲାଇନ କାର୍ଯ୍ୟ ସମ୍ପୂର୍ଣ୍ଣ କରିଛି। ଏହାଫଳରେ ଆଇଜଲ୍‌ବାସୀଙ୍କ ପାଇଁ ଖୁସିର ବାତାବରଣ ସୃଷ୍ଟି କରିଛି। ସ୍ଥାନୀୟ ଲୋକମାନଙ୍କୁ ଏଣିକି ରେଳ ଯୋଗେ ପଡ଼ୋଶୀ ରାଜ୍ୟକୁ ଯିବା ଆସିବାଠାରୁ ଆରମ୍ଭକରି ବ୍ୟବସାୟ କରିବା ଭଳି ସବୁ କ୍ଷେତ୍ରରେ ଲାଭ ମିଳିପାରିବ।

ଆଇଜଲ୍ ସହର ପାହାଡ଼ର ଉପରଦେଶରେ ଅବସ୍ଥିତ। ଏହି ଅଞ୍ଚଳବାସୀ ସବୁ ସମୟରେ ଭୂସ୍ଖଳନ ଭୟରେ ରହିଥାଆନ୍ତି। ଅନେକ ସମୟରେ ଭୂସ୍ଖଳନ ଯୋଗୁ ଏମାନଙ୍କ ଯାତାୟାତରେ ମଧ୍ୟ ସମସ୍ୟା ସୃଷ୍ଟି ହୋଇଥାଏ। ହେଲେ ଆଇଜଲ୍‌ଠାରୁ ୨୮ କିଲୋମିଟର ଦୂର ସାଇରଙ୍ଗ୍‌ଠାରେ ରେଳ ମନ୍ତ୍ରଣାଳୟ ନୂଆ ରେଳ ଷ୍ଟେଶନ କରିଛି। ଏଠାରୁ ପାହାଡ଼ କାଟି ରେଳଲାଇନ ପ୍ରତିଷ୍ଠା କରାଯାଇଛି। ପ୍ରକଳ୍ପର ମୁଖ୍ୟ କାର୍ଯ୍ୟ ଗତ ୪ ବର୍ଷ ମଧ୍ୟରେ କରାଯାଇଛି। ସାଇରଙ୍ଗ୍‌ଠାରୁ ବୈରବୀ ମଧ୍ୟରେ ୩ଟି ଷ୍ଟେଶନ ରହିଛି। ସେଗୁଡ଼ିକ ହେଉଛି ମୁଆଲଖାଙ୍ଗ, କୌନପଲ ଏବଂ ହରତୋକି ଷ୍ଟେଶନ। ଏହି ରେଳଲାଇନ ଆସାମର ସିଲ୍‌ଚର ପର୍ଯ୍ୟନ୍ତ ଯିବା ଆସିବା କରିବାର ବାଟ ଫିଟାଇଦେଇଛି। ଉକ୍ତ ରେଳ ପ୍ରକଳ୍ପ ପାଇଁ ମୋଟ୍ ୫୦୨୧.୪୫ କୋଟି ଟଙ୍କା ଖର୍ଚ୍ଚ ହୋଇଛି। ନୂଆ ରେଳଲାଇନ ମଧ୍ୟରେ ମୋଟ୍ ୪୮ ଟନେଲ, ୫୫ ବଡ଼ ବ୍ରିଜ୍, ୮୭ ଛୋଟ ବ୍ରିଜ୍, ୫ଟି ରୋଡ୍ ଓଭରବ୍ରିଜ୍, ୬ଟି ରୋଡ୍ ଅଣ୍ଡର ବ୍ରିଜ୍ ରହିଛି। ଏହିସବୁ ଭିତରୁ ୧୯୬ ନମ୍ବର ବ୍ରିଜ୍ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ। ଏହି ବ୍ରିଜ୍‌ର ଉଚ୍ଚତା ୧୧୪ ମିଟର ହୋଇଥିବା ବେଳେ ଏହାର ଲମ୍ବ ୪୨ ମିଟର ରହିଛି। ୧୯୬ ନମ୍ବର ବ୍ରିଜ୍ ଦେଶର ଦ୍ୱିତୀୟ ସର୍ବବୃହତ୍ ରେଲୱେ ବ୍ରିଜ୍।

୨୦୧୪ ନଭେମ୍ବର ୨୯ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ବୈରବୀରୁ ସାଇରଙ୍ଗ୍ ପର୍ଯ୍ୟନ୍ତ ନୂଆ ରେଳଲାଇନ ପ୍ରତିଷ୍ଠା କରିବାକୁ ମାଲିଗାଁଓ ସ୍ଥିତ ରେଳ ଷ୍ଟାଡିୟମରେ ଘୋଷଣା କରିଥିଲେ। ୨୦୧୬ ମେ ୨୭ରେ ଭିସି ଜରିଆରେ ବୈରବୀରୁ ସିଲ୍‌ଚର ପର୍ଯ୍ୟନ୍ତ ଏକ ପାସେଞ୍ଜର ଟ୍ରେନ୍‌ର ଶୁଭାରମ୍ଭ କରିଥିଲେ। ଏବେ ବୈରବୀଠାରୁ ସାଇରଙ୍ଗ୍ ପର୍ଯ୍ୟନ୍ତ ରେଳଲାଇନ ସଂଯୋଗ ଆଇଜଲ୍‌ବାସୀଙ୍କ ପାଇଁ ଏକ ବଡ଼ ସଫଳତା କହିଲେ ଅତ୍ୟୁକ୍ତି ହେବନାହିଁ। ରେଳଲାଇନ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇସାରିଥିବା ବେଳେ ଗତ ମେ ୧ରେ ଟ୍ରାଏଲ ରନ୍ ମଧ୍ୟ ସରିଛି। ଆସନ୍ତା ୧୩ ତାରିଖରେ ପ୍ରଧାନମନ୍ତ୍ରୀ ଏହି ରେଳଲାଇନର ଶୁଭାରମ୍ଭ କରିପାରନ୍ତି ବୋଲି ଜଣାପଡ଼ିଛି। ଏହି ରେଳ ଲାଇନ କାର୍ଯ୍ୟରେ ବିଭିନ୍ନ ରାଜ୍ୟର ଶ୍ରମିକ ଏବଂ ଇଞ୍ଜିନିୟରମାନଙ୍କୁ ସାମିଲ କରାଯାଇଥିଲା। ଓଡ଼ିଶାର ବହୁ ଶ୍ରମିକ ଏବଂ ଇଞ୍ଜିନିୟର ଏଥିରେ ସାମିଲ ମଧ୍ୟ ହୋଇଥିଲେ। ଉକ୍ତ ରେଳ ପ୍ରକଳ୍ପ କାର୍ଯ୍ୟ ସମୟରେ ଏକ ଦୁର୍ଘଟଣା ଘଟିବା ଯୋଗୁ ପ୍ରାୟ ୪୦ରୁ ଅଧିକ ଶ୍ରମିକଙ୍କ ମୃତ୍ୟୁ ଘଟିଥିବାବେଳେ ସରକାରୀ ଭାବେ ଏହି ସଂଖ୍ୟା ୧୪ ବୋଲି କୁହାଯାଇଛି। ଏହି ପ୍ରକଳ୍ପଟି ସମ୍ପୂର୍ଣ୍ଣ ପାହାଡ଼ କାଟି କରାଯାଇଛି। ପ୍ରକଳ୍ପରେ ବ୍ୟବହୃତ ହୋଇଥିବା ମେଶିନ, ମ୍ୟାଟେରିଆଲ ଆଦି ନେବାକୁ କାର୍ଯ୍ୟ କରୁଥିବା ସଂସ୍ଥାକୁ ନାନା ପ୍ରକାର ସମସ୍ୟାର ସମ୍ମୁଖୀନ ହେବାକୁ ମଧ୍ୟ ପଡ଼ିଛି। ସେଠାରେ ଉପସ୍ଥିତ ଜଣେ ଇଞ୍ଜିନିୟରଙ୍କ କହିବା ମୁତାବକ, ଶ୍ରମିକମାନେ ୫ କି.ମି. ଯାଏ ପାଦରେ ଚାଲି ଚାଲି ଯିବାକୁ ପଡ଼ିଛି। ପାହାଡ଼ କଡ଼ରେ ଯାଇଥିବା ଏହି ରେଳଲାଇନ ପାଇଁ ଭୂସ୍ଖଳନ ସମସ୍ୟା ହୋଇପାରେ ବୋଲି ପାହାଡ଼ ପାଦଦେଶରୁ ବହୁ ଉପର ପର୍ଯ୍ୟନ୍ତ କଂକ୍ରିଟ୍ ମଧ୍ୟ କରାଯାଇଛି।

ଆଇଜଲ୍‌ବାସୀଙ୍କୁ ବାହାର ରାଜ୍ୟକୁ ଯିବା ପାଇଁ ହେଲେ ମୁଖ୍ୟତଃ ବିମାନ କିମ୍ବା ରାସ୍ତା ଯୋଗେ ଯିବାକୁ ପଡୁଥିଲା। ଏହା ସେମାନଙ୍କ ଲାଗି ଅଧିକ ବ୍ୟୟବହୁଳ ହେବା ସଙ୍ଗେ ସଙ୍ଗେ ସମୟ ସାପେକ୍ଷ ମଧ୍ୟ ହେଉଥିଲା। ଏଣିକି ସେମାନେ ସମସ୍ୟା ଭୋଗି ନ ପାରନ୍ତି ବୋଲି କୁହାଯାଉଛି। ମିଜୋରାମ ସୀମାକୁ ଲାଗି ବାଂଲାଦେଶ ଏବଂ ମ୍ୟାନ୍‌ମାର ରହିଛି। ସେହିପରି ଦେଶ ଭିତରର ତ୍ରିପୁରା, ଆସାମ ଏବଂ ମଣିପୁରର ସୀମା ସହ ମିଜୋରାମ ରହିଛି। କେତେଜଣ ସ୍ଥାନୀୟ ଲୋକଙ୍କ ସହ ଆଲୋଚନା କରିବାରୁ ସେମାନେ କହିଛନ୍ତି, ଯାତାୟାତ ପାଇଁ ସେମାନଙ୍କୁ ବହୁ ସମସ୍ୟାର ସମ୍ମୁଖୀନ ହେବାକୁ ପଡୁଥିଲା। ସେମାନେ ନିଜ ଅଞ୍ଚଳର ଜିନିଷ ବାହାର ରାଜ୍ୟକୁ ନେଇ ବିକ୍ରି ମଧ୍ୟ କରିପାରୁ ନ ଥିଲେ। ଏବେ ରେଳ ସଂଯୋଗ ହେବା ପରେ ବ୍ୟବସାୟ କ୍ଷେତ୍ରରେ ସେମାନେ ଲାଭାନ୍ୱିତ ହୋଇପାରିବେ। ପର୍ଯ୍ୟଟକମାନଙ୍କୁ ଆକୃଷ୍ଟ କରିବା ପାଇଁ ଏଠାରେ ଅନେକ ଦର୍ଶନୀୟ ସ୍ଥାନ ରହିଥିବା ସତ୍ତ୍ୱେ ଏହାର କିଛି ଲାଭ ମିଳିପାରୁ ନ ଥିଲା। ଏଣିକି ପର୍ଯ୍ୟଟକମାନେ ମଧ୍ୟ ଆସିବା ପାଇଁ ଅଧିକ ଆଗ୍ରହ ପ୍ରକାଶ କରିବେ।

ସ୍ଥାନୀୟ ଲୋକଙ୍କ କହିବା ଅନୁଯାୟୀ, ଏହି ରାଜ୍ୟରେ ବିଶେଷ କରି ସାଇରଙ୍ଗ ନିକଟବର୍ତ୍ତୀ ଅଞ୍ଚଳରେ ୟୁରାନିୟମ ଓ କୋଇଲା ଖଣି ରହିଛି। ଏଥିସହିତ ଅନେକ ମୂଲ୍ୟବାନ ପଥରର ଖଣି ମଧ୍ୟ ରହିଛି ବୋଲି ସେମାନେ କହିଛନ୍ତି। ଯଦି ତାହା ସତ୍ୟ ହୋଇଥାଏ, ରେଳ ସଂଯୋଗ ଦ୍ୱାରା ଏହି ଅଞ୍ଚଳର ଖଣିଜ ପଦାର୍ଥ ଉତ୍ତୋଳନ କରି ବ୍ୟବସାୟିକ ଲାଭ ଉଠାଯାଇପାରିବ।

## ନାଏବ ସରପଞ୍ଚଙ୍କୁ ଅଯୋଗ୍ୟ ଘୋଷଣା କଲେ କୋର୍ଟ

ମୋହନା,୨୯।୮ (ମନ୍ମଥ ମିଶ୍ର)

ଗଜପତି ଜିଲା ମୋହନା ବ୍ଲକ ଲିଲିଗଡ଼ ପଞ୍ଚାୟତ ନାଏବ ସରପଞ୍ଚ ସନ୍ତୋଷ ନାୟକଙ୍କୁ ମୋହନା ଜେଏମ୍‌ଏଫ୍‌ସି ଶୁଭଜିତ ବେହେରା ଅଯୋଗ୍ୟ ଘୋଷଣା କରିଛନ୍ତି। ଅଧିକ ସନ୍ତାନ ଥିବା ଅଭିଯୋଗର ବିଚାର କରି ସନ୍ତୋଷଙ୍କ ନାଏବ ସରପଞ୍ଚ ପଦବୀକୁ ବିଚାରପତି ଅସିଦ୍ଧ ଘୋଷଣା କରିଥିବା ଜଣାପଡିଛି।

ଖବରରୁ ପ୍ରକାଶ, ଗତ ୨୦୨୨ ପଞ୍ଚାୟତ ନିର୍ବାଚନରେ ଲିଲିଗଡ଼ ପଞ୍ଚାୟତର ୫ ନମ୍ବର ୱାର୍ଡର ସଦସ୍ୟ ପାଇଁ ନିର୍ବାଚନ ହୋଇଥିଲା। ଏହି ନିର୍ବାଚନରେ ସନ୍ତୋଷ ବିଜୟୀ ହୋଇଥିଲେ। ପରେ ସେ ନାଏବ ସରପଞ୍ଚ ହୋଇଥିଲେ। ତେବେ ସନ୍ତୋଷ ତାଙ୍କ ସତ୍ୟପାଠରେ ତାଙ୍କର ୨ଟି ସନ୍ତାନ ଥିବା ଉଲ୍ଲେଖ କରିଥିଲେ। ଏହାକୁ ଚାଲେଞ୍ଜ କରି ସନ୍ତୋଷଙ୍କର ୪ଟି ସନ୍ତାନ ଥିବା ଅଭିଯୋଗ ଆଣି ତାଙ୍କ ପ୍ରତିଦ୍ୱନ୍ଦ୍ୱୀ ଏଫ୍‌ଟି ଦେବେନ୍ଦ୍ର ୨୦୨୨ ମାର୍ଚ୍ଚ ୧୭ରେ ଜେଏମଏଫସି କୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ମାମଲାର ବିଚାର କରି ବିଚାରପତି ଏବେ ଉପରୋକ୍ତ ରାୟ ଶୁଣାଣି କରିଛନ୍ତି। ନାଏବ ସରପଞ୍ଚ ସନ୍ତୋଷଙ୍କ ପାଇଁ ଆଇନଜୀବୀ ସନ୍ତୋଷ ପାଢ଼ୀ ଓ ପ୍ରତିପକ୍ଷ ଏଫ୍‌ଟି ଦେବେନ୍ଦ୍ରଙ୍କ ଲାଗି ଆଇନଜୀବୀ ରବୀନ୍ଦ୍ର ନାୟକ ମାମଲା ପରିଚାଳନା କରୁଥିଲେ। ଏହି ୱାର୍ଡସଭ୍ୟ ପଦବୀ ପାଇଁ ପୁନଃ ନିର୍ବାଚନ କରିବାକୁ ମୋହନା ବିଡିଓ ରାଜୀବ ଦାସ ଓ ଗଜପତି ଜିଲାପାଳଙ୍କୁ କୋର୍ଟ ପକ୍ଷରୁ ନିର୍ଦ୍ଦେଶ ହୋଇଥିବା ଆଇନଜୀବୀ ନାୟକ ପ୍ରକାଶ କରିଛନ୍ତି।


## ଦୀର୍ଘମିଆଦୀ ଯୋଜନାର ମହତ୍ତ୍ୱକୁ ବୁଝିବାକୁ ଲାଗିଲେଣି କି ଭାରତୀୟ?

ସର୍ବସାଧାରଣ କ୍ଷେତ୍ର ବାହାରେ ଥିବା ଜନସାଧାରଣଙ୍କ ପାଇଁ ଭାରତରେ ପେନସନ୍ ସୁରକ୍ଷାର ବିକଳ୍ପଗୁଡ଼ିକ ଖୁବ୍ ସୀମିତ ହୋଇଥାଏ। ତଥାପି, ବିଶେଷକରି ଭାରତର ସହରାଞ୍ଚଳରେ ସୁବ୍ୟବସ୍ଥିତ ଅବସରକାଳୀନ ଯୋଜନା ପ୍ରତି ଅଭିମୁଖ୍ୟତା ଧୀରେ ଧୀରେ ବୃଦ୍ଧି ପାଇବାରେ ଲାଗିଛି। ମୁଦ୍ରାସ୍ଫୀତି, ବର୍ଦ୍ଧିତ ଆର୍ଥିକ ସଚେତନତା ଏବଂ ଦୀର୍ଘତର ଜୀବନ ପ୍ରତ୍ୟାଶା ଭଳି ଅନେକ କାରଣରୁ ଅବସରକାଳୀନ ଯୋଜନା ଅପରିହାର୍ଯ୍ୟ ହୋଇଥାଏ।

ଆର୍ଥିକ ଦୃଷ୍ଟିରୁ ସୁରକ୍ଷିତ ହୋଇଥିବା ଏକ ଭବିଷ୍ୟତ ପାଇଁ ଲୋକମାନେ ଜୀବନ ବୀମା ପଲିସି, ସରକାରୀ ପେନସନ୍ ପ୍ଲାନ୍ ଆଦିରେ ମଧ୍ୟ ନିବେଶ କରୁଛନ୍ତି। ପାରମ୍ପରିକ ବିକଳ୍ପରୁ ବାହାରେ ବର୍ତ୍ତମାନ ନିରନ୍ତର ଭାବେ ଜନାଦୃତି ଲାଭ କରୁଥିବା ଅନ୍ୟତମ ନିବେଶ ବିକଳ୍ପ ହେଉଛି ରିଟାୟାରମେଣ୍ଟ ମ୍ୟୁଚୁଆଲ ଫଣ୍ଡ।

### ରିଟାୟାରମେଣ୍ଟ ମ୍ୟୁଚୁଆଲ ଫଣ୍ଡ କ’ଣ?

ରିଟାୟାରମେଣ୍ଟ ମ୍ୟୁଚୁଆଲ ଫଣ୍ଡ ଲୋକମାନଙ୍କୁ ସେମାନଙ୍କ କର୍ମଜୀବନରୁ ଅବସର ନେବା ପରବର୍ତ୍ତୀ ବର୍ଷଗୁଡ଼ିକରେ ସେମାନଙ୍କର ଆୟକୁ ଗଢ଼ିବାରେ ସହାୟତା ଯୋଗାଇବା ଉଦ୍ଦିଷ୍ଟ ହୋଇଥିବା ନିବେଶ ବିକଳ୍ପ ଅଟେ। ଏହି ଫଣ୍ଡଗୁଡ଼ିକ ସାଧାରଣତଃ ନିବେଶର ଅଭିବୃଦ୍ଧି ଓ ସୁରକ୍ଷା ଉପରେ ଫୋକସ୍ କରିଥାଏ ଏବଂ ଏଗୁଡ଼ିକ ନିବେଶକମାନଙ୍କୁ ସେମାନଙ୍କୁ ଅବସରୋତ୍ତର ଜୀବନ ନିମନ୍ତେ ଏକ ସୁରକ୍ଷିତ ପାଣ୍ଠି ଜମା କରିବାରେ ସହାୟତା କରିବା ଲାଗି ପରିକଳ୍ପିତ ହୋଇଥାଏ। ଇକ୍ୱିଟିରୁ ଆରମ୍ଭ କରି ଡେଟ୍ ପର୍ଯ୍ୟନ୍ତ, ଏହି ଫଣ୍ଡଗୁଡ଼ିକ ମିଶ୍ରିତ ଇନଷ୍ଟ୍ରୁମେଣ୍ଟଗୁଡ଼ିକରେ ନିବେଶ କରିଥାଏ। ଉଦାହରଣସ୍ୱରୂପ, ଇକ୍ୱିଟିରେ ନିବେଶ କରିବା ଦ୍ୱାରା ଧନ ବୃଦ୍ଧି ହେଉଥିବାବେଳେ ମୂଳ ପୁଞ୍ଜିର ସଂରକ୍ଷଣ, ରିସ୍କ ପରିଚାଳନା ତଥା ସ୍ଥିରତା ପାଇଁ ଡେଟ୍ ଇନଷ୍ଟ୍ରୁମେଣ୍ଟ ଆବଶ୍ୟକ ହୋଇଥାଏ।

ଇକ୍ୱିଟିରେ ଭାରି ମାତ୍ରାରେ ନିବେଶ ହୁଏତ ଦୀର୍ଘମିଆଦୀ ବଜାର ଲାଭ ପ୍ରାପ୍ତ କରିବାରେ ଯୁବ ନିବେଶକଙ୍କୁ ସହାୟତା କରିପାରେ। ହେଲେ, ଅବସରକାଳ ପାଖେଇ ଆସିବା ସହ ରିସ୍କ ସଂସ୍ପର୍ଶକୁ ହ୍ରାସ କରିବା ପାଇଁ ପୋର୍ଟଫୋଲିଓର ପୁନଃସନ୍ତୁଳନ କରାଯିବା ଜରୁରୀ ହୋଇପଡ଼ିଥାଏ। ବିଚାରକୁ ନେବା ଭଳି ଆଉ ଏକ କଥା ହେଉଛି ଯେ, ଏହି ଫଣ୍ଡଗୁଡ଼ିକ ସର୍ବନିମ୍ନ ପାଞ୍ଚ ବର୍ଷ ଅଥବା ଅବସରଗ୍ରହଣ (ଯାହା ପ୍ରଥମେ ହେଉଥିବ) ପର୍ଯ୍ୟନ୍ତ ଲକ୍-ଇନ୍ ଅବଧି ସହ ଉପଲବ୍ଧ ହୋଇଥାଏ।



ସିଦ୍ଧାର୍ଥ ଦମାନି
ମୁଖ୍ୟ, ନିବେଶକ ଶିକ୍ଷା ଏବଂ ବିତରକ ବିକାଶ

ବୃଦ୍ଧିଶୀଳ ଆର୍ଥିକ ସଚେତନତା ବ୍ୟତୀତ, ନିବେଶକ ଅନୁକୂଳ ଡିଜିଟାଲ ପ୍ଲାଟଫର୍ମଗୁଡ଼ିକର ଅଭ୍ୟୁଦୟ ନିବେଶ କାର୍ଯ୍ୟକୁ ସହଜ କରିଦେଇଛି। ବର୍ଦ୍ଧିତ ପାରଦର୍ଶିତା ଏବଂ ନିବେଶକ ସୁରକ୍ଷା ନିୟମାବଳୀ ମଧ୍ୟ ଏହାର ଅନ୍ୟ କେତୋଟି କାରଣ। ଏହି ଦିଗଗୁଡ଼ିକୁ ଏକତ୍ରିତ କରି ଦେଖିଲେ ଏହା ଜଣାପଡ଼ିଥାଏ ଯେ, ଭାରତୀୟମାନେ ଏବେ ଦୀର୍ଘମିଆଦୀ ଅବସରକାଳୀନ ଯୋଜନା ଉପରେ ପୂର୍ବାପେକ୍ଷା ବିଶେଷ ଧ୍ୟାନ ଦେବାରେ ଲାଗିଛନ୍ତି।

ଆଇସିଆରଏ ଆନାଲିଟିକ୍ସର ଏକ ପ୍ରେସ୍ ବିଜ୍ଞପ୍ତି ଅନୁଯାୟୀ ଭାରତରେ ରିଟାୟାରମେଣ୍ଟ ମ୍ୟୁଚୁଆଲ ଫଣ୍ଡଗୁଡ଼ିକର ଆସେଟ୍ସ ଅଣ୍ଡର ମ୍ୟାନେଜମେଣ୍ଟ (ଏୟୁଏମ୍) ବିଗତ ପାଞ୍ଚ ବର୍ଷରେ ୨୨୬.୨୫% ବୃଦ୍ଧି ପାଇଛି। ଜୁନ୍ ୨୦୨୦ରେ ଏହା ₹୯,୮୦୦ କୋଟି ରହିଥିବାବେଳେ, ଜୁନ୍ ୨୦୨୫ରେ ତାହା ଅହେତୁକ ଭାବେ ବୃଦ୍ଧି ପାଇ ₹୩୧,୯୭୩ କୋଟିରେ ପହଞ୍ଚିଛି। ସମାନ ସମୟରେ, ଫୋଲିଓଗୁଡ଼ିକର ସମୁଦାୟ ସଂଖ୍ୟା ୧୮% ବୃଦ୍ଧି ପାଇ ୩୦.୦୯ ଲକ୍ଷରେ ପହଞ୍ଚିଛି। ଏହି ଉର୍ଦ୍ଧ୍ୱମୁଖୀ ଧାରା ଏହା ସୂଚାଉଛି ଯେ, ବର୍ତ୍ତମାନ ଅଧିକରୁ ଅଧିକ ଭାରତୀୟ ଦୀର୍ଘମିଆଦୀ ଆର୍ଥିକ ଯୋଜନା ଆଡ଼କୁ ମନ ବଳାଉଛନ୍ତି।

ଅବସରକାଳୀନ ନିବେଶରେ ଦେଖାଦେଇଥିବା ଏହି ଲୋକପ୍ରିୟତା ଏହା ସୂଚାଉଛି ଯେ ଲୋକମାନେ ଏବେ ନିର୍ଭରଶୀଳତା ତୁଳନାରେ ଆତ୍ମନିର୍ଭରଶୀଳତାକୁ ଅଧିକ ପ୍ରାଧାନ୍ୟ ଦେବାରେ ଲାଗିଛନ୍ତି।

ଯଦି ଆପଣ ନିବେଶ ପାଇଁ ପ୍ରସ୍ତୁତ, ତେବେ ଉତ୍ତମ ଟ୍ରାକ୍ ରେକର୍ଡ ଥିବା ଏକ ସେବୀ ପଞ୍ଜୀକୃତ ରିଟାୟାରମେଣ୍ଟ-ଫୋକସଯୁକ୍ତ ମ୍ୟୁଚୁଆଲ ଫଣ୍ଡ ବାଛନ୍ତୁ। ତାହକୁ ନିଜର ଲକ୍ଷ୍ୟିତ ଅବସର ବୟସ ସହ ମେଳ ଖୁଆନ୍ତୁ ଏବଂ ଏକ ମାସିକ ଏସ୍‌ଆଇପି ଆରମ୍ଭ କରନ୍ତୁ। ଶୃଙ୍ଖଳିତ ରୁହନ୍ତୁ, ବର୍ଷରେ ଥରେ ସମୀକ୍ଷା କରନ୍ତୁ ଏବଂ ସମୟକ୍ରମେ ଚକ୍ରବୃଦ୍ଧିକୁ ନୀରବରେ ଆପଣଙ୍କ ଧନକୁ ବୃଦ୍ଧି କରିବାକୁ ଦିଅନ୍ତୁ।

ରିଟାୟାରମେଣ୍ଟ ଫଣ୍ଡଗୁଡ଼ିକ ଦୀର୍ଘମିଆଦୀ ଧନ ସୃଜନର ଆକର୍ଷଣୀୟ ବିକଳ୍ପ ହୋଇଥିଲେ ମଧ୍ୟ ସେଗୁଡ଼ିକ କ୍ଷତିଭୟରୁ ସମ୍ପୂର୍ଣ୍ଣ ରୂପେ ମୁକ୍ତ ନୁହେଁ। ନିବେଶ କରିବା ପୂର୍ବରୁ ନିଜର ବୟସ, ଆର୍ଥିକ ଆବଶ୍ୟକତା ଏବଂ ନିଜର ରିସ୍କ ନେବାର ସାମର୍ଥ୍ୟକୁ ବିଚାରକୁ ନିଅନ୍ତୁ। ଆବଶ୍ୟକ ହୋଇଥିଲେ, ଅଧିକ ସ୍ମାର୍ଟ ନିଷ୍ପତ୍ତି ନେବା ପାଇଁ ଜଣେ ଆର୍ଥିକ ଉପଦେଷ୍ଟା କିମ୍ବା ଯୋଜନାକାରୀଙ୍କ ସହ ଯୋଗାଯୋଗ କରନ୍ତୁ।

ଦାବିତ୍ୟାଗ:
**ଏସ୍‌ଆଇପି ଲାଭର ଆଶ୍ୱାସନା କିମ୍ବା ପତନମୁଖୀ ବଜାରରେ କ୍ଷତି ବିରୁଦ୍ଧରେ ସୁରକ୍ଷାର ଗ୍ୟାରେଣ୍ଟି ଦେଇ ନ ଥାଏ।
ନିବେଶକ ଶିକ୍ଷା ଓ ସଚେତନତା ପାଇଁ ଆଦିତ୍ୟ ବିର୍ଲା ସନ୍ ଲାଇଫ୍ ମ୍ୟୁଚୁଆଲ ଫଣ୍ଡର ଏକ ପ୍ରୟାସ
ସମସ୍ତ ନିବେଶକଙ୍କୁ ଥରେ ଏକକାଳୀନ କେୱାଇସି (ନିଜ ଗ୍ରାହକଙ୍କୁ ଜାଣନ୍ତୁ) ପ୍ରକ୍ରିୟାର ସମ୍ମୁଖୀନ ହେବାକୁ ପଡ଼ିବ। ନିବେଶକମାନେ କେବଳ ସେବି ସହ ପଞ୍ଜୀକୃତ ମ୍ୟୁଚୁଆଲ ଫଣ୍ଡରେ ନିବେଶ କରିବା ଉଚିତ। କେୱାଇସି ଉପରେ ଅଧିକ ସୂଚନା, ସେବି ପଞ୍ଜୀକୃତ ମ୍ୟୁଚୁଆଲ ଫଣ୍ଡଗୁଡ଼ିକର ତାଲିକା ଏବଂ ଅଭିଯୋଗ ନିରାକରଣ ପଦ୍ଧତିର ବିବରଣୀ ସମେତ ସେବି ସ୍କୋର୍‌ସ ପୋର୍ଟାଲ ବିଷୟରେ ଅଧିକ ଜାଣିବା ପାଇଁ ଏହି ଲିଙ୍କ୍ ପରିଦର୍ଶନ କରନ୍ତୁ: https://mutualfund.adityabirlacapital.com/Investor-Education/education/kyc-and-redressal
ମ୍ୟୁଚୁଆଲ ଫଣ୍ଡ ନିବେଶଗୁଡ଼ିକ ବଜାରର କ୍ଷତିଭୟ ଅଧୀନ ଅଟେ, ଯୋଜନା ସମ୍ବନ୍ଧୀୟ ସମସ୍ତ ଦସ୍ତାବିଜ ଧ୍ୟାନପୂର୍ବକ ପଢ଼ନ୍ତୁ।

Aditya Birla Sun Life Mutual Fund
ADITYA BIRLA CAPITAL
MUTUAL FUNDS



CAREER APPOINTMENT
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385
Email : advt@dharitri.com

WANTED
A Reputed Office Requires Junior Accountant Cum Personal Assistance Forits Bhubaneswar Office. Contact:
9178181581
9090935556

ଆବଶ୍ୟକ
ଦୋକାନ ପାଇଁ ବିକ୍ରୟକର୍ତ୍ତା ଏବଂ କର୍ମଚାରୀ ଆବଶ୍ୟକ। ରହିବା ଏବଂ ଖାଇବା ସୁବିଧା ଉପଲବ୍ଧ ଅଛି। ଦରମା- 7000 ରୁ 10000/- । ସ୍ଥାନ- ପୁରୀ ।
ଯୋଗାଯୋଗ: 9090244178

WANTED
CUSTOMER CARE OFFICER
(3 Nos.) at (ANGUL). Salary upto 15000/- pm. Qualification: Minimum +2 and PGDC in computer.
SAMSUNG SERVICE CENTER
KALTAX CHHAKA, ANGUL
CONTACT :9938521088 / 8328944142

RECRUITMENT OF VOCATIONAL TRAINERS IN GOVT. SCHOOLS, KALAHANDI, ODISHA
Safeducate Learning Pvt. Ltd.
Invites applications for the post of Vocational Trainers under Samagra Shiksha in Govt. Schools of Kalahandi District, Odisha.
Sectors: Electronics & Retail — Total Positions: 68
Eligibility:
Electronics : BE/B.Tech/Diploma in Electricals/Electronics/Telecomm.
Retails : Graduate or Diploma in Retail Management/Marketing
Pre-requisite : 2-3 years of work experience in same sector
Age : 18-45 years (As on 01.01.2025)
Note: Eligible candidates will be called for Interview. Date & Venue will be shared later on e-mail.
Salary: Rs.20,000/- per month (Gross)
How to Apply: Submit application by 05.09.2025 through Google Form: https://forms.gle/W3Ekn11AwWnmAhAe6 OR Email at: safeducate.samagra.shiksha@gmail.com OR by scanning QR Code.
Note: Recruitment process will be transparent. Do not indulge in any unfair practices

URGENT REQUIREMENT
ANM / GNM NURSES
We are hiring ANM / GNM Qualified Staff Nurses for immediate joining
Experience: Freshers & Experienced both can apply
Location: Bhubaneswar, Odisha
CONTACT/WHATSAPP: 8339966999
SEND YOUR UPDATED RESUME ON WHATSAPP

See Career Appointment on every Wednesday & Saturday

RECRUITMENT OF VOCATIONAL TRAINERS IN GOVT. SCHOOLS, ODISHA
ASMACS SKILL DEVELOPMENT LTD
Recruitment of Vocational trainers Under the Samagra shiksha Odisha (SSA-OSEPA) Projects in Kendrapara, Cuttack and Sonepur districts.
Total No. of Positions: 92

| SECTOR | JOB ROLE | EDUCATIONAL QUALIFICATION |
|---|---|---|
| PLUMBING | Assistant Plumber General; Plumber General | B.Tech in Civil Engineering Or Diploma in Civil/ Mechanical/ Agricultural engineering. |
| RETAILS | Retail Store Operations Asst.; Retail Sales Associate | MBA/ PG Diploma/Graduation in Retail Marketing Or Retail Management With At Least 50% Mark |
| IT/ITES | Domestic Data Entry operator | BCA/B.SC./Diploma(CS/IT) Or Graduate With PGDCA |
| | CRM Domestic Voice | B.E./B.TECH(CS/IT) Or M.Sc (CS/IT), MCA |
| ELECTRONICS | Field Technician-Other Home Appliance; Field Technician- Wireman Control Panel | B.E. / B.Tech in Electrical/ Electronics / Telecommunication OR Diploma in Electrical/ Electronics/Electronics/Telecommunication |
| APPAREL | Sewing Machine Operator; Assistant Fashion Designer | Post-graduation in Textile and Clothing or Relevant area from a recognized Institute / University. |
| AGRICULTURE | Solanaceous Crop Cultivator; Micro Irrigation Technician | Post-graduation in Horticulture from a recognized Institute/University |

Pre-Requisite: ➢The Candidate Should be a Domicile of Odisha. ➢Preference will be given to the Existing VTs. ➢18-45 years (as on 1st Jan 2025). Age relaxation to be provided as per Govt. rules. ➢Minimum 2-3 years of relevant industry experience as per job role +1 year of teaching experience. ➢ Last date for Receipt of CV to : 03.09.2025
All inclusive fixed CTC RS. 20,000/- per month. Send the CV to:proposal@asmacseng.com

# ପରୀକ୍ଷାର ସମୟ



## ଦିଲ୍ଲୀକା ବାବୁ

**ଦିଲୀପ ଚେରିଏନ୍**

ଦିଲ୍ଲୀର ପୋଲିସ ମୁଖ୍ୟଙ୍କୁ ରାତାରାତି ପରିବର୍ତ୍ତନ କରାଯାଇ ତାଙ୍କ ସ୍ଥାନରେ ୧୯୯୨ ବ୍ୟାଚ୍ ଆଇପିଏସ୍ ଅଧିକାରୀ ସତୀଶ ଗୋଲ୍‌ଛାଙ୍କୁ ୨୧ ଅଗଷ୍ଟରେ ନିଯୁକ୍ତ କରାଯାଇଛି। ଏକ ସରକାରୀ କାର୍ଯ୍ୟକ୍ରମରେ ଦିଲ୍ଲୀ ମୁଖ୍ୟମନ୍ତ୍ରୀ ରେଖା ଗୁପ୍ତାଙ୍କୁ ଆକ୍ରମଣ କରାଯିବା ପରଦିନ ଏଭଳି ପଦକ୍ଷେପ ଗ୍ରହଣ କରାଯାଇଥିଲା। ଏହି ସମୟରେ ରାଜଧାନୀର ଆଇନ ଶୃଙ୍ଖଳା ବ୍ୟବସ୍ଥା ସୁଧାରିବା ପାଇଁ ଶୀଘ୍ର ଜଣେ ଦକ୍ଷ ଅଧିକାରୀ ଭାବେ ଗୋଲ୍‌ଛାଙ୍କୁ ଅଣାଯାଇଛି। ଦିଲ୍ଲୀ ପୋଲିସ ବ୍ୟବସ୍ଥାରେ ସେ ୩ ଦଶନ୍ଧି ହେଲା କାର୍ଯ୍ୟ କରିଆସିଛନ୍ତି। ସେ ୨୦୨୦ ଦଙ୍ଗା ସମୟରେ ସ୍ୱତନ୍ତ୍ର ପୋଲିସ କମିଶନର ଥିଲେ ଏବଂ ଗୋଇନ୍ଦା, କ୍ରାଇମ ବ୍ରାଞ୍ଚ ଓ କାରାଗାର ବ୍ୟବସ୍ଥାର ମୁଖ୍ୟ ଭାବେ ଦାୟିତ୍ୱ ନିର୍ବାହ କରିଛନ୍ତି। ଏହା ବ୍ୟତୀତ ସେ ଦିଲ୍ଲୀ ବାହାରେ ଅରୁଣାଚଳ ପ୍ରଦେଶ ଓ ତିହାରରେ ମଧ୍ୟ ଦକ୍ଷତାର ସହ କାର୍ଯ୍ୟ କରିଛନ୍ତି। ସଂକ୍ଷେପରେ କହିବାକୁ ଗଲେ, ଦିଲ୍ଲୀ ପୋଲିସର ଯେକୌଣସି ସଙ୍କଟରେ ତାଙ୍କ ଉପସ୍ଥିତି ରହୁଥିଲା। ଦିଲ୍ଲୀ ପୋଲିସ କମିଶନର ଭାବେ କାର୍ଯ୍ୟାଳୟରେ ପ୍ରଥମ ଦିନରୁ ଚର୍ଚ୍ଚା ହୋଇଥିଲା। ଅନ୍ୟମାନଙ୍କୁ ଦାୟିତ୍ୱ ଦେଇ କଠିନ ପରିଶ୍ରମ କରିବାକୁ ପରାମର୍ଶ ଦେବା ଅଧିକାରୀମାନେ ଦେଖିବାକୁ ପାଇଥିଲେ। ଏହାସହ ସେ ମଧ୍ୟ ଅଧିକାରୀଙ୍କ ମତକୁ ଆଗ୍ରହର ସହ ଶୁଣିଥିଲେ। ବିଭିନ୍ନ ଅଧିକାରୀଙ୍କୁ ଏକାଠିକରି ଆଲୋଚନା କରିବା ଏକ ଉଚିତ ପଦକ୍ଷେପ ଏବଂ ସଙ୍କଟ ସମୟରେ ପୋଲିସ ପାଇଁ ଏହା ଦରକାର। ଗୋଲ୍‌ଛା ଏହି ପଦବୀରେ ୨୦୨୭ ପର୍ଯ୍ୟନ୍ତ ରହିବେ, ଯାହା ଦିଲ୍ଲୀର କ୍ଷମତା ଖେଳରେ ଏକ ଗୁରୁତ୍ୱପୂର୍ଣ୍ଣ ସମୟ। ଏହା ତାଙ୍କ ପାଇଁ ବାସ୍ତବରେ ଏକ ପରୀକ୍ଷାର ବେଳ।

### ଥିଙ୍କ୍‌ଟ୍ୟାଙ୍କ୍ ନା ବାବୁ ଲଢ଼େଇ

ଭାରତର ତଥାକଥିତ ଦକ୍ଷିଣପନ୍ଥୀ ଗୃହଯୁଦ୍ଧର ସବୁଠୁ ବଡ଼ ବିଡ଼ମ୍ବନା ହେଉଛି, ଏହା ତାହାର ବାସ୍ତବ ବିଚାରଧାରକୁ ଆଦୌ ଦୃଷ୍ଟି ଦିଏନାହିଁ। ଏହା ନିଜ ନିଜ ମଧ୍ୟରେ ଏକ ଲଢ଼େଇ ଭଳି ମନେହୁଏ, ଯେଉଁଥିରେ ଅବସରପ୍ରାପ୍ତ ଅଧିକାରୀ, କର୍ପୋରେଟ୍ ଅଂଶୀଦାର ଏବଂ ଥିଙ୍କ୍‌ଟ୍ୟାଙ୍କ୍ ଲଢୁଛନ୍ତି। ଏବକାର ଲଢ଼େଇର ଗୋଟିଏ ପଟେ ଅଛନ୍ତି ରିଲାଏନ୍ସ କମ୍ପାନୀରୁ ଅଧିକ ପୁଞ୍ଜି ଓ ସମ୍ବଳ ପାଇଥିବା ଅବର୍ଜରଭର ରିସର୍ଚ୍ଚ ଫାଉଣ୍ଡେଶନ(ଓଆର୍‌ଏଫ୍), ଯାହାର ଶୀର୍ଷ ନେତୃତ୍ୱରେ ରହିଛନ୍ତି ଜଣେ ଆଇଏଫ୍‌ଏସ୍ ଅଧିକାରୀ। ଲଢ଼େଇର ଅନ୍ୟ ପଟେ ଅଛି ଆଦାନୀ ସମର୍ଥିତ ଚିନ୍ତନ ଫାଉଣ୍ଡେଶନ, ଯାହାକୁ ସଞ୍ଚାଳନ କରୁଛନ୍ତି ଜଣେ ଅବସରପ୍ରାପ୍ତ ଆଇଏଏସ୍ ଅଧିକାରୀ। ଏହା ଏକ ବୌଦ୍ଧିକ ଯୁଦ୍ଧ ନୁହେଁ, ବରଂ ଏକ ଅମଲାତାନ୍ତ୍ରିକ ଖେଳ ଭଳି ଜଣାପଡୁଛି। ଏ ସମ୍ପର୍କରେ 'ଏକ୍ସ'ରେ ହେଉଥିବା ଆଲୋଚନା ତାମସାକୁ ଆହୁରି ବଢ଼ାଇଦେଇଛି। ଗୋଟିଏ ଦିନ ଏହା ରୁଷିଆର ଅଶୋଧିତ ତେଲ ଓ ରିଲାଏନ୍ସକୁ ନେଇ ହେଉଛି ତ ପରଦିନ ଜୟଶଙ୍କରଙ୍କ ସମର୍ଥକଙ୍କୁ ଏବଂ ତା'ପରଦିନ ଅନ୍‌ଲାଇନ ଗେମିଂ ଆପ୍ ଓ ଆଇପିଏଲ୍ ଅଧିକାର ନେଇ ଚର୍ଚ୍ଚା ଚାଲୁଛି। ଦେଖିବାକୁ ଗଲେ ଭାରତୀୟ ଶିଳ୍ପଗୁଡ଼ିକ ଅମଲାତାନ୍ତ୍ରିକ କ୍ଷେତ୍ର ପାଲଟିଯାଇଛି। ଭାରତର ଥିଙ୍କ୍‌ଟ୍ୟାଙ୍କ୍ ଦୃଶ୍ୟପଟରେ ଓଆର୍‌ଏଫ୍‌ର ପ୍ରାଧାନ୍ୟ ପ୍ରତିଦ୍ୱନ୍ଦ୍ୱୀଙ୍କୁ ଆମନ୍ତ୍ରଣ କରିଛି ଏବଂ ଚିନ୍ତନ ଅବସରପ୍ରାପ୍ତ ଅଧିକାରୀ ମଣ୍ଡଳୀ ଓ କର୍ପୋରେଟ ସହଯୋଗରେ ଏକ ପ୍ରତିଦ୍ୱନ୍ଦ୍ୱୀ ଭାବେ ଅବତୀର୍ଣ୍ଣ ଭୂମିକା ନିଭାଇବାକୁ ବାହାରି ପଡ଼ିଛି। ଏହା ଦକ୍ଷିଣପନ୍ଥୀ ଓ ବାମପନ୍ଥୀଙ୍କ କିମ୍ବା ମୋଦି ଗୋଷ୍ଠୀ ଓ ବିରୋଧୀଙ୍କ ମଧ୍ୟରେ ଲଢ଼େଇ ନୁହେଁ। ଏହା ପୁରୁଣା ଓ ନୂଆ ସଂସ୍ଥା ମଧ୍ୟରେ, ଆଇଏଫ୍‌ଏସ୍ ଓ ଆଇଏଏସ୍ ମଧ୍ୟରେ ଏପରିକି ଅମ୍ବାନୀ ଓ ଆଦାନୀ ମଧ୍ୟରେ ଏକ ଲଢ଼େଇ।

### ଦୁର୍ନୀତିର ଧାରା

ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ଭାରି ବ୍ୟସ୍ତ ରହୁଛି। ପ୍ରତିଦିନ ଚଢ଼ାଉ କରୁଛି। ଏବେ ଏହାର ନଜର ଗୁଆହାଟୀ ଉପରେ ପଡ଼ିଛି, ଯେଉଁଠି ଅବସରପ୍ରାପ୍ତ ଆଇଏଏସ୍ ଅଧିକାରୀ ସେୱାଲି ଦେବୀ ଶର୍ମା ଶିକ୍ଷକଙ୍କୁ ପ୍ରଶିକ୍ଷଣ ଦେବାରେ ୧୦୦ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ହେରଫେର କରିଥିବା ଅଭିଯୋଗ ରହିଛି। ୫୯ କେନ୍ଦ୍ରରେ ପ୍ରଶିକ୍ଷଣ ଦେବାର ବ୍ୟବସ୍ଥା ହୋଇଥିଲା, କିନ୍ତୁ ପାଖାପାଖି ୩୫୦ କେନ୍ଦ୍ର କରାଯାଇଥିଲା ଏବଂ ତାଙ୍କ ବନ୍ଧୁ ଓ ପରିବାରକୁ ଏଥିପାଇଁ ଠିକା ଦିଆଯାଇ ଜଣେ ବ୍ୟକ୍ତିଙ୍କ ଦ୍ୱାରା ନିୟନ୍ତ୍ରିତ ବ୍ୟାଙ୍କ ଆକାଉଣ୍ଟ ଜରିଆରେ ଟଙ୍କା କାରବାର ହୋଇଥିଲା। ବାବୁ ପରିସରରେ ଦୁର୍ନୀତି ଅସାମାନ୍ୟ ନୁହେଁ, ବରଂ ବ୍ୟବସ୍ଥାର ଏକ ବିଶେଷତା। ଜଣେ ଅଧିକାରୀ ଏଭଳି ବିପୁଳ ଟଙ୍କା ଅନିୟନ୍ତ୍ରିତ ଭାବେ ହାସଲକରି ଅକଳ୍ପନୀୟ ମନେହେଲେ ବି ଏହା ପ୍ରାୟତଃ ନିୟମିତ ରୂପେ ଘଟିଚାଲିଛି। ପ୍ରକ୍ରିୟାର ନିରୀକ୍ଷଣ ବ୍ୟବସ୍ଥା ଦୁର୍ବଳ ରହୁଛି। ଟଙ୍କା ଲୁଟ୍ ହେବା ପରେ ହିଁ ସକ୍ରିୟତା ପ୍ରକାଶ ପାଉଛି କିମ୍ବା ଅଭିଯୁକ୍ତଙ୍କୁ ଧରାଯାଉଛି। ପ୍ରକୃତ ଦୁର୍ନୀତି କେବଳ ଜଣେ ବ୍ୟକ୍ତିଙ୍କ ଲୋଭ ଯୋଗୁ ହେଉନାହିଁ ବରଂ ବ୍ୟବସ୍ଥା ଏହା କରିବାକୁ ଅନୁମତି ଦେଉଛି। ଦୁର୍ନୀତିର ଏହି ଧାରା ଦେଶରେ ଶିକ୍ଷା ଯୋଜନା, କଲ୍ୟାଣକାରୀ କାର୍ଯ୍ୟକ୍ରମ କିମ୍ବା ଭିତ୍ତିଭୂମି ପ୍ରକଳ୍ପରେ ବାରମ୍ବାର ଘଟୁଛି। ସଂଖ୍ୟା ବଢ଼ାଯାଉଛି, ଟେଣ୍ଡର ହେଉନାହିଁ, ସମର୍ଥକ ଠିକାଦାରଙ୍କୁ କାମ ଦିଆଯାଉଛି। ସମୟକ୍ରମରେ ଏହା ଉପରେ କେହି ପ୍ରଶ୍ନ ଉଠାଇବାବେଳକୁ ଟଙ୍କା ଚାଲିଯାଉଛି। ଏଭଳି ପ୍ରତ୍ୟେକ ଘଟଣାରେ ସରକାର ଗର୍ବର ସହ କହୁଥିବା 'ଦୃଢ଼ ଢାଞ୍ଚା'ରେ ଥିବା ବିଶ୍ୱାସର ଅବକ୍ଷୟ ହେଉଛି। ଚଢ଼ାଉ ଓ ଗିରଫ କରିବା ଖବରର ଶୀର୍ଷକ ପାଲଟୁଛି, କିନ୍ତୁ ଦୁର୍ନୀତିର ଧାରାରେ କିଛି ବି ପରିବର୍ତ୍ତନ ହେଉନାହିଁ।

Email: dilipcherian@gmail.com

# ନିଃସଙ୍ଗତା ମହାମାରୀ



**ପ୍ର. ରମେଶ ଚନ୍ଦ୍ର ପରିଡ଼ା**

ମଣିଷ ସମ୍ପର୍କ ସୂତ୍ରରେ ବାନ୍ଧିହୋଇ ରହିଥାଏ ଅନ୍ୟମାନଙ୍କ ସହ। ତେବେ ତାକୁ ଏକ ବିକଶିତ ପ୍ରାଣୀର ପରିଚୟ ପ୍ରଦାନ କରିଥିବା ଏଭଳି ଜୀବନରେ କ୍ରମେ ଅବକ୍ଷୟ ଆସିବାରେ ଲାଗିଛି। ପରିଣାମ ସ୍ୱରୂପ, ବୃଦ୍ଧି ପାଇ ଚାଲିଛି ନିଃସଙ୍ଗତା, ଯାହାକି କ୍ରମେ ଏକ ମହାମାରୀର ରୂପ ନେଇ କେବଳ ଯେ ଲକ୍ଷ ଲକ୍ଷ ଜୀବନହାନୀ ଘଟାଉଛି ତାହା ନୁହେଁ, ସମଗ୍ର ମାନବ ସମାଜର ମହାନ୍ ଢାଞ୍ଚାମୂଳରେ କୁଠାରାଘାତ କଲାଣି।

ନିକଟରେ(୩୦ ଜୁନ୍ ୨୦୨୫) ପ୍ରକାଶିତ ବିଶ୍ୱ ସ୍ୱାସ୍ଥ୍ୟ ସଂସ୍ଥାର 'କମିଶନ ଅନ୍ ସୋସିଆଲ କନେକ୍ସନ'ର ଏକ ବିବରଣୀ ଅନୁସାରେ ଏବେ ବିଶ୍ୱର ପ୍ରତି ୬ ଜଣରେ ଜଣେ ନିଃସଙ୍ଗତାର ଶିକାର ହେଉଛନ୍ତି ଏବଂ ତାହା ପ୍ରତି ଘଣ୍ଟାରେ ନେଉଛି ପ୍ରାୟ ଏକଶତ ଜୀବନ, ଅର୍ଥାତ୍ ବାର୍ଷିକ ପ୍ରାୟ ୮ ଲକ୍ଷ ୭୧ ହଜାର।

ଆଜିକାଲି ନିଃସଙ୍ଗତା ପ୍ରାୟ ସବୁ ବୟସର ଲୋକଙ୍କୁ ଅଳ୍ପବହୁତେ ପ୍ରଭାବିତ କଲାଣି। ବୟସ୍କ ଲୋକଙ୍କ ମାଧ୍ୟମରେ ଏହା ପ୍ରତି ୩ ଜଣରେ ଜଣେ ହେଲା ବେଳେ ଯୁବଗୋଷ୍ଠୀ ମଧ୍ୟରେ ପ୍ରତି ୪ ଜଣରେ ଜଣେ। ଅର୍ଥାତ୍ ୧୩ରୁ ୨୯ ବର୍ଷ ବୟସ୍କ ଲୋକଙ୍କ ମଧ୍ୟରୁ ୧୮ରୁ ୨୨ ଶତାଂଶ ଏପରି ଅନୁଭବ କଲାବେଳେ ୬୦ରୁ ୮୦ ବର୍ଷ ବୟସ୍କଙ୍କ ମଧ୍ୟରେ ତାହା ୩୦ରୁ ୩୫ ଶତାଂଶ। ଏହା ସଂଘାତ, ବିବିଧ ପ୍ରକାର ହୃଦ୍‌ରୋଗ, ସ୍ମୃତିହୀନତା, ମଧୁମେହ, ଉଚ୍ଚ ରକ୍ତଚାପ ଆଦିର କାରଣ ହେଉଛି। ତେବେ ଏହାର ସବୁଠାରୁ ବ୍ୟାପକ ପ୍ରଭାବ ହେଲା ବୋଧଶକ୍ତିର ଅବନତି। 'ଫ୍ରଣ୍ଟିୟର ଇନ୍ ସାଇକୋଲୋଜି' ପତ୍ରିକାର ଜାନୁଆରୀ ୨୦୨୫ ସଂଖ୍ୟାରେ ଦର୍ଶାଯାଇଛି ଯେ ନିଃସଙ୍ଗତା ସ୍ମୃତିଶକ୍ତି, ଚିନ୍ତାଶକ୍ତି ଏବଂ ସମସ୍ୟା ସମାଧାନ କରିବା ଆଦିର ସାମର୍ଥ୍ୟ ହ୍ରାସକରେ। ବୟସ୍କ ଲୋକଙ୍କଠାରେ ଏହା ବେଶ୍ ଅଧିକ ମାତ୍ରାରେ ଦେଖାଯାଉଛି। ଏ ଅବସ୍ଥା ମାନସିକ ଚାପ ବୃଦ୍ଧିକରେ। ଫଳରେ ଚାପ ହର୍‌ମୋନ 'କୋର୍ଟିସଲ'ର କ୍ଷରଣ ଅଧିକ ହୁଏ ; ଯାହାକି ମସ୍ତିଷ୍କର ଜୀବକୋଷଗୁଡ଼ିକୁ କ୍ଷତି ପହଞ୍ଚାଇପାରେ ଏବଂ ସୃଜନାତ୍ମକ କାର୍ଯ୍ୟକଳାପର ଦକ୍ଷତା ହ୍ରାସକରେ। ଏସବୁ ଯୋଗୁ ଜୀବନଧାରଣର ମାନ ନିମ୍ନଗାମୀ ହୁଏ ଏବଂ ବିଭିନ୍ନ ଅଂଶ ଉପରେ ତାହାର ନକାରାତ୍ମକ ପ୍ରଭାବ ପରିଲକ୍ଷିତ ହୁଏ। ବିଶେଷକରି ମସ୍ତିଷ୍କ ଓ ହୃତ୍‌ପିଣ୍ଡ ଏହାଦ୍ୱାରା ଅଧିକ ପ୍ରଭାବିତ ହୁଅନ୍ତି। ତେଣୁ ଏହାକୁ ଅତ୍ୟଧିକ ଧୂମପାନ ବା ପୃଥୁଳତା ସହ ସମାନ ଘାତକ ରୂପେ ବିବେଚନା କରାଯାଏ। ଏହାଦ୍ୱାରା ସ୍ୱାସ୍ଥ୍ୟସେବା, ଶିକ୍ଷା, କର୍ମନିଯୁକ୍ତି ଏବଂ ମାନବ ସମ୍ବଳ କ୍ଷେତ୍ରରେ ସୃଷ୍ଟି ହେଉଥିବା ସମସ୍ୟା ବିଶ୍ୱବ୍ୟାପୀ ବିଲିୟନ ବିଲିୟନ ଡଲାର ଅର୍ଥନୈତିକ କ୍ଷତିର କାରଣ ହେଉଛି।



ଅନେକ ସମୟରେ ଦେଖାଯାଉଛି, ନିଃସଙ୍ଗତା ଅନୁଭବ କରୁଥିବା ଯୁବଗୋଷ୍ଠୀ ପରବର୍ତ୍ତୀ ଅବସ୍ଥାରେ କର୍ମତତ୍ପର ହୋଇପଡୁଛନ୍ତି। ପରିବାର ଚଳାଇବାକୁ ସେମାନଙ୍କୁ ବିଭିନ୍ନ ବ୍ୟକ୍ତି ଓ କାର୍ଯ୍ୟକଳାପ ସହ ସମ୍ପୃକ୍ତ ହେବାକୁ ପଡୁଥିବାରୁ ଏହା ହ୍ରାସ ପାଉଛି। ଅନ୍ୟପକ୍ଷରେ ବୃଦ୍ଧମାନଙ୍କ କ୍ଷେତ୍ରରେ ଏହା ବୟସ ସହ ତାଳଦେଇ ବଢ଼ି ବଢ଼ି ଚାଲୁଛି। ମନୋବିଜ୍ଞାନୀମାନଙ୍କ ମତରେ ଏହାର କାରଣଗୁଡ଼ିକ ହେଲା- (୧) ସେମାନଙ୍କ ନିଃସଙ୍ଗତା ସୃଷ୍ଟି ହୋଇଥାଏ ତାଙ୍କ ଆଶା ସହ ବାସ୍ତବ ସମ୍ପର୍କ ମଧ୍ୟରେ ଅସଂଯୁକ୍ତ ଯୋଗୁ। (୨) ପୁନଶ୍ଚ ବୟସ୍କ ଲୋକେ ଚାହାନ୍ତି, ଅନ୍ୟମାନେ(ବିଶେଷକରି ପରିବାରବର୍ଗ) ତାଙ୍କ କଥା ଶୁଣନ୍ତୁ ଏବଂ ତାଙ୍କର ପରିବାର ଓ ସମାଜ ପାଇଁ କିଛି ଅର୍ଥପୂର୍ଣ୍ଣ ଅବଦାନ ରହୁ। ତାଙ୍କର ଏ ଇଚ୍ଛା ପୂରଣ ହୋଇପାରେ ନାହିଁ। (୩) ସେଥିଯୋଗୁ ଖୁବ୍ କମ୍ ସମୟ ଏକାକୀ କଟାଇଲେ ମଧ୍ୟ ସେମାନେ ନିଃସଙ୍ଗତା ଅନୁଭବ କରନ୍ତି।

ଲଣ୍ଡନସ୍ଥିତ କିଙ୍ଗ୍ କଲେଜର ଗବେଷକ ସୋମିଆ ଅକ୍ତର ଖାଁ ଏବଂ ତାଙ୍କ ସହଯୋଗୀମାନଙ୍କ ଦ୍ୱାରା ଅନୁଷ୍ଠିତ ମନସ୍ତାତ୍ତ୍ୱିକ ଅଧ୍ୟୟନରୁ ଜଣାପଡ଼ିଛି, ବାର୍ଦ୍ଧକ୍ୟକାଳରେ ନିଃସଙ୍ଗତା ଅନୁଭବ ଆଶା ସହିତ ବାସ୍ତବତା ଖାପଖୁଆଇ ନ ପାରିବାରୁ ପ୍ରଧାନତଃ ସୃଷ୍ଟିହୁଏ। ଡ୍ୟୁକ୍ ବିଶ୍ୱବିଦ୍ୟାଳୟଠାରେ ୨୦୨୨ ନଭେମ୍ବରରେ ଅନୁଷ୍ଠିତ ଏକ ସମ୍ମିଳନୀ ଅବସରରେ ପ୍ରେସ୍ ବିବୃତିରେ ସେ ସୂଚନା ଦେଇଥିଲେ ଯେ, ବର୍ତ୍ତମାନର ଗବେଷଣାରେ ସେମାନେ ଚିହ୍ନଟ କରିଥିବା ସମସ୍ୟାଗୁଡ଼ିକ ଏପରି ଯାହାବି ସେମାନେ ଆଗରୁ କେବେ ଭାବିପାରୁ ନ ଥିଲେ।

ବୟସ୍କ ଲୋକେ ସେମାନଙ୍କ ସମ୍ପର୍କୀୟଙ୍କଠାରୁ କ'ଣ ଆଶା କରନ୍ତି ତାହା ବୁଝିବା ପାଇଁ ପ୍ରଥମେ ସେମାନେ ଏହାର କାରଣ ନିରୂପଣ କରିବାକୁ ଆରମ୍ଭକଲେ। ତେବେ, ତାହା ସ୍ଥାନ-କାଳ-ପାତ୍ର ଅନୁସାରେ ଅଲଗା ଅଲଗା ହେବାର ଜଣାପଡ଼ିଲା ଯେ ତାହା ନିର୍ଦ୍ଦିଷ୍ଟଭାବେ ସ୍ଥିର କରିବା ସମ୍ଭବ ହେଲା ନାହିଁ। ତଥାପି ନିଃସଙ୍ଗତା ଯେ ଏକୁଟିଆ ରହିବାଠାରୁ କିଛି ଅଧିକ ଏକଥା ସେମାନେ ବୁଝିପାରିଲେ।

ତତ୍ପରେ ଅକ୍ତର ଖାଁ ଏବଂ ତାଙ୍କ ସହଯୋଗୀମାନେ ମ୍ୟାନ୍‌ମାରଠାରେ ବର୍ଷଟିଏ ରହି ବାର୍ଦ୍ଧକ୍ୟ ମନସ୍ତତ୍ତ୍ୱ ଉପରେ ଅଧ୍ୟୟନ କରିବାକୁ ଲାଗିଲେ। ସେମାନେ ସଂଗ୍ରହ କରିଥିବା ତଥ୍ୟାବଳୀରୁ ଜଣାପଡ଼ିଲା ଯେ, ଅଧିକାଂଶ ସମୟ ଏକାକୀ ନ କଟାଇଲେ ମଧ୍ୟ ଲୋକେ ତଥାପି ନିଃସଙ୍ଗ ଅନୁଭବ କରନ୍ତି, ଏହାକୁ ନେଇ ସେମାନେ ଏକ ମତବାଦ ତିଆରି କରିଛନ୍ତି। ତଦନୁଯାୟୀ ବୟସ୍କ ଲୋକଙ୍କର ସମ୍ପର୍କୀୟଙ୍କୁ ନେଇ କିଛି ଆଶାଥାଏ ; ଯାହାକି ଅନେକ ସ୍ଥଳେ ଉପେକ୍ଷିତ ହୋଇଥାଏ। ଅଧ୍ୟୟନ ଅନୁସାରେ ସେମାନେ ସାଧାରଣଭାବେ ତାଙ୍କ ସାମାଜିକ ସମ୍ପର୍କରୁ ଦୁଇଟି କଥା ଚାହାନ୍ତି। ତହିଁରୁ ପ୍ରଥମଟି ହେଲା ଅନ୍ୟମାନେ ତାଙ୍କ କଥା ଶୁଣନ୍ତୁ ଏବଂ ଦ୍ୱିତୀୟରେ ସେମାନେ ନିଜେ ସମାଜ ବା ପରିବାର ପାଇଁ କିଛି ଅବଦାନ ଦେବାର ସୁଯୋଗ ତାଙ୍କୁ ମିଳୁ, ଏପରିସ୍ଥଳେ ନିକଟରେ ଲୋକମାନେ ସେମାନଙ୍କ ଅନୁଭୂତିଗୁଡ଼ିକରୁ କିଛି ଶିକ୍ଷା କରିବା ଏବଂ ଜୀବନଧାରାକୁ ପସନ୍ଦ କରିବା ବୟସ୍କ ଲୋକଙ୍କ ମଧ୍ୟରେ ନିଃସଙ୍ଗତାର ଘାତକ ପ୍ରଭାବ ହ୍ରାସ କରିବାରେ ବିଶେଷ ସହାୟକ ହୋଇପାରିବ। ତେବେ ନିଃସଙ୍ଗତା ଅନୁଭବ କେବଳ ବୟସ୍କମାନଙ୍କ ମଧ୍ୟରେ ସୀମାବଦ୍ଧ ନୁହେଁ। ଏହା ହେଉଛି ଏକ ଭାବପ୍ରବଣତାର ଅବସ୍ଥା ଯାହାକି ଯେକୌଣସି ବୟସର ଯେ ଲୋକକୁ ପରିସ୍ଥିତି ଉପରେ ନିର୍ଭରକରି ଅନୁଭୂତ ହୋଇପାରେ। ଉଦାହରଣ ସ୍ୱରୂପ, କୋଭିଡ୍ ମହାମାରୀ ସମୟରେ ବହୁ ଲୋକ ଏହାଦ୍ୱାରା ପ୍ରଭାବିତ ହୋଇଥିଲେ। ସେଥିପାଇଁ ଜାପାନ ଏବଂ ଇଂଲଣ୍ଡ ଜଣେ ଜଣେ ମନ୍ତ୍ରୀଙ୍କ ଅଧୀନରେ ଗୋଟିଏ ଗୋଟିଏ ନିଃସଙ୍ଗ ମନ୍ତ୍ରଣାଳୟ ସ୍ଥାପନ କରିଥିଲେ ଏଥିପ୍ରତି ଧ୍ୟାନଦେବାକୁ।

ନିଃସଙ୍ଗତା ଗ୍ରାଫ୍‌ରେ ଜୀବନକାଳ ମଧ୍ୟରେ ଦୁଇଟି ଶୀର୍ଷ ଥିବାର ଦେଖିବାକୁ ମିଳେ। ତହିଁରୁ ଗୋଟିଏ ଯୁବକ ଅବସ୍ଥାରେ ହେଲା ବେଳେ ଅନ୍ୟଟି ବୃଦ୍ଧାବସ୍ଥାକୁ ସୂଚିତ କରେ। ଡ. ଅକ୍ତର ଖାଁଙ୍କ ମତରେ ଏହାର କାରଣଗୁଡ଼ିକୁ ଉତ୍ତମରୂପେ ବୁଝିପାରିଲେ ଆମେ ହୁଏତ ତାହା ସମାଧାନ କରିବାରେ ଅଧିକ ଫଳପ୍ରଦ ପନ୍ଥାଟିଏ ନିରୂପଣ କରିପାରିବା।

ବର୍ତ୍ତମାନ ପୃଥିବୀରେ ବୟସ୍କମାନଙ୍କ ସଂଖ୍ୟା ବଢ଼ିଚାଲିଛି। ଅନ୍ୟପକ୍ଷରେ, ଯୁବଗୋଷ୍ଠୀ ମଧ୍ୟ ଅଧିକରୁ ଅଧିକ ମାନସିକ ଚାପର ସମ୍ମୁଖୀନ ହେଉଛନ୍ତି। ଫଳରେ ନିଃସଙ୍ଗତା ମହାମାରୀ ରୂପ ନେଇ କାୟାବିସ୍ତାର କରିଚାଲିଛି। ଏହାକୁ ନିୟନ୍ତ୍ରଣ କରିବା ଲାଗି ମନସ୍ତତ୍ତ୍ୱବିତ୍ ଏବଂ ଚିକିତ୍ସାବିଜ୍ଞାନୀମାନେ ଉଦ୍ୟମ କରିବା ଦରକାର। ସମାଜ ବିଜ୍ଞାନୀମାନଙ୍କର ମଧ୍ୟ ଏ କ୍ଷେତ୍ରକୁ ଗୁରୁତ୍ୱପୂର୍ଣ୍ଣ ଅବଦାନ ରହିବା ଉଚିତ। ଶେଷରେ ସରକାରୀସ୍ତରରେ ଇଂଲଣ୍ଡ ଓ ଜାପାନର ପଦାଙ୍କ ଅନୁସରଣକରି ପଦକ୍ଷେପମାନ ଆରମ୍ଭକଲେ ଏ ମହାମାରୀର ତୀବ୍ରତା ହ୍ରାସ ପାଆନ୍ତି।

**ଉଷାନିବାସ, ଖଣ୍ଡଗିରି ବିହାର, ଭୁବନେଶ୍ୱର**
**ମୋ: ୯୯୩୭୩୦୧୪୬୦**

# ସଫଳତାକୁ ଦେଖାଯାଉ



**ବୃହସ୍ପତି ସାମଲ**

କିଛି ରୋଚକ ଖବରର ଶିରୋନାମା ଅନେକ ସମୟରେ ଅଗ୍ରହଣୀୟ ହୋଇଥିଲେ ବି ସେସବୁକୁ ପ୍ରସ୍ତୁତ କରାଯାଉଛି। ବିଶେଷ ଭାବରେ ଭାରତୀୟ ପ୍ରଶାସନିକ ସେବା (ୟୁପିଏସ୍‌ସି) ସହ ବିଭିନ୍ନ ସର୍ବଭାରତୀୟ ଓ ରାଜ୍ୟସ୍ତରୀୟ ପରୀକ୍ଷା ଓ ପ୍ରତିଯୋଗିତାର ଫଳାଫଳ ପ୍ରକାଶ ପାଇଲା ବେଳେ ଏଭଳି ଅନେକ ଖବର ନଜରକୁ ଆସେ। ଉଦାହରଣ ସ୍ୱରୂପ, କେବଳ ତେଲୁଗୁ ଭାଷାରେ ଦକ୍ଷତା ଥିବା ଆନ୍ଧ୍ର ପ୍ରଦେଶର ଜଣେ ଚାଷୀଙ୍କ ପୁଅ ଆର୍. ଗୋପାଳକୃଷ୍ଣ ଯେତେବେଳେ ୨୦୧୭ ୟୁପିଏସ୍‌ସି ପରୀକ୍ଷାରେ ସଫଳତା ପାଇଲେ, ଭାରତର ଏକ ଜାତୀୟ ବୈଦ୍ୟୁତିକ ଗଣମାଧ୍ୟମର ଖବରରେ ଶିରୋନାମା ରହିଲା, ଇଂରାଜୀ ନ ଜାଣି ଉପହାସର ପାତ୍ର ହୋଇଥିବା ଚାଷୀର ପୁଅ ସିଭିଲ ସର୍ଭିସ୍ ପରୀକ୍ଷାରେ ତୃତୀୟ। ୨୦୧୯ରେ ଯେତେବେଳେ କେରଳ ୱାୟନାଡ୍ ଅଞ୍ଚଳର କୁରିଚିୟା ଜନଜାତିର ଶ୍ରୀଧନ୍ୟା ସୁରେଶ ଆଇଏଏସ୍ ପାଇଲେ, ହେଡ୍‌ଲାଇନ ରହିଲା-କେରଳ ଜନଜାତି ନାରୀ ଆଇଏଏସ୍ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇ ଜନଜାତି ସମ୍ପ୍ରଦାୟର ପ୍ରଥମ ଆଇଏଏସ୍। ୨୦୧୬ରେ ପଶ୍ଚିମବଙ୍ଗର ଶ୍ୱେତା ଅଗ୍ରୱାଲଙ୍କ ସଫଳତାକୁ ଏକ ଜାତୀୟ ଖବରକାଗଜ ପ୍ରକାଶ କଲା-ଊନବିଂଶ ସ୍ଥାନରେ ତେଜରାତି ଦୋକାନୀଙ୍କ ଝିଅ ପଶ୍ଚିମବଙ୍ଗ ଟପ୍ପର।

ଏହିଭଳି ବ୍ୟକ୍ତିଗତ ଗାଥାଗୁଡ଼ିକ କୌଣସି ଅପୂର୍ବ ଘଟଣା ନୁହେଁ। ଆମେ ଯଦି ସଂଖ୍ୟାଗତ ତଥ୍ୟ ଦେଖିବା, ତେବେ ଏହି ବିକାଶ ଏକ ବ୍ୟାପକ ସାମାଜିକ ପରିବର୍ତ୍ତନକୁ ଇଙ୍ଗିତକରେ। ୨୦୨୩ର ୟୁପିଏସ୍‌ସି ପରୀକ୍ଷାଫଳ ଅନୁସାରେ ମୋଟ ୧୦୧୬ କୃତୀ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୬୬୯ ଜଣ (ଅନ୍ୟୂନ ଦୁଇତୃତୀୟାଂଶ) ଅନୁସୂଚିତ ଶ୍ରେଣୀରୁ ଥିଲେ (୧୧୫ ଇଡବ୍ଲ୍ୟୁଏସ୍, ୩୦୩ ଓବିସି, ୧୬୫ ଏସ୍‌ସି ଓ ୮୬ ଏସ୍‌ଟି)। ସେହିଭଳି ୨୦୨୨ରେ ୯୩୩ ଜଣ ମଧ୍ୟରୁ ୫୮୮ ଜଣ ଏହି ଶ୍ରେଣୀଗୁଡ଼ିକରୁ ଥିଲେ। ଜେଇଇ ଆଡ୍‌ଭାନ୍ସଡ୍ ୨୦୨୪ରେ ୧.୮ ଲକ୍ଷ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ଉତ୍ତୀର୍ଣ୍ଣ ୪୮,୨୪୮ଙ୍କ ଭିତରେ ଅହମଦାବାଦର ଦଳିତ ବାଳକଠାରୁ ଆସାମ ଚା'ବଗିଚାର ବାଳିକା ସହ ୧୩,୮୦୦ ଏସ୍‌ସି, ୫୦୦୦ ଏସ୍‌ଟି ଏବଂ ୫୫୦୦ ଇଡବ୍ଲ୍ୟୁଏସ୍ ପରୀକ୍ଷାର୍ଥୀ ଅନ୍ତର୍ଭୁକ୍ତ ଥିଲେ। ଏହି ଅଭୂତପୂର୍ବ ସଫଳତା ପ୍ରମାଣ କରେ ଯେ ଦେଶର ପ୍ରତ୍ୟେକ ଅଞ୍ଚଳରୁ ମେଧାବୀମାନେ ଆଗକୁ ବଢୁଛନ୍ତି। ଆଇଆଇଏମ୍ ଗୁଡ଼ିକର ସଫଳତାରେ ମଧ୍ୟ ସମାନ ତଥ୍ୟ। ୨୦୧୫-୨୦୨୫ ମଧ୍ୟରେ ଭର୍ତ୍ତି ହୋଇଥିବା ୬୫,୯୭୮ ଛାତ୍ରଙ୍କ ମଧ୍ୟରୁ ୧୭,୧୮୪ ଓବିସି, ୯,୭୨୧ ଏସ୍‌ସି, ଓ ୪,୧୪୦ ଏସ୍‌ଟି ଥିଲେ। ଏହି ସଂଖ୍ୟାଗତ ସଫଳତା ଆଜି ଭାରତର ପ୍ରତିଟି ଉପେକ୍ଷିତ ଓ ବଞ୍ଚିତ ଶ୍ରେଣୀର ଛାତ୍ରୀଛାତ୍ରଙ୍କ ସ୍ୱପ୍ନ ସତ୍ୟରେ ପରିଣତ ହେବାର ପ୍ରମାଣ ଯାହା ସେମାନଙ୍କର ବ୍ୟକ୍ତିଗତ ଉପଲବ୍ଧି ନୁହେଁ, ବରଂ ଏହା ଏକ ସାମୂହିକ ଚେତନାର ଉନ୍ନତି, ଏକ ସାମାଜିକ ଧାରାର ପରିବର୍ତ୍ତନ ସହ ଆଗକୁ ବଢ଼ିବାର ଶୁଭ ସୂଚନା।

କିନ୍ତୁ ଏଠି ପ୍ରଶ୍ନ ହେଉଛି, ଗଣମାଧ୍ୟମ ଏବଂ ସାଧାରଣ ଶିକ୍ଷିତ ଲୋକମାନେ ଏହି ସଫଳତାଗୁଡ଼ିକୁ କିପରି ଦେଖୁଛନ୍ତି? 'ଦିନ ମଜୁରିଆର ପୁଅ ଆଇଏଏସ୍', 'ଚାଷୀର ପୁଅ ଆଇପିଏସ୍', 'ଅଟୋ ଚାଳକର ଝିଅ ଅମୁକରେ ଟପ୍ପର', 'ପରିବା ବିକାଳିର ପୁଅ ଅମୁକରେ ପ୍ରଥମ', 'ରିକ୍ସାବାଲା ଝିଅର କମାଲ', 'ଆଦିବାସୀ ପୁଅର ଐତିହାସିକ ରେକର୍ଡ' ଇତ୍ୟାଦି ଶିରୋନାମା ଥାଇ ପରିବେଷିତ ହେଉଥିବା ଖବର ଶ୍ରୋତାମାନଙ୍କ ପାଇଁ ଆନନ୍ଦଦାୟକ ହୋଇପାରେ, କିନ୍ତୁ ଏହା ମଧ୍ୟରେ ଲୁଚିଥାଏ ଏକ ସୂକ୍ଷ୍ମ ବୈଷମ୍ୟ, ଯାହା ପରୋକ୍ଷରେ ସୂଚାଇଥାଏ ଯେ ଏହିଭଳି ପୃଷ୍ଠଭୂମିର ଲୋକେ ଅଭିନବ ସଫଳତା ପାଇବାକୁ ଯୋଗ୍ୟ ନୁହନ୍ତି। ଏମିତି ଖବର ପରିବେଷଣକରି କ'ଣ ଜୋର୍‌ଦେଇ କହିହେବ ଯେ ଧନୀ-ଗରିବ, ଉଚ୍ଚ-ନୀଚ, ଜାତି-ଅଜାତି, ଶ୍ରମିକ-ମାଲିକ ଶ୍ରେଣୀର ଊର୍ଦ୍ଧ୍ୱରେ ସମସ୍ତଙ୍କୁ ସମାନ ଦୃଷ୍ଟିରେ ଦେଖାଯାଉଛି ବୋଲି! କୃତୀ ଛାତ୍ରୀଛାତ୍ର ଓ ପ୍ରତିଯୋଗୀଙ୍କ ସଫଳତାର କାହାଣୀ ପରଷୁ ପରଷୁ ସେମାନଙ୍କର ମାତାପିତା ଓ ଅଭିଭାବକମାନଙ୍କୁ ସମାଜ ଆଖିରେ ଏକ ଭିନ୍ନ ଦୃଷ୍ଟିଭଙ୍ଗୀରେ ଦେଖିବାକୁ ବାଧ୍ୟ କରାଯାଇଥାଏ। ଆଇଏଏସ୍ ଅଧିକାରୀଙ୍କ ପିଲାମାନେ ଆଇଏଏସ୍ ହେଲେ ଅବା ଡାକ୍ତର କି ଇଞ୍ଜିନିୟରଙ୍କର ପିଲାମାନେ ଡାକ୍ତର କି ଇଞ୍ଜିନିୟର ହେଲେ ଖବର ଏତେ ଜୋର୍‌ଦାର ହୁଏ ନାହିଁ। ସତେ ଯେମିତି ଜଣେ ଦିନ ମଜୁରିଆ କି ରିକ୍ସାବାଲାର ପୁଅଝିଅ ଏସବୁ ପାଇଁ ହକ୍‌ଦାର ନ ଥିଲେ ବା ନାହାନ୍ତି ଯେଉଁଥିପାଇଁ ସେମାନଙ୍କର ଏଭଳି ଅଚାନକ ସଫଳତା ଏକ ଦୃଷ୍ଟି ଆକର୍ଷଣକାରୀ ଢଙ୍ଗରେ ପ୍ରଚାରପ୍ରସାର କରିବାକୁ ରୋଚକ ଖବରର ଖୋରାକ ଯୋଗାଇଦେଇଥାଏ।



ଅଭାବୀ ଘରର ପିଲାମାନେ ସଫଳତାର ଶିଢ଼ି ଚଢ଼ନ୍ତି ସତ, ହେଲେ ସେମାନେ ତାଙ୍କର ଅଭାବୀ ଅତୀତ ଭୁଲି ଆଗକୁ ବଢ଼ିବାକୁ ଯେତେ ଚେଷ୍ଟାକଲେ ମଧ୍ୟ ଏ ସମାଜ ଏମିତି ଖବର ଆଳୁଆଳରେ କେବେ ଭୁଲିବାକୁ ଦିଏ ନାହିଁ। ଜଣେ ବିଶ୍ୱ ପ୍ରସିଦ୍ଧ ବୈଜ୍ଞାନିକ ଓ ଭାରତର ରାଷ୍ଟ୍ରପତି ଥିବା ସତ୍ତ୍ୱେ ଡ. ଏପିଜେ ଅବଦୁଲ କଲାମଙ୍କୁ ଏବେ ବି ଜଣେ ଖବରକାଗଜ ହକର ଭାବେ ଆମେ ମନେରଖିଛନ୍ତି। ଖବର କ'ଣ ଏମିତି ପରିବେଷଣ କରାଯାଇ ପାରିବ ନାହିଁ ଯାହାଦ୍ୱାରା ତାଙ୍କର ଦୁଃଖଦ ଅତୀତକୁ ଭୁଲି ଆମେ ଡ. କଲାମଙ୍କୁ କେବଳ ତାଙ୍କର ଶ୍ରେଷ୍ଠ କୃତି ପାଇଁ ମନେରଖିପାରିବା ! ସଫଳତା ଯାହାର, ତା'ରି କଥା ଆଲୋଚନା ହେଉ। ହେଲେ ଅଭିଭାବକମାନଙ୍କର ଦାରିଦ୍ର୍ୟ ଓ ଅଭାବ ଅନଟନକୁ ନିର୍ଦ୍ଦେଶକରିବା ପରୋକ୍ଷରେ ସେମାନଙ୍କୁ ଅପମାନ ଦେଲା ଭଳି ଯାହା ତଥାକଥିତ ସଭ୍ୟ ସମାଜର ଗରିବ, ଖଟିଖିଆଙ୍କ ପ୍ରତି ଆଜିର ଏ ଅତ୍ୟାଧୁନିକ ଯୁଗରେ ଏକ ରୁଗ୍ଣ ମାନସିକତାର ପରିପ୍ରକାଶ। ସେମାନଙ୍କୁ ଏବେ ବି ସହଜରେ ଓ ସମାନ ଭାବରେ ଗ୍ରହଣ କରିପାରିନାହୁଁ।

ସଫଳତା ସେତେବେଳେ ମୂଲ୍ୟବାନ୍ ହୁଏ ଯେତେବେଳେ ବ୍ୟକ୍ତିବିଶେଷଠାରେ ଦୃଢ଼ ଇଚ୍ଛାଶକ୍ତି, କଠିନ ପରିଶ୍ରମ, ସମର୍ପଣ ଭାବ ଓ ପ୍ରତିଶ୍ରୁତିବଦ୍ଧତା ଅନ୍ତର୍ନିହିତ ହୋଇ ରହିଥାଏ। ଜଣେ ଚାଷୀଙ୍କ ପୁଅ ଯଦି ଆଇଏଏସ୍ ହୁଏ, ତେବେ ଆମେ ତାଙ୍କର ମେଧା, ଦୃଢ଼ ସଙ୍କଳ୍ପ ଓ ଶିକ୍ଷା ପ୍ରତି ଭଲପାଇବାକୁ ବିଶେଷ ଭାବେ କହିପାରିବା ଅଥବା ଲେଖିପାରିବା। କିନ୍ତୁ ତାଙ୍କ ପିତାମାତାଙ୍କର ବୃତ୍ତି ଓ ଅଭାବ ଅନଟନକୁ ଅଗ୍ରପଂକ୍ତିରେ ଆଣି ସେହି ସଫଳତାକୁ ଅଲଗା ଭାବେ ଦେଖିବା ଏକ ପ୍ରକାର ବୈଷମ୍ୟ କହିଲେ ଅତ୍ୟୁକ୍ତି ହେବନାହିଁ। ସଫଳତାକୁ ଆଲୋକିତ କରିବାରେ ଆମେ ତାଙ୍କର ପ୍ରତିଭା, ଅନୁଶାସନ ଓ ଶିକ୍ଷା ସମ୍ପର୍କରେ ଅଧିକ ଆଲୋଚନା କରିବା ଉଚିତ, ତାଙ୍କ ମାତାପିତାଙ୍କ ବୃତ୍ତି କିମ୍ବା ଆର୍ଥିକ ଅଭାବ ଅନଟନ ନୁହେଁ।

**ମୋ: ୯୪୩୭୦୨୨୬୬୯**

## ଏଇ ଭାରତରେ

ଖରାଦିନେ ପଣସ ପାଚି ବର୍ଷାବେଳକୁ ସରିଯାଏ। ପରେ ପଣସ ପ୍ରିୟ ଲୋକ ତାହାକୁ ଝୁରନ୍ତି। କିନ୍ତୁ ବର୍ଷକ ବାରମାସ ପଣସ ସ୍ୱାଦ ପାଇବା ପାଇଁ କେରଳ ଇଡୁକିର ରାନି ସୁନି ନୂଆ ଉତ୍ପାଦ ପ୍ରସ୍ତୁତ କରୁଛନ୍ତି। ସେ ୪.୫ ଏକର ଜମିରେ ପଣସ ଗଛ ଲଗାଇଛନ୍ତି। ସେଥିରେ ଫଳୁଥିବା ପଣସ ଓ ୨୦ଟି ପଡ଼ୋଶୀ ପରିବାରଙ୍କଠାରୁ ତାହା ସଂଗ୍ରହ କରି ଶୁଖିଲା ପଣସ ଗୁଣ୍ଡ, ପଣସ ମଞ୍ଜିଗୁଣ୍ଡ, ପଣସ ସସ୍ ଇତ୍ୟାଦି ପ୍ରସ୍ତୁତ କରୁଛନ୍ତି। ଏହି କାର୍ଯ୍ୟରେ ସେ ୧୦ ଜଣ ଲୋକଙ୍କୁ ନିଯୁକ୍ତ କରିଛନ୍ତି। ରାନିଙ୍କ ବୟସ ଏବେ ୫୭। ସେ ତାଙ୍କ ଉତ୍ପାଦଗୁଡ଼ିକୁ 'ଏଡେନ ଜ୍ୟାକଫ୍ରୁଟ ପ୍ରଡକ୍ଟ' ବ୍ରାଣ୍ଡରେ ବିକ୍ରି କରୁଛନ୍ତି। ପ୍ରଥମେ ରାନି ତାଙ୍କ ଘର ପାଖରେ ଥିବା ଏକ ଛୋଟ ରୁମ୍‌ରେ ଏହି ବିଜ୍‌ନେସ ଆରମ୍ଭ କରିଥିଲେ। ଏବେ ଏହାକୁ ସମ୍ପ୍ରସାରିତ କରି ବର୍ଷକୁ ୮ ଲକ୍ଷ ପର୍ଯ୍ୟନ୍ତ ରୋଜଗାର କରିପାରୁଛନ୍ତି। ରାନି ବିଜ୍‌ନେସ ସମ୍ପର୍କିତ କୌଣସି ଶିକ୍ଷା ପାଇନାହାନ୍ତି, କିନ୍ତୁ ଜଣେ ଗୃହିଣୀ ଭାବେ ସେ ଏଭଳି ସଫଳତା ପାଇଛନ୍ତି। ସକାଳୁ ଘର କାମ ସାରିଦେଇ ସେ ବିଜ୍‌ନେସ୍ ସମ୍ଭାଳୁଛନ୍ତି।

## ୫୦ ବର୍ଷ ତଳର ଧରିତ୍ରୀ

**୩୦ ଅଗଷ୍ଟ ୧୯୭୬**

- ସୀମାନ୍ତ ଗାନ୍ଧୀ ଖାଁ ଅବଦୁଲ ଗଫୁର ଖାଁଙ୍କୁ ୨ ବର୍ଷ ଧରି ଅଟକ ରଖାଯିବା ପରେ ମୁକ୍ତ କରିଦିଆଯାଇଥିବା ପାକିସ୍ତାନ ରେଡିଓରୁ ଘୋଷଣା କରାଯାଇଛି।
- ଭାରତର ଅନ୍ୟତମ ବିଶିଷ୍ଟ ଲୋକପ୍ରିୟ ଚଳଚ୍ଚିତ୍ର ଗାୟକ ମୁକେଶଙ୍କ ୫୩ ବର୍ଷ ବୟସରେ ପରଲୋକ।
- ଯୁକ୍ତରାଷ୍ଟ୍ର ଆମେରିକାର ଏକ ସାମରିକ ବିମାନ ଦୁର୍ଘଟଣାର ସମ୍ମୁଖୀନ ହେବା ଫଳରେ ୧୭ ଜଣଙ୍କ ମୃତ୍ୟୁ।
- ବାଂଲାଦେଶ ବିପ୍ଳବୀ କବି ନଜରୁଲ ଇସଲାମଙ୍କ ୭୭ ବର୍ଷରେ ପରଲୋକ।

## ଚିରନ୍ତନୀ

ପବନ ସେ ରଣରଣି ବହଇ
କାନେ କାନେ କାହା କଥା କହଇ
ପୀଡ଼ିତ ଉଦାସ ମୋର ମରମ
ଚଞ୍ଚଳି ଉଠେ ତେଜି ସରମ
ଉପୁଜାଇ ବିଶ୍ୱର ଭରମ
କେଉଁ ଫୁଲ ବାସି ଉଠି ମୋହଇ।
-(ଫଗୁଣ ଜ୍ୟୋତ୍ସ୍ନା)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

## su | do | ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| 6 | | 7 | | | | 1 | 9 | |
| 9 | | 8 | | | | 2 | | |
| | | | | | | | | 3 |
| | | | | 4 | | | 2 | 1 |
| | | 9 | | | 2 | 7 | | 6 |
| | | | 5 | | | 9 | 4 | |
| 8 | | | | | 9 | | | 4 |
| | | | 1 | | | | | |
| | | 1 | | 5 | 8 | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 8 | 2 | 3 | 9 | 4 | 6 | 5 | 1 | 7 |
| 7 | 5 | 6 | 8 | 1 | 3 | 9 | 4 | 2 |
| 9 | 1 | 4 | 7 | 2 | 5 | 6 | 8 | 3 |
| 5 | 7 | 8 | 1 | 6 | 9 | 2 | 3 | 4 |
| 3 | 4 | 9 | 2 | 7 | 8 | 1 | 5 | 6 |
| 2 | 6 | 1 | 5 | 3 | 4 | 7 | 9 | 8 |
| 4 | 3 | 7 | 6 | 5 | 1 | 8 | 2 | 9 |
| 6 | 9 | 5 | 3 | 8 | 2 | 4 | 7 | 1 |
| 1 | 8 | 2 | 4 | 9 | 7 | 3 | 6 | 5 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ଭଦ୍ରକ କାଳୀପୂଜା ଏଥର ୧୧ ଦିନ ହେଉ

ମହାଶୟ,
ଭଦ୍ରକ ସହର ହେଉଛି ନବକାଳୀ କ୍ଷେତ୍ର। ଏଠାର ପ୍ରସିଦ୍ଧ କାଳୀପୂଜା ଭାରତ ପ୍ରସିଦ୍ଧ। ଏହାକୁ ଐତିହ୍ୟ ମାନ୍ୟତା ଦେବା ପାଇଁ ଦାବି ହୋଇ ଆସୁଛି। ଇତିହାସ କହେ, ପ୍ରଥମେ ପ୍ରଥମେ ଏହି ମେଳା ୩ ଦିନ, ପରବର୍ତ୍ତୀ ସମୟରେ ୭ ଦିନ ଅନୁଷ୍ଠିତ ହେଉଥିଲା। ଦୀର୍ଘବର୍ଷ ପରେ ୨୦୧୭ରେ ପ୍ରଶାସନ ଏହାକୁ ବଢ଼ାଇ ୮ ଦିନ କରିଥିଲେ। ପରବର୍ତ୍ତୀ ପୂଜା କମିଟିମାନଙ୍କ ଅନୁରୋଧ କ୍ରମେ ଏହାକୁ ୧୦ଦିନ ଓ ୨୦୧୯ରେ ଏହି ମେଳାକୁ ବଢ଼ାଇ ୧୧ ଦିନ କରାଯାଇଥିଲା। ଏକାଦଶତମ ଦିବସ ଭସାଣି ଉତ୍ସବ ହେଲା। ୨୦୨୦-୨୧ ଦୁଇବର୍ଷ ମହାମାରୀ କରୋନା ଯୋଗୁ ମେଳା ସମ୍ପୂର୍ଣ୍ଣ ବନ୍ଦ ଥିଲା। ୨୦୨୨ରେ ଧାମନଗର ଉପନିର୍ବାଚନ ପାଇଁ ଏହି ମେଳାକୁ ହ୍ରାସ କରାଯାଇ ୭ଦିନରେ ସୀମିତ ରଖାଯାଇଥିଲା। ସରକାରଙ୍କୁ ଅନୁରୋଧ ୨୦୨୫ ଠାରୁ ଏହି ମେଳାକୁ ପୁନର୍ବାର ୧୧ଦିନ କରାଯାଉ। ସଂସ୍କୃତି ମନ୍ତ୍ରୀ ଏଥିପ୍ରତି ଦୃଷ୍ଟିଦେବେ ବୋଲି ଆମର ଆଶା।

**-ଅରୁଣ କୁମାର ନାୟକ, ଏରେଇଁ, ଚରମ୍ପା, ଭଦ୍ରକ**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail: edit.dharitri@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

**ସଂକ୍ଷେପରେ**

## କାଠଯୋଡ଼ି ନଦୀବନ୍ଧରୁ ଷ୍ଟ୍ରିଟ୍ ଲାଇଟ ଚୋରି

**ବାରଙ୍ଗ,୨୯।୮(ଲିଙ୍ଗରାଜ ରାଉତ):** ଗୋଡିସାହି ଫାଣ୍ଡି ଅନ୍ତର୍ଗତ କାଠଯୋଡ଼ି ନଦୀବନ୍ଧ ରାସ୍ତାରେ ଲାଗିଥିବା ପ୍ରାୟ ୨୦ରୁ ଉର୍ଦ୍ଧ୍ୱ ଷ୍ଟ୍ରିଟ ଲାଇଟ ଦୁର୍ବୃତ୍ତମାନେ ଚୋରି କରି ନେଇଥିବା ଜଣାପଡିଛି। ଫଳରେ କେବଳ ୩ ନଂ. ୱାର୍ଡର ଜନସାଧାରଣ ନୁହେଁ ରାସ୍ତାରେ ଯାଉଥିବା ପଥଚାରୀମାନେ ଅନ୍ଧାରରେ ଯାତାୟାତ କରୁଛନ୍ତି। ପ୍ରକାଶ ଯେ, କଟକ ମହାନଗର ନିଗମ ପକ୍ଷରୁ ୩ ନଂ ୱାର୍ଡର ବେଷ୍ଟକାରପଡାଠାରୁ ବିଦ୍ୟାଧରପୁର ପର୍ଯ୍ୟନ୍ତ କାଠଯୋଡ଼ି ନଦୀବନ୍ଧ ରାସ୍ତାରେ ଷ୍ଟ୍ରିଟ୍ ଲାଇଟ ଲଗାଯାଇଥିଲା। ଫଳରେ ସାଧାରଣ ଲୋକେ ରାତିରେ ନିର୍ଦ୍ୱନ୍ଦ୍ୱରେ ନଦୀବନ୍ଧ ରାସ୍ତାରେ ଯାତାୟାତ କରିପାରୁଥିଲେ।

# ଓକିଲାତି ଲାଇସେନ୍ସ ଥାଇ ଅନ୍ୟ ପେସାରେ ରହିଲେ କାର୍ଯ୍ୟାନୁଷ୍ଠାନ

## ରାଜ୍ୟ ଆଇନଜୀବୀ ପରିଷଦ ପକ୍ଷରୁ ସମସ୍ତ ବାର୍ ଆସୋସିଏଶନକୁ ନିର୍ଦ୍ଦେଶ

**କଟକ,୨୯।୮(କାର୍ତ୍ତିକ ସାହୁ)**

ରାଜ୍ୟ ଆଇନଜୀବୀ ପରିଷଦରୁ ଆଇନ ପେସାରେ ଯୋଗଦେବା ଲାଗି ଓକିଲାତି ଲାଇସେନ୍ସ ନେଉଥିବା ଅନେକ ଆଇନଜୀବୀ ବିଭିନ୍ନ କମ୍ପାନୀ, ବ୍ୟବସାୟ, ଠିକାକାମ, ସରକାରୀ ଚାକିରି ଓ ଅନ୍ୟାନ୍ୟ ପେସାରେ ଯୋଗଦେଇ କାର୍ଯ୍ୟ କରୁଛନ୍ତି। ଏଭଳି ଅଭିଯୋଗ ବହୁମାତ୍ରାରେ ରାଜ୍ୟ ଆଇନଜୀବୀ ପରିଷଦ ନିକଟରେ ପହଞ୍ଚିଛି। ଏହାକୁ ରୋକିବା ଲାଗି ରାଜ୍ୟ ଆଇନଜୀବୀ ପରିଷଦ ସମସ୍ତ ବାର ଆସୋସିଏଶନକୁ ନିର୍ଦ୍ଦେଶ ଦେଇଛି। ଆଡଭୋକେଟ ଆଇନ ୧୯୬୧ର ନିୟମ ଅନୁଯାୟୀ, ଆଇନଜୀବୀ ଲାଇସେନ୍ସ ପାଇବା ପରେ ଜଣେ ଆଇନଜୀବୀ ଅନ୍ୟ ପେସାରେ ପୂର୍ଣ୍ଣାଙ୍ଗ ରୂପେ କାର୍ଯ୍ୟ କରିବା ଏପରିକି କେତେକ ସ୍ଥଳରେ ସରକାରୀ ଦପ୍ତରରେ ଚୁକ୍ତିଭିତ୍ତିକ ପୂର୍ଣ୍ଣ ସମୟ ଲାଗି କନସଲଟାଣ୍ଟ ଓ ରିସର୍ଚ୍ଚର ଭାବେ କାର୍ଯ୍ୟ କରିବା ପେସାଗତ ନୈତିକତାର ବିରୁଦ୍ଧାଚରଣ କରୁଛି। ଏହି ଆଇନଜୀବୀମାନେ ସେମାନଙ୍କ ଲାଇସେନ୍ସ ରାଜ୍ୟ ଆଇନଜୀବୀ ପରିଷଦରେ ସରେଣ୍ଡର କିମ୍ବା ସସ୍‌ପେଣ୍ଡ କରିବାର ନିୟମ ରହିଛି। ମାତ୍ର ଏହି ଆଇନଜୀବୀମାନେ ତାହା ନ କରି ନିୟମ ଉଲ୍ଲଂଘନ କରୁଛନ୍ତି। ସେମାନଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ଲାଗି ଗତ ଏପ୍ରିଲ ୧୨ରେ ପରିଷଦର ସାଧାରଣ ପରିଷଦ ବୈଠକରେ ନିଷ୍ପତ୍ତି ନିଆଯାଇଛି। ଏ ବାବଦରେ ବାର ଆସୋସିଏଶନଗୁଡ଼ିକୁ ପରିଷଦ ପକ୍ଷରୁ ଚିଠି ଲେଖି ଏଭଳି ଆଇନଜୀବୀମାନଙ୍କୁ ସେମାନଙ୍କ ଲାଇସେନ୍ସ ତୁରନ୍ତ ସରେଣ୍ଡର୍ କିମ୍ବା ସସ୍‌ପେଣ୍ଡ ଲାଗି ଆବେଦନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଏଥିସହ ଯେଉଁ ଆଇନଜୀବୀମାନେ ଏହି ନିୟମକୁ ଉଲ୍ଲଂଘନ କରୁଛନ୍ତି ସେମାନଙ୍କ ବିରୋଧରେ ଫୌଜଦାରି ମକଦ୍ଦମା କରାଯିବା ସହିତ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ମଧ୍ୟ ଗ୍ରହଣ କରାଯିବ। ପରିଷଦର ସଦସ୍ୟ ସଚିବ ଯଯାତି କେଶରୀ ସାମନ୍ତସିଂହାର ସମସ୍ତ ବାର ଆସୋସିଏଶନକୁ ଏନେଇ ଜଣାଇଛନ୍ତି। ଆଇନ ପେସାରେ ପୂର୍ଣ୍ଣ ସମୟ ଦେଇ କାର୍ଯ୍ୟ କରୁଥିବା ଆଇନଜୀବୀମାନେ ଏଭଳି ଆଇନ ଉଲ୍ଲଂଘନ କରୁଥିବା ଆଇନଜୀବୀଙ୍କ ସମ୍ପର୍କରେ ମଧ୍ୟ ତଥ୍ୟ ବାର ଆସୋସିଏଶନ କିମ୍ବା ପରିଷଦରେ ଜଣାଇଲେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପରିଷଦ ଶୁକ୍ରବାର ପ୍ରେସ ବିବୃତିରେ ସୂଚନା ଦିଆଯାଇଛି।

# ଭିନ୍ନକ୍ଷମଙ୍କୁ ସମାଜର ମୁଖ୍ୟସ୍ରୋତରେ ସାମିଲ କରିବାରେ କ୍ରୀଡ଼ାର ଭୂମିକା ଗୁରୁତ୍ୱପୂର୍ଣ୍ଣ




ଖେଳ ଦେଖିବାକୁ ଆସିଥିବା ଭିନ୍ନକ୍ଷମ ଛାତ୍ରୀଛାତ୍ରମାନେ।

**ଆଠଗଡ଼,୨୯।୮(ସତ୍ୟ ପ୍ରସାଦ ରଥ)**

ଜାତୀୟ କ୍ରୀଡ଼ା ଦିବସ ୨୦୨୫ ଉପଲକ୍ଷେ ଆଠଗଡ ବ୍ଲକ ଦୋରଡ଼ସ୍ଥିତ ବ୍ରଜବିହାରୀ ଭିନ୍ନକ୍ଷମ ଟ୍ରଷ୍ଟ ଆନୁକୂଲ୍ୟରେ ଫୁଟ୍‌ବଲ ଓ ଭଲିବଲ୍ ମ୍ୟାଚ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଆଠଗଡ କ୍ରୀଡ଼ାସଂସଦର ସାଧାରଣ ସମ୍ପାଦକ ଶ୍ୟାମାନନ୍ଦ ମହାରଣା, ସମ୍ପାଦକ ସୋମନାଥ ଭକ୍ତା, ସାମାଜିକ କର୍ମୀ ଲକ୍ଷ୍ମୀ ନାରାୟଣ ଭଞ୍ଜ ପ୍ରମୁଖ ଯୋଗଦେଇ ଭିନ୍ନକ୍ଷମମାନଙ୍କୁ ସମାଜର ମୁଖ୍ୟସ୍ରୋତରେ ସାମିଲ କରିବାରେ କ୍ରୀଡ଼ାର ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି କହିଥିଲେ। ଟ୍ରଷ୍ଟ ପରିଚାଳକ ବିବେକାନନ୍ଦ ମହାନ୍ତି କାର୍ଯ୍ୟକ୍ରମରେ ସଂଯୋଜନା କରିଥିଲେ। ସେହିପରି କଟକ ଜିଲା କ୍ୱାନ୍ କିଡୋ ଆସୋସିଏଶନ, ଆଠଗଡ଼ ପକ୍ଷରୁ ସ୍ଥାନୀୟ ମାର୍ଶାଲ ଆର୍ଟ ଏକାଡେମୀ ସହଯୋଗରେ ପୁରୀଠାରେ ୫୯ତମ ବରିଷ୍ଠ ଜାତୀୟ ଖୋଖୋ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏଥିରେ ରେଲୱେ ଏସ୍‌ପି ପକ୍ଷରୁ ପ୍ରତିନିଧିତ୍ୱ କରି ଏକଲବ୍ୟ ପୁରସ୍କାର ପାଇଥିବା ଆଠଗଡ଼ର ଟି. ଜଗନ୍ନାଥ ଦାସଙ୍କୁ ସ୍ଥାନୀୟ ଅଞ୍ଚଳରେ ସମ୍ବର୍ଦ୍ଧିତ କରାଯାଇଥିଲା। ଏଥିରେ ଆସୋସିଏଶନର ସଭାପତି ରୁଦ୍ର ଚରଣ ମହାନ୍ତି, ଉପସଭାପତି ଶ୍ରୀତମ କୁମାର ଶତପଥୀ, ରାହୁଲ କୁମାର ଜେନା, ସମ୍ପାଦକ ବଦ୍ରିନାରାୟଣ ବାହାନିପତି, ଯୁଗ୍ମ ସମ୍ପାଦକ ଅଭିଜିତ ରାଉତ, ପ୍ରତ୍ୟୁଷ ହୋତା ସହ ସମ୍ପାଦକ ଚନ୍ଦନ ପ୍ରସାଦ ରାଉତ କୋଷାଧ୍ୟକ୍ଷ ଶ୍ୟାମପ୍ରସାଦ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।

# ଫେରାର ଗଞ୍ଜେଇ ବ୍ୟବସାୟୀ ଗିରଫ

**ତିଗିରିଆ,୨୯।୮(ଜାଫର ଖାଁ)**

କୋର୍ଟରୁ ଫେରାର ଥିବା ଗଞ୍ଜେଇ ବ୍ୟବସାୟୀଙ୍କୁ ଶୁକ୍ରବାର ତିଗିରିଆ ପୋଲିସ ଗିରଫ କରିଛି । ସେ ହେଲେ ତିଗିରିଆ ଥାନା ଅନ୍ତର୍ଗତ ଜେମାଦେଇପୁର ପଞ୍ଚାୟତ ପଙ୍କାଳ ଯୁବକ ମହମ୍ମଦ ନସରୁଲା (୩୪)। ୨୦୧୭ରେ ମହମ୍ମଦଙ୍କ ନାମରେ ଚୋରା ଗଞ୍ଜେଇ ଚାଲାଣ ଅଭିଯୋଗରେ ଢେଙ୍କାନାଳ ସ୍ପେଶାଲ କୋର୍ଟରେ ଏକ ମାମଲା ଥିଲା। ସେବେଠାରୁ ଅଭିଯୁକ୍ତ ଫେରାର ଥିଲେ। ଏ ନେଇ କୋର୍ଟଙ୍କ ତରଫରୁ ତାଙ୍କ ନାମରେ ଗିରଫ ଫରୱାନା ଜାରି କରାଯାଇଥିଲା। ଏହା ବଳରେ ତିଗିରିଆ ପୋଲିସ ମହମ୍ମଦଙ୍କୁ ପଙ୍କାଳ ଗ୍ରାମରୁ ଗିରଫ କରି କୋର୍ଟ ଚାଲାଣ କରିଥିବା ଆଇଆଇସି ସମରେନ୍ଦ୍ର ପାଇକରାୟ ସୂଚନା ଦେଇଛନ୍ତି।

# ୪୫୫ ଲିଟର ଦେଶୀ ମଦ ଜବତ: ୩୯୯୦ ଲିଟର ପୋଚ ନଷ୍ଟ

**ବାଙ୍କୀ,୨୯।୮(ଶୁଭେନ୍ଦୁ ମହାପାତ୍ର):**

କଟକ ଜିଲା ଅବକାରୀ ଅଧୀକ୍ଷକ କରୁଣା ଶଙ୍କର ତିୱାରୀଙ୍କ ନିର୍ଦ୍ଦେଶ କ୍ରମେ ଆଠଗଡ ଇନ୍ସପେକ୍ଟର ରବିନାରାୟଣ ପ୍ରଧାନଙ୍କ ତତ୍ତ୍ୱାବଧାନରେ ଶନିବାର ଅବକାରୀ ଚଢ଼ାଉ କରାଯାଇଛି। ଏହି ଅବସରରେ ବାଙ୍କୀ ଥାନା ଅନ୍ତର୍ଗତ ଢେଙ୍ଗୁଆ ଗ୍ରାମରେ ମିଳିତ ଚଢ଼ାଉ କରାଯାଇ ଥିଲା। ଉକ୍ତ ଚଢ଼ାଉରେ ୪୫୫ ଲିଟର ଦେଶୀ ମଦ ଜବତ କରାଯିବା ସହ ୩୯୯୦ ଲିଟର ଗୁଡ଼ ପୋଚ ନଷ୍ଟ କରାଯାଇଛି। ଏନେଇ ୨ଟି ଅବକାରୀ ମାମଲା ରୁଜୁ କରାଯାଇଛି। ଏହି ଚଢ଼ାଉରେ ଆଠଗଡ଼ ଅବକାରୀ ନିରୀକ୍ଷକ ରବି ନାରାୟଣ ପଧାନ, ବାଙ୍କୀ ଉପ ନିରୀକ୍ଷକ ସୌମ୍ୟ ରଞ୍ଜନ ମାଝୀ, ପ୍ରଦୀପ କୁମାର ଦଳାଇ, ସୋରଜ କୁମାର ସାହୁ, ଆଠଗଡ଼ ଅବକାରୀ ସହ ଉପ ନିରୀକ୍ଷକ ପ୍ରମୁଖଙ୍କ ସମେତ କର୍ମଚାରୀମାନେ ସହଯୋଗ କରିଥିଲେ।

# ଖେଳକୁଦ ଜାରି ରଖିଲେ ଦେହ, ମନ ସୁସ୍ଥ ରହିବ




ଗଣଦୌଡ଼ ପ୍ରତିଯୋଗିତାରେ ସାମିଲ ହୋଇଥିବା ଅତିଥି, କ୍ରୀଡ଼ାବିତ୍ ଏବଂ ଅନ୍ୟମାନେ।

## ବାଙ୍କୀରେ ଜାତୀୟ କ୍ରୀଡ଼ା ଦିବସ ପାଳିତ

**ବାଙ୍କୀ,୨୯।୮(ଜ୍ଞାନେନ୍ଦ୍ର ମୋହନ ମିଶ୍ର)**

ବାଙ୍କୀ କ୍ରୀଡ଼ା ସଂସଦ ଆନୁକୂଲ୍ୟରେ ଶୁକ୍ରବାର ଜାତୀୟ କ୍ରୀଡ଼ା ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଏକ ଗଣଦୌଡ଼ ଚକାପଦାସ୍ଥ ପତିତପାବନ କ୍ଲବ ସମ୍ମୁଖରୁ ବାଙ୍କୀ ସ୍ୱୟଂଶାସିତ ମହାବିଦ୍ୟାଳୟ ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇଥିଲା। ଗଣଦୌଡ଼କୁ ବାଙ୍କୀ ନଗରପାଳ ମାଣିକ ସାହୁ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। କ୍ରୀଡ଼ା ସଂସଦ ସାଧାରଣ ସମ୍ପାଦକ ସନ୍ତୋଷ ରଣାଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଗଣଦୌଡ଼ରେ କ୍ରୀଡାବିତ ବୃନ୍ଦାବନ ପ୍ରଧାନ, ବିବେକାନନ୍ଦ ସାମଲ, ପ୍ରାଧ୍ୟାପକ ମନୋଜ ମହାପାତ୍ର, ପ୍ରସନ୍ନ ବେହେରା, ଅକ୍ଷୟ ସାମଲ, ସୌମେନ୍ଦ୍ର ମିଶ୍ର, ନିରଞ୍ଜନ ସାହୁ, ଲିଙ୍ଗରାଜ ରାଉତ, ଦିଲୀପ ସାହୁ, କୃପାସିନ୍ଧୁ ପ୍ରଧାନ, ଜଗନ୍ନାଥ ଦଳେଇ, କୁନ୍‌ମୁନ ବେହେରା, ପୂର୍ବତନ ନଗରପାଳ ଅକ୍ଷୟ ପ୍ରଧାନ, ସଂଜୟ କୁମାର ପ୍ରଧାନ ପ୍ରମୁଖ ଉପସ୍ଥିତ ରହି ଗଣଦୌଡ଼ରେ ଭାଗନେଇଥିବା କ୍ରୀଡାବିତ୍‌ଙ୍କୁ ଉତ୍ସାହିତ କରିଥିଲେ।

ପରେ ବାଙ୍କୀ ସ୍ୱୟଂଶାସିତ ମହାବିଦ୍ୟାଳୟ ଦୃଶ୍ୟଶ୍ରାବ ଗୃହଠାରେ ଏକ ସଭା ଓ ପୁରସ୍କାର ବିତରଣ ଉତ୍ସବ ଅନୁଷ୍ଠିତ ହୋଇଥିଲା। ଏଥିରେ କ୍ରୀଡ଼ା ସଂସଦ ଉପସଭାପତି ବିବେକାନନ୍ଦ ସାମଲ ସଭାପତିତ୍ୱ କରିଥିଲେ। ସମ୍ପାଦକ ସନ୍ତୋଷ ରଣା ସ୍ୱାଗତ ଭାଷଣ ଦେବା ସହ ଅତିଥି ପରିଚୟ ପ୍ରଦାନ କରିଥିଲେ। ମୁଖ୍ୟଅତିଥି ଭାବେ ବାଙ୍କୀ ଉପଜିଲାପାଳ ତଥା କ୍ରୀଡା ସଂସଦ ସଭାପତି ପ୍ରଣବ ବେହେରା ଯୋଗଦେଇ ଗଣଦୌଡ଼ ଓ ମେଜର ଧ୍ୟାନଚାନ୍ଦଙ୍କ ଜୟନ୍ତୀ ପାଳନ ହେଉଥିବାରୁ ଏହାକୁ ପ୍ରଶଂସା କରିଥିଲେ। ଉପସ୍ଥିତ ସମସ୍ତ କ୍ରୀଡ଼ାବିତ ପ୍ରତିଦିନ ଖେଳକୁଦ ଅଭ୍ୟାସ ଜାରି ରଖିଲେ ସେମାନଙ୍କ ଦେହ ଓ ମନ ସୁସ୍ଥ ରହିବ ବୋଲି କହିଥିଲେ।

ଭାରତ ସରକାରଙ୍କ ସାଂସଦ ଖେଳ ଯୋଜନା ଶୁଭାରମ୍ଭ ହୋଇଥିବାରୁ ସେଥିରେ ସମସ୍ତେ ଯୋଗଦେବା ପାଇଁ ମୁଖ୍ୟଅତିଥି ବେହେରା ପରାମର୍ଶ ଦେଇଥିଲେ। ମୁଖ୍ୟବକ୍ତା ଭାବେ ନଗରପାଳ ମାଣିକ ସାହୁ ଯୋଗଦେଇ ମେଜର ଧ୍ୟାନଚାନ୍ଦଙ୍କ ଜୀବନୀ ଉପରେ ଆଲୋକପାତ କରିଥିଲେ। ସମ୍ମାନିତ ଅତିଥି ଭାବେ ବାଙ୍କୀ କଲେଜର ପୂର୍ବତନ ଉପାଧ୍ୟକ୍ଷ ମନୋଜ କୁମାର ମହାପାତ୍ର, ବାଙ୍କୀ ପ୍ରେସକ୍ଲବ ଉପସଭପତି ସମରେନ୍ଦ୍ର ମହାପାତ୍ର ଓ କାଉନସିଲର ସନାତନ ବେହେରା ପ୍ରମୁଖ ଯୋଗଦେଇ ଧ୍ୟାନଚାନ୍ଦ ଭାରତ ପାଇଁ ଗୌରବ ଆଣିଥିଲେ ବୋଲି କହିଥିଲେ।

ବାଙ୍କୀ ଉପଖଣ୍ଡରେ କ୍ରୀଡାର ଉନ୍ନତି ଓ ପ୍ରସାର ପାଇଁ ଅତିଥି ପରାମର୍ଶ ପ୍ରଦାନ କରିଥିଲେ। ଗଣଦୌଡ଼ରେ ଭାଗନେଇଥିବା କ୍ରୀଡ଼ାବିତ୍‌ଙ୍କୁ ସ୍ୱାଧୀନତା ସଂଗ୍ରାମୀ ଜୟେଶ୍ୱର ନନ୍ଦ ଓ ଯୁବକ୍ରୀଡାବିତ୍‌ମାନଙ୍କୁ ରକେଶ ରୋଶନ ପ୍ରଧାନଙ୍କ ସ୍ମୃତି ଉଦ୍ଦେଶ୍ୟରେ ଟ୍ରଫି ସହ ଆର୍ଥିକ ପୁରସ୍କାର ପ୍ରଦାନ କରାଯାଇଥିଲା। ପ୍ରତିଯୋଗିତାରେ ବରିଷ୍ଠ ବାଳକ ବିଭାଗରେ ସର୍ବେଶ୍ୱର ମାଝୀ ପ୍ରଥମ, ତନ୍ମୟ ବେହେରା ଦ୍ୱିତୀୟ ଓ ଅଦୈତ୍ୟ ରାଉତ ତୃତୀୟ ସ୍ଥାନ ଅଧିକାର କରିଥିଲେ। କନିଷ୍ଠ ବାଳକ ବିଭାଗରେ ଗୋପୀ ଦେଓଗମ ପ୍ରଥମ, ସାଗର ଛତର ଦ୍ୱିତୀୟ ଓ ରାମଦାସ ମାଝୀ ତୃତୀୟ ସ୍ଥାନ ଅଧିକାର କରିଥିଲେ। ବାଳିକା ବିଭାଗରେ ମମତା ରାଉତ ପ୍ରଥମ, ପୂଜା ବେହେରା ଦ୍ୱିତୀୟ ଓ ବିଚିତ୍ରା ଗୋଛି ତୃତୀୟ ସ୍ଥାନ ଅଧିକାର କରି ପୁରସ୍କୃତ ହୋଇଥିଲେ। କ୍ରୀଡ଼ା ସଂସଦର ସାଧାରଣ ସମ୍ପାଦକ ରଣା ଧନ୍ୟବାଦ ଦେଇଥିଲେ।

# ଗୋଟିଏ ରାତିରେ ୬ ବ୍ୟକ୍ତିଙ୍କ ଘରୁ ଚୋରି

## ଲକ୍ଷାଧିକ ଟଙ୍କା, ସୁନା ଅଳଙ୍କାର ନେଇଗଲେ ଦୁର୍ବୃତ୍ତ

**ବାଙ୍କୀ,୨୯।୮(ଜ୍ଞାନେନ୍ଦ୍ର ମୋହନ ମିଶ୍ର)**

ବାଙ୍କୀ ବ୍ଲକ ଦୁର୍ଗାପୁର ପଞ୍ଚାୟତସ୍ଥିତ ଭେଡା ରାମଚନ୍ଦ୍ରପୁର ଗ୍ରାମରେ ଶୁକ୍ରବାର ରାତିରେ ୬ଜଣ ବ୍ୟକ୍ତିଙ୍କ ଘରୁ ଚୋରି ହୋଇଛି। ଏ ସଂକ୍ରାନ୍ତରେ ଗୃହମାଲିକ ମିନା ମହାପାତ୍ର, ଲିନା ଛାଟୋଇ, ସଚ୍ଚଳା ଗୋଚ୍ଛି, ରଜନୀ ରାଉତ, ସରୋଜିନୀ ଦାସ ଓ ଦିଲୀପ ଗୋଚ୍ଛି ପ୍ରମୁଖ ବାଙ୍କୀ ଅଧିକାରୀଙ୍କ ନିକଟରେ ଲିଖିତ ଅଭିଯୋଗ କରିଛନ୍ତି। ଗୋଟିଏ ରାତିରେ ପ୍ରାୟ ୧୫ ଲକ୍ଷ ଟଙ୍କା, ସୁନା ଅଳଙ୍କାର, ପିତ୍ତଳ ବାସନ ଓ ଅନ୍ୟାନ୍ୟ ସାମଗ୍ରୀ ଦୁର୍ବୃତ୍ତମାନେ ଚୋରି କରି ନେଇଛନ୍ତି ବୋଲି ସେମାନେ ଅଭିଯୋଗରେ ଦର୍ଶାଇଛନ୍ତି। ଦୁର୍ବୃତ୍ତମାନେ ଅଭିଯୋଗକାରୀଙ୍କ ଘରର ତାଲା କାଟି ଚୋରି କରିଥିବା ଅଭିଯୋଗରେ ଉଲ୍ଲେଖ କରାଯାଇଛି। ତୁରନ୍ତ ଅଭିଯୁକ୍ତମାନଙ୍କୁ ଠାବ କରି ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି କରାଯାଇଛି। ଏନେଇ ବାଙ୍କୀ ପୋଲିସ ଥାନାରେ ମାମଲା (ନଂ. ୩୦୦/୨୫) ରୁଜୁ କରି ତଦନ୍ତ ଜାରି ରଖିଛି। ଖୁବ୍‌ଶୀଘ୍ର ଅଭିଯୁକ୍ତମାନଙ୍କୁ ଗିରଫ କରାଯିବ ବୋଲି ତଦନ୍ତକାରୀ ଅଧିକାରୀ ମମତା ବିଶ୍ୱାଳ କହିଛନ୍ତି।

# ମ୍ୟାଲେରିଆ, ଡେଙ୍ଗୁ ନିରାକରଣ ପାଇଁ ସଚେତନ କାର୍ଯ୍ୟକ୍ରମ

**ବାଙ୍କୀ,୨୯।୮(ଜ୍ଞାନେନ୍ଦ୍ର ମୋହନ ମିଶ୍ର)**

ଡମପଡ଼ା ବ୍ଲକ ଅନ୍ତର୍ଗତ ତାଳବସ୍ତ ପଞ୍ଚାୟତ ସଭାଗୃହରେ କଟକ ଜିଲା ସ୍ୱାସ୍ଥ୍ୟ ସମିତି, ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଡମପଡ଼ା ଓ ତାଳବସ୍ତ ଆୟୁଷ ଆରୋଗ୍ୟ କେନ୍ଦ୍ରର ମିଳିତ ଉଦ୍ୟମରେ ମ୍ୟାଲେରିଆ ଓ ଡେଙ୍ଗୁ ରୋଗର ପ୍ରତିରୋଧକ ସମ୍ପର୍କିତ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଡମପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର କ୍ଷେତ୍ରକାର୍ଯ୍ୟ ଅଧିକାରୀ ଦୁଃଶାସନ ବେହେରା, ସମ୍ମାନିତ ଅତିଥି ଭାବେ ଶ୍ରୀରାମ କମିଟି ସଭାପତି ବିଶ୍ୱରଞ୍ଜନ ସ୍ୱାଇଁ, ସଂଗ୍ରାମ ରାଜ ଓ ତାଳବସ୍ତ ଆୟୁଷ କେନ୍ଦ୍ରର ଏଲିନା ପ୍ରିୟଦର୍ଶିନୀ ପ୍ରମୁଖ ଯୋଗ ଦେଇ ରୋଗରୁ କିପରି ରକ୍ଷା ପାଇବ ସେ ସମ୍ପର୍କରେ ଆଲୋକପାତ କରିଥିଲେ। ଏହି ପରିପ୍ରେକ୍ଷୀରେ ବାଟୋଇମାନଙ୍କୁ ମ୍ୟାଲେରିଆ ଓ ଡେଙ୍ଗୁ ସଚେତନତା ପ୍ରଚାର ପତ୍ର ବଣ୍ଟନ କରାଯାଇଥିଲା ।

# କବି, କବିତା ସାହିତ୍ୟରୁ ସୃଷ୍ଟି

## ସାହିତ୍ୟ ସଂସଦର ସ୍ୱନକ୍ଷତ୍ର ଉତ୍ସବ




**ବଡ଼ମ୍ବା, ୨୯।୮(ମାୟାଧର ମଲ୍ଲିକ)**

ବିକଚ ସାହିତ୍ୟ ସଂସଦ ବଡ଼ମ୍ବା-ନରସିଂହପୁରର ୩୧ତମ ସ୍ୱନକ୍ଷତ୍ର ଓ ନୂଆଖାଇ ଉତ୍ସବ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ବଡ଼ମ୍ବା ବ୍ଲକ ଅନ୍ତର୍ଗତ ରତାପାଟସ୍ଥିତ ଗ୍ରାମ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟରେ ଅନୁଷ୍ଠିତ ଏହି ଉତ୍ସବରେ ମୁଖ୍ୟ ଅତିଥିଭାବେ ବଡ଼ମ୍ବା ବିଧାୟକ ବିଜୟ କୁମାର ଦଳବେହେରା ଯୋଗଦେଇ ଉତ୍ସବର ମାହାତ୍ମ୍ୟ ପ୍ରତିପାଦନ କରିଥିଲେ। ଏପରିକି କବି ଓ କବିତା ସାହିତ୍ୟରୁ ସୃଷ୍ଟି ବୋଲି କହିଥିଲେ। ବିଶିଷ୍ଟ ଅତିଥିଭାବେ ବଡ଼ମ୍ବା ପଞ୍ଚାୟତ ସମିତି ଅଧ୍ୟକ୍ଷ ରଘୁପତି ମହାନ୍ତି, ମୁଖ୍ୟବକ୍ତା ଭାବେ ନରସିଂହପୁର ମହାବିଦ୍ୟାଳୟ ପ୍ରାକ୍ତନ ଅଧ୍ୟକ୍ଷ କୁଳମଣି ବାରିକି ଯୋଗ ଦେଇଥିଲେ। ସମ୍ମାନିତ ଅତିଥିଭାବେ ନରସିଂହପୁର ସାହିତ୍ୟ ସଂସଦ ସଭାପତି ସଚ୍ଚିଦାନନ୍ଦ ଦାଶ, ଅନୁଷ୍ଠାନ ସଂଚାଳକ କାଳନ୍ଦୀ ଚନ୍ଦ୍ର ମିଶ୍ର, ଅନୁଷ୍ଠାନ ଯୁଗ୍ମ ସମ୍ପାଦକ ଆଇନଜୀବୀ ଦେବଦତ୍ତ ମଳୟ କୁମାର ବରାଳ, ସମ୍ପର୍କ ସାହିତ୍ୟ ସଂସଦ, ବାଙ୍କୀ ସଭାପତି ରବି ନାରାୟଣ ମଙ୍ଗରାଜ, ନାରାୟଣ ପାତ୍ର ପ୍ରମୁଖ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ ଓଡ଼ିଶାର ବିଭିନ୍ନ ଅଞ୍ଚଳରୁ ବହୁ କବୟିତ୍ରୀ, କବି, ସାହିତ୍ୟିକ ଯୋଗଦେଇ ପବିତ୍ର ନୂଆଖାଇ ଦିବସର କବିତା ପାଠ କରିଥିଲେ। ଅନୁଷ୍ଠାନ ସଭାପତି କବି ଦୁର୍ଯ୍ୟୋଧନ ବରାଳ ସଭାପତିତ୍ୱ କରିଥିଲେ। ଏହି ଅବସରରେ ବିଧାୟକ ବରାଳଙ୍କ ସମେତ ବିଭିନ୍ନ କ୍ଷେତ୍ରରେ କୃତୀ ପ୍ରତିଭାମାନଙ୍କୁ ଅନୁଷ୍ଠାନ ତରଫରୁ ସମ୍ବର୍ଦ୍ଧିତ କରାଯାଇଥିଲା। ଅନୁଷ୍ଠାନର ସାଧାରଣ ସମ୍ପାଦକ କଳିଙ୍ଗ କେଶରୀ ପ୍ରଧାନ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମକୁ ଅଭୟା ନନ୍ଦ ଦାଶ, ବିନାୟକ ମିଶ୍ର ପ୍ରଧାନୀ ବୃନ୍ଦାବନ ମିଶ୍ର ସଂଯୋଜନା କରିଥିଲେ। ଶେଷରେ ନୂଆଚୁଡ଼ା ସମସ୍ତେ ଖାଇଥିଲେ।


**GOVERNMENT OF ODISHA**
**OFFICE OF THE SUPERINTENDING ENGINEER**
**RURAL WORKS DIVISION, BHANJANAGAR**
No.4425/RWDBNJ/Dated. 22.08.2025
**1ST CORRIGENDUM TO TENDER CALL NOTICE**
IDENTIFICATION NO. 06/RWDBNJ/2025-2026 T.O. LETTER NO. 4150 DATED 05.08.2025

No. O661:- The following modifications to the Online Tender/05/SERWBNJ/2025-2026 are made under unavoidable circumstances.

| Procurement Officer | Bid Identification No. | Availability of Tender online for bidding | | Last date & Time of Seeking Tender Clarification | Date of Opening of Tender |
|---|---|---|---|---|---|
| | | From | To | | |
| 1 | 2 | 3 | 4 | 5 | 6 |
| | | As per Office Order | | | |
| Superintending Engineer, Rural Works Division, Bhanjanagar | Online Tender/06/ RWDBNJ/ 2025-2026 | 18.08.2025 at 10.00 A.M. | 29.08.2025 to 3.00 PM | 27.08.2025 Upto 3.00 PM | 30.08.2025 at 12.30 Noon |
| | | As per 1ST Corrigendum | | | |
| | | 09.09.2025 at 10.00 AM | 19.09.2025 to 3.00 PM | 18.09.2025 Upto 3.00 P.M. | 20.09.2025 at 12.00 Noon |

All other terms and conditions of the said tender call notice shall remain unchanged.
OIPR-25174/11/0037/2526 Sd./- Executive Engineer, Rural Works Division, Bhanjanagar

No.O-650
**GOVERNMENT OF ODISHA**
**OFFICE OF THE SUPERINTENDING ENGINEER, RURAL WORKS DIVISION, BHANJANAGAR**
No.4363/RWDBNJ/Dated 19.08.2025
**1st Corrigendum To Tender Call Notice**
IDENTIFICATION NO.05/RWDBNJ/2025-2026 T.O. LETTER NO.4140, DATED 05.08.2025
The following modifications to the Online Tender/05/SERWBNJ/2025-2026 are made under unavoidable circumstances.

| Procurement Officer | Bid Identification No. | Availability of Tender Online for Bidding | | Last date & time of seeking tender clarification | Date of Opening of Tender |
|---|---|---|---|---|---|
| | | From | To | | |
| 1 | 2 | 3 | 4 | 5 | 6 |
| | | As per Office Order | | | |
| Superintending Engineer, Rural Works Division, Bhanjanagar | Online Tender/ 05/ RWDB-NJ/2025-2026 | 18.08.2025 at 10.00 AM | 29.08.2025 to 3.00 PM | 27.08.2025 Upto 3.00 PM | 30.08.2025 at 12.30 Noon |
| | | As per 1st Corrigendum | | | |
| | | 12.09.2025 at 10.00 AM | 22.09.2025 to 3.00 PM | 20.09.2025 upto 3.00 PM | 23.09.2025 at 12.00 Noon |

**All other terms and conditions of the said tender call notice shall remain unchanged.**
OIPR-25174/11/0035/2526 Sd./- Executive Engineer, Rural Works Division, Bhanjanagar

**ମୁଖ୍ୟ ନିର୍ମାଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ, ଗ୍ରାମ୍ୟ ନିର୍ମାଣ ମଣ୍ଡଳ, ବ୍ରହ୍ମପୁର**
**OFFICE OF THE CHIEF CONSTRUCTION ENGINEER, RURAL WORKS CIRCLE, BERHAMPUR**
(ଗ୍ରାମ୍ୟ/ପୋଷ୍ଟ- ଆମ୍ବପୁଆ, ଆୟକର ଭବନ ନିକଟରେ, ବ୍ରହ୍ମପୁର - ୭୬୦୦୧୧, ଗଞ୍ଜାମ, ଓଡ଼ିଶା) / (At/Po- Ambapua, P.O.- Near Income Tax Office, Berhampur - 760011, Ganjam, Odisha) E-Mail:- serwbpr2004@yahoo.com, Tel No.:- 0680-2404287
**NATIONAL COMPETITIVE BIDDING THROUGH e-Procurement**
No. O-605 **Bid Identification No. Online Tender / 20-2025-26/BPR**

| Identification No. | Name of Work | No. of Works | Approx. Estimated Cost (in Lakh) | Class of Contractor | Period of Completion |
|---|---|---|---|---|---|
| Online Tender / 20-2025-26/ BPR | Road Works under MMSY - IMPROVEMENT TO EXISTING RD ROADS | 15 Nos. | From Rs.257.15 Lakhs to Rs.957.15 Lakhs | "B" Class, "A" Class & "Special" Class as applicable | Period of Completion as provided as per Col No. 5 of Annexure of NIT |

| Procurement Officer | Bid Identification No. | Availability of Tender Online for Bidding | |
|---|---|---|---|
| | | From | To |
| Chief Construction Engineer, R.W. Circle, Berhampur | Online Tender / 20-2025-26/BPR | 04.09.2025 at 10.00 A.M. | 18.09.2025 upto 5.30 P.M. |

(i) EMD / Bid Security, Cost of Bid document is to be transferred through Online as per the procedure mentioned in the DTCN.
(ii) Non-submission of the information/documents through online by the bidder as per the items mentioned in the eligible criteria of the DTCN will also liable for rejection of his tender.
Further details & Corrigendum if any can be seen from the website:- www.tendersodisha.gov.in.
OIPR-25071/11/0116/2526 Sd./- Chief Construction Engineer, R.W. Circle, Berhampur

**GOVERNMENT OF ODISHA**
**DEPARTMENT OF WATER RESOURCES**
**OFFICE OF THE SUPERINTENDING ENGINEER**
**MINOR IRRIGATION DIVISION, KHARIAR**
E-mail:- eemidivision_khariar@rediffmail.com
**e-PROCUREMENT NOTICE**
**Bid Identification Notice No.:- 02/SE MIDKHR/2025-26**
**Letter No.: 1332** **Dt.: 25.08.2025**
No.A-546:- The Superintending Engineer, M.I. Division, Khariar, Dist-Nuapada on behalf of Govemor of Odisha invites Percentage Rate Bids in Single Cover System through e-procurement to be received in online mode only for the works as detailed in the table below. The bid should be submitted online in the website www.tendersodisha.gov.in by eligible contractors.

| | | |
|---|---|---|
| 1. | Name of work | : **Improvements to different MIPs under M.I. Division, Khariar** |
| 2. | Total No. of works | : 11 (Eleven) Nos. only |
| 3. | Estimated Cost | : Varies from 06.67 Lakhs to 23.09 Lakhs Approximately |
| 4. | Class of Contractor | : As mentioned against work. |
| 5. | Period of completion | : As mentioned against work |
| 6. | Date and time of availability of Bid | : **From 10:00AM on 01.09.2025 and up to 5:30 PM on 08.09.2025 Document in portal** |
| 7. | Last date / time for receipt of Bid | : **Up to 5:30 PM on 08.09.2025 Document in portal** |
| 8. | Date / Time of opening of Bid | : **From 11:00 AM on 09.09.2025 At O/o M.I. Division, Khariar, Nuapada** |
| 9. | Name and Address of Tender Inviting Officer | : Superintending Engineer, M.I. Division, Khariar, Nuapada Officer inviting the bid. |
| 10. | Mode of Payment of Bid cost and Bid Security | : Online |
| 11. | Date of Lottery (If Required) | : On 19.09.2025 at 11.00 AM |

Sd./-Superintending Engineer
OIPR-32090/11/0014/2526 M.I. Division, Khariar



**वरीय पुलिस अधीक्षक का कार्यालय**
**पूर्वी सिंहभूम, जमशेदपुर।**
**लापता: आवश्यक सूचना**



**गुमशुदा पुरूष**
**हाराधन मुर्मू, उम्र–28 वर्ष।**

सर्व साधारण को सूचित किया जाता है कि आवेदक लखिन्दर टुडू के द्वारा अपने साला **हाराधन मुर्मू, उम्र–28 वर्ष की गुमशुदगी** के संबंध में संबंधित थाना एम0जी0एम0 में लिखित आवेदन दिया गया है। आवेदन में इनके द्वारा बताया गया कि **गुमशुदा हाराधन मुर्मू, उम्र–28 वर्ष, पिता–शिबु मुर्मू, पता– सालवनी लावाटोला, थाना–पटमदा, जिला–पूर्वी सिंहभूम, जमशेदपुर** जो दिनांक –28.07.25 को सुबह समय–करीब 10:15 बजे हमारे घर भागाबांध जाहेरटोला एम0 जी0एम0 से अपने घर सालवनी पटमदा जाने के लिए निकले थे लेकिन अभी तक घर नहीं पहुँचें हैं। उनका मानसिक स्थिति ठीक नहीं है उन्हें मिर्गी का दौरा पड़ता है। आवेदक एवं इनके परिवारवालों ने अपने स्तर से काफी खोजबीन किया परन्तु कुछ पता नहीं चल सका।

**गुमशुदा पुरूष का हुलिया निम्न प्रकार है** :– उम्र–28 वर्ष, कद–05 फीट 02 इंच, रंग–काला, चेहरा–चौकोर, बाल– छोटा काला, पहनावा–पीला रंग का टी शर्ट फूल टोपी वाला एवं ग्रे रंग का पैन्ट पहने हुए तथा अपने साथ एक कंबल एवं दो झोला, भाषा–हिन्दी एवं बंगला।

अतः आप सभी जन साधारण से अनुरोध है कि यदि उपरोक्त हुलिये के संबंध में किसी प्रकार की जानकारी प्राप्त होती है तो इसकी सूचना वरीय पुलिस अधीक्षक के कार्यालय में निम्नांकित फोन नम्बर पर सूचित करें।

वरीय पुलिस अधीक्षक, पूर्वी सिंहभूम, जमशेदपुर : 0657–2431006
पुलिस अधीक्षक ग्रामीण, पूर्वी सिंहभूम, जमशेदपुर : 9470199228
पुलिस उपाधीक्षक, पटमदा : 9431706496
थाना प्रभारी, एम0जी0एम0 : 9431706503

वरीय पुलिस अधीक्षक,
पूर्वी सिंहभूम, जमशेदपुर।

POLICE HELPLINE (EMERGENCY DIAL)-112 CHILD HELPLINE-1098
WOMEN HELPLINE-1091 DOMESTIC ABUSE HELPLINE-181
CYBER CRIME HELPLINE-1930 AMBULANCE SERVICE-108
PR.NO.360739 Police(25-26):D



**NOTICE**

Notice is hereby given to general public that, I Sri Swagat Subhadarsi Behera has lost the original I ROR NO-660/723 in the name of **Jayashree Sahoo, Rajesh Sahoo and Rakesh Sahoo which was kept in my hand Bag**, while he was going to court from his TATA capital office by Auto and in between and Kedar Gouri Temple and Ravi talkies at Lewis road on 22.08.2025 lost the original documents somewhere, around Rasulgarh square area and in spite of his best efforts failed to trace the same.
Therefore, if any one has found the same, please contact Advocate Sri N.C. Pattnaik, Mob.- 9853311189, or Manager Tata Capital at Lewis Road, Bhubaneswar within 15 days from the date of the publication, failing which the document will lose its legal force, and any mis-use of the document will be punishable under law.



**ଦ.ପୂ. ରେଳପଥ – ଟେଣ୍ଡର**

ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ କାର୍ଯ୍ୟରତ ମଣ୍ଡଳ ରେଳ ପ୍ରବନ୍ଧକ/ଇଏନ୍‌ଜିଜି, ଦକ୍ଷିଣ ପୂର୍ବ ରେଳପଥ, ଚକ୍ରଧରପୁର ଖୋଲା ଟେଣ୍ଡର ବାବଦରେ ଇ-ଟେଣ୍ଡର ଆହ୍ୱାନ କରୁଛନ୍ତି । ଏହି ଟେଣ୍ଡର ପାଇଁ ମାନୁଆଲ ଅଫର୍ ଅନୁମତିଯୋଗ୍ୟ ନୁହେଁ ଏବଂ ପ୍ରାପ୍ତ ହୋଇଥିବା ଏପରି କୌଣସି ମାନୁଆଲ ଅଫରକୁ ଅଣଦେଖା କରିଦିଆଯିବ । **ଟେଣ୍ଡର ବିଜ୍ଞପ୍ତି ନଂ.: ସିକେପି-ଇଏସ୍-୨୫-୨୬-୩୧, ତାରିଖ: ୨୮।୦୮।୨୦୨୫** । **କାର୍ଯ୍ୟର ନାମ:** (i) ଥ୍ରୁ ରେଳ ନବୀକରଣ (ଏସ)–୮.୫୫୨ ଟିକେଏମ୍ ସେକ୍ସନ୍–ନିମପୁରା–ଟାଟାନଗର– ଟିଆର୍‌ଆର୍(ଏସ୍)–୪.୬୧୬ ଟିକେଏମ୍ ମଧରେ, ଅଁଳାଯୋଡ଼ି ଜଂ.–ଗୋରୁମହିଷାଣି–ଟିଆର୍‌ଆର୍(ଏସ୍)– ୦.୮୧୯ ଟିକେଏମ୍, ଟାଟାନଗର–ବାଦାମପାହାଡ଼– ଟିଆର୍‌ଆର୍(ଏସ୍)– ୩.୧୧୭ ଟିକେଏମ୍ । (ii) ସମ୍ପୂର୍ଣ୍ଣ ଟ୍ରାକ୍ ନବୀକରଣ(ଏସ୍)–ନିମପୁରା–ଟାଟାନଗର ଜଂ. ଏବଂ ଟାଟାନଗର–ବାଦାମପାହାଡ଼ ମଧରେ ୩.୮୭୯ ଟିକେଏମ୍ । (iii) ବରିଷ୍ଠ ଡିଇଏନ୍ (ପୂର୍ବ)/ଚକ୍ରଧରପୁରଙ୍କ କ୍ଷେତ୍ରାଧିକାର ଅଧୀନରେ ଚକ୍ରଧରପୁର ମଣ୍ଡଳରେ ବ୍ରିଜ୍ ଆପ୍ରୋଚ୍ ସ୍ଲିପର୍ସର ନବୀକରଣ । (iv) ନିମପୁରା–ଟାଟାନଗର–ଟିଆର୍‌ଆର୍ (ପି)–୧.୫୩ ଟିକେଏମ୍, ଟାଟାନଗର–ଗମ୍ହାରିଆ– ଟିଆର୍‌ଆର୍(ପି)– ୨.୪୬୮ ଟିକେଏମ୍, ଗମ୍ହାରିଆ–ସିନି– ଟିଆର୍‌ଆର୍(ପି)– ୧୦.୭୩୯ ଟିକେଏମ୍, ଚାନ୍ଦିଲ–କାଣ୍ଡ୍ରା– ଟିଆର୍‌ଆର୍(ପି)– ୫.୫୭୫ ଟିକେଏମ୍, କାଣ୍ଡ୍ରା–ସିନି– ଟିଆର୍‌ଆର୍(ପି)– ୦.୩୨୦ ଟିକେଏମ୍ । ସମୁଦାୟ– ୨୦.୬୩୨ ଟିକେଏମ୍ (୨ୟ ଆହ୍ୱାନ) । **ଟେଣ୍ଡର ମୂଲ୍ୟ: ₹୩,୩୩,୧୯,୮୬୯.୩୮** । **ଇଏମ୍‌ଡି: ₹୩,୧୬,୬୦୦** । **ଟେଣ୍ଡର ଫର୍ମ ମୂଲ୍ୟ: ₹୦** । **ଖୋଲାଯିବା ତାରିଖ: ତା୨୨।୦୯।୨୦୨୫ରିଖ** । ଟେଣ୍ଡର ୱେବ୍‌ସାଇଟ୍ **http://www.ireps.gov.in** ରେ ଦେଖାଯାଇପାରିବ । ଟେଣ୍ଡରଦାତା/ବିଡରଙ୍କ ନିକଟରେ କ୍ଲାସ୍–III ଡିଜିଟାଲ ସିଗ୍ନେଚର ସାର୍ଟିଫିକେଟ୍ ରହିଥିବା ଆବଶ୍ୟକ ଓ ସେ ଆଇଆର୍‌ଇପିଏସ୍ ପୋର୍ଟାଲରେ ପଞ୍ଜୀକୃତ ହୋଇଥିବା ଜରୁରୀ । କେବଳ ପଞ୍ଜୀକୃତ ଟେଣ୍ଡରଦାତା/ବିଡରମାନେ ଇ-ଟେଣ୍ଡରିଂରେ ଅଂଶଗ୍ରହଣ କରିପାରିବେ । ଇ-ଟେଣ୍ଡରିଂରେ ଅଂଶଗ୍ରହଣ କରିବା ସମୟରେ ସମସ୍ତ ସମ୍ବନ୍ଧିତ କାଗଜପତ୍ର ଅପଲୋଡ୍ କରାଯିବା ଜରୁରୀ । **ଦ୍ରଷ୍ଟବ୍ୟ:** ସମସ୍ତ ଟେଣ୍ଡରଦାତାଙ୍କ ପାଇଁ ଇ-ଟେଣ୍ଡର ଫର୍ମ ବିନା ମୂଲ୍ୟରେ ଜାରି କରାଯିବ (କର୍ତ୍ତୃପକ୍ଷ – ରେଳବାଇ ବୋର୍ଡର ଚିଠି ସଂ.: ୨୦୨୦/ସିଇ-I/ସିଟି/୩ଇ/ଜିସିସି/ପଲିସି ତାରିଖ: ୧୬।୦୭।୨୦୨୦) **(PR-575)**

**କାଠଯୋଡ଼ି ନଦୀବନ୍ଧରୁ ଷ୍ଟ୍ରିଟ ଲାଇଟ ଚୋରି**

ବାରଙ୍ଗ, (ଲିଙ୍ଗରାଜ ରାଉତ): ଗୋପିସହି ଫାଣ୍ଡି ଅନ୍ତର୍ଗତ କାଠଯୋଡ଼ି ନଦୀବନ୍ଧ ରାସ୍ତାରେ ଲାଗିଥିବା ପ୍ରାୟ ୨୦ରୁ ଊର୍ଦ୍ଧ୍ୱ ଷ୍ଟ୍ରିଟ ଲାଇଟ ଦୁର୍ବୃତ୍ତମାନେ ଚୋରି କରି ନେଇଥିବା ଜଣାପଡ଼ିଛି। ଫଳରେ କେବଳ ୩୮ ନଂ. ୱାର୍ଡର ଜନସାଧାରଣ ନୁହେଁ ରାସ୍ତାରେ ଯାଉଥିବା ପଥଚାରୀମାନେ ଅନ୍ଧାରରେ ଯାତାୟାତ କରୁଛନ୍ତି। ପ୍ରକାଶ ଯେ, କଟକ ମହାନଗର ନିଗମ ପକ୍ଷରୁ ୩୮ ନଂ ୱାର୍ଡର ବେଲ୍ଲେଶ୍ୱରପାଟଣାରୁ ବିଦ୍ୟାଧରପୁର ପର୍ଯ୍ୟନ୍ତ କାଠଯୋଡ଼ି ନଦୀବନ୍ଧ ରାସ୍ତାରେ ଷ୍ଟ୍ରିଟ୍ ଲାଇଟ ଲଗାଯାଇଥିଲା। ଫଳରେ ସାଧାରଣ ଲୋକେ ରାତିରେ ନିର୍ଭୟରେ ନଦୀବନ୍ଧ ରାସ୍ତାରେ ଯାତାୟାତ କରିପାରୁଥିଲେ।

## ଯୁବତୀଙ୍କ ଫଟୋ, ଭିଡିଓ ଭାଇରାଲ୍ ଧମକ: ଯୁବକ ଗିରଫ

ବାଲିଅନ୍ତା, ୨୯।୮ (ନୀଳମାଧବ ସାହୁ)

ଯୁବତୀଙ୍କ ଫଟୋ ଓ ଭିଡିଓ ଭାଇରାଲ୍ କରିବାକୁ ଧମକ ଦେବା ଅଭିଯୋଗରେ ଜଣେ ଯୁବକଙ୍କୁ ବାଲିଅନ୍ତା ଥାନା ପୋଲିସ ଶୁକ୍ରବାର ଗିରଫ କରି କୋର୍ଟଚାଲାଣ କରିଛି। ସେ ହେଲେ ବଡ଼ଝା ଥାନା ଅଞ୍ଚଳର ସୁଜିତ କୁମାର ନାୟକ (୩୫)। ଯୁବତୀ ଜଣକ ୨୦୨୩ରେ ଏକ ପରୀକ୍ଷା କେନ୍ଦ୍ରରେ ପରୀକ୍ଷା ଦେବା ସମୟରେ ସୁଜିତଙ୍କ ସଂସ୍ପର୍ଶରେ ଆସିଥିଲେ। ପରେ ଉଭୟଙ୍କ ମଧ୍ୟରେ ବନ୍ଧୁତା ସୃଷ୍ଟି ହୋଇଥିଲା। ଯୁବତୀ ଜଣକ ସୁଜିତଙ୍କ ଭଡ଼ା ଘରକୁ ଯାଇଥିଲେ। ସେଠାରେ ଗାଧୋଇବା ସମୟରେ ସୁଜିତ ତାଙ୍କର କିଛି ଫଟୋ ଓ ଭିଡିଓ ମୋବାଇଲରେ ଉଠାଇ ନେଇଥିଲେ। ପରେ ଉକ୍ତ ଫଟୋ ଓ ଭିଡିଓକୁ ଭାଇରାଲ କରିବାର ଧମକ ଦେଇ ସୁଜିତ ତାଙ୍କ ସହିତ ଶାରୀରିକ ସମ୍ପର୍କ ରଖିବାକୁ କହିଥିଲେ। ଯୁବତୀ ଜଣକ ଏଥିରେ ରାଜି ନ ହେବାରୁ ସୁଜିତ ତାଙ୍କର ସମସ୍ତ ସାମାଜିକ ଗଣମାଧ୍ୟମ ସାଇଟ୍‌କୁ ହ୍ୟାକ କରିଦେଇଥିଲେ। ଗତ ୨୪ ତାରିଖରେ ସୁଜିତ ହଠାତ୍ ଯୁବତୀଙ୍କ ଘରକୁ ଯାଇ ଅଶ୍ରାବ୍ୟ ଭାଷାରେ ଗାଳିଗୁଲଜ କରିବା ସହ ଜାତିଆଣ ଆକ୍ଷେପ କରିଥିଲେ। ଏନେଇ ଅଭିଯୋଗ ପରେ ପୋଲିସ ମାମଲା ରୁଜୁ କରି ତଦନ୍ତ କରିବା ସହ ସୁଜିତଙ୍କୁ ଗିରଫ କରିଥିଲା।

# ସହରବାସୀଙ୍କୁ ଷଣ୍ଢ ଭୟ

### ବୁଲା ଗୋରୁମୁକ୍ତ କରିବାରେ ଫେଲ୍ ମାରୁଛି ବିଏମ୍‌ସି



ଭୁବନେଶ୍ୱର, ୨୯।୮ (ବନ୍ଦନା ସେଠୀ)

ରାଜଧାନୀରେ ମାତିଛନ୍ତି ବୁଲା ଷଣ୍ଢ। ରାଜପଥ, ଗଳିକନ୍ଦି ଯୁଆଡ଼େ ଦେଖିବେ ଦଳ ଦଳ ହୋଇ ବୁଲା ଷଣ୍ଢ, ଗାଈ ବୁଲୁଛନ୍ତି। ପଟିଆରୁ ନନ୍ଦନକାନନ, ନୟାପଲ୍ଲୀ, ୟୁନିଟ୍-୯, ବରମୁଣ୍ଡା, ବଡ଼ଗଡ଼, ପୁରପଦା ସବୁଠି ଷଣ୍ଢଙ୍କ ଦୌରାତ୍ମ୍ୟ। ଦିନରେ ଯାହା ଯେମିତି ଲୋକମାନେ ଯାତାୟାତ କରୁଥିଲେ ହେଁ ସଞ୍ଜ ନଇଁଲା ମାତ୍ରେ ସହରବାସୀଙ୍କୁ ଭୟ ଘାରୁଛି। ବିଶେଷକରି ଚଳିତ ୨୨ ତାରିଖ ରାତିରେ ଦୟା ପୋଲ ନିକଟରେ ଷଣ୍ଢ ଧକ୍କାରେ ବଡ଼ ବିଲ୍ଲର ସରୋଜ ବଡ଼ଜେନାଙ୍କ ମୃତ୍ୟୁ ପରେ ସମସ୍ତଙ୍କ ମନରେ ଭୟ ଖେଳିଯାଇଛି। ଅପରପକ୍ଷେ ସହରକୁ କେମିତି ବୁଲା ଗୋରୁ ମୁକ୍ତ କରାଯିବ ସେ ନେଇ ବିଏମ୍‌ସିର ମୁଣ୍ଡବିନ୍ଧା ଆରମ୍ଭ ହୋଇଛି। ବିଏମ୍‌ସି ପ୍ରାୟ ବର୍ଷେ ହେଲା ସହରରୁ ବୁଲା ଗୋରୁ ଉଠାଉନାହିଁ କେବଳ ଅଭିଯୋଗ ଆସିଲେ ସମ୍ପୃକ୍ତ ସ୍ଥାନରୁ ଗୋରୁ ଉଠାଯାଉଛି। ଫଳରେ ସହରକୁ ବୁଲା ଗୋରୁମୁକ୍ତ କରିବା ପାଇଁ ଯେଉଁ ମିଶନ ଆରମ୍ଭ ହୋଇଥିଲା ତାହା ସମ୍ପୂର୍ଣ୍ଣ ଫେଲ୍ ମାରିଛି। ପୂର୍ବରୁ ବୁଲାଗୋରୁଙ୍କୁ ଉଠାଇବା ପାଇଁ ବିଏମ୍‌ସି ୩ଟି ଘରୋଇ ସଂସ୍ଥା ନିୟୋଜିତ କରିଥିଲା। ମାତ୍ର ସଂସ୍ଥାଗୁଡ଼ିକ ଠିକ୍ ଭାବେ ସେମାନଙ୍କ ଦାୟିତ୍ୱ ନ ନିଭାଇବାରୁ ସେମାନେ ଗୋରୁ ଉଠାଇବା ବନ୍ଦ କରିଦେଇଥିଲେ। ଏହାପରେ ବିଏମ୍‌ସି ନିଜେ ଗୋରୁ ଉଠାଇବା ଆରମ୍ଭ କରିଛି। ଗୋରୁ ଉଠାଇ ସେମାନଙ୍କୁ ଥଇଥାନ କରିବା ପାଇଁ ଜାମୁକୋଲି, ଇନ୍‌ଫୋସିଟି-୨, ଜଟଣୀ, ପୁରୀ ମ୍ୟୁନିସିପାଲିଟି ଭଳି ସ୍ଥାନରେ ଗୋଶାଳାର ବ୍ୟବସ୍ଥା କରାଯାଇଛି। ସେମାନଙ୍କର ରକ୍ଷଣାବେକ୍ଷଣ ନାମରେ ବିଏମ୍‌ସି ବର୍ଷକୁ ବହୁ କୋଟି ଟଙ୍କା ଖର୍ଚ୍ଚ କରୁଛି। ସେହିପରି ବୁଲାଗୋରୁଙ୍କ ସମେତ ଷଣ୍ଢଙ୍କୁ ଧରିବା ପାଇଁ ବିଏମ୍‌ସିରେ ୩୦ଜଣ କର୍ମଚାରୀଙ୍କୁ ନିୟୁକ୍ତି ଦିଆଯାଇଥିଲା। ତେବେ ଦିନକୁ ମାତ୍ର ଗୋଟିଏ କିମ୍ବା ଦୁଇଟି ଗୋରୁ ଉଠାଇ ନିଜ ମୁଣ୍ଡରୁ ଦାୟିତ୍ୱ ଖସାଇଦେବାକୁ ଚେଷ୍ଟା କରୁଛି। ଅପରପକ୍ଷେ ଜାମୁକୋଲି ଗୋଶାଳାରେ ୭୦୦ରୁ ଊର୍ଦ୍ଧ୍ୱ ଗୋରୁ ରହିଥିବାବେଳେ ଅନ୍ୟାନ୍ୟ ଗୋଶାଳାରେ ମଧ୍ୟ ଏକାଧିକ ବୁଲାଗୋରୁ ରହିଛନ୍ତି। ସେମାନଙ୍କ ପିଛା ଦୈନିକ ୨୦୦ଙ୍କା ଖର୍ଚ୍ଚ ହେଉଥିବା ବିଏମ୍‌ସିର ଜଣେ କର୍ମଚାରୀ ସୂଚନା ଦେଇଛନ୍ତି। ତେବେ ଏନେଇ ବିଭାଗୀୟ ଅଧିକାରୀଙ୍କ ମତାମତ ମିଳିପାରି ନାହିଁ। ୨୦୨୫ ଜାନୁଆରୀ ୧୫ ପରେ କୌଣସି ଗୋରୁ ଅର୍ଥାତ୍ ଗାଈ, ଷଣ୍ଢ, ମଇଁଷି ରାସ୍ତାରେ ବୁଲୁଥିବାର ଦେଖିବାକୁ ମିଳେ ତେବେ ବିଏମ୍‌ସି ତାହାକୁ ସିଧା ଉଠାଇ ନେବ ବୋଲି ଚେତାବନୀ ଦିଆଯାଇଥିଲା। ଏପରିକି ରାସ୍ତାରେ ବୁଲୁଥିବା ଗୋରୁଙ୍କୁ ଥରେ ଧରିବା ପରେ ତାହାକୁ ଆଉ ସମ୍ପୃକ୍ତ ମାଲିକଙ୍କୁ ଫେରାଯିବ ନାହିଁ। କେବଳ ଦୁହାଁଳିଆ ଗାଈଙ୍କ କ୍ଷେତ୍ରରେ ନିୟମକୁ କିଛିଟା କୋହଳ କରାଯିବ। ମାତ୍ର ଏଥିପାଇଁ ଗାଈ ମାଲିକଙ୍କୁ ବିଏମ୍‌ସିକୁ ମୋଟା ଅଙ୍କର ଜରିମାନା ଦେବାକୁ ପଡ଼ିବ। ଯେଉଁମାନେ ସେମାନଙ୍କର ଦୁହାଁଳିଆ ଗାଈଙ୍କୁ ବିଏମ୍‌ସିଠାରୁ ନେବାକୁ ଚାହିଁବେ ସେମାନେ ବିଏମ୍‌ସି ଖର୍ଚ୍ଚ କରିଥିବା ଟଙ୍କାର ଦୁଇଗୁଣା ପଇସା ଜମା କରିବା ପରେ ହିଁ ଗାଈକୁ ନେଇପାରିବେ। ସେହିପରି ଗାଈ ଫେରସ୍ତ ନେବାବେଳେ ସେମାନଙ୍କୁ ଉପଯୁକ୍ତ ପ୍ରମାଣ ଯେପରିକି ଗାଈ ସହିତ ତାଙ୍କର ପୂର୍ବରୁ ନିଆଯାଇଥିବା ଫଟୋ, ଗାଈର ଇୟର ଟ୍ୟାଗ, ରଙ୍ଗ କିମ୍ବା ଅନ୍ୟ କୌଣସି ପ୍ରମାଣ ପଇଠ କରିବାକୁ ପଡ଼ିବ ବୋଲି ବିଏମ୍‌ସି ପକ୍ଷରୁ ଏସଓପି ଜାରି କରାଯାଇଥିଲା। ମାତ୍ର ଗୋରୁ ଉଠାଉଥିବା ସଂସ୍ଥା କାମ ଛାଡ଼ିଦେବା ପରେ ଏହି ଲକ୍ଷ୍ୟ ପୂରଣ ହୋଇପାରି ନାହିଁ। ତେଣୁ ସହରକୁ ଗୋରୁମୁକ୍ତ କରିବାର ଯେଉଁ ବ୍ଲୁ ପ୍ରିଣ୍ଟ ବିଏମ୍‌ସି ପ୍ରସ୍ତୁତ କରିଥିଲା ତାହା ଏବେ ନାଳିଫିତା ତଳେ ପଡ଼ି ରହିଥିବା ଜଣାଯାଇଛି।

## ୧ରେ ଧାରଣା ଦେବେ ବନ ବିଭାଗ ଅସ୍ଥାୟୀ କର୍ମଚାରୀ

ଭୁବନେଶ୍ୱର, ୨୯।୮ (ବନ୍ଦନା ସେଠୀ)

ଓଡ଼ିଶାର ବିଭିନ୍ନ ବନାଞ୍ଚଳରେ କାର୍ଯ୍ୟରତ ଅସ୍ଥାୟୀ କର୍ମଚାରୀମାନେ ଦୀର୍ଘଦିନ ଧରି ସ୍ୱଳ୍ପ ପାରିଶ୍ରମିକରେ କାର୍ଯ୍ୟ କରୁଛନ୍ତି। ବନ୍ୟପ୍ରାଣୀ ସୁରକ୍ଷା, ବୃକ୍ଷରୋପଣ, ଅଗ୍ନି ନିରାପତ୍ତା ଓ ଜଙ୍ଗଲ ସୁରକ୍ଷା ଭଳି ସମ୍ବେଦନଶୀଳ କାର୍ଯ୍ୟରେ ଜୀବନକୁ ବାଜି ଲଗାଇ ବିପଦସଙ୍କୁଳ ବ୍ୟବସ୍ଥା ମଧ୍ୟରେ ୧୨ରୁ ୧୫ ଘଣ୍ଟା କାମ କରୁଛନ୍ତି। ମାତ୍ର ଏହା ପରେ ବି ସେମାନଙ୍କୁ ଦିନ ମଜୁରିଆଠାରୁ କମ୍ ଦରମା ମିଳୁଛି। ଏପରିକି ଗତ ୭ମାସ ହେବ କର୍ମଚାରୀଙ୍କୁ ଦରମା ମଧ୍ୟ ପ୍ରଦାନ କରାଯାଉନାହିଁ। ଏନେଇ ବିଭାଗୀୟ ଉଚ୍ଚ ଅଧିକାରୀ, ବିଭାଗୀୟ ମନ୍ତ୍ରୀଙ୍କୁ ବାରମ୍ବାର ନିବେଦନ କରାଯାଇଥିଲେ ମଧ୍ୟ କୌଣସି ସୁଫଳ ମିଳିନାହିଁ। ତେଣୁ ନ୍ୟାୟ ଦାବିରେ କର୍ମଚାରୀମାନେ ସେପ୍ଟେମ୍ବର ୧ରେ ଅରଣ୍ୟ ଭବନରେ ଶାନ୍ତିପୂର୍ଣ୍ଣ ଧାରଣା ଦେବେ ବୋଲି ଶୁକ୍ରବାର ସାମ୍ବାଦିକ ଭବନଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ସଂଘର ରାଜ୍ୟ ସଭାପତି ପ୍ରଭାତ ମହାନ୍ତି ସୂଚନା ଦେଇଛନ୍ତି।
ସଂଘ ପକ୍ଷରୁ କୁହାଯାଇଛି, କର୍ତ୍ତବ୍ୟ ସମ୍ପାଦନ ସମୟରେ ଅସ୍ଥାୟୀ କର୍ମଚାରୀମାନେ କାଠମାଫିଆ, ଶିକାରୀ, ହାତୀ କିମ୍ବା ଅନ୍ୟ ଜୀବଜନ୍ତୁଙ୍କ ଦ୍ୱାରା ମୃତ୍ୟୁବରଣ କଲେ କୌଣସି ସ୍ୱତନ୍ତ୍ର ସହାୟତା ମିଳୁନାହିଁ। ଏପରିକି ମୃତ ବା ଆହତ କର୍ମଚାରୀଙ୍କ ପରିବାର ସଦସ୍ୟଙ୍କୁ ଚାକିରି କିମ୍ବା ବଞ୍ଚିବାର ଅବଲମ୍ବନ ଯୋଗାଇ ଦିଆଯାଉ ନାହିଁ। ଗତ ବର୍ଷକ ମଧ୍ୟରେ ଏକାଧିକ ଦୁଃଖଦ ଘଟଣା ଘଟିଥିଲେ ବି ଏନେଇ ବିଭାଗ ପକ୍ଷରୁ କୌଣସି ଅନୁକମ୍ପା ମିଳିନାହିଁ। ସେହିପରି ସ୍ୱଳ୍ପ ପାରିଶ୍ରମିକରେ ବର୍ଷ ବର୍ଷ ଧରି ନିଷ୍ଠାପର ସେବା ଯୋଗାଇ ଆସୁଥିଲେ ମଧ୍ୟ ଏଯାଏ ସେମାନଙ୍କୁ ସ୍ଥାୟୀ କରାଯାଉନାହିଁ। ପରିଚୟ ପତ୍ର ଦିଆଯାଉ ନାହିଁ। ଏଜେନ୍ସି ମାଧ୍ୟମରେ ନିଯୁକ୍ତି ଦେଇ ଦିନମଜୁରିଆ ଭାବେ ୩୦ ଦିନ ପରିବର୍ତ୍ତେ ୨୬ ଦିନର ଦରମା ଦିଆଯାଉଛି। ଆଉଟ୍‌ସୋର୍ସିଂ କର୍ମଚାରୀମାନେ ପାଉଥିବା ଆର୍ଥିକ ପ୍ରୋତ୍ସାହନ ଓ ୨୫% ଦରମା ବୃଦ୍ଧି ଆଦିରୁ ମଧ୍ୟ ବଞ୍ଚିତ କରାଯାଉଛି। ତେଣୁ ଦାବି ପୂରଣ ନ ହେଲେ ଆନ୍ଦୋଳନକୁ ତୀବ୍ରତର କରାଯିବ ବୋଲି ସଂଘ ପକ୍ଷରୁ ଚେତାବନୀ ଦିଆଯାଇଛି। ସମ୍ମିଳନୀରେ କାର୍ଯ୍ୟକାରୀ ସଭାପତି ପ୍ରଶାନ୍ତ ମହାନ୍ତି, ସାଧାରଣ ସମ୍ପାଦକ ଖିଲେଶ କୋଷାରିଆ, ଉପସଭାପତି ସରୋଜ ଲେଙ୍କା, ରତ୍ନାକର ପାତ୍ର, ଜଗନ୍ନାଥ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ।

## ଯୌନ ନିର୍ଯାତନା ନିରାକରଣ କାର୍ଯ୍ୟକ୍ରମର ସମୀକ୍ଷା ବୈଠକ



ଭୁବନେଶ୍ୱର, ୨୯।୮ (ଅନୁରାଧା ମହାରଣା)

ଆୟକର କମିଶନରଙ୍କ କାର୍ଯ୍ୟାଳୟ ପକ୍ଷରୁ କଟକର ଆୟକର ଭବନଠାରେ କାର୍ଯ୍ୟସ୍ଥଳୀରେ ହେଉଥିବା ଯୌନ ନିର୍ଯାତନା ରୋକିବା ପାଇଁ ନିଆଯାଇଥିବା ପଦକ୍ଷେପଗୁଡ଼ିକର ସମୀକ୍ଷା କରାଯିବା ସହ ତଦାରଖ ନେଇ ଗଠିତ ଆଭ୍ୟନ୍ତରୀଣ ଅଭିଯୋଗ କମିଟିର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ କମିଟିର ସଦସ୍ୟା ଏଡିଆଇଟି ଲକ୍ଷ୍ମୀପ୍ରିୟା ଉପାଧ୍ୟାୟ, ସରସ୍ୱତୀ ଶିଶୁ ମନ୍ଦିରର ଅଧ୍ୟକ୍ଷ ନନ୍ଦିତା ପଣ୍ଡା, ପ୍ରଶାସନିକ ଅଧିକାରୀ ରଶ୍ମିତା ଜେନା, ଏଡି ପ୍ରୀତିମଞ୍ଜରୀ ମହାନ୍ତି, ଆଇନଜୀବୀ ଶ୍ୱେତା ଦାଶ, ସାମାଜିକ କର୍ମୀ ସଞ୍ଜୁକ୍ତା ସାହୁ ପ୍ରମୁଖ ଯୋଗଦେଇଥିଲେ। ପ୍ରଧାନ ଆୟକର ଆୟୁକ୍ତ ସରୋଜ କୁମାର ମହାପାତ୍ର ସେମାନଙ୍କୁ ସମ୍ବର୍ଦ୍ଧିତକରି ପୋକ୍‌ସୋ ଆଇନ ୨୦୧୩ର ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲେ। ବୈଠକକୁ ଆୟକର ମୁଖ୍ୟ ଅଧିକାରୀ କ୍ଷିତୀଶ କୁମାର ମହାନ୍ତି ପରିଚାଳନା କରିଥିଲେ।

## ରମାଦେବୀରେ ଏନ୍‌ଇପି-୨୦୨୦ର ସମ୍ବେଦନଶୀଳତା କର୍ମଶାଳା

ଭୁବନେଶ୍ୱର,୨୯।୮ (ସୁଚିସ୍ମିତା ସାହୁ)

ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟର ବାଣିଜ୍ୟ ବିଭାଗ ଏବଂ ଅର୍ଥନୀତି ବିଭାଗ ମିଳିତ ଭାବରେ ଜାତୀୟ ଶିକ୍ଷା ନୀତି (ଏନ୍‌ଇପି) ୨୦୨୦ ଉପରେ ସମ୍ବେଦନଶୀଳତାକୁ ନେଇ ଏକ ୨ଦିନିଆ କର୍ମଶାଳା ଶୁକ୍ରବାର ଆରମ୍ଭ ହୋଇଯାଇଛି। ଏନ୍‌ଇପି ଅଧୀନରେ ପ୍ରସ୍ତାବିତ ପରିବର୍ତ୍ତନ ବିଷୟରେ ସଚେତନତା ଏବଂ ବୁଝାମଣାକୁ ପ୍ରୋତ୍ସାହିତ କରିବା ଏହି କର୍ମଶାଳାର ମୁଖ୍ୟ ଉଦ୍ଦେଶ୍ୟ। ବାଣିଜ୍ୟ ବିଭାଗର ମୁଖ୍ୟ ପ୍ରଫେସର ସାବତ କୁମାର ଦିଗଲ ସ୍ୱାଗତ ଭାଷଣ ଦେବା ସହ ଏନ୍‌ଇପି ୨୦୨୦ରେ କଳ୍ପନା କରାଯାଇଥିବା ବିକଶିତ ଶୈକ୍ଷିକ ଦୃଶ୍ୟପଟ ଏବଂ ଉଚ୍ଚଶିକ୍ଷାକୁ ସମନ୍ୱିତ କରିବାର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ। ଡକ୍ଟର ବିପ୍ଳବ କୁମାର ଗୁରୁ କର୍ମଶାଳାର ଉଦ୍ଦେଶ୍ୟ ବିଷୟରେ ଏକ ସାରାଂଶ ପ୍ରଦାନ କରିଥିଲେ। ଅର୍ଥନୀତି ବିଭାଗର ମୁଖ୍ୟ ପ୍ରଫେସର ଅପରାଜିତା ବିଶ୍ୱାଳ ଏନ୍‌ଇପିର ସାମଗ୍ରିକ ଆଭିମୁଖ୍ୟ ଉଚ୍ଚଶିକ୍ଷା ପ୍ରତିଷ୍ଠାନଗୁଡ଼ିକରେ ଅର୍ଥନୀତି ଶିକ୍ଷା ଏବଂ ଗବେଷଣା ପଦ୍ଧତିକୁ ପୁନଃ ଆକୃତି ଦେଇପାରେ ବୋଲି କହିଥିଲେ। ସେହିପରି ବାଣିଜ୍ୟ ବିଭାଗର ସହକାରୀ ପ୍ରଫେସର ଡକ୍ଟର ଦେବାଶିଷ ପାହିଙ୍କ ଦ୍ୱାରା ପ୍ରବର୍ତ୍ତିତ 'ଗବେଷଣା, ନବସୃଜନ ଏବଂ ପ୍ରତିଷ୍ଠାନ ବିକାଶ' ଉପରେ ବୈଷୟିକ ଅଧିବେଶନ ଥିଲା। ଡକ୍ଟର ପାହି ଏନ୍‌ଇପି ୨୦୨୦ ଦ୍ୱାରା ନିର୍ଦ୍ଦେଶିତ ଅତ୍ୟାଧୁନିକ ଗବେଷଣା ଉପରେ ଧ୍ୟାନଦେବା ଏବଂ ନବସୃଜନର ସଂସ୍କୃତିକୁ ପ୍ରୋତ୍ସାହିତ କରିବା ପାଇଁ ଶିକ୍ଷାନୁଷ୍ଠାନଗୁଡ଼ିକର ଆବଶ୍ୟକତା ଉପରେ ଆଲୋଚନା କରିଥିଲେ।

## ଓଡ଼ିଆ ଭାଷାର ପ୍ରାଚୀନତାରେ ରହିଛି 'ଓଡ଼ିଆ ଅସ୍ମିତାର ଅନ୍ତଃସ୍ୱର'



ଭୁବନେଶ୍ୱର, ୨୯।୮ (ବନ୍ଦନା ସେଠୀ)

ଓଡ଼ିଆ ଅସ୍ମିତା କେବଳ ଓଡ଼ିଶୀ, ସମ୍ବଲପୁରୀ, ଛଉ କିମ୍ବା ଅନ୍ୟ ବିମୋହିତ କରିବାର କଳା ଓ ସଙ୍ଗୀତ ମଧ୍ୟରେ ସୀମିତ ନୁହେଁ। ଓଡ଼ିଆ ଭାଷାର ପ୍ରାଚୀନତା, ଜଗନ୍ନାଥ ସଂସ୍କୃତିର ବିଶାଳତା, ଓଡ଼ିଆ ଶିଳ୍ପୀର ନିପୁଣତା, ହସ୍ତତନ୍ତର ବିଶ୍ୱବ୍ୟାପୀ ଗ୍ରହଣୀୟତା, କଳିଙ୍ଗ ଯୁଦ୍ଧରେ ମାଟି ପାଇଁ ଆତ୍ମତ୍ୟାଗର ଉଦାହରଣ, ମଧୁବାବୁଙ୍କ ସମର୍ପଣ, କପିଳେନ୍ଦ୍ର ଦେବଙ୍କ ଶାସନ, ପଠାଣି ସାମନ୍ତଙ୍କ ଜ୍ଞାନ ଆଦିରେ ଓଡ଼ିଆ ଅସ୍ମିତାର ଅନ୍ତଃସ୍ୱର ରହିଛି। ଏହି ଚିର ପ୍ରବହମାନ ଓଡ଼ିଆ ଅସ୍ମିତାର ଧାରାକୁ ଉତ୍ତରପିଢ଼ି କେବଳ ଦର୍ଶନ, ଶ୍ରବଣ ବା ବିଶ୍ଳେଷଣରେ ସୀମିତ ନ ରଖି ନିଜ ଜୀବନରେ ପ୍ରତିଫଳନ କରିବାକୁ ପ୍ରୟାସ କରିବା ଆବଶ୍ୟକ ବୋଲି ଶିକ୍ଷାବିତ୍ ତଥା ନୂଆଦିଲ୍ଲୀସ୍ଥିତ ପ୍ରବାସୀ ଓଡ଼ିଆ ବୁଦ୍ଧିଜୀବୀ ଫୋରମ 'ଦି ଇଣ୍ଟେଲେକ୍ଟସ'ର ପ୍ରତିଷ୍ଠାତା ପ୍ରଫେସର ଦେବେନ୍ଦ୍ର ନାଥ ରାଉତ କହିଛନ୍ତି। ଶୁକ୍ରବାର ଓଡ଼ିଶା ରାଜ୍ୟ ଅଭିଲେଖାଗାରରେ ୮୬ତମ ସଂସ୍କୃତି ଚର୍ଚ୍ଚା ସମାରୋହ ଅନୁଷ୍ଠିତ ହୋଇଯାଇଛି। ଏହି କ୍ରମରେ ଆୟୋଜିତ 'ଓଡ଼ିଆ ଅସ୍ମିତାର ଅନ୍ତଃସ୍ୱର' ଶୀର୍ଷକରେ ମୁଖ୍ୟବକ୍ତା ଭାବେ ଯୋଗଦେଇ ଆଜିର ଡିଜିଟାଲ ଯୁଗରେ ଓଡ଼ିଆ ଅସ୍ମିତା କେବଳ ପୁସ୍ତକରେ ନୁହେଁ ବରଂ ପ୍ରତ୍ୟେକ ଡିଭାଇସ୍, ପ୍ରତ୍ୟେକ ମନ, ପ୍ରତ୍ୟେକ ହୃଦୟରେ ସ୍ଥାନ ପାଇବା ଆବଶ୍ୟକ ବୋଲି କହିଥିଲେ। ସମ୍ମାନରେ ଅଭିଲେଖାଗାରର ଅଧୀକ୍ଷକ ଡ. ଶେଖ୍ ସୋଲେମାନ ଅଲ୍ଲୀ ସ୍ୱାଗତ ଭାଷଣ ଦେଇଥିବାବେଳେ ବୈଷୟିକ ସହାୟକ ଉପେନ୍ଦ୍ର କୁମାର ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

## ସେପ୍ଟେମ୍ବର ୩୦ରେ ସରିବ ଦିଗଜ୍ୟୋତି ଶିକ୍ଷାବୃତ୍ତି ଆବେଦନ

ଭୁବନେଶ୍ୱର,୨୯।୮

ଦିଗଜ୍ୟୋତି ଚାରିଟେବଲ୍ ଏଜୁକେଶନାଲ ଟ୍ରଷ୍ଟର ବହୁ ପ୍ରତୀକ୍ଷିତ କାର୍ଯ୍ୟକ୍ରମ ତଥା ଦିଗଜ୍ୟୋତି ବାର୍ଷିକ ଶିକ୍ଷାବୃତ୍ତି ସମ୍ପର୍କରେ ଘୋଷଣା କରାଯାଇଛି। ବିଶେଷକରି ଯୋଗ୍ୟ ବିବେଚିତ ମେଧାବୀ, ଅନାଥ, ଗରିବ ଓ ଭିନ୍ନକ୍ଷମ ଛାତ୍ରୀଛାତ୍ରଙ୍କୁ ଏହି ବାର୍ଷିକ ଶିକ୍ଷାବୃତ୍ତି ପ୍ରଦାନ କରାଯିବ। ଅପରପକ୍ଷରେ ଟ୍ରଷ୍ଟର ୱେବ୍‌ସାଇଟ (www.digjyoti.org)ରେ ଉପଲବ୍ଧ ଘୋଷଣାନାମାରେ ସୂଚିତ ଏବଂ ଯୋଗ୍ୟତା ଭିତ୍ତିରେ ଭିନ୍ନ ଭିନ୍ନ ବୃତ୍ତି ପାଇଁ ଏକ ଉଦ୍ଦିଷ୍ଟ ଫର୍ମରେ ଆଶାୟୀ ଛାତ୍ରୀଛାତ୍ରମାନେ ଆବେଦନ କରିପାରିବେ। ୨୦୨୫ ସେପ୍ଟେମ୍ବର ୩୦ ପୂର୍ବରୁ ଟ୍ରଷ୍ଟ ଠିକଣାରେ ଆଶାୟୀଙ୍କଠାରୁ ଦରଖାସ୍ତ ଆହ୍ୱାନ କରାଯାଉଛି। ଉଲ୍ଲେଖଯୋଗ୍ୟ, ଚଳିତ ଶିକ୍ଷାବର୍ଷ ନିମନ୍ତେ ଯୁକ୍ତ ୨, ଯୁକ୍ତ ୩ ଅଥବା ସ୍ନାତକୋତ୍ତର ନିର୍ଦ୍ଦିଷ୍ଟ ବିଭାଗର ପ୍ରଥମ ବର୍ଷରେ ନାମ ଲେଖାଇଥିବା ଛାତ୍ରୀଛାତ୍ରମାନଙ୍କୁ ଦିଗଜ୍ୟୋତି ଶିକ୍ଷାବୃତ୍ତି ପ୍ରଦାନ କରାଯିବ। ଏଥିପାଇଁ ଟ୍ରଷ୍ଟର ୱେବ୍‌ସାଇଟ (www.digjyoti.org)ରେ ଆଶାୟୀମାନେ ଆବେଦନ ଏବଂ ପଞ୍ଜୀକରଣ କରିପାରିବେ।

## ଓକିଲାତି ଲାଇସେନ୍ସ ଥାଇ ଅନ୍ୟ ପେସାରେ ରହିଲେ କାର୍ଯ୍ୟାନୁଷ୍ଠାନ

### ରାଜ୍ୟ ଆଇନଜୀବୀ ପରିଷଦ ପକ୍ଷରୁ ସମସ୍ତ ବାର୍ ଆସୋସିଏଶନକୁ ନିର୍ଦ୍ଦେଶ

କଟକ,୨୯।୮ (କାର୍ତ୍ତିକ ସାହୁ)

ରାଜ୍ୟ ଆଇନଜୀବୀ ପରିଷଦରୁ ଆଇନ ପେସାରେ ଯୋଗଦେବା ଲାଗି ଓକିଲାତି ଲାଇସେନ୍ସ ନେଇଥିବା ଅନେକ ଆଇନଜୀବୀ ବିଭିନ୍ନ କମ୍ପାନୀ, ବ୍ୟବସାୟ, ଠିକାକାମ, ସରକାରୀ ଚାକିରି ଓ ଅନ୍ୟାନ୍ୟ ପେସାରେ ଯୋଗଦେଇ କାର୍ଯ୍ୟ କରୁଛନ୍ତି। ଏଭଳି ଅଭିଯୋଗ ବହୁମାତ୍ରାରେ ରାଜ୍ୟ ଆଇନଜୀବୀ ପରିଷଦ ନିକଟରେ ପହଞ୍ଚିଛି। ଏହାକୁ ରୋକିବା ଲାଗି ରାଜ୍ୟ ଆଇନଜୀବୀ ପରିଷଦ ସମସ୍ତ ବାର ଆସୋସିଏଶନକୁ ନିର୍ଦ୍ଦେଶ ଦେଇଛି। ଆଡଭୋକେଟ ଆଇନ ୧୯୬୧ର ନିୟମ ଅନୁଯାୟୀ, ଆଇନଜୀବୀ ଲାଇସେନ୍ସ ପାଇବା ପରେ ଜଣେ ଆଇନଜୀବୀ ଅନ୍ୟ ପେସାରେ ପୂର୍ଣ୍ଣାଙ୍ଗ ରୂପେ କାର୍ଯ୍ୟ କରିବା ଏପରିକି କେତେକ ସ୍ଥଳରେ ସରକାରୀ ଦପ୍ତରରେ ଚୁକ୍ତିଭିତ୍ତିକ ପୂର୍ଣ୍ଣ ସମୟ ଲାଗି କନସଲଟାଣ୍ଟ ଓ ରିସର୍ଚ୍ଚର ଭାବେ କାର୍ଯ୍ୟ କରିବା ପେସାଗତ ନୈତିକତାର ବିରୁଦ୍ଧାଚରଣ କରୁଛି। ଏହି ଆଇନଜୀବୀମାନେ ସେମାନଙ୍କ ଲାଇସେନ୍ସ ରାଜ୍ୟ ଆଇନଜୀବୀ ପରିଷଦରେ ସରେଣ୍ଡର କିମ୍ବା ସସ୍‌ପେଣ୍ଡ କରିବାର ନିୟମ ରହିଛି। ମାତ୍ର ଏହି ଆଇନଜୀବୀମାନେ ତାହା ନ କରି ନିୟମ ଉଲ୍ଲଂଘନ କରୁଛନ୍ତି। ସେମାନଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ଲାଗି ଗତ ଏପ୍ରିଲ ୧୨ରେ ପରିଷଦର ସାଧାରଣ ପରିଷଦ ବୈଠକରେ ନିଷ୍ପତ୍ତି ନିଆଯାଇଛି। ଏ ବାବଦରେ ବାର ଆସୋସିଏଶନଗୁଡ଼ିକୁ ପରିଷଦ ପକ୍ଷରୁ ଚିଠି ଲେଖି ଏଭଳି ଆଇନଜୀବୀମାନଙ୍କୁ ସେମାନଙ୍କ ଲାଇସେନ୍ସ ତୁରନ୍ତ ସରେଣ୍ଡର୍ କିମ୍ବା ସସ୍‌ପେଣ୍ଡ ଲାଗି ଆବେଦନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି।
ଏଥିସହ ଯେଉଁ ଆଇନଜୀବୀମାନେ ଏହି ନିୟମକୁ ଉଲ୍ଲଂଘନ କରୁଛନ୍ତି ସେମାନଙ୍କ ବିରୋଧରେ ଫୌଜଦାରି ମକଦ୍ଦମା କରାଯିବା ସହିତ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ମଧ୍ୟ ଗ୍ରହଣ କରାଯିବ। ପରିଷଦର ସଦସ୍ୟ ସଚିବ ଯଯାତି କେଶରୀ ସାମନ୍ତସିଂହାର ସମସ୍ତ ବାର ଆସୋସିଏଶନକୁ ଏନେଇ ଜଣାଇଛନ୍ତି। ଆଇନ ପେସାରେ ପୂର୍ଣ୍ଣ ସମୟ ଦେଇ କାର୍ଯ୍ୟ କରୁଥିବା ଆଇନଜୀବୀମାନେ ଏଭଳି ଆଇନ ଉଲ୍ଲଂଘନ କରୁଥିବା ଆଇନଜୀବୀଙ୍କ ସମ୍ପର୍କରେ ମଧ୍ୟ ତଥ୍ୟ ବାର ଆସୋସିଏଶନ କିମ୍ବା ପରିଷଦରେ ଜଣାଇଲେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପରିଷଦ ଶୁକ୍ରବାର ପ୍ରେସ ବିବୃତିରେ ସୂଚନା ଦିଆଯାଇଛି।


**GOVERNMENT OF ODISHA**
**OFFICE OF THE SUPERINTENDING ENGINEER**
**RURAL WORKS DIVISION, BHANJANAGAR**
No.4425/RWDBNJ/Dated. 22.08.2025

**1ST CORRIGENDUM TO TENDER CALL NOTICE**

IDENTIFICATION NO. 06/RWDBNJ/2025-2026 T.O. LETTER NO. 4150 DATED 05.08.2025

No. O661:- The following modifications to the Online Tender/05/SERWBNJ/2025-2026 are made under unavoidable circumstances.

| Procurement Officer | Bid Identification No. | Availability of Tender online for bidding | | Last date & Time of Seeking Tender Clarification | Date of Opening of Tender |
|---|---|---|---|---|---|
| | | From | To | | |
| 1 | 2 | 3 | 4 | 5 | 6 |
| | | As per Office Order | | | |
| Superintending Engineer, Rural Works Division, Bhanjanagar | Online Tender/06/ RWDBNJ/ 2025-2026 | 18.08.2025 at 10.00 A.M. | 29.08.2025 to 3.00 PM | 27.08.2025 Upto 3.00 PM | 30.08.2025 at 12.30 Noon |
| | | As per 1ST Corrigendum | | | |
| | | 09.09.2025 at 10.00 AM | 19.09.2025 to 3.00 PM | 18.09.2025 Upto 3.00 P.M. | 20.09.2025 at 12.00 Noon |

All other terms and conditions of the said tender call notice shall remain unchanged.
OIPR-25174/11/0037/2526 — Sd./- Executive Engineer, Rural Works Division, Bhanjanagar



**GOVERNMENT OF ODISHA** No.O-650
**OFFICE OF THE SUPERINTENDING ENGINEER, RURAL WORKS DIVISION, BHANJANAGAR**
No.4363/RWDBNJ/Dated 19.08.2025

**1st Corrigendum To Tender Call Notice**

IDENTIFICATION NO.05/RWDBNJ/2025-2026 T.O. LETTER NO.4140, DATED 05.08.2025
The following modifications to the Online Tender/05/SERWBNJ/2025-2026 are made under unavoidable circumstances.

| Procurement Officer | Bid Identification No. | Availability of Tender Online for Bidding | | Last date & time of seeking tender clarification | Date of Opening of Tender |
|---|---|---|---|---|---|
| | | From | To | | |
| 1 | 2 | 3 | 4 | 5 | 6 |
| | | As per Office Order | | | |
| Superintending Engineer, Rural Works Division, Bhanjanagar | Online Tender/ 05/ RWDB-NJ/2025-2026 | 18.08.2025 at 10.00 AM | 29.08.2025 to 3.00 PM | 27.08.2025 Upto 3.00 PM | 30.08.2025 at 12.30 Noon |
| | | As per 1st Corrigendum | | | |
| | | 12.09.2025 at 10.00 AM | 22.09.2025 to 3.00 PM | 20.09.2025 upto 3.00 PM | 23.09.2025 at 12.00 Noon |

All other terms and conditions of the said tender call notice shall remain unchanged.
OIPR-25174/11/0035/2526 — Sd./- Executive Engineer, Rural Works Division, Bhanjanagar



**ମୁଖ୍ୟ ନିର୍ମାଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ, ଗ୍ରାମ୍ୟ ନିର୍ମାଣ ମଣ୍ଡଳ, ବ୍ରହ୍ମପୁର**
**OFFICE OF THE CHIEF CONSTRUCTION ENGINEER, RURAL WORKS CIRCLE, BERHAMPUR**
(ଗ୍ରାମ୍ୟ/ପୋଷ୍ଟ- ଆମ୍ବପୁଆ, ଆୟକର ଭବନ ନିକଟରେ, ବ୍ରହ୍ମପୁର - ୭୬୦୦୧୧, ଗଞ୍ଜାମ, ଓଡ଼ିଶା) / (At/Po- Ambapua, P.O.- Near Income Tax Office, Berhampur - 760011, Ganjam, Odisha) E-Mail:- serwbpr2004@yahoo.com, Tel No.:- 0680-2404287

**NATIONAL COMPETITIVE BIDDING THROUGH e-Procurement**

No. O-605 — Bid Identification No. Online Tender / 20-2025-26/BPR

| Identification No. | Name of Work | No. of Works | Approx. Estimated Cost (in Lakh) | Class of Contractor | Period of Completion |
|---|---|---|---|---|---|
| Online Tender / 20-2025-26/ BPR | Road Works under MMSY - IMPROVEMENT TO EXISTING RD ROADS | 15 Nos. | From Rs.257.15 Lakhs to Rs.957.15 Lakhs | "B" Class, "A" Class & "Special" Class as applicable | Period of Completion as provided as per Col No. 5 of Annexure of NIT |

| Procurement Officer | Bid Identification No. | Availability of Tender Online for Bidding | |
|---|---|---|---|
| | | From | To |
| Chief Construction Engineer, R.W. Circle, Berhampur | Online Tender / 20-2025-26/BPR | 04.09.2025 at 10.00 A.M. | 18.09.2025 upto 5.30 P.M. |

(i) EMD / Bid Security, Cost of Bid document is to be transferred through Online as per the procedure mentioned in the DTCN.
(ii) Non-submission of the information/documents through online by the bidder as per the items mentioned in the eligible criteria of the DTCN will also liable for rejection of his tender.
Further details & Corrigendum if any can be seen from the website:- www.tendersodisha.gov.in.
OIPR-25071/11/0116/2526 — Sd./- Chief Construction Engineer, R.W. Circle, Berhampur



**GOVERNMENT OF ODISHA**
**DEPARTMENT OF WATER RESOURCES**
**OFFICE OF THE SUPERINTENDING ENGINEER**
**MINOR IRRIGATION DIVISION, KHARIAR**
E-mail:- eemidivision_khariar@rediffmail.com

**e-PROCUREMENT NOTICE**

**Bid Identification Notice No.:- 02/SE MIDKHR/2025-26**

**Letter No.: 1332** — **Dt.: 25.08.2025**

No.A-546:- The Superintending Engineer, M.I. Division, Khariar, Dist-Nuapada on behalf of Governor of Odisha invites Percentage Rate Bids in Single Cover System through e-procurement to be received in online mode only for the works as detailed in the table below. The bid should be submitted online in the website www.tendersodisha.gov.in by eligible contractors.

| | | |
|---|---|---|
| 1. | Name of work | : **Improvements to different MIPs under M.I. Division, Khariar** |
| 2. | Total No. of works | : 11 (Eleven) Nos. only |
| 3. | Estimated Cost | : Varies from 06.67 Lakhs to 23.09 Lakhs Approximately |
| 4. | Class of Contractor | : As mentioned against work. |
| 5. | Period of completion | : As mentioned against work |
| 6. | Date and time of availability of Bid | : **From 10:00AM on 01.09.2025 and up to 5:30 PM on 08.09.2025 Document in portal** |
| 7. | Last date / time for receipt of Bid | : **Up to 5:30 PM on 08.09.2025 Document in portal** |
| 8. | Date / Time of opening of Bid | : **From 11:00 AM on 09.09.2025 At O/o M.I. Division, Khariar, Nuapada** |
| 9. | Name and Address of Tender Inviting Officer | : Superintending Engineer, M.I. Division, Khariar, Nuapada Officer inviting the bid. |
| 10. | Mode of Payment of Bid cost and Bid Security | : Online |
| 11. | Date of Lottery (If Required) | : On 19.09.2025 at 11.00 AM |

Sd./-Superintending Engineer, M.I. Division, Khariar
OIPR-32090/11/0014/2526



**वरीय पुलिस अधीक्षक का कार्यालय**
**पूर्वी सिंहभूम, जमशेदपुर।**

**लापता: आवश्यक सूचना**



**गुमशुदा पुरूष**
**हाराधन मुर्मू, उम्र–28 वर्ष।**

सर्व साधारण को सूचित किया जाता है कि आवेदक लखिन्दर टुडू के द्वारा अपने साला **हाराधन मुर्मू, उम्र–28 वर्ष की गुमशुदगी** के संबंध में संबंधित थाना एम0जी0एम0 में लिखित आवेदन दिया गया है। आवेदन में इनके द्वारा बताया गया कि **गुमशुदा हाराधन मुर्मू, उम्र–28 वर्ष, पिता–शिबु मुर्मू, पता– सालवनी लावाटोला, थाना–पटमदा, जिला–पूर्वी सिंहभूम, जमशेदपुर** जो दिनांक –28.07.25 को सुबह समय–करीब 10:15 बजे हमारे घर भागाबांध जाहेरटोला एम0 जी0एम0 से अपने घर सालवनी पटमदा जाने के लिए निकले थे लेकिन अभी तक घर नहीं पहुँचें हैं। उनका मानसिक स्थिति ठीक नहीं है उन्हें मिर्गी का दौरा पड़ता है। आवेदक एवं इनके परिवारवालों ने अपने स्तर से काफी खोजबीन किया परन्तु कुछ पता नहीं चल सका।

**गुमशुदा पुरूष का हुलिया निम्न प्रकार है** :– उम्र–28 वर्ष, कद–05 फीट 02 इंच, रंग–काला, चेहरा–चौकोर, बाल– छोटा काला, पहनावा–पीला रंग का टी शर्ट फूल टोपी वाला एवं ग्रे रंग का पैन्ट पहने हुए तथा अपने साथ एक कंबल एवं दो झोला, भाषा–हिन्दी एवं बंगला।

अतः आप सभी जन साधारण से अनुरोध है कि यदि उपरोक्त हुलिये के संबंध में किसी प्रकार की जानकारी प्राप्त होती है तो इसकी सूचना वरीय पुलिस अधीक्षक के कार्यालय में निम्नांकित फोन नम्बर पर सूचित करें।

| | |
|---|---|
| वरीय पुलिस अधीक्षक, पूर्वी सिंहभूम, जमशेदपुर | : 0657–2431006 |
| पुलिस अधीक्षक ग्रामीण, पूर्वी सिंहभूम, जमशेदपुर | : 9470199228 |
| पुलिस उपाधीक्षक, पटमदा | : 9431706496 |
| थाना प्रभारी, एम0जी0एम0 | : 9431706503 |

वरीय पुलिस अधीक्षक, पूर्वी सिंहभूम, जमशेदपुर।

POLICE HELPLINE (EMERGENCY DIAL)-112 | CHILD HELPLINE-1098
WOMEN HELPLINE-1091 | DOMESTIC ABUSE HELPLINE-181
CYBER CRIME HELPLINE-1930 | AMBULANCE SERVICE-108

PR.NO.360739 Police(25-26):D



**NOTICE**

Notice is hereby given to general public that, I Sri Swagat Subhadarsi Behera has lost the original I ROR NO-660/723 in the name of **Jayashree Sahoo, Rajesh Sahoo and Rakesh Sahoo which was kept in my hand Bag**, while he was going to court from his TATA capital office by Auto and in between and Kedar Gouri Temple and Ravi talkies at Lewis road on 22.08.2025 lost the original documents somewhere, around Rasulgarh square area and in spite of his best efforts failed to trace the same.
Therefore, if any one has found the same, please contact Advocate Sri N.C. Pattnaik, Mob.- 9853311189, or Manager Tata Capital at Lewis Road, Bhubaneswar within 15 days from the date of the publication, failing which the document will lose its legal force, and any mis-use of the document will be punishable under law.



**ଦ.ପୂ. ରେଳପଥ – ଟେଣ୍ଡର**

ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ କାର୍ଯ୍ୟରତ ମଣ୍ଡଳ ରେଳ ପ୍ରବନ୍ଧକ/ଇଏନ୍‌ଜି, ଦକ୍ଷିଣ ପୂର୍ବ ରେଳପଥ, ଚକ୍ରଧରପୁର ଖୋଲା ଟେଣ୍ଡର ବାବଦରେ ଇ-ଟେଣ୍ଡର ଆହ୍ୱାନ କରୁଛନ୍ତି। ଏହି ଟେଣ୍ଡର ପାଇଁ ମାନୁଆଲ ଅଫର୍ ଅନୁମତିଯୋଗ୍ୟ ନୁହେଁ ଏବଂ ପ୍ରାପ୍ତ ହୋଇଥିବା ଏପରି କୌଣସି ମାନୁଆଲ ଅଫରକୁ ଅଣଦେଖା କରିଦିଆଯିବ। **ଟେଣ୍ଡର ବିଜ୍ଞପ୍ତି ନଂ.: ସିକେପି-ଇଏସ୍-୨୫-୨୬-୩୧, ତାରିଖ: ୨୮।୦୮।୨୦୨୫** । କାର୍ଯ୍ୟର ନାମ: (i) ଥ୍ରୁ ରେଳ ନବୀକରଣ (ଏସ୍)-୮.୫୫୨ ଟିକେଏମ୍ ସେକ୍ସନ୍-ନିମପୁରା-ଟାଟାନଗର- ଟିଆରଆର(ଏସ୍)-୪.୬୧୬ ଟିକେଏମ୍ ମଧ୍ୟରେ, ଅଁଳାଯୋଡ଼ି ଜଂ.-ଗୋରୁମହିଷାଣୀ- ଟିଆରଆର(ଏସ୍)- ୦.୮୧୯ ଟିକେଏମ୍, ଟାଟାନଗର-ବାଦାମପାହାଡ଼- ଟିଆରଆର(ଏସ୍)- ୩.୧୧୭ ଟିକେଏମ୍ । (ii) ସମ୍ପୂର୍ଣ୍ଣ ଟ୍ରାକ୍ ନବୀକରଣ(ଏସ୍)- ନିମପୁରା-ଟାଟାନଗର ଜଂ. ଏବଂ ଟାଟାନଗର-ବାଦାମପାହାଡ଼ ମଧ୍ୟରେ ୩.୮୭୯ ଟିକେଏମ୍ । (iii) ବରିଷ୍ଠ ଡିଇଏନ୍ (ପୂର୍ବ)/ଚକ୍ରଧରପୁରଙ୍କ କ୍ଷେତ୍ରାଧିକାର ଅଧୀନରେ ଚକ୍ରଧରପୁର ମଣ୍ଡଳରେ ବ୍ରିଜ୍ ଆପ୍ରୋଚ୍ ସ୍ଲିପର୍ସର ନବୀକରଣ । (iv) ନିମପୁରା-ଟାଟାନଗର- ଟିଆରଆର (ପି)-୧.୫୩ ଟିକେଏମ୍, ଟାଟାନଗର-ଗମ୍ହାରିଆ- ଟିଆରଆର(ପି)- ୨.୪୬୮ ଟିକେଏମ୍, ଗମ୍ହାରିଆ-ସିନି- ଟିଆରଆର(ପି)- ୧୦.୭୩୯ ଟିକେଏମ୍, ଚାଣ୍ଡିଲ-କାଣ୍ଡ୍ରା- ଟିଆରଆର(ପି)- ୫.୫୭୫ ଟିକେଏମ୍, କାଣ୍ଡ୍ରା-ସିନି- ଟିଆରଆର(ପି)- ୦.୩୨୦ ଟିକେଏମ୍ । ସମୁଦାୟ- ୨୦.୬୩୨ ଟିକେଏମ୍ (୨ୟ ଆହ୍ୱାନ) । **ଟେଣ୍ଡର ମୂଲ୍ୟ: ₹୩,୩୩,୧୯,୮୬୯.୩୮** । **ଇଏମଡି: ₹୩,୧୬,୬୦୦** । **ଟେଣ୍ଡର ଫର୍ମ ମୂଲ୍ୟ: ₹୦** । **ଖୋଲାଯିବା ତାରିଖ: ତା୨୨।୦୯।୨୦୨୫ରିଖ** । ଟେଣ୍ଡର ୱେବ୍‌ସାଇଟ୍ **http://www.ireps.gov.in** ରେ ଦେଖାଯାଇପାରିବ । ଟେଣ୍ଡରଦାତା/ବିଡରଙ୍କ ନିକଟରେ କ୍ଲାସ୍-III ଡିଜିଟାଲ ସିଗ୍ନେଚର ସାର୍ଟିଫିକେଟ୍ ରହିଥିବା ଆବଶ୍ୟକ ଓ ସେ ଆଇଆରଇପିଏସ୍ ପୋର୍ଟାଲରେ ପଞ୍ଜୀକୃତ ହୋଇଥିବା ଜରୁରୀ । କେବଳ ପଞ୍ଜୀକୃତ ଟେଣ୍ଡରଦାତା/ବିଡରମାନେ ଇ-ଟେଣ୍ଡରିଂରେ ଅଂଶଗ୍ରହଣ କରିପାରିବେ । ଇ-ଟେଣ୍ଡରିଂରେ ଅଂଶଗ୍ରହଣ କରିବା ସମୟରେ ସମସ୍ତ ସମ୍ବନ୍ଧିତ କାଗଜପତ୍ର ଅପ୍‌ଲୋଡ୍ କରାଯିବା ଜରୁରୀ । **ଦ୍ରଷ୍ଟବ୍ୟ:** ସମସ୍ତ ଟେଣ୍ଡରଦାତାଙ୍କ ପାଇଁ ଇ-ଟେଣ୍ଡର ଫର୍ମ ବିନା ମୂଲ୍ୟରେ ଜାରି କରାଯିବ (କର୍ତ୍ତୃପକ୍ଷ – ରେଳବାଇ ବୋର୍ଡର ଚିଠି ସଂ.: ୨୦୨୦/ସିଇ-I/ସିଟି/୩ଇ/ଜିସିସି/ପଲିସି ତାରିଖ: ୧୬।୦୭।୨୦୨୦) **(PR-575)**

# ଷଷ୍ଠୀଦେବୀ ଭାବେ ପୂଜା ପାଇଲେ ମା' ଭଗବତୀ

## ଷଠୀସୂତା ବାନ୍ଧି ସଂକଳ୍ପ କଲେ ନିଯୋଗୀ ସେବାୟତ

ବାଣପୁର,୨୯।୮ (ଦିଲୀପ କୁମାର ସ୍ୱାଇଁ)

ଖୋର୍ଦ୍ଧା ଜିଲ୍ଲା ବାଣପୁରର ପ୍ରଖ୍ୟାତ ଶକ୍ତିପୀଠ ମା' ଭଗବତୀ ମନ୍ଦିରରେ ଶୁକ୍ରବାର ଷଷ୍ଠୀ ଓଷା ମହାସମାରୋହରେ ପାଳିତ ହୋଇଯାଇଛି। ଏହି ଅବସରରେ ମା' ଭଗବତୀଙ୍କୁ ଷଷ୍ଠୀଦେବୀ ବେଶରେ ପୂଜା କରାଯାଇଥିଲା। ପ୍ରତ୍ୟୁଷରୁ ମା'ଙ୍କ ଅଙ୍ଗରାଗ, ମାଜଣା ସହିତ ମହାସ୍ନାନ କରାଯାଇ ମହାପ୍ରସାଦ ଅର୍ପଣ ପରେ ବେଶ ହୋଇ ସର୍ବସାଧାରଣ ଦର୍ଶନ ଚାଲିଥିଲା। ଅପରାହ୍ନ ୧ଟାରେ ପିଣ୍ଡାଲୟ ଦକ୍ଷେଶ୍ୱର ମନ୍ଦିରରେ ବିଜେ କାହାଳୀ ବାଜିବା ପରେ ମା'ଙ୍କ ଚଳନ୍ତି ପ୍ରତିମା କାଠି ଠାକୁରାଣୀ ଘଣ୍ଟଘଣ୍ଟା କାହାଳି ବାଦ୍ୟ ବାଜଣାରେ ଛତ୍ର ତରାସ ଆଲଟ ଚାମର ସହିତ ଥାଟ ପଟୁଆରରେ ନିଯୋଗୀ ସେବାୟତଙ୍କ ସାଥିରେ ସ୍ୱମନ୍ଦିରକୁ ବିଜେ କରିଥିଲେ। ବାଣପୁର ବଡ଼ଦାଣ୍ଡରେ ଯାତ୍ରା କାଳରେ ଗୃହିଣୀମାନେ ଶଙ୍ଖ ହୁଳହୁଳି ପକାଇ ମା'ଙ୍କୁ ବନ୍ଦାପନା କରି ନିଜ ଘରେ ପ୍ରସ୍ତୁତ ଖିରିଖେଚୁଡ଼ି, ପିଠାପଣା ସହିତ ଛ' ଟିଣ ନ' ଭଜା କରି ଷଷ୍ଠୀଦେବୀ ତଥା ମା'ଙ୍କୁ ପୂଜା କରିଥିଲେ। ଏହି ଅଞ୍ଚଳରେ ପରମ୍ପରାକ୍ରମେ ମା' କାଠି ଠାକୁରାଣୀ ଭଗବତୀ ମନ୍ଦିରକୁ ଯାତ୍ରା କଳାପରେ ଯାଇ ନିଜ ଘରେ ଓଷାପୂଜା କରାଯାଇଥାଏ ଏବଂ ସମସ୍ତେ ଏକାଠି ପ୍ରସାଦ ସେବନ କରିଥାନ୍ତି। ମା' ଠାକୁରାଣୀ ମନ୍ଦିରରେ ବିଜେ କଲା ପରେ ପୂଜକ ସାଆନ୍ତ ପରିଛା ପ୍ରସନ୍ନ ମହାପାତ୍ର ପାଳି ଆମାଳି ସଞ୍ଜୟ ମହାପାତ୍ରଙ୍କ ସହଯୋଗରେ ପିଣ୍ଡି ତଳେ ପୁଷ୍ପର ପକାଇ ନବକଳସ କୁମ୍ଭ ସ୍ଥାପନ କରି ସାତଦିନ ଗୁଣ୍ଠା ପ୍ରକ୍ରିୟାନ ପୂର୍ବକ ବରୁଣ ପୂଜା କରି ମା'ଙ୍କୁ କର୍ପୂର ଆଳତି, ଥାଳି ଆଳତି ସହ ନିଶକୁଡ଼ି ଧୂପ ଷୋଡ଼ଶ ଉପଚାରରେ ପୂଜାକରି କାଠି ଆଳତି ବଢାଇଥିଲେ। ପରେ ନିଯୋଗୀ ସେବାୟତ ଓ ଶ୍ରଦ୍ଧାଳୁମାନେ ଷଠି ସୂତା ଧାରଣ କରି ମା'ଙ୍କ ଆଶୀର୍ବାଦ ଭିକ୍ଷା କରିଥିଲେ। ମା'ଙ୍କୁ ଏକାଠି ବଇଶ ଖଇ ସହିତ ଖେଚୁଡ଼ି, ଖିରି, ଡାଲି, ମାଛମହୁର, ମାଛଭୁଣ୍ଡି ଭଜା, ଶାଗଘୁଗୁ, ଅମିଳ, ଏଣ୍ଡୁରୀ ଇତ୍ୟାଦି ନୈବେଦ୍ୟ ଧୂପ କରାଯାଇଥିଲା। ମନ୍ଦିରର ସମସ୍ତ ପାର୍ଶ୍ୱଦେବଦେବୀଙ୍କୁ ଗୁଳାଭୋଗ ପ୍ରଦାନ କରାଯିବା ପରେ ସମସ୍ତ ନିଯୋଗୀ ସେବାୟତ ଏକାଠି ପ୍ରସାଦ ସେବନ କରିଥିଲେ। ମା'ଙ୍କୁ ଷଷ୍ଠୀଦେବୀ ଭାବେ ଦର୍ଶନ କରି ଆଶୀର୍ବାଦ ଲାଭ ପାଇଁ ମନ୍ଦିରରେ ଶ୍ରଦ୍ଧାଳୁଙ୍କ ଭିଡ଼ ଜମିଥିଲା। ମନ୍ଦିର ପ୍ରଶାସନ ତରଫରୁ ବିଭିନ୍ନ ବ୍ୟବସ୍ଥା ଗ୍ରହଣ କରାଯାଇଥିଲା।





ଜଟଣୀ : ତାରିଣୀ କ୍ଲବ, ମୁଣ୍ଡିଆସାହି   ପୋଷ୍ଟ ଅଫିସ୍ ଛକ ବ୍ୟବସାୟୀ ସଂଘ।   ସିଦ୍ଧିବିନାୟକ କ୍ଲବ, ରାମଚନ୍ଦ୍ରପୁର ବଜାର।

# ପୂଜାମଣ୍ଡପ, ମିନାବଜାରରେ ଜମୁଛି ଭିଡ଼

## ଜଟଣୀ ଗଣେଶ ପୂଜାର ତୃତୀୟ ଦିନ

ଜଟଣୀ,୨୯।୮
(ରବୀନ୍ଦ୍ରନାଥ ମହାକୁଡ଼)

ପ୍ରସିଦ୍ଧ ଜଟଣୀ ଗଣେଶ ପୂଜାର ତୃତୀୟ ଦିବସରେ ଶୁକ୍ରବାର ବିଭିନ୍ନ ପୂଜାମଣ୍ଡପ ଓ ମିନାବଜାରରେ ଲୋକଙ୍କ ଭିଡ଼ ଜମିଥିଲା। ପାଗ ଶୃଙ୍ଖଳା ଥିବାରୁ ବିଭିନ୍ନ ପୂଜା ପେଣ୍ଡାଲରେ ପ୍ରଭୁ ଗଜାନନଙ୍କ ଦର୍ଶନ ପାଇଁ ଶ୍ରଦ୍ଧାଳୁଙ୍କ ଗହଳି ଲାଗିଥିଲା। ଆକର୍ଷଣୀୟ ସାଜସଜା ଓ ଡିଜିଟାଲ ଲାଇଟ ଗେଟ୍ ତୋରଣ ସାଙ୍ଗକୁ ସାଂସ୍କୃତିକ କାର୍ଯ୍ୟକ୍ରମ ମନ ମୋହୁଛି। ବ୍ୟବସାୟୀ ସଂଘ କୁଦିଆରୀ ବଜାର, ସୀତାରାମ ଛକ, ଗୋପବନ୍ଧୁ ବଜାର, ବ୍ଲକ ଛକ, ବଡ଼ବଜାର, ମାଛ ଓ ପରିବା ମାର୍କେଟ, ଗୋଲେଇ ମାର୍କେଟ, ହାଟବଜାର, ରାଜାବଜାର, ନୀଳଚକ୍ର ମାର୍କେଟ, ଜଗନ୍ନାଥ ମାର୍କେଟ, ଥାନା ଛକ, ମହୁଲଗୁଡ଼ିଆ ଛକ, ହରିଭାଇନା ଛକ, ଖୁଦୁପୁର ଛକ, ମେଡିକାଲ ଛକ, ହନୁମାନ ବାଟିକା ଛକ, ରେଡଙ୍ଗ କଲୋନୀ ଆଦି ପ୍ରମୁଖ ପୂଜାମଣ୍ଡପରେ ଗହଳି ଦେଖିବାକୁ ମିଳିଛି। ଖୁଦୁପୁର ଛକ ବ୍ୟବସାୟୀ ସଂଘ ପୂଜା କମିଟି ଏବଂ ଖୁଦୁପୁର ୟୁଥ କ୍ଲବ ପକ୍ଷରୁ ସ୍ଥାନୀୟ ନବଜ୍ୟୋତି ଖେଳପଡ଼ିଆରେ ମିନାବଜାର, କୁଦିଆରୀ ବଜାର ବ୍ୟବସାୟୀ ସଂଘ ପକ୍ଷରୁ ମିନାବଜାର ପଡ଼ିବା ସହ ଯାତ୍ରା ପାର୍ଟି, ଥାନା ଛକଠାରେ ଯାତ୍ରା ମଞ୍ଚସ୍ଥ ହୋଇଛି। ସ୍ଥାନୀୟ ଶରତ ପାଇକରାୟ ଖେଳପଡ଼ିଆରେ କଳିଙ୍ଗ ଯୁବ ପରିଷଦ ପକ୍ଷରୁ ୧୩ଶ ଜଟଣୀ ଗଣେଶ ମହୋତ୍ସବ ସହିତ ମିନାବଜାର ଓ ଯାତ୍ରା ଆୟୋଜନ ହୋଇଛି। ଲୋକେ ବିଭିନ୍ନ ସାମଗ୍ରୀ କିଣାକିଣି କରିବା ସହ ମିନାବଜାର ଓ ସୁସ୍ୱାଦୁ ଖାଦ୍ୟର ମଜା ନେଉଛନ୍ତି।

# ଗୋଟିପୁଅ ନୃତ୍ୟରେ ଦର୍ଶକ ବିମୋହିତ

## ଜଙ୍କିଆ ପଲ୍ଲୀ ଉତ୍ସବର ତୃତୀୟ ସନ୍ଧ୍ୟା



ମୂର୍ଚ୍ଛନା ଡ୍ୟାନ୍ସ ଗ୍ରୁପ୍ ଭୁବନେଶ୍ୱର ପକ୍ଷରୁ ଗୋଟିପୁଅ ନୃତ୍ୟ ପରିବେଷଣ କରାଯାଉଛି।

ନିରାକାରପୁର,୨୯।୮
(ମାନସ ଚନ୍ଦ୍ର ପଟ୍ଟନାୟକ)

ଜଙ୍କିଆ ପଞ୍ଚାୟତ ଅଧୀନ ବାଲିଗାଡ଼ିଆ ଗ୍ରାମର ବାସନ୍ତୀ ପଡ଼ିଆରେ ଓଁ ଶ୍ରୀ ଗ୍ରୁପ୍ ଗଣେଶ ପୂଜା କମିଟି ପକ୍ଷରୁ ଜଙ୍କିଆ ପଲ୍ଲୀ ଉତ୍ସବ ଆୟୋଜିତ ହେଉଛି। ଶୁକ୍ରବାର ତୃତୀୟ ସନ୍ଧ୍ୟାରେ ସାଇ ପପୁଲାର ଡ୍ୟାନ୍ସ ଗ୍ରୁପ୍ ଖୋର୍ଦ୍ଧା, ମୂର୍ଚ୍ଛନା ଡ୍ୟାନ୍ସ ଗ୍ରୁପ୍ ଭୁବନେଶ୍ୱର ଏବଂ ନୀଳଶୈଳ ନୃତ୍ୟାଞ୍ଜଳି ଜଟଣୀ ସମେତ ଆଖପାଖ ଅଞ୍ଚଳର କୁନି ପ୍ରତିଭା ଓ ଅନ୍ୟ ପ୍ରତିଭାମାନେ ନୃତ୍ୟ ପରିବେଷଣ କରିଥିଲେ। କାର୍ଯ୍ୟକ୍ରମକୁ କମଳେଶ ମହାରଣା, ଅଶ୍ୱିନୀ ମହାନ୍ତି ପରିଚାଳନା କରିଥିବାବେଳେ ଅନୁଷ୍ଠାନର ସଭାପତି କୃଷ୍ଣଚନ୍ଦ୍ର ନରେନ୍ଦ୍ର, ସଂଯୋଜକ ବିଶ୍ୱଭୂଷଣ ଛୋଟରାୟ, ପିଙ୍କୁ ପଟ୍ଟନାୟକ, କେଦାରେଶ୍ୱର ବଳବନ୍ତରାୟ ଓ ସ୍ଥାନୀୟ ସରପଞ୍ଚ ପଙ୍କଜିନୀ ବଳବନ୍ତରାୟ, ସମିତି ସଭ୍ୟ ଈଶ୍ୱର ଚନ୍ଦ୍ର ମାର୍ଥା ଏବଂ ଅନୁଷ୍ଠାନର ସଦସ୍ୟମାନେ ସହଯୋଗ କରିଥିଲେ। ପାଗ ଅନୁକୂଳ ଥିବାରୁ ଉତ୍ସବ ଦେଖିବା ପାଇଁ ଦର୍ଶକଙ୍କ ପ୍ରବଳ ଭିଡ଼ ଜମିଥିଲା। ମିନାବଜାର ସହିତ ବିଭିନ୍ନ ପ୍ରକାର ସ୍ୱାଦିଷ୍ଟ ଚଟପଟି ଖାଦ୍ୟ ମିଳିବା ସହିତ ଡ୍ରାଗନ ଗାଡ଼ି ଓ ବିଭିନ୍ନ ଦୋଳି ପଡ଼ିଛି।

# ବିରଳ ପ୍ରଜାତିର ଏଣ୍ଡୁଅ ଉଦ୍ଧାର



ବାଘମାରି/ବେଗୁନିଆ,୨୯।୮ (ମିହିର ରଞ୍ଜନ ମହାପାତ୍ର/ସନ୍ଧ୍ୟାରାଣୀ ମିଶ୍ର)

ବେଗୁନିଆ ବ୍ଲକ ପୋଡ଼ାଡିହ ପଞ୍ଚାୟତ ଅନ୍ତର୍ଗତ କୋଟପଲ୍ଲା-ବରସାହି ଗାଁରେ ଶୁକ୍ରବାର ଏକ ବିରଳ ପ୍ରଜାତିର ଏଣ୍ଡୁଅକୁ ଗ୍ରାମବାସୀ ଉଦ୍ଧାର କରି ବନ ବିଭାଗକୁ ହସ୍ତାନ୍ତର କରିଛନ୍ତି। ଗାଁରେ ମଧ୍ୟାହ୍ନ ସମୟରେ ରଙ୍ଗବେରଙ୍ଗର ଏଣ୍ଡୁଅଟି ଦେଖିବାକୁ ମିଳିଥିଲା। ଏହି ଏଣ୍ଡୁଅଟି ପ୍ରତି ମୁହୂର୍ତ୍ତରେ ରଙ୍ଗ ବଦଳାଉଥିଲା। ଏହା ପୋହଳା ଏଣ୍ଡୁଅ ବୋଲି କୁହାଯାଉଛି। ଗାଁର କେତେଜଣ ଯୁବକ ପ୍ରଥମେ ଏଣ୍ଡୁଅକୁ ଦେଖି ତାକୁ ଧରି ବନ ବିଭାଗ ଅଧିକାରୀଙ୍କୁ ଖବର ଦେଇଥିଲେ। ବନପାଳ ପ୍ରିୟଦର୍ଶନୀ ସେଠୀ ଓ କର୍ମଚାରୀ ଦୁର୍ଗାପ୍ରସାଦ ପଣ୍ଡା ଗାଁରେ ପହଞ୍ଚି ଗ୍ରାମବାସୀଙ୍କଠାରୁ ଏଣ୍ଡୁଅକୁ ସୁରକ୍ଷିତ ଭାବେ ନେଇଥିଲେ। ଏଣ୍ଡୁଅକୁ ପ୍ରାଣୀ ଚିକିତ୍ସକଙ୍କୁ ଦେଖାଇବା ପରେ ସଂରକ୍ଷିତ ଜଙ୍ଗଲରେ ଛାଡ଼ି ଦିଆଯିବ ବୋଲି ବନପାଳ କହିଛନ୍ତି।

# ଆର୍ଥିକ ସାକ୍ଷରତା ସଚେତନତା

ବେଗୁନିଆ,୨୯।୮ (ସନ୍ଧ୍ୟାରାଣୀ ମିଶ୍ର)

ବେଗୁନିଆ ବ୍ଲକ ଦେଉଳି ପଞ୍ଚାୟତ କାର୍ଯ୍ୟାଳୟରେ ଶୁକ୍ରବାର ଭାରତୀୟ ଷ୍ଟେଟ ବ୍ୟାଙ୍କ ପକ୍ଷରୁ ଆର୍ଥିକ ସାକ୍ଷରତା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ଭାରତୀୟ ଷ୍ଟେଟ ବ୍ୟାଙ୍କ ଶାଖା ପରିଚାଳକ ଅଭିଷେକ ବେହେରା ମୁଖ୍ୟ ଅତିଥି, ସରପଞ୍ଚ ଅକ୍ଷୟ କୁମାର ରାଉତରାୟ ମୁଖ୍ୟବକ୍ତା ଓ ଜିଲ୍ଲା ଆର୍ଥିକ ସାକ୍ଷରତା ସଚେତନତା କାର୍ଯ୍ୟକ୍ରମର ଉପଦେଷ୍ଟା ବିକାଶ ମହାନ୍ତି ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଅତିଥିମାନେ ପ୍ରଧାନମନ୍ତ୍ରୀ ସୁରକ୍ଷା ବୀମା ଯୋଜନା, ପ୍ରଧାନମନ୍ତ୍ରୀ ଜୀବନଜ୍ୟୋତି ଯୋଜନା, ଅଟଳ ପେନ୍ସନ ଯୋଜନା, ବ୍ୟାଙ୍କ ସମ୍ବନ୍ଧୀୟ ଉପାଦେୟ ବାର୍ତ୍ତା ଦେବା ସହ ସାଇବର ଠକେଇ ପାଇଁ ବ୍ୟବହୃତ ହେଲ୍ପଲାଇନ ନମ୍ବର ୧୯୩୦ରେ ଯୋଗାଯୋଗ କରିବାକୁ ଉପସ୍ଥିତ ଉପଭୋକ୍ତାମାନଙ୍କୁ ପରାମର୍ଶ ଦେଇଥିଲେ।

# ଗଜାନନଙ୍କ ପୂଜା ଉତ୍ସବରେ ଭଜନ ସମାରୋହ

କୃଷ୍ଣପ୍ରସାଦ,୨୯।୮
(କୈଳାଶ ଚନ୍ଦ୍ର ପଟ୍ଟନାୟକ)



ଭଜନ ସମାରୋହ ଅବସରରେ ଉପସ୍ଥିତ କଣ୍ଠଶିଳ୍ପୀ ଏବଂ ଅନ୍ୟମାନେ।

କୃଷ୍ଣପ୍ରସାଦ ବ୍ଲକ ଅନ୍ତର୍ଗତ ଦଳବେହେରା ସାହିବାବା ଗଣପତି ପୂଜା କମିଟି ପକ୍ଷରୁ ୪ର୍ଥ ବାର୍ଷିକ ପୂଜା ଉତ୍ସବ ଆଡ଼ମ୍ବର ସହକାରେ ପାଳିତ ହୋଇଯାଇଛି। ଏହି ଅବସରରେ ବ୍ଲକସ୍ତରୀୟ ଭଜନ ସମାରୋହ ଓ ନୃତ୍ୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ଅତିଥି ଭାବେ ବ୍ଲକ ଭ୍ରାମ୍ୟମାଣ ପ୍ରାଣୀ ଚିକିତ୍ସା ଅଧିକାରିଣୀ ଡା. ସୁଦତ୍ତା ପଟ୍ଟନାୟକ, ମୁଖ୍ୟ ବକ୍ତା ଭାବେ ଅବସର ସେନା ଅଧିକାରୀ କାଳନ୍ଦୀ ଚରଣ ବାରିକ, କୃଷ୍ଣପ୍ରସାଦ ପଞ୍ଚାୟତର ପୂର୍ବତନ ସରପଞ୍ଚ ବିଜୟ ଚନ୍ଦ୍ର ଜେନା, କଂଗ୍ରେସ ଯୁବନେତା ଦୀପକ କୁମାର ଜେନା, ବ୍ୟବସାୟୀ ରବୀନ୍ଦ୍ର କୁମାର ଜେନା ପ୍ରମୁଖ ସମ୍ମାନିତ ଅତିଥି ରୂପେ ଯୋଗଦେଇ କଳାକାରମାନଙ୍କୁ ଉତ୍ସାହିତ କରିଥିଲେ। ବ୍ଲକର ବିଭିନ୍ନ ସ୍ଥାନରୁ ୪୦ ଜଣ କଳାକାର ଅଂଶଗ୍ରହଣ କରିଥିଲେ। କୃତୀ ପ୍ରତିଯୋଗୀମାନଙ୍କୁ ଅନୁଷ୍ଠାନ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ହିରଣ୍ୟ କୁମାର ସ୍ୱାଇଁ, ମାଷ୍ଟର ନରେନ୍ଦ୍ର କୁମାର ବେହେରା, ଦୁଷ୍ମନ୍ତ କୁମାର ବେହେରା ପ୍ରମୁଖ ବାଦ୍ୟଯନ୍ତ୍ରରେ ସହଯୋଗ କରିଥିବା ବେଳେ ଖବରଦାତା ଦୁର୍ଗାଚରଣ ସ୍ୱାଇଁ ମଞ୍ଚ କାର୍ଯ୍ୟ ପରିଚାଳନା କରିଥିଲେ। ପୂଜା କମିଟି ସଭାପତି ଲିବୁ କୁମାର ଜେନା, ସମ୍ପାଦକ ମଣ୍ଟୁ ଜେନା, ରାଜେଶ କୁମାର ଗୌଡ୍ଡ, ସିଲୁ ଜେନା, ଅମିୟ କୁମାର ସ୍ୱାଇଁ, ବୁଲାମଣି ସ୍ୱାଇଁ, ଅକ୍ଷୟ କୁମାର ଜେନା, ପ୍ରକାଶ କୁମାର ଜେନାଙ୍କ ସମେତ ସମସ୍ତ ସଦସ୍ୟ ଉତ୍ସବ ଆୟୋଜନରେ ସହଯୋଗ କରିଥିଲେ।

# କ୍ରୀଡ଼ା ଦିବସରେ ବନ୍ଧୁତ୍ୱପୂର୍ଣ୍ଣ ଫୁଟ୍‌ବଲ ମ୍ୟାଚ୍

ଟାଙ୍ଗୀ,୨୯।୮ (ରଘୁନାଥ ସାହୁ)



ଫୁଟ୍‌ବଲ ମ୍ୟାଚ୍ ଅବସରରେ ଅତିଥିଙ୍କ ଖେଳାଳିମାନେ।

ଟାଙ୍ଗୀ ଚିଲିକା ଷ୍ଟାଡିୟମରେ ଶୁକ୍ରବାର ବନ୍ଧୁତ୍ୱପୂର୍ଣ୍ଣ ଫୁଟବଲ ମ୍ୟାଚ ମାଧ୍ୟମରେ ଖେଳାଳିମାନେ ଜାତୀୟ କ୍ରୀଡ଼ା ଦିବସ ପାଳନ କରିଛନ୍ତି। ଅତିଥି ଭାବେ ଅବସରପ୍ରାପ୍ତ କ୍ରୀଡ଼ା ପ୍ରଶିକ୍ଷକ ବିଜୟ କୁମାର ରାଉତ, ଡାକ୍ତର ମଧୁସୂଦନ ସେନାପତି, ପ୍ରାକ୍ତନ ଫୁଟବଲ ଖେଳାଳି ଅରୁଣ ରଞ୍ଜନ ମହାନ୍ତି, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ରମେଶ କୁମାର ବଳବନ୍ତରାୟ, ଖବରଦାତା ରଘୁନାଥ ସାହୁ, ଦିଲିପ କୁମାର ନାଥ ପ୍ରମୁଖ ଯୋଗ ଦେଇ ଜାତୀୟ କ୍ରୀଡ଼ା ଦିବସ ଏବଂ ଚଳିତବର୍ଷର ପ୍ରସଙ୍ଗ 'ଏକ ଘଣ୍ଟା ଖେଲ୍ କେ ମଇଦାନ ମେ' ସମ୍ପର୍କରେ ଆଲୋକପାତ କରିଥିଲେ। ବନ୍ଧୁତ୍ୱପୂର୍ଣ୍ଣ ଫୁଟବଲ୍ ମ୍ୟାଚରେ ୧୦ଟି କ୍ଲବ ଗଜାନନ୍ଦ ୱରରିୟର, ଲି କ୍ଲବ, ରୟାଲ ଟାଇଗର, ଲିଜେଣ୍ଡ ୱାରିୟର, ବିନାୟକ ଷ୍ଟାର, ମା' ମଙ୍ଗଳା କ୍ଲବ, ଲମ୍ବୋଦର କ୍ଲବ, ଗଜାନନ ଷ୍ଟାର, ୟୁନିକ ଷ୍ଟାର, ଲାୟନ୍ସ ଷ୍ଟାର ଭାଗନେଇଥିଲେ। ନନ୍ଦକିଶୋର ସ୍ୱାଇଁ, କୃଷ୍ଣଚନ୍ଦ୍ର ବେହେରା, ପ୍ରଶାନ୍ତ କୁମାର ବିଶ୍ୱାଳ, ଅନୀଲ ବେହେରା ପ୍ରମୁଖ ଖେଳ ପରିଚାଳନା କରିଥିଲେ। ପ୍ରଣୟ ପାଇକରାୟ, ସମର ମାଝୀ, ତପୁ ଜେନା, ସ୍ୱାଗତ କର, ରଶ୍ମିରଞ୍ଜନ ଲେଙ୍କା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଜାତୀୟ କ୍ରୀଡ଼ା ଦିବସ ପାଳିତ



କାର୍ଯ୍ୟକ୍ରମରେ ଅତିଥି ଏବଂ ଅନ୍ୟମାନେ।

**ବାଲୁଗାଁ, ୨୯।୮ (ସଂଗ୍ରାମ ପାଇକରାୟ):** ବାଲୁଗାଁ ଉଚ୍ଚ ବିଦ୍ୟାଳୟ ପରିସରସ୍ଥ ବିଜୁ ପଟ୍ଟନାୟକ ଇନ୍‌ଡୋର ଷ୍ଟାଡିୟମରେ ଶୁକ୍ରବାର ଜିଲ୍ଲା କ୍ରୀଡ଼ା ଅଧିକାରୀଙ୍କ ନିର୍ଦ୍ଦେଶ କ୍ରମେ ଜାତୀୟ କ୍ରୀଡ଼ା ଦିବସ ପାଳିତ ହୋଇଯାଇଛି। ଭାରତୀୟ ହକି ତାରକା ଧ୍ୟାନଚାନ୍ଦଙ୍କ ଫଟୋଚିତ୍ରରେ ବାଲୁଗାଁ ଥାନା ଅଧିକାରୀ ଜୟପ୍ରକାଶ ପରିଡା, ଚିଲିକା ପ୍ରେସ୍ କ୍ଲବ ସଭାପତି ପ୍ରକାଶ ପ୍ରଧାନ, ଷ୍ଟାଡିୟମ ଇନଚାର୍ଜ କ୍ରିଷ୍ଣା ସିକାରି, ନବୀନ କୁମାର ରାଉତ, ଫୁଟବଲ ପ୍ରଶିକ୍ଷକ ବାବୁଲ ଗୁର୍ଲା ମାଲ୍ୟାର୍ପଣ କରିଥିଲେ। ଏହି ଅବସରରେ ଯୋଗ ଛାତ୍ରୀଛାତ୍ର ଏବଂ ଉତ୍କଳ କରାଟେ ସ୍କୁଲ ବାଲୁଗାଁ ଶାଖାର ପ୍ରଶିକ୍ଷାର୍ଥୀମାନେ ଶାରୀରିକ ଓ ମାନସିକ ସ୍ତରରେ ସୁସ୍ଥ ରହିବା ସହ ସମସ୍ତଙ୍କୁ ଖେଳ ଓ ଫିଟ୍‌ନେସ୍ କାର୍ଯ୍ୟକଳାପରେ ଅଂଶ ଗ୍ରହଣ କରିବାକୁ ଉତ୍ସାହିତ କରିବା ନେଇ ଶପଥ ପାଠ କରିଥିଲେ। ପରେ ଛାତ୍ରୀଛାତ୍ରମାନେ ବିଭିନ୍ନ କ୍ରୀଡ଼ା କୌଶଳ ପ୍ରଦର୍ଶନ କରିଥିଲେ। କାର୍ଯ୍ୟକ୍ରମକୁ ବାଲୁଗାଁ ଉତ୍କଳ କରାଟେ ସ୍କୁଲର ସହପ୍ରଶିକ୍ଷକ ପ୍ରତାପ ଜେନା ଓ ସଂଗ୍ରାମ କେଶରୀ ସ୍ୱାଇଁ ପରିଚାଳନା କରିଥିଲେ।

# ଆଧ୍ୟାତ୍ମିକ ଚେତନା ଜାଗ୍ରତ କରେ ସଂକୀର୍ତ୍ତନ ଉତ୍ସବ

**ବେଗୁନିଆ,୨୯।୮ (ହରପ୍ରସନ୍ନ ପଣ୍ଡା):** ବେଗୁନିଆ ବ୍ଲକ୍ ଅନ୍ତର୍ଗତ ଡିଙ୍ଗର ଗ୍ରାମରେ ସଂକୀର୍ତ୍ତନ ସମାରୋହ ଅନୁଷ୍ଠିତ ହୋଇଯାଇଛି। ଗ୍ରାମର ସୁବୁଦ୍ଧି ସାହିସ୍ଥିତ ୟୁନିକ କ୍ଲବ ଆନୁକୂଲ୍ୟରେ ଆୟୋଜିତ ଏହି ଉତ୍ସବକୁ ସ୍ଥାନୀୟ ମା' ବାଟପଣ୍ଡେଇଙ୍କ ପ୍ରାଙ୍ଗଣରେ ପାଳନ କରାଯାଇଥିଲା। ଏଥିରେ ତରବାଲୁଅ ଏବଂ ଙ୍କସର ଗ୍ରାମର ସଂକୀର୍ତ୍ତନମଣ୍ଡଳୀ ଯୋଗଦେଇ ନାମ ସଂକୀର୍ତ୍ତନ ପରିବେଷଣ କରିଥିଲେ। ହରି କଥା ଏବଂ ଭାଗବତ ଗ୍ରନ୍ଥ ନିଃସୃତ ବାଣୀ ଶ୍ରବଣ କରିବା ପାଇଁ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। ଓଡ଼ିଶାର ଅନ୍ୟତମ ଲୋକକଳା ସଂକୀର୍ତ୍ତନ ଏବେ ଗାଁ ପରିବେଶରେ ବିଲୁପ୍ତ ପ୍ରାୟ। ହିନ୍ଦୁ ଧର୍ମୀୟ ଭାବଧାରାକୁ ଯୋଡ଼ି ରଖିବାକୁ ହେଲେ ସାଂସ୍କୃତିକ କାର୍ଯ୍ୟକ୍ରମ, ଲୋକକଳା ଓ ପରମ୍ପରାକୁ ଉଜ୍ଜୀବିତ କରିବାର ଯଥେଷ୍ଟ ଆବଶ୍ୟକତା ରହିଛି। ଆଧ୍ୟାତ୍ମିକ ଚେତନାକୁ ଜାଗ୍ରତ କରୁଥିବା ବିକଳ୍ପ ପନ୍ଥା ସଂକୀର୍ତ୍ତନ ଉତ୍ସବକୁ ଉପଭୋଗ କରିବାକୁ ଏହି ଅବସରରେ ଆହ୍ୱାନ ଦିଆଯାଇଥିଲା।


**GOVERNMENT OF ODISHA**
**OFFICE OF THE SUPERINTENDING ENGINEER**
**RURAL WORKS DIVISION, BHANJANAGAR**
**No.4425/RWDBNJ/Dated. 22.08.2025**
**1ST CORRIGENDUM TO TENDER CALL NOTICE**
**IDENTIFICATION NO. 06/RWDBNJ/2025-2026 T.O. LETTER NO. 4150 DATED 05.08.2025**

No. O661:- The following modifications to the Online Tender/05/SERWBNJ/2025-2026 are made under unavoidable circumstances.

| Procurement Officer | Bid Identification No. | Availability of Tender online for bidding – From | Availability of Tender online for bidding – To | Last date & Time of Seeking Tender Clarification | Date of Opening of Tender |
|---|---|---|---|---|---|
| 1 | 2 | 3 | 4 | 5 | 6 |
| | | **As per Office Order** | | | |
| Superintending Engineer, Rural Works Division, Bhanjanagar | Online Tender/06/ RWDBNJ/ 2025-2026 | 18.08.2025 at 10.00 A.M. | 29.08.2025 to 3.00 PM | 27.08.2025 Upto 3.00 PM | 30.08.2025 at 12.30 Noon |
| | | **As per 1ST Corrigendum** | | | |
| | | 09.09.2025 at 10.00 AM | 19.09.2025 to 3.00 PM | 18.09.2025 Upto 3.00 P.M. | 20.09.2025 at 12.00 Noon |

All other terms and conditions of the said tender call notice shall remain unchanged.
OIPR-25174/11/0037/2526
Sd./- Executive Engineer, Rural Works Division, Bhanjanagar



No.O-650
**GOVERNMENT OF ODISHA**
**OFFICE OF THE SUPERINTENDING ENGINEER, RURAL WORKS DIVISION, BHANJANAGAR**
No.4363/RWDBNJ/Dated 19.08.2025
**1st Corrigendum To Tender Call Notice**
IDENTIFICATION NO.05/RWDBNJ/2025-2026 T.O. LETTER NO.4140, DATED 05.08.2025
The following modifications to the Online Tender/05/SERWBNJ/2025-2026 are made under unavoidable circumstances.

| Procurement Officer | Bid Identification No. | Availability of Tender Online for Bidding – From | Availability of Tender Online for Bidding – To | Last date & time of seeking tender clarification | Date of Opening of Tender |
|---|---|---|---|---|---|
| 1 | 2 | 3 | 4 | 5 | 6 |
| | | As per Office Order | | | |
| Superintending Engineer, Rural Works Division, Bhanjanagar | Online Tender/ 05/ RWDB-NJ/2025-2026 | 18.08.2025 at 10.00 AM | 29.08.2025 to 3.00 PM | 27.08.2025 Upto 3.00 PM | 30.08.2025 at 12.30 Noon |
| | | **As per 1st Corrigendum** | | | |
| | | 12.09.2025 at 10.00 AM | 22.09.2025 to 3.00 PM | 20.09.2025 upto 3.00 PM | 23.09.2025 at 12.00 Noon |

**All other terms and conditions of the said tender call notice shall remain unchanged.**
OIPR-25174/11/0035/2526
Sd./- Executive Engineer, Rural Works Division, Bhanjanagar



**ମୁଖ୍ୟ ନିର୍ମାଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ, ଗ୍ରାମ୍ୟ ନିର୍ମାଣ ମଣ୍ଡଳ, ବ୍ରହ୍ମପୁର**
**OFFICE OF THE CHIEF CONSTRUCTION ENGINEER, RURAL WORKS CIRCLE, BERHAMPUR**
(ଗ୍ରାମ୍ୟ/ପୋଷ୍ଟ- ଆମ୍ବପୁଆ, ଆୟକର ଭବନ ନିକଟରେ, ବ୍ରହ୍ମପୁର - ୭୬୦୦୧୧, ଗଞ୍ଜାମ, ଓଡ଼ିଶା) / (At/Po- Ambapua, P.O.- Near Income Tax Office, Berhampur - 760011, Ganjam, Odisha) E-Mail:- serwbpr2004@yahoo.com, Tel No.:- 0680-2404287
**NATIONAL COMPETITIVE BIDDING THROUGH e-Procurement**
No. O-605 **Bid Identification No. Online Tender / 20-2025-26/BPR**

| Identification No. | Name of Work | No. of Works | Approx. Estimated Cost (in Lakh) | Class of Contractor | Period of Completion |
|---|---|---|---|---|---|
| Online Tender / 20-2025-26/ BPR | Road Works under MMSY - IMPROVEMENT TO EXISTING RD ROADS | 15 Nos. | From Rs.257.15 Lakhs to Rs.957.15 Lakhs | "B" Class, "A" Class & "Special" Class as applicable | Period of Completion as provided as per Col No. 5 of Annexure of NIT |

| Procurement Officer | Bid Identification No. | Availability of Tender Online for Bidding – From | Availability of Tender Online for Bidding – To |
|---|---|---|---|
| Chief Construction Engineer, R.W. Circle, Berhampur | Online Tender / 20-2025-26/BPR | 04.09.2025 at 10.00 A.M. | 18.09.2025 upto 5.30 P.M. |

(i) EMD / Bid Security, Cost of Bid document is to be transferred through Online as per the procedure mentioned in the DTCN.
(ii) Non-submission of the information/documents through online by the bidder as per the items mentioned in the eligible criteria of the DTCN will also liable for rejection of his tender.
Further details & Corrigendum if any can be seen from the website:- www.tendersodisha.gov.in.
OIPR-25071/11/0116/2526
Sd./- Chief Construction Engineer, R.W. Circle, Berhampur



**GOVERNMENT OF ODISHA**
**DEPARTMENT OF WATER RESOURCES**
**OFFICE OF THE SUPERINTENDING ENGINEER**
**MINOR IRRIGATION DIVISION, KHARIAR**
E-mail:- eemidivision_khariar@rediffmail.com
**e-PROCUREMENT NOTICE**
**Bid Identification Notice No.:- 02/SE MIDKHR/2025-26**
**Letter No.: 1332** **Dt.: 25.08.2025**
No.A-546:- The Superintending Engineer, M.I. Division, Khariar, Dist-Nuapada on behalf of Govemor of Odisha invites Percentage Rate Bids in Single Cover System through e-procurement to be received in online mode only for the works as detailed in the table below. The bid should be submitted online in the website www.tendersodisha.gov.in by eligible contractors.

| | | |
|---|---|---|
| 1. | Name of work | : **Improvements to different MIPs under M.I. Division, Khariar** |
| 2. | Total No. of works | : 11 (Eleven) Nos. only |
| 3. | Estimated Cost | : Varies from 06.67 Lakhs to 23.09 Lakhs Approximately |
| 4. | Class of Contractor | : As mentioned against work. |
| 5. | Period of completion | : As mentioned against work |
| 6. | Date and time of availability of Bid | : **From 10:00AM on 01.09.2025 and up to 5:30 PM on 08.09.2025 Document in portal** |
| 7. | Last date / time for receipt of Bid | : **Up to 5:30 PM on 08.09.2025 Document in portal** |
| 8. | Date / Time of opening of Bid | : **From 11:00 AM on 09.09.2025 At O/o M.I. Division, Khariar, Nuapada** |
| 9. | Name and Address of Tender Inviting Officer | : Superintending Engineer, M.I. Division, Khariar, Nuapada Officer inviting the bid. |
| 10. | Mode of Payment of Bid cost and Bid Security | : Online |
| 11. | Date of Lottery (If Required) | : On 19.09.2025 at 11.00 AM |

Sd./-Superintending Engineer
M.I. Division, Khariar
OIPR-32090/11/0014/2526



**NOTICE**
Notice is hereby given to general public that, I Sri Swagat Subhadarsi Behera has lost the original I ROR NO-660/723 in the name of **Jayashree Sahoo, Rajesh Sahoo and Rakesh Sahoo which was kept in my hand Bag**, while he was going to court from his TATA capital office by Auto and in between and Kedar Gouri Temple and Ravi talkies at Lewis road on 22.08.2025 lost the original documents somewhere, around Rasulgarh square area and in spite of his best efforts failed to trace the same.
Therefore, if any one has found the same, please contact Advocate Sri N.C. Pattnaik, Mob.- 9853311189, or Manager Tata Capital at Lewis Road, Bhubaneswar within 15 days from the date of the publication, failing which the document will lose its legal force, and any mis-use of the document will be punishable under law.



**वरीय पुलिस अधीक्षक का कार्यालय**
**पूर्वी सिंहभूम, जमशेदपुर।**
**लापताः आवश्यक सूचना**



गुमशुदा पुरूष
हाराधन मुर्मू, उम्र–28 वर्ष।

सर्व साधारण को सूचित किया जाता है कि आवेदक लखिन्दर टुडू के द्वारा अपने साला **हाराधन मुर्मू, उम्र–28 वर्ष की गुमशुदगी** के संबंध में संबंधित थाना एम0जी0एम0 में लिखित आवेदन दिया गया है। आवेदन में इनके द्वारा बताया गया कि **गुमशुदा हाराधन मुर्मू, उम्र–28 वर्ष, पिता–शिबु मुर्मू, पता– सालवनी लावाटोला, थाना–पटमदा, जिला–पूर्वी सिंहभूम, जमशेदपुर** जो दिनांक –28.07.25 को सुबह समय–करीब 10:15 बजे हमारे घर भागाबांध जाहेरटोला एम0 जी0एम0 से अपने घर सालवनी पटमदा जाने के लिए निकले थे लेकिन अभी तक घर नहीं पहुँचे हैं। उनका मानसिक स्थिति ठीक नहीं है उन्हें मिर्गी का दौरा पड़ता है। आवेदक एवं इनके परिवारवालों ने अपने स्तर से काफी खोजबीन किया परन्तु कुछ पता नहीं चल सका।

गुमशुदा पुरूष का हुलिया निम्न प्रकार है :– उम्र–28 वर्ष, कद–05 फीट 02 इंच, रंग–काला, चेहरा–चौकोर, बाल– छोटा काला, पहनावा–पीला रंग का टी शर्ट फूल टोपी वाला एवं ग्रे रंग का पैन्ट पहने हुए तथा अपने साथ एक कंबल एवं दो झोला, भाषा–हिन्दी एवं बंगला।

अतः आप सभी जन साधारण से अनुरोध है कि यदि उपरोक्त हुलिये के संबंध में किसी प्रकार की जानकारी प्राप्त होती है तो इसकी सूचना वरीय पुलिस अधीक्षक के कार्यालय में निम्नांकित फोन नम्बर पर सूचित करें।

वरीय पुलिस अधीक्षक, पूर्वी सिंहभूम, जमशेदपुर : 0657–2431006
पुलिस अधीक्षक ग्रामीण, पूर्वी सिंहभूम, जमशेदपुर : 9470199228
पुलिस उपाधीक्षक, पटमदा : 9431706496
थाना प्रभारी, एम0जी0एम0 : 9431706503

वरीय पुलिस अधीक्षक,
पूर्वी सिंहभूम, जमशेदपुर।

POLICE HELPLINE (EMERGENCY DIAL)-112 | CHILD HELPLINE-1098
WOMEN HELPLINE-1091 | DOMESTIC ABUSE HELPLINE-181
CYBER CRIME HELPLINE-1930 | AMBULANCE SERVICE-108
PR.NO.360739 Police(25-26):D



**ଦ.ପୂ. ରେଳପଥ – ଟେଣ୍ଡର**
ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ କାର୍ଯ୍ୟରତ ମଣ୍ଡଳ ରେଳ ପ୍ରବନ୍ଧକ/ଇଏନ୍‌ଜିଜି, ଦକ୍ଷିଣ ପୂର୍ବ ରେଳପଥ, ଚକ୍ରଧରପୁର ଖୋଲା ଟେଣ୍ଡର ବାବଦରେ ଇ-ଟେଣ୍ଡର ଆହ୍ୱାନ କରୁଛନ୍ତି। ଏହି ଟେଣ୍ଡର ପାଇଁ ମାନୁଆଲ ଅଫର୍ ଅନୁମତିଯୋଗ୍ୟ ନୁହେଁ ଏବଂ ପ୍ରାପ୍ତ ହୋଇଥିବା ଏପରି କୌଣସି ମାନୁଆଲ ଅଫରକୁ ଅଣଦେଖା କରିଦିଆଯିବ। **ଟେଣ୍ଡର ବିଜ୍ଞପ୍ତି ନଂ.: ସିକେପି-ଇଏସ୍-୨୫-୨୬-୩୧, ତାରିଖ: ୨୮।୦୮।୨୦୨୫।** **କାର୍ଯ୍ୟର ନାମ:** (i) ଥ୍ରୁ ରେଳ ନବୀକରଣ (ଏସ୍)–୮.୫୫୨ ଟିକେଏମ୍ ସେକ୍ସନ୍– ନିମପୁରା–ଟାଟାନଗର– ଟିଆର୍‌ଆର୍(ଏସ୍)–୪.୬୧୬ ଟିକେଏମ୍ ମଧ୍ୟରେ, ଅଁକାଯୋଡ଼ି ଜଂ.–ଗୋରୁମହିଷାଣି– ଟିଆର୍‌ଆର୍(ଏସ୍)– ୦.୮୧୯ ଟିକେଏମ୍, ଟାଟାନଗର– ବାଦାମପାହାଡ଼– ଟିଆର୍‌ଆର୍(ଏସ୍)– ୩.୧୧୭ ଟିକେଏମ୍। (ii) ସମ୍ପୂର୍ଣ୍ଣ ଟ୍ରାକ୍ ନବୀକରଣ(ଏସ୍)– ନିମପୁରା–ଟାଟାନଗର ଜଂ. ଏବଂ ଟାଟାନଗର– ବାଦାମପାହାଡ଼ ମଧ୍ୟରେ ୩.୮୭୯ ଟିକେଏମ୍। (iii) ବରିଷ୍ଠ ଡିଇଏନ୍ (ପୂର୍ବ)/ଚକ୍ରଧରପୁରଙ୍କ କ୍ଷେତ୍ରାଧିକାର ଅଧୀନରେ ଚକ୍ରଧରପୁର ମଣ୍ଡଳରେ ବ୍ରିଜ୍ ଆପ୍ରୋଚ୍ ସ୍ଲିପର୍ସର ନବୀକରଣ। (iv) ନିମପୁରା–ଟାଟାନଗର– ଟିଆର୍‌ଆର୍ (ପି)–୧.୫୩ ଟିକେଏମ୍, ଟାଟାନଗର– ଗମ୍ହାରିଆ– ଟିଆର୍‌ଆର୍(ପି)– ୨.୪୬୮ ଟିକେଏମ୍, ଗମ୍ହାରିଆ–ସିନି– ଟିଆର୍‌ଆର୍(ପି)– ୧୦.୭୩୯ ଟିକେଏମ୍, ଚାଣ୍ଡିଲ–କାଣ୍ଡ୍ରା– ଟିଆର୍‌ଆର୍(ପି)– ୫.୫୭୫ ଟିକେଏମ୍, କାଣ୍ଡ୍ରା–ସିନି– ଟିଆର୍‌ଆର୍(ପି)– ୦.୩୨୦ ଟିକେଏମ୍। ସମୁଦାୟ– ୨୦.୬୩୨ ଟିକେଏମ୍ (୨ୟ ଆହ୍ୱାନ)। **ଟେଣ୍ଡର ମୂଲ୍ୟ: ₹୩,୩୩,୧୯,୮୬୯.୩୮। ଇଏମ୍‌ଡି: ₹୩,୧୬,୬୦୦। ଟେଣ୍ଡର ଫର୍ମ ମୂଲ୍ୟ: ₹୦। ଖୋଲାଯିବା ତାରିଖ: ତା୨୨।୦୯।୨୦୨୫ରିଖ।** ଟେଣ୍ଡର ୱେବ୍‌ସାଇଟ୍ **http://www.ireps.gov.in** ରେ ଦେଖାଯାଇପାରିବ। ଟେଣ୍ଡରଦାତା/ବିଡରଙ୍କ ନିକଟରେ କ୍ଲାସ୍–III ଡିଜିଟାଲ ସିଗ୍ନେଚର ସାର୍ଟିଫିକେଟ୍ ରହିଥିବା ଆବଶ୍ୟକ ଓ ସେ ଆଇଆର୍‌ଇପିଏସ୍ ପୋର୍ଟାଲରେ ପଞ୍ଜୀକୃତ ହୋଇଥିବା ଜରୁରୀ। କେବଳ ପଞ୍ଜୀକୃତ ଟେଣ୍ଡରଦାତା/ବିଡରମାନେ ଇ-ଟେଣ୍ଡରିଂରେ ଅଂଶଗ୍ରହଣ କରିପାରିବେ। ଇ-ଟେଣ୍ଡରିଂରେ ଅଂଶଗ୍ରହଣ କରିବା ସମୟରେ ସମସ୍ତ ସମ୍ବନ୍ଧିତ କାଗଜପତ୍ର ଅପଲୋଡ୍ କରାଯିବା ଜରୁରୀ। **ଦ୍ରଷ୍ଟବ୍ୟ:** ସମସ୍ତ ଟେଣ୍ଡରଦାତାଙ୍କ ପାଇଁ ଇ-ଟେଣ୍ଡର ଫର୍ମ ବିନା ମୂଲ୍ୟରେ ଜାରି କରାଯିବ (କର୍ତ୍ତୃପକ୍ଷ – ରେଳବାଇ ବୋର୍ଡର ଚିଠି ସଂ.: ୨୦୨୦/ସିଇ–I/ସିଟି/୩ଇ/ଜିସିସି/ପଲିସି ତାରିଖ: ୧୬।୦୭।୨୦୨୦) **(PR-575)**

# ଅଳଗୁମରେ କାଠିଯାତ୍ରା ଆରମ୍ଭ

ସାକ୍ଷୀଗୋପାଳ,୨୯।୮ (କିଶୋର ମହାପାତ୍ର/ପ୍ରଶାନ୍ତ କୁମାର ବାରିକ/ଭରତ ରାଉତ)


ଅଳଗୁମରେ କାଠିଯାତ୍ରା ଶୁଭାରମ୍ଭ ।

ସାକ୍ଷୀଗୋପାଳ ଅଞ୍ଚଳର ଅଳଗୁମ୍ ଗ୍ରାମରେ ଷଷ୍ଠୀ ଓଷା ଅବସରରେ ନବଦିନ ବ୍ୟାପି କାଠିଯାତ୍ରା ଶୁକ୍ରବାରଠାରୁ ଆରମ୍ଭ ହୋଇଛି। ପରମ୍ପରା ଅନୁଯାୟୀ, ଗ୍ରାମର ଅଧିଷ୍ଠାତ୍ରୀ ଦେବୀ ମା' ଜାଗୁଲେଈ ଠାକୁରାଣୀଙ୍କ ବର୍ଷତମାମ ବନ୍ଦ ରହିଥିବା ମୁହଁ ଖୋଲାଯାଇଛି। ଦେବୀଙ୍କ କୋପଦୃଷ୍ଟିରୁ ରକ୍ଷା ପାଇବା ପାଇଁ ମୁଖମଣ୍ଡଳରେ ଦିଆଯାଇଥିବା ବିରିଡାବ ଖୋଲି ଦିଆଯାଇଛି। ମନ୍ଦିରର ଦୈନନ୍ଦିନ ଦେବକାର୍ଯ୍ୟ ମଧ୍ୟରେ ବ୍ରହ୍ମଣ ସେବକ ଦେବୀ ପ୍ରତିମାଙ୍କୁ ଅଭିମନ୍ତ୍ରିତ ସୁଗନ୍ଧିତ ହଳଦୀ ପାଣିରେ ସ୍ନାନ କରିଥିଲେ। ଚୁଆ, ଚନ୍ଦନ, କର୍ପୂର, ସିନ୍ଦୂର, ନୂତନବସ୍ତ୍ର, ଫୁଲମାଳ ଲାଗି କରାଯାଇ ମାଜଣା ହୋଇଥିଲା। ସନ୍ଧ୍ୟା ଆଳତି ପରେ ୩ କରଣ ଓ ୧୧ ବରାଳ ସେବାୟତ ଦେବୀଙ୍କର ସ୍ୱତନ୍ତ୍ର ପୂଜାର୍ଚ୍ଚନା ନିମନ୍ତେ ମନ୍ଦିରରେ ପ୍ରବେଶ କରିଥିଲେ। ରାତିରେ ଢୋଲ, ମହୁରୀ, ବାଦ୍ୟ, ଶାଢ଼ି, ଶଙ୍ଖା, ସିନ୍ଦୂର ଲାଗି କରାଯାଇ ଦେବୀଙ୍କୁ ବେଶ କରାଯାଇଥିଲା। ବିଳମ୍ବିତ କାହାଳୀ, ଛତିତ୍ରାସ ସହିତ ଦେବୀଙ୍କୁ ବଳି ଉତ୍ସର୍ଗ କରାଯାଇଥିଲା। ପରେ ପରେ

## ମା' ଜାଗୁଲେଇଙ୍କ ମୁହଁରୁ ଖୋଲିଲା ବିରିଡାବ

ସ୍ନାନ, ବେଶ ଏବଂ ଶଶ୍ରୁଦ୍ଧିଭୋଗ ଧୂପ ଓ ଆଳତି ଅନୁଷ୍ଠିତ ହୋଇଥିଲା। କାଳିଶି ବେଢ଼ା ପରିକ୍ରମା କରିଥିଲେ। ଶନିବାରଠାରୁ ଦେବୀଙ୍କର କନ୍ୟା ପଦ୍ମାବତୀ ବାରପଡ଼ା ବିଶିଷ୍ଟ ଅଳଗୁମ୍ ଗ୍ରାମ ପରିକ୍ରମା ଓ ଭୋଗଲାଗି ନିମନ୍ତେ ଗ୍ରାମଟି ଉତ୍ସବ ମୁଖର ହୋଇଉଠିବ। ନବଦିନ ଧରି ଗ୍ରାମର ପ୍ରବାସୀ ଓ ବନ୍ଧୁବାନ୍ଧବଙ୍କ ସମାଗମ ହେବ। ଶେଷ ପର୍ଯ୍ୟାୟରେ ଦେବୀଙ୍କର ଦାନ୍ତକାଠି ମାଜଣା, ସୁରାଲାଗି, ୨୨ ହାତ ୨୨ ଆଙ୍ଗୁଳ ବିଶିଷ୍ଟ କାଠିରେ ଶାଢ଼ି ଲାଗି, କାଠି ପରିକ୍ରମା ଓ କାଠିପଡ଼ିଆକୁ ବିଜେ ସମାରୋହରେ ଶ୍ରଦ୍ଧାଳୁଙ୍କ ସମାବେଶ ହେବ।

# ରାସ୍ତା ପାର୍ଶ୍ୱ ଅଳିଆ ଆବର୍ଜନାରେ ପରିପୂର୍ଣ୍ଣ



ଅସ୍ତରଙ୍ଗ,୨୯।୮ (ମମତା ଜେନା)

ଅସ୍ତରଙ୍ଗ ମୁଖ୍ୟ ବଜାର ରାସ୍ତା ପାର୍ଶ୍ୱ ଅଳିଆ ଆବର୍ଜନାରେ ଭର୍ତ୍ତି ହୋଇଥିବା ଦେଖାଯାଉଛି। ଅସ୍ତରଙ୍ଗ ବଜାରର ଆବର୍ଜନା ଜମା ହେଉଥିବା ସ୍ଥାନକୁ ଲାଗି ଅସ୍ତରଙ୍ଗ ନୋଡାଲ୍ ଉଚ୍ଚ ବିଦ୍ୟାଳୟ ରହିଛି ଏବଂ ସେହି ରାସ୍ତା ଦେଇଗଲେ ବାଳିକା ଉଚ୍ଚ ବିଦ୍ୟାଳୟ ଓ ପଶୁ ଚିକିତ୍ସାଳୟ ମଧ୍ୟ ରହିଛି। ସେ ବାଟରେ ଛାତ୍ରଛାତ୍ରୀ ଓ ଅଫିସିଆଲଙ୍କୁ ଜନସାଧାରଣ ଯିବାଆସିବା କରିଥାନ୍ତି। ଏତଦ୍‌ବ୍ୟତୀତ ହଜାର ହଜାର ଜନସାଧାରଣ ସେହି ରାସ୍ତା ଦେଇ ପୀରଜାହାନିଆ ପର୍ଯ୍ୟଟନସ୍ଥଳକୁ ଯାଇଥାନ୍ତି। ସର୍ବଦା ୩ଟି ଗ୍ରାମର ଲୋକ ଯିବାଆସିବା କରିଥାନ୍ତି। ସେହି ରାସ୍ତା ଦେଇଗଲା ବେଳେ ଆବର୍ଜନା ପଡ଼ି ପଚିଶଡ଼ି ଦୁର୍ଗନ୍ଧ ବାହାରୁଛି, ଯାହା ଫଳରେ ପଥଚାରୀ ଅସ୍ୱାସ୍ଥ୍ୟକର ପରିବେଶରେ ଯାତାୟାତ କରିବାକୁ ବାଧ୍ୟ ହେଉଛନ୍ତି। ସେହି ରାସ୍ତା ଉପରେ କାହାର ଦୃଷ୍ଟି ପଡୁ ନ ଥିବା ଅଭିଯୋଗ କରିଛନ୍ତି କଂଗ୍ରେସ ନେତା ସୁକାନ୍ତ କୁମାର ମହାନ୍ତି। ସେ ବଜାରରେ ପରିମଳ ବିଭାଗ ପକ୍ଷରୁ ଆବର୍ଜନା ଉଠାଯାଉନାହିଁ କି ଆବର୍ଜନା ପରିଚାଳନାରେ କୌଣସି ସ୍ଥାୟୀ ସମାଧାନ ହେଉ ନ ଥିବା ଅଭିଯୋଗ କରିବା ସହ ଆବର୍ଜନା ଗଦା କରୁଥିବା ବ୍ୟକ୍ତିଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି।

# ଋଣଭାର ସହି ନ ପାରି ଜୀବନ ହାରିଲେ ମହିଳା

କଣାସ,୨୯।୮ (ବିଭୂତି ଭୂଷଣ ତ୍ରିପାଠୀ)

କଣାସ ବ୍ଲକ ଗଡ଼ିଶାଗୋଦା ଥାନା ପରିସରଭୁକ୍ତ ସାହୁପଡ଼ା ଗ୍ରାମର ସୁରେଶ ବଲିୟାରସିଂହଙ୍କ ସ୍ତ୍ରୀ ସତ୍ୟଭାମା ବଲିୟାରସିଂହ ବିଭିନ୍ନ ସଂସ୍ଥାରୁ ଋଣ ଆଣି ଶୁଝିପାରି ନ ଥିବାରୁ ମହିଳା ଜଣଙ୍କ ଆତ୍ମହତ୍ୟା କରିଥିବା ପୋଲିସ ପକ୍ଷରୁ ସୂଚନା ମିଳିଛି।

ପୋଲିସ ସୂତ୍ରରୁ ପ୍ରକାଶ ଯେ, ସତ୍ୟଭାମା ଦୀର୍ଘ ଦିନ ହେଲା ଋଣ ଭାରରେ ବୁଡ଼ି ରହିଥିଲେ। ସ୍ୱାମୀଙ୍କ ସ୍ୱଳ୍ପ ରୋଜଗାର ହେତୁ ପ୍ରତିଦିନ ସ୍ୱାମୀ ଓ ସ୍ତ୍ରୀଙ୍କ ମଧ୍ୟରେ ମନୋମାଳିନ୍ୟ ହେଉଥିଲା। ସେହି ଋଣ ଚାପରେ ଅତିଷ୍ଠ ହୋଇ ଗୁରୁବାର ସତ୍ୟଭାମା ସ୍ୱାମୀ ଘରେ ନ ଥିବା ସମୟରେ କନିଆରି ମଞ୍ଜି ବାଟି ପିଇଦେଇଥିବା ସ୍ୱାମୀଙ୍କ ନିକଟକୁ ଫୋନରେ ଜଣାଇଥିଲେ। ସ୍ୱାମୀ ଫୋନ୍ ପାଇବାପରେ ଘରେ ପହଞ୍ଚିବା ବେଳକୁ ସତ୍ୟଭାମାଙ୍କ ମୃତ୍ୟୁ ଘଟିଛି। ଖବରପାଇ ଗଡ଼ିଶାଗୋଦା ଥାନା ଆଇଆଇସି ସୁଧୀର କୁମାର ଦାସ ଘଟଣାସ୍ଥଳରେ ପହଞ୍ଚିବା ସହିତ ପୁରୀରୁ ସାଇଣ୍ଟିଫିକ୍ ଟିମ୍ ଡକାଇ ଶବକୁ ପରୀକ୍ଷା ନିରୀକ୍ଷା କରିଥିଲେ। ଗଡ଼ିଶାଗୋଦା ଥାନା ଏକ ଅପମୃତ୍ୟୁ କେସ୍ ନଂ-୬/୨୦୨୫ ଏକ ମୋକଦ୍ଦମା ରୁଜ କରି ଶବ ବ୍ୟବଚ୍ଛେଦ ପାଇଁ ପଠାଇଥିବା ଜଣାପଡ଼ିଛି।

# ମହାପ୍ରଭୁଙ୍କୁ ଦର୍ଶନ କଲେ ସିକ୍କିମ ମୁଖ୍ୟମନ୍ତ୍ରୀ


ସିକ୍କିମ୍ ମୁଖ୍ୟମନ୍ତ୍ରୀ ପ୍ରେମ ସିଂ ତମାଙ୍ଗ ମହାପ୍ରଭୁଙ୍କ ଦର୍ଶନ କରି ଆଶୀର୍ବାଦ ଭିକ୍ଷା କରିଛନ୍ତି।

ପୁରୀ,୨୯।୮ (ଅଜିତ୍ କୁମାର ମହାନ୍ତି)

ସିକ୍କିମ୍ ମୁଖ୍ୟମନ୍ତ୍ରୀ ପ୍ରେମ୍ ସିଂ ତମାଙ୍ଗ ଶୁକ୍ରବାର ପୁରୀ ଗସ୍ତରେ ଆସି ମହାପ୍ରଭୁଙ୍କୁ ଦର୍ଶନ କରି ଆଶୀର୍ବାଦ ଭିକ୍ଷା କରିଛନ୍ତି। ସିଂହଦ୍ୱାରରେ ପହଞ୍ଚିବା ପରେ ଶ୍ରୀମନ୍ଦିର ଓ ଜିଲା ପ୍ରଶାସନ ପକ୍ଷରୁ ତାଙ୍କୁ ସ୍ୱାଗତ କରାଯାଇଥିଲା। ପରେ ଶ୍ରୀମନ୍ଦିର ଭିତରକୁ ଯାଇ ଚତୁର୍ଦ୍ଧାବିଗ୍ରହଙ୍କୁ ଦର୍ଶନ ସହ ପୂଜାର୍ଚ୍ଚନା କରିଥିଲେ। ପରେ ଶ୍ରୀମନ୍ଦିର ବେଢ଼ାରେ ଥିବା ପାର୍ଶ୍ୱ ଦେବଦେବୀଙ୍କ ଦର୍ଶନ କରି ଫେରିଥିଲେ। ଏହି ସମୟରେ ଜିଲାପାଳ ଦିବ୍ୟଜ୍ୟୋତି ପରିଡ଼ା, ଏସ୍‌ପି ପ୍ରତୀକ ସିଂଙ୍କ ସମେତ ଅନ୍ୟାନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ। ମୁଖ୍ୟମନ୍ତ୍ରୀ ମହାପ୍ରଭୁଙ୍କୁ ଦର୍ଶନ କରିଥିବା ନେଇ ସୋସିଆଲ୍ ମିଡିଆରେ ପୋଷ୍ଟ କରିଛନ୍ତି। ପୋଷ୍ଟକୁ ନେଇ ବିବାଦ ଦେଖିବାକୁ ମିଳିଛି। ଫଟୋରେ ଶ୍ରୀମନ୍ଦିର ବିମଳା ମନ୍ଦିର ଭିତର ଫଟୋ ରହିଥିବା ନେଇ ବିଭିନ୍ନ ମହଲରେ ଅଭିଯୋଗ ହୋଇଛି। ପ୍ରଶାସନ ସାଥିରେ ଥିବାବେଳେ କିପରି ଶ୍ରୀମନ୍ଦିର ମଧ୍ୟକୁ ମୋବାଇଲ ଗଲା ଓ ଫଟୋ ଉଠାଗଲା ତାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ବରିଷ୍ଠ ଅଧିକାରୀ ଥାଇ ମଧ୍ୟ କାହିଁକି ମନା କରାଗଲା ନାହିଁ ବୋଲି ଆଲୋଚନା ଜୋର୍ ଧରିଛି। ପରବର୍ତ୍ତୀ ସମୟରେ ପୋଷ୍ଟରୁ ଉକ୍ତ ଫଟୋକୁ ଡିଲିଟ କରିଦିଆଯାଇଛି। ଉକ୍ତ ଘଟଣାକୁ ନେଇ ଏଏପି ପକ୍ଷରୁ ଅସନ୍ତୋଷ ପ୍ରକାଶ କରାଯିବା ସହ ଏକ ବିଜ୍ଞପ୍ତି ଜାରି କରାଯାଇଛି।

ଏଏପି ପକ୍ଷରୁ କୁହାଯାଇଛି, ମୁଖ୍ୟମନ୍ତ୍ରୀ ଶ୍ରୀମନ୍ଦିର ଆଇନ ଭଙ୍ଗ କରିଛନ୍ତି, ତେବେ କାହାକୁ କହିବା। ମୁଖ୍ୟମନ୍ତ୍ରୀଙ୍କ ସହ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ। ହେଲେ ଶ୍ରୀମନ୍ଦିରରେ ଥିବା ବିମଳାଙ୍କ ମନ୍ଦିର ଫଟୋ ଉଠା ଯାଇ ସୋସିଆଲ୍ ମିଡିଆରେ ପୋଷ୍ଟ କରାଯାଇଛି। ଏତେ ସୁରକ୍ଷା ଥାଇ ମଧ୍ୟ ଫଟୋ ଉଠାଗଲା କିପରି, ତାହାକୁ ନେଇ ଆମ୍ ଆଦ୍‌ମୀ ପାର୍ଟି ଦୃଢ଼ ନିନ୍ଦା କରୁଛି। ଆସନ୍ତା ୩ ତାରିଖରେ ହେବାକୁ ଥିବା ପରିଚାଳନା ବୈଠକରେ ଏହାର ଜବାବ ଆମେ ଦାବି କରୁଛୁ। ଆମ୍ ଆଦ୍‌ମୀ ପାର୍ଟି ପୁରୀ ଶାଖା ଏ ସମ୍ପର୍କରେ ରାଜ୍ୟ ସଭାପତି ଓ ସମ୍ପାଦକଙ୍କୁ ମଧ୍ୟ ଚିଠି ଲେଖି ଜଣାଇବ ବୋଲି ଏଏପି ପକ୍ଷରୁ କୁହାଯାଇଛି।

■ ମୁଖ୍ୟମନ୍ତ୍ରୀଙ୍କ ଫଟୋ ପୋଷ୍ଟକୁ ନେଇ ବିଭିନ୍ନ ମହଲରେ ଅସନ୍ତୋଷ

■ ଘଟଣାକୁ ନାପସନ୍ଦ କରି ତଦନ୍ତ ପାଇଁ ଦାବି କଲା ଆପ୍

# ଶ୍ରୀରାଧା ଜନ୍ମ ମହୋତ୍ସବ ଉଦ୍‌ଘାଟିତ

ସାକ୍ଷୀଗୋପାଳ,୨୯।୮ (କିଶୋର ମହାପାତ୍ର/ପ୍ରଶାନ୍ତ କୁମାର ବାରିକ)

ପ୍ରତିବର୍ଷ ପରି ସାକ୍ଷୀଗୋପାଳ ମନ୍ଦିର ସିଂହଦ୍ୱାର ସମ୍ମୁଖରେ ୩ଦିନିଆ ଆଧ୍ୟାତ୍ମିକ ଓ ସାଂସ୍କୃତିକ ସମାରୋହ ଶ୍ରୀରାଧା ଜନ୍ମ ମହୋତ୍ସବ-୨୦୨୫ ଶୁକ୍ରବାରଠାରୁ ଆରମ୍ଭ ହୋଇଛି। ସିଂହଦ୍ୱାର ଭଜନ କମିଟି ଆନୁକୂଲ୍ୟରେ ପଞ୍ଚକୁଣ୍ଡୀୟ ବିଶ୍ୱଶାନ୍ତି ମହାଯଜ୍ଞରେ ପଣ୍ଡିତମଣ୍ଡଳୀ ଆହୁତି ପ୍ରଦାନ କରିଛନ୍ତି। ମୁଖ୍ୟ ଅତିଥି ଭାବେ ଉତ୍କଳ ବିଦ୍ୱତ ପରିଷଦ ଅଧ୍ୟକ୍ଷ ମନୋଜ ରଥ, ମୁଖ୍ୟବକ୍ତା ଭାବେ ରାଜ୍ୟ ସଂଗ୍ରହାଳୟ ନିର୍ଦ୍ଦେଶକ ଡ. ଭାଗ୍ୟଲିପି ମଲ୍ଲ, ସମ୍ମାନିତ ଅତିଥି ଭାବେ ଆଇନ ସେବା ପ୍ରାଧିକରଣ ସଦସ୍ୟ ଡ. ଜୟଶ୍ରୀ ମହାପାତ୍ର, କଣ୍ଠଶିଳ୍ପୀ ଡ. ଜୟଶ୍ରୀ ଧଳ, କ୍ଲବ ସତ୍ୟବାଦୀ ସଭାପତି ନିହାର ରଞ୍ଜନ ସ୍ୱାଇଁ ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ। ଉପଦେଷ୍ଟା ସୁକାନ୍ତ କିଶୋର ସାମନ୍ତରାୟ ସଭାପତିତ୍ୱ କରିଥିବା ବେଳେ ସମ୍ପାଦକ ଦିବାକର ମହାପାତ୍ର ବିବରଣୀ ପାଠ କରିଥିଲେ। ସାଂସ୍କୃତିକ ସମ୍ପାଦକ ବିଜୟ କୁମାର ମହାପାତ୍ର, ସଦସ୍ୟ ପ୍ରଫୁଲ୍ଲ କୁମାର ପଣ୍ଡା, ଜିତେନ ମହାପାତ୍ର, ଅଦାଲତ ଖୁଣ୍ଟିଆ ଓ ରବୀନ୍ଦ୍ରନାଥ ଷଡ଼ଙ୍ଗୀ ପରିଚାଳନାରେ ସହଯୋଗ କରିଥିଲେ। କାର୍ଯ୍ୟକ୍ରମକୁ ଆଲୋକ ଖୁଣ୍ଟିଆ ସଂଯୋଜନା କରିଥିଲେ। ସ୍ଥାନୀୟ ଛାତ୍ରୀଛାତ୍ରଙ୍କୁ ନେଇ ଆଧ୍ୟାତ୍ମିକ ନୃତ୍ୟ ପ୍ରତିଯୋଗିତାରେ କୃତୀ ପ୍ରତିଯୋଗୀଙ୍କୁ ଅତିଥିମାନେ ପୁରସ୍କାର ପ୍ରଦାନ କରିଥିଲେ। ସାକ୍ଷୀଗୋପାଳ ମନ୍ଦିର ସେବାୟତ କନ୍ୟାମାନେ ଶ୍ରୀରାଧାଙ୍କ ଗୋପଲୀଳା ଭଜନ ନୃତ୍ୟ, ଯାଜ୍ଞସେନୀ ମହାପାତ୍ର ମଙ୍ଗଳାଚରଣ ଏବଂ ରାଜ୍ୟ ସଂସ୍କୃତି ବିଭାଗ ପକ୍ଷରୁ ଉତ୍କଳ ରିସର୍ଚ୍ଚ ଏକାଡେମୀର କଳାକାରମାନେ ପାରମ୍ପରିକ ଓଡ଼ିଶୀ ନୃତ୍ୟ ପରିବେଷଣ କରିଥିଲେ।

# ବନ୍ଧୁତ୍ୱପୂର୍ଣ୍ଣ କ୍ରିକେଟ ଟୁର୍ନାମେଣ୍ଟ: ପ୍ରଶାସନ ଏକାଦଶ ବିଜୟୀ

ପୁରୀ,୨୯।୮ (ଅଜିତ୍ କୁମାର ମହାନ୍ତି)

ଜାତୀୟ କ୍ରୀଡ଼ା ଦିବସ ଓ ପୁରୀ ପୌରପାଳିକାର ସ୍ୱାୟତ୍ତ ଶାସନ ଦିବସ ପାଳନ ଅବସରରେ ଶୁକ୍ରବାର ଏକ ବନ୍ଧୁତ୍ୱପୂର୍ଣ୍ଣ କ୍ରିକେଟ ମ୍ୟାଚ୍ ଅନୁଷ୍ଠିତ ହୋଇଛି। ଶ୍ରୀଜଗନ୍ନାଥ କ୍ରିକେଟ ଷ୍ଟାଡିୟମଠାରେ ପ୍ରଶାସନ ଏକାଦଶ ଓ ପୌରପାଳିକା ଏକାଦଶ ମଧ୍ୟରେ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ପ୍ରଥମେ ବ୍ୟାଟିଂ କରି ଜିଲା ପ୍ରଶାସନ ୫ ଉଇକେଟ ହରାଇ ୧୨୫ ରନ୍ କରିଥିଲା। ଏହାର ଜବାବରେ ପୌର ଏକାଦଶ ସମସ୍ତ ଉଇକେଟ୍ ହରାଇ ୮୯ ରନ୍‌ରେ ସଂଗ୍ରହ କରିବାକୁ ସକ୍ଷମ ହୋଇଥିଲା। ଏଥିରେ ଉପଜିଲାପାଳ ରାଜ କିଶୋର ଜେନା ୩୧ରନ କରିବା ସହ ୨ଟି ଷ୍ଟମ୍ପିଂ କରି ମ୍ୟାନ ଅଫ ଦି ମ୍ୟାଚ ବିବେଚିତ ହୋଇଥିଲେ। ଜିଲା ପ୍ରଶାସନ ତରଫରୁ ଗୋପାଳ ଗୁରୁ ୨୯ ରନ୍ କରିଥିବା ବେଳେ ସନ୍ତୋଷ ବରାଳ ୩ଟି ଉଇକେଟ ନେଇଥିଲେ। ପୌରପାଳିକା ଏକାଦଶ ପକ୍ଷରୁ ରଜନୀକାନ୍ତ ମଙ୍ଗରାଜ ୨୬ ରନ କରିବା ସହ ୨ଟି ଉଇକେଟ ନେଇଥିଲେ। ଅତିରିକ୍ତ ଜିଲାପାଳ (ପ୍ରୋଟୋକଲ) ନୀଳମାଧବ ଭୋଇ ଜିଲା ପ୍ରଶାସନ ଏକାଦଶର ନେତୃତ୍ୱ ନେଇଥିବା ବେଳେ ପୌରପାଳିକା ଏକାଦଶର ନେତୃତ୍ୱ ନିର୍ବାହୀ ଅଧିକାରୀ ଅଭିମନ୍ୟୁ ବେହେରା ନେଇଥିଲେ। ଅତିରିକ୍ତ ଜିଲାପାଳ (ପ୍ରଶାସନ) ଶରତ ଚନ୍ଦ୍ର ବେହେରା, ଜିଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରିୟରଞ୍ଜନ ପୃଷ୍ଟି, ଦିଲ୍ଲୀପ କୁମାର ମହାରଣା, ସୂଚନା ଓ ଲୋକ ସମ୍ପର୍କ ଉପନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ, କ୍ରୀଡ଼ା ଅଧିକାରୀ ଚନ୍ଦନ କୁମାର ସାହୁ, ସହକାରୀ ଜିଲାପାଳ କୃଷ୍ଣଚନ୍ଦ୍ର ମହାପାତ୍ର, ତନ୍ମୟ ଦାସ ପ୍ରମୁଖ ଉପସ୍ଥିତ ଥିଲେ। ବିଜେତା ଓ ଉପ ବିଜେତା ଦଳକୁ ସ୍ୱାୟତ ଶାସନ ଦିବସରେ ଟାଉନ ହଲ ଠାରେ ପୁରସ୍କୃତ କରାଯିବ।

# ମୃତ୍ତିକା ସ୍ୱାସ୍ଥ୍ୟ ପରିଚାଳନା ଉପରେ କୃଷକ ପ୍ରଶିକ୍ଷଣ

ପିପିଲି,୨୯।୮ (ଦୁର୍ଗା ମାଧବ ମିଶ୍ର)

ସ୍ଥାନୀୟ କୃଷି ବିଭାଗ ତରଫରୁ ବ୍ଲକର ବିଭିନ୍ନ ପଞ୍ଚାୟତ ଯଥା ଜଗନ୍ନାଥପୁର, ଦୁର୍ଗାଦାସପୁର, ସହଜପୁର, ସଂପୁର ଓ ପୁବାଶାସନଠାରେ ମୃତ୍ତିକା ପରୀକ୍ଷା ଓ ମୃତ୍ତିକା ସ୍ୱାସ୍ଥ୍ୟ ପରିଚାଳନା ଉପରେ ୫ଟି କୃଷକ ପ୍ରଶିକ୍ଷଣ ଶିବିର ଆୟୋଜିତ ହୋଇଯାଇଛି। ଶିବିରରେ ସାକ୍ଷୀଗୋପାଳ କୃଷି ଜିଲା ଅଧିକାରୀ ଡ. ପରେଶ କୁମାର ପଣ୍ଡା, ପୁରୀ ଜିଲା ମୃତ୍ତିକା ରସାୟନବିତ୍ ଜି. ଶ୍ୱେତା, ସାକ୍ଷୀଗୋପାଳ ଯୋଜନା ଅଧିକାରୀ ବିକାଶ ବିହାରୀ ପୃଷ୍ଟି ଏବଂ ଡେଲାଙ୍ଗ ବ୍ଲକର ସହକାରୀ କୃଷି ଅଧିକାରୀ ମନୋଜ କୁମାର ବାରିକ ପ୍ରମୁଖ ଅଧିକାରୀମାନେ ଯୋଗଦାନ କରି ଚାଷୀମାନଙ୍କୁ ମୃତ୍ତିକା ପରୀକ୍ଷା, ସ୍ୱାସ୍ଥ୍ୟ ଅନୁସାରେ ଖାଦ୍ୟ ସାର ପରିଚାଳନା, ଜୈବିକ ଓ ନାନୋ ସାରର ପ୍ରୟୋଗ ତଥା ସମସ୍ୟା ବହୁଳ ମାଟିର ପରିଚାଳନା ଇତ୍ୟାଦି ସମ୍ପର୍କରେ ତାଲିମ୍ ପ୍ରଦାନ କରିଥିଲେ। ଚାଷୀମାନଙ୍କ କ୍ଷେତ୍ର ସମସ୍ୟା ଓ ତା'ର ସମାଧାନ ଉପରେ ମଧ୍ୟ ଆଲୋଚନା କରାଯାଇଥିଲା। ପିପିଲି ସହକାରୀ କୃଷି ଅଧିକାରୀ ସସ୍ମିତା ମହାନ୍ତି କାର୍ଯ୍ୟକ୍ରମର ଆୟୋଜନ ତଥା ସୁପରିଚାଳନା କରିଥିଲେ। କୃଷି ବୈଷୟିକ ପରିଚାଳନା ସଂସ୍ଥା (ଆତ୍ମା) ର ଅଧକ୍ଷ ସୁବୋଧ କୁମାର ମହାନ୍ତି ପ୍ରଶିକ୍ଷଣ ଶିବିରରେ ଉପସ୍ଥିତ ରହି ମୃତ୍ତିକା ସ୍ୱାସ୍ଥ୍ୟ ରକ୍ଷାରେ ଜୈବିକ ଚାଷର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ। ଉମାକାନ୍ତ ଦଳାଇ ଓ କ୍ଷେତ୍ର କର୍ମଚାରୀମାନେ କାର୍ଯ୍ୟକ୍ରମରେ ସହଯୋଗ କରି ଏହାକୁ ସଫଳ କରିଥିଲେ।

# ଘରେ ଘରେ ଷଷ୍ଠୀ ଓଷା ପାଳିତ

ପୁରୀ,୨୯।୮ (ଅଜିତ୍ କୁମାର ମହାନ୍ତି)

ଭାଦ୍ରବ ଶୁକ୍ଳପକ୍ଷ ଷଷ୍ଠୀ ତିଥି ଶୁକ୍ରବାର ଅବସରରେ ଶ୍ରୀକ୍ଷେତ୍ରର ଘରେ ଘରେ ସନ୍ତାନମାନଙ୍କ ଦୀର୍ଘାୟୁ କାମନା କରି ମା'ମାନେ ଷଠି ଓଷା ପାଳନ କରିଛନ୍ତି। ମହିଳାମାନେ ପୁଅଝିଅଙ୍କ ଦୀର୍ଘାୟୁ ଓ ସୁସ୍ଥ ଶରୀର କାମନା କରି ମା' ଷଠି ଦେବୀଙ୍କୁ ପୂଜା କରିଛନ୍ତି। ପୂଜାର ବିଧି ସ୍ୱତନ୍ତ୍ର ରହିଥାଏ। ଶୀଳ ଏବଂ ପୁଆରେ ବଟା ହଳଦୀରେ ପ୍ରତିମୂର୍ତ୍ତି ନିର୍ମାଣ କରାଯାଏ। ସେଥିରେ ହଳଦୀ କନା ମଧ୍ୟ ରଖାଯାଏ। କଉଡ଼ି ସାହାଯ୍ୟରେ ପ୍ରତିମାର ବିଭିନ୍ନ ଅଂଶ ନିର୍ମାଣ କରାଯାଇଥାଏ। ଓଡ଼ିଶାର ଏହା ଏକ ପାରମ୍ପରିକ ଓଷା। ନିର୍ମାଣ କରାଯାଇଥିବା ପ୍ରତିମୂର୍ତ୍ତି ନିକଟରେ ୬ ପ୍ରକାରର ଡାଳରେ ନିର୍ମିତ ଗଛ ରଖାଯାଇଥାଏ। ସେହିପରି ଠାକୁରାଣୀଙ୍କ ନିକଟରେ ୬ ପ୍ରକାର ଶାଗ ଓ ୬ ପ୍ରକାର ପରିବା ପଡ଼ିଥିବା ତରକାରୀ ଲାଗି କରାଯାଇଥାଏ। ଷଠି ଦେବୀଙ୍କୁ ପୂଜା ପରେ ସନ୍ତାନମାନଙ୍କୁ ବନ୍ଦାପନା କରାଯାଏ। ବନ୍ଦାପନା ପରେ ଷଠି ଠାକୁରାଣୀଙ୍କୁ ଲାଗି ହୋଇଥିବା ୬ ପ୍ରକାର ଡାଳକୁ ପିଲାଙ୍କ ମୁଣ୍ଡ ଓ ପିଠିରେ ଧୀରେ ଧୀରେ ୭ ଥର ଲେଖାଏଁ ଆଘାତ କରାଯାଏ।


**GOVERNMENT OF ODISHA**
**OFFICE OF THE SUPERINTENDING ENGINEER**
**RURAL WORKS DIVISION, BHANJANAGAR**
No.4425/RWDBNJ/Dated. 22.08.2025
**1ST CORRIGENDUM TO TENDER CALL NOTICE**
IDENTIFICATION NO. 06/RWDBNJ/2025-2026 T.O. LETTER NO. 4150 DATED 05.08.2025

No. O661:- The following modifications to the Online Tender/05/SERWBNJ/2025-2026 are made under unavoidable circumstances.

| Procurement Officer | Bid Identification No. | Availability of Tender online for bidding | | Last date & Time of Seeking Tender Clarification | Date of Opening of Tender |
|---|---|---|---|---|---|
| | | From | To | | |
| 1 | 2 | 3 | 4 | 5 | 6 |
| | | As per Office Order | | | |
| Superintending Engineer, Rural Works Division, Bhanjanagar | Online Tender/06/ RWDBNJ/ 2025-2026 | 18.08.2025 at 10.00 A.M. | 29.08.2025 to 3.00 PM | 27.08.2025 Upto 3.00 PM | 30.08.2025 at 12.30 Noon |
| | | As per 1ST Corrigendum | | | |
| | | 09.09.2025 at 10.00 AM | 19.09.2025 to 3.00 PM | 18.09.2025 Upto 3.00 P.M. | 20.09.2025 at 12.00 Noon |

All other terms and conditions of the said tender call notice shall remain unchanged.
OIPR-25174/11/0037/2526
Sd./- Executive Engineer, Rural Works Division, Bhanjanagar



No.O-650
**GOVERNMENT OF ODISHA**
**OFFICE OF THE SUPERINTENDING ENGINEER, RURAL WORKS DIVISION, BHANJANAGAR**
No.4363/RWDBNJ/Dated 19.08.2025
**1st Corrigendum To Tender Call Notice**
IDENTIFICATION NO.05/RWDBNJ/2025-2026 T.O. LETTER NO.4140, DATED 05.08.2025
The following modifications to the Online Tender/05/SERWBNJ/2025-2026 are made under unavoidable circumstances.

| Procurement Officer | Bid Identification No. | Availability of Tender Online for Bidding | | Last date & time of seeking tender clarification | Date of Opening of Tender |
|---|---|---|---|---|---|
| | | From | To | | |
| 1 | 2 | 3 | 4 | 5 | 6 |
| | | As per Office Order | | | |
| Superintending Engineer, Rural Works Division, Bhanjanagar | Online Tender/ 05/ RWDB-NJ/2025-2026 | 18.08.2025 at 10.00 AM | 29.08.2025 to 3.00 PM | 27.08.2025 Upto 3.00 PM | 30.08.2025 at 12.30 Noon |
| | | As per 1st Corrigendum | | | |
| | | 12.09.2025 at 10.00 AM | 22.09.2025 to 3.00 PM | 20.09.2025 upto 3.00 PM | 23.09.2025 at 12.00 Noon |

All other terms and conditions of the said tender call notice shall remain unchanged.
OIPR-25174/11/0035/2526
Sd./- Executive Engineer, Rural Works Division, Bhanjanagar



**ମୁଖ୍ୟ ନିର୍ମାଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ, ଗ୍ରାମ୍ୟ ନିର୍ମାଣ ମଣ୍ଡଳ, ବ୍ରହ୍ମପୁର**
**OFFICE OF THE CHIEF CONSTRUCTION ENGINEER, RURAL WORKS CIRCLE, BERHAMPUR**
(ଗ୍ରାମ୍ୟ/ପୋଷ୍ଟ- ଆମ୍ବପୁଆ, ଆୟକର ଭବନ ନିକଟରେ, ବ୍ରହ୍ମପୁର - ୭୬୦୦୧୧, ଗଞ୍ଜାମ, ଓଡ଼ିଶା) / (At/Po- Ambapua, P.O.- Near Income Tax Office, Berhampur - 760011, Ganjam, Odisha) E-Mail:- serwbpr2004@yahoo.com, Tel No.:- 0680-2404287
**NATIONAL COMPETITIVE BIDDING THROUGH e-Procurement**
No. O-605 Bid Identification No. Online Tender / 20-2025-26/BPR

| Identification No. | Name of Work | No. of Works | Approx. Estimated Cost (in Lakh) | Class of Contractor | Period of Completion |
|---|---|---|---|---|---|
| Online Tender / 20-2025-26/ BPR | Road Works under MMSY - IMPROVEMENT TO EXISTING RD ROADS | 15 Nos. | From Rs.257.15 Lakhs to Rs.957.15 Lakhs | "B" Class, "A" Class & "Special" Class as applicable | Period of Completion as provided as per Col No. 5 of Annexure of NIT |

| Procurement Officer | Bid Identification No. | Availability of Tender Online for Bidding | |
|---|---|---|---|
| | | From | To |
| Chief Construction Engineer, R.W. Circle, Berhampur | Online Tender / 20-2025-26/BPR | 04.09.2025 at 10.00 A.M. | 18.09.2025 upto 5.30 P.M. |

(i) EMD / Bid Security, Cost of Bid document is to be transferred through Online as per the procedure mentioned in the DTCN.
(ii) Non-submission of the information/documents through online by the bidder as per the items mentioned in the eligible criteria of the DTCN will also liable for rejection of his tender.
Further details & Corrigendum if any can be seen from the website:- www.tendersodisha.gov.in.
OIPR-25071/11/0116/2526
Sd./- Chief Construction Engineer, R.W. Circle, Berhampur



**GOVERNMENT OF ODISHA**
**DEPARTMENT OF WATER RESOURCES**
**OFFICE OF THE SUPERINTENDING ENGINEER**
**MINOR IRRIGATION DIVISION, KHARIAR**
E-mail:- eemidivision_khariar@rediffmail.com
**e-PROCUREMENT NOTICE**
**Bid Identification Notice No.:- 02/SE MIDKHR/2025-26**
Letter No.: 1332 Dt.: 25.08.2025
No.A-546:- The Superintending Engineer, M.I. Division, Khariar, Dist-Nuapada on behalf of Governor of Odisha invites Percentage Rate Bids in Single Cover System through e-procurement to be received in online mode only for the works as detailed in the table below. The bid should be submitted online in the website www.tendersodisha.gov.in by eligible contractors.

| | | | |
|---|---|---|---|
| 1. | Name of work | : | Improvements to different MIPs under M.I. Division, Khariar |
| 2. | Total No. of works | : | 11 (Eleven) Nos. only |
| 3. | Estimated Cost | : | Varies from 06.67 Lakhs to 23.09 Lakhs Approximately |
| 4. | Class of Contractor | : | As mentioned against work. |
| 5. | Period of completion | : | As mentioned against work |
| 6. | Date and time of availability of Bid | : | From 10:00AM on 01.09.2025 and up to 5:30 PM on 08.09.2025 Document in portal |
| 7. | Last date / time for receipt of Bid | : | Up to 5:30 PM on 08.09.2025 Document in portal |
| 8. | Date / Time of opening of Bid | : | From 11:00 AM on 09.09.2025 At O/o M.I. Division, Khariar, Nuapada |
| 9. | Name and Address of Tender Inviting Officer | : | Superintending Engineer, M.I. Division, Khariar, Nuapada Officer inviting the bid. |
| 10. | Mode of Payment of Bid cost and Bid Security | : | Online |
| 11. | Date of Lottery (If Required) | : | On 19.09.2025 at 11.00 AM |

Sd./-Superintending Engineer
M.I. Division, Khariar
OIPR-32090/11/0014/2526



**NOTICE**
Notice is hereby given to general public that, I Sri Swagat Subhadarsi Behera has lost the original I ROR NO-660/723 in the name of **Jayashree Sahoo, Rajesh Sahoo and Rakesh Sahoo which was kept in my hand Bag**, while he was going to court from his TATA capital office by Auto and in between and Kedar Gouri Temple and Ravi talkies at Lewis road on 22.08.2025 lost the original documents somewhere, around Rasulgarh square area and in spite of his best efforts failed to trace the same.
Therefore, if any one has found the same, please contact Advocate Sri N.C. Pattnaik, Mob.- 9853311189, or Manager Tata Capital at Lewis Road, Bhubaneswar within 15 days from the date of the publication, failing which the document will lose its legal force, and any mis-use of the document will be punishable under law.



**वरीय पुलिस अधीक्षक का कार्यालय**
**पूर्वी सिंहभूम, जमशेदपुर।**
**लापता: आवश्यक सूचना**


गुमशुदा पुरूष
हाराधन मुर्मू, उम्र–28 वर्ष।

सर्व साधारण को सूचित किया जाता है कि आवेदक लखिन्दर टुडू के द्वारा अपने साला **हाराधन मुर्मू, उम्र–28 वर्ष की गुमशुदगी** के संबंध में संबंधित थाना एम0जी0एम0 में लिखित आवेदन दिया गया है। आवेदन में इनके द्वारा बताया गया कि **गुमशुदा हाराधन मुर्मू, उम्र–28 वर्ष, पिता–शिबु मुर्मू, पता– सालवनी लावाटोला, थाना–पटमदा, जिला–पूर्वी सिंहभूम, जमशेदपुर** जो दिनांक –28.07.25 को सुबह समय–करीब 10:15 बजे हमारे घर भागाबांध जाहेरटोला एम0 जी0एम0 से अपने घर सालवनी पटमदा जाने के लिए निकले थे लेकिन अभी तक घर नहीं पहुँचें हैं। उनका मानसिक स्थिति ठीक नहीं है उन्हें मिर्गी का दौरा पड़ता है। आवेदक एवं इनके परिवारवालों ने अपने स्तर से काफी खोजबीन किया परन्तु कुछ पता नहीं चल सका।
गुमशुदा पुरूष का हुलिया निम्न प्रकार है :– उम्र–28 वर्ष, कद–05 फीट 02 इंच, रंग–काला, चेहरा–चौकोर, बाल– छोटा काला, पहनावा–पीला रंग का टी शर्ट फूल टोपी वाला एवं ग्रे रंग का पैन्ट पहने हुए तथा अपने साथ एक कंबल एवं दो झोला, भाषा–हिन्दी एवं बंगला।
अतः आप सभी जन साधारण से अनुरोध है कि यदि उपरोक्त हुलिये के संबंध में किसी प्रकार की जानकारी प्राप्त होती है तो इसकी सूचना वरीय पुलिस अधीक्षक के कार्यालय में निम्नांकित फोन नम्बर पर सूचित करें।
वरीय पुलिस अधीक्षक, पूर्वी सिंहभूम, जमशेदपुर : 0657–2431006
पुलिस अधीक्षक ग्रामीण, पूर्वी सिंहभूम, जमशेदपुर : 9470199228
पुलिस उपाधीक्षक, पटमदा : 9431706496
थाना प्रभारी, एम0जी0एम0 : 9431706503
वरीय पुलिस अधीक्षक,
पूर्वी सिंहभूम, जमशेदपुर।
POLICE HELPLINE (EMERGENCY DIAL)-112 | CHILD HELPLINE-1098
WOMEN HELPLINE-1091 | DOMESTIC ABUSE HELPLINE-181
CYBER CRIME HELPLINE-1930 | AMBULANCE SERVICE-108
PR.NO.360739 Police(25-26):D



**ଦ.ପୂ. ରେଳପଥ – ଟେଣ୍ଡର**
ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ କାର୍ଯ୍ୟରତ ମଣ୍ଡଳ ରେଳ ପ୍ରବନ୍ଧକ/ଇଏନ୍‌ଜି, ଦକ୍ଷିଣ ପୂର୍ବ ରେଳପଥ, ଚକ୍ରଧରପୁର ଖୋଲା ଟେଣ୍ଡର ବାବଦରେ ଇ-ଟେଣ୍ଡର ଆହ୍ୱାନ କରୁଛନ୍ତି । ଏହି ଟେଣ୍ଡର ପାଇଁ ମାନୁଆଲ ଅଫର୍ ଅନୁମତିଯୋଗ୍ୟ ନୁହେଁ ଏବଂ ପ୍ରାପ୍ତ ହୋଇଥିବା ଏପରି କୌଣସି ମାନୁଆଲ ଅଫରକୁ ଅଣଦେଖା କରିଦିଆଯିବ । **ଟେଣ୍ଡର ବିଜ୍ଞପ୍ତି ନଂ.: ସିକେପି-ଇଏସ୍-୨୫-୨୬-୩୧, ତାରିଖ: ୨୮।୦୮।୨୦୨୫** । **କାର୍ଯ୍ୟର ନାମ:** (i) ଥ୍ରୁ ରେଳ ନବୀକରଣ (ଏସ୍)-୮.୫୫୨ ଟିକେଏମ୍ ସେକ୍ସନ୍-ନିମପୁରା-ଟାଟାନଗର- ଟିଆରଆର(ଏସ୍)-୪.୬୧୬ ଟିକେଏମ୍ ମଧ୍ୟରେ, ଅଁଳାଯୋଡ଼ି ଜଂ.-ଗୋରୁମହିଷାଣି- ଟିଆରଆର(ଏସ୍)- ୦.୮୧୯ ଟିକେଏମ୍, ଟାଟାନଗର-ବାଦାମପାହାଡ଼- ଟିଆରଆର(ଏସ୍)- ୩.୧୧୭ ଟିକେଏମ୍ । (ii) ସମ୍ପୂର୍ଣ୍ଣ ଟ୍ରାକ୍ ନବୀକରଣ(ଏସ୍)-ନିମପୁରା-ଟାଟାନଗର ଜଂ. ଏବଂ ଟାଟାନଗର-ବାଦାମପାହାଡ଼ ମଧ୍ୟରେ ୩.୮୭୯ ଟିକେଏମ୍ । (iii) ବରିଷ୍ଠ ଡିଇଏନ୍ (ପୂର୍ବ)/ଚକ୍ରଧରପୁରଙ୍କ କ୍ଷେତ୍ରାଧିକାର ଅଧୀନରେ ଚକ୍ରଧରପୁର ମଣ୍ଡଳରେ ବ୍ରିଜ୍ ଆପ୍ରୋଚ୍ ସ୍ଲିପର୍ସର ନବୀକରଣ । (iv) ନିମପୁରା-ଟାଟାନଗର-ଟିଆରଆର (ପି)-୧.୫୩ ଟିକେଏମ୍, ଟାଟାନଗର-ଗମ୍ହାରିଆ- ଟିଆରଆର(ପି)- ୨.୪୬୮ ଟିକେଏମ୍, ଗମ୍ହାରିଆ-ସିନି- ଟିଆରଆର(ପି)- ୧୦.୭୩୯ ଟିକେଏମ୍, ଚାଣ୍ଡିଲ-କାଣ୍ଡ୍ରା- ଟିଆରଆର(ପି)- ୫.୫୭୫ ଟିକେଏମ୍, କାଣ୍ଡ୍ରା-ସିନି- ଟିଆରଆର(ପି)- ୦.୩୨୦ ଟିକେଏମ୍ । ସମୁଦାୟ- ୨୦.୬୩୨ ଟିକେଏମ୍ (୨ୟ ଆହ୍ୱାନ) । **ଟେଣ୍ଡର ମୂଲ୍ୟ: ₹୩,୩୩,୧୯,୮୬୯.୩୮ । ଇଏମ୍‌ଡି: ₹୩,୧୬,୬୦୦ । ଟେଣ୍ଡର ଫର୍ମ ମୂଲ୍ୟ: ₹୦ । ଖୋଲାଯିବା ତାରିଖ: ତା୨୨।୦୯।୨୦୨୫ରିଖ ।** ଟେଣ୍ଡର ୱେବ୍‌ସାଇଟ୍ **http://www.ireps.gov.in** ରେ ଦେଖାଯାଇପାରିବ । ଟେଣ୍ଡରଦାତା/ବିଡରଙ୍କ ନିକଟରେ କ୍ଲାସ୍-III ଡିଜିଟାଲ ସିଗ୍ନେଚର ସାର୍ଟିଫିକେଟ୍ ରହିଥିବା ଆବଶ୍ୟକ ଓ ସେ ଆଇଆରଇପିଏସ୍ ପୋର୍ଟାଲରେ ପଞ୍ଜୀକୃତ ହୋଇଥିବା ଜରୁରୀ । କେବଳ ପଞ୍ଜୀକୃତ ଟେଣ୍ଡରଦାତା/ବିଡରମାନେ ଇ-ଟେଣ୍ଡରିଂରେ ଅଂଶଗ୍ରହଣ କରିପାରିବେ । ଇ-ଟେଣ୍ଡରିଂରେ ଅଂଶଗ୍ରହଣ କରିବା ସମୟରେ ସମସ୍ତ ସମ୍ବନ୍ଧିତ କାଗଜପତ୍ର ଅପଲୋଡ୍ କରାଯିବା ଜରୁରୀ । **ଦ୍ରଷ୍ଟବ୍ୟ:** ସମସ୍ତ ଟେଣ୍ଡରଦାତାଙ୍କ ପାଇଁ ଇ-ଟେଣ୍ଡର ଫର୍ମ ବିନା ମୂଲ୍ୟରେ ଜାରି କରାଯିବ (କର୍ତ୍ତୃପକ୍ଷ – ରେଳବାଇ ବୋର୍ଡର ଚିଠି ସଂ.: ୨୦୨୦/ସିଇ-I/ସିଟି/୩ଇ/ଜିସିସି/ପଲିସି ତାରିଖ: ୧୬।୦୭।୨୦୨୦) (PR-575)

# ଶ୍ରେଷ୍ଠ ୫ ବିକଶିତ ରାଜ୍ୟରେ ଓଡ଼ିଶାକୁ ସ୍ଥାନ ଦେବା ଲକ୍ଷ୍ୟ : ମୁଖ୍ୟମନ୍ତ୍ରୀ

## ଆଇସିସି ଓ ଲଘୁ ଉଦ୍ୟୋଗ ଭାରତୀ ପକ୍ଷରୁ 'ବିକଶିତ ଓଡ଼ିଶା ସମ୍ମିଳନୀ'

ଭୁବନେଶ୍ୱର,୨୯।୮ (ରବିନାରାୟଣ ଜେନା)

ଦେଶର ସର୍ବଶ୍ରେଷ୍ଠ ପାଞ୍ଚଟି ବିକଶିତ ରାଜ୍ୟ ଭିତରେ ଓଡ଼ିଶାକୁ ସ୍ଥାନ ଦେବା ଆମ ସରକାରଙ୍କ ପ୍ରଥମ ଓ ଏକମାତ୍ର ଲକ୍ଷ୍ୟ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି। ଶୁକ୍ରବାର ଇଣ୍ଡିଆନ୍ ଚାମ୍ବର ଅଫ୍ କମର୍ସ (ଆଇସିସି)ଓ ଲଘୁ ଉଦ୍ୟୋଗ ଭାରତୀ ପକ୍ଷରୁ ବିକଶିତ ଓଡ଼ିଶା 'ଓଡ଼ିଶାର ଅଭିବୃଦ୍ଧି ଇଞ୍ଜିନକୁ ସଶକ୍ତ କରିବା' ଶୀର୍ଷକ ଆଲୋଚନାଚକ୍ରରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ମୁଖ୍ୟମନ୍ତ୍ରୀ କହିଥିଲେ, ଆଗକୁ ହେବାକୁ ଥିବା ଜିଏସ୍‌ଟି ସଂସ୍କାର ଦେଶର ବାଣିଜ୍ୟ କ୍ଷେତ୍ରରେ ଏକ ବିରାଟ ପରିବର୍ତ୍ତନ ଆଣିବ।

ମୁଖ୍ୟମନ୍ତ୍ରୀ କହିଛନ୍ତି, ଖଣିଜ ସମ୍ପଦର ଉପଯୋଗରେ ରାଜ୍ୟକୁ ଶିଳ୍ପ ସମୃଦ୍ଧ କରିବା ସହିତ ଏକ ମାନୁଫାକ୍ଚରିଂ ହବ୍‌ରେ ପରିଣତ କରିବା ପାଇଁ ଆମର ଉଦ୍ୟମ ଅବ୍ୟାହତ ରହିଛି। ଓଡ଼ିଶାରେ ବିକାଶ କୌଣସି ଗୋଟେ ନିର୍ଦ୍ଦିଷ୍ଟ କ୍ଷେତ୍ର ବା ବର୍ଗଙ୍କ ପାଇଁ ହେବନାହିଁ। ଏହା ସମାବେଶୀ ବିକାଶ ହେବ। ଏଥିପାଇଁ ଆମେ ଏକ ଭିଜନ ଡକ୍ୟୁମେଣ୍ଟ ପ୍ରସ୍ତୁତ କରିଛୁ, ଏହା ହେଉଛି ଆମ ରାଜ୍ୟର ସାଢ଼େ ଚାରିକୋଟି ଲୋକଙ୍କ ସାମୂହିକ ସ୍ୱପ୍ନର ଦସ୍ତାବିଜ୍ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ।

ସେ କହିଛନ୍ତି, ସମୃଦ୍ଧ ଓଡ଼ିଶା ଗଠନ ପାଇଁ ଆମକୁ ସବୁ କ୍ଷେତ୍ରରେ ଦକ୍ଷତା ହାସଲ କରିବାକୁ ପଡ଼ିବ। ଶିକ୍ଷା,ସ୍ୱାସ୍ଥ୍ୟଠୁ ଆରମ୍ଭ କରି କୃଷି ପର୍ଯ୍ୟନ୍ତ ସମସ୍ତ କ୍ଷେତ୍ରରେ ଆତ୍ମନିର୍ଭର ହେବାକୁ ପଡ଼ିବ। ବିଶ୍ୱସ୍ତରୀୟ ଭିତ୍ତିଭୂମି ନିର୍ମାଣ କରିବାକୁ ପଡ଼ିବ। ଏହା ସହିତ ଦକ୍ଷ ମାନବ ସମ୍ବଳ ସୃଷ୍ଟି, ପର୍ଯ୍ୟାପ୍ତ ନିଯୁକ୍ତି ସୁଯୋଗ, ପ୍ରଯୁକ୍ତି ବିଦ୍ୟା, ପର୍ଯ୍ୟଟନ ଏବଂ ସବୁଜ ଶକ୍ତି କ୍ଷେତ୍ରରେ ଓଡ଼ିଶାକୁ ଅଗ୍ରଣୀ କରିବାକୁ ପଡ଼ିବ। ଆମର ବିକଶିତ ଓଡ଼ିଶା ୨୦୩୬ର ରୋଡ୍‌ମ୍ୟାପ ତିନୋଟି ମୁଖ୍ୟ ମାର୍ଗଦର୍ଶିକା ଉପରେ ଆଧାରିତ। ଆମର ପ୍ରତ୍ୟେକ ନୀତି ଓ କାର୍ଯ୍ୟକ୍ରମର କେନ୍ଦ୍ରରେ ରହିଛନ୍ତି ଲୋକେ, ଦ୍ୱିତୀୟରେ ରାଜ୍ୟର ବିକାଶ କେବଳ ସାମଗ୍ରିକ ଉନ୍ନତି ଦ୍ୱାରା ସମ୍ଭବ ଏବଂ ତୃତୀୟରେ ଭବିଷ୍ୟତକୁ ଦୃଷ୍ଟିରେ ରଖି ଓଡ଼ିଶାକୁ ଶିଳ୍ପ କ୍ଷେତ୍ରରେ ଯୁଗ ଉପଯୋଗୀ କରିବା, ଆଧୁନିକ ଟେକ୍ନୋଲୋଜିକୁ ଗ୍ରହଣ କରିବା ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ସେ ଆହୁରି କହିଥିଲେ, ୨୦୪୭ ବେଳକୁ ଓଡ଼ିଶାରେ ସହରୀକରଣ ୬୦ ପ୍ରତିଶତ ହେବ ବୋଲି ଆକଳନ କରାଯାଉଛି। ଏଥିପାଇଁ ଆମେ ନୂଆ ସହରାଞ୍ଚଳ, ସୁଲଭ ବାସଗୃହ, ବିଶ୍ୱସ୍ତରୀୟ ଭିତ୍ତିଭୂମି ସୃଷ୍ଟି ଉପରେ ସ୍ୱତନ୍ତ୍ର ଧ୍ୟାନ ଦେଉଛୁ। ଭୁବନେଶ୍ୱର, କଟକ, ରାଉରକେଲା, ବ୍ରହ୍ମପୁର ଏବଂ ସମ୍ବଲପୁର ସହରକୁ ଆମେ ଆଧୁନିକ ସହର ଭିତ୍ତିଭୂମିର ମଡେଲ ଭାବେ ବିକଶିତ କରିବୁ। ଏମ୍‌ଏସ୍‌ଏମ୍‌ଇ କ୍ଷେତ୍ର ହେଉଛି ସର୍ବାଧିକ ନିଯୁକ୍ତି ପ୍ରଦାନକାରୀ କ୍ଷେତ୍ର। ଏହା ମଧ୍ୟ ଅର୍ଥନୈତିକ ପ୍ରଗତିକୁ ଇନ୍‌କ୍ଲୁସିଭ୍ ବା ସମାବେଶୀ କରିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ।

କାର୍ଯ୍ୟକ୍ରମରେ ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷାମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ କହିଥିଲେ, ବିକଶିତ ରାଜ୍ୟ ଓ ରାଷ୍ଟ୍ର ପାଇଁ ସୁସ୍ଥ ସମାଜ ଆବଶ୍ୟକ। ଏଥିପାଇଁ ସମସ୍ତଙ୍କ ଉଦ୍ୟମ ଆବଶ୍ୟକ ରହିଛି। କାର୍ଯ୍ୟକ୍ରମରେ ଏମ୍‌ଏସ୍‌ଏମ୍‌ଇ ତଥା ମତ୍ସ୍ୟ ଓ ପଶୁପାଳନ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ, ସ୍ୱତନ୍ତ୍ର ଅତିଥି ଭାବେ ଭାଜପା ରାଜ୍ୟ ସଭାପତି ମନମୋହନ ସାମଲ, ଲଘୁ ଉଦ୍ୟୋଗୀ ଭାରତୀ ସଭାପତି ଗୋପାଳ ଦାସ ଅଗ୍ରୱାଲ, ଆଇସିସିର ଅଧ୍ୟକ୍ଷ ରାଜୀବ ସାହୁ, ଆଇସିସି ଡିଜି ଡ. ରାଜୀବ ସିଂ ପ୍ରମୁଖ ଯୋଗଦେଇଥିଲେ।



ଆଲୋଚନାଚକ୍ରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ସହ ଅନ୍ୟ ଅତିଥିମାନେ।

# ଝାରପଡ଼ା ମେଳଣ ପଡ଼ିଆରେ ହେବ ଦୁର୍ଗାପୂଜା

## ମାଟି ଅନୁକୂଳ କଲା ଝାରପଡ଼ା ଦୁର୍ଗାପୂଜା ସମିତି


ଦୁର୍ଗାପୂଜା ପାଇଁ ମାଟି ଅନୁକୂଳ କରାଯାଉଛି।

ଭୁବନେଶ୍ୱର, ୨୯।୮ (ସୌମ୍ୟରଞ୍ଜନ ରାଉତ)

ଝାରପଡ଼ା ଦୁର୍ଗାପୂଜାକୁ ନେଇ ଦେଖାଦେଇଥିବା ଦ୍ୱନ୍ଦ୍ୱ ଓ ଆଶଙ୍କା ଦୂର ହୋଇଛି। ପୁରୁଣା ଦୁର୍ଗା ମଣ୍ଡପ ପରିବର୍ତ୍ତେ ଝାରପଡ଼ା ମେଳଣ ପଡ଼ିଆରେ ନୂଆ କମିଟି ପକ୍ଷରୁ ଚଳିତବର୍ଷ ଦୁର୍ଗାପୂଜା ହେବ ବୋଲି ନିଷ୍ପତ୍ତି ହୋଇଛି। ଦୀର୍ଘ ୧୪ବର୍ଷ ହେବ ଶାନ୍ତିଶୃଙ୍ଖଳା ଓ ଜାକଜମକରେ ମା' ଦୁର୍ଗାଙ୍କ ପୂଜା ଆୟୋଜନକରି ରାଜ୍ୟରେ ସ୍ୱତନ୍ତ୍ର ପରିଚୟ ପାଇଥିବା ଏହି ଝାରପଡ଼ା ଦୁର୍ଗାପୂଜା ସମିତି ପକ୍ଷରୁ ଶୁକ୍ରବାର ମା'ଙ୍କ ମୃଣ୍ମୟୀ ମୂର୍ତ୍ତି ନିର୍ମାଣ ପାଇଁ ମୃତ୍ତିକା ଆନୟନ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ଏହି ଅବସରରେ ଝାରପଡା ଗ୍ରାମର ବରିଷ୍ଠ ନେତୃବୃନ୍ଦଙ୍କ ଉପସ୍ଥିରେ ବହୁ ମହିଳା ଓ ପୁରୁଷ ଝାରପଡା ଜେଲ ନିକଟ ବୌଦ୍ଧଗଡିଆଣି ମନ୍ଦିରରେ ପୂଜାର୍ଚ୍ଚନା କରି ସେଠାରୁ ଆଜ୍ଞା ମାଳ ଆଣି ପାରମ୍ପରିକ ବାଦ୍ୟ ରୋଷଣୀରେ କୁଆଖାଇ ନଦୀପଠାରେ ପହଞ୍ଚିଥିଲେ। ସେଠାରେ ବିଧି ମୁତାବକ ପୂଜାପାଠ ପରେ ସେଠାରୁ ମା'ଙ୍କ ପାଇଁ ପବିତ୍ର ମାଟି ଆଣି ଗ୍ରାମର ମେଳଣ ପଡିଆରେ ନିର୍ମିତ ମଣ୍ଡପରେ ପହଞ୍ଚିଥିଲେ। ଏହି କାର୍ଯ୍ୟକ୍ରମରେ ଝାରପଡା ଦୁର୍ଗାପୂଜା ସମିତି ସଭାପତି ପ୍ରଭାତ ମାର୍ଥା, ସମ୍ପାଦକ ପ୍ରକାଶ ସାମନ୍ତରାୟ, ଗ୍ରାମ କମିଟି ସଭାପତି ଗୋରାଚାନ୍ଦ ମଙ୍ଗରାଜ, ସମ୍ପାଦକ ଉମାକାନ୍ତ ଜେନା, ସମିତିର ମୁଖ୍ୟ ଉପଦେଷ୍ଟା ଜଗନ୍ନାଥ ପ୍ରଧାନ, ସୁନୀଲ ଜେନା, ଜହୁର ଖାନ, କଲିମୁଦ୍ଦିନ ଖାନ ଆୟୁବ ଖାନ ପ୍ରମୁଖ ଉପସ୍ଥିତ ଥିଲେ।

# ବଙ୍କୁଆଳ ସାର୍ବଜନୀନ ଦୁର୍ଗାପୂଜା ପାଇଁ ମାଟି ଅନୁକୂଳ

ପୁରୁଣା ଭୁବନେଶ୍ୱର,୨୯।୮
(ସୁବାସ ଚନ୍ଦ୍ର ପ୍ରଧାନ)

ଅଷ୍ଟମ ବାର୍ଷିକ ବଙ୍କୁଆଳ ସାର୍ବଜନୀନ ଦୁର୍ଗାପୂଜା ପାଇଁ ଶୁକ୍ରବାର ଷଷ୍ଠି ଓଷା ଅବସରରେ ବିଧି ମୁତାବକ ମାଟି ଅନୁକୂଳ କରାଯାଇଛି। କୁଆଖାଇ ନଦୀ ପଠାରେ ପୂଜାପାଉଥିବା ଶ୍ରୀ ବାଲୁଙ୍କେଶ୍ୱର ମନ୍ଦିର ପରିସରରେ ଏହି ପୂଜା ଅନୁଷ୍ଠିତ ହୋଇଥିଲା। କର୍ତ୍ତା ଭାବେ ସୌମ୍ୟ ରଞ୍ଜନ ସ୍ୱାଇଁ କାର୍ଯ୍ୟ ତୁଲାଇଥିଲେ। ପୂଜକ ଅଭିଷେକ ପଣ୍ଡାଙ୍କ ସହ ଅନ୍ୟ ପୁରୋହିତମାନେ ପୂଜାର୍ଚ୍ଚନା କରିବା ପରେ କମିଟି ସଦସ୍ୟମାନେ ସେଠାରୁ ମାଟି ଧରି ଘଣ୍ଟ ଘଣ୍ଟା ଶଙ୍ଖ ବାଦ୍ୟ ଶୋଭାଯାତ୍ରାରେ ପୂଜା ମଣ୍ଡପରେ ପହଞ୍ଚି ତାହାକୁ ସ୍ଥାପନା କରିଥିଲେ। ପୂଜା କମିଟିର ମୁଖ୍ୟ ଉପଦେଷ୍ଟା କ୍ଷୀରୋଦ କୁମାର ସ୍ୱାଇଁ, ସଭାପତି ରମାକାନ୍ତ ସାମନ୍ତରାୟ, ସମ୍ପାଦକ ସୁନୀଲ ସ୍ୱାଇଁ, ମୁରବି ପ୍ରଫୁଲ୍ଲ ସ୍ୱାଇଁ, କମଳ ପ୍ରଧାନ, କର୍ମକର୍ତ୍ତା ଜୀବନ ନାୟକ, ମାନସ ରଞ୍ଜନ ସ୍ୱାଇଁ, ବିଭୁତି ରଣା, ଦୁଃଶାସନ ସ୍ୱାଇଁ, ମିଥୁନ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।


କୁଆଖାଇ ନଦୀପଠାରେ ନିର୍ମିତ ଅସ୍ଥାୟୀ ପୋଖରୀରେ ଗଣେଶଙ୍କ ମୃଣ୍ମୟ ମୂର୍ତ୍ତିକୁ ବିସର୍ଜନ କରାଯାଉଛି।

# ପ୍ରଜ୍ଞାନୃତ୍ୟାୟନ ପକ୍ଷରୁ ଗୁରୁଶ୍ରୀ ସମ୍ମାନ ଉତ୍ସବ

ଭୁବନେଶ୍ୱର, ୨୯।୮ (ସୌମ୍ୟରଞ୍ଜନ ରାଉତ)

ପ୍ରଜ୍ଞାନୃତ୍ୟାୟନ ପକ୍ଷରୁ ଗୁରୁଶ୍ରୀ ସମ୍ମାନ ଉତ୍ସବ ଶୁକ୍ରବାର ରବୀନ୍ଦ୍ର ମଣ୍ଡପଠାରେ ଅନୁଷ୍ଠିତ ହୋଇଯାଇଛି। ଉତ୍ସବର ପ୍ରଥମ ଅଧିବେଶନରେ ଅବସରପ୍ରାପ୍ତ ଆଇଏଏସ୍ ଅଧିକାରୀ ଦାଶରଥି ଶତପଥୀ, ଓଡ଼ିଶୀ ଗୁରୁ ମୁକ୍ତିଲତା ପାଲ, ଗୁରୁ ସ୍ୱପ୍ନାରାଣୀ ସିହ୍ନା, କଣ୍ଠଶିଳ୍ପୀ ରବୀନ୍ଦ୍ର ମହାପାତ୍ର, ପ୍ରାଧ୍ୟାପକ ଡ. ସୁଶାନ୍ତ ମିଶ୍ର ପ୍ରମୁଖ ଅତିଥି ରୂପେ ଯୋଗଦେଇଥିଲେ। ଏହି ଅବସରରେ ଅନୁଷ୍ଠାନର ବିଭିନ୍ନ ଶାଖାର ଛାତ୍ରୀଛାତ୍ର ନୃତ୍ୟ ପରିବେଷଣ କରିଥିଲେ। ଛାତ୍ରୀ ହ୍ରିତିକାମୟୀ ବିଶ୍ୱାଳ, କ୍ଷୀରାବ୍ଧୀ ତନୟା ଏବଂ ଶ୍ରୀ ଡ୍ୟାନ୍ସ ଏକାଡେମୀର କଳାକାରମାନେ ଦଳଗତ ନୃତ୍ୟ ପରିବେଷଣ କରିଥିଲେ। ସନ୍ଧ୍ୟା ଅଧିବେଶନରେ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, ଏକାମ୍ର ବିଧାୟକ ବାବୁ ସିଂ, ପଦ୍ମଶ୍ରୀ ଗୁରୁ ଦୁର୍ଗା ଚରଣ ରଣବୀର, ବିଧାୟକ ଆକାଶ ଦାସନାୟକ, ସେଲ୍ ନିର୍ଦ୍ଦେଶକ ଅଶୋକ କୁମାର ତ୍ରିପାଠୀ, ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ସଚିବ ଡ. ଚନ୍ଦ୍ରଶେଖର ହୋତା, କର୍ପୋରେଟର ବନ୍ଦିତା ପାଲ, ଗୁରୁ ଗଜେନ୍ଦ୍ର ପଣ୍ଡା, ପ୍ରାଇଡ୍ ୱାଲଡ୍ ସ୍କୁଲ ଅଧ୍ୟକ୍ଷା ସୋମଭଦ୍ରା ତ୍ରିପାଠୀ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ଏହି ଅବସରରେ ଗୁରୁ ରାମହରି ଦାସଙ୍କୁ 'ଗୁରୁଶ୍ରୀ ସମ୍ମାନ' ଏବଂ ଗୁରୁ ଜ୍ୟୋତି ରାଉତ ଓ ଗୁରୁ ନମିତା ରାଏଙ୍କୁ 'ନୃତ୍ୟ ସଂରଚନା' ସମ୍ମାନ ପ୍ରଦାନ କରାଯାଇଥିଲା। ଏଥିସହ ଦୀପ୍ତିପ୍ରକାଶ ଚମ୍ପତି, ହ୍ରିତିକାମୟୀ ବିଶ୍ୱାଳ ଓ କ୍ଷୀରାବ୍ଧୀ ତନୟାଙ୍କୁ 'ପ୍ରଜ୍ଞା ପ୍ରତିଭା ସମ୍ମାନ' ଦିଆଯାଇଥିଲା। ଗୁରୁ ଆଲୋକ କାନୁନ୍‌ଗୋ, ମାହେଶ୍ୱରୀ ପ୍ରଧାନ, ମେଘାମ୍ବରୀ ପ୍ରଧାନଙ୍କୁ 'ନୃତ୍ୟଶ୍ରୀ' ଓ ଗୁରୁ ଲିଙ୍ଗରାଜ ପ୍ରଧାନ, ଗୁରୁ ଶୁଭଶ୍ରୀ ପଟ୍ଟନାୟକଙ୍କୁ 'ବିଚାରକ ସମ୍ମାନ' ଦିଆଯାଇଥିଲା। ପରେ ଭଜନ ସମ୍ରାଟ ଭିକାରୀ ବଳଙ୍କ ଗୀତକୁ ନେଇ ଓଡ଼ିଶୀ ନୃତ୍ୟନାଟିକା 'ଜୀବନ ଚକ୍ରମ' ପରିବେଷିତ ହୋଇଥିଲା, ଯାହା ଦର୍ଶକଙ୍କୁ ମନ୍ତ୍ରମୁଗ୍ଧ କରିଥିଲା । ଡ. ଶ୍ରୀନିବାସ ଘଟୁଆରୀ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।


ରବୀନ୍ଦ୍ର ମଣ୍ଡପଠାରେ ଅନୁଷ୍ଠିତ ଗୁରୁଶ୍ରୀ ସମ୍ମାନ ଉତ୍ସବରେ ଶିଳ୍ପୀମାନେ ନୃତ୍ୟ ପରିବେଷଣ କରୁଛନ୍ତି।

# ଆଞ୍ଚଳିକ ବିକାଶ ପରିଷଦ ପକ୍ଷରୁ ରକ୍ତଦାନ ଶିବିର

ପୁରୁଣା ଭୁବନେଶ୍ୱର, ୨୯।୮ (ସୁବାସ ଚନ୍ଦ୍ର ପ୍ରଧାନ) – ଆଞ୍ଚଳିକ ବିକାଶ ପରିଷଦ ସଭାପତି ବୃନ୍ଦାବନ ସାହୁଙ୍କ ୫୫ତମ ଜନ୍ମ ଦିବସକୁ ପରିଷଦର ସଭ୍ୟମାନେ ନିଆରା ଢଙ୍ଗରେ ପାଳନ କରିଛନ୍ତି। ଶୁକ୍ରବାର ପୂର୍ବାହ୍ନରେ ସ୍ଥାନୀୟ ମ୍ୟୁନିସିପାଲିଟି ରୋଡ୍‌ସ୍ଥିତ ରାଧାକାନ୍ତ ଯୁବ ପରିଷଦ ପରିସରରେ ମିଶନ ରକ୍ତଦାନ ସହଯୋଗରେ ରକ୍ତଦାନ ଶିବିର ଆୟୋଜିତ ହୋଇଥିଲା। ଏଥିରେ ୪୩ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିବା ପରିଷଦ ସମ୍ପାଦକ ଅରୁଣ ପୁରୋହିତ କହିଛନ୍ତି। କାର୍ଯ୍ୟକ୍ରମରେ ପୂର୍ବତନମନ୍ତ୍ରୀ ସୁରେଶ କୁମାର ରାଉତରାୟ, ସ୍ଥାନୀୟ କର୍ପୋରେଟର ବିରଞ୍ଚି ନାରାୟଣ, ଭୁବନେଶ୍ୱର ବ୍ଲକ ଚେୟାରମ୍ୟାନ ନିରୁପମା ସାହୁ ମହାଶୂପକାର, ପୂର୍ବତନ କର୍ପୋରେଟର ରାଜେନ୍ଦ୍ର ସମର୍ଥା, ଭଗବାନ ସାହୁ, ଧଉଳି ସରପଞ୍ଚ ଚନ୍ଦନ ମଲ୍ଲିକ, କ୍ଷୀରୋଦ ପ୍ରଧାନ, ସୂର୍ଯ୍ୟକାନ୍ତ ସାହୁ, ଆଲୋକ ସାହୁ, ହେମନ୍ତ ପାଳ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ।

# ଓଡ଼ିଶା-ଆସାମର ଭାଷା, ସାହିତ୍ୟ ଓ ସଂସ୍କୃତିର ବିକାଶ ଲକ୍ଷ୍ୟ

## ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟ ଓ ପୂବ୍ କାମରୂପ୍ ମହାବିଦ୍ୟାଳୟ ମଧ୍ୟରେ ଚୁକ୍ତି ସ୍ୱାକ୍ଷର

ଭୁବନେଶ୍ୱର, ୨୯।୮ (ସୌମ୍ୟରଞ୍ଜନ ରାଉତ)

ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟ ଓ ଆସାମର ପୂବ୍ କାମରୂପ୍ ମହାବିଦ୍ୟାଳୟ ପକ୍ଷରୁ ଶୁକ୍ରବାର ବିଶ୍ୱବିଦ୍ୟାଳୟଠାରେ ସାଂସ୍କୃତିକ ଭାବ ବିନିମୟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କୁଳପତି ପ୍ରଫେସର ପ୍ରସନ୍ନ କୁମାର ସ୍ୱାଇଁଙ୍କ ସଭାପତିତ୍ୱରେ ଆୟୋଜିତ ଉଦ୍‌ଘାଟନୀ ଉତ୍ସବରେ ଭାଷାବିତ୍ ପଦ୍ମଶ୍ରୀ ଦେବୀପ୍ରସନ୍ନ ପଟ୍ଟନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଓଡ଼ିଶା ଏବଂ ଆସାମର ସାଂସ୍କୃତିକ-ସାମାଜିକ ସମ୍ପର୍କ ଓ ଏହାର କ୍ରମବିକାଶ ଉପରେ ଆଲୋକପାତ କରିଥିଲେ। ଏହି ଅବସରରେ ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟ ଓ ଆସାମର ପୂବ୍ କାମରୂପ୍ ମହାବିଦ୍ୟାଳୟ ମଧ୍ୟରେ ଶୈକ୍ଷିକ ଓ ସାଂସ୍କୃତିକ ବିକାଶ ନିମନ୍ତେ ଏକ ଚୁକ୍ତି ସ୍ୱାକ୍ଷର ହୋଇଥିଲା। ଓଡ଼ିଶା ଓ ଆସାମର ସାଂସ୍କୃତିକ ଭାବ ବିନିମୟ ତଥା ଶିକ୍ଷା ଓ ଗବେଷଣା ଜରିଆରେ ଉଭୟ ରାଜ୍ୟର ଭାଷା, ସାହିତ୍ୟ ଓ ସଂସ୍କୃତିର ବିକାଶ ଦିଗରେ ଉଭୟ ଅନୁଷ୍ଠାନ ମିଳିତ ଭାବେ କାର୍ଯ୍ୟ କରିବେ ବୋଲି କୁଳପତି ପ୍ରଫେସର ସ୍ୱାଇଁ କହିଥିଲେ। ପୂବ୍‌କାମରୂପ ମହାବିଦ୍ୟାଳୟର ପ୍ରାଧ୍ୟାପିକା ପ୍ରଫେସର ବର୍ଣ୍ଣାଳୀ ଡେକା ଆସାମର କଳା, ସଂସ୍କୃତି, ଭାଷା, ସଙ୍ଗୀତ, ଲୋକନୃତ୍ୟ ସମ୍ପର୍କରେ ଆଲୋଚନା କରିବା ସହ ଓଡ଼ିଶାର ସାଂସ୍କୃତିକ ବିଭବର ଭୂୟସୀ ପ୍ରଶଂସା କରିଥିଲେ। ଆସାମର ଯୁବ କଳାକାରଙ୍କ ଦ୍ୱାରା ବୋର ଗୀତ, ଭୋରତାଳ ନୃତ୍ୟ, ହୋଲି ଗୀତ, ଝୁମର ନୃତ୍ୟ, ବିହୁ ନୃତ୍ୟ ଓ ସଙ୍ଗୀତଜ୍ଞ ଭୂପେନ ହଜାରିକାଙ୍କ ଲୋକପ୍ରିୟ ସଙ୍ଗୀତ ପରିବେଷିତ ହୋଇଥିଲା। ବିଶ୍ୱବିଦ୍ୟାଳୟର ଛାତ୍ରୀଛାତ୍ର ଡ. ମନୋରଞ୍ଜନ ପ୍ରଧାନଙ୍କ ନିର୍ଦ୍ଦେଶନାରେ ଚିତ୍ତାକର୍ଷକ ଓଡ଼ିଶୀନୃତ୍ୟ ପରିବେଷଣ କରିଥିଲେ। ପରେ ଆସାମର ଯୁବ କଳାକାରମାନଙ୍କୁ କୁଳପତି ସମ୍ବର୍ଦ୍ଧିତ କରିଥିଲେ। ସହକାରୀ ପ୍ରଫେସର ଡ. ସାରଦା ପ୍ରସନ୍ନ ଦାସ କାର୍ଯ୍ୟକ୍ରମର ସଂଯୋଜନା କରିଥିବାବେଳେ ସ୍ନାତକୋତ୍ତର ବିଭାଗୀୟ ମୁଖ୍ୟ ପ୍ରଫେସର ଚକ୍ରଧର ବେହେରା ଧନ୍ୟବାଦ ଦେଇଥିଲେ।



ଚୁକ୍ତି ସ୍ୱାକ୍ଷର ଅବସରରେ କୁଳପତି ପ୍ରଫେସର ପ୍ରସନ୍ନ କୁମାର ସ୍ୱାଇଁ, ଭାଷାବିତ୍ ପଦ୍ମଶ୍ରୀ ଦେବୀପ୍ରସନ୍ନ ପଟ୍ଟନାୟକ ଓ ଆସାମ ପୂର୍ବ କାମରୂପ ମହାବିଦ୍ୟାଳୟର ପ୍ରାଧ୍ୟାପିକା ପ୍ରଫେସର ବର୍ଣ୍ଣାଳୀ ଡେକା।

# ଶ୍ରୀଜୟଦେବ ରାଷ୍ଟ୍ରୀୟ ସମାରୋହ

ଭୁବନେଶ୍ୱର, ୨୯।୮ (ସୌମ୍ୟରଞ୍ଜନ ରାଉତ)

ଶ୍ରୀ ଜୟଦେବ ରାଷ୍ଟ୍ରୀୟ ସମ୍ମାନ ସମାରୋହ ଓ ନବୀନ କଳାକାର ଜାତୀୟ ପ୍ରତିଭା ସନ୍ଧାନ କାର୍ଯ୍ୟକ୍ରମ ଶୁକ୍ରବାର ଭଞ୍ଜକଳା ମଣ୍ଡପଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ କୋଲକାତାର ଓଡ଼ିଶୀ ନୃତ୍ୟଶିଳ୍ପୀ ଅତ୍ତରୟୀ ଦତ୍ତଙ୍କୁ 'ପଦ୍ମାବତୀ ଯୁବା ପ୍ରତୀକ ପୁରସ୍କାର', ଥିରୁଭାନନ୍ତପୁରମ୍‌ର ଭାରତନାଟ୍ୟମ୍ ନୃତ୍ୟଶିଳ୍ପୀ ଶୁଭଲକ୍ଷ୍ମୀ ପିଏସ୍‌ଙ୍କୁ 'ପଦ୍ମାବତୀ ଯୁବା ପ୍ରତୀକ ପୁରସ୍କର', କୁଚିପୁଡିରେ କେରଳର ମୀନାକ୍ଷୀ ପ୍ରଦୀପଙ୍କୁ 'ପଦ୍ମାବତୀ ରାଷ୍ଟ୍ରୀୟ ପୁରସ୍କାର', କଥକରେ ଅନନ୍ୟା ଗୋସ୍ୱାମୀଙ୍କୁ 'ଶ୍ରୀ ଜୟଦେବ ଅନ୍ତର୍ଜାତୀୟ ପୁରସ୍କାର' ଆସାମ ଗୁଆହାଟୀର ରିଞ୍ଜୁମୋନିଙ୍କୁ 'ଶ୍ରୀ ଜୟଦେବ ଅନ୍ତର୍ଜାତୀୟ ପୁରସ୍କାର' ଧ କେରଳର ଆରଖଏଲଖଭି ମଞ୍ଜୁଷାଙ୍କୁ ମୋହିନିୟତମରେ 'ପଦ୍ମାବତୀ ରାଷ୍ଟ୍ରୀୟ ପୁରସ୍କାର' ଭଳି ଅନ୍ୟ ନୃତ୍ୟଶିଳ୍ପୀଙ୍କୁ ସମ୍ମାନିତ କରାଯାଇଥିଲା। ପରେ ଭାରତର ସମସ୍ତ ଶାସ୍ତ୍ରୀୟ ନୃତ୍ୟ ଶୈଳୀକୁ ନେଇ ୧୦ରୁ ୨୫ ବର୍ଷ ବୟସର ଉଦୀୟମାନ ନୃତ୍ୟଶିଳ୍ପୀଙ୍କ ମଧ୍ୟରେ ପ୍ରତିଭା ଅନ୍ୱେଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଅତିଥି ଭାବେ କବି ତଥା ପୂର୍ବତନ ଏମ୍‌ପି ଡ. ପ୍ରସନ୍ନ କୁମାର ପାଟଶାଣୀ, ଖଣ୍ଡପଡ଼ା ବିଧାୟକ ଦୁଷ୍ମନ୍ତ କୁମାର ସାଇଁ, ଓଡ଼ିଶା ସାହିତ୍ୟ ଏକାଡେମୀ ସଚିବ ଡ. ଚନ୍ଦ୍ର ଶେଖର ହୋତା, ଜଗନ୍ନାଥ ସଂସ୍କୃତି ଗବେଷକ ପଣ୍ଡିତ ଡ. ଗଦାଧର ମହାପାତ୍ର, କୈଳାସ ମିଶ୍ର ପ୍ରମୁଖ ଯୋଗଦେଇଥିଲେ। ଦେବମିତା ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।



# ସବୁ ଜିଲାରେ ହେବ ମଡେଲ ନିଶା ନିବାରଣ କେନ୍ଦ୍ର

## ଅବକାରୀ ମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ବୈଠକ

### ନିଶା କାରବାର ରୋକିବାକୁ ପହିଲାରୁ ସ୍ୱତନ୍ତ୍ର ଧରପଗଡ଼ ଅଭିଯାନ



ବୈଠକରେ ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ମୁଖ୍ୟ ଶାସନ ସଚିବ ମନୋଜ ଆହୁଜାଙ୍କ ସହ ବିଭିନ୍ନ ବିଭାଗର ଅଧିକାରୀମାନେ।

ଭୁବନେଶ୍ୱର,୨୯।୮ (ସତ୍ୟଜିତ୍ ରାଉତ)

ରାଜ୍ୟରେ ବେଆଇନ ନିଶା କାରବାର ବନ୍ଦ ପାଇଁ ବଡ଼ ପଦକ୍ଷେପ ନିଆଯିବ। ଏଥିସହ ସ୍କୁଲ ନିକଟରେ ନିଶାଦ୍ରବ୍ୟ ସହ ମାଦକ ଦ୍ରବ୍ୟ ସେବନ ଓ ବିକ୍ରି ଉପରେ ଅଙ୍କୁଶ ଲଗାଇବାକୁ ସ୍ୱତନ୍ତ୍ର ଅଭିଯାନ ଆରମ୍ଭ ହେବ। ଲୋକସେବା ଭବନସ୍ଥିତ ସମ୍ମିଳନୀ କକ୍ଷରେ ଶୁକ୍ରବାର ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଚ୍ଚସ୍ତରୀୟ ବୈଠକରେ ଏନେଇ ନିଷ୍ପତ୍ତି ହୋଇଛି। ବୈଠକରେ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜାଙ୍କ ସମେତ ପୋଲିସ ପ୍ରଶାସନ, ଅବକାରୀ ବିଭାଗ, ଭୁବନେଶ୍ୱର ମହାନଗର ନିଗମ ଏବଂ ନାର୍କୋଟିକ୍ସ କଣ୍ଟ୍ରୋଲ ବ୍ୟୁରୋ (ଏନ୍‌ସିବି)ର ଅଧିକାରୀମାନେ ଯୋଗଦେଇ ଏନେଇ ଆଲୋଚନା କରିଥିଲେ। ମାଦକଦ୍ରବ୍ୟ ବିକ୍ରି, ଚୋରାଚାଲାଣରେ ରୋକ୍ ଲଗାଇବା ପାଇଁ ସେପ୍ଟେମ୍ବର ୧ରୁ ସମ୍ପୃକ୍ତ ସବୁ ବିଭାଗର ସମନ୍ୱୟରେ ଭୁବନେଶ୍ୱର ସମେତ ରାଜ୍ୟର ସବୁ ଜିଲାରେ ସ୍ୱତନ୍ତ୍ର ଧରପଗଡ଼ ଅଭିଯାନ ଆରମ୍ଭ କରିବାକୁ ମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ନିଶାଦ୍ରବ୍ୟ ଚୋରାଚାଲାଣ ଦଳକୁ ଧରିବା ଏବଂ ଏହା ପଛରେ ଥିବା ଚାଲାଣକାରୀଙ୍କୁ ଗିରଫ ପାଇଁ ନିର୍ଦ୍ଦେଶ ଦିଆଯାଇଛି। ସ୍ପେଶାଲ ଟାସ୍କ ଫୋର୍ସ(ଏସ୍‌ଟିଏଫ୍), ଅବକାରୀ, ଏନ୍‌ସିବି, ବିଏମ୍‌ସି ମିଳିତ ଭାବେ ଭୁବନେଶ୍ୱରକୁ ନିଶାମୁକ୍ତ ସହର କରିବାକୁ କାର୍ଯ୍ୟ କରିବେ। ଏସ୍‌ଟିଏଫ୍ ଦ୍ୱାରା 'ଅପରେଶନ ପ୍ରହାର' ଆରମ୍ଭ କରାଯିବ। ନିଶା ନିବାରଣ ପାଇଁ ସବୁ ଜିଲାରେ ଅନ୍ତତଃ ଗୋଟିଏ ଲେଖାଏ ମଡେଲ ନିଶା ନିବାରଣ କେନ୍ଦ୍ର ରାଜ୍ୟ ସରକାର ସ୍ଥାପନ କରିବେ। ଭୁବନେଶ୍ୱରର ବିଭିନ୍ନ ଶିକ୍ଷାନୁଷ୍ଠାନ ପରିସରରେ ଚଢ଼ାଉକୁ ବ୍ୟାପକ କରାଯିବ। ମନ୍ତ୍ରୀ କହିଛନ୍ତି, ଡ୍ରଗ୍ସ, ନିଶାଦ୍ରବ୍ୟ ସେବନ ଦ୍ୱାରା ଅପରାଧ ବଢ଼ୁଥିବାରୁ ବ୍ୟାପକ ଚଢ଼ାଉର ଆବଶ୍ୟକତା ରହିଛି। ସମସ୍ତ ବିଭାଗ ମୁଖ୍ୟମାନଙ୍କୁ ପୂର୍ଣ୍ଣ ପ୍ରୟାସ ଦ୍ୱାରା ନିଶା ନିବାରଣ ଏବଂ ନିଶା ବେପାରୀଙ୍କୁ ଧରିବା ପାଇଁ ସ୍ୱତନ୍ତ୍ର ରଣକୌଶଳ ଅବଲମ୍ବନ ତଥା ଟେକ୍ନୋଲେଜି ବ୍ୟବହାର କରିବାକୁ ମନ୍ତ୍ରୀ ଆହ୍ୱାନ ଦେଇଛନ୍ତି। ବିଭିନ୍ନ ପଥ ଦେଇ ମାଦକଦ୍ରବ୍ୟ ଚୋରାଚାଲାଣ ରୋକିବାକୁ ପଦକ୍ଷେପ ନେବା ପାଇଁ ବୈଠକରେ ବିସ୍ତୃତ ଆଲୋଚନା କରାଯାଇଥିଲା। ମୁଖ୍ୟ ଶାସନ ସଚିବ ଆହୁଜା ମାଦ୍ରକଦ୍ରବ୍ୟ ଚୋରାଚାଲାଣ ଓ ନିଶାଦ୍ରବ ବ୍ୟବହାର ବିଭିନ୍ନ ସମାଜ ପ୍ରତି କ୍ଷତିର କାରଣ ହେଉଥିବାରୁ ଏଦିଗରେ କାର୍ଯ୍ୟାନୁଷ୍ଠାନ ହେବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ବୈଠକରେ ଅବକାରୀ ବିଭାଗ ପ୍ରମୁଖ ଶାସନ ସଚିବ ଭାସ୍କର ଜ୍ୟୋତି ଶର୍ମା, କ୍ରାଇମବ୍ରାଞ୍ଚ ଆଇଜି ସାର୍ଥକ ଷଡ଼ଙ୍ଗୀ, ଅବକାରୀ କମିଶନର ପି. ଅନ୍ୱେଷା ରେଡ୍ଡୀ, ଏନ୍‌ସିବି ଆଞ୍ଚଳିକ ନିର୍ଦ୍ଦେଶକ କୁଳଦୀପ ଶର୍ମା, ଅତିରିକ୍ତ ପୋଲିସ କମିଶନର ନରସିଂହ ଭୋଳଙ୍କ ସମେତ ବରିଷ୍ଠ ପଦାଧିକାରୀମାନେ ଉପସ୍ଥିତ ଥିଲେ।

## ବିଜୁ ପଟ୍ଟନାୟକ କଲେଜ ରୋଡ୍‌ରେ ମିଳିତ ଚଢ଼ାଉ

### ୭ ପାନ ଦୋକାନରୁ ଗଞ୍ଜେଇ ସିଗାରେଟ୍, ମାଦକଦ୍ରବ୍ୟ ଜବତ

ଭୁବନେଶ୍ୱର,୨୯।୮(ସତ୍ୟଜିତ୍ ରାଉତ): ସହରର ବିଭିନ୍ନ ପାନ ଦୋକାନ ସହ ଅନେକ ସ୍ଥାନରେ ବେଧଡ଼କ ନିଶାଦ୍ରବ୍ୟ ବିକ୍ରି କରାଯାଉଛି। ବିଶେଷକରି ଶିକ୍ଷାନୁଷ୍ଠାନ ପରିସର ଓ ଆଖପାଖ ଅଞ୍ଚଳରେ ନିଶା କାରବାର ରୋକିବାକୁ କ୍ରାଇମବ୍ରାଞ୍ଚର ସ୍ପେଶାଲ ଟାସ୍କ ଫୋର୍ସ(ଏସ୍‌ଟିଏଫ୍) ଓ ଡ୍ରଗ୍ସ କଣ୍ଟ୍ରୋଲର ପକ୍ଷରୁ ମିଳିତ ଭାବେ ଚଢ଼ାଉ ହୋଇଛି। ଶୁକ୍ରବାର ଏହି ମିଳିତ ଟିମ୍ ବିଜୁ ପଟ୍ଟନାୟକ କଲେଜ ରୋଡ୍‌ର ୭ଟି ପାନ ଦୋକାନରେ ଯାଞ୍ଚକରି ବିପୁଳ ଗଞ୍ଜେଇ ସିଗାରେଟ୍, ତମାଖୁ ସାମଗ୍ରୀ ଆଦି ଜବତ କରିଛି। ଡ୍ରଗ୍ସ କଣ୍ଟ୍ରୋଲର ପକ୍ଷରୁ ଦୁଇ ଦୋକାନୀଙ୍କଠାରୁ ଜରିମାନା ଆଦାୟ କରାଯାଇଥିଲା। ଅନ୍ୟ ଦୋକାନୀଙ୍କଠାରୁ ନୟାପଲ୍ଲୀ ଥାନା ଜରିମାନା ଆଣିଛି। ପୂର୍ବରୁ ଏହି ମିଳିତ ଟିମ୍ ପଟିଆ, ଖଣ୍ଡଗିରି ଜାଗମରା, ବିଜେବି କଲେଜ ଅଞ୍ଚଳ ଆଦି ସ୍ଥାନରେ ଚଢ଼ାଉ କରି କାର୍ଯ୍ୟାନୁଷ୍ଠାନ ନେଇଥିଲା। ଛାତ୍ରୀଛାତ୍ର ନିଶା କବଳରେ ପଡ଼ି ଅବାଟକୁ ଯାଉଥିବାରୁ ଏହା ଉପରେ ଅଙ୍କୁଶ ଲଗାଇବାକୁ ଏହି ପ୍ରୟାସ କରାଯାଉଥିବା ସୂଚନା ଦିଆଯାଇଛି।

# ପଥୋତ୍ସବରେ ସଚେତନତା ବାର୍ତ୍ତା, ମନୋରଞ୍ଜନ


ପଥୋତ୍ସବ ଉଦ୍‌ଘାଟନ ଅବସରରେ ଉପସ୍ଥିତ ଅତିଥି।


ପିଲାମାନେ ପାଇକ ଆଖଡ଼ା ପ୍ରଦର୍ଶନ କରୁଛନ୍ତି।

ଖୋର୍ଦ୍ଧା,୨୯।୮(ପ୍ରଭାତ ପାଣିଗ୍ରାହୀ)

ଖୋର୍ଦ୍ଧା ପୌରପାଳିକା ପକ୍ଷରୁ ପ୍ରଥମ ଥର ପାଇଁ ଶୁକ୍ରବାର ପଥ ଉତ୍ସବ ଆୟୋଜିତ ହୋଇଯାଇଛି। ସ୍ଥାନୀୟ ସମବାୟ ଛକଠାରୁ ବ୍ୟାଙ୍କ ଛକ ମଧ୍ୟରେ ଆୟୋଜିତ ପଥ ଉତ୍ସବରେ ନୃତ୍ୟ, ସଙ୍ଗୀତ, ସାମରିକ କଳା ପ୍ରଦର୍ଶନ, ଚିତ୍ର ପ୍ରତିଭା ପ୍ରଦର୍ଶନ, ପାରମ୍ପରିକ ଲୋକନୃତ୍ୟରେ ପରିବେଶ କମ୍ପିଛି। ମନୋରଞ୍ଜନ ସହ ଫିଟନେସ୍ ବାର୍ତ୍ତା ରହିଥିଲା। ଯୋଗ, ଶାରୀରିକ କ୍ରୀଡ଼ାଭ୍ୟାସ, ଖେଳକୁଦ, ବ୍ୟାୟାମର ଉପକାରିତା ସମ୍ପର୍କରେ ଜାଣିଲେ ଖୋର୍ଦ୍ଧାବାସୀ। ପିଲାଙ୍କ ପାଇଁ ପଡ଼ିଥିଲା ମୀନାବଜାର। ଗାଡ଼ିରେ ଚଢିଲେ, ମିକି ମାଉସ, ଦୋଳିର ମଜା ନେଲେ ଶିଶୁ। ସ୍ଥାନୀୟ କଳାକାରଙ୍କ ଦ୍ୱାରା ଆୟୋଜିତ ସାଂସ୍କୃତିକ କାର୍ଯ୍ୟକ୍ରମରେ ଭଜନ, ଓଡ଼ିଆ ଓ ହିନ୍ଦୀ ଚଳଚ୍ଚିତ୍ରର ମନଛୁଆଁ ଗୀତର ତାଳେ ତାଳେ ଝୁମିଥିଲେ ସହରବାସୀ। ବାଳିକାଙ୍କ ଆତ୍ମସୁରକ୍ଷା ପାଇଁ କରାଟେର ଆବଶ୍ୟକତା ସମ୍ପର୍କରେ ଜାଣିଲେ। ପିଲାଙ୍କୁ ପାଠପଢା ସହ ଖେଲୋ ଇଣ୍ଡିଆ ସହ ଯୋଡ଼ି ସେମାନଙ୍କ ଅନ୍ତର୍ନିହିତ ପ୍ରତିଭା ପ୍ରଦର୍ଶନ ସମ୍ପର୍କରେ ଜାଣିବାକୁ ପାଇଥିଲେ।

ସ୍ୱାୟତ୍ତ ଶାସନ ଦିବସ ଉପଲକ୍ଷେ ଖୋର୍ଦ୍ଧା ପୌରପାଳିକା ପକ୍ଷରୁ ଆରମ୍ଭ ହୋଇଛି ସପ୍ତାହବ୍ୟାପୀ ବିବିଧ କାର୍ଯ୍ୟକ୍ରମ। ପୌରପାଳିକା ଆନୁକୂଲ୍ୟରେ ଆୟୋଜିତ ଏହି ପଥୋତ୍ସବରେ ଖୋର୍ଦ୍ଧାବାସୀ ଶୁକ୍ରବାର

### କଳା ପ୍ରଦର୍ଶନ ସହ ନାଚ, ଗୀତରେ ଝୁମିଲେ ସହରବାସୀ

ସକାଳ ୭ଟାରୁ ପୂର୍ବାହ୍ନ ୧୧ଟା ପର୍ଯ୍ୟନ୍ତ ଗୋଟିଏ ସ୍ଥାନରେ ଏକାଠି ହୋଇଥିଲେ। ପଥ ଉତ୍ସବର ମଜା ଉଠାଇବା ସହ ସେଲ୍ଫି ନେଲେ। ସ୍ୱଚ୍ଛତା, ଯୋଗ, କ୍ରୀଡ଼ାଭ୍ୟାସ, ପରିବେଶ ଓ ବନ୍ୟପ୍ରାଣୀ ସୁରକ୍ଷା ସଂକ୍ରାନ୍ତ ବାର୍ତ୍ତା ସାଉଁଟିଥିଲେ। ଏହି ଅବସରରେ ପୌରାଧ୍ୟକ୍ଷା କନକଲକ୍ଷ୍ମୀ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ଜିଲାପରିଷଦ ଅଧ୍ୟକ୍ଷା ରୂପଶ୍ରୀରାଣୀ ଗୁମାନସିଂ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ଉପଜିଲାପାଳ କିଶୋର କୁମାର ପଣ୍ଡା ସମ୍ମାନିତ ଅତିଥି ଭାବେ ଯୋଗଦେଇ ପଥୋତ୍ସବ ପ୍ରତିଭା ପ୍ରଦର୍ଶନର ଏକ ଉପଯୁକ୍ତ ମାଧ୍ୟମ ବୋଲି କହିଥିଲେ। ଜିଲା କ୍ରୀଡ଼ାଧିକାରୀ ଗୀତାଞ୍ଜଳି ପଣ୍ଡା, ପୌର ଉପାଧ୍ୟକ୍ଷ ସୌର୍ଯ୍ୟରଞ୍ଜନ ମହାନ୍ତି, ଏମ୍‌ପି ପ୍ରତିନିଧି ଦିଲୀପ ହୋତା, ବିଡିଓ କ୍ଷୀରାବ୍ଧି ତନୟା ସାହୁ ପ୍ରମୁଖ ଉପସ୍ଥିତ ଥିବାବେଳେ ପୌରପରିଷଦ କାର୍ଯ୍ୟନିର୍ବାହୀ ଅଧିକାରୀ ରିଜୱାନା କଅକବ ସ୍ୱାଗତ ଭାଷଣ ଦେଇଥିଲେ। ଶ୍ରୀକାନ୍ତ ଜେନା କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଏକାଧିକ କାଉନସିଲର ମଞ୍ଚାସୀନ ଥିଲେ।

ବିଦ୍ୟାଳୟଠାରୁ ମହାବିଦ୍ୟାଳୟ ପର୍ଯ୍ୟନ୍ତ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଫିଟ୍ ଇଣ୍ଡିଆ ବିଷୟ ଉପରେ ଚିତ୍ରାଙ୍କନ ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ଏକାଧିକ ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟାମାନେ ରାସ୍ତାରେ ପାରମ୍ପରିକ ଓ ମାଣବସା ଗୁରୁବାର ଝୋଟି ଅଙ୍କନ କରିଥିଲେ। ସ୍ୱଚ୍ଛସାଥୀ ଏବଂ ସୁପରଭାଇଜରମାନେ ମିଳିତ ଭାବେ ସ୍ୱଚ୍ଛ ଖୋର୍ଦ୍ଧା, ସୁସ୍ଥ ଖୋର୍ଦ୍ଧା ଚିତ୍ର ଅଙ୍କନ କରି ସ୍ୱଚ୍ଛତାର ବାର୍ତ୍ତା ଦେଇଥିଲେ। ବିଭିନ୍ନ କଳା ଅନୁଷ୍ଠାନ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ, ପାଇକ ଆଖଡ଼ା, ଭଜନ ନୃତ୍ୟ ଆଦି ପରିବେଷଣ ହୋଇଥିଲା। ଖେଲୋ ଇଣ୍ଡିଆ ତାପଙ୍ଗର ଛାତ୍ରୀଛାତ୍ରମାନେ ବିଭିନ୍ନ ଶାରୀରିକ କ୍ରୀଡ଼ା ପ୍ରଦର୍ଶନ କରିଥିଲେ। ଅପ୍‌ୱିନ କରାଟେ ଆସୋସିଏଶନ ପକ୍ଷରୁ ଜୁଡ଼ୋ, କରାଟେ ସହ ଆତ୍ମରକ୍ଷା କୌଶଳ ପ୍ରଦର୍ଶନ କରାଯାଇଥିଲା। ଏସ୍‌ଆର୍ ଫିଟ୍‌ନେସ ଟିମ୍, ପାଇକ ଗୁରୁ କବିରାଜ ପ୍ରଧାନଙ୍କ ତତ୍ତ୍ୱାବଧାନରେ ସାମରିକ କଳା ପାଇକ ଆଖଡ଼ା, ମୂର୍ଚ୍ଛନା ଡ୍ୟାନ୍ସ ଏକାଡେମୀ ପକ୍ଷରୁ ଗୋଟିପୁଅ, ନୃତ୍ୟାଞ୍ଜଳି ଓ ନୃତ୍ୟାୟନ ପକ୍ଷରୁ ଓଡ଼ିଶୀ, ସମ୍ବଲପୁରୀ, ମଣିପାଲ ଡ୍ୟାନ୍ସ ଗ୍ରୁପ୍ ପକ୍ଷରୁ ଶ୍ରୀଗଣେଶ ଭଜନ ନୃତ୍ୟ, ମା'ମଙ୍ଗଳା ପାଇକ ଆଖଡ଼ା, ମା' ଚଇତାଳି ଘୋଡ଼ାନୃତ୍ୟ, ଦେଶାତ୍ମବୋଧକ ନୃତ୍ୟ, ସଙ୍ଗୀତ, ଜୁମ୍ବା ନୃତ୍ୟ ପରିବେଷଣ କରାଯାଇଥିଲା। ମା' ଶାରଳା ସ୍ୱୟଂ ସହାୟକ ଗୋଷ୍ଠୀ ପକ୍ଷରୁ ସ୍ୱାଦିଷ୍ଟ ଖାଦ୍ୟ ଷ୍ଟଲ, ପିଠାପଣା, ଅଙ୍କୁରିତ ଶସ୍ୟ, ଦହିବରା ଆଳୁଦମ୍ ଓ ମାଣ୍ଡିଆ ପ୍ରସ୍ତୁତ ଖାଦ୍ୟ ପସରା ଖୋଲିଥିଲା।


ପଥୋତ୍ସବରେ କୁନି କଳାକାରମାନେ ଗଣେଶ ନୃତ୍ୟ ପରିବେଷଣ କରୁଛନ୍ତି।

# ଚିତ୍ରକଳାରେ ବନ୍ୟପ୍ରାଣୀଙ୍କ ସୁରକ୍ଷା ବାର୍ତ୍ତା




ଖୋର୍ଦ୍ଧା,୨୯।୮(ପ୍ରଭାତ ପାଣିଗ୍ରାହୀ)

ଦ୍ରୁତ ଶିଳ୍ପାୟନ ଓ ସହରାଞ୍ଚଳ ନବୀକରଣ ଯୋଗୁ ଦିନକୁ ଦିନ ଜଙ୍ଗଲ କ୍ଷୟ ହେବାରେ ଲାଗିଛି। ଏହାର ପ୍ରଭାବ ବନ୍ୟପ୍ରାଣୀଙ୍କ ଉପରେ ପଡୁଛି। ଖାଦ୍ୟାଭାବଜନିତ ସମସ୍ୟା ମଧ୍ୟ ବଢିଚାଲିଛି। ଫଳରେ ବନ୍ୟପ୍ରାଣୀଙ୍କ ସଂଖ୍ୟା ହ୍ରାସ ପାଇବାରେ ଲାଗିଛି। ହାତୀ ସମେତ ଅନେକ ବନ୍ୟପ୍ରାଣୀ ଏବେ ଗାଁ ଓ ସହରମୁହାଁ ହେବାରେ ଲାଗିଛନ୍ତି। ହାତୀ-ମଣିଷ ଲଢେଇରେ କେତେବେଳେ ହାତୀ ତ ଆଉ କେବେ ମଣିଷ ଜୀବନ ଯାଉଛି। ବନ୍ୟଜନ୍ତୁଙ୍କ ସୁରକ୍ଷା ଓ ସଂରକ୍ଷଣ ନେଇ ଖୋର୍ଦ୍ଧାର ଶୁଭକାନ୍ତ ବେହେରା, ଅଭିଳାଷ ସାହୁ, ପ୍ରଦୀପ୍ତ ବେହେରା, ରାଜଲକ୍ଷ୍ମୀ ସାହୁ ଏବଂ ଅଂଶୁମାନ ବେହେରା ପ୍ରମୁଖ ପଥୋତ୍ସବରେ ଚିତ୍ରକଳା ମାଧ୍ୟମରେ ସଚେତନତା ବାର୍ତ୍ତା ଦେଇଥିଲେ।

### 'ଏଣେତେଣେ ଅଳିଆ ଫିଙ୍ଗନ୍ତୁ ନାହିଁ'

ଏଣେତେଣେ ଅଳିଆ ଆବର୍ଜନା ପକାଇବା ପରିବର୍ତ୍ତେ ଡଷ୍ଟବିନ୍ ବ୍ୟବହାର କରନ୍ତୁ। ଏଭଳି ସଚେତନାର ବାର୍ତ୍ତା ଦେଇଛନ୍ତି ଖୋର୍ଦ୍ଧା ଆଦର୍ଶ ବିଦ୍ୟାଳୟର ୧୦ମ ଶ୍ରେଣୀ ଛାତ୍ରୀ ଅଭିଲିପ୍ସା ଭୁଜବଳ। ପଥୋତ୍ସବରେ ରାସ୍ତା ଉପରେ ସେ ଅଙ୍କନ କରିଥିଲେ 'ୟୁଜ୍ ମି'। ଏହା ସହରବାସୀଙ୍କ ମନ ଛୁଇଁଥିଲା। ସଚେତନତା ଅଭାବରୁ ଲୋକେ ବାହାରେ ଅଳିଆ ପକାଇବା ଦ୍ୱାରା ପରିବେଶ ଦୂଷିତ ହେଉଛି। ଏଥିରୁ ଲୋକଙ୍କୁ ନିବୃତ୍ତ କରିବା ପାଇଁ ଅଭିଲିପ୍ସା ଏଭଳି ପ୍ରୟାସ କରିଥିଲେ।।

### ରଙ୍ଗୋଲିରେ 'ସ୍ୱଚ୍ଛ ଖୋର୍ଦ୍ଧା, ସୁସ୍ଥ ଖୋର୍ଦ୍ଧା' ବାର୍ତ୍ତା

ରଙ୍ଗୋଲିରେ 'ସ୍ୱଚ୍ଛ ଖୋର୍ଦ୍ଧା, ସୁସ୍ଥ ଖୋର୍ଦ୍ଧା' ବାର୍ତ୍ତା ଦେଇଛନ୍ତି ସ୍ୱଚ୍ଛ ସୁପରଭାଇଜର ସୁନୀତା ପ୍ରଧାନ ଏବଂ ସ୍ୱଚ୍ଛସାଥୀ ଏସ୍. ବେଗମ୍। ଦୁହେଁ ମିଳିତ ଭାବେ ସ୍ୱଚ୍ଛ ଓ ସରସ ସୁନ୍ଦର ଖୋର୍ଦ୍ଧା ସହର ଗଢ଼ି ତୋଳିବାକୁ ବାର୍ତ୍ତା ଦେଇ ସହରବାସୀଙ୍କ ସହଯୋଗ କାମନା କରିଥିଲେ।

# ଆଇଚର୍‌କୁ ଧକ୍କାଦେଲା ଟ୍ରକ୍: ଡ୍ରାଇଭର ଗୁରୁତର

ବୋଲଗଡ଼,୨୯।୮(ଦେବବ୍ରତ ହୋତା)

ଖୋର୍ଦ୍ଧା-ବଲାଙ୍ଗୀର ୫୭ନଂ ଜାତୀୟ ରାଜପଥର ବିନୋଦପଡ଼ା ନିକଟରେ ଶୁକ୍ରବାର ସକାଳେ ଏକ ଦୁର୍ଘଟଣା ଘଟିଛି। ରାସ୍ତା ପାର୍ଶ୍ୱରେ ଛିଡ଼ା ହୋଇଥିବା ଏକ ଆଇଚର ଟ୍ରକ୍‌କୁ ଗୋଟିଏ ମାଲ ବୋଝେଇ ଟ୍ରକ ଧକ୍କା ଦେଇଛି। ଫଳରେ ମାଲବୋଝେଇ ଟ୍ରକ୍‌ର ଡ୍ରାଇଭର ଗୁରୁତର ଆହତ ହୋଇଛନ୍ତି। ସୂଚନା ଅନୁଯାୟୀ, ରାସ୍ତା ପାର୍ଶ୍ୱରେ ଗାଡ଼ି ରଖି ଆଇଚର୍ ଟ୍ରକ୍ (ଓଡି ୦୫-ସିଏ- ୬୮୭୨)ର ଡ୍ରାଇଭର ସ୍ନାନ ନିମନ୍ତେ ପୋଖରୀକୁ ଯାଇଥିଲେ। ଏହି ସମୟରେ ଭୁବନେଶ୍ୱରରୁ ରାଜସୁନାଖଳାସ୍ଥିତ ଶୁଭଶ୍ରୀ ରାଇସ୍ ମିଲ୍‌କୁ ଗହମ ନେଇ ଆସୁଥିବା ଟ୍ରକ୍ (ନଂ. ଏପି ୦୫-ଟିସି ୫୮୬୪) ଆଇଚର ଟ୍ରକକୁ ପଛପଟୁ ଧକ୍କା ଦେଇଥିଲା। ଏଥିରେ ମାଲ ବୋଝେଇ ଟ୍ରକର ସମ୍ମୁଖ ଭାଗ ଭାଙ୍ଗି ଚୁରମାର ହେବା ସହ ଡ୍ରାଇଭର ଗୁରୁତର ଆହତ ହୋଇଥିଲେ। ସ୍ଥାନୀୟ ଲୋକେ ଡ୍ରାଇଭରକୁ ଉଦ୍ଧାର କରି ରାଜସୁନାଖଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିବାବେଳେ ପରେ ତାଙ୍କୁ ଭୁବନେଶ୍ୱର ସ୍ଥାନାନ୍ତର କରାଯାଇଛି। ସୁନାଖଳା ଫାଣ୍ଡି ପୋଲିସ ଦୁର୍ଘଟଣାସ୍ଥଳରେ ପହଞ୍ଚି ଗାଡ଼ି ଦୁଇଟିକୁ ଜବତ କରିଛି।

# ଗଣେଶ ଭସାଣିକୁ ନେଇ ଗଣ୍ଡଗୋଳ

## ୨ ଆହତ, ୫ ଗାଡ଼ି ଭଙ୍ଗାରୁଜା

ବେଗୁନିଆ/ ବୋଲଗଡ଼,୨୯।୮ (ସନ୍ଧ୍ୟାରାଣୀ ମିଶ୍ର/ ଦେବବ୍ରତ ହୋତା)

ବୋଲଗଡ଼ ବ୍ଲକ ତଥା ବେଗୁନିଆ ଥାନା ଧଳାପଥର ଫାଣ୍ଡି ଅଧୀନ ମାଣିବନ୍ଧ ଗ୍ରାମରେ ଗୁରୁବାର ବିଳମ୍ବିତ ରାତିରେ ଗଣେଶ ମେଢ଼ ବିସର୍ଜନକୁ ନେଇ ଗଣ୍ଡଗୋଳ ଘଟିଛି। ଏଥିରେ ଦୁଇଜଣଙ୍କ ମୁଣ୍ଡ ଫାଟିଯାଇଥିବାବେଳେ ଗୋଟିଏ ଅଡି କାର ସହ ୪ଟି ବାଇକ ଭଙ୍ଗାରୁଜା ହୋଇଛି। ଏ ନେଇ ଥାନାରେ ଦୁଇଟି ଗୋଷ୍ଠୀ ପକ୍ଷରୁ ପୃଥକ୍ ଭାବେ ଦୁଇଟି ଅଭିଯୋଗ ହୋଇଛି। ଅଦ୍ୟାବଧି ଉଭୟ ଗ୍ରାମରେ ଚାପା ଉତ୍ତେଜନା ଲାଗିରହିଥିବା ଜଣାପଡ଼ିଛି। ସୂଚନା ଅନୁଯାୟୀ, ଅନୁସୂଚିତ ଜାତିର ଯୁବକମାନେ ଗଣେଶ ମୂର୍ତ୍ତି ବିସର୍ଜନ ପାଇଁ ଭସାଣି ଶୋଭାଯାତ୍ରାରେ ଗୋଟିଏ ସାହି ମଧ୍ୟ ଦେଇ ଯାଉଥିବାବେଳେ ସମ୍ପୃକ୍ତ ସାହିଲୋକେ ବିରୋଧ କରିଥିଲେ। ଏହାକୁ ନେଇ ଉଭୟ ଗୋଷ୍ଠୀ ମଧ୍ୟରେ ଗଣ୍ଡଗୋଳର ସୂତ୍ରପାତ ହୋଇଥିଲା। ଉଭୟ ପକ୍ଷ ମଧ୍ୟରେ ଗଣ୍ଡଗୋଳ ଘଟିବା ସହ ଗାଡ଼ି ଓ ଅନ୍ୟାନ୍ୟ ସାମଗ୍ରୀ ଭଙ୍ଗାରୁଜା ହୋଇଥିଲା। ଏପରିକି ଦୁଇଜଣଙ୍କ ମୁଣ୍ଡ ଫାଟିଯାଇଥିଲା। ଏ ସଂକ୍ରାନ୍ତରେ ବେଗୁନିଆ ଥାନା ଅଧିକାରୀ ଜ୍ୟୋତିପ୍ରକାଶ ପଣ୍ଡା କହିଛନ୍ତି ଯେ, ଉଭୟପକ୍ଷ ମଧ୍ୟରେ ଆପୋଷ ସମାଧାନ ପାଇଁ ଚେଷ୍ଟା ଜାରି ରହିଛି। ଯଦି ଆପୋଷ ସମାଧାନ ହୋଇ ନ ପାରିବ, ତେବେ ଉଭୟ ପକ୍ଷର ଅଭିଯୋଗକୁ ଭିତ୍ତି କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

# ସ୍ୱାସ୍ଥ୍ୟକେନ୍ଦ୍ର, ଜେଟି ନିର୍ମାଣ ପାଇଁ ଅର୍ଥ ମଞ୍ଜୁର

କୃଷ୍ଣପ୍ରସାଦ, ୨୯।୮(କୈଳାସ ଚନ୍ଦ୍ର ପଟ୍ଟନାୟକ)

ଦୀର୍ଘବର୍ଷ ଧରି ଅବହେଳିତ ଅବସ୍ଥାରେ ଥିବା କୃଷ୍ଣପ୍ରସାଦ ବ୍ଲକର ଚିଲିକା ନୂଆପଡ଼ାସ୍ଥିତ ମୁଖ୍ୟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ପିରିଜିପୁର ପଞ୍ଚାୟତର ସିପକୁଦାରେ ନୂତନ ଜେଟି ପ୍ରକଳ୍ପର ଉନ୍ନତୀକରଣ ପାଇଁ ରାଜ୍ୟ ସରକାର ଅନୁଦାନ ଅର୍ଥ ମଞ୍ଜୁର କରିଛନ୍ତି।

ଏହି ଅର୍ଥରେ ଉକ୍ତ ଦୁଇଟି ପ୍ରକଳ୍ପର ନବୀକରଣ କାର୍ଯ୍ୟ ଖୁବ୍‌ଶୀଘ୍ର ଆରମ୍ଭ ହେବ ବୋଲି ବିଭାଗୀୟ କାର୍ଯ୍ୟାଳୟ ସୂତ୍ରରୁ ଜଣାପଡ଼ିଛି। ଉକ୍ତ ସ୍ୱାସ୍ଥ୍ୟକେନ୍ଦ୍ରର ଭିତ୍ତିଭୂମି ସୁଦୃଢ କରିବାକୁ ଅଞ୍ଚଳବାସୀ ବାରମ୍ବାର ବିଧାୟିକାଙ୍କ ଦୃଷ୍ଟି ଆକର୍ଷଣ କରିଆସୁଥିଲେ। ସେହିପରି ସିପକୁଦାଠାରେ ନୂତନ ଜେଟି ନିର୍ମାଣ ହେଲେ ଅଞ୍ଚଳବାସୀଙ୍କ ଗମନାଗମନ, ବାଣିଜ୍ୟ, ବ୍ୟବସାୟ ଓ ଅର୍ଥନୈତିକ କ୍ଷେତ୍ରରେ ସୁଦୃଢ ହେବ ବୋଲି ବିଧାୟିକାଙ୍କ ନିକଟରେ ଦାବି କରାଯାଇଆସୁଥିଲା। ବିଧାୟିକା ଉପାସନା ମହାପାତ୍ରଙ୍କ ପ୍ରଚେଷ୍ଟାକ୍ରମେ ସ୍ୱାସ୍ଥ୍ୟ ଭିତ୍ତିଭୂମିର ଉନ୍ନତୀକରଣ ଲାଗି ୧୫ କୋଟି ୭୮ ଲକ୍ଷ ଏବଂ ଉପକୂଳବର୍ତ୍ତୀ ଅଞ୍ଚଳରେ ସୁଗମ ଗମନାଗମନ ଓ ବ୍ୟବସାୟ ଅନୁକୂଳ ଭିତ୍ତିଭୂମି ନିର୍ମାଣ ନିମନ୍ତେ ୩୩ କୋଟି ଟଙ୍କା ମଞ୍ଜୁର ହୋଇଛି। ତେଣୁ ବିଧାୟିକାଙ୍କ ପ୍ରତିନିଧି ଉତ୍ତମ କୁମାର ତରେଇ, ଏମ୍‌ପିଙ୍କ ପ୍ରତିନିଧି ହରିହର ଦାଶ, କୃଷ୍ଣପ୍ରସାଦ ମଣ୍ଡଳ ଭାଜପା ସଭାପତି ସଂଗ୍ରାମ କେଶରୀ ଜେନା, କୃଷ୍ଣପ୍ରସାଦ ଯୁବମୋର୍ଚ୍ଚା ସଭାପତି ବିଶ୍ୱଜିତ ବିଶ୍ୱାଳ, ଚିଲିକା ନୂଆପଡ଼ା ଗ୍ରାମ୍ୟ କମିଟି ସଭାପତି ନଳିନୀକାନ୍ତ ଜେନା, ପିରିଜିପୁର ସରପଞ୍ଚ ଇଂ. ମଳୟ କୁମାର ଜେନା, ବ୍ଲକ ଆତ୍ମା କମିଟି ଅଧ୍ୟକ୍ଷ ସଞ୍ଜୟ କୁମାର ସେଠୀ, ଅଲଣ୍ଡା ପଞ୍ଚାୟତ ଭାଜପା ସଭାପତି ଶରତ ଚନ୍ଦ୍ର ଜେନା, ଯୁବନେତା ସୁରେନ୍ଦ୍ର କୁମାର ବିଶ୍ୱାଳ, ପ୍ରଦୀପ କୁମାର ଜେନା, ବିଶ୍ୱରଞ୍ଜନ ପ୍ରଧାନ, ମନୋଜ କୁମାର ଜେନା, ସିଆଣ୍ଡି ସମିତିସଭ୍ୟ ଲଳିତ କୁମାର ତରେଇଙ୍କ ସମେତ ଅଞ୍ଚଳବାସୀ ବିଧାୟିକା, ଏମ୍‌ପି ଓ ରାଜ୍ୟ ସରକାରଙ୍କୁ କୃତଜ୍ଞତା ଜଣାଇଛନ୍ତି। ଏନେଇ ଅଞ୍ଚଳବାସୀ ଖୁସି ପ୍ରକାଶ କରିଥିବା ସାତପଡ଼ା ମଣ୍ଡଳ ଭାଜପା ସଭାପତି ପ୍ରଦୀପ୍ତ କୁମାର ବେହେରା ପ୍ରକାଶ କରିଛନ୍ତି।

### ବ୍ରହ୍ମଗିରି ବିଧାୟିକାଙ୍କୁ କୃତଜ୍ଞତା ଜଣାଇଲେ ଅଞ୍ଚଳବାସୀ

# ବିଦ୍ୟାର୍ଥୀ ସ୍ୱାଗତ ସମାରୋହ



କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

ବାଣପୁର,୨୯।୮(ଦିଲୀପ କୁମାର ସ୍ୱାଇଁ)

ନାଚୁଣୀସ୍ଥିତ ଆଦର୍ଶ ବିଜ୍ଞାନ ଏକାଡେମୀ ପକ୍ଷରୁ ଅଧ୍ୟକ୍ଷ ତୁଷାର କୁମାର ବରାଳଙ୍କ ଅଧ୍ୟକ୍ଷତାରେ ଚଳିତ ଶିକ୍ଷାବର୍ଷର ଯୁକ୍ତଦୁଇ ବିଜ୍ଞାନ ଶ୍ରେଣୀର ପ୍ରଥମବର୍ଷ ଛାତ୍ରୀଛାତ୍ରଙ୍କ ସ୍ୱାଗତ ସମାରୋହ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଯୁକ୍ତଦୁଇ ଶେଷବର୍ଷ ବିଦ୍ୟାର୍ଥୀଙ୍କ ସଂଯୋଜନାରେ ଆୟୋଜିତ ସଭାରେ ମୁଖ୍ୟ ଅତିଥି ଭାବେ ପ୍ରାଧ୍ୟାପକ ଗୋଲକ ବିହାରୀ ବାରିକ, ମୁଖ୍ୟବକ୍ତା ଭାବେ ଅଧ୍ୟାପକ ପ୍ରଦୀପ କୁମାର ଶତପଥୀ, ବିଶେଷ ଅତିଥି ଭାବେ ଗ୍ରନ୍ଥକାର ତଥା ଶିକ୍ଷାବିତ୍ ପ୍ରଦୋଷ କୁମାର ଦାସ, ଆମନ୍ତ୍ରିତ ଅତିଥି ଭାବେ ଓମ୍ ଶିକ୍ଷାନୁଷ୍ଠାନ ପରିଚାଳକ ରଞ୍ଜନ କୁମାର ମହାପାତ୍ର ଯୋଗଦେଇଥିଲେ। ବିଦ୍ୟାର୍ଥୀମାନେ ନିରନ୍ତର ଅଧ୍ୟୟନଶୀଳତା, ଚରିତ୍ର ଗଠନ ସହ ଧୈର୍ଯ୍ୟ ସହକାରେ ଶିକ୍ଷୟିତ୍ରୀ ଶିକ୍ଷକଙ୍କ ଶିକ୍ଷାଦାନକୁ ଗ୍ରହଣ କରି ପରୀକ୍ଷା ପ୍ରସ୍ତୁତି ପଥରେ ଆଗେଇ ଯିବା ବାଞ୍ଛନୀୟ ବୋଲି ଅତିଥିମାନେ କହିଥିଲେ। ନୂତନ ବିଦ୍ୟାର୍ଥୀଙ୍କୁ ଚନ୍ଦନ ଟିପା ଲଗାଇ ଶୁଭକାମନା ସହ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ ଜଣାଯାଇଥିଲା। ସୁଧାଂଶୁ ସାର୍ ଓ କେଶବ ସାର୍‌ଙ୍କ ସହିତ ଅନ୍ୟମାନେ ଏଥିରେ ସହଯୋଗ କରିଥିଲେ।

# ବିଜେଡି ନେତା ହେମନ୍ତ ମହାପାତ୍ରଙ୍କ ସ୍ମୃତିଚାରଣ

ଜଟଣୀ,୨୯।୮(ରବୀନ୍ଦ୍ରନାଥ ମହାକୁଡ଼)

ଜଟଣୀ ବିଧାୟକ ବିଭୂତି ଭୂଷଣ ବଳବନ୍ତରାୟଙ୍କ ବ୍ୟକ୍ତିଗତ ସଚିବ ତଥା ରାଜନୈତିକ ସଙ୍ଗଠକ ହେମନ୍ତ କୁମାର ମହାପାତ୍ର(କୁନେଇ)ଙ୍କ ଏକାଦଶାହ ଅବସରରେ ଶୁକ୍ରବାର ଶ୍ରଦ୍ଧାଞ୍ଜଳି ସଭା ଆୟୋଜିତ ହୋଇଯାଇଛି।

ବିଜେଡି ପକ୍ଷରୁ ବିଧାୟକ ବଳବନ୍ତରାୟଙ୍କ ନେତୃତ୍ୱ ଓ ଶକ୍ତିଧର ମହାପାତ୍ରଙ୍କ ସଭାପତିତ୍ୱରେ ଅଗ୍ରୱାଲ ଚାରିଟେବଲ ଟ୍ରଷ୍ଟ ଧର୍ମଶାଳାରେ ଏହି ସଭା ଅନୁଷ୍ଠିତ ହୋଇଥିଲା। ଖୋର୍ଦ୍ଧା ବିଧାୟକ ପ୍ରଶାନ୍ତ ଜଗଦ୍ଦେବ, ବେଗୁନିଆ ବିଧାୟକ ରାଜକିଶୋର ସାହୁ, କଂଗ୍ରେସ ନେତା ସୁରେଶ କୁମାର ରାଉତରାୟ, ଭୁବନେଶ୍ୱର ମେୟର ସୁଲୋଚନା ଦାସ, ପୂର୍ବତନ ଚିଲିକା ବିଧାୟକ ରଘୁନାଥ


ସ୍ମୃତିସଭାରେ ବିଧାୟକ ବିଭୂତି ଭୂଷଣ ବଳବନ୍ତରାୟ, ପ୍ରଶାନ୍ତ ଜଗଦ୍ଦେବ ଏବଂ ଅନ୍ୟମାନେ।

ସାହୁ, ପ୍ରଶାନ୍ତ ମୁଦୁଲି, ଆଇନଜୀବୀ ବୀରେନ୍ଦ୍ର କୁମାର ପଟ୍ଟନାୟକ, ଭାଜପା ରାଜ୍ୟ ପ୍ରବକ୍ତା ଅନିଲ ବିଶ୍ୱାଳ, ଜଟଣୀ ବ୍ଲକର ପୂର୍ବତନ ଅଧ୍ୟକ୍ଷ ଦୀପକ ଜେନା, ବରିଷ୍ଠ ନେତା ବଂକିମ ମିଶ୍ର, ପ୍ରମୋଦ ହରିଚନ୍ଦନ, ମନମୋହନ ରାଉତରାୟଙ୍କ ସମେତ ଶତାଧିକ ବ୍ୟକ୍ତିବିଶେଷ ଯୋଗଦେଇ ସ୍ୱର୍ଗତ ମହାପାତ୍ରଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇବା ସହ ଅମର ଆତ୍ମାର ସଦ୍‌ଗତି କାମନା କରିଥିଲେ। ସ୍ୱର୍ଗତ ମହାପାତ୍ର ଦୀର୍ଘବର୍ଷ ଧରି ଜନତା ଦଳ ଏବଂ ପରେ ବିଜେଡିରେ ରହି ଅନେକ ବିକାଶମୂଳକ କାର୍ଯ୍ୟ କରିଥିଲେ ବୋଲି ସଭାରେ ମତ ପ୍ରକାଶ ପାଇଥିଲା। ଶେଷରେ ଖୋର୍ଦ୍ଧା ଜିଲା ବିଜେଡି ସମ୍ପାଦକ ଅନନ୍ତ ଶତପଥୀ ଧନ୍ୟବାଦ ଦେଇଥିଲେ।

# ରାଜସୁନାଖଳାକୁ ଏନ୍‌ଏସି ମାନ୍ୟତା ନ ମିଳିଲେ ଆନ୍ଦୋଳନ

ବୋଲଗଡ଼,୨୯।୮(ଦେବବ୍ରତ ହୋତା)

ଖୋର୍ଦ୍ଧା ଓ ନୟାଗଡ଼ ଜିଲା ସୀମାନ୍ତରେ ଅବସ୍ଥିତ ରାଜସୁନାଖଳାକୁ ଏନ୍‌ଏସି ମାନ୍ୟତା ପାଇଁ ଦାବି ଉଠିଛି। ଏ ନେଇ ମୁଖ୍ୟମନ୍ତ୍ରୀଙ୍କୁ ସ୍ମାରକ ପତ୍ର ଦିଆଯିବା ସହ ରାଜସୁନାଖଳା ଓ ନରେନ୍ଦ୍ରପୁର ଅଞ୍ଚଳବାସୀଙ୍କୁ ନେଇ ଆନ୍ଦୋଳନ ଏବଂ ଭବିଷ୍ୟତ କାର୍ଯ୍ୟପନ୍ଥା ନିର୍ଦ୍ଧାରଣ ନିମନ୍ତେ ରାଜ୍ ଯୁବ ପ୍ରତିଷ୍ଠାନ ପକ୍ଷରୁ ଏକ ବୈଠକ ଅନୁଷ୍ଠିତ ହୋଇଥିବା ଶୁକ୍ରବାର ଖବରଦାତା ସମ୍ମିଳନୀରେ ସୂଚନା ଦିଆଯାଇଛି। ଉଭୟ ଜିଲାର ପ୍ରମୁଖ ବ୍ୟବସାୟିକ ପେଣ୍ଠସ୍ଥଳୀ ରାଜସୁନାଖଳାକୁ ଏନ୍‌ଏସି ଘୋଷଣା ପାଇଁ ୨୦୧୪ରେ ବିଧାନସଭାରେ ତତ୍କାଳୀନ ନଗର ଉନ୍ନୟନ ମନ୍ତ୍ରୀ ପ୍ରସ୍ତାବ ଦେଇଥିବା ନେଇ ପ୍ରତିଷ୍ଠାନ ସମ୍ପାଦକ



ଖବରଦାତା ସମ୍ମିଳନୀରେ ରାଜ୍ ଯୁବ ପ୍ରତିଷ୍ଠାନର କର୍ମକର୍ତ୍ତାମାନେ ସୂଚନା ଦେଉଛନ୍ତି।

ରାଜୀବ ଲୋଚନ ପ୍ରଧାନ କହିଥିଲେ। ତେବେ କିଛିଦିନ ତଳେ ବିଭାଗ ପକ୍ଷରୁ ୧୨ଟି ସହରର ନାମ ଏନ୍‌ଏସି ମାନ୍ୟତା ପାଇଁ ଘୋଷଣା ହୋଇଥିବାବେଳେ ରାଜସୁନାଖଳାକୁ ବାଦ୍ ଦିଆଯାଇଛି। ଏଥିଯୋଗୁ ଅଞ୍ଚଳବାସୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଏନ୍‌ଏସି ମାନ୍ୟତା ପାଇଁ ଅଧିନିୟମର ସମସ୍ତ ଯୋଗ୍ୟତା ପୂରଣ କରୁଥିବା ରାଜସୁନାଖଳା ଅଞ୍ଚଳକୁ ଅଣଦେଖା କରାଗଲେ ଆଗାମୀ ଦିନରେ ପ୍ରତିବାଦ ସଭା ସହ ବିରାଟ ଜନଆନ୍ଦୋଳନ ହେବ ବୋଲି ରାଜ ଯୁବ ପ୍ରତିଷ୍ଠାନର ସଭାପତି ବଲ୍ଲଭ ପ୍ରଧାନ ଚେତାବନୀ ଦେଇଛନ୍ତି। ବୈଠକରେ ଯୁବନେତା ସୁରେଶ କୁମାର ସ୍ୱାଇଁ, ରାଜସୁନାଖଳା ଦୁର୍ଗାବଜାର ବଣିକ ସଂଘର ପୂର୍ବତନ ସଭାପତି ଗୋବିନ୍ଦ ଚନ୍ଦ୍ର ସାହୁ, ଉପେନ୍ଦ୍ର ପଟ୍ଟନାୟକ, ନିରଞ୍ଜନ ସେଠୀ, ରାକେଶ କୁମାର ପାଢ଼ୀ, କାର୍ତ୍ତିକ ବେହେରା, ସ୍ୱପ୍ନେଶ୍ୱର ବରାଡ଼, ଶୁଭକାନ୍ତ ବେହେରା, ଭାଗବତ ବେହେରା, ଦିଲୀପ କୁମାର ସାହୁ, ଶୁଭେନ୍ଦୁ ପଟ୍ଟଯୋଶୀ ପ୍ରମୁଖ ଉପସ୍ଥିତ ଥିଲେ। ବେଢାକାଳିକା ଯୁବକ ସଂଘ, ମହାବୀର ବରିଷ୍ଠ ନାଗରିକ ସଂଘ, ଦୁର୍ଗାବଜାର ବଣିକ ସଂଘ, ଭକ୍ତଚରଣ ପୁସ୍ତକମେଳା କମିଟି, ଉତ୍କଳୀୟମ ଫାଉଣ୍ଡେସନ, ଆଞ୍ଚଳିକ ସାମ୍ବାଦିକ ସଂଘ ଏବଂ ବଧୂପାଟଣା ଗ୍ରାମ୍ୟ କମିଟି ପକ୍ଷରୁ ଏହି ଦାବିକୁ ସମର୍ଥନ କରାଯାଇଛି।

**ଶ୍ରୀମନ୍ଦିର ହୁଣ୍ଡିରୁ ଆୟ**



୨୯।୮।୨୦୨୫

| | |
|---|---|
| ୫,୩୪,୪୭୯ ଟଙ୍କା | |
| ସୁନା | ୧.୭୫୦ ଗ୍ରାମ୍ |
| ରୁପା | ୩୦.୫୦୦ ଗ୍ରାମ୍ |

# ଖରିଫ ଧାନ ପଞ୍ଜୀକରଣରୁ ବଞ୍ଚିତ ଚାଷୀ

## ଖୋଲିଲାନି ନୂତନ ସେବା ସମବାୟ ସମିତି, ଚାଷୀ ଅସନ୍ତୋଷ

ପିପିଲି, ୨୯।୮ (ଦୁର୍ଗା ମାଧବ ମିଶ୍ର)

ଚାଷୀର ଉନ୍ନତି ହେଲେ ରାଜ୍ୟ ତଥା ଦେଶର ପ୍ରଗତି ହେବ ବୋଲି ସରକାର କହୁଥିବାବେଳେ ପ୍ରଶାସନିକସ୍ତରରେ ହେଉଥିବା ନିୟମ କାର୍ଯ୍ୟକାରୀ ହେଉ ନ ଥିବାରୁ ଚାଷୀମାନଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ଏହାଦ୍ୱାରା ପିପିଲିରେ ହଜାର ହଜାର ଚାଷୀ ଚଳିତବର୍ଷ ଖରିଫ ଧାନ ମଣ୍ଡି ପଞ୍ଜୀକରଣରୁ ବଞ୍ଚିତ ହୋଇଛନ୍ତି। ପିପିଲି ବ୍ଲକର ସରସ୍ୱତୀପୁର କୃଷକ ସେବା ସମବାୟ ସମିତି ଅଧୀନରେ ଜସୁଆପୁର, ବୀରପୁରୁଷୋତ୍ତମପୁର ଏବଂ ରଥପୁରୁଷୋତ୍ତମପୁର ପଞ୍ଚାୟତ ଅନ୍ତର୍ଭୁକ୍ତ। ସରସ୍ୱତୀପୁର କୃଷକ ସେବା ସମବାୟ ସମିତି ଠାରୁ ଦୂରତା ହେତୁ ଏହି ୩ ପଞ୍ଚାୟତର ଚାଷୀମାନେ ସମିତି ପକ୍ଷରୁ ଯୋଗାଇ ଦିଆଯାଉଥିବା ସେବା ପାଇବାରୁ ବଞ୍ଚିତ ହେଉଛନ୍ତି। ଏପରିକି ଖରିଫ୍ ଏବଂ ରବି ଋତୁରେ ଏହି ପଞ୍ଚାୟତର ଚାଷୀମାନେ ସରକାରଙ୍କୁ ଧାନ ବିକ୍ରି କରିବାପାଇଁ ଧାନ ମଣ୍ଡିରେ ସେମାନଙ୍କ ନାମ ପଞ୍ଜୀକରଣ କରିପାରୁନାହାନ୍ତି। ଚାଷୀମାନେ ବାରମ୍ବାର ବିଭାଗୀୟ ଉଚ୍ଚପଦସ୍ଥ ଅଧିକାରୀଙ୍କୁ ଜଣାଇବାରେ ପୂର୍ବ ସରକାରଙ୍କ ସମୟରେ ଚାଷୀଙ୍କ ସୁବିଧା, ଦୂରତା ଏବଂ ସ୍ୱଚ୍ଛତା ଦୃଷ୍ଟିରୁ ଉପରୋକ୍ତ ୩ ପଞ୍ଚାୟତରେ ସେବା ସମବାୟ ସମିତି ଖୋଲିବା ପାଇଁ ରେଜିଷ୍ଟ୍ରର କୋ-ଅପରେଟିଭ ଓଡ଼ିଶା, ଭୁବନେଶ୍ୱର ପତ୍ର ନଂ ୮୦୫୧/୨୭/୦୪/୨୦୨୩ରେ ପୁରୀ ଡିଆର୍‌ସିଏସ୍‌ଙ୍କୁ ନିର୍ଦ୍ଦେଶ ଦେଇଥିଲେ। ନିର୍ଦ୍ଦେଶ ମୁତାବକ ଡିଆର୍‌ସିଏସ, ଏଆର୍‌ସିଏସ୍ ଏବଂ ପିପିଲି ବ୍ଲକ ପ୍ରଶାସନିକ ଅଧିକାରୀଙ୍କୁ ଦାୟିତ୍ୱ ଦିଆଯାଇଥିଲା। ସେ ସମୟରେ ସମ୍ମିଳିତ ପୁରୀ-ନିମାପଡ଼ା କେନ୍ଦ୍ରୀୟ ସମବାୟ ବ୍ୟାଙ୍କ ମଧ୍ୟ ଅନୁମୋଦନ କରାଯାଇଥିଲା। ଏହି ୩ ପ୍ରାଥମିକ ସେବା ସମବାୟ ସମିତି ଅଧୀନରେ ଯାଉଥିବା ଚାଷୀମାନଙ୍କର ଋଣ, ସେୟାର, ପଞ୍ଜୀକରଣ ଏବଂ ଧାନ ମଣ୍ଡି ଖୋଲିବା ପାଇଁ ଡିଆର୍‌ସିଏସ୍ ନିର୍ଦ୍ଦେଶ ଦେଇଥିଲେ। ଡିଆର୍‌ସିଏସ୍ ନିର୍ଦ୍ଦେଶ ଦେବାର ଏହା ମଧ୍ୟରେ ୨ବର୍ଷ ବିତିଗଲାଣି ମାତ୍ର ନୂତନ ଭାବେ ପ୍ରାଥମିକ ସେବା ସମବାୟ ସମିତି ଖୋଲିପାରିଲା ନାହିଁ। ରଥ ପୁରୁଷୋତ୍ତମପୁରର ଚାଷୀନେତା ପ୍ରତାପ ପ୍ରଧାନ, ସରସ୍ୱତୀପୁରର ପୂର୍ବତନ ସରପଞ୍ଚ ରାଧାଶ୍ୟାମ ରଥ ଓ ଜସୁଆପୁରର ଆଶିଷ ବରାଳ, ବୀରପୁରୁଷୋତ୍ତମପୁରର ବିଷ୍ଣୁପତି ପ୍ରମୁଖ ଡିଆର୍‌ସିଏସ୍‌ଙ୍କୁ ଜଣାଇଲେ ମଧ୍ୟ ସେ ଏଥିପ୍ରତି ଦୃଷ୍ଟି ଦେଇ ନ ଥିଲେ। ଉକ୍ତ ୩ ପ୍ରାଥମିକ ସେବା ସମବାୟ ସମିତି ୨୪ ନଂ. ଜିଲା ପରିଷଦ ଜୋନ୍‌ରେ ଯାଉଥିବାରୁ ଚାଷୀମାନେ ସଭ୍ୟ ଧରଣୀଧର ସାହୁଙ୍କ ପାଖରେ ଅଭିଯୋଗ କରିଥିଲେ। ସାହୁ ଜିଲାପରିଷଦ ବୈଠକ ଏବଂ ଜିଲାପାଳଙ୍କ ଜନଅଭିଯୋଗ ଶୁଣାଣିରେ ଅଭିଯୋଗ କରିଥିଲେ ମଧ୍ୟ ଏଥିପ୍ରତି କେହି ଦୃଷ୍ଟି ଦେଇ ନ ଥିଲେ। ତେବେ ନୂତନ ଭାବେ ପ୍ରାଥମିକ ସେବା ସମବାୟ ସମିତି ଖୋଲି ନ ଥିବାରୁ ହଜାର ହଜାର ଚାଷୀ ଖରିଫ ଧାନ ମଣ୍ଡି ପଞ୍ଜୀକରଣ କରିବାରୁ ବଞ୍ଚିତ ହୋଇଛନ୍ତି। ଏହାର ପ୍ରତିବାଦ କରି ଚାଷୀମାନେ ଆନ୍ଦୋଳନକୁ ଓହ୍ଲାଇବାକୁ ନିଷ୍ପତ୍ତି ନେଇ ଜସୁଆପୁରଠାରେ ଏକ ବୈଠକ କରିଥିଲେ। ଏ ସମ୍ପର୍କରେ ଏଆର୍‌ସିଏସ୍ ସନାତନ ବେହେରାଙ୍କୁ ପଚାରିବାରେ ସରକାରୀ ନିୟମର ପାରାଫେନିଆ ଅନୁଯାୟୀ କାର୍ଯ୍ୟ ଚାଲିଛି। ଆସନ୍ତା ବର୍ଷକୁ ନୂତନ ପ୍ରାଥମିକ ସେବା ସମବାୟ ସମିତି ଖୋଲିଯିବ ବୋଲି କହିଥିଲେ। ପିପିଲିର ପ୍ରଶାସନିକ ଅଧିକାରୀଙ୍କୁ ପଚାରିବାରେ ଉପରିସ୍ଥ ଅଧିକାରୀଙ୍କ ଅସହଯୋଗ ହେତୁ କାର୍ଯ୍ୟଧାରା ଆଗେଇ ପାରୁ ନ ଥିବା କହିଥିଲେ। ଚାଷୀଙ୍କ ଘର ସମିତି ଠାରୁ ୭ରୁ ୮ କି.ମି. ଦୂରତା ହେଉଥିବାରୁ ସେମାନେ ସେବା ପାଇବାରୁ ବଞ୍ଚିତ ହେଉଥିବା କହିଛନ୍ତି।

# ଶଙ୍କରାଚାର୍ଯ୍ୟଙ୍କ ଆଶୀର୍ବାଦ ନେଲେ ଏସ୍‌ପି



ଏସ୍‌ପି ପ୍ରତୀକ ସିଂ ଗୋବର୍ଦ୍ଧନ ପୀଠକୁ ଯାଇ ଜଗତ୍‌ଗୁରୁ ଶଙ୍କରାଚାର୍ଯ୍ୟଙ୍କ ଠାରୁ ଆଶୀର୍ବାଦ ନେଉଛନ୍ତି।

ପୁରୀ, ୨୯।୮ (ଅଜିତ୍ କୁମାର ମହାନ୍ତି)

ପୁରୀର ନୂତନ ଆରକ୍ଷୀ ଅଧୀକ୍ଷକ ପ୍ରତୀକ ସିଂ ଦାୟିତ୍ୱ ଗ୍ରହଣ କରିବା ପରେ ନିଜର ଦାୟିତ୍ୱ ପ୍ରତିପାଦନ ସ୍ୱରୂପ ଶଙ୍କରାଚାର୍ଯ୍ୟ ଗୋବର୍ଦ୍ଧନ ପୀଠକୁ ଶୁକ୍ରବାର ଆସି ଜଗଦ୍‌ଗୁରୁ ଶଙ୍କରାଚାର୍ଯ୍ୟ ଗୁରୁଦେବଙ୍କ ଆଶୀର୍ବାଦ ଓ ମାର୍ଗଦର୍ଶନ ଗ୍ରହଣ କରିଛନ୍ତି। ଏହି ଅବସରରେ ପୂଜ୍ୟ ଗୁରୁଜୀ ମହାରାଜା ସନାତନ ସଂସ୍କୃତି ଓ ପରମ୍ପରାରେ ପୁରୀ କେବଳ ଏକ ଧାର୍ମିକ ଓ ଆଧ୍ୟାତ୍ମିକ କ୍ଷେତ୍ର ନୁହେଁ, ଏହା ବିଶ୍ୱର ଆଧ୍ୟାତ୍ମିକ ରାଜଧାନୀ ଭାବେ ପ୍ରତିଷ୍ଠିତ। ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ଦିବ୍ୟ ଶ୍ରୀମନ୍ଦିର ସଦାସର୍ବଦା ବିଧର୍ମୀ ଓ କୁଚକ୍ରୀଙ୍କ ଦୃଷ୍ଟିରେ ରହିଛି। ଶ୍ରୀମନ୍ଦିରର ଧାର୍ମିକ ବ୍ୟବସ୍ଥା ହିଁ ପବିତ୍ରତା। ଏହାକୁ ନଷ୍ଟ କରିବା ପାଇଁ ଅନେକ ଅରାଜକ ତତ୍ତ୍ୱ ସଦାସର୍ବଦା ତତ୍ପର ରହିଥାନ୍ତି। ଏହା ଉପରେ କଡ଼ା ଅନୁଶାସନର ଆବଶ୍ୟକତା ରହିଛି। ତୀର୍ଥରାଜ ମହୋଦଧିଙ୍କ ବିସ୍ତୀର୍ଣ୍ଣ ବେଳାଭୂମି କେବଳ ମନୋରଞ୍ଜନର କେନ୍ଦ୍ର ନ ହୋଇ ତୀର୍ଥଯାତ୍ରୀଙ୍କ ସୁରକ୍ଷା, ସୁବିଧା ଆଦି ପ୍ରତି ସତର୍କ ରହିବା ସହ ମାଦକ ଦ୍ରବ୍ୟ ସେବନର କେନ୍ଦ୍ର ନ ହେବା ଦିଗରେ ପରାମର୍ଶ ଦେଇଥିଲେ। ଆରକ୍ଷୀ ଅଧୀକ୍ଷକ ସିଂଙ୍କ ସହିତ ଜିଲା ପୋଲିସ ପ୍ରଶାସନର ବରିଷ୍ଠ ଅଧିକାରୀ ଓ ସହରାଞ୍ଚଳର ବିଭିନ୍ନ ଥାନାଧିକାରୀମାନେ ଉପସ୍ଥିତ ଥିଲେ। ଏହି ଅବସରରେ ମଠର ବିଭିନ୍ନ ବିଭାଗର ପ୍ରମୁଖ କର୍ମକର୍ତ୍ତାଙ୍କ ସହ ଆଲୋଚନା କରିଛନ୍ତି ବୋଲି ପୀଠର ଗଣମାଧ୍ୟମ ସଚିବ ଦେବାଶିଷ ମିଶ୍ର ସୂଚନା ଦେଇଛନ୍ତି।

## ସଂକ୍ଷେପରେ

### ବିମ୍ବାସୁର ବଧ ନୀତି ସମ୍ପନ୍ନ

ପୁରୀ, ୨୯।୮ (ଅଜିତ୍ କୁମାର ମହାନ୍ତି)

ପବିତ୍ର ଜନ୍ମାଷ୍ଟମୀ ଠାରୁ ଶ୍ରୀମନ୍ଦିର ଏବଂ ଶ୍ରୀକ୍ଷେତ୍ରରେ ଆରମ୍ଭ ହୋଇଥିବା ଶ୍ରୀକୃଷ୍ଣଲୀଳା କ୍ରମରେ ଭାଦ୍ରବ ଶୁକ୍ଳ ଷଷ୍ଠୀ ତିଥି ଶୁକ୍ରବାର ଅବସରରେ ଶ୍ରୀମନ୍ଦିରରେ ବିମ୍ବାସୁର ବଧ ନୀତି ସମ୍ପନ୍ନ ହୋଇଛି। ଶ୍ରୀମନ୍ଦିରରେ ଶ୍ରୀବିଗ୍ରହଙ୍କ ସନ୍ଧ୍ୟାଧୂପ ବଢ଼ି ପାଣି ପଡ଼ିବା ପରେ ମହାଜନସେବକ ଶ୍ରୀମଦନମୋହନଙ୍କୁ ରତ୍ନସିଂହାସନ ନିକଟକୁ ନେଇଥିଲେ। ସେଠାରେ ପାଳିଆ ପୂଜାପଣ୍ଡା ମହାପ୍ରଭୁଙ୍କ ଠାରୁ ଆଜ୍ଞାମାଳ ଆଣି ମଦନମୋହନଙ୍କୁ ପ୍ରଦାନ କରିଥିଲେ। ପରେ ମହାଜନସେବକ ମଦନମୋହନଙ୍କୁ ନାଟ ମନ୍ଦିରରେ ଥିବା ଖଟ ଉପରେ ବିଜେ କରିଥିଲେ। ସେଠାରେ ମାର୍କଣ୍ଡେଶ୍ୱର ସାହି ପକ୍ଷରୁ ବିମ୍ବାସୁର ବଧ ଲୀଳା ପ୍ରସ୍ତାବ ଆଗତ ହୋଇଥିଲା। ବିମ୍ବାସୁର ବେଶରେ ଜଣେ ବ୍ୟକ୍ତି ବେଶ ଧାରଣ ହୋଇ ସାହି ପରିକ୍ରମା କରି ଶ୍ରୀମନ୍ଦିରକୁ ଆସିଥାନ୍ତି। ସେଠାରେ ବଧ ନୀତି ଅନୁଷ୍ଠିତ ହୋଇଥାଏ। ବିମ୍ବାସୁର ବଧ ନୀତି ସମ୍ପନ୍ନ ହେବା ପରେ ଠାକୁରଙ୍କୁ ଶୀତଳ ଭୋଗ ମଣୋହି କରାଯାଇ ବନ୍ଦାପନା ଅନୁଷ୍ଠିତ ହୋଇଥିଲା। ବନ୍ଦାପନା ନୀତି ସମ୍ପନ୍ନ ହେବା ପରେ ଠାକୁର ବାହୁଡ଼ା ବିଜେ କରିଥିଲେ। ଜନଶ୍ରୁତି ଅନୁଯାୟୀ, ଦ୍ୱାପର ଯୁଗରେ କୃଷ୍ଣ ଓ ବଳରାମଙ୍କ ନିଧନ ନିମନ୍ତେ ବିମ୍ବାସୁର ନାମକ ମହାବଳଶାଳୀ ଅସୁରକୁ କଂସ ବୃନ୍ଦାବନକୁ ପ୍ରେରଣ କରିଥିଲେ। ହେଲେ ଭଗବାନ ଶ୍ରୀକୃଷ୍ଣ ଲୀଳା କ୍ରମେ ବିମ୍ବାସୁରକୁ ବଧ କରିଥିଲେ। ଏହି ସ୍ମୃତିରେ ପ୍ରତିବର୍ଷ ଭାଦ୍ରବ ଶୁକ୍ଳ ଷଷ୍ଠୀରେ ଶ୍ରୀମନ୍ଦିରରେ ବିମ୍ବାସୁର ବଧ ଲୀଳା ଅନୁଷ୍ଠିତ ହୋଇଥାଏ।

### କୋଣାର୍କରେ ଜାତୀୟ କ୍ରୀଡ଼ା ଦିବସ ପାଳିତ

କୋଣାର୍କ, ୨୯।୮ (ଜ୍ୟୋତିରାଜ ମହାନ୍ତି)

କୋଣାର୍କ ନିକଟସ୍ଥ ଆର୍ତ୍ତତ୍ରାଣ କାର୍ତ୍ତିକେଶ୍ୱର୍ ବିଦ୍ୟାପୀଠ, ନୂଆଗାଁ ଓ ନୂଆଗାଁ ପ୍ରାଥମିକ ବିଦ୍ୟାଳୟର ମିଳିତ ସହଯୋଗରେ ବିଦ୍ୟାଳୟ ପରିସରରେ ଜାତୀୟ କ୍ରୀଡ଼ା ଦିବସ ଶୁକ୍ରବାର ପାଳିତ ହୋଇଯାଇଛି। ପ୍ରଧାନଶିକ୍ଷକ ରାମକୃଷ୍ଣ ମହାନ୍ତିଙ୍କ ଅଧ୍ୟକ୍ଷତାରେ କାର୍ଯ୍ୟକ୍ରମକୁ ସିଆର୍‌ସିସି ରବୀନ୍ଦ୍ର ନାଥ ବାହିନୀପତି କ୍ରୀଡ଼ା ପତାକା ଦେଖାଇ ଶୁଭାରମ୍ଭ କରିଥଲେ। ଅତିଥି ଭାବେ ଅନ୍ୟମାନଙ୍କ ମଧ୍ୟରେ ଏନ୍‌ସିସି ଅଧିକାରୀ ଦିଲୀପ କୁମାର ନାୟକ, ସତ୍ୟସାଇ ସେବା ସଂଗଠନର ଜିଲା ସଭାପତି ବଂଶୀଧର ମହାପାତ୍ର, ବିଜ୍ଞାନ ସାହୁ ପ୍ରମୁଖ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ଉତ୍ସାହିତ କରିଥିଲେ। ଜିଲା ଶିକ୍ଷାଧିକାରୀ ଦୀପକ କୁମାର ପାଢ଼ୀଙ୍କ ନିର୍ଦ୍ଦେଶକ୍ରମେ ପ୍ରତ୍ୟେକ ବିଦ୍ୟାଳୟରେ କ୍ରୀଡ଼ା ଦିବସ ପାଳନ କରାଯାଇଛି। ଏହି କାର୍ଯ୍ୟକ୍ରମକୁ କ୍ରୀଡ଼ା ଶିକ୍ଷକ ନିହାରିକା ମହାନ୍ତି ଓ ମହାପ୍ରସାଦ ମହାରଣା ପରିଚାଳନା କରିଥିଲେ। ଶେଷରେ କୃତୀ କ୍ରୀଡ଼ାବିତ୍‌ମାନଙ୍କୁ ପୁରସ୍କାର ଓ ମାନପତ୍ର ପ୍ରଦାନ କରାଯାଇଥିଲା।

# ମହାପ୍ରଭୁଙ୍କୁ ଦର୍ଶନକଲେ କେନ୍ଦ୍ରାଞ୍ଚଳ ଡିଆଇଜି ସତ୍ୟଜିତ୍ ନାୟକ

ପୁରୀ, ୨୯।୮ (ଅଜିତ୍ କୁମାର ମହାନ୍ତି)



ନୂତନ ଡିଆଜି ସତ୍ୟଜିତ୍ ନାୟକ ଶୁକ୍ରବାର ମହାପ୍ରଭୁଙ୍କୁ ଦର୍ଶନ କରି ଫେରୁଛନ୍ତି।

କେନ୍ଦ୍ରାଞ୍ଚଳ ଡିଆଇଜି ସତ୍ୟଜିତ ନାୟକ ଶୁକ୍ରବାର ପୁରୀ ଗସ୍ତରେ ଆସି ଶ୍ରୀମନ୍ଦିର ଯାଇ ଶ୍ରୀବିଗ୍ରହଙ୍କୁ ଦର୍ଶନ କରି ଆଶୀର୍ବାଦ ନେଇଛନ୍ତି। କେନ୍ଦ୍ରାଞ୍ଚଳ ଡିଆଇଜି ନାୟକ ଶ୍ରୀମନ୍ଦିର ସିଂହଦ୍ୱାର ନିକଟରେ ପହଞ୍ଚିବା ପରେ ପୁରୀ ଏସ୍‌ପି ପ୍ରତୀକ ସିଂ ତାଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିଥିଲେ। ପରେ ଚତୁର୍ଦ୍ଧାବିଗ୍ରହଙ୍କୁ ଦର୍ଶନ କରି ମହାପ୍ରଭୁଙ୍କ ଆଶୀର୍ବାଦ ନେଇଥିଲେ। ଶ୍ରୀମନ୍ଦିର ବେଢ଼ାରେ ଥିବା ପାର୍ଶ୍ୱ ଦେବଦେବୀଙ୍କ ସହ ମା'ବିମଳା, ମା'ମହାଲକ୍ଷ୍ମୀଙ୍କ ଦର୍ଶନ କରିଥିଲେ। କେନ୍ଦ୍ରାଞ୍ଚଳ ଡିଆଇଜି ନାୟକ ଶ୍ରୀମନ୍ଦିର ପରିସରରେ କିଛି ସମୟ ଅତିବାହିତ କରି ଶ୍ରୀମନ୍ଦିରରୁ ପ୍ରସ୍ଥାନ କରିଥିଲେ। ଦର୍ଶନ ସାରି ଫେରିବା ପରେ ପ୍ରତିକ୍ରିୟା ଦେଇ କହିଛନ୍ତି, ମହାପ୍ରଭୁଙ୍କ ସେବା କରିବା ପାଇଁ ସୁଯୋଗ ମିଳିଥିବାରୁ ମୁଁ ଠାକୁରଙ୍କ ପାଖରେ ଚିରଋଣୀ। ଶ୍ରୀମନ୍ଦିରକୁ କିଭଳି ଅଧିକରୁ ଅଧିକ ସୁରକ୍ଷା ପ୍ରଦାନ କରାଯାଇପାରିବ ଏବଂ ପ୍ରତିଦିନ ମହାପ୍ରଭୁଙ୍କ ଦର୍ଶନ ପାଇଁ ଆସୁଥିବା ଭକ୍ତ ଶ୍ରଦ୍ଧାଳୁଙ୍କ ଶୃଙ୍ଖଳିତ ଦର୍ଶନ, ସୁରକ୍ଷାକୁ ବିଶେଷ ପ୍ରାଧାନ୍ୟ ଦିଆଯିବ ସେ ଉପରେ ପୋଲିସ କାର୍ଯ୍ୟ କରିବ। ଶ୍ରୀମନ୍ଦିର ପ୍ରଶାସନ, ଜିଲା ପ୍ରଶାସନ, ବିଭିନ୍ନ ବର୍ଗର ସେବାୟତ ଓ ପରିଚାଳନା କମିଟି ସହ ଏନେଇ ଆଲୋଚନା କରାଯିବ। ସେହିପରି ପୁରୀରେ ଆଇନ ଶୃଙ୍ଖଳା ପରିସ୍ଥିତି କିଭଳି ବଜାୟ ରହିବ ସେନେଇ ମଧ୍ୟ ପୋଲିସ ପକ୍ଷରୁ ସ୍ୱତନ୍ତ୍ର ବ୍ଲୁ-ପ୍ରିଣ୍ଟ ପ୍ରସ୍ତୁତ କରାଯାଇଛି। ପୁରୀ ସହରରେ ଦିନକୁ ଦିନ ଆଇନ ଶୃଙ୍ଖଳା ପରିସ୍ଥିତି ବିପର୍ଯ୍ୟସ୍ତ ହୋଇ ପଡ଼ିଥିବା ବେଳେ ଏହା ସୁଧାରିବା ପାଇଁ ମଧ୍ୟ ପୋଲିସ ଗୁରୁତ୍ୱ ଦେଉଛି। ଅପରାଧୀଙ୍କୁ ଦମନ ପାଇଁ ପୁରୀ ପୋଲିସ ପକ୍ଷରୁ ବିଭିନ୍ନ ସ୍ଥାନରେ ଚେକିଂ, ବ୍ଲକିଂ କରିବା ସହିତ ନାକା ଲଗାଯାଇ କଡ଼ା ପାଟ୍ରୋଲିଂ କରାଯାଉଥିବା କେନ୍ଦ୍ରାଞ୍ଚଳ ଡିଆଇଜି କହିଛନ୍ତି।

# ବିରଳ ପ୍ରଜାତିର ଏଣ୍ଡୁଅ ଉଦ୍ଧାର

ବାଘମାରି/ବେଗୁନିଆ, ୨୯।୮ (ମିହିର ରଞ୍ଜନ ମହାପାତ୍ର/ସନ୍ଧ୍ୟାରାଣୀ ମିଶ୍ର)

ବେଗୁନିଆ ବ୍ଲକ ପୋଡ଼ାଡିହ ପଞ୍ଚାୟତ ଅନ୍ତର୍ଗତ କୋଟପଲ୍ଲା-ବରସାହି ଗାଁରେ ଶୁକ୍ରବାର ଏକ ବିରଳ ପ୍ରଜାତିର ଏଣ୍ଡୁଅକୁ ଗ୍ରାମବାସୀ ଉଦ୍ଧାର କରି ବନ ବିଭାଗକୁ ହସ୍ତାନ୍ତର କରିଛନ୍ତି। ଗାଁରେ ମଧ୍ୟାହ୍ନ ସମୟରେ ରଙ୍ଗବେରଙ୍ଗର ଏଣ୍ଡୁଅଟି ଦେଖିବାକୁ ମିଳିଥିଲା। ଏହି ଏଣ୍ଡୁଅଟି ପ୍ରତି ମୁହୂର୍ତ୍ତରେ ରଙ୍ଗ ବଦଳାଉଥିଲା। ଏହା ପୋହଳା ଏଣ୍ଡୁଅ ବୋଲି କୁହାଯାଉଛି। ଗାଁର କେତେଜଣ ଯୁବକ ପ୍ରଥମେ ଏଣ୍ଡୁଅକୁ ଦେଖି ତାକୁ ଧରି ବନ ବିଭାଗ ଅଧିକାରୀଙ୍କୁ ଖବର ଦେଇଥିଲେ। ବନପାଳ ପ୍ରିୟଦର୍ଶିନୀ ସେଠୀ ଓ କର୍ମଚାରୀ ଦୁର୍ଗାପ୍ରସାଦ ପଣ୍ଡା ଗାଁରେ ପହଞ୍ଚି ଗ୍ରାମବାସୀଙ୍କଠାରୁ ଏଣ୍ଡୁଅକୁ ସୁରକ୍ଷିତ ଭାବେ ନେଇଥିଲେ। ଏଣ୍ଡୁଅକୁ ପ୍ରାଣୀ ଚିକିତ୍ସକଙ୍କୁ ଦେଖାଇବା ପରେ ସଂରକ୍ଷିତ ଜଙ୍ଗଲରେ ଛାଡ଼ି ଦିଆଯିବ ବୋଲି ବନପାଳ କହିଛନ୍ତି। ଗ୍ରାମବାସୀଙ୍କ ଏହି ପ୍ରୟାସକୁ ବନ ବିଭାଗ ପକ୍ଷରୁ ପ୍ରଶଂସା କରାଯାଇଛି।

# ପୁସ୍ତକ 'ଅନ୍ନଦା'ର ଲୋକାର୍ପଣ ଉତ୍ସବ



ପରିଚାଳନା କମିଟିର ନୂତନ ସଭ୍ୟମାନେ ଅନ୍ନପୂର୍ଣ୍ଣା ଚାରିଟେବଲ୍ ଟ୍ରଷ୍ଟର ବାର୍ଷିକ ବିଶେଷାଙ୍କ 'ଅନ୍ନଦା'କୁ ଉନ୍ମୋଚନ କରୁଛନ୍ତି।

ପୁରୀ, ୨୯।୮ (ଅଜିତ୍ କୁମାର ମହାନ୍ତି)

ଅନ୍ନପୂର୍ଣ୍ଣା ଚାରିଟେବଲ ଟ୍ରଷ୍ଟ ପକ୍ଷରୁ ଶୁକ୍ରବାର ଶ୍ରୀମନ୍ଦିର ସିଂହଦ୍ୱାର ସମ୍ମୁଖରେ ଅତିଥିଙ୍କ ଦ୍ୱାରା ପୁସ୍ତକ 'ଅନ୍ନଦା'ର ଲୋକାର୍ପଣ ଉତ୍ସବ ଅନୁଷ୍ଠିତ ହୋଇଛି। ଏହି ଅବସରରେ ଟ୍ରଷ୍ଟ ପକ୍ଷରୁ ଶ୍ରୀମନ୍ଦିର ପରିଚାଳନା କମିଟିର ନୂତନ ସଦସ୍ୟମାନଙ୍କୁ ସିଂହଦ୍ୱାରଠାରେ ସମ୍ବର୍ଦ୍ଧିତ କରାଯାଇଥିଲା। ଅନୁଷ୍ଠାନର ପ୍ରତିଷ୍ଠାତା ଡ. ପ୍ରମୋଦ କୁମାର ଆଚାର୍ଯ୍ୟ, ଡ. ସିଦ୍ଧେଶ୍ୱର ମହାପାତ୍ର, ଜଗନ୍ନାଥ ପୂଜାପଣ୍ଡା, ବରିଷ୍ଠ ସିଂହାରୀ ସେବକ ମଧୁସୂଦନ ସିଂହାରୀ, ବଳରାମ କୋଟର ମଠାଧୀଶ ପୂଜ୍ୟ ରଘୁବୀର ଦାସ ମହାରାଜଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ପ୍ରାରମ୍ଭରେ ତରୁଣ କବି ଦାମୋଦର ପରିଡ଼ା ଅତିଥି ପରିଚୟ ପ୍ରଦାନ କରିବା ସହ ସ୍ୱାଗତ ଭାଷଣ ଦେଇଥିଲେ। କାର୍ଯ୍ୟକ୍ରମରେ ବରିଷ୍ଠ ସେବାୟତ ତଥା ବିଶ୍ୱହିନ୍ଦୁ ପରିଷଦର ସର୍ବଭାରତୀୟ ପୂଜକ ଅର୍ଚ୍ଚକ ବିଭାଗର ଉପସଭାପତି ଦୋଳଗୋବିନ୍ଦ ପଣ୍ଡା, ପ୍ରସନ୍ନ ମିଶ୍ରଙ୍କ ସମେତ ପୁରୀ ସହରର ବହୁ ମାନ୍ୟଗଣ୍ୟ ବ୍ୟକ୍ତି ତଥା ଶୁଭେଚ୍ଛୁ ଉପସ୍ଥିତ ଥିଲେ। ଟ୍ରଷ୍ଟ ଦ୍ୱାରା ଭାଗବତ ଗ୍ରନ୍ଥ ୨୦୦ ଗ୍ରାମରେ ନିତ୍ୟ ପାଠ ପାଇଁ ବଣ୍ଟନ, ବୃକ୍ଷ ରୋପଣ, ସ୍ୱାସ୍ଥ୍ୟ ସେବା, ଗରିବ ମେଧାବୀ ଛାତ୍ରୀଛାତ୍ରଙ୍କୁ ନିଶୁଳ୍କ ବିଦ୍ୟାଦାନ, ପ୍ରାକୃତିକ ବିପର୍ଯ୍ୟୟ ସମୟରେ ସହାୟତା ଆଦି କାର୍ଯ୍ୟ ଜାରି ରହିଛି। ଏହି ଅବସରରେ ଅନୁଷ୍ଠାନର ବାର୍ଷିକ ବିଶେଷାଙ୍କ 'ଅନ୍ନଦା'ର ଶୁଭ ଲୋକାର୍ପଣ ଅତିଥିଙ୍କ ଦ୍ୱାରା କରାଯାଇଥିଲା। ସମସ୍ତ କାର୍ଯ୍ୟକୁ ଅନୁଷ୍ଠାନର ସମ୍ପାଦିକା ଅନ୍ନପୂର୍ଣ୍ଣା ପାଣି, ପ୍ରତାପ ଚନ୍ଦ୍ର ଦାସ, କିରଣ କୁମାର ସାହୁ, ଡ. ନାରାୟଣ ପତି, ପୂର୍ଣ୍ଣଚନ୍ଦ୍ର ସାହୁ, ସ୍ଥିତପ୍ରଜ୍ଞ ଜେନା, ଅନୀଲ ସାହୁ, ବରିଷ୍ଠ ସେବାୟତ ରବିନାରାୟଣ ଦାସ, ଦିନମଣି ବଳ, କବି ପ୍ରଶାନ୍ତ ତ୍ରିପାଠୀ ଓ ସଂଗ୍ରାମ କେଶରୀ ମହାପାତ୍ର ପରିଚାଳନା କରିଥିଲେ।

# ଧ୍ୟାନଚାନ୍ଦଙ୍କୁ ଶ୍ରଦ୍ଧାଞ୍ଜଳି, ଶୋଭାଯାତ୍ରା

ପୁରୀ, ୨୯।୮ (ଅଜିତ୍ କୁମାର ମହାନ୍ତି)




ଜାତୀୟ କ୍ରୀଡ଼ା ଦିବସ ଅବସରରେ ପୁରୀ ଜଗନ୍ନାଥ ଷ୍ଟାଡ଼ିୟମ୍ ପରିସରରେ ଅନୁଷ୍ଠିତ ରାଲିକୁ ଏମ୍‌ପି ଡ. ସମ୍ବିତ ପାତ୍ର ଓ ଜିଲାପାଳ ଦିବ୍ୟଜ୍ୟୋତି ପରିଡ଼ା ଶୁଭାରମ୍ଭ କରୁଛନ୍ତି।

ପୃଥିବୀରେ କ୍ରୀଡ଼ା ଥିବା ପର୍ଯ୍ୟନ୍ତ କିମ୍ବଦନ୍ତୀ କ୍ରୀଡ଼ାବିତ୍ ଧ୍ୟାନଚାନ୍ଦ ଜନମାନସରେ ରହିଥିବେ। ତାଙ୍କ କ୍ରୀଡ଼ା ପ୍ରତିଭା ଅତୁଳନୀୟ। ଆଜିର ଯୁବପିଢ଼ି ଓ କ୍ରୀଡ଼ା ପ୍ରତି ମନୋନିବେଶ କରୁଥିବା ପ୍ରତିଟି କ୍ରୀଡ଼ାବିତ୍‌ଙ୍କ ପାଇଁ ଧ୍ୟାନ ଚାନ୍ଦ ଆଦର୍ଶ ହୋଇ ରହିଥିବେ। ପ୍ରଧାନମନ୍ତ୍ରୀଙ୍କ ଆହ୍ୱାନ ଏକ ଘଣ୍ଟା କ୍ରୀଡ଼ା ପାଇଁ ଆମେ ପ୍ରତ୍ୟେକ ବ୍ୟୟ କରିପାରିଲେ ସୁସ୍ଥ, ନିରୋଗ ରହିପାରିବା ବୋଲି ମତବ୍ୟକ୍ତ କରିଛନ୍ତି ପୁରୀ ଏମ୍‌ପି ଡ. ସମ୍ବିତ ପାତ୍ର। ଜାତୀୟ କ୍ରୀଡ଼ା ଦିବସ ଅବସରରେ ଜିଲା ପ୍ରଶାସନ ପକ୍ଷରୁ ଏକ କାର୍ଯ୍ୟକ୍ରମ ତାଳବଣିଆସ୍ଥିତ ସ୍ପୋର୍ଟ୍ସ କମ୍ପ୍ଲେକ୍ସଠାରେ ଅନୁଷ୍ଠିତ ହୋଇଥିଲା। ଏହି ସଚେତନତା ଶୋଭାଯାତ୍ରାକୁ ଏମ୍‌ପି ଡ. ପାତ୍ର ଓ ଜିଲାପାଳ ଦିବ୍ୟଜ୍ୟୋତି ପରିଡ଼ା ଉଦ୍‌ଘାଟନ କରିବା ସହ କ୍ରୀଡ଼ା ଦିବସରେ ସମସ୍ତଙ୍କୁ ଶୁଭେଚ୍ଛା ଜଣାଇଥିଲେ। ପ୍ରଧାନମନ୍ତ୍ରୀଙ୍କ ପରାମର୍ଶକ୍ରମେ ସେପ୍ଟେମ୍ବରରେ ସାଂସଦ ଖେଳ ମହୋତ୍ସବର ଆୟୋଜନ କରାଯିବ। ଏଥିରେ ୮ଟି କ୍ରୀଡ଼ା ବର୍ଗ ପାଇଁ ପ୍ରତିଯୋଗିତା ଅନୁଷ୍ଠିତ ହେବ ବୋଲି ସେ ସୂଚନା ଦେଇଥିଲେ। ୧ ହଜାରରୁ ଊର୍ଦ୍ଧ୍ୱ କ୍ରୀଡ଼ାବିତ୍ ଏହି ଶୋଭାଯାତ୍ରାରେ ସାମିଲ ହୋଇ ଶ୍ରୀଜଗନ୍ନାଥ କ୍ରିକେଟ ଷ୍ଟାଡିୟମଠାରୁ ଇନ୍‌ଡୋର ଷ୍ଟାଡିୟମ ପର୍ଯ୍ୟନ୍ତ ଯାଇଥିଲେ। ସେଠାରେ ଆୟୋଜିତ କାର୍ଯ୍ୟକ୍ରମରେ ଏମ୍‌ପି ଯୋଗଦେବା ସହ କୋଚ ଓ କ୍ରୀଡ଼ାବିତ୍‌ଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ପରେ ସେ ସମସ୍ତଙ୍କୁ କ୍ରୀଡ଼ା ଶପଥ ପାଠ କରାଇଥିଲେ। ବେଟୀ ବଚାଓ, ବେଟୀ ପଢ଼ାଓ ଏବଂ ସାଂସଦ ଖେଳ ପ୍ରତିଯୋଗିତାର ଲିଫ୍‌ଲେଟକୁ ଡ. ପାତ୍ର ଓ ଅନ୍ୟାନ୍ୟ ଅତିଥିମାନେ ପ୍ରଦର୍ଶନ କରିଥିଲେ। ଯୋଗ ଗୁରୁ ଆଲୋକ କୁମାର ସ୍ୱାଇଁଙ୍କ ତତ୍ତ୍ୱାବଧାନରେ ଯୋଗ ପ୍ରଦର୍ଶନ ସହ ମାଲଖମ୍ବ କ୍ରୀଡ଼ା ପ୍ରଦର୍ଶନ କରାଯାଇଥିଲା। କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲାପାଳ (ପ୍ରଶାସନ) ଶରତ ଚନ୍ଦ୍ର ବେହେରା, ଅତିରିକ୍ତ ଜିଲାପାଳ (ପ୍ରୋଟୋକଲ) ନୀଳମାଧବ ଭୋଇ, ଜିଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରିୟରଞ୍ଜନ ପୃଷ୍ଟି, ପୌରନିର୍ବାହୀ ଅଧିକାରୀ ଅଭିମନ୍ୟୁ ବେହେରା, ଉପଜିଲାପାଳ ରାଜ କିଶୋର ଜେନା, ଭାରତୀୟ କ୍ରୀଡ଼ା କର୍ତ୍ତୃପକ୍ଷର ଭାରପ୍ରାପ୍ତ ଅଧିକାରୀ ତ୍ରୈଲୋକ୍ୟନାଥ ସାହୁ, ସୂଚନା ଓ ଲୋକ ସମ୍ପର୍କ ଉପନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ, ଜିଲା କ୍ରୀଡ଼ା ଅଧିକାରୀ ଚନ୍ଦନ କୁମାର ସାହୁ, ଜିଲା ଶିଶୁ ସୁରକ୍ଷା ଅଧିକାରୀ ମନୋଜ କୁମାର ତ୍ରିପାଠୀ, କ୍ରୀଡ଼ା ସଂସଦର ପ୍ରାକ୍ତନ ସମ୍ପାଦକ ରବି ଶଙ୍କର ପ୍ରତିହାରୀ, ଖୋ ଖୋ କ୍ରୀଡ଼ାର ମୁଖ୍ୟ କୋଚ୍ ସଞ୍ଜୀବ ଶର୍ମା, ବିଭିନ୍ନ କ୍ରୀଡ଼ା ସଂଘର ମୁଖ୍ୟମାନେ ଯୋଗ ଦେଇ ଜାତୀୟ କ୍ରୀଡ଼ା ଦିବସର ଅନୁଚିନ୍ତା ସହ ଧ୍ୟାନଚାନ୍ଦଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।

# ୨୧ରୁ ସାଂସଦ ଖେଳ ମହୋତ୍ସବ

ପୁରୀ, ୨୯।୮ (ଅଜିତ୍ କୁମାର ମହାନ୍ତି)

କ୍ରୀଡ଼ା ସୁସ୍ଥ ରହିବାକୁ ଏକ ଶ୍ରେଷ୍ଠ ପନ୍ଥା। ବିଭିନ୍ନ କ୍ରୀଡ଼ା ଶୃଙ୍ଖଳା, ସୁସ୍ଥତା ଓ ନିରୋଗର ମହୋଷଧି ସଦୃଶ୍ୟ। ସେଥିପାଇଁ ପ୍ରଧାନମନ୍ତ୍ରୀ ଖେଳକୁ ଗୁରୁତ୍ୱଦେଇ ସମଗ୍ର ଦେଶରେ ସାଂସଦ ଖେଳ ମହୋତ୍ସବର ଆୟୋଜନ ବ୍ୟବସ୍ଥା କରିଛନ୍ତି ବୋଲି ପୁରୀ ଏମ୍‌ପି ଡ. ସମ୍ବିତ ପାତ୍ର ସୂଚନା ଦେଇଛନ୍ତି। ପୁରୀ ତାଳବଣିଆ ଇନ୍‌ଡୋର ଷ୍ଟାଡିୟମଠାରେ ଜିଲାସ୍ତରୀୟ ଜାତୀୟ କ୍ରୀଡ଼ା ଦିବସରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସମସ୍ତ କ୍ରୀଡ଼ାବିତ୍‌ଙ୍କୁ ଶୁଭେଚ୍ଛା ଜଣାଇଥିଲେ। ଆମ ପାରମ୍ପରିକ କ୍ରୀଡ଼ା ଆଗକୁ ନେବା ଓ ହଜି ଯାଉଥିବା କ୍ରୀଡ଼ାର ପୁନରୁଦ୍ଧାର ପାଇଁ ଏହି ସାଂସଦ ଖେଳ ମହୋତ୍ସବ ଏକ ସୁନ୍ଦର ପଦକ୍ଷେପ। ସେପ୍ଟେମ୍ବର ୨୧ ତାରିଖ ଠାରୁ ଏହି ଖେଳ ପ୍ରତିଯୋଗିତା ମାଧ୍ୟମରେ ୮ ପ୍ରକାର ଖେଳକୁ ସାମିଲ କରାଯାଉଛି। ତେଣୁ କ୍ରୀଡ଼ାବିତମାନେ ସାଂସଦ ଖେଳ ମହୋତ୍ସବ ପୋର୍ଟାଲକୁ ଯାଇ ନାମ ପଞ୍ଜିକରଣ ପାଇଁ ଏମ୍‌ପି ଡ. ପାତ୍ର ପରାମର୍ଶ ଦେଇଥିଲେ।

## ଫଟୋରେ ଖବର




ପୁରୀ ଝାଡ଼େଶ୍ୱରୀ କ୍ଲବ୍‌ର ସଭ୍ୟମାନେ କ୍ରୀଡ଼ା ଦିବସ ପାଳନ କରୁଛନ୍ତି।



ମହାପ୍ରଭୁଙ୍କ ନନ୍ଦିଘୋଷ ରଥର ଭଙ୍ଗା କାର୍ଯ୍ୟ ଆରମ୍ଭ।



ଶ୍ରୀକ୍ଷେତ୍ରର ମା' କାକୁଡ଼ିଖାଇଙ୍କ ମୃଣ୍ମୟୀ ମୂର୍ତ୍ତି ନିର୍ମାଣର ଶୁଭାରମ୍ଭ କରାଯାଉଛି। (ଫଟୋ- ଯଜ୍ଞେଶ୍ୱର ମହାନ୍ତି)

## ସଂକ୍ଷେପରେ

### ଯାଜପୁର ଜିଲାର ବନ୍ୟା ବିପନ୍ନମାନଙ୍କୁ ରିଲିଫ୍ ବଣ୍ଟନ

କଟକ,୨୯।୮(କାର୍ତ୍ତିକ ସାହୁ)

ଓଡ଼ିଶା ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଘ (ଓଷ୍ଟା) ପକ୍ଷରୁ ଯାଜପୁର ଜିଲାର ବନ୍ୟା ବିପନ୍ନଙ୍କୁ ରିଲିଫ୍ ସାମଗ୍ରୀ ବଣ୍ଟନ କରାଯାଇଛି। ଏ ନେଇ ଓଷ୍ଟାର ସାଧାରଣ ସମ୍ପାଦକ ରଞ୍ଜନ କୁମାର ଦାଶ ପ୍ରେସ୍ ଇସ୍ତାହାରରେ ଜଣାଇଛନ୍ତି। ପ୍ରକାଶ ଯେ, ଯାଜପୁର ଜିଲାର ବୈତରଣୀ ନଦୀର ଶାଖା କାଣୀନଈ ଦ୍ୱାରା ଦଶରଥପୁର ବ୍ଲକ୍‌ର ଅହିଆସ ଓ କସ୍‌ପା ସଂଗମ ସ୍ଥଳଠାରେ ଘାଇ ସୃଷ୍ଟି ହୋଇ ଅନେକ ଲୋକଙ୍କ ଘରଦ୍ୱାର ଓ ଆସବାବପତ୍ର ନଷ୍ଟ ହୋଇଯାଇଥିଲା। ଅନେକ ଘର ମଧ୍ୟ ଭୁଶୁଡ଼ିବା ସହିତ ଲୋକମାନଙ୍କ ଧନ ଜୀବନ ନଷ୍ଟ ହୋଇଥିଲା। ଓଷ୍ଟା ପକ୍ଷରୁ ବନ୍ୟାବିପନ୍ନଙ୍କୁ ଚୁଡ଼ା, ଗୁଡ଼, ବିସ୍କୁଟ୍ ଆଦି ଶୁଖିଲା ଖାଦ୍ୟ ସହିତ ମହମବତୀ, ଦିଆସିଲି ଏବଂ ଅଷ୍ଟମ, ନବମ ଓ ଦଶମଶ୍ରେଣୀର ଛାତ୍ରୀଛାତ୍ରମାନଙ୍କୁ ଓଷ୍ଟା ଟେଷ୍ଟପେପର୍ ଆଦି ରିଲିଫ୍ ବଣ୍ଟନ କରାଯାଇଛି। ହଜାର ହଜାର ବର୍ଗ ମାଇଲ୍ ଚାଷଜମି ଉପରେ ପାଣି ମାଡ଼ି ଯାଇଛି। ଧାନ ଚାଷ ସହିତ ପନିପରିବା ଆଦି ପାଣିରେ ବୁଡ଼ି ପଚିସଢ଼ି ଯାଇଛି। କୂଅ, ପୋଖରୀ, ଟିୟୁବ୍‌ୱେଲ ପାଣିରେ ବୁଡ଼ି ରହିଥିବାରୁ ଲୋକମାନେ ପିଇବା ପାଣି ପାଇଁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଓଷ୍ଟାର ସାଧାରଣ ସମ୍ପାଦକ ରଞ୍ଜନ କୁମାର ଦାଶଙ୍କ ସମେତ ଜିଲା ସଭାପତି ସୁନନ୍ଦ କୁମାର ରାଉତ, କାର୍ଯ୍ୟକାରୀ ସଭାପତି ଜ୍ଞାନରଞ୍ଜନ ତ୍ରିପାଠୀ, ଜିଲା ସମ୍ପାଦକ ପବିତ୍ର କୁମାର ପଣ୍ଡା, ରାଜ୍ୟ ଓଷ୍ଟାର ଯୁଗ୍ମ ସାଧାରଣ ସମ୍ପାଦକ ବ୍ରଜ କିଶୋର ବିଶ୍ୱାଳ, କୋଷାଧ୍ୟକ୍ଷ ଅଶୋକ କୁମାର ମହାପାତ୍ର, ରାଜ୍ୟ କାର୍ଯ୍ୟକାରୀ ସଭ୍ୟ ରମେଶ ଚନ୍ଦ୍ର ବେହେରା ଓ ବ୍ଲକ୍ ସମ୍ପାଦକ ଭରତ ନାୟକ ଓ ଶ୍ରୀକାନ୍ତ ସାହୁ, ମମତା ମିଶ୍ର, ପ୍ରାକ୍ତନ ନେତୃତ୍ୱ ଦିଗମ୍ବର ସାହୁ ଓ ଧନଞ୍ଜୟ କେଶରୀ ରାଉତରାୟ ପ୍ରମୁଖ ପ୍ରଭାବିତ ଅଞ୍ଚଳରେ ରିଲିଫ୍ ସାମଗ୍ରୀ ବଣ୍ଟନ କରିଥିଲେ।

### ରାଧାମୋହନ ଗଡ଼ନାୟକଙ୍କ ଜୟନ୍ତୀ ପାଳିତ

କଟକ,୨୯।୮(ଶିଳ୍ପା ପ୍ରିୟଦର୍ଶିନୀ)

ସାରସ୍ୱତ ସାଧକ ରାଧାମୋହନ ଗଡନାୟକଙ୍କ ୧୧୪ତମ ଜୟନ୍ତୀ କଟକ ଲେଖକ ସହଯୋଗ ସମିତି ଆନୁକୂଲ୍ୟରେ ପାଳିତ ହୋଇଯାଇଛି। ଅନୁଷ୍ଠାନ ସଭାପତି ଡ. ରବି ରଞ୍ଜନ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଉପସଭାପତି ଅରୁଣା ସାମନ୍ତରାୟ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ସାହିତ୍ୟିକ ଭାଗବତ ଶୁକ୍ଳ, ସମ୍ମାନିତ ଅତିଥି ଭାବେ ନାଟ୍ୟକାର ଡ. ବୈଜୟନ୍ତୀ ମିଶ୍ର ଯୋଗଦେଇଥିଲେ। ରାଧାମୋହନ ଗଡନାୟକ ସ୍କୁଲରେ ପଢ଼ିବା ବେଳେ ଇଂଲିଶ କବିତାଗୁଡ଼ିକର ଓଡ଼ିଆ ଅନୁବାଦ କରୁଥିଲେ। କଲେଜରେ ପଢୁଥିବା ସମୟରେ ତାଙ୍କ ଲିଖିତ କାବ୍ୟ ନାୟିକା ସେହି ଶ୍ରେଣୀରେ ପାଠ୍ୟପୁସ୍ତକରେ ପଢ଼ାଯାଉଥିଲା। ଓଡ଼ିଆ ବାଣୀଭଣ୍ଡାରକୁ ତାଙ୍କ ଦାନ ଅତୁଳନୀୟ ବୋଲି ବକ୍ତାମାନେ କହିଥିଲେ। ସରିତା ଦାସ କବି ଗଡନାୟକଙ୍କ ରଚିତ କବିତାବୃତ୍ତି କରିଥିଲେ। ଶେଷରେ ମୈତ୍ରୀଭୂଷଣ ଖୁଣ୍ଟିଆ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ରବୀନ୍ଦ୍ରନାଥ ପଣ୍ଡା, ସମରେନ୍ଦ୍ର ଘୋଷ, ବୀରେନ କୁମାର ମହାପାତ୍ର, ପୁଷ୍ପାଳି ନନ୍ଦ, ଅଭୟ କୁମାର ଦାସ, ଡ. ସଫଳା ଦାସ, ଅରୁଣା ଅଗ୍ରୱାଲ ପ୍ରମୁଖ ଉପସ୍ଥିତ ଥିଲେ।

# ରକ୍ତ ପାଇଁ ୨ ହଜାର ଟଙ୍କା ଗଣିଲେ ରୋଗୀଙ୍କ ସମ୍ପର୍କୀୟ

କଟକ,୨୯।୮(ଶିଳ୍ପା ପ୍ରିୟଦର୍ଶିନୀ)

■ ରୋଗୀଙ୍କୁ ମିଳୁନି, ଦଲାଲଙ୍କୁ ମିଳୁଛି

■ ଏସ୍‌ସିବି ରକ୍ତ ଭଣ୍ଡାରରେ ସକ୍ରିୟ ଦଲାଲ

ଏସ୍‌ସିବି ରକ୍ତଭଣ୍ଡାରରେ ରକ୍ତ ପାଇଁ ହଟହଟା ରୋଗୀ ଓ ସମ୍ପର୍କୀୟ। ରକ୍ତ ପାଇଁ ୨ ହଜାର ଟଙ୍କା ଗଣିଛନ୍ତି ରୋଗୀଙ୍କ ସମ୍ପର୍କୀୟ। ଏପରି କି ରକ୍ତ ଆବଶ୍ୟକ କରୁଥିବା ରୋଗୀଙ୍କ ସମ୍ପର୍କୀୟଙ୍କୁ ଦଲାଲ ମେଡିକାଲରେ ଲୁଟୁଛନ୍ତି। ରକ୍ତ ଭଣ୍ଡାରରେ ରକ୍ତ ଅଭାବରୁ ଏହାର ବେଶ୍ ଫାଇଦା ଉଠାଉଛନ୍ତି ଦଲାଲ। ଅନ୍ୟପଟେ ମେଡିକାଲ କର୍ତ୍ତୃପକ୍ଷ ଦଲାଲଙ୍କୁ ରୋକିବାରେ ବିଫଳ ହୋଇଥିବା ସ୍ପଷ୍ଟ ବାରି ହୋଇଯାଇଛି।

ଘଟଣାକ୍ରମେ, କେନ୍ଦୁଝର ଅଞ୍ଚଳର ଜୁଆଁନ ମୁଣ୍ଡା ସ୍ୱାସ୍ଥ୍ୟ ସମସ୍ୟା ଥିବାରୁ କିଛିଦିନ ହେବ ଏସ୍‌ସିବିର ଅର୍ଥୋପେଡିକ ବିଭାଗରେ ଭର୍ତ୍ତି ହୋଇଛନ୍ତି। ଜୁଆଁନଙ୍କ ଅସ୍ତ୍ରୋପଚାର କରାଯିବ ଏବଂ ଦୁଇଟି ରକ୍ତର ଆବଶ୍ୟକ ଥିବା ଡାକ୍ତର କହିଥିଲେ। ଜୁଆଁନଙ୍କ ପୁଅ ଓ ଭାଉଜ ଏସ୍‌ସିବି ରକ୍ତ ଭଣ୍ଡାରକୁ ରକ୍ତ ବଦଳାଇ ଏ-ପିଜିଟିଭ ରକ୍ତ ପାଇଁ ଗତ ବୁଧବାର ଯାଇଥିଲେ। ହେଲେ ଉଭୟଙ୍କ ଓଜନ କମ୍ ଥିବାରୁ ସେଠାରେ ଥିବା ଡାକ୍ତର ଉଭୟଙ୍କୁ ଫେରାଇ ଦେଇଥିଲେ। ଜୁଆଁନଙ୍କ ପୁଅ ନିରାଶ ହୋଇ ଫେରୁଥିବାବେଳେ ସମାଜସେବୀ ପ୍ରସନ୍ନ ଗୁରୁଙ୍କୁ ସେଠାରେ ଭେଟିଥିଲେ ଏବଂ ପ୍ରସନ୍ନ ତାଙ୍କୁ ଗୋଟିଏ ରକ୍ତ ଯୋଗାଡ କରାଇ ଦେଇଥିଲେ। ହେଲେ ଗୁରୁବାର ଆଉ ଗୋଟିଏ ରକ୍ତ ଆବଶ୍ୟକ ଥିବାବେଳେ ଜୁଆଁନଙ୍କ ପୁଅ ପୁନର୍ବାର ଏସ୍‌ସିବି ରକ୍ତ ଭଣ୍ଡାର ଯାଇଥିଲେ। ସେଠାରେ ଏ-ପିଜିଟିଭ ରକ୍ତ ନାହିଁ କହି କର୍ମଚାରୀ ଫେରାଇ ଦେଇଥିଲେ। ଜୁଆଁନ ସେଠାରେ ରକ୍ତ ପାଇଁ ଅନ୍ୟ ଲୋକଙ୍କୁ ପଚରାଉଚରା କରୁଥିବାବେଳେ ଜଣେ ଦଲାଲର ହାବୁଡରେ ପଡିଥିଲେ। ଦଲାଲ ରକ୍ତ ପାଇଁ ୨୦୦୦ ଟଙ୍କା ଦେବାକୁ ହେବ କହିଥିଲେ ଏବଂ ଜୁଆଁନଙ୍କ ପୁଅ ଟଙ୍କା ଦେଇ ରକ୍ତ ନେଇଥିଲେ। ତେବେ ଏସ୍‌ସିବି ମେଡିକାଲରେ ଦଲାଲଙ୍କ ହାବୁଡରେ ପଡିଲେ ହେଲ୍ପ ଡେସ୍କ କିମ୍ବା ଫାଣ୍ଡିରେ ଜଣାଇବା ସହ ଏକ ନମ୍ବରରେ ଉକ୍ତ ବ୍ୟକ୍ତିଙ୍କ ଫଟୋ ଉଠାଇ ପଠାଇବାକୁ ଅନୁରୋଧ କରି ଲୋକଙ୍କୁ ସଚେତନ କରିଛନ୍ତି। ହେଲେ ଏହାକୁ ରୋକିବା ଦିଗରେ ସେଭଳି କୌଣସି ପଦକ୍ଷେପ ନିଆଯାଇଥିବା ଦେଖିବାକୁ ମିଳିନାହିଁ। ଅନ୍ୟପଟେ ଯେଉଁଠି ରୋଗୀ ସମ୍ପର୍କୀୟଙ୍କୁ ରକ୍ତ ନାହିଁ ବୋଲି କହି କର୍ମଚାରୀ ଫେରାଇ ଦେଉଛନ୍ତି, ସେଠାରେ ଦଲାଲମାନେ କିଭଳି ରକ୍ତ ପାଉଛନ୍ତି ତାହା ଏବେ ବଡ ପ୍ରଶ୍ନ ପାଲଟିଛି। ଏ ସମ୍ପର୍କରେ ମେଡିକାଲ କର୍ତ୍ତୃପକ୍ଷଙ୍କ ପ୍ରତିକ୍ରିୟା ମିଳି ପାରିନାହିଁ।



ଅନ୍ନପୂର୍ଣ୍ଣା ଥିଏଟରରେ ପଞ୍ଚଧ୍ୱନୀ ନାଟ୍ୟ ପରିଷଦ ଭୁବନେଶ୍ୱରର କଳାକାରଙ୍କ ଦ୍ୱାରା ମଞ୍ଚସ୍ଥ ନାଟକ 'ଭିନ୍ନ ଏକ ସହଯାତ୍ରୀ'ର ଏକ ଦୃଶ୍ୟ।

## ୱାର୍ଡ ୪ର ସମସ୍ତ ଅଞ୍ଚଳର ବୁଲି ଦେଖିଲେ ବିଧାୟିକା

କଟକ,୨୯।୮(ଶିଳ୍ପା ପ୍ରିୟଦର୍ଶିନୀ)

ବରିଷ୍ଠ କଂଗ୍ରେସ ନେତା ଇଂ. ମହମ୍ମଦ ମୋକିମଙ୍କ ନେତୃତ୍ୱରେ ବାରବାଟୀ-କଟକ ବିଧାୟିକା ସୋଫିଆ ଫିର୍ଦ୍ଦୋସ ସିଏମ୍‌ସି ୱାର୍ଡ ନଂ.୪ ଅଧୀନ ସେକ୍ଟର-୮, ସେକ୍ଟର-୯, ବ୍ୟାଙ୍କ କଲୋନୀ, ସେକ୍ଟର-୯ ବେଲେଶ୍ୱର ମନ୍ଦିର, ମଙ୍ଗଳା ମନ୍ଦିର, ଶିବ ମନ୍ଦିର ଆଦି ବିଭିନ୍ନ ଅଞ୍ଚଳ ଶୁକ୍ରବାର ପରିଦର୍ଶନ କରିଥିଲେ। ସ୍ଥାନୀୟ ବାସିନ୍ଦାଙ୍କ ସହ ୱାର୍ଡର ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରିବା ସହ ୱାର୍ଡରେ ବିଭିନ୍ନ ରାସ୍ତାଘାଟ, ସ୍ୱରେଜ, ପାର୍କ ଆଦି ବୁଲି ଦେଖିଥିଲେ। ଏହାସହ ୱାର୍ଡ ଅଞ୍ଚଳରେ ହୋଇଥିବା ବିଧାୟକ ଉନ୍ନୟନ ପାଣ୍ଠିରୁ ସମସ୍ତ କାର୍ଯ୍ୟ ଉପରେ ବିସ୍ତୃତ ଆଲୋଚନା କରାଯାଇଥିଲା ଏବଂ ଅସମ୍ପୂର୍ଣ୍ଣ କାମ ଗୁଡିକୁ ତୁରନ୍ତ ଶେଷ କରାଯିବ ବୋଲି ବିଧାୟିକା ୱାର୍ଡବାସୀଙ୍କୁ ପ୍ରତିଶ୍ରୁତି ଦେଇଥିଲେ। ସେହିପରି ୱାର୍ଡର ବରିଷ୍ଠ କଂଗ୍ରେସ ନେତୃବୃନ୍ଦମାନେ ୱାର୍ଡର ସଂଗଠନ ବିଷୟରେ ବିସ୍ତୃତ ଭାବେ ଆଲୋଚନା କରିଥିଲେ। ୱାର୍ଡ ଅଞ୍ଚଳରେ ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ ନେତ୍ରୀ ଗିରିବାଳା ବେହେରା, ନେତା ନିତ୍ୟାନନ୍ଦ ରାଉତରାୟ, ବିଚିତ୍ରାନନ୍ଦ ପ୍ରଧାନ, ରମେଶ ବେହେରା, ନିତ୍ୟାନନ୍ଦ ବେଉରିଆ, ଯଦୁନାଥ ବିଶ୍ୱାଳ, ଜ୍ୟୋତି ମହାପାତ୍ର, ରବି ମିଶ୍ର, ହରିବନ୍ଧୁ ମହାନ୍ତି, ମୌସୁମୀ ଘୋଷ ପ୍ରମୁଖ ଉପସ୍ଥିତ ଥିଲେ।

## ଜାତୀୟ କ୍ରୀଡ଼ା ଦିବସରେ ସମୂହ ପଦଯାତ୍ରା

କଟକ,୨୯।୮(କାର୍ତ୍ତିକ ସାହୁ)

ଜାତୀୟ କ୍ରୀଡ଼ା ଦିବସ ଅବସରରେ ଜିଲା ପ୍ରଶାସନ ପକ୍ଷରୁ ସମୂହ ପଦଯାତ୍ରା ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଜବାହରଲାଲ ନେହେରୁ ଇନ୍‌ଡୋର ଷ୍ଟାଡିୟମଠାରୁ ଏହି ପଦଯାତ୍ରା ବାହାରି ବାରବାଟୀ ଦୁର୍ଗ, ଦୟାଶ୍ରମ, କନିକା ଛକ ଦେଇ ଇନ୍‌ଡୋର ଷ୍ଟାଡିୟମଠାରେ ପହଞ୍ଚିଥିଲା। ପଦଯାତ୍ରାରେ ବହୁ କ୍ରୀଡ଼ାବିତ, କ୍ରୀଡ଼ା ଛାତ୍ରାବାସର ଛାତ୍ରୀଛାତ୍ର, ବିଭିନ୍ନ ବିଦ୍ୟାଳୟର କ୍ରୀଡ଼ା ଶିକ୍ଷୟିତ୍ରୀ, ଶିକ୍ଷକ ଓ ଜନସାଧାରଣ ଯୋଗଦେଇଥିଲେ। ଜିଲା କ୍ରୀଡ଼ା ଅଧିକାରୀ ଅଜୟ କୁମାର ବେହେରା, ଓଡ଼ିଶା ଅଲିମ୍ପିକ୍ ଆସୋସିଏଶନ ସାଧାରଣ ସମ୍ପାଦକ ଅଭିଜିତ ପାଲ ପତାକା ଦେଖାଇ ପଦଯାତ୍ରାର ଶୁଭାରମ୍ଭ କରିଥିଲେ। ପୂର୍ବତନ ଜିଲା କ୍ରୀଡ଼ା ଅଧିକାରୀ ରଶ୍ମିରଞ୍ଜନ ସାମନ୍ତରାୟ, ଅତିରିକ୍ତ ଶିକ୍ଷା ଅଧିକାରୀ ଅଭିଜିତା ଭାସ୍କର, କ୍ରୀଡ଼ା ଛାତ୍ରାବାସ ସୁପରିଣ୍ଟେଣ୍ଡେଣ୍ଟ ଗଙ୍ଗାଧର ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ଅପରାହ୍ନରେ ସତ୍ୟବ୍ରତ ଷ୍ଟାଡିୟମଠାରେ କ୍ରୀଡ଼ା ଛାତ୍ରାବାସ ଓ ସ୍ପୋର୍ଟ୍ସ ଅଥରିଟି ଅଫ୍ ଇଣ୍ଡିଆ କ୍ରୀଡ଼ାବିତଙ୍କ ମଧ୍ୟରେ ଏକ ବନ୍ଧୁତ୍ୱପୂର୍ଣ୍ଣ ଫୁଟବଲ ମ୍ୟାଚ ଅନୁଷ୍ଠିତ ହୋଇଥିଲା।



ଜେ.ଏନ୍. ଇନଡୋର ଷ୍ଟାଡିୟମରୁ ବାହାରିଥିବା ଶୋଭାଯାତ୍ରା ଅତିଥିମାନେ ପତାକା ଦେଖାଇ ଉଦ୍‌ଘାଟନ କରୁଛନ୍ତି।

## ଭାଜପା ପ୍ରତିନିଧିମଣ୍ଡଳୀର ବିଭିନ୍ନ ଗଣେଶ ମଣ୍ଡପ ଦର୍ଶନ

ମଙ୍ଗୁଳି-ଜଗତପୁର,୨୯।୮(ମାନସ ସାମଲ)

ଟାଙ୍ଗୀ-ଚୌଦ୍ୱାର ବ୍ଲକ ଅଧୀନ ଗ୍ରାମ ପଞ୍ଚାୟତ ବିଭିନ୍ନ ଗ୍ରାମରେ ଗଣେଶ ପୂଜା ଧୁମଧାମରେ ପାଳିତ ହେଉଛି। ଏହି ଅବସରରେ ଟାଙ୍ଗୀ-ସାଲେପୁର ଭାଜପା ନେତା ହିମାଂଶୁ ମହାନ୍ତିଙ୍କ ପ୍ରତିନିଧି ଶଶିକାନ୍ତ ମହାନ୍ତିଙ୍କ ନେତୃତ୍ୱରେ ଏକ ପ୍ରତିନିଧିମଣ୍ଡଳୀ ଟାଙ୍ଗୀ ଅଞ୍ଚଳର ସମସ୍ତ ମଣ୍ଡପ ଗୁରୁବାର ଦର୍ଶନ କରିଛନ୍ତି। ବିଶେଷ କରି କୁଜିବର, ନଖରା, ଶାଳଗାଁ, ହଳଦୀବସନ୍ତ, ମାଟିଆପଦା, କୁଷପଡ଼ା, ସୁନିଆପଦା, ମଣିଆ ଗ୍ରାମର ଦେଉଳତୁଆ ପୂଜା କମିଟି, ମହାବୀର ଗଣେଶ ପୂଜା କମିଟି, ବନବାଇ କମିଟି, ସିଙ୍ଘମ କ୍ଲବ, ମଙ୍ଗଳା କ୍ଲବ, ୟୁନିଟ କ୍ଲବ, ଷ୍ଟାର କ୍ଲବ ଗଣେଶ କମିଟି, ବ୍ଲାକ ଟାଇଗର କ୍ଲବ, ଏଲେଭେନ କ୍ଲବ, ଦାରୁବ୍ରହ୍ମ ୟୁଥ କ୍ଲବ, ଷ୍ଟାର ଆଣ୍ଡ ଷ୍ଟାର କ୍ଲବର ବିଭିନ୍ନ ମଣ୍ଡପରେ ବଡ ଉଚ୍ଚତା ବିଶିଷ୍ଟ ଶ୍ରୀଗଣେଷ ପ୍ରତିମୂର୍ତ୍ତି ଦେଖିବାକୁ ଦର୍ଶକଙ୍କ ଭିଡ ଜମୁଛି।

## ସାଂସଦ ଖେଳ ମହୋତ୍ସବର ପଞ୍ଜୀକରଣ ଆରମ୍ଭ

କଟକ,୨୯।୮(କାର୍ତ୍ତିକ ସାହୁ)

ସାଂସଦ ଖେଳ ମହୋତ୍ସବ ପାଇଁ କଟକ ଜିଲା ପ୍ରଶାସନ ପକ୍ଷରୁ ପ୍ରସ୍ତୁତି କରାଯାଇଛି। ବିଭିନ୍ନ କ୍ରୀଡ଼ାରେ ଭାଗ ନେବା ନିମନ୍ତେ ଜାତୀୟ କ୍ରୀଡ଼ା ଦିବସରୁ ପଞ୍ଜୀକରଣ ଆରମ୍ଭ ହୋଇଛି। ବିଭିନ୍ନ କଲେଜରେ ଛାତ୍ରୀଛାତ୍ରମାନେ ଅନ୍‌ଲାଇନ ମାଧ୍ୟମରେ ପଞ୍ଜୀକରଣ କରୁଛନ୍ତି। ଶୁକ୍ରବାର ପ୍ରଥମ ଦିନରେ ପ୍ରାୟ ୭୦ଜଣ ବିଭିନ୍ନ ପ୍ରତିଯୋଗିତା ପାଇଁ ପଞ୍ଜୀକରଣ କରିଛନ୍ତି। ପିଲାମାନଙ୍କୁ ଖେଳ ପ୍ରତି ଆକର୍ଷିତ କରାଇବା ସହ ସମସ୍ତଙ୍କ ମଧ୍ୟରେ ଏକ ଖେଳୁଆଡ଼ ମନୋଭାବ ଜାଗ୍ରତ କରାଇବା ଉଦ୍ଦେଶ୍ୟରେ କ୍ରିକେଟ, ଭଲିବଲ, ଫୁଟ୍‌ବଲ, ଖୋଖୋ, କବାଡି, ମାରାଥନ ଓ ପାରମ୍ପରିକ ଖେଳ ସ୍ଥାନ ପାଇଛି। ୧୭ ବର୍ଷରୁ କମ୍ ବାଳକ ଓ ବାଳିକା, ୨୫ବର୍ଷରୁ କମ୍ ମହିଳା ଓ ପୁରୁଷ ଏବଂ ୨୫ବର୍ଷରୁ ଅଧିକ ମହିଳା ଓ ପୁରୁଷ ବିଭିନ୍ନ ବର୍ଗରେ କ୍ରୀଡ଼ାବିତ୍‌ମାନେ ନିଜ ନାମ ପଞ୍ଜୀକରଣ କରୁଛନ୍ତି। କ୍ରୀଡ଼ା ପ୍ରତିଯୋଗିତା ପ୍ରଥମେ ପଞ୍ଚାୟତସ୍ତରୀୟ, ବ୍ଲକସ୍ତରୀୟ ଓ ଶେଷରେ ସଂସଦୀୟ କ୍ଷେତ୍ରସ୍ତରୀୟ ଅନୁଷ୍ଠିତ ହେବ। ସେପ୍ଟେମ୍ବର ୨୮ରୁ ଖେଳ ଆରମ୍ଭ ହୋଇ ଡିସେମ୍ବର ୨୫ ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀଙ୍କ ଜୟନ୍ତୀ ଅବସରରେ ଗ୍ରାଣ୍ଡ ଫାଇନାଲ ଅନୁଷ୍ଠିତ ହେବ।

## ଡ୍ରିମ୍‌ସରେ ଜାତୀୟ କ୍ରୀଡ଼ା ଦିବସ



ଡ୍ରିମ୍‌ସ ୟୁନିଭରସିଟିରେ ଜାତୀୟ କ୍ରୀଡ଼ା ଦିବସ ପାଳନ ଅବସରରେ ଉପସ୍ଥିତ ଅତିଥିବୃନ୍ଦ।

କଟକ,୨୯।୮(କାର୍ତ୍ତିକ ସାହୁ)

ଡ୍ରିମ୍‌ସ ବିଶ୍ୱବିଦ୍ୟାଳୟ ସ୍ପୋର୍ଟ୍ସ କମ୍ପ୍ଲେକ୍ସଠାରେ ଜାତୀୟ କ୍ରୀଡ଼ା ଦିବସ ଶୁକ୍ରବାର ପାଳିତ ହୋଇଯାଇଛି। ମୁଖ୍ୟଅତିଥି ଡ୍ରିମ୍‌ସ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠାତା ଅଧ୍ୟକ୍ଷ ଡ. ପ୍ରମୋଦ ଚନ୍ଦ୍ର ରଥ ମେଜର ଧ୍ୟାନଚାନ୍ଦଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଜଣାଇ କ୍ରୀଡ଼ାର ବିକାଶ କ୍ଷେତ୍ରରେ ଡ୍ରିମ୍‌ସର ଉଲ୍ଲେଖନୀୟ ଯୋଗଦାନ ସମ୍ପର୍କରେ ଉଲ୍ଲେଖ କରିଥିଲେ। କ୍ରୀଡ଼ାରେ ପ୍ରତିଭାବାନ୍ ଛାତ୍ରୀଛାତ୍ରଙ୍କୁ ପ୍ରୋତ୍ସାହିତ କରାଯିବା ଉପରେ ସେ ଗୁରୁତ୍ୱାରୋପ କରିଥିଲେ। ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଡ. ପ୍ରକାଶ କୁମାର ହୋତା ଛାତ୍ରୀଛାତ୍ରମାନେ ନିଜ ପ୍ରତିଭା ପ୍ରଦର୍ଶନ ଜରିଆରେ ଶିକ୍ଷାନୁଷ୍ଠାନର ଗୌରବ ବୃଦ୍ଧି କରିବାକୁ କହିଥିଲେ। ସମ୍ମାନିତ ଅତିଥି ଭାବେ ପ୍ରଶାସନିକ ନିର୍ଦ୍ଦେଶକ ବଳରାମ କର, ନିର୍ଦ୍ଦେଶିକା ଚିନ୍ମୟୀ ରଥ, ପ୍ରଯୋଜକ ଅକ୍ଷୟ ପରିଜା, ଶିଳ୍ପୋଦ୍ୟୋଗୀ ଅଶ୍ୱିନୀ କୁମାର ସାହୁ ଯୋଗଦେଇ ଶାରୀରିକ ଓ ମାନସିକ ସୁସ୍ଥତା ପାଇଁ କ୍ରୀଡ଼ାର ବିଶେଷ ଭୂମିକା ରହିଥିବା କହିଥିଲେ। କ୍ରୀଡ଼ା ନିର୍ଦ୍ଦେଶକ ନବକିଶୋର ମିଶ୍ରଙ୍କ ଅଧ୍ୟକ୍ଷତାରେ ଏନ୍‌ଏସଏସ୍ ଅଧିକାରୀ ପ୍ରାଧ୍ୟାପକ ସୁଶାନ୍ତ କୁମାର ସେଠୀ, ପ୍ରଶାସନିକ ଅଧିକାରୀ ଆଶୁତୋଷ ଦ୍ୱିବେଦୀ, ବିତ୍ତ ଅଧିକାରୀ ପ୍ରସନ୍ନ କୁମାର ସାହୁ, ଲୋକ ସମ୍ପର୍କ ଅଧିକାରୀ ନିରାକାର ସାହୁ ପ୍ରମୁଖ ଯୋଗଦେଇଥିଲେ। ଫୁଟବଲ ପ୍ରଶିକ୍ଷକ ସୁବ୍ରତ କୁମାର ନନ୍ଦୀ ଧନ୍ୟବାଦ ଦେଇଥିଲେ।

## ପ୍ରପତିଜୀଙ୍କ ଜନ୍ମ ଶତବାର୍ଷିକୀ ଆଲୋଚନଚକ୍ର

କଟକ ସଦର,୨୯।୮(ସୁଶାନ୍ତ କୁମାର ଜେନା)

ଶ୍ରୀ ଅରବିନ୍ଦ ଇଣ୍ଟିଗ୍ରାଲ ଏଜୁକେସନ ସେଣ୍ଟର୍ ଘାଟକୁଳ ନେତାଜୀ ନଗର ପରିସରରେ ବିଶିଷ୍ଟ ମାତୃ କର୍ମୀ ପ୍ରଫେସର ଶରତ ଚନ୍ଦ୍ର ମିଶ୍ରଙ୍କ ଅଧ୍ୟକ୍ଷତାରେ ମହାନ ଗବେଷକ କାଙ୍ଗାଳି ଚରଣ ପତି (ପ୍ରପତିଜୀ)ଙ୍କ ଜନ୍ମ ଶତବାର୍ଷିକ ପାଳନରେ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ଶିକ୍ଷାକେନ୍ଦ୍ରର ସମ୍ପାଦକ ବିଶିଷ୍ଟ ଶିକ୍ଷାବିତ ଅମରିଶ ମିଶ୍ର, ଅଧ୍ୟକ୍ଷ ମହେଶ୍ୱର ନନ୍ଦ, ରୀନାରାଣୀ ପୃଷ୍ଟି, ନନ୍ଦକିଶୋର ଆଚାର୍ଯ୍ୟ, ବିଶ୍ୱ ରଞ୍ଜନ ମଲ୍ଲ, ଲୀଳାବତୀ ନାୟକ, ନିରୁପମା ସାହୁ, ନିରୁପମା ବାରିକ, ଜହ୍ନା ଜେନା, ସୌଦାମିନୀ ମିଶ୍ର ଓ ପାୟଲ ପ୍ରିୟଦର୍ଶିନୀ, ବିଦ୍ୟାର୍ଥୀ ଓ ଅଭିଭାବିକା, ଅଭିଭାବକ ପ୍ରମୁଖ ଉପସ୍ଥିତ ଥିଲେ। ସଭାପତି ମିଶ୍ର ଓଡ଼ିଶାରେ ମାତୃ ସଂଗଠନ ଗଠନ କରିବା ସହ ସାରା ରାଜ୍ୟରେ ଶ୍ରୀ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର ଗଠନ ପ୍ରପତିଜୀଙ୍କ ଅବଦାନ ଉପରେ ଆଲୋକପାତ କରିଥିଲେ।

## ପଦ୍ମିନୀ କେୟାରରେ ଡାଏଲିସିସ୍ କେନ୍ଦ୍ର ଲୋକାର୍ପିତ



ପଦ୍ମିନୀ କେୟାର ହସ୍ପିଟାଲରେ ପେରିଟୋନିଆଲ ଡାଏଲିସିସ୍ କେନ୍ଦ୍ରକୁ ଅତିଥିମାନେ ଉଦ୍‌ଘାଟନ କରୁଛନ୍ତି।

କଟକ,୨୯।୮(କାର୍ତ୍ତିକ ସାହୁ)

କିଡ୍‌ନୀ ଅକାମିଜନିତ ଜଟିଳ ସମସ୍ୟାରେ ରୋଗୀର ଜୀବନ ରକ୍ଷା ନିମନ୍ତେ ପେରିଟୋନିଆଲ ଡାଏଲିସିସ୍ କେନ୍ଦ୍ର ଟାଙ୍ଗୀସ୍ଥିତ ପଦ୍ମିନୀ କେୟାର ହସ୍ପିଟାଲରେ ଶୁକ୍ରବାର ଶୁଭାରମ୍ଭ ହୋଇଛି। ମୁଖ୍ୟଅତିଥି ଭାବେ ଡ୍ରିମ୍‌ସ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠାତା ଅଧ୍ୟକ୍ଷ ଡ. ପ୍ରମୋଦ ଚନ୍ଦ୍ର ରଥ ଏହି କେନ୍ଦ୍ର ଲୋକାର୍ପଣ କରି ଗ୍ରାମାଞ୍ଚଳର କିଡ୍‌ନୀ ରୋଗୀ ସୁବିଧାରେ ଏହି ଚିକିତ୍ସା ପାଇପାରିବେ ବୋଲି କହିଥିଲେ। 'ପଦ୍ମିନୀ କେୟାର' ନେଫ୍ରୋଲୋଜି ବିଭାଗର ମୁଖ୍ୟ ଡା. ନବୀନ କୁମାର ମେଡି କହିଲେ, କିଡ୍‌ନୀ ଅକାମୀଜନିତ ସମସ୍ୟାରେ କଷ୍ଟ ଭୋଗୁଥିବା ରୋଗୀର ଜୀବନ ରକ୍ଷା ନିମନ୍ତେ ମୁଖ୍ୟତଃ ଦୁଇ ପ୍ରକାର ପଦ୍ଧତିରେ ଚିକିତ୍ସା କରାଯାଇଥାଏ। ଗୋଟିଏ ହେମୋ ଡାଏଲିସିସ୍ ଓ ଅନ୍ୟଟି ପେରିଟୋନିଆଲ ଡାଏଲିସିସ୍। ପେରିଟୋନିଆଲ ଡାଏଲିସିସ୍ ପଦ୍ଧତି ଅଧିକ ସହଜ ଓ ସ୍ୱଳ୍ପ ବ୍ୟୟସାପେକ୍ଷ। ଏହି ଚିକିତ୍ସା ସେବା ଜଣେ ରୋଗୀ ଘରେ ରହି ଏମିତିକି ଶୋଇବା ଅବସ୍ଥାରେ ମଧ୍ୟ କରାଯାଇପାରେ, ମାତ୍ର ଏ ସଂପର୍କରେ ଅନେକ ଅବଗତ ନୁହନ୍ତି। ସୁତରାଂ ଏଥିପାଇଁ ସଚେତନତାର ଆବଶ୍ୟକତା ରହିଛି। ପଦ୍ମିନୀ କେୟାରରେ ଏହି ଚିକିତ୍ସା ସୁବିଧା ଉପଲବ୍ଧ ଦ୍ୱାରା ଲୋକେ ଉପକୃତ ହେବେ ବୋଲି ସେ କହିଥିଲେ। ଡ୍ରିମ୍‌ସ ଇନ୍‌ଷ୍ଟିଚ୍ୟୁଟ୍ ଅଫ ହେଲଥ୍ ସାଇନ୍ସ ଓ ହସ୍ପିଟାଲର ଡିନ୍ ପ୍ରଫେସର ଡା. ବିରଞ୍ଚି ନାରାୟଣ ମହାପାତ୍ର, ପ୍ରଫେସର ଡା. ଶିଶୁ ଶଙ୍କର ମିଶ୍ର, ପ୍ରଫେସର ଡା. ମନ୍ମଥ କୁମାର ମଣ୍ଡଳ, ପ୍ରଫେସର ଡା.ନିରୁପମା ଚୟନୀ, ଡା. ଆଶାରାମ ପଣ୍ଡା. ଡା. ଗାୟତ୍ରୀ ଦାସ, ଡା. ସରୋଜ ମହାନ୍ତି, ଡା. ଦୀପକ କୁମାର ସ୍ୱାଇଁ ମତ ବିନିମୟ କରିଥିଲେ। ନେଫ୍ରୋଲୋଜି ବିଭାର ସହକାରୀ ପ୍ରାଧ୍ୟାପକ ଡା. ସୁଜିତ୍ ନନ୍ଦ ଧନ୍ୟବାଦ ଦେଇଥିଲେ।

## କଳପଡ଼ା ବଜାରରେ ଗଣେଶ ପୂଜା ଆସର

କଟକ ସଦର,୨୯।୮(ସୁଶାନ୍ତ କୁମାର ଜେନା)

୪୨ ମୌଜା ଅନ୍ତର୍ଗତ କଳପଡ଼ା ବଜାର କମିଟି ଓ କଦମ୍ବେଶ୍ୱର୍ ପୂଜା କମିଟି ଆନୁକୂଲ୍ୟରେ ଶୁକ୍ରବାର ଗଣେଶ ପୂଜା ଆସର ଆୟୋଜନ କରାଯାଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ ୟୁନିୟନ ଫର୍ କଟକ ସଦର ଡେଭଲପମେଣ୍ଟ ସଭାପତି ମନୋଜ କୁମାର ନାୟକ, ଅନ୍ୟତମ ଅତିଥି ଭାବେ କଦମ୍ବେଶ୍ୱର ପୂଜା କମିଟି ସଭାପତି ରାଜକିଶୋର ପତି, ସମ୍ପାଦକ ରବୀନ୍ଦ୍ର ସାହୁ, ବଜାର କମିଟି ସଭାପତି ପ୍ରଦୀପ ରଞ୍ଜନ ମୁଦୁଲି, ସମ୍ପାଦକ ତପନ କୁମାର ପରିଡ଼ା, କୋଷାଧ୍ୟକ୍ଷ ଜଗନ୍ନାଥ ସ୍ୱାଇଁଙ୍କ ସମେତ ବଜାରର ସମସ୍ତ ବ୍ୟବସାୟୀ ଯୋଗଦେଇଥିଲେ। ପୂଜା ଆସର ଉପରେ ବିଶେଷ କରି ଆଲୋଚନା କରାଯାଇଥିଲା। ୨୦୨୩ରେ କଳପଡ଼ା ବଜାର ଭାଙ୍ଗିବା ସମୟରେ ସରକାର ଗଣେଶ ମଣ୍ଡପ ନିର୍ମାଣ ପାଇଁ ୪ ଲକ୍ଷ ଓ ଉଠା ବ୍ୟବସାୟୀଙ୍କ ପାଇଁ ପିଣ୍ଡି ନିର୍ମାଣ କରିବାକୁ ୧୦ ଲକ୍ଷ ଟଙ୍କା ପ୍ରଦାନ କରିଛନ୍ତି ବୋଲି ମୁଖ୍ୟଅତିଥି ନାୟକ କହିଛନ୍ତି। ବର୍ତ୍ତମାନ ରାଜ୍ୟ ସଭା ସଦସ୍ୟ ଦେବାଶିଷ ସାମନ୍ତରାୟଙ୍କ ଆଞ୍ଚଳିକ ଉନ୍ନୟନ ପାଣ୍ଠିରେ ଏକ ମାର୍କେଟ କମ୍ପ୍ଲେକ୍ସ ନିର୍ମାଣ ପାଇଁ ସହାୟତାର ବ୍ୟବସ୍ଥା କରିବି ବୋଲି ମୁଖ୍ୟଅତିଥି ନାୟକ ଆଶାସନା ଦେଇଛନ୍ତି। ଶେଷରେ ବଜାର କମିଟି ସମ୍ପାଦକ ପରିଡ଼ା ଧନ୍ୟବାଦ ଅର୍ପଣ କରିଥିଲେ। ମଞ୍ଚ ପରିଚାଳନା ଦିଲୀପ କୁମାର ନାୟକ କରିଥିବା ବେଳେ ବିଜୟ କୁମାର ନାୟକ, ସୁନୀଲ ମୁଦୁଲିଙ୍କ ସହ ଅତିଥିମାନେ ଗଣେଶ ପୂଜା ମଣ୍ଡପ ବୁଲିଥିଲେ।



ଗଣେଶ ପୂଜା ଆସର କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

## ମରାମତି ହେଲା ୫୫ ନଂ. ଜାତୀୟ ରାଜପଥ

ମଙ୍ଗୁଳି-ଜଗତପୁର,୨୯।୮(ମାନସ ସାମଲ)

ଧରିତ୍ରୀ ପ୍ରଭାବ

ମଙ୍ଗୁଳି-ଠାରୁ ଧୁମାବତୀ ପର୍ଯ୍ୟନ୍ତ ୫୫ନମ୍ବର ଜାତୀୟ ରାଜପଥ ମରାମତି ଅଭାବରୁ ରାସ୍ତାର ଅଧିକାଂଶ ବଡ ବଡ ଗର୍ତ୍ତ ସୃଷ୍ଟି ହେବା ସହ ପାଣି ଜମି ରହୁଥିଲା। ଫଳରେ ବାଇକ୍ ଆରୋହୀ ଓ ପଥଚାରୀମାନେ ପଡି ଆହତ ହେଉଥିଲେ। ଏ ନେଇ ବିଭାଗୀୟ କର୍ତ୍ତୃପକ୍ଷଙ୍କ ନିକଟରେ ଅଭିଯୋଗ ହୋଇଥିଲେ ମଧ୍ୟ ରାସ୍ତାରେ କେବଳ କୋଇଲା ଛାଇ ପକାଇ ଦିଆଯାଉଥିଲା। ଫଳରେ ଅସରାଏ ବର୍ଷା ହେଲେ କୋଇଲା ଛାଇ ଧୋଇ ହୋଇ ପୁଣି ବଡ ବଡ ଗର୍ତ୍ତ ସୃଷ୍ଟି ହୋଇ ଲୋକ ସମସ୍ୟାକୁ ଦୁଇଗୁଣିତ କରୁଥିଲା। ଏହାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଅସନ୍ତୋଷ ପ୍ରକାଶ ପାଇଥିଲା। ଏ ସମ୍ପର୍କରେ '୫୫ ନଂ. ଜାତୀୟ ରାଜପଥ: ବର୍ଷାରେ ସ୍ଥିତି ବେହାଲ' ଶୀର୍ଷକ ଖବର ପ୍ରକାଶ ପାଇଥିଲା। ଖବର ପ୍ରକାଶକୁ ୪୮ଘଣ୍ଟା ନ ପୁରୁଣୁ ଜାତୀୟ ରାଜପଥ ପ୍ରାଧିକରଣ ତତ୍ପରତା ପ୍ରକାଶ ପାଇଥିଲା। ଚୌଦାର ଗାନ୍ଧିଛକ ଓ ଧୁମାବତୀ ବିହାର ସ୍ଥିତ ଷ୍ଟେଟ ବ୍ୟାଙ୍କ ସମ୍ମୁଖରେ ପାଣି ଜମି ରହୁଥିବା ସ୍ଥାନରେ ଜେସିପି ସହାୟତାରେ ଖୋଳି ହୋମ ପାଇପ ପକାଇ ତୁରନ୍ତ ପାଣି ନିଷ୍କାସନ ବ୍ୟବସ୍ଥା କରିଥିଲା। ଲଗାଣ ବର୍ଷା ପାଇଁ ଗର୍ତ୍ତଗୁଡିକୁ ସ୍ଥାୟୀ ମରାମତି ଅସୁବିଧା ଉପୁଜିବାରୁ ଅସ୍ଥାୟୀ ଭାବେ ପୋତି ଦିଆଯାଇଥିଲା। ଏ ନେଇ କର୍ତ୍ତୃପକ୍ଷଙ୍କୁ ପଚରିବାରୁ ଖରା ପାଗ ହେଲେ ସ୍ଥାୟୀ ମରାମତି କରାଯିବ ବୋଲି ଧରିତ୍ରୀ ପ୍ରତିନିଧିଙ୍କୁ ସୂଚନା ଦେଇଥିଲେ। ଠିକା ସଂସ୍ଥା ଗୁରୁବାର ଖରାପାଗ ହେବାରୁ ସମସ୍ତ ଗର୍ତ୍ତ ସ୍ଥାୟୀ ମରାମତି କରାଯାଇଥିବା ଦେଖିବାକୁ ମିଳିଛି। ଫଳରେ ଯାତାୟାତ ଉପଯୋଗୀ ହେବା ପରେ ଗାଡ଼ି ଚାଳକଙ୍କ ସମେତ ପଥଚାରୀ ଆଶ୍ୱସ୍ତ ଅନୁଭବ କରିଛନ୍ତି।





ରାସ୍ତା ମରାମତି କରାଯାଇ ଜଳ ନିଷ୍କାସନ କରାଯାଉଛି।

## ସେଲ୍ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି

metroselfie@gmail.com



@ ରଞ୍ଜନ



@ ବିଷ୍ଣୁପ୍ରିୟା



@ ପ୍ରମିଳା



@ ହିମାଂଶୁ



@ ଲିଙ୍ଗରାଜ



@ ଶ୍ରୀକାନ୍ତ

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ରାଜ୍ୟରେ ସ୍କୁଲ ଡ୍ରପ୍ ଆଉଟ୍ ହାର ବଢ଼ିଛି

### ୟୁ-ଡାଇସ୍ ରିପୋର୍ଟ ୨୦୨୪-୨୫ ପ୍ରକାଶିତ

- ନାମଲେଖା ହାର ବଢ଼ିଥିଲେ ମଧ୍ୟ ଉପସ୍ଥାନ କମିଛି
- ଛାତ୍ର-ଶିକ୍ଷକ ଅନୁପାତରେ ଓଡ଼ିଶା ଜାତୀୟ ହାରଠାରୁ ଆଗରେ

ଭୁବନେଶ୍ୱର,୨୯।୮(ସୁଚିସ୍ମିତା ସାହୁ)



ରାଜ୍ୟରେ ସ୍କୁଲ ଡ୍ରପ୍ ଆଉଟ୍‌କୁ ନେଇ ପୁଣି ଚିନ୍ତା ବଢ଼ିଛି। ପିଲାଙ୍କ ମନରେ ସ୍କୁଲ ପ୍ରତି ଆଗ୍ରହ ସୃଷ୍ଟି କରିବା ସହ ଶ୍ରେଣୀଗୃହରେ ଉପସ୍ଥାନ ବୃଦ୍ଧି ଲାଗି ରାଜ୍ୟ ସରକାରଙ୍କ ପକ୍ଷରୁ ବ୍ୟାପକ ପଦକ୍ଷେପ ନିଆଯାଉଛି। ବହୁ ଯୋଜନା, ବ୍ୟବସ୍ଥା ଓ ସହାୟତା ଦିଆଯାଉଥିଲେ ମଧ୍ୟ କୌଣସି ସୁଫଳ ମିଳିପାରୁ ନାହିଁ। ଫଳସ୍ୱରୂପ ୨୦୨୪-୨୫ ଶିକ୍ଷା ବର୍ଷରେ ତୃତୀୟରୁ ଦ୍ୱାଦଶ ଶ୍ରେଣୀରେ ପିଲାମାନେ ପାଠପଢ଼ା ଛାଡୁଥିବା ବା ଡ୍ରପ୍ ଆଉଟ୍ ହାର ବୃଦ୍ଧି ପାଇଥିବା ଗୁରୁବାର ଶିକ୍ଷା ମନ୍ତ୍ରଣାଳୟ ଦ୍ୱାରା ପ୍ରକାଶିତ ୟୁନିଫାଏଡ୍ ଡିଷ୍ଟ୍ରିକ୍ଟ ଇନ୍‌ଫର୍ମେଶନ ଫର୍ ଏଡୁକେଶନ ପ୍ଲସ୍ (ୟୁ-ଡାଇସ୍) ୨୦୨୪-୨୫ ରିପୋର୍ଟରୁ ଜଣାପଡିଛି।

ଉକ୍ତ ରିପୋର୍ଟ ଅନୁସାରେ, ୨୦୨୩-୨୪ ଶିକ୍ଷା ବର୍ଷରେ ମାଧ୍ୟମିକସ୍ତର(ନବମରୁ ଦ୍ୱାଦଶ ଶ୍ରେଣୀ)ରେ ଡ୍ରପ୍‌ଆଉଟ୍ ହାର ୯.୧ପ୍ରତିଶତ ଥିବା ବେଳେ ମଧ୍ୟମସ୍ତର(ଷଷ୍ଠରୁ ଅଷ୍ଟମଶ୍ରେଣୀ)ରେ ୨ପ୍ରତିଶତ ଏବଂ ପ୍ରସ୍ତୁତିସ୍ତର(ତୃତୀୟରୁ ପଞ୍ଚମ ଶ୍ରେଣୀ)ରେ ୦.୫ ପ୍ରତିଶତ ରହିଥିଲା। ହେଲେ ୨୦୨୪-୨୫ ଶିକ୍ଷାବର୍ଷରେ ଏହି ହାର ମାଧ୍ୟମିକସ୍ତରରେ ୯.୮ ପ୍ରତିଶତକୁ ବୃଦ୍ଧି ପାଇଥିବାବେଳେ ମଧ୍ୟମସ୍ତରରେ ୩.୨ ପ୍ରତିଶତ ଏବଂ ପ୍ରସ୍ତୁତିସ୍ତରରେ ୧.୪ ପ୍ରତିଶତକୁ ବୃଦ୍ଧି ପାଇଛି।

ସବୁଠାରୁ ଉଦ୍‌ବେଗର ବିଷୟ ହେଉଛି, ରାଜ୍ୟ ସରକାରଙ୍କ ପଦକ୍ଷେପ ଦ୍ୱାରା ସ୍କୁଲରେ ନାମଲେଖା ହାର ବଢ଼ିଥିଲେ ମଧ୍ୟ ଉପସ୍ଥାନ ଓ ଡ୍ରପ୍‌ଆଉଟ୍ ବୃଦ୍ଧି ପାଇଛି। ନାମଲେଖା ହାର ମଧ୍ୟମସ୍ତରରେ ୮୭.୮ ପ୍ରତିଶତରୁ ୯୨.୪ ପ୍ରତିଶତ ଏବଂ ମାଧ୍ୟମିକ ସ୍ତରରେ ୪୮.୩ ପ୍ରତିଶତକୁ ୫୩.୧ପ୍ରତିଶତକୁ ବୃଦ୍ଧି ପାଇଛି। ସେହିପରି ପ୍ରସ୍ତୁତିସ୍ତରରେ ଉଭୟ ଶିକ୍ଷା ଅଧିବେଶନରେ ନାମଲେଖା ହାର ୧୦୦ ପ୍ରତିଶତ ରହିଛି। ହେଲେ ପିଲାମାନେ ସ୍କୁଲ କାହିଁକି ଯାଉନାହାନ୍ତି ଓ ଅଧାରୁ କାହିଁକି ପାଠ ଛାଡୁଛନ୍ତି ତାହାକୁ ନେଇ ଶିକ୍ଷାବିତ୍‌ମାନେ ଚିନ୍ତାବ୍ୟକ୍ତ କରିଛନ୍ତି।

ଅନ୍ୟପକ୍ଷରେ ଜାତୀୟ ହାର ତୁଳନାରେ ଓଡ଼ିଶାରେ ଛାତ୍ର-ଶିକ୍ଷକ ଅନୁପାତ ଆଗରେ ରହିଛି। ରାଜ୍ୟରେ ମୋଟ୍ ୭୬ଲକ୍ଷ ୪୪ହଜାର ୫୨ଜଣ ପିଲା ପାଠ ପଢୁଥିବାବେଳେ ୩ଲକ୍ଷ ୪୪ହଜାର ୧୧୬ଜଣ ଶିକ୍ଷକ ପାଠ ପଢ଼ାଉଛନ୍ତି। ଅର୍ଥାତ୍ ପ୍ରତି ୨୨ଜଣ ଛାତ୍ରୀଛାତ୍ରଙ୍କୁ ଜଣେ ଶିକ୍ଷକ ଶିକ୍ଷାଦାନ କରୁଛନ୍ତି। ଜାତୀୟସ୍ତରରେ ୨୪ଜଣ ପିଲାଙ୍କ ପାଇଁ ଜଣେ ଶିକ୍ଷକ ରହିଛନ୍ତି। ଅନ୍ୟ ରାଜ୍ୟଗୁଡିକ ଅପେକ୍ଷା ଓଡ଼ିଶା ଏହି କ୍ଷେତ୍ରରେ ଆଗରେ ରହିଥିବା ଉକ୍ତ ରିପୋର୍ଟରେ ଉଲ୍ଲେଖ କରାଯାଇଛି।

## ୩ରେ ଶ୍ରୀମନ୍ଦିର ପରିଚାଳନା କମିଟି ବୈଠକ

ପୁରୀ,୨୯।୮(ଅଜିତ କୁମାର ମହାନ୍ତି)

ଆସନ୍ତା ୩ ତାରିଖରେ ଶ୍ରୀମନ୍ଦିର ପରିଚାଳନା କମିଟି ବୈଠକ ଗଜପତି ମହାରାଜା ଦିବ୍ୟସିଂହ ଦେବଙ୍କ ଅଧ୍ୟକ୍ଷତାରେ ନୀଳାଦ୍ରି ଭକ୍ତନିବାସ ଠାରେ ଅନୁଷ୍ଠିତ ହେବ ବୋଲି ଶୁକ୍ରବାର ଶ୍ରୀମନ୍ଦିର କାର୍ଯ୍ୟାଳୟ ସୂତ୍ରରୁ ସୂଚନା ମିଳିଛି। ନୂତନ କମିଟିର ଏହା ପ୍ରଥମ ବୈଠକ। ବୈଠକରେ ନୂତନ ସବ୍‌କମିଟି ଗଠନ ହେବ। ଶ୍ରୀମନ୍ଦିରରେ ଧାଡ଼ି ଦର୍ଶନ ବ୍ୟବସ୍ଥା, ରତ୍ନଭଣ୍ଡାର ଗଣତି, ମଣତି ସହ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ଆଲୋଚନା ହେବ। ଗତ ମେ ୨୬ ତାରିଖରେ ଅନୁଷ୍ଠିତ ହୋଇଥିବା ଶ୍ରୀମନ୍ଦିର ପରିଚାଳନା କମିଟିର ଉଚ୍ଚସ୍ତରୀୟ ପ୍ରଶାସନିକ ବୈଠକର ବିବରଣୀକୁ ଦୃଢ଼ୀକରଣ କରାଯିବ। ଅନ୍ୟପଟେ ସେପ୍ଟେମ୍ବର ୨ ତାରିଖରେ ଛତିଶା ନିଯୋଗ ବୈଠକ ଅନୁଷ୍ଠିତ ହେବ। ପରଦିନ ଅର୍ଥାତ ୩ ତାରିଖରେ ଚନ୍ଦ୍ର ଗ୍ରହଣ ନୀତିନିର୍ଘଣ୍ଟକୁ ମୋହର ମାରିବ ନୂତନ ପରିଚାଳନା କମିଟି।

## ନାବାଳିକା ଯୌନ ନିର୍ଯାତନା ମାମଲା: ଅଭିଯୁକ୍ତଙ୍କୁ ୪ବର୍ଷ କାରାଦଣ୍ଡ

କଟକ,୨୯।୮(କାର୍ତ୍ତିକ ସାହୁ)

ଜଣେ ୧୬ବର୍ଷୀୟା ନାବାଳିକାକୁ ଯୌନ ନିର୍ଯାତନା ଦେବା ମାମଲାର କଟକର ସ୍ୱତନ୍ତ୍ର ପୋକ୍‌ସୋ କୋର୍ଟ ଶୁକ୍ରବାର ରାୟ ପ୍ରକାଶ କରି ଅଭିଯୁକ୍ତଙ୍କୁ ୪ବର୍ଷ ସଶ୍ରମ କାରାଦଣ୍ଡାଦେଶ ପ୍ରଦାନ କରିଛନ୍ତି। ଏଥିସହ ଅଭିଯୁକ୍ତ ୩୦ ହଜାର ଟଙ୍କା ଜରିମାନା ଦାଖଲ କରିବାକୁ କୋର୍ଟ ଆଦେଶ ଦେଇଛନ୍ତି। ଜରିମାନା ଅନାଦାୟେ ଅଧିକ ୩ ମାସ ସଶ୍ରମ କାରାଦଣ୍ଡ ଭୋଗିବାକୁ ପଡ଼ିବ ବୋଲି କୋର୍ଟ ରାୟରେ ଉଲ୍ଲେଖ କରିଛନ୍ତି। ଅଭିଯୁକ୍ତ ହେଲେ ଆଠଗଡ଼ ସଠିଲୋ ଅଞ୍ଚଳର ମନମୋହନ ନାୟକ (୩୭)। ମାମଲାର ବିବରଣୀ ଅନୁଯାୟୀ ୨୦୨୫ ମେ' ୧୮ରେ ନାବାଳିକା ଜଣକ ନିକଟସ୍ଥ କେନାଲକୁ ଗାଧୋଇବାକୁ ଯାଇଥିବା ବେଳେ ମନମୋହନ ତାଙ୍କୁ ଯୌନ ନିର୍ଯାତନା ଦେବା ସହ ବଳାତ୍କାର ଉଦ୍ୟମ କରିଥିଲେ। ପୀଡ଼ିତା ଘରକୁ ଫେରି ମା'ଙ୍କୁ ଘଟଣା ସମ୍ପର୍କରେ ଜଣାଇଥିଲେ। ପରିବାର ପକ୍ଷରୁ ସେହିଦିନ ଆଠଗଡ଼ ଥାନାରେ ଏତଲା ଦିଆଯାଇଥିଲା। ପୋଲିସ ମାମଲା ରୁଜୁ କରି ତାଙ୍କୁ ଗିରଫ କରିଥିଲା। କୋର୍ଟରେ ମାମଲାର ଶୁଣାଣି ଶେଷ ପରେ ପୀଡ଼ିତାଙ୍କ ବୟାନ ଓ ସମସ୍ତ ପ୍ରମାଣିକ ତଥ୍ୟ ଆଧାରରେ କୋର୍ଟ ରାୟ ପ୍ରଦାନ କରିଛନ୍ତି। ରାଜ୍ୟ ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପବ୍ଲିକ୍ ପ୍ରସିକ୍ୟୁଟର୍ ରମେଶ ଚନ୍ଦ୍ର ମହାନ୍ତି ମାମଲା ପରିଚାଳନା କରୁଥିଲେ।

## ମହାପ୍ରଭୁଙ୍କୁ ଦର୍ଶନ କଲେ ଲୋକ ସଭା ବାଚସ୍ପତି



ଲୋକସଭା ବାଚସ୍ପତି ଓମ୍ ପ୍ରକାଶ ବିର୍ଲା ଶୁକ୍ରବାର ମହାପ୍ରଭୁଙ୍କୁ ଦର୍ଶନ ସାରି ଶ୍ରୀମନ୍ଦିରରୁ ବାହାରୁଛନ୍ତି।

ପୁରୀ,୨୯।୮(ଅଜିତ୍ କୁମାର ମହାନ୍ତି)

### ସଂସଦ ପରିସରରେ ତିନି ରଥର ଚକ ସ୍ଥାନ ପାଇବ: ଓମ୍ ବିର୍ଲା

ଲୋକସଭା ବାଚସ୍ପତି ଓମ୍ ପ୍ରକାଶ ବିର୍ଲା ଶୁକ୍ରବାର ପୁରୀ ଗସ୍ତରେ ଆସି ମହାପ୍ରଭୁଙ୍କୁ ଦର୍ଶନ କରି ଆଶିଷ ଲାଭ କରିଛନ୍ତି। ବାଚସ୍ପତି ସିଂହଦ୍ୱାର ନିକଟରେ ପହଞ୍ଚିବା କ୍ଷଣି ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡ. ଅରବିନ୍ଦ ପାଢ଼ୀ, ଜିଲାପାଳ ଦିବ୍ୟଜ୍ୟୋତି ପରିଡ଼ା ଓ ଏସ୍‌ପି ପ୍ରତୀକ ସିଂ ପ୍ରମୁଖ ସ୍ୱାଗତ କରିଥିଲେ। ମହାପ୍ରଭୁଙ୍କ ଲାଗି ଖଣ୍ଡୁଆ ମଧ୍ୟ ପ୍ରଦାନ କରାଯାଇଥିଲା। ପରେ ଲୋକସଭା ବାଚସ୍ପତି ଓମ୍ ପ୍ରକାଶ ବିର୍ଲା ଓ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ପ୍ରଥମେ ଅରୁଣ ସ୍ତମ୍ଭ ନିକଟରେ ପ୍ରଣିପାତ, ପତିତପାବନ ଦର୍ଶନ କରିବା ପରେ ମହାପ୍ରଭୁଙ୍କୁ ଦର୍ଶନ କରିଥିଲେ। ସେମାନେ ବେଢ଼ା ପରିକ୍ରମା କରି ମା'ମଙ୍ଗଳା, ମା'ବିମଳା ଓ ମା' ମହାଲକ୍ଷ୍ମୀଙ୍କୁ ଦର୍ଶନ କରିଥିଲେ। ପରେ ମହାପ୍ରସାଦ ସେବନ କରି ଶ୍ରୀମନ୍ଦିର ପରିସରରେ କିଛି ସମୟ ଅତିବାହିତ କରି ଶ୍ରୀମନ୍ଦିରରୁ ପ୍ରସ୍ଥାନ କରିଥିଲେ। ବାଚସ୍ପତି ବିର୍ଲା ମହାପ୍ରଭଙ୍କୁ ଦର୍ଶନ କରି ବେଶ୍ ଖୁସି ଓ ଆନନ୍ଦିତ ଥିବା କହିଛନ୍ତି। ଏହି ଅବସରରେ ପୁରୀ ଏମ୍‌ପି ସମ୍ବିତ ପାତ୍ର, ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗ, ପଞ୍ଚାୟତିରାଜ ମନ୍ତ୍ରୀ ରବିନାରାୟଣ ନାୟକ, ରାଜ୍ୟସଭା ସଦସ୍ୟ ଶୁଭାଶିଷ ଖୁଣ୍ଟିଆ ପ୍ରମୁଖ ଉପସ୍ଥିତ ଥିଲେ। ଭାରତୀୟ ସଂସଦ ପରିସରରେ ତିନିରଥର ଚକ ସ୍ଥାନ ପାଇବା ନେଇ ମୁଖ୍ୟ ପ୍ରଶାସକ ପ୍ରସ୍ତାବ ଦେଇଥିବା ବେଳେ ବାଚସ୍ପତି ଆଗ୍ରହ ପ୍ରକାଶ କରିଥିବା ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସୂଚନା ମିଳିଛି।

## ଦେବୀ ନଦୀ ମୁହାଣକୁ ଫେରିବ ହେନ୍ତାଳବଣ

ଅସ୍ତରଙ୍ଗ,୨୯।୮(ପ୍ରଦୀପ କୁମାର ଦୀକ୍ଷିତ)

### ଜନସହଭାଗିତାରେ ୧୦ ହେକ୍ଟର ହେନ୍ତାଳ ବନ ସୃଷ୍ଟି ଲକ୍ଷ୍ୟ

ପୁରୀ ଜିଲାର ଦେବୀ ନଦୀ ମୁହାଣରେ ବିଲୁପ୍ତ ହୋଇଥିବା ହେନ୍ତାଳ ବନ ପୁନର୍ଜୀବିତ କରିବାକୁ ଉପକୂଳବାସୀ ଅଣ୍ଟା ଭିଡ଼ିଛନ୍ତି। ପ୍ରଶାସନ ପକ୍ଷରୁ କାର୍ଯ୍ୟକ୍ରମ ତ୍ୱରାନ୍ୱିତ ନ ହେବାରୁ ଉପକୂଳବାସୀଙ୍କ ସହଭାଗିତାରେ ଓଡ଼ିଶା ପର୍ଯ୍ୟାବରଣ ସଂରକ୍ଷଣ ଅଭିଯାନ ଟ୍ରଷ୍ଟ, ସବୁଜ ଶାଖା ଅସ୍ତରଙ୍ଗ, 'ଧରିତ୍ରୀ' ଏବଂ 'ଓଡ଼ିଶା ପୋଷ୍ଟ' ସହଯୋଗରେ ଆଳସାହି ପଞ୍ଚାୟତ ଅଧୀନସ୍ଥ ଆର୍ଦ୍ରଭୂମି ଅଞ୍ଚଳରେ ଏହି କାର୍ଯ୍ୟକ୍ରମ ଆରମ୍ଭ କରାଯାଇଛି। ରାଜନଗର ବନ୍ୟପ୍ରାଣୀ ବନଖଣ୍ଡ ବନ ବିଭାଗ ସହଯୋଗରେ ସଂଗୃହୀତ ହେନ୍ତାଳ ମଞ୍ଜିରୁ ଚାରା ପ୍ରସ୍ତୁତ କରାଯାଇ ସ୍ଥାନୀୟ ଚାରା ଉତ୍ପାଦନ କେନ୍ଦ୍ରରେ ରୋପଣ ପାଇଁ ପ୍ରସ୍ତୁତ କରାଯାଇଛି। ଓଡ଼ିଶା ପର୍ଯ୍ୟାବରଣ ସଂରକ୍ଷଣ ଅଭିଯାନ ଟ୍ରଷ୍ଟର ପରିଚାଳନା ଟ୍ରଷ୍ଟି ସୌମ୍ୟରଞ୍ଜନ ବିଶ୍ୱାଳ କହିଛନ୍ତି, 'ପ୍ରଶାସନିକ ପ୍ରତିଶ୍ରୁତି କାର୍ଯ୍ୟକାରୀ ନ ହେବାରୁ ଆମେ ସ୍ଥାନୀୟ ଲୋକଙ୍କ ସହଯୋଗରେ ଏହି କାର୍ଯ୍ୟ ଆରମ୍ଭ କରିଛୁ। ଆଗାମୀ ଦିନରେ 'ଏକ ମିଲିୟନ ଲୁଣା ଜଙ୍ଗଲ ଚାରାରୋପଣ' ଅଭିଯାନ ମାଧ୍ୟମରେ ପୁରୀ ଜିଲାର ବିଭିନ୍ନ ଉପକୂଳ ପଞ୍ଚାୟତରେ ମୋଟ ୧୦ ହେକ୍ଟର ଜମିରେ ହେନ୍ତାଳ ବନ ସୃଷ୍ଟି କରାଯିବ। ଫଳରେ ଅଞ୍ଚଳର ଜୈବ ବିବିଧତା ଗୁରୁତ୍ୱ ବୃଦ୍ଧି ପାଇବ। ଏହି କାର୍ଯ୍ୟକ୍ରମରେ ସବୁଜ ଶାଖା ସଭାପତି ରମାକାନ୍ତ ବସ୍ତିଆ, ସଦସ୍ୟ ଅଭୟ କୁମାର ନାୟକ, ଦୀପଙ୍କର ଛାଟୋଇ, ମତ୍ସ୍ୟଜୀବୀ ପୂର୍ଣ୍ଣଚନ୍ଦ୍ର କାଣ୍ଡି, ସୁମନ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।



ଆଳସାହି ପଞ୍ଚାୟତ ଅଧୀନ ଆର୍ଦ୍ରଭୂମି ଅଞ୍ଚଳରେ ହେନ୍ତାଳ ଚାରା ରୋପଣ କରାଯାଉଛି।

## ବିଚ୍ଛିନ୍ନାଞ୍ଚଳର ଭାଷା, ସାହିତ୍ୟ, ସଂସ୍କୃତି ଏବେ ବି ବିପର୍ଯ୍ୟସ୍ତ

### ମୁକ୍ତ ଚିନ୍ତନମଞ୍ଚ ଓ ଭାରତୀୟ ବିଦ୍ୟାଭବନର ଆଲୋଚନାଚକ୍ର

ଭୁବନେଶ୍ୱର, ୨୯।୮(ସୌମ୍ୟରଞ୍ଜନ ରାଉତ)

ରାଜନୈତିକ ଇଚ୍ଛାଶକ୍ତି, ଆନ୍ତରିକତା ଅଭାବ ପାଇଁ ବିଚ୍ଛିନ୍ନାଞ୍ଚଳର ଭାଷା, ସାହିତ୍ୟ, ସଂସ୍କୃତି ବିପର୍ଯ୍ୟସ୍ତ ରହିଛି। ଏଥିପାଇଁ ଜନ ସଚେତନତା ସୃଷ୍ଟି କରି ସରକାରଙ୍କ ଉପରେ ଚାପ ପ୍ରୟୋଗ କରିବା ସହ ସମସ୍ତ ସଚେତନ ଜନସାଧାରଣ ନିଷ୍ଠାର ସହ କର୍ତ୍ତବ୍ୟ ପାଳନ କଲେ ଅନେକ ସମସ୍ୟା ଦୂର ହୋଇପାରିବ ବୋଲି ଅତିଥିମାନେ ମତ ପ୍ରକାଶ କରିଛନ୍ତି। ମୁକ୍ତ ଚିନ୍ତନ ମଞ୍ଚ ଓ ଭାରତୀୟ ବିଦ୍ୟାଭବନର ମିଳିତ ଆନୁକୂଲ୍ୟରେ ଶୁକ୍ରବାର ପଦ୍ମଶ୍ରୀ ପ୍ରଫେସର ଡା. ଅଶୋକ କୁମାର ମହାପାତ୍ରଙ୍କ ସଭାପତିତ୍ୱରେ ମାସିକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଅତିଥି ଭାବେ ପୂର୍ଣ୍ଣାଙ୍ଗ ଉତ୍କଳ ଉନ୍ନୟନ ନ୍ୟାସୀ ମଣ୍ଡଳର ସାଧାରଣ ସମ୍ପାଦକ ପର୍ଶୁରାମ ଦ୍ୱୀବେଦୀ, ସାହିତ୍ୟିକ ଡ଼. ଅଲେଖ ଚନ୍ଦ୍ର ପଢିଆରୀ, ଅଦ୍ୱୈତ ପ୍ରସାଦ ପାତ୍ର, ସୀତାବଲ୍ଲଭ ମହାପାତ୍ର, ମହେନ୍ଦ୍ର କୁମାର ମଲ୍ଲିକ ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ମିନତି ଷଡଙ୍ଗୀଙ୍କ ରଚିତ ପୁସ୍ତକ 'ଭକ୍ତି ସୁରଧୁନି' ଉନ୍ମୋଚିତ ହୋଇଥିଲା। ମଞ୍ଚ ଆବାହକ ରମାକାନ୍ତ ମିଶ୍ର ସ୍ୱାଗତ ଭାଷଣ ଓ ସୁକାନ୍ତ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।


### କଟକ ମହାନଗର ନିଗମ

ସ୍ୱାୟତ୍ତ ଶାସନ ପାଳନ ଅବସରରେ
କଟକ ମହାନଗର ନିଗମ ତରଫରୁ ହାର୍ଦ୍ଦିକ ଅଭିନନ୍ଦନ

No. DSPL - 230

**କାର୍ଯ୍ୟସୂଚୀ**

ତା୩୦।୦୮।୨୦୨୫ରିଖ

ପ୍ରାତଃ ୦୯.୦୦ ଘଟିକା: ରକ୍ତଦାନ ଶିବିର, ଟାଉନହଲ, କଟକ

ତା୩୧।୦୮।୨୦୨୫ରିଖ

ପୂର୍ବାହ୍ନ ୧୦.୩୦ଘଟିକା: ନିଗମ ଅଞ୍ଚଳରେ ନୂତନ ପ୍ରକଳ୍ପ ନିମନ୍ତେ ଭିତ୍ତିପ୍ରସ୍ତର ସ୍ଥାପନ ଓ ସମ୍ପୂର୍ଣ୍ଣ ହୋଇଥିବା ପ୍ରକଳ୍ପଗୁଡ଼ିକର ଶୁଭ ଉଦ୍‌ଘାଟନ।

ସନ୍ଧ୍ୟା ୦୫.୦୦ଘଟିକା: ସହିଦ ଭବନ, କଟକଠାରେ ସାଧାରଣ ସଭା

ମୁଖ୍ୟ ଅତିଥି: ଶ୍ରୀଯୁକ୍ତ କୃଷ୍ଣଚନ୍ଦ୍ର ମହାପାତ୍ର
ମାନ୍ୟବର ମନ୍ତ୍ରୀ, ଗୃହ ନିର୍ମାଣ ଓ ନଗର ଉନ୍ନୟନ, ସାଧାରଣ ଉଦ୍ୟୋଗ ବିଭାଗ, ଓଡ଼ିଶା

ମୁଖ୍ୟବକ୍ତା: ଶ୍ରୀଯୁକ୍ତ ଭର୍ତ୍ତୃହରି ମହତାବ
ମାନ୍ୟବର ସାଂସଦ (ଲୋକସଭା), କଟକ

ସ୍ୱତନ୍ତ୍ର ଅତିଥି: ଶ୍ରୀଯୁକ୍ତ ଦେବାଶିଷ ସାମନ୍ତରାୟ
ମାନ୍ୟବର ସାଂସଦ (ରାଜ୍ୟସଭା) ତଥା ସଭାପତି କଟକ ମହାନଗର ନିଗମ କର୍ମଚାରୀ ସଂଘ

ସମ୍ମାନିତ ଅତିଥି ବୃନ୍ଦ:

ଶ୍ରୀଯୁକ୍ତ ସୌଭିକ ବିଶ୍ୱାଳ, ମାନ୍ୟବର ବିଧାୟକ, ଚୌଦ୍ୱାର-କଟକ
ଇଂ. ସୋଫିଆ ଫିରଦୋସ, ମାନ୍ୟବର ବିଧାୟିକା, ବାରବାଟୀ-କଟକ
ଇଂ. ପ୍ରକାଶ ଚନ୍ଦ୍ର ସେଠୀ, ମାନ୍ୟବର ବିଧାୟକ, କଟକ ସଦର
ଶ୍ରୀଯୁକ୍ତ ପ୍ରଭାତ ତ୍ରିପାଠୀ, ପୂର୍ବତନ ବିଧାୟକ ତଥା ସଭାପତି କଟକ ମହାନଗର ନିଗମ ମେହେନ୍ତର ସଂଘ
ଶ୍ରୀଯୁକ୍ତ ଦତାତ୍ରୟ ଭାଉସାହେବ ସିନ୍ଦେ, (ଭା.ପ୍ର.ସେ.), ଜିଲ୍ଲାପାଳ, କଟକ
ଶ୍ରୀଯୁକ୍ତ ଖିଲାରି ରଷିକେଶ ଦ୍ୟାନଦେଓ, (ଭା.ପୁ.ସେ.), ଡିସିପି, କମିଶନରେଟ ପୋଲିସ, କଟକ

୧. ନିଗମ ଅଞ୍ଚଳରେ କୃତିତ୍ୱ ଅର୍ଜନ କରିଥିବା ବିଶିଷ୍ଟ ବ୍ୟକ୍ତି ବିଶେଷମାନଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ।
୨. ବିଭିନ୍ନ ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିଥିବା କୃତୀ ଛାତ୍ର ଛାତ୍ରୀମାନଙ୍କୁ ପୁରସ୍କାର ବିତରଣ।
୩. ନିଗମର କର୍ତ୍ତବ୍ୟନିଷ୍ଠ କର୍ମଚାରୀମାନଙ୍କୁ ତାଙ୍କର ଉଲ୍ଲେଖନୀୟ କାର୍ଯ୍ୟ ନିମନ୍ତେ ପୁରସ୍କାର ବିତରଣ।

ସୁଶ୍ରୀ କିରଣ୍‌ଦୀପ୍ କୌର ସହୋତା, (ଭା.ପ୍ର.ସେ)
ଆୟୁକ୍ତ

ସୁଶ୍ରୀ ଦମୟନ୍ତୀ ମାଝୀ
ଡେପୁଟି ମେୟର

ଶ୍ରୀଯୁକ୍ତ ସୁବାସ ଚନ୍ଦ୍ର ସିଂହ
ମେୟର

ନିଗମର ସମସ୍ତ କର୍ପୋରେଟର, ସମସ୍ତ ଅଧିକାରୀ ଏବଂ କର୍ମଚାରୀ ବୃନ୍ଦ

OIPR-13031/13/0212/2526


## ବିଡିଏର ପୂର୍ବତନ ଜୁନିୟର ଟାଉନ ପ୍ଲାନରଙ୍କୁ ୩ବର୍ଷ ଜେଲଦଣ୍ଡ

### ଲାଞ୍ଚ ମାମଲାରେ ରାୟ

ଭୁବନେଶ୍ୱର,୨୯।୮(ସତ୍ୟଜିତ୍ ରାଉତ)

ଲାଞ୍ଚ ମାମଲାରେ ଭୁବନେଶ୍ୱର ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟ ଶୁକ୍ରବାର ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ (ବିଡିଏ)ର ପୂର୍ବତନ ଜୁନିୟର ଟାଉନ ପ୍ଲାନର କୁଶଳ ଚନ୍ଦ୍ର ଚାଟାର୍ଜୀଙ୍କୁ ଦୋଷୀ ସାବ୍ୟସ୍ତ କରିଛନ୍ତି। କୁଶଳଙ୍କୁ ୩ବର୍ଷ ଜେଲଦଣ୍ଡ ହୋଇଛି। ଏଥିସହ ୧୦ ହଜାର ଟଙ୍କା ଜରିମାନା ଦେବାକୁ ନିର୍ଦ୍ଦେଶ ହୋଇଥିବା ବେଳେ ଏହା ଅନାଦାୟେ ଅଧିକ ୩ ମାସ ଜେଲଦଣ୍ଡ ଭୋଗିବାକୁ ପଡ଼ିବ ବୋଲି କୋର୍ଟ ରାୟ ଶୁଣାଇଛନ୍ତି। ଅଭିଯୋଗକାରୀ ତୁଷାର ଦାସଙ୍କ ଏତଲାକୁ ଭିତ୍ତିକରି ୨୦୧୦ ଫେବୃଆରୀ ୫ରେ ଭୁବନେଶ୍ୱର ଭିଜିଲାନ୍ସ ଥାନା ମାମଲା (ନଂ.୪/୨୦୧୦) ରୁଜୁକରି କୁଶଳଙ୍କୁ ଗିରଫ କରିଥିଲା। ତୁଷାରଙ୍କ ବାସଭବନ ନିର୍ମାଣ ଲାଗି ପ୍ଲାନ୍ ଅନୁମୋଦନ ପାଇଁ କୁଶଳ ଲାଞ୍ଚ ମାଗିଥିଲେ। ଏଥିପାଇଁ ୨୫୦୦ ଟଙ୍କା ନେଇଥିବା ବେଳେ ଆଉ ହଜାରେ ଟଙ୍କା ମାଗିଥିଲେ। ଏନେଇ ତୁଷାର ଭିଜିଲାନ୍ସର ଦ୍ୱାରସ୍ଥ ହୋଇଥିଲେ। ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପବ୍ଲିକ୍ ପ୍ରସିକ୍ୟୁଟର ସଲିଳ କୁମାର ପ୍ରଧାନ, ବିଶ୍ୱରଞ୍ଜନ ରାଉତ ପ୍ରମୁଖ ମାମଲା ପରିଚାଳନା କରୁଥିଲେ।


GOVERNMENT OF CHHATTISGARH
**WATER RESOURCES DEPARTMENT**
OFFICE OF THE EXECUTIVE ENGINEER
WATER RESOURCES DIVISION, JASHPUR, DISTT.: JASHPUR (C.G.)
e-Procurement Tender Notice
eProcurement Portal: https://eproc.cgstate.gov.in
(First CALL)

Online tenders are invited for the following works upto 15.09.2025 (17.30 hours IST).

| System Tender No./NIT No./Dated | Name of Work | Probable Amount of Contract |
|---|---|---|
| S.T.N. 174034/N.I.T. No. 02/ SAC/2025-26 Date: 25.08.2025 | Construction of Head Work and canal & their Structure of Gurmhakona Diversion Scheme | Rs.411.70 Lakhs |
| S.T.N. 174042/NIT No. 03/ SAC/2025-26 Date: 25.08.2025 | Construction of Head Work and canal & their Structure of Semra Tank Scheme | Rs.241.73 |

The details can be viewed & downloaded online directly from the Govt. of Chhattisgarh integrated e-Procurement portal **(https://eproc.cgstate.gov.in)** from **dated 01.09.2025 at 17.31 hours (IST)** onwards.
**Note:** All eligible/interested contractors/bidders are mandated to get enrolled on the integrated e-Procurement portal **(https://eproc.cgstate.gov.in)** and get approval on specific vendor class from PWD under centralized contractor/supplier registration in order to download the tender documents and participate in the subsequent bidding process.

Sd./- Executive Engineer
Water Resources Division, Jashpur (C.G.)
For, Chief Engineer
Hasdeo Ganga Basin, W.R. Deptt., Ambikapur, Sarguja (C.G.)

G-252603083/1

## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ:..................................
ଜନ୍ମ ତାରିଖ: ..............................



ଅଶୋକ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


## ମାଟି ଅତଡ଼ା ଧସି ଶ୍ରମିକଙ୍କ ମୃତ୍ୟୁ

**ଯୋଡ଼ା,୨୯।୮(ମାନସ ମହାନ୍ତି)**

କେନ୍ଦୁଝର ଜିଲା ବାମେବାରି ଥାନା ଅନ୍ତର୍ଗତ ହେଶାବେଡ଼ଶଠାରେ ଥିବା ଏକ ଘରୋଇ କମ୍ପାନୀର ପାଇପ୍‌ଲାଇନ କାର୍ଯ୍ୟ ସମୟରେ ଅଘଟଣ ଘଟିଛି। ମାଟି ଅତଡ଼ା ଧସି କର୍ଯ୍ୟକରୁଥିବା ଜଣେ ଶ୍ରମିକଙ୍କ ମୃତ୍ୟୁ ଘଟିଛି। ମୃତକ ଜଣଙ୍କ ପଶ୍ଚିମବଙ୍ଗ ରାଜ୍ୟ ମେଦିନୀପୁରର କାର୍ତ୍ତିକ ସାମନ୍ତ। ପୋଲିସ ମୃତଦେହ ଜବତ କରି ତଦନ୍ତ ଆରମ୍ଭ କରିଥିବା ବାମେବାରି ଥାନା ଆଇଆଇସି ଯଶକେତନ ଭୋଇ କହିଛନ୍ତି। ଶୁକ୍ରବାର ସନ୍ଧ୍ୟାରେ ଉକ୍ତ କମ୍ପାନୀର ମାଟି ଖୋଳି ସ୍ଲରି ପାଇପ୍‌ଲାଇନ କାର୍ଯ୍ୟ କରାଯାଉଥିଲା। ପ୍ରାୟ ୭ରୁ ୮ ଫୁଟ ତଳେ କାର୍ତ୍ତିକ ୱେଲ୍ଡିଂ କାର୍ଯ୍ୟ କରୁଥିବା ବେଳେ ମାଟି ଅତଡ଼ା ଖସି ପଡ଼ିଥିଲା। ସେ ମାଟି ତଳେ ଚାପି ହୋଇ ରହିଯାଇଥିଲେ। ସେଠାରେ କାମ କରୁଥିବା ଅନ୍ୟ ଶ୍ରମିକମାନେ ତାଙ୍କୁ ମାଟି ଖୋଳି ଉଦ୍ଧାର କରି ଯୋଡ଼ା ଟାଟା ଷ୍ଟିଲ୍ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ମାତ୍ର ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏ ନେଇ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇ ଘଟଣା ତଦନ୍ତ ଆରମ୍ଭ କରାଯାଇଥିବା ଆଇଆଇସି ଭୋଇ ସୂଚନା ଦେଇଛନ୍ତି।

## ଦାୟିତ୍ୱ ପାଇଥିବା ଯୁବ ଓ ଛାତ୍ରନେତାଙ୍କୁ ଭେଟିଲେ ନବୀନ



ନବୀନ ନିବାସରେ ଶୁକ୍ରବାର ଯୁବ ଓ ଛାତ୍ର ନେତାଙ୍କ ସହ ବିଜେଡି ସଭାପତି ନବୀନ ପଟ୍ଟନାୟକ।

**ଭୁବନେଶ୍ୱର, ୨୯।୮(ସୁନିତ୍ ମିଶ୍ର)**

ବିଜେଡି ପକ୍ଷରୁ ନିକଟରେ ଚିନ୍ମୟ ସାହୁଙ୍କୁ ଯୁବ ଓ ଇପ୍ସିତା ସାହୁଙ୍କୁ ଛାତ୍ର ସଭାପତି ଭାବେ ନିଯୁକ୍ତି ମିଳିଛି। ଏହାସହ ଦଳ ଯୁବ ଓ ଛାତ୍ର ବ୍ୟାପାର କମିଟି ଘୋଷଣା କରିଥିଲା। ନୂଆକରି ଦାୟିତ୍ୱ ପାଇଥିବା ନେତାମାନଙ୍କୁ ଶୁକ୍ରବାର ନବୀନ ନିବାସ ଡାକି ଦଳର ସଭାପତି ନବୀନ ପଟ୍ଟନାୟକ ଆଲୋଚନା କରିଥିବା ଜଣାପଡ଼ିଛି। ନବୀନ ନିବାସରେ ପ୍ରଥମେ ଛାତ୍ର କମିଟି ସହିତ ୧୫ ମିନିଟ୍ ନବୀନ ଆଲୋଚନା କରିଥିଲେ। ଏଥିରେ ଛାତ୍ର ସଭାପତି ଇପ୍ସିତା ସାହୁ ଏବଂ ଛାତ୍ର ବ୍ୟାପାର କମିଟିର ବରିଷ୍ଠ ସାଧାରଣ ସମ୍ପାଦକ ଦେବେଶ ଆଚାର୍ଯ୍ୟ, ସାଧାରଣ ସମ୍ପାଦକ ଦେବୀରଞ୍ଜନ ତ୍ରିପାଠୀ, ସୁଭାଶିଷ ଖୁଣ୍ଟିଆ ଏବଂ ସୌଭିକ ବିଶ୍ୱାଳ ଉପସ୍ଥିତ ଥିଲେ। ଏହି ଟିମ୍ ପରେ ନବୀନ ଯୁବ ଟିମ୍ ସହ ଆଲୋଚନା କରିଥିଲେ। ଯୁବ ସଭାପତି ଚିନ୍ମୟ ସାହୁ ଏବଂ ଯୁବବ୍ୟାପାର ବରିଷ୍ଠ ସାଧାରଣ ସମ୍ପାଦକ ବ୍ୟୋମକେଶ ରାୟ, ସମ୍ପାଦକ ରାଜେନ୍ଦ୍ର କୁମାର ସାହୁ, ଅମରେଶ ପତ୍ରୀ ଏବଂ ସଞ୍ଜିତ ମହାନ୍ତି ପ୍ରମୁଖ ବୈଠକରେ ଉପସ୍ଥିତ ଥିଲେ। ଏହି ଟିମ୍ ସହ ନବୀନ ୧୫ ମିନିଟ୍ ପର୍ଯ୍ୟନ୍ତ ଆଲୋଚନା କରିଥିଲେ। ଏହାପରେ ଉଭୟ ଟିମ୍‌କୁ ଡାକି ନବୀନ ୧୦ ମିନିଟ୍ ବିଭିନ୍ନ ବିଷୟରେ ଆଲୋଚନା କରିଥିଲେ। ସେଠାରେ ଉପସ୍ଥିତ ଜଣେ ନେତା କହିଛନ୍ତି, ନବୀନ ଆଲୋଚନା ବେଳେ ୨୦୨୪ ସାଧାରଣ ନିର୍ବାଚନ ସମୟରେ ବର୍ତ୍ତମାନର ସରକାରୀ ଦଳ ପକ୍ଷରୁ ସାମାଜିକ ଗଣମାଧ୍ୟମ ଜରିଆରେ ଯେଉଁସବୁ ମିଛ ନ୍ୟାରେଟିଭ ସୃଷ୍ଟି କରାଯାଇଥିଲା ତାହା ସମସ୍ତେ ଜାଣିଛନ୍ତି। ଏବେ ଲୋକମାନଙ୍କ ପାଖକୁ ଯାଇ ସେ ବିଷୟରେ ଜଣାଅ। ବିଜେଡି ସରକାର ସମୟରେ ଲୋକମାନଙ୍କୁ କ'ଣ ଲାଭ ମିଳୁଥିଲା ଏବଂ କ'ଣ ଲାଭ ଭାଜପା ସରକାର ଦେଉଛି ସେକଥା ବୁଝ। ଯେଉଁସବୁ ପ୍ରସଙ୍ଗରେ ବିରୋଧ, ପ୍ରତିବାଦ କରୁଛ ସେତେବେଳେ ଆଇନ ଶୃଙ୍ଖଳା ପରିସ୍ଥିତି ସୃଷ୍ଟି କରାଅ ନାହିଁ। ସମସ୍ତଙ୍କୁ ସାଙ୍ଗରେ ନେଇକରି ଚାଲିବା ଦରକାର। ଲମ୍ବା ସମୟ ପର୍ଯ୍ୟନ୍ତ ରାଜନୀତି କରିବାକୁ ହେଲେ ଆଇନ ଶୃଙ୍ଖଳା ପରିସ୍ଥିତି ଯେପରି ସୃଷ୍ଟି ନ ହୁଏ ସେଥିପ୍ରତି ଧ୍ୟାନଦେବା ଦରକାର। ଅନ୍ୟପଟେ ଯୁବ ଓ ଛାତ୍ର ନେତାମାନେ କ'ଣ କହୁଛନ୍ତି ସେମାନଙ୍କ ମତାମତ ଲୋଡ଼ିଥିଲେ। ନୂଆ ଓ ପ୍ରଥମ ଥରର ଭୋଟରଙ୍କ ପାଖରେ ଦଳ କିପରି ପହଞ୍ଚିବ ସମସ୍ତେ ପ୍ରସ୍ତାବ ଦେଇଥିଲେ।


# Classified Everyday

0674-2580101, 9692975378

## REAL ESTATE SALE



2.5 guntha homestead & 11 guntha both are SC land for sale near Hanuman Mandir/ Baikuntha Brahmachari Ashram, Garapur, Kendrapara. Interested SC buyers may contact: 9437013139/ 9861526386. D-1796

ସାକ୍ଷୀଗୋପାଳ ନିକଟ ପଟନାଇକିଆ ଛକରୁ ଦେଢକିଲୋମିଟର ଦୂରରେ ସରକାରୀ ରାସ୍ତାକୁ ଲାଗି ୬ ଏକର ଘରବାଡି ପ୍ଲଟ୍ ବିକ୍ରୟହେବ। ପ୍ଲଟିଂ, ସ୍କୁଲ, କଲେଜ ପାଇଁ ଉପଯୁକ୍ତ। **No Broker,** ଯୋଗାଯୋଗ– **9438109040, 8144658008.** D-1802

ଭୁବନେଶ୍ୱର ପଟିଆ ନିକଟବର୍ତ୍ତୀ **New ODM Global School-2** ଏବଂ **KIIT** କଲେଜରୁ ଅଳ୍ପ ଦୂରତାରେ ବାସୋପଯୋଗୀ ଏବଂ **investment** ପ୍ଲଟ୍ କିଣି ଗୃହ ନିର୍ମାଣ କରନ୍ତୁ। **8249976746, 7978660091.** D-1698

ଭୁବନେଶ୍ୱର ଫୁଲନଖରାଛକ, ଉତ୍ତରାଛକ, କଟକ, ମହାନଦୀ ବିହାରରେ ଘରବାରି ପ୍ଲଟ, **2BHK/3BHK Flat/ Duplex** ଅଛି। **8327785834.** D-1781



Full body massage experience, good looking therapist @999 (bhubaneswar) 8658088274. D-1791

Newly open health benefits SPA by expert therapist. Contact- 8280961126. D-76935

## AFFIDAVIT

I, MISS PUNAM, D/o- Jagannath Subudhi, Resident of Ward No.- 44, Plot No.- 5020, At- Badagada Jharana Sahi, P.O.- Badagada Brit Colony, P.S.- Badagada, Dist.- Khordha, PIN- 751018, Odisha declare by this affidavit No.- 10AA088036, dtd. 11.06.2010 that now onwards I shall be known as RAJSHRI JENA for all future purposes. D-1795

By virtue of affidavit sworn before Executive Magistrate, Nandapur on Dtd.- 26.08.2025. That my Actual and correct name is Daimati Khemundu. as per my HSCE Certificate having Roll No.- 015DE072issued by Secretary, BSE Odisha, Cuttack, my surename is wrongly mentioned is my Aadhaar Card Bearing UID No.- xxxx xxxx 4571 Umbir in stead of Khemundu. Henceforth, I shall be known as Daimati Khemundu in all purposes.
Sd./- Daimati Khemundu D-1803

I, Shalini Chhajed, aged about 41 years, D/o- Nagraj, W/o- Ajay Kumar Chhajed, resident At- Nandi Sahi, Choudhury Bazar, P.O.- Buxibazar, P.S.- Purighat, Dist.- Cuttack- 753001, Odisha declare by this affidavit No.- 1970, dtd.- 29.08.2025, that now onwards I shall be known as Shalini Chhajer for all future purposes. D-1801

I, Ajay Chhajed, aged about 40 years, S/o- late Hansaraj Chhajed, resident At- Nandi Sahi, Choudhury Bazar, P.O.- Buxibazar, P.S.- Purighat, Dist.- Cuttack- 753001, Odisha declare by this affidavit No.- 1971, dtd.- 29.08.2025, that now onwards I shall be known as Ajay Chhajed for all future purposes. D-1800

I, Shaikh Abdul Junaid, S/o- Abdul Hadi Shaikh, Resident of Kajimohalla, P.O./P.S.- Jagatsinghpur, Dist.- Jagatsinghpur, PIN- 754103, Odisha declared by this affidavit No.- 31658, Dtd- 21.07.2025 that now onwards I shall be known as SK Abdul Junaid for all future purposes. D-1794

ଧରିତ୍ରୀ DHARITRI

**Scan & Pay**

ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ **QR Code** ସ୍କାନ୍ କରି ଯେକୌଣସି **UPI App** ମାଧ୍ୟମରେ ସହଜରେ ପୈଠ କରନ୍ତୁ।

BHIM | UPI

ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ **classifieddharitri@gmail.com** ରେ ଇମେଲ୍ କରନ୍ତୁ।

**ପାଠକଙ୍କ ପାଇଁ ସୂଚନା** କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।


## LEGAL NOTICE

IN THE COURT OF 1ST ADDL. CIVIL JUDGE, SENIOR DIVISION, BHUBANESWAR

C.S. No.- 1066 of 2018

Janardan Patra .....Plaintiff

Versus

Sudarsan Patra & Others .... Defendants

NOTICE UNDER ORDER U/O-V. R.20 OF CPC

To.
The following defendants:
6. Pramila Patra, aged about 72 years, W/o- Damburdhar Parida, At- Mahura, P.S.- Tamando, Dist.- Khurda, 8. Santilata Patra, aged about 50 years, W/o- Babuli Dhaulia, At/P.O.- Ghoradia, P.S.- Delanga, Dist.- Khurda, 10. Pravat Kumar Patra, aged about years, S/o- Laxmidhar Patra, At/P.O.- Panchagon, P.S.- Airfield, Dist.- Khurda, 11. Ashwini Kumar Khuntia, aged about 49 years, S/o- Late Brajabandhu Khuntia, Plot No.- 595, Baramunda, P.S.- Khandagiri, Bhubaneswar, Dist.- Khurda. 12.Smt. Suchitra Khuntia, aged about 42 years, W/o- Ashwini Kumar Khuntia, Plot No.- 595, Baramunda, P.S.- Khandagiri, Bhubaneswar, Dist.- Khurda. 13. Smt. Mamata Sahoo, aged about 42 years, W/o- Bairagi Charan Sahoo, At-Rani Goda, P.O.- Sukleswar, P.S.- Mahanga, Dist.- Khurda, 14. Rajendra Prasad Samal, aged about 51 years, S/o- Late Purusottam Samal, At/P.O.- Balidil, P.S.- Bazi, Dist.- Jaipur, 15.Abhimanyu Rath, aged about 59 years, S/o- Late Krushna Chandra Rath, At-Plot No.- F/482, Sector-6 Markat Nagar, Bidanasi, P.S.- Markat Nagar, Dist.- Cuttack, 16. Trahi Jagannath Construction PVT. Ltd. Represented by its Director, Sushanta Kumar Panda, S/o- Nirakar Panda, Plot No.- 481, Sahidnagar, P.O.-/P.S.- Sahid Nagar, Bhubaneswar, Dist.-Khurda, 17. Pratap Kumar Parida, aged about 40 years, S/o-Bhimasen Parida, At- Chadeya, P.O.- Doria, P.S.- Pattamundai, Dist.- Kendrapada, 18. Bharat Chandra Khatua, aged about 63 years, S/o- Late Gangadhar Khatua of Ramchandrapur, P.O.- Balia, P.S.- Mahakalapada, Dist-Kendrapada, 19.Suprava Mohanty, aged about 45 years, W/o- Siba Prasad Bose, Plot No.- 304, P.O./P.S.- Sahid Nagar, Bhubaneswar-7, Dist.- Khurda, 20. Smt Temlata Bhoi, aged about 53 years, W/o- Nabin Bhoi, At/P.O.- Kapasira, Via-Bhakta, P.S.- Ambabhona, Dist.- Khurda, 26. Aurojyoti Bose, aged about 38 years, S/o- Deba Prasad Bose, Resident of VII M-23, Phase-7 Sailashree Vihar, P.O./P.S.- Chandrasekharpur, Bhubaneswar, Dist.-Khurda, 27.Smt Puspanjali Das, aged about 43 years, W/o- Krushna Chadra Das, Sastri Nagar, 1st Lane Near Utkal Cinema Hall, P.O./P.S.- Barahampur, Dist.- Ganjam, 28.Smt. Mami Barik, aged about 48 years, W/o-Kartik Chandra Barik, Resident of C-3L-75 Chhend Colony, P.S.- Raghunath Palli, Panpose, Rourkela-6, Dist.- Sundargarh, 31.Hemanta Kumar Nayak, aged about 50 years, S/o-Mayadhar Nayak, At- Kurujanga, P.S./Dist.- Kendrapada, 32.Smt. Kanakalata Jena, aged about 47 years, W/o- Rituranjan Jena, At-Bilasuni (part), P.O.- Bilasuni, P.S.- Niali, Dist.-Cuttack, 33. Smt. Bishnupriya Pradhan, aged about 49 years, W/o- Gadadhar Pradhan, At- Paikasahi, P.O.- Sumang, P.S.- Puri Sadar, Dist.- Puri, 34. Smt. Bebina Malu, aged about 43 years, W/o- Ramesh Malu, At/P.O./P.S.- Balugaon, Dist.- Khurda, 35.Smt. Laxmipriya Mohanty, aged about 43 years, W/o- Ashok Kumar Mohanty, At Plot No.- 610, Lane-2, P.O.- Aerodrome Area, P.S.- Airfield, Palashpalli Ananda Nagar, Bhubaneswar, Dist.- Khurda, 36. Santosh Kumar Pradhan aged about 42 years, S/o- Laxman Pradhan, At- Jagannath Prasad, P.O.- Adakata, P.S.- Gania, Dist.- Nayagarh, 37. Umaballava Dakua, aged about 48 years, S/o- Late Matia Dakua, At/P.O.- Rabera, P.S.- Odagaon, Dist.- Nayagarh, 38.Sarita Nayak, aged about 34 years, D/o- Pabitra Nayak, At- Pohal, P.O.- Rohia, P.S.- Naugaon Hata, Dist.- Jagatsinghpur

SCHEDULE OF PROPERTIES

"A" SCHEDULE
Mouza-Sahaspur, Khata No.-17, Plot No.-1239, area Ac0.825 decimals, Plot No.- 1287, area Ac0.240 decimals, Plot No.- 1288, area Ac0.046 decimals, Plot No.- 1284, area Ac0.415 decimals, Plot No.- 1290, area Ac0.865 decimals, Plot No.- 1294, area Ac0.280 decimals, Plot No.- 1280, area Ac0.310 decimals, Plot No.- 1298, area Ac0.235 decimals, Plot No.- 1028, area Ac0.265 decimals, Plot No.- 808, area Ac0.375 decimals, Plot No.- 844, area Ac0.620 decimals,
Total Plots No.-11, area Ac4.495 decimals, Valued at Rs.13,50,000/-

"B" SCHEDULE
Mouza- Panchagaon, Khata No.-11, Plot No.- 1602, area Ac0.485 decimals, Plot No.- 1619, area Ac0.270 decimals, Plot No.- 1782, area Ac0. 455 decimals, Plot No.- 99, area Ac0.030 decimals, Plot No.- 100, area Ac0.090 decimals, Plot No.- 425, area Ac0.275 decimals, Plot No.- 862, area Ac0.370 decimals, Plot No.- 1593, area Ac0.090 decimals, Plot No.- 1088, area Ac0.195 decimals, Plot No.- 1702, area Ac0.505 decimals, Plot No.- 1796, area Ac0.130 decimals, Plot No.- 2168, area Ac0.980 decimals, Plot No.- 2252, area Ac1.030 decimals.
Total Plot Nos.11 Area Ac4.905 decimals.
Valued at Rs.15,00,000/-

"C" SCHEDULE
Mouza- Barakuda, Khata No.-11, Plot No.- 854, area Ac0.860 decimals, Plot No.- 1682, area Ac0.644 decimals, Plot No.- 1889, area Ac0. 295 decimals, Plot No.- 1003, area Ac0.210 decimals, Plot No.- 1984, area Ac0.515 decimals, Plot No.- 1977, area Ac0.355 decimals, Plot No.- 2045, area Ac0.500 decimals.
Total Plots No.- 7, area Ac3.379 decimals.
Valued at Rs.10,50,000/-.

Whereas the above named Plaintiff has instituted a suit for Declaration and Partition and for permanent injunction, in which you are avoiding to receive summons and attend the court. Take notice that the case is posted to Dt.24.11.2025 at about 10.30 AM to appear in person or by pleader duly instructed and able to answer all material questions relating to suit and you are directed to produce on that day all documents upon which you intended to rely support of your defence.

Take notice that in default of your appearance of the day before mentioned, the suit will be heard and determined in you absence.

Given under my hand and the seal of the Court of this. dt. 18.08.2025.

Sd./- 1st Addl. Senior Civil Judge, Bhubaneswar

D-1798

## ଦେଶର ଆର୍ଥିକ ଅଭିବୃଦ୍ଧିରେ କ୍ଷୁଦ୍ରଶିଳ୍ପର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି



### ଆଜି ଜାତୀୟ କ୍ଷୁଦ୍ରଶିଳ୍ପ ଦିବସ

ଭାରତର ଆର୍ଥିକ ଅଭିବୃଦ୍ଧି, ନିଯୁକ୍ତି ଏବଂ ଉଦ୍ୟୋଗରେ କ୍ଷୁଦ୍ର ଶିଳ୍ପର ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଚାଲିଛି। ଏହି ଶିଳ୍ପ ଅନେକ ଲକ୍ଷ ଲୋକଙ୍କୁ ଜୀବିକା ପ୍ରଦାନ କରୁଥିବାବେଳେ ଏହାର ଗୁରୁତ୍ୱକୁ ସ୍ମରଣ କରିବା ଲାଗି ପ୍ରତିବର୍ଷ ଅଗଷ୍ଟ ୩୦ରେ ପାଳିତ ହୋଇଆସୁଛି ଜାତୀୟ କ୍ଷୁଦ୍ରଶିଳ୍ପ ଦିବସ। ୨୦୦୦ ମସିହାରେ କେନ୍ଦ୍ର ସରକାର ଦେଶରେ କ୍ଷୁଦ୍ରଶିଳ୍ପକୁ ପ୍ରୋତ୍ସାହିତ କରିବା ପାଇଁ ଏକ ପ୍ୟାକେଜ ଘୋଷଣା ସହ ସେହିବର୍ଷ ଜାତୀୟ କ୍ଷୁଦ୍ରଶିଳ୍ପ ଦିବସ ପାଳନ ଲାଗି ଘୋଷଣା କରିଥିଲେ। ତଦନୁସାରେ ୨୦୦୧ ଅଗଷ୍ଟ ୩୦ରେ ଏହି ଦିବସ ପାଳିତ ହୋଇଆସୁଛି। ତେବେ କ୍ଷୁଦ୍ରଶିଳ୍ପର ଗୁରୁତ୍ୱକୁ ଉପଲବ୍ଧିକରି କେନ୍ଦ୍ର ସରକାର ୯ ମେ' ୨୦୦୭ରେ କ୍ଷୁଦ୍ରଶିଳ୍ପ ମନ୍ତ୍ରଣାଳୟ ଏବଂ କୃଷି ଓ ଗ୍ରାମୀଣ ଶିଳ୍ପ ମନ୍ତ୍ରଣାଳୟକୁ ମିଶ୍ରଣକରି ସୂକ୍ଷ୍ମ, କ୍ଷୁଦ୍ର ଏବଂ ମଧ୍ୟମ ଉଦ୍ୟୋଗ ମନ୍ତ୍ରଣାଳୟ (ଏମ୍‌ଏସ୍‌ଏମ୍‌ଇ) ଗଠନ କରିଥିଲେ। ତେବେ ଉକ୍ତ ଦିବସ ସମ୍ପୃକ୍ତ ଶିଳ୍ପକ୍ଷେତ୍ରକୁ ସକ୍ଷମ କରିବା ପାଇଁ ସରକାରଙ୍କ ଜାରି ସମର୍ଥନ ଏବଂ ନୀତି ଉପରେ ଗୁରୁତ୍ୱାରୋପ କରେ। ଏହାଦ୍ୱାରା ଉଦ୍ୟୋଗୀମାନଙ୍କୁ ସଶକ୍ତ କରାଯାଇପାରିବ। ଏଥିସହ ଏକ ସ୍ଥିର ଏବଂ ଆତ୍ମନିର୍ଭରଶୀଳ ଅର୍ଥନୀତି ଦିଗରେ ଅନ୍ତର୍ଭୁକ୍ତ ବିକାଶକୁ ତ୍ୱରାନ୍ୱିତ କରାଯାଇପାରିବ।


## ମନେ ପଡ଼ନ୍ତି

### ପ୍ରଥମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



**୰ଗୋଲକ ବିହାରୀ ସାହୁ**
(ଅବସରପ୍ରାପ୍ତ ଜିଲ୍ଲା କୃଷି ଅଧିକାରୀ)
ରାଧାଗୋବିନ୍ଦପୁର, (ରାଜବାଟୀ ନଗର) ଆଠଗଡ଼, କଟକ
ଆବିର୍ଭାବ: ୨୩।୧୦।୧୯୩୭
ତିରୋଧାନ: ୧୦।୦୯।୨୦୨୪

ଚାହୁଁ ଚାହୁଁ ଏକବର୍ଷ ବିତିଯାଇଛି, ଆପଣଙ୍କ ଅବର୍ତ୍ତମାନ ପରିବାରରେ ଏକ ଅପୂରଣୀୟ ଶୂନ୍ୟସ୍ଥାନ ସୃଷ୍ଟି କରିଛି। ଆପଣଙ୍କ ନୀତି, ଆଦର୍ଶ, ସ୍ନେହ, ଶ୍ରଦ୍ଧା ଓ ଆଶୀର୍ବାଦ ଏକ ଆଲୋକବର୍ତ୍ତିକା ସଦୃଶ ଆମ୍ଭମାନଙ୍କର ପଥ ପ୍ରଦର୍ଶକ ହେଉ। ଆପଣଙ୍କ ଆତ୍ମା ପରମାତ୍ମାଙ୍କ ସାନ୍ନିଧ୍ୟ ଲାଭକରୁ, ଏତିକି ମହାପ୍ରଭୁଙ୍କ ନିକଟରେ ପ୍ରାର୍ଥନା।

ଶୋକସନ୍ତପ୍ତ:– ପତ୍ନୀ, ପୁତ୍ର– ପୁତ୍ରବଧୂ, କନ୍ୟା– ଜାମାତା, ନାତି ,ନାତୁଣୀ, ନାତୁଣୀ ଜ୍ୱାଇଁ, ବନ୍ଧୁ ଓ ଆତ୍ମୀୟସ୍ୱଜନ ବୃନ୍ଦ। ଧ-୧୭୯୯

### ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



**୰ସନ୍ଦିପ ମହାନ୍ତି (ଟୁନଟୁନ)**
(ଭୁବନେଶ୍ୱର)
ଆବିର୍ଭାବ : ୨୭/୧୧/୧୯୮୫ | ତିରୋଧାନ : ୩୦/୦୮/୨୦୦୭

୧୮ ବର୍ଷ ବିତିଗଲାଣି କିନ୍ତୁ ଆଜି ପରି ଲାଗୁଛି। ସେହିଦିନ ୨୦୦୭ ମସିହା ଅଗଷ୍ଟ ୩୦ ତାରିଖ ଯେଉଁ ଦିନ ତୁ କଲେଜ ଯାଇ ଆଉ ଘରକୁ ଫେରିଲୁ ନାହିଁ। ତୋର ଅଭୁଲା ସ୍ମୃତିକୁ ଆମେ ମନେ ପକାଇ ବଞ୍ଚୁଛୁ। ତୋର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଆମର ବିନମ୍ର ପ୍ରାର୍ଥନା, ତୁ ଯେଉଁଠି ଥା ଭାଲରେ ରହ....

ଶୋକସନ୍ତପ୍ତ : ତୋର ବାବା, ମା, ବଡ଼ବାପା, ବଡ଼ବୋଉ, ଦାଦୁଲ, ଖୁଡି, ଦେଈ, ଭାଇ, ପରିବାରବର୍ଗ ଓ ଆତ୍ମୀୟସ୍ୱଜନ। ଧ-୭୬୮୫୦

**ନବବଧୂଙ୍କ ସନ୍ଦେହଜନକ ମୃତ୍ୟୁ: ଥାନାରେ ସ୍ୱାମୀ ଅଟକ**

ନିଶ୍ଚିନ୍ତକୋଇଲି,(ଅଶୋକ କୁମାର ମହାପାତ୍ର): କଟକ ଜିଲା ଭଦ୍ରେଶ୍ୱର ଥାନା ହଳଦିଆ ପଞ୍ଚାୟତ ଅନ୍ତହଳଦିଆ ଗ୍ରାମରେ ଶୁକ୍ରବାର ଜଣେ ନବବଧୂଙ୍କ ସନ୍ଦେହଜନକ ମୃତ୍ୟୁ ଘଟିଛି। ସେ ହେଲେ ଏହି ଗ୍ରାମର ସୁବାସ କାଣ୍ଡି(୨୩)ଙ୍କ ସ୍ତ୍ରୀ ମଧୁସ୍ମିତା ଦାସ(୨୭)। ଏନେଇ ମଧୁସ୍ମିତାଙ୍କ ବାପା ଘଟଣାସ୍ଥଳରେ ପହଞ୍ଚି ଭଦ୍ରେଶ୍ୱର ଥାନାରେ ଅଭିଯୋଗ କରାଯାଇଛି। ପୋଲିସ ପହଞ୍ଚି ମୃତଦେହ ଜବତ କରିବା ସହ ସାଇଣ୍ଟିଫିକ୍ ଟିମ୍ ଜରିଆରେ ତଦନ୍ତ ଆରମ୍ଭ କରିଛି। ମୃତଦେହ ବ୍ୟବଚ୍ଛେଦ ନିମନ୍ତେ କଟକ ବଡ଼ ଡାକ୍ତରଖାନା ପଠାଯାଇଛି। ଅପରପକ୍ଷେ ସ୍ୱାମୀ ସୁବାସଙ୍କୁ ପୋଲିସ ଉଠାଇ ନେଇ ପଚରାଉଚରା କରୁଛି। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁ ସମ୍ପର୍କରେ ଅଧିକ ତଥ୍ୟ ମିଳିପାରିବ।



# ମାନସିକ ରୋଗ ପାଇଁ ୩ଥର ଯାଇଥିଲେ ଡାକ୍ତରଖାନା

## ଆଇନଜୀବୀଙ୍କ ଆତ୍ମାହୁତି ଘଟଣା

■ ଆତ୍ମହତ୍ୟା ପାଇଁ ବାରମ୍ବାର ଧମକ ଦେଉଥିଲେ

■ ନମୁନା ସଂଗ୍ରହ କଲା ସାଇଣ୍ଟିଫିକ୍ ଟିମ୍

ଭୁବନେଶ୍ୱର,୨୯।୮ (ସତ୍ୟଜିତ୍ ରାଉତ)

ଭୁବନେଶ୍ୱର ମଞ୍ଚେଶ୍ୱର ଥାନା ଅନ୍ତର୍ଗତ ପାଣ୍ଡରାରେ ଆଇନଜୀବୀ ଦୀପକ କୁମାର ସାହୁ (୪୮) ଗୁରୁବାର ନିଜ ଦେହରେ ପେଟ୍ରୋଲ ଢାଳି ଆତ୍ମାହୁତି ଦେବା ଘଟଣାକୁ ନେଇ ଚର୍ଚ୍ଚା ଲାଗି ରହିଛି। ଅନ୍ୟଙ୍କୁ ନ୍ୟାୟ ଦେବାରେ ସହଯୋଗ କରୁଥିବା ଲୋକ ଏଭଳି କାହିଁକି ଚରମ ନିଷ୍ପତ୍ତି ନେଲେ, ତାହାର ରହସ୍ୟ ଖୋଜୁଛି ପୋଲିସ। ତେବେ ପ୍ରାଥମିକ ତଦନ୍ତରୁ ପୋଲିସ ଜାଣିବାକୁ ପାଇଛି ଯେ, ଦୀପକ ମାନସିକ ରୋଗ ପାଇଁ ପୂର୍ବରୁ ୩ଥର ମେଡିକାଲ ଯାଇଥିବା ବେଳେ ୬ ମାସ ହେବ ଔଷଧ ସେବନ ବନ୍ଦ କରିଦେଇଥିଲେ। ଏପରିକି ଘରେ କୌଣସି ଅପ୍ରୀତିକର ପରିସ୍ଥିତି ଘଟିଲେ ସେ ଆତ୍ମହତ୍ୟା କରିଦେବେ ବୋଲି ଧମକ ଦେଉଥିଲେ। ଶୁକ୍ରବାର ପୋଲିସ ଓ ସାଇଣ୍ଟିଫିକ୍ ଟିମ୍ ଦୀପକଙ୍କ ଘରକୁ ଯାଇ ତଦନ୍ତ କରିଥିଲେ। ସାଇଣ୍ଟିଫିକ୍ ଟିମ୍ ସେଠାରୁ ବିଭିନ୍ନ ନମୁନା



ଦୀପକ କୁମାର ସାହୁ

ସଂଗ୍ରହ କରିଥିବାବେଳେ ପୋଲିସ ତାଙ୍କ ମାନସିକ ବିକୃତି ପଛର କାରଣ ମଧ୍ୟ ଖୋଜିବା ଆରମ୍ଭ କରିଛି। ଅନ୍ୟପକ୍ଷରେ କ୍ୟାପିଟାଲ ହସ୍ପିଟାଲରେ ବ୍ୟବଚ୍ଛେଦ ପରେ ଦୀପକଙ୍କ ମୃତଦେହକୁ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ଏନେଇ ସ୍ତ୍ରୀ ରତ୍ନମାଳାଙ୍କ ରିପୋର୍ଟକୁ ଭିତ୍ତିକରି ମଞ୍ଚେଶ୍ୱର ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ.୧୩୩/୨୦୨୫) ରୁଜୁ କରି ତଦନ୍ତ କରୁଛି।

ସୂଚନାଯୋଗ୍ୟ, ଦୀପକ ତାଙ୍କ ବିଧବା ମା', ସ୍ତ୍ରୀ, ଦେଢ଼ବର୍ଷର ଝିଅ ଓ ୯ମ ଶ୍ରେଣୀରେ ପଢୁଥିବା ବଡ଼ଝିଅଙ୍କ ସହ ପାଣ୍ଡରା ପ୍ଲଟ ନଂ.୪୦୬୯/୫୪୯୭/୯୨୨୪ସ୍ଥିତ ନିଜ ଘରେ ରହୁଥିଲେ। କୋଠାର ଗ୍ରାଉଣ୍ଡ ଫ୍ଲୋରରେ ଭଡାଟିଆ ରହୁଥିବାବେଳେ ପ୍ରଥମ ଓ ଦ୍ୱିତୀୟ ମହଲାରେ ଦୀପକଙ୍କ ପରିବାର ଲୋକ ରହୁଛନ୍ତି। ତୃତୀୟ ମହଲା ନିର୍ମାଣ କାମ ଚାଲୁଥିବା ବେଳେ ସେଠାର ଏକ ରୁମ୍‌ରେ ଦୀପକ ଏଭଳି ଘଟଣା ଘଟାଇଛନ୍ତି। ଗୁରୁବାର ସନ୍ଧ୍ୟାରେ ଝିଅ ସହ ଖେଳୁଥିବା ବେଳେ ଗରମ ହେଉଛି କହି ଉପର ମହଲାକୁ ଯାଇଥିଲେ। ହେଲେ ରାତି ୯ଟା ଯାଏ ଦୀପକ ଘରକୁ ନ ଫେରିବାରୁ ସ୍ତ୍ରୀ ଖୋଜାଖୋଜି କରୁଥିବାବେଳେ ଉପର ମହଲାରୁ ନିଆଁ ଦେଖିବାକୁ ପାଇଥିଲେ। ତେବେ ଶିଡି କବାଟ ବାହାରପଟୁ ବନ୍ଦ ଥିବାରୁ ସେ ପାଖ କୋଠା ଛାତରୁ ପଡ଼ୋଶୀଙ୍କ ସହାୟତାରେ ତୃତୀୟ ମହଲାକୁ ଯାଇଥିଲେ। ସେତେବେଳକୁ ଦୀପକ ସମ୍ପୂର୍ଣ୍ଣ ପୋଡ଼ିହୋଇଯାଇଥିବାବେଳେ ଶେଷନିଶ୍ୱାସ ତ୍ୟାଗ କରିଥିଲେ। ପଡ଼ୋଶୀଙ୍କ କହିବା କଥା, କିଛିଦିନ ହେଲା ଦୀପକ ବାହାରକୁ ଯାଉ ନ ଥିଲେ। ସେ ଚୁପ୍‌ଚାପ୍ ରହିବା ସହ ବାହାର ଲୋକଙ୍କ ସହ କଥାହେବା ମଧ୍ୟ ବନ୍ଦ କରିଦେଇଥିଲେ।

## ନବବଧୂଙ୍କ ସନ୍ଦେହଜନକ ମୃତ୍ୟୁ: ଥାନାରେ ସ୍ୱାମୀ ଅଟକ

ନିଶ୍ଚିନ୍ତକୋଇଲି,୨୯।୮ (ଅଶୋକ କୁମାର ମହାପାତ୍ର)

କଟକ ଜିଲା ଭଦ୍ରେଶ୍ୱର ଥାନା ହଳଦିଆ ପଞ୍ଚାୟତ ଅନ୍ତହଳଦିଆ ଗ୍ରାମରେ ଶୁକ୍ରବାର ଜଣେ ନବବଧୂଙ୍କ ସନ୍ଦେହଜନକ ମୃତ୍ୟୁ ଘଟିଛି। ସେ ହେଲେ ଏହି ଗ୍ରାମର ସୁବାସ କାଣ୍ଡି(୨୩)ଙ୍କ ସ୍ତ୍ରୀ ମଧୁସ୍ମିତା ଦାସ(୨୭)। ଏନେଇ ମଧୁସ୍ମିତାଙ୍କ ବାପା ଓ ଭାଇ ଘଟଣାସ୍ଥଳରେ ପହଞ୍ଚିବା ପରେ ମଧୁସ୍ମିତାଙ୍କୁ ହତ୍ୟା କରାଯାଇଛି ବୋଲି ଭଦ୍ରେଶ୍ୱର ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୋଗକୁ ଭିତ୍ତିକରି ପୋଲିସ ପହଞ୍ଚି ମୃତଦେହ ଜବତ କରିବା ସହ ସାଇଣ୍ଟିଫିକ୍ ଟିମ୍ ଜରିଆରେ ତଦନ୍ତ ଆରମ୍ଭ କରିଛି। ମୃତଦେହ ବ୍ୟବଚ୍ଛେଦ ନିମନ୍ତେ କଟକ ବଡ଼ ଡାକ୍ତରଖାନା ପଠାଯାଇଛି। ଅପରପକ୍ଷେ ସ୍ୱାମୀ ସୁବାସଙ୍କୁ ପୋଲିସ ଉଠାଇ ନେଇ ପଚରାଉଚରା କରୁଛି। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁ ସମ୍ପର୍କରେ ଅଧିକ ତଥ୍ୟ ମିଳିପାରିବ ବୋଲି ଥାନା ଅଧିକାରୀ ସନ୍ଧ୍ୟାରାଣୀ ସିଂ ପ୍ରକାଶ କରିଛନ୍ତି।

## ୨ ଯୁବକଙ୍କୁ ଟାଙ୍ଗିଆ, ଶାବଳରେ ଆକ୍ରମଣ

### ଜଣେ ମୃତ, ଅନ୍ୟ ଜଣେ ଗୁରୁତର

ବୀରମହାରାଜପୁର ୨୯।୮ (ଯୁଗଳ କିଶୋର ମିଶ୍ର)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ଥାନା ମେଣ୍ଡାମାଲ ଗାଁରେ ଶୁକ୍ରବାର ରାତିରେ ୨ଯୁବକଙ୍କ ଉପରେ ଟାଙ୍ଗିଆ, ଶାବଳ ସାହାଯ୍ୟରେ ସଂଘବଦ୍ଧ ଆକ୍ରମଣ ହୋଇଛି। ଫଳରେ ଅଜିତ ଖଣ୍ଡଗିରି (୩୪) ନାମକ ଜଣେ ଯୁବକଙ୍କ ଘଟଣାସ୍ଥଳରେ ମୃତ୍ୟୁ ଘଟିଥିବାବେଳେ ଅନ୍ୟ ଜଣେ ସୂର୍ଯ୍ୟ ପ୍ରଧାନ (୩୪) ଗୁରୁତର ହୋଇଛନ୍ତି। ତାଙ୍କୁ ପ୍ରଥମେ ବୀରମହାରାଜପୁର ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ପରେ ଅବସ୍ଥା ସଙ୍କଟାପନ୍ନ ଥିବାରୁ ରାତିରେ ବୁର୍ଲା ସ୍ଥାନାନ୍ତର କରାଯାଇଛି। ଅଜିତ ବାଘମାରି ଗାଁର ଭୁବନ ଖଣ୍ଡଗିରିଙ୍କ ପୁଅ। ସୂର୍ଯ୍ୟଙ୍କ ଘର ଚମ୍ପାମାଳ ଗ୍ରାମରେ। ଏକ ବାଇକ୍ ଯୋଗେ ଅଜିତ ଓ ସୂର୍ଯ୍ୟ ରାତି ୯ଟା ୩୦ରେ କୌଣସି କାମରେ ମେଣ୍ଡାମାଲ



ଅଜିତ କୁମାର ଖଣ୍ଡଗିରି

ଗାଁକୁ ଯାଇଥିଲେ। କୌଣସି କଥାକୁ ନେଇ ସେଠାରେ ବଚସା ହୋଇଥିଲା। ସାମାନ୍ୟ ବଚସା ଉଗ୍ରରୂପ ନେବାରୁ ଅଜିତ ଓ ସୂର୍ଯ୍ୟଙ୍କ ଉପରେ ମେଣ୍ଡାମାଲ ଗ୍ରାମର ଲୋକେ ଆକ୍ରମଣ କରିଥିଲେ। ଖବରପାଇ ବୀରମହାରାଜପୁର ପୋଲିସ ଘଟଣାସ୍ଥଳରେ ପହଞ୍ଚି ଉଭୟଙ୍କୁ ଡାକ୍ତରଖାନାକୁ ଆଣିଥିଲେ। ସେତେବେଳକୁ ଅଜିତଙ୍କର ମୃତ୍ୟୁ ହୋଇଯାଇଥିଲା। ଅଜିତ ଜଣେ ଭଲ ପିଲା ହୋଇଥିବାରୁ ଡାକ୍ତରଖାନାରେ ଶହ ଶହ ଲୋକ ଜମାହୋଇ ଅଭିଯୁକ୍ତମାନଙ୍କୁ ତୁରନ୍ତ ଗିରଫ କରିବାକୁ ଦାବିକରି ପାଟିତୁଣ୍ଡ କରିଥିଲେ। ମେଣ୍ଡାମାଲ ଗ୍ରାମରେ ବୀରମହାରାଜପୁର ଉପଖଣ୍ଡ ପୋଲିସ ଅଧିକାରୀ ହେମନ୍ତ କୁମାର ରାଓ, ଥାନା ଅଧିକାରୀ ସାରଙ୍ଗଧର ପାଣିଗ୍ରାହୀ ପ୍ରମୁଖ ପୋଲିସ ଫୋର୍ସ ସହ ପହଞ୍ଚି ତଦନ୍ତ ଚଳାଇଛନ୍ତି।

## ୧୭ ଗ୍ରାମ୍ ହେରୋଇନ ଜବତ, ଜଣେ ଗିରଫ

ଭଦ୍ରକ/ତିହିଡି,୨୯।୮ (ସନାତନ ରାଉତ/ସଞ୍ଜିତ ବଳ)

ଭଦ୍ରକ ଜିଲା ଅବକାରୀ ବିଭାଗ ପକ୍ଷରୁ ଶୁକ୍ରବାର ୧୭ ଗ୍ରାମ୍ ହେରୋଇନ୍ ଜବତ କରାଯାଇଛି। ଏଥିରେ ସମ୍ପୃକ୍ତ ତିହିଡ଼ି ଥାନା ମିର୍ଜାପୁର ଗ୍ରାମର ଜନାର୍ଦ୍ଦନ ପତି(୪୧)ଙ୍କୁ ଗିରଫ କରାଯାଇ କୋର୍ଟଚାଲାଣ କରାଯାଇଛି। ସୂଚନା ମୁତାବକ, ଜିଲା ଅବକାରୀ ଅଧୀକ୍ଷକ ନରୋତ୍ତମ ମିଶ୍ରଙ୍କ ନିର୍ଦ୍ଦେଶକ୍ରମେ ଅବକାରୀ ବିଭାଗର ଏକ ଟିମ୍ ତିହିଡ଼ି ହାଇସ୍କୁଲ ପାଖ ମାଛ ମାର୍କେଟ୍ ନିକଟରେ ଚଢ଼ାଉ କରି ଏହି ହେରୋଇନ ଜବତ କରିଥିଲା। ଚଢ଼ାଉରେ ତିହିଡ଼ି ଅବକାରୀ, ଭଦ୍ରକ ଅବକାରୀ ଓ ମୋବାଇଲ ସ୍କ୍ୱାଡ୍ ସମେତ ମଡେଲ ଏକ୍ସାଇଜ ଧାମନଗର ଟିମ୍ ସାମିଲ ହୋଇଥିଲେ। ଭଦ୍ରକ ଅବକାରୀ ଇନ୍ସପେକ୍ଟର ଶ୍ରୀକାନ୍ତ ମୁର୍ମୁ, ତିହିଡ଼ି ଅବକାରୀ ଓଆଇସି ସୁମିତ୍ରା ହେମ୍ବ୍ରମ ପ୍ରମୁଖ ଚଢ଼ାଉରେ ସାମିଲ ଥିଲେ। ଏ ନେଇ ତିହିଡ଼ି ଅବକାରୀ ଥାନାରେ ମାମଲା (ନଂ. ୩୬/୨୫) ରୁଜୁ ହୋଇଛି।

## ୩ ଗୋରକ୍ଷକ କର୍ମୀ ଗିରଫ

**କାମଧେନୁ ହିତାଧିକାରୀଙ୍କୁ ଆକ୍ରମଣ, ଗାଡ଼ି ଭଙ୍ଗାରୁଜା**

ଭୁବନେଶ୍ୱର,୨୯।୮ (ସତ୍ୟଜିତ୍ ରାଉତ)



ଗିରଫ ୩ ଅଭିଯୁକ୍ତ।

■ ଗୋଚାଲାଣ ଅଭିଯୋଗ କରି ଆତଙ୍କରାଜ ଚଳାଇଥିଲେ

■ ବହୁ ଅଭିଯୁକ୍ତ ଫେରାର, କ୍ଷତି ସହିଲେ ଚାଷୀ

କାମଧେନୁ ଯୋଜନାର ହିତାଧିକାରୀମାନେ ଆନ୍ଧ୍ରପ୍ରଦେଶରୁ ଗାଈ କିଣି ଘରକୁ ଆଣୁଥିବାବେଳେ ଭୁବନେଶ୍ୱର ବରମୁଣ୍ଡା ଓଭରବ୍ରିଜ୍ ଉପରେ ଗୋରକ୍ଷକ ଦଳ ସେମାନଙ୍କୁ ଅଟକାଇ ଆକ୍ରମଣ ଓ ଗାଡି ଭଙ୍ଗାରୁଜା କରିବା ଘଟଣାରେ ଖଣ୍ଡଗିରି ଥାନା ପୋଲିସ କାର୍ଯ୍ୟାନୁଷ୍ଠାନ ନେଇଛି। ଏଥିରେ ସମ୍ପୃକ୍ତ ଥିବା ୩ଜଣ ଅଭିଯୁକ୍ତଙ୍କୁ ପୋଲିସ ଶୁକ୍ରବାର ଗିରଫ କରିଛି। ସେମାନେ ହେଲେ ଖୋର୍ଦ୍ଧା ଜିଲା ଟାଙ୍ଗୀ ଥାନା ଅନ୍ତର୍ଗତ ମଙ୍ଗଳାଯୋଡ଼ି ଗ୍ରାମର ବିଟୁଲ ସାହୁ (୨୩), ଶହୀଦନଗର ଥାନା ଅନ୍ତର୍ଗତ ବାୟାବାବା ବସ୍ତିର ରବି ସଠୁଆ (୧୮) ଓ କଟକ ଜିଲା ଗୋବିନ୍ଦପୁର ଥାନା ଅନ୍ତର୍ଗତ ଅଡ଼ଶପୁରର ମଣ୍ଟୁ ମଲ୍ଲିକ (୧୯)। କୋର୍ଟଚାଲାଣ ପରେ ସମସ୍ତଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଏହି ମାମଲାରେ ଅନ୍ୟ ଫେରାର ଅଭିଯୁକ୍ତମାନଙ୍କୁ ଧରିବାକୁ ପୋଲିସ ଖୋଜାଖୋଜି ଚଳାଇଛି। ଏହି ଘଟଣା ପାଇଁ ଚାଷୀମାନେ ବହୁ କ୍ଷତି ସହିଛନ୍ତି।

ଘଟଣା ଅନୁଯାୟୀ, ଭଦ୍ରକର ଚାଷୀ ଦାମୋଦର ଦାସ ଗୁରୁବାର ମଧ୍ୟାହ୍ନରେ ଅନ୍ୟ କେତେଜଣ ଚାଷୀଙ୍କ ସହ କାମଧେନୁ ଯୋଜନାରେ ମିଳିଥିବା ରଣ ଜରିଆରେ ଆନ୍ଧ୍ରପ୍ରଦେଶରୁ ଗାଈ ଓ ବାଛୁରୀ କିଣି ପିକଅପ୍ ଡାଲାରେ ଆଣୁଥିବାବେଳେ ଆକ୍ରମଣର ଶିକାର ହୋଇଥିଲେ। ୩୦ରୁ ୩୫ ଜଣ ଗୋରକ୍ଷକ କର୍ମୀ ସେମାନଙ୍କୁ ପିଛା କରି ସନ୍ଧ୍ୟାରେ ବରମୁଣ୍ଡା ଓଭର ବ୍ରିଜ ଉପରେ ଗାଡ଼ିଗୁଡ଼ିକୁ ଅଟକାଇଥିଲେ। ତେବେ ହିତାଧିକାରୀଙ୍କ ପାଖରେ ଗାଈ କ୍ରୟ ସମ୍ବନ୍ଧୀୟ ବୈଧ କାଗଜପତ୍ର ଥିବା ସତ୍ତ୍ୱେ ଅଭିଯୁକ୍ତମାନେ ସେମାନଙ୍କ କଥାକୁ ଶୁଣି ନ ଥିଲେ। ଏପରିକି ଭ୍ୟାନ୍‌ରେ କାମଧେନୁ ଯୋଜନା ବ୍ୟାନର ଲାଗିଥିବା ପୋଷ୍ଟରକୁ କାଢିଦେଇଥିଲେ। ଗୋଚାଲାଣ ହେଉଥିବା ଅଭିଯୋଗ ଆଣି ସେମାନେ ଆତଙ୍କରାଜ ଘଟାଇଥିଲେ। ନିର୍ଦ୍ଦିଷ୍ଟ ନାରାବାଜି ଦେବା ସହ ଗାଡି ଉପରେ ଚଢ଼ି ହୋହଲ୍ଲା କରିଥିଲେ। ଅଭିଯୁକ୍ତମାନେ ଘଟଣାସ୍ଥଳରେ ୪ଟି ପିକଅପ୍ ଭ୍ୟାନକୁ ଭଙ୍ଗାରୁଜା କରିବା ସହ ହିତାଧିକାରୀମାନଙ୍କୁ ଆକ୍ରମଣ କରି ଟଙ୍କା ଓ ମୋବାଇଲ ଛଡାଇ ନେଇଥିଲେ। ଆକ୍ରମଣରେ ଦାମୋଦରଙ୍କ ସମେତ କେତେକ ଚାଷୀ ଓ ଡ୍ରାଇଭର ଆହତ ହୋଇଥିଲେ। ଏଥିପାଇଁ ଦେଢ଼ ଘଣ୍ଟାରୁ ଊର୍ଦ୍ଧ୍ୱ ସମୟ ଖୋର୍ଦ୍ଧାରୁ କଟକ ୧୬ ନଂ ଜାତୀୟ ରାଜପଥ ଜାମ୍ ହୋଇଥିଲା। ଏନେଇ ଦାମୋଦରଙ୍କ ଏତଲାକ୍ରମେ ଖଣ୍ଡଗିରି ଥାନା ପୋଲିସ ମାମଲା (ନଂ.୬୨୦/୨୦୨୫) ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା।

## ନାବାଳିକା ବଳାତ୍କାରୀଙ୍କୁ ୨୦ବର୍ଷ ଜେଲ

ଭୁବନେଶ୍ୱର,୨୯।୮ (ସତ୍ୟଜିତ୍ ରାଉତ)

ଖୋର୍ଦ୍ଧା ଜିଲା ବାଲିପାଟଣା ଥାନା ଅଞ୍ଚଳରେ ଜଣେ ନାବାଳିକାଙ୍କୁ ବଳାତ୍କାର କରି ଗର୍ଭବତୀ କରାଇବା ମାମଲାର ରାୟ ଶୁକ୍ରବାର ଭୁବନେଶ୍ୱର ଆଡ୍ ହକ୍ ଅତିରିକ୍ତ ଦୌରା ଜଜ୍ ତଥା ଫାଷ୍ଟଟ୍ରାକ୍ ସ୍ୱତନ୍ତ୍ର କୋର୍ଟ (ପୋକ୍ସୋ)ରେ ପ୍ରକାଶ ପାଇଛି। କୋର୍ଟ ଅଭିଯୁକ୍ତ ସନିଆ ଓରଫ ସାହାଜାନ୍ ଖାନ୍‌ଙ୍କୁ ଦୋଷୀ ସାବ୍ୟସ୍ତ କରିବା ସହ ୨୦ବର୍ଷ ଜେଲଦଣ୍ଡାଦେଶ ଦେଇଛନ୍ତି। ଏଥିସହ ୫ ହଜାର ଟଙ୍କା ଜରିମାନା ଦେବାକୁ ନିର୍ଦ୍ଦେଶ ଦିଆଯାଇଥିବା ବେଳେ ଅନାଦେୟ ଅଧିକ ୩ମାସ ଜେଲରେ ରହିବାକୁ ହେବ ବୋଲି ବିଚାରପତି ସରୋଜ କୁମାର ସାହୁ ତାଙ୍କ ରାୟରେ ଶୁଣାଇଛନ୍ତି। ସେହିଭଳି ପୀଡିତାଙ୍କୁ ୪ଲକ୍ଷ ଟଙ୍କାର କ୍ଷତିପୂରଣ ରାଶି ଯୋଗାଇଦେବାକୁ ଖୋର୍ଦ୍ଧା ଜିଲା ଆଇନଗତ ସେବା ପ୍ରାଧିକରଣକୁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି।

ମାମଲାର ବିବରଣୀ ଅନୁଯାୟୀ, ପୀଡ଼ିତା ନାବାଳିକା ଜଣକ ପରିବାର ସହ ବାଲିପାଟଣା ଥାନା ଅଞ୍ଚଳରେ ରୁହନ୍ତି। ତାଙ୍କୁ ସନିଆ ବିବାହର ମିଛ ପ୍ରତିଶ୍ରୁତି ଦେଇ ଏକାଧିକଥର ଶାରୀରିକ ସମ୍ପର୍କ ରଖିଥିଲେ। ଏଥିପାଇଁ ପୀଡ଼ିତା ଦୁଇମାସର ଗର୍ଭବତୀ ହୋଇଥିବା ସନିଆଙ୍କୁ ଜଣାଇଥିଲେ। ହେଲେ ସନିଆ ତାଙ୍କୁ ଗାଳିଗୁଲଜ କରିବା ସହ ହତ୍ୟା ଧମକ ଦେଇଥିଲେ। ଏନେଇ ପୀଡ଼ିତା ପରିବାର ଲୋକଙ୍କୁ ଜଣାଇଥିଲେ। ପରିବାର ଲୋକଙ୍କ ଅନୁରୋଧକ୍ରମେ ସ୍ଥାନୀୟ ଭଦ୍ରବ୍ୟକ୍ତିମାନେ ସନିଆ ଓ ତାଙ୍କ ବାପାଙ୍କୁ ଡାକି ସମସ୍ୟାର ଅପୋସ ବୁଝାମଣା ଲାଗି ଚେଷ୍ଟା କରିଥିଲେ। ହେଲେ ସନିଆଙ୍କ ବାପା ଏହି ଘଟଣାରେ ମୁଣ୍ଡ ପୂରାଇ ନ ଥିଲେ। ଉପାୟଶୂନ୍ୟ ହୋଇ ଶେଷରେ ପୀଡ଼ିତା ୨୦୨୧ ଜାନୁଆରୀ ୧୭ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ମାମଲା (ନଂ.୧୧/୨୦୨୧) ରୁଜୁ କରି ତଦନ୍ତ କରିବା ସହ ସନିଆଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲା। ଶୁଣାଣି ସମୟରେ କୋର୍ଟ ୧୫ଜଣଙ୍କ ସାକ୍ଷ୍ୟ ଓ ୫୭ଟି ଦସ୍ତାବିଜକୁ ଆଧାର କରି ରାୟ ଶୁଣାଇଥିଲେ।

# Business

## ଏଆଇ ଭିତ୍ତିଭୂମି ଉପରେ ରିଲାଏନ୍ସର ଗୁରୁତ୍ୱ

### ରିଲାଏନ୍ସର ୪୮ତମ ଏଜିଏମ୍

ଭୁବନେଶ୍ୱର,୨୯।୮ (ଅଭୟ ଦାଶ)

ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍ ଅଧ୍ୟକ୍ଷ ମୁକେଶ ଅମ୍ବାନୀ ଶୁକ୍ରବାର ଏକ ନୂତନ ସହାୟକ କମ୍ପାନୀ 'ରିଲାଏନ୍ସ ଇଣ୍ଟେଲିଜେନ୍ସ'ର ଗଠନ ସମ୍ପର୍କରେ ଘୋଷଣା କରିଛନ୍ତି। ଯେଉଁଥିରେ ବ୍ୟାପକ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ (ଏଆଇ) ଭିତ୍ତିଭୂମି ରହିବ। ଏଥିସହ ବିଶ୍ୱର ପ୍ରମୁଖ ଟେକ୍ନୋଲୋଜି କମ୍ପାନୀ ମେଟା ଏବଂ ଗୁଗଲ ସହ କମ୍ପାନୀ ନୂତନ ସହଭାଗିତା ସମ୍ପର୍କରେ ମଧ୍ୟ ଅମ୍ବାନୀ ସୂଚନା ଦେଇଛନ୍ତି। ବିଶେଷକରି ସବୁଠାରେ ଏବଂ ସଭିଙ୍କ ପାଇଁ ଏଆଇର ଦୃଷ୍ଟିକୋଣକୁ କମ୍ପାନୀ ଆଗକୁ ବଢାଉଥିବା ବିଷୟରେ ରିଲାଏନ୍ସର ୪୮ତମ ବାର୍ଷିକ ସାଧାରଣ ବୈଠକ (ଏଜିଏମ୍)ରେ ରେ ମୁକେଶ ଏହା କହିଛନ୍ତି। ରିଲାଏନ୍ସ ଇଣ୍ଟେଲିଜେନ୍ସ



ମୁକେଶ ଅମ୍ବାନୀ

ଗିଗାୱାଟ୍-ସ୍କେଲ, ଏଆଇ-ରେଡି ଡାଟା ସେଣ୍ଟର ନିର୍ମାଣ କରିବ। ଏହା ସବୁଜ ଶକ୍ତି ଦ୍ୱାରା ପରିଚାଳିତ ହେବ ବୋଲି ଅମ୍ବାନୀ କମ୍ପାନୀର ଏଜିଏମ୍‌ରେ ବିସ୍ତୃତ ଭାବେ ସୂଚନା ଦେଇଛନ୍ତି। ରିଲାଏନ୍ସ ଏଜିଏମ୍‌ରେ ଅମ୍ବାନୀ ମଧ୍ୟ ମେଟା ଏବଂ ଗୁଗଲ ସହିତ ନୂତନ ସହଭାଗିତା ସ୍ଥାପନ ନେଇ ଘୋଷଣା କରିଛନ୍ତି। ଏହି ସହଭାଗିତା ସମ୍ପର୍କରେ ମେଟାର ପ୍ରତିଷ୍ଠାତା ତଥା ସିଇଓ ମାର୍କ ଜୁକରବର୍ଗ ଏବଂ ଆଲ୍‌ଫାବେଟ୍ ଓ ଗୁଗଲର ସିଇଓ ସୁନ୍ଦର ପିଚାଇ ମଧ୍ୟ ରିଲାଏନ୍ସ ଏଜିଏମ୍‌ରେ ଏ ନେଇ ସମ୍ବୋଧିତ କରିଥିଲେ। ସେହିଭଳି ଏକ ଦଶନ୍ଧି ପୂର୍ବରୁ ଡିଜିଟାଲ ସେବା ରିଲାଏନ୍ସ ପାଇଁ ଏକ ନୂତନ ଅଭିବୃଦ୍ଧି ଇଞ୍ଜିନ ହୋଇଥିଲା। ବର୍ତ୍ତମାନ ଏଆଇ ସହିତ ଆମ ସାମ୍ନାରେ ସମାନ ଧରଣର ସୁଯୋଗ ରହିଛି। ଜିଓ ସବୁଠି ଏବଂ ସବୁ ଭାରତୀୟଙ୍କ ପାଇଁ ଡିଜିଟାଲ ସେବା ପ୍ରଦାନ କରିବାର ପ୍ରତିଶ୍ରୁତି ଦେଇଥିଲା ଏବଂ ପୂରଣ ମଧ୍ୟ କରିଛି। ରିଲାଏନ୍ସ ଇଣ୍ଟେଲିଜେନ୍ସ ପ୍ରତ୍ୟେକ ଭାରତୀୟଙ୍କ ପାଇଁ ସବୁସ୍ଥାନରେ ଏଆଇ ପ୍ରଦାନ କରିବାର ପ୍ରତିଶ୍ରୁତି ନେଇ ଆସିଥିବା ଅମ୍ବାନୀ କହିଛନ୍ତି। ଏଥିସହ ସେ କହିଛନ୍ତି, ରିଲାଏନ୍ସ ଇଣ୍ଟେଲିଜେନ୍ସ ୪ଟି ସ୍ପଷ୍ଟ ଲକ୍ଷ୍ୟ ସହ ପରିକଳ୍ପିତ ହୋଇଛି। ରିଲାଏନ୍ସ ଇଣ୍ଟେଲିଜେନ୍ସ ଗ୍ରାହକ, ଛୋଟ ବ୍ୟବସାୟ ଏବଂ ଉଦ୍ୟୋଗଗୁଡିକ ପାଇଁ ବିଶ୍ୱସ୍ତ, ବ୍ୟବହାର କରିବାକୁ ସହଜ ଏଆଇ ସେବା ଏବଂ ଶିକ୍ଷା, ସ୍ୱାସ୍ଥ୍ୟସେବା ଓ କୃଷି ଭଳି ଜାତୀୟ ଗୁରୁତ୍ୱ ବହନ କରୁଥିବା କ୍ଷେତ୍ର ପାଇଁ ସହଜଲବ୍ଧ ସମାଧାନ ପ୍ରଦାନ କରିବ ଏବଂ ଏହାର ସମସ୍ତ ସେବାଗୁଡ଼ିକ ପ୍ରତ୍ୟେକ ଭାରତୀୟଙ୍କ ପାଇଁ ବିଭିନ୍ନ ସ୍ତରରେ ନିର୍ଭରଯୋଗ୍ୟ ଏବଂ ସୁଲଭ ହେବ। ରିଲାଏନ୍ସ ଓ ମେଟା ସହଭାଗିତାରେ ହେବାକୁ ଥିବା ଭାରତ-କେନ୍ଦ୍ରିତ ଏଆଇ ମିଳିତ ଉଦ୍ୟମ ଭାରତରେ ଉଦ୍ୟୋଗ ଏବଂ ଚୟନିତ ଅନ୍ତର୍ଜାତୀୟ ବଜାର ପାଇଁ ଏଆଇ ସମାଧାନ ନିର୍ମାଣ ଏବଂ ସମ୍ପ୍ରସାରଣ କରିବ। ଏହି ମିଳିତ ସହଭାଗିତା ରାଜିନାମା ଅନୁଯାୟୀ ରିଲାଏନ୍ସ ଏବଂ ମେଟା ମିଳିତ ଭାବେ ୮୫୫ କୋଟି ଟଙ୍କା (ପ୍ରାୟ ୧୦୦ ନିୟୁତ ଡଲାର) ର ପ୍ରାରମ୍ଭିକ ନିବେଶ କରିବେ। ଏହା ୭୦% ଏବଂ ୩୦% ଅନୁପାତରେ ରହିବ।

## ଶେୟାର ବଜାରରେ ହ୍ରାସ

ମୁମ୍ବାଇ,୨୯।୮

କ୍ରମାଗତ ତୃତୀୟ ଦିନ ଲାଗି ଘରୋଇ ଶେୟାର ବଜାର କାରବାରରେ ହ୍ରାସ ଘଟିଛି। ଚଳିତ ସପ୍ତାହର ଶେଷ କାର୍ଯ୍ୟଦିବସ ଫଳାଫଳ ଅନୁଯାୟୀ ଶେୟାର ବଜାରର ନିବେଶକମାନେ ଲକ୍ଷାଧିକ ଟଙ୍କାର ନିବେଶ ହରାଇଛନ୍ତି। ବିଶେଷକରି ଶୁକ୍ରବାର ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍‌ଇ)ର ସେନ୍‌ସେକ୍ସ ୨୭୧ (୨୭୦.୯୨) ପଏଣ୍ଟ ହ୍ରାସ ଘଟି ୭୯,୮୧୦ (୭୯,୮୦୯.୬୫) ଅଙ୍କରେ କାରବାର ବନ୍ଦ ହୋଇଥିଲା। ସେହିଭଳି ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ (ଏନ୍‌ଏସ୍‌ଇ)ର ନିଫ୍ଟି-୫୦ରେ ମଧ୍ୟ ୭୪ (୭୪.୦୫) ପଏଣ୍ଟ କମି ୨୪,୪୨୭ (୨୪,୪୨୬.୮୫)ଅଙ୍କରେ କାରବାର ଶେଷ ହୋଇଥିଲା। ଅପରପକ୍ଷରେ ବିଏସ୍‌ଇ ସେନ୍‌ସେକ୍ସର ମିଡ୍‌କ୍ୟାପ୍ ଓ ସ୍ମଲକ୍ୟାପ୍ ଶେୟାରଗୁଡ଼ିକର ଇଣ୍ଡେକ୍ସ ସହ ଏନ୍‌ଏସ୍‌ଇ ନିଫ୍ଟି ମିଡ୍‌କ୍ୟାପ, ସ୍ମଲକ୍ୟାପ ଏବଂ ବ୍ୟାଙ୍କ ଓ ଆଇଟି ଶେୟାରଗୁଡ଼ିକର କାରବାରରେ ମଧ୍ୟ ପରିବର୍ତ୍ତନ ହୋଇଛି।

## ଆପୋଲୋ ନର୍ସ-ଲେଡ୍ କ୍ଲିନିକ୍ ଉଦ୍‌ଘାଟିତ



ଭୁବନେଶ୍ୱର,୨୯।୮

ରାଜ୍ୟର ପ୍ରମୁଖ ଘରୋଇ ଚିକିତ୍ସାଳୟ ତଥା ଭୁବନେଶ୍ୱରର ଆପୋଲୋ ହସ୍ପିଟାଲ୍ସରେ ଓଡ଼ିଶାର ପ୍ରଥମ ନର୍ସ-ଲେଡ୍ କ୍ଲିନିକ୍ ନିକଟରେ ଉଦ୍‌ଘାଟିତ ହୋଇଯାଇଛି। ଏହି ଅବସରରେ ଭୁବନେଶ୍ୱରର ଆପୋଲୋ ହସ୍ପିଟାଲ୍ସର ସିଓଓ ତଥା ଡିରେକ୍ଟର ମେଡିକାଲ ସର୍ଭିସେସ୍(ଡିଏମ୍‌ଏସ୍) ଡା. ଆଲୋକ ଶ୍ରୀବାସ୍ତବ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଏହାର ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଆପୋଲୋ ହସ୍ପିଟାଲ୍ସର ଗ୍ରୁପ୍ ଡିରେକ୍ଟର ନର୍ସିଂ କ୍ୟାପ୍ଟେନ (ଡା.) ଉଷା ବାନାର୍ଜୀଙ୍କ ସମେତ ହସ୍ପିଟାଲର କର୍ମଚାରୀ ଓ ନର୍ସମାନେ ଉପସ୍ଥିତ ଥିଲେ। ସେହିଭଳି ଉକ୍ତ କ୍ଲିନିକ୍‌ରେ ପ୍ରଶିକ୍ଷିତ ନର୍ସମାନେ ରୋଗୀମାନଙ୍କୁ ଶିକ୍ଷା, ପରାମର୍ଶ, ଡିସ୍‌ଚାର୍ଜ ପରେ ଦିଆଯାଉଥିବା ସେବା ପ୍ରଦର୍ଶନ ଓ ନିୟମିତ ଫଲୋ-ଅପ୍ ସହିତ ସମସ୍ତ ସହଯୋଗ ପ୍ରଦାନ କରିବେ। ଏପରିକି ନର୍ସମାନେ ଡାକ୍ତରମାନଙ୍କ ସହ ଘନିଷ୍ଠ ସହଭାଗିତାରେ କାମ ସହ ଚିକିତ୍ସାର ଉତ୍ତମ ପରିଣାମ ସୁନିଶ୍ଚିତ କରିବା ସହ ଏକୁପାଇ ରୋଗୀ ସେବାର ଗୁଣବତ୍ତାର ବୃଦ୍ଧି କରିବେ। ବିଶେଷକରି ଉଷା ବାନାର୍ଜୀଙ୍କ ଦୃଢ଼ ନେତୃତ୍ୱରେ ଏହିଭଳି ଏକ ପ୍ରଥମ ପ୍ରୟାସ ଆପୋଲୋ ହସ୍ପିଟାଲ୍ସରେ ଆରମ୍ଭ ହୋଇଛି। ଏହି କ୍ଲିନିକ୍‌ରେ ରେଜିଷ୍ଟର୍ଡ ଏବଂ ଆଡଭାନ୍ସ ନର୍ସ ପ୍ରାକ୍ଟିଶନରମାନେ ପରିଚାଳନ କରିବେ, ଯେଉଁଥରେ ପ୍ରଧାନ ଜୋର ପ୍ରେଭେଣ୍ଟିଭ କେର୍ (ପ୍ରତିରୋଧମୂଳକ ସେବା) ଓ ଦୀର୍ଘସ୍ଥାୟୀ ରୋଗ ପରିଚାଳନା ଉପରେ ରହିବ।

## ପାରମିତା ଶତପଥୀ ତ୍ରିପାଠୀଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା



ଭୁବନେଶ୍ୱର,୨୯।୮

ଆୟକର ବିଭାଗର ଆଞ୍ଚଳିକ କାର୍ଯ୍ୟାଳୟ ଭୁବନେଶ୍ୱରରେ ଅବସ୍ଥାପିତ ତଥା ପ୍ରଧାନ ମୁଖ୍ୟ ଆୟକର ଆୟୁକ୍ତ ପାରମିତା ଶତପଥୀ ତ୍ରିପାଠୀ ଆସନ୍ତା ୩୧ରେ ( ୨୦୨୫ ଅଗଷ୍ଟ ୩୧) ଅବସରକାଳୀନ ବିଦାୟ ନେବାକୁ ଯାଉଛନ୍ତି। ଏହି ପରିପ୍ରେକ୍ଷୀରେ ଆୟକର ବିଭାଗର କଟକ କାର୍ଯ୍ୟାଳୟ ପକ୍ଷରୁ ଆୟୋଜିତ ଏକ ସ୍ୱତନ୍ତ୍ର ସମ୍ବର୍ଦ୍ଧନା ଉତ୍ସବରେ ତାଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ଏହି ଅବସରରେ ଆୟକର ମୁଖ୍ୟ ଅଧିକାରୀ କ୍ଷିତୀଶ କୁମାର ମହାନ୍ତି ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲାବେଳେ ପ୍ରଧାନ ଆୟକର ଆୟୁକ୍ତ ସରୋଜ କୁମାର ମହାପାତ୍ର ପାରମିତାଙ୍କ କାର୍ଯ୍ୟଦକ୍ଷତା ଓ ଆୟକର ବିଭାଗରେ ତାଙ୍କର ଦୀର୍ଘମୟ ସେବାର ବିଭିନ୍ନ ଅବଦାନ ସମ୍ପର୍କରେ ବିସ୍ତୃତ ଭାବେ ଆଲୋକପାତ କରିଥିଲେ। ଅପରପକ୍ଷରେ ପାରମିତା ତାଙ୍କର ଅବସରକାଳୀନ ବିଦାୟ ଅଭିଭାଷଣରେ ସମସ୍ତ ଅଫିସର ଓ କର୍ମଚାରୀଙ୍କୁ କୃତଜ୍ଞତା ଜ୍ଞାପନ କରିଥିଲେ।

## ନରାକାସ୍‌ର ୫୮ତମ ଅର୍ଦ୍ଧବାର୍ଷିକ ବୈଠକ




ଭୁବନେଶ୍ୱର,୨୯।୮

ନଗର ରାଜଭାଷା କାର୍ଯ୍ୟାନ୍ୱୟନ ସମିତି ବା ନରାକାସ୍ (ବ୍ୟାଙ୍କ ଓ ବୀମା) ର ୫୮ତମ ଅର୍ଦ୍ଧବାର୍ଷିକ ବୈଠକ ନିକଟରେ ଭାରତୀୟ ଷ୍ଟେଟ ବ୍ୟାଙ୍କ (ଷ୍ଟେଟ ବ୍ୟାଙ୍କ ଅଫ୍ ଇଣ୍ଡିଆ/ଏସ୍‌ବିଆଇ)ର ଭୁବନେଶ୍ୱର ମୁଖ୍ୟାଳୟଠାରେ ଅନୁଷ୍ଠିତ ହୋଇଯାଇଛି। ଏପରିକି ଭାରତୀୟ ରିଜର୍ଭ ବ୍ୟାଙ୍କ (ରିଜର୍ଭ ବ୍ୟାଙ୍କ ଅଫ୍ ଇଣ୍ଡିଆ/ଆର୍‌ବିଆଇ)ର ଭୁବନେଶ୍ୱର ଆଞ୍ଚଳିକ ନିର୍ଦ୍ଦେଶକ ଡ. ସାରଦା ପ୍ରସନ୍ନ ମହାନ୍ତିଙ୍କ ପୌରୋହିତ୍ୟରେ ଏହି ବୈଠକ ଆୟୋଜିତ ହୋଇଥିଲା। ଏହିଅବସରରେ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ଉପନିର୍ଦ୍ଦେଶକ (କାର୍ଯ୍ୟକାରୀ) ଡ. ବିଚିତ୍ରସେନ ଗୁପ୍ତାଙ୍କ ସମେତ ଆଇଡିବିଆଇ ବ୍ୟାଙ୍କର ମୁଖ୍ୟ ମହାପ୍ରବନ୍ଧକ ସୁଜିତ କୁମାର, ନାବାର୍ଡର ମହାପ୍ରବନ୍ଧକ ଆୟୁଷ ଶେଓପୁରୀ ଏବଂ ଏସ୍‌ବିଆଇର ସିଡିଓ ସାମଦେନ ଦୋର୍ଜି ଲାମା ପ୍ରମୁଖ ଉପସ୍ଥିତ ଥିଲେ। ସେହିଭଳି ନରାକାସ୍ (ବ୍ୟାଙ୍କ)ର ଉପସଭାପତି ସାମଦେନ୍ ଦୋର୍ଜି ଲାମା ସ୍ୱାଗତ ଅଭିଭାଷଣରେ ସମସ୍ତ ସଦସ୍ୟଙ୍କ ସକ୍ରିୟ ସହଯୋଗ ପାଇଁ ପ୍ରଶଂସା ସହ ସମସ୍ତ ସଦସ୍ୟ କାର୍ଯ୍ୟାଳୟକୁ ଶ୍ରେୟ ପ୍ରଦାନ ସହ ନରାକାସ୍ ରାଜଭାଷା ସମ୍ମାନ ପାଇଁ ନାରକାସ୍ ସଦସ୍ୟମାନଙ୍କର ପ୍ରଶଂସା କରିଥିଲେ। ଏପରିକି ଗତ ୬ବର୍ଷ ମଧ୍ୟରେ ନରାକାସ୍ ସଦସ୍ୟ ବ୍ୟାଙ୍କଗୁଡ଼ିକରେ ସରକାରୀ ଭାଷାର ପ୍ରଚାରପ୍ରସାର ପାଇଁ ଆୟୋଜିତ ବିଭିନ୍ନ ହିନ୍ଦୀ କାର୍ଯ୍ୟକ୍ରମ ସମ୍ପର୍କରେ ଏକ ରିପୋର୍ଟ ଉପସ୍ଥାପନ କରାଯାଇଥିଲା। ଏହି ପରିପ୍ରେକ୍ଷୀରେ ଡ. ବିଚିତ୍ରସେନ ଗୁପ୍ତା ତାଙ୍କ ସମୀକ୍ଷା ଅବସରରେ ଭୁବନେଶ୍ୱରସ୍ଥିତ ନରାକାସ୍ (ବ୍ୟାଙ୍କ) ର ପ୍ରଦର୍ଶନକୁ ପ୍ରଶଂସାକରିବା ସହ ଏହି କମିଟି ଦେଶର ଅନ୍ୟତମ ଶ୍ରେଷ୍ଠ କମିଟି ବୋଲି କହିଥିଲେ।

## ଏଲ୍‌ଆଇସି ପକ୍ଷରୁ ଜାତୀୟ କ୍ରୀଡ଼ା ଦିବସ

ଭୁବନେଶ୍ୱର,୨୯।୮

ଭାରତୀୟ ଜୀବନ ବୀମା ନିଗମ (ଲାଇଫ୍ ଇନ୍‌ସ୍ୟୁରାନ୍ସ କର୍ପୋରେଶନ ଅଫ୍ ଇଣ୍ଡିଆ ବା ଏଲ୍‌ଆଇସି) ପକ୍ଷରୁ ଶୁକ୍ରବାର ଜାତୀୟ କ୍ରୀଡ଼ା ଦିବସ ପାଳିତ ହୋଇଯାଇଛି। ବିଶେଷକରି ହକି କିମ୍ବଦନ୍ତୀ ମେଜର ଧ୍ୟାନଚାନ୍ଦଙ୍କ ଜନ୍ମବାର୍ଷିକୀକୁ ମନେପକାଇବା ପାଇଁ ଏଲ୍‌ଆଇସି ଜାତୀୟ କ୍ରୀଡ଼ା ଦିବସ ପାଳନ କରୁଛି। ଏହି ପରିପ୍ରେକ୍ଷୀରେ ଏଲ୍‌ଆଇସି ପକ୍ଷରୁ ଏକ ୩ ଦିନିଆ କାର୍ଯ୍ୟକ୍ରମର ଆୟୋଜନ କରାଯାଉଛି। ୨୦୨୫ ଅଗଷ୍ଟ ୨୯ରୁ ୩୧ ପର୍ଯ୍ୟନ୍ତ ଏହି କାର୍ଯ୍ୟକ୍ରମ ଜାରି ରହିବ। ଏପରିକି ଏହି ସମୟ ମଧ୍ୟରେ ଏଲ୍‌ଆଇସି ଦେଶବ୍ୟାପୀ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜନ କରୁଥିଲାବେଳେ ଏଲ୍‌ଆଇସି ଅଧିକାରୀ ଓ କର୍ମଚାରୀମାନଙ୍କୁ ସେମାନଙ୍କ ଦୈନନ୍ଦିନ କାର୍ଯ୍ୟରେ ଶାରୀରିକ ସୁସ୍ଥତାକୁ ସାମିଲକରିବାକୁ ଉତ୍ସାହିତ କରିବା ପାଇଁ ଘର ଭିତର ଏବଂ ବାହାର କ୍ରୀଡ଼ା କାର୍ଯ୍ୟକଳାପ ଆୟୋଜନ କରିବ। ଏହି କାର୍ଯ୍ୟକ୍ରମର ଏକ ଅଂଶ ଭାବେ ସମସ୍ତ ଏଲ୍‌ଆଇସି କର୍ମଚାରୀ ଶୁକ୍ରବାର ଫିଟ୍ ଇଣ୍ଡିଆ ଫିଟ୍‌ନେସ୍ ପ୍ରତିଜ୍ଞା ଗ୍ରହଣ କରିଥିଲେ। ସେହିପରି ଏଲ୍‌ଆଇସି ମୁମ୍ବାଇଠାରେ ଶାରୀରିକ ଭାବେ ସକ୍ରିୟ ଏବଂ ସୁସ୍ଥ ଜୀବନଶୈଳୀର ଗୁରୁତ୍ୱକୁ ପ୍ରୋତ୍ସାହିତ କରିବା ପାଇଁ ଅଗଷ୍ଟ ୩୦ରେ ଫିଟ୍ ଇଣ୍ଡିଆ ୱାକାଥନ୍ ମଧ୍ୟ ଆୟୋଜନ କରିବ।

# ଭାରତକୁ କ୍ରୀଡ଼ା ଉତ୍କର୍ଷର ବତିଘର କରିବାକୁ ରାଜ୍ୟପାଳଙ୍କ ଆହ୍ୱାନ

**ଭୁବନେଶ୍ୱର, ୨୯।୮ (ତପନ ସ୍ୱାଇଁ)**

ମେଜର ଧ୍ୟାନ ଚାନ୍ଦଙ୍କ ଜନ୍ମତିଥି ଅଗଷ୍ଟ ୨୯ ଜାତୀୟ କ୍ରୀଡ଼ା ଦିବସ ଅବସରରେ ଶୁକ୍ରବାର ରାଜ୍ୟର ସର୍ବଶ୍ରେଷ୍ଠ ବିଜୁ ପଟ୍ଟନାୟକ କ୍ରୀଡ଼ା ପୁରସ୍କାର ଓ ସାହସିକତା ପୁରସ୍କାର ପ୍ରଦାନ ଉତ୍ସବ ସୂଚନା ଭବନ ପରିସରରେ ଅନୁଷ୍ଠିତ ହୋଇଯାଇଛି। ‘‘ହକି ଯାଦୁକର ମେଜର ଧ୍ୟାନଚାନ୍ଦଙ୍କର କୀର୍ତ୍ତି ଓ କୃତି ଦ୍ୱାରା ଅନୁପ୍ରାଣିତ ହୋଇ ଶୃଙ୍ଖଳା, ଦଳଗତ ଉଦ୍ୟମ, ସାହସ ଓ ନମ୍ରତାର ମୂଲ୍ୟବୋଧକୁ ପାଥେୟ କରି ଓଡ଼ିଶା ଏବଂ ଭାରତକୁ ବିଶ୍ୱ ପାଇଁ କ୍ରୀଡ଼ା ଉତ୍କର୍ଷତାର ଉଜ୍ଜ୍ୱଳ ବତିଘର କରିବା ନିମନ୍ତେ ପ୍ରୟାସ କରିବାକୁ ମୁଖ୍ୟ ଅତିଥି ରାଜ୍ୟପାଳ ଡ. ହରିବାବୁ କମ୍ଭମପାଟି ଆହ୍ୱାନ ଜଣାଇଛନ୍ତି। ରାଜ୍ୟ କ୍ରୀଡ଼ା ବିଭାଗ ପକ୍ଷରୁ ଆୟୋଜିତ ଉକ୍ତ କାର୍ଯ୍ୟକ୍ରମରେ ରାଜ୍ୟପାଳ ଆହୁରି କହିଛନ୍ତି, ଯେଉଁ ପିଲାମାନେ କ୍ରୀଡ଼ା କ୍ଷେତ୍ରକୁ ଆସୁଛନ୍ତି ସେମାନଙ୍କଠାରେ ଥିବା ଅନ୍ତର୍ନିହିତ ପ୍ରତିଭା ଓ ସମ୍ଭାବନାକୁ ପୋଷଣ କରି ସେମାନଙ୍କୁ ଉତ୍କର୍ଷତା ପ୍ରତିପାଦନ ଦିଗରେ ଉତ୍ସାହିତ କରିବା ଆମର କର୍ତ୍ତବ୍ୟ। ବିଜୁ




ରାଜ୍ୟପାଳ ହରିବାବୁ କମ୍ଭମପାଟି, କ୍ରୀଡ଼ାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଓ ଅନ୍ୟ ଅତିଥିଙ୍କ ସହ ବିଜୁ ପଟ୍ଟନାୟକ କ୍ରୀଡ଼ା ପୁରସ୍କାରରେ ସମ୍ମାନିତ ବ୍ୟକ୍ତିବୃନ୍ଦ। (ଫଟୋ: ବିକାଶ ନାୟକ)

## ବିଜୁ ପଟ୍ଟନାୟକ କ୍ରୀଡ଼ା ପୁରସ୍କାର ପ୍ରଦାନ

ପଟ୍ଟନାୟକ କ୍ରୀଡ଼ା ସମ୍ମାନରେ ସମ୍ମାନିତ କୃତୀ କ୍ରୀଡ଼ାବିତମାନଙ୍କ ସଫଳତା କେବଳ ଏକ ବ୍ୟକ୍ତିଗତ ବିଜୟ ନୁହେଁ ବରଂ ଆମ ରାଜ୍ୟ ଓ ଦେଶ ପାଇଁ ଏକ ସାମୂହିକ ଗର୍ବ। ସେମାନେ ଓଡ଼ିଶାର କ୍ରୀଡ଼ା ମନୋଭାବର ମଶାଲ ବାହକ ଏବଂ ଆଗାମୀ ପିଢ଼ି ପାଇଁ ଆଦର୍ଶ। ଏହି ଅବସରରେ ରାଜ୍ୟପାଳ ହକି ଯାଦୁକର ମେଜର ଧ୍ୟାନଚାନ୍ଦଙ୍କୁ ଶ୍ରଦ୍ଧା ସୁମନ ଅର୍ପଣ କରିବା ସହ ବିଜୁ ପଟ୍ଟନାୟକ ସାହସିକତା ପୁରସ୍କାର ବିଜେତାଙ୍କୁ ଅଭିନନ୍ଦନ ଜଣାଇଥିଲେ। କ୍ରୀଡ଼ାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଓ ବିଧାୟକ ବାବୁ ସିଂ ସମ୍ମାନିତ ଅତିଥିଭାବେ ଯୋଗଦେଇ ଓଡ଼ିଶାରେ କ୍ରୀଡ଼ା ଓ କ୍ରୀଡ଼ାବିତଙ୍କ ବିକାଶ ପାଇଁ ସରକାରଙ୍କ ତରଫରୁ ନିଆଯାଉଥିବା ବହୁବିଧ ପଦକ୍ଷେପ ଉପରେ ଆଲୋକପାତ କରିଥିଲେ। କ୍ରୀଡ଼ା ସଚିବ ସଚିନ ରାମଚନ୍ଦ୍ର ଯାଦବ ସ୍ୱାଗତ ଭାଷଣ ଦେଇଥିବାବେଳେ କ୍ରୀଡ଼ା ନିର୍ଦ୍ଦେଶକ ୟେଦୁଲା ବିଜୟ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ରାଜ୍ୟପାଳ ଅର୍ଜୁନ ପୁରସ୍କାରପ୍ରାପ୍ତ ଭାରୋତ୍ତୋଳକ ବିଜୟ କୁମାର ଶତପଥୀଙ୍କୁ ଲାଇଫ୍ ଟାଇମ୍ ଆଚିଭ୍‌ମେଣ୍ଟ ପୁରସ୍କାରରେ ସମ୍ମାନିତ କରିଛନ୍ତି। ପୁରସ୍କାର ଆକାରରେ ତାଙ୍କୁ ଟ୍ରଫି ଓ ମାନପତ୍ର ସହ ୪ ଲକ୍ଷ ଟଙ୍କାର ଚେକ୍ ପ୍ରଦାନ କରାଯାଇଛି। ଅସୁସ୍ଥତା ଯୋଗୁ ସେ ଅନୁପସ୍ଥିତ ରହିବାରୁ ତାଙ୍କ ପୁଅ ସୋମନାଥ ଶତପଥୀ ପୁରସ୍କାର ଗ୍ରହଣ କରିଛନ୍ତି। ୧୦୦ ଓ ୨୦୦ ମିଟରରେ ଜାତୀୟ ରେକର୍ଡଧାରୀ ସ୍ପ୍ରିଣ୍ଟର ଓଡ଼ିଶା ଏଚ୍‌ପିସିର ଅନିମେଶ କୁଜୁର ଶ୍ରେଷ୍ଠ କ୍ରୀଡ଼ାବିତ୍ ପୁରସ୍କାର ପାଇଛନ୍ତି। ତାଙ୍କୁ ଟ୍ରଫି ଓ ମାନପତ୍ର ସହ ୩ ଲକ୍ଷ ଟଙ୍କା ଦିଆଯାଇଛି। ସେହିପରି ଅନ୍ତର୍ଜାତୀୟ ହୁଇଲ ଚେୟାର ଫେନ୍ସିଂ ତାରକା ରାଖାଲ କୁମାର ସେଠୀ ଶ୍ରେଷ୍ଠ ପାରା କ୍ରୀଡ଼ାବିତ୍, ସୁଷମା ନନ୍ଦ (ଭଲିବଲ) ଶ୍ରେଷ୍ଠ କୋଚ୍, କ୍ରୀଡ଼ା ଖବରଦାତା ବିମଳ କୁମାର ରାଉଳ, ଉଦୀୟମାନ ଚେସ୍ ଖେଳାଳି ସାତ୍ତ୍ୱିକ ସ୍ୱାଇଁ ଏହି ସମ୍ମାନଜନକ ପୁରସ୍କାର ଲାଭ କରିଛନ୍ତି। ଡାକ୍ତର ସୁଦୀପ ଶତପଥୀଙ୍କୁ ବୈଷୟିକ କ୍ରୀଡ଼ା ଅଧିକାରୀ ପୁରସ୍କାର ଦିଆଯାଇଥିବାବେଳେ ସ୍ପୋର୍ଟ୍ସ ପ୍ରମୋଶନ ପାଇଁ ରାଜ୍ୟ ଖୋ ଖୋ ସଂଘ ସମ୍ପାଦକ ପ୍ରଦ୍ୟୁମ୍ନ ମିଶ୍ରଙ୍କୁ ଏହି ପୁରସ୍କାରରେ ସମ୍ମାନିତ କରାଯାଇଛି। ଏ ସମସ୍ତଙ୍କୁ ଟ୍ରଫି ଓ ମାନପତ୍ର ସହ ୨ ଲକ୍ଷ ଟଙ୍କା ଲେଖାଏ ପ୍ରଦାନ କରାଯାଇଛି। ସେହିପରି ଜୀବନ କୁମାର ବେହେରା ଓ ଚିତ୍ତରଞ୍ଜନ ପ୍ରଧାନଙ୍କୁ ସାହସିକତା ପୁରସ୍କାର ପ୍ରଦାନ କରାଯାଇଛି। ଉଭୟଙ୍କୁ ପଦକ ସହ ୨ ଲକ୍ଷ ଟଙ୍କାର ଚେକ୍ ଦିଆଯାଇଛି।

## ପୁରସ୍କାର ତାଲିକା

ଲାଇଫ୍ ଟାଇମ୍ ଆଚିଭମେଣ୍ଟ: ବିଜୟ କୁମାର ଶତପଥୀ
ଶ୍ରେଷ୍ଠ କ୍ରୀଡ଼ାବିତ୍: ଅନିମେଶ କୁଜୁର
ଶ୍ରେଷ୍ଠ ପାରା କ୍ରୀଡ଼ାବିତ୍: ରାଖାଲ କୁମାର ସେଠୀ
ଶ୍ରେଷ୍ଠ କୋଚ୍: ସୁଷମା ନନ୍ଦ (ଭଲିବଲ)
ଶ୍ରେଷ୍ଠ କ୍ରୀଡ଼ା ଖବରଦାତା: ବିମଳ କୁମାର ରାଉଳ
ଶ୍ରେଷ୍ଠ ଉଦୀୟମାନ ଖେଳାଳି: ସାତ୍ତ୍ୱିକ ସ୍ୱାଇଁ
ବୈଷୟିକ କ୍ରୀଡ଼ା ଅଧିକାରୀ: ଡାକ୍ତର ସୁଦୀପ ଶତପଥୀ
ସ୍ପୋର୍ଟ୍ସ ପ୍ରମୋଶନ: ଖୋ ଖୋ ସଂଘ ସମ୍ପାଦକ ପ୍ରଦ୍ୟୁମ୍ନ ମିଶ୍ର
ସାହସିକତା ପୁରସ୍କାର: ଜୀବନ କୁମାର ବେହେରା ଓ ଚିତ୍ତରଞ୍ଜନ ପ୍ରଧାନ

# ହୃଦାନନ୍ଦଙ୍କୁ ରୌପ୍ୟ ପଦକ

**ଭୁବନେଶ୍ୱର, ୨୯।୮ (ତପନ ସ୍ୱାଇଁ)**

### ରାଜ୍ୟଗୋଷ୍ଠୀ ଭାରୋତ୍ତୋଳନ

ଅହମଦାବାଦଠାରେ ଚାଲିଥିବା ରାଜ୍ୟଗୋଷ୍ଠୀ ଭାରୋତ୍ତୋଳନ (ୟୁଥ୍, ଜୁନିୟର ଓ ସିନିୟର) ଚାମ୍ପିୟନଶିପ୍‌ରେ ଓଡ଼ିଶା ପ୍ରତିଯୋଗୀଙ୍କ ପ୍ରଭାବୀ ପ୍ରଦର୍ଶନ ଜାରି ରହିଛି। ଶୁକ୍ରବାର ଅନୁଷ୍ଠିତ ୮୮ କେଜି ଜୁନିୟର ବାଳକ ବର୍ଗରେ ହୃଦାନନ୍ଦ ଦାସ ମୋଟ ୩୧୭ କେଜି ଉତ୍ତୋଳନ କରି ଏହି ସଫଳତା ପାଇଛନ୍ତି। ସେ ସ୍ନାଚ୍‌ରେ ୧୩୯ ଏବଂ କ୍ଲିନ ଆଣ୍ଡ ଜର୍କରେ ୧୭୮ କେଜି ଭାର ଉଠାଇଥିଲେ। ହୃଦାନନ୍ଦ ଢେଙ୍କାନାଳରେ ଥିବା ଟେନ୍‌ଭିକ୍ ସ୍ପୋର୍ଟ୍ସ ପରିଚାଳିତ ଓଡ଼ିଶା ଏଚ୍‌ପିସି ସବ୍-ସେଣ୍ଟରରେ କୋଚ୍ ଗୋପାଳ କୃଷ୍ଣ ଦାସଙ୍କଠାରୁ ପ୍ରଶିକ୍ଷଣ ପ୍ରାପ୍ତ। ଏହି ପ୍ରଦର୍ଶନ ପାଇଁ ହୃଦାନନ୍ଦଙ୍କୁ ପଟିଆଲାସ୍ଥିତ ଜାତୀୟ କ୍ୟାମ୍ପରେ ଅଭ୍ୟାସ ପାଇଁ ମନୋନୀତ କରାଯାଇଛି।



ହୃଦାନନ୍ଦ ଦାସ

# ନିରପେକ୍ଷ ଭେନ୍ୟୁରେ ଭାରତ-ପାକିସ୍ତାନ ମ୍ୟାଚ୍

### ଏଫ୍‌ଆଇଏଚ୍ ପ୍ରୋ-ଲିଗ୍

**ନୂଆଦିଲ୍ଲୀ, ୨୯।୮ (ପି.ଟି.)**

ଆଗାମୀ ପୁରୁଷ ଏଫ୍‌ଆଇଏଚ୍ ପ୍ରୋ-ଲିଗ୍‌ର ୭ମ ସଂସ୍କରଣରେ ପାକିସ୍ତାନ ହକି ଦଳ ଅଂଶଗ୍ରହଣ କରିବ। ଏହି ଟୁର୍ଣ୍ଣାମେଣ୍ଟ ହୋମ୍ ଓ ଆୱେ ଫର୍ମାଟରେ ଖେଳାଯାଇଥାଏ। ଟୁର୍ଣ୍ଣାମେଣ୍ଟରେ ଭାରତ-ପାକିସ୍ତାନ ମ୍ୟାଚ ନିରପେକ୍ଷ ଭେନ୍ୟୁରେ ଖେଳାଯିବା ସମ୍ଭାବନା ରହିଛି। ଆଗାମୀ ସିଜନରେ ଭାରତ ଓ ପାକିସ୍ତାନ ବ୍ୟତୀତ ଆର୍ଜେଣ୍ଟିନା, ଅଷ୍ଟ୍ରେଲିଆ, ବେଲଜିୟମ, ଇଂଲଣ୍ଡ, ଜର୍ମାନୀ, ନେଦରଲାଣ୍ଡସ ଓ ସ୍ପେନ ଦଳ ଏଥିରେ ଭାଗନେବେ। ପାକିସ୍ତାନ ଚଳିତବର୍ଷ ପ୍ରାରମ୍ଭରେ ମାଲେସିଆରେ ଖେଳାଯାଇଥିବା ଏଫ୍‌ଆଇଏଚ୍ ହକି ନେଶନ୍ସ କପ୍ ଜରିଆରେ ପ୍ରୋ-ଲିଗ୍ ଖେଳିବା ଲାଗି ଯୋଗ୍ୟତା ଅର୍ଜନ କରିଛି। ଏହି ଇଭେଣ୍ଟରେ ପାକିସ୍ତାନକୁ ହରାଇ ନ୍ୟୁଜିଲାଣ୍ଡ ଚାମ୍ପିୟନ ହୋଇଥିଲା। ଫେଡେରେଶନ ଅଫ୍ ଇଣ୍ଟରନ୍ୟାଶନାଲ ହକି (ଏଫ୍‌ଆଇଏଚ୍) ପାକିସ୍ତାନକୁ ରନରଅପ୍ ଦଳ ଭାବେ ପ୍ରୋ-ଲିଗ୍‌ରେ ଖେଳିବା ଲାଗି ଆମନ୍ତ୍ରଣ କରିଥିଲା। ପହଲଗାମ୍ ଆତଙ୍କବାଦୀ ଆକ୍ରମଣ ଘଟଣା ଏବଂ ପରେ ସୀମା ଉତ୍ତେଜନାକୁ ନେଇ ଭାରତ ସରକାର ପଡ଼ୋଶୀ ପାକିସ୍ତାନ ବିରୋଧରେ କଠୋର ଆଭିମୁଖ୍ୟ ଗ୍ରହଣ କରିଛନ୍ତି। ଦୁଇ ଦେଶ ମଧ୍ୟରେ ଦ୍ୱିପାକ୍ଷିକ ଖେଳକୁ ବାରଣ କରାଯାଇଛି। ଭାରତକୁ ଆସିବା ଲାଗି ପାକିସ୍ତାନ ଦଳକୁ ଅନୁମତି ମିଳିବ ନାହିଁ କିମ୍ବା ଭାରତୀୟ ଦଳ ସେ ଦେଶକୁ ଯିବ ନାହିଁ। ତେବେ କୌଣସି ଅନ୍ତର୍ଜାତୀୟ ଟୁର୍ଣ୍ଣାମେଣ୍ଟରେ ପାକିସ୍ତାନ ବିପକ୍ଷରେ ନିରପେକ୍ଷ ଭେନ୍ୟୁରେ ଖେଳିପାରିବ। ଶୁକ୍ରବାରଠାରୁ ବିହାରର ରାଜଗିରିଠାରେ ଏସିଆ କପ୍ ହକି ଟୁର୍ଣ୍ଣାମେଣ୍ଟ ଆରମ୍ଭ ହୋଇଛି, ଯାହା କି ବିଶ୍ୱକପ୍‌ର ଏକ କ୍ୱାଲିଫାୟର ଭାବେ ବିବେଚନା କରାଯାଉଛି। ଏହି ମହାଦେଶୀୟ ଟୁର୍ଣ୍ଣାମେଣ୍ଟରେ ଖେଳିବାକୁ ଭାରତ ସରକାର ଭିଜା ପ୍ରଦାନ କରିବା ଲାଗି ସ୍ଥିର କରିଥିଲେ ହେଁ ପାକିସ୍ତାନ ଦଳ ଭାରତ ନ ଆସିବା ଲାଗି ନିଷ୍ପତ୍ତି ନେଇଥିଲା। ଏଥର ଏଫ୍‌ଆଇଏଚ୍ କାର୍ଯ୍ୟସୂଚୀ ଘୋଷଣା କରିବା ବେଳେ ଏଥିରେ ପାକିସ୍ତାନ ପାଇଁ କ’ଣ ଯୋଜନା ରଖିଛି ତାହାକୁ ଅପେକ୍ଷା କରାଯାଉଛି।

### ପ୍ରୋ-କବାଡ଼ି ଲିଗ୍ ଆରମ୍ଭ

# ଉଦ୍‌ଘାଟନୀରେ ତାମିଲ ଥଲାଇଭାସ ବିଜୟୀ

**ଭାଇଜାକ୍, ୨୯।୮ (ପି.ଟି.):** ପ୍ରୋ-କବାଡ଼ି ଲିଗ୍ ସିଜନ ଓପନରରେ ତାମିଲ ଥଲାଇଭାସ ୩୮-୩୫ ସ୍ୱଳ୍ପ ବ୍ୟବଧାନରେ ସ୍ଥାନୀୟ ଦଳ ତେଲୁଗୁ ଟାଇଟନ୍ସକୁ ହରାଇ ଦେଇଛି। ଦଳକୁ ଜିତାଇବାରେ ଅର୍ଜୁନ ଦେଶୱାଲ ଓ ପୱନ ଶେରାୱତ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ଦେଶୱାଲ ଏକ ସୁପର ୧୦ କରିଥିବାବେଳେ ଶେରାୱତ ଓ ଭରତ ହୁଡା ପ୍ରତ୍ୟେକ ୯ ପଏଣ୍ଟ ଲେଖାଏଁ ସ୍କୋର କରିଥିଲେ।



ବିଜୁ ପଟ୍ଟନାୟକ କ୍ରୀଡ଼ା ପୁରସ୍କାର ପ୍ରଦାନ ଉତ୍ସବରେ ଉପସ୍ଥିତ ଅଲିମ୍ପିଆନ ଅନୁରାଧା ବିଶ୍ୱାଳ, ଚେସ୍ ଅନ୍ତର୍ଜାତୀୟ ମାଷ୍ଟର ସ୍ୱୟଂଶୁ ସତ୍ୟପ୍ରଜ୍ଞ, ଅନ୍ତର୍ଜାତୀୟ ଫୁଟବଲର ଶ୍ରଦ୍ଧାଞ୍ଜଳି ସାମନ୍ତରାୟ ଓ ଅଲିମ୍ପିଆନ ଭାରୋତ୍ତୋଳକ କେ. ରବିକୁମାର।

### ଏସିଆନ୍ ଶୁଟିଂ ଚାମ୍ପିୟନଶିପ୍

# ରାଜକନୱାର, ଅଙ୍କୁରଙ୍କୁ ସ୍ୱର୍ଣ୍ଣ ପଦକ

**ଶିମ୍‌କେଣ୍ଟ, ୨୯।୮ (ପି.ଟି.):** ଯୁବ ପିସ୍ତଲ ମାର୍କସମ୍ୟାନ ରାଜକନୱାର ସିଂ ସାନ୍ଧୁ ଏଠାରେ ଚାଲିଥିବା ଏସିଆନ୍ ଶୁଟିଂ ଚାମ୍ପିୟନଶିପ୍ ୨୫ ମିଟର ସେଣ୍ଟର ଫାୟାର ଇଭେଣ୍ଟରେ ସ୍ୱର୍ଣ୍ଣ ପଦକ ଲାଭ କରିଛନ୍ତି। ସେହିପରି ପୂର୍ବତନ ବିଶ୍ୱ ଚାମ୍ପିୟନ ଅଙ୍କୁର ମିତ୍ତଲ ଡବଲ ଟ୍ରାପ୍‌ରେ ସ୍ୱର୍ଣ୍ଣ ଜିତିଛନ୍ତି। ମହିଳା ଡବଲ ଟ୍ରାପ୍‌ରେ ଭାରତ କ୍ଲିନ୍ ସୁଇପ୍ ବିଜୟ ହାସଲ କରିଛି। ଅନୁଷ୍କା ଭଟି (୯୩), ପ୍ରାନିଲ ଇଙ୍ଗଲ (୮୯) ଓ ହାର୍ଫିଜ୍ କଣ୍ଟ୍ରାକ୍ଟର (୮୭) ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ହୋଇଥିଲେ। ଏହି ତ୍ରୟ ୨୬୯ ସ୍କୋର ସହ ଟିମ୍ ଇଭେଣ୍ଟ ସ୍ୱର୍ଣ୍ଣ ହାସଲ କରିଛନ୍ତି। ଗତ ଅଗଷ୍ଟ ୧୩ରେ ୨୩ ବର୍ଷ ବୟସରେ ପଦାର୍ପଣ କରିଥିବା ସାନ୍ଧୁ ଦେଶର ଭେଟେରାନ ସାଥୀ ଶୁଟର ଗୁରପ୍ରୀତ୍ ସିଂ, ଜଣେ କୋରିଆର ଏବଂ ଜଣେ ଇରାନୀ ଶୁଟରଙ୍କଠାରୁ କଡ଼ା ମୁକାବିଲାର ସମ୍ମୁଖୀନ ହୋଇଥିଲେ। ସେ ୫୮୩ (ପ୍ରିସିସନ ୨୮୯, ରାପିଡ୍ ୨୯୪) ସ୍କୋର ସହ ତାଙ୍କ କ୍ୟାରିୟରର ସବୁଠାରୁ ବଡ଼ ପଦକ ହାସଲ କରିବାରେ ସମର୍ଥ ହୋଇଛନ୍ତି। ଅନ୍ତର୍ଜାତୀୟସ୍ତରରେ ସିନିୟର ବିଭାଗରେ ଏହା ହେଉଛି ତାଙ୍କର ପ୍ରଥମ ପଦକ।

# କାଫା ନେଶନ୍ସ କପ୍: ତାଜିକିସ୍ତାନକୁ ହରାଇଲା ଭାରତ

**ହିସୋର, ୨୯।୮ (ପି.ଟି.):** ନୂଆ କୋଚ୍ ଖଲିଦ ଜମିଲଙ୍କ ଅଧୀନରେ ଭାରତର ଜାତୀୟ ପୁରୁଷ ଫୁଟ୍‌ବଲ ଦଳ ପ୍ରଥମ ବିଜୟ ହାସଲ କରିଛି। ଶୁକ୍ରବାର କାଫା ନେଶନ୍ସ କପ୍ ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟରେ ଭାରତ ପ୍ରଥମ ମ୍ୟାଚରେ ୧୦୬ ର୍‍ୟାଙ୍କିଙ୍ଗପ୍ରାପ୍ତ ଆୟୋଜକ ତାଜିକିସ୍ତାନକୁ ୨-୧ ଗୋଲ୍‌ରେ ପରାସ୍ତ କରିଛି। ଏକ ସ୍ପଟ କିକ୍ ସମେତ ଗୁରପ୍ରୀତ ସିଂ ସାନ୍ଧୁଙ୍କ ଚମତ୍କାର ଗୋଲ୍ ରକ୍ଷଣ ଯୋଗୁ ଏହା ସମ୍ଭବ ହୋଇ ପାରିଛି। ବିଶ୍ୱର ୧୩୩ ର୍‍ୟାଙ୍କିଙ୍ଗପ୍ରାପ୍ତ ଭାରତ ତରଫରୁ ଅନୱର ଅଲି (୫ମ ମିନିଟ) ଓ ସନ୍ଦେଶ ଝିଙ୍ଗାନ (୧୩ତମ) ଗୋଟିଏ ଲେଖାଏଁ ଗୋଲ୍ ସ୍କୋର କରିଥିଲେ।

# ଓଡ଼ିଶାରୁ ଭାଗନେବେ ୩୭ ପ୍ରତିଯୋଗୀ

### ଜାତୀୟ ଜୁନିୟର, ସବ୍‌ଜୁନିୟର ପାରା ଆଥ୍‌ଲେଟିକ୍ସ

**ଭୁବନେଶ୍ୱର, ୨୯।୮ (ତପନ ସ୍ୱାଇଁ)**

ମଧ୍ୟପ୍ରଦେଶର ଗ୍ୱାଲିୟରଠାରେ ୨୪ଶ ଜାତୀୟ ଜୁନିୟର ଓ ସବ୍‌ଜୁନିୟର ପାରା ଆଥ୍‌ଲେଟିକ୍ସ ଚାମ୍ପିୟନଶିପ୍ ଶନିବାରଠାରୁ ଆରମ୍ଭ ହେଉଛି। ପ୍ରତିଯୋଗିତାର ବିଭିନ୍ନ ବର୍ଗରେ ଅଂଶଗ୍ରହଣ ପାଇଁ ଓଡ଼ିଶାର ୩୭ ପ୍ରତିଯୋଗୀ ଗ୍ୱାଲିୟର ଯାତ୍ରା କରିଛନ୍ତି। କଳିଙ୍ଗ ଷ୍ଟାଡିୟମରେ ନିକଟରେ ଅନୁଷ୍ଠିତ ରାଜ୍ୟ ଜୁନିୟର ଓ ସବ୍‌ଜୁନିୟର ପାରା ଆଥ୍‌ଲେଟିକ୍ସ ଚାମ୍ପିୟନଶିପ୍‌ରେ ପ୍ରଦର୍ଶନ ଭିତ୍ତିରେ ଜାତୀୟ ପ୍ରତିଯୋଗିତା ପାଇଁ ଖେଳାଳି ଚୟନ କରାଯାଇଛି। ରାଜ୍ୟ ସରକାରଙ୍କ କ୍ରୀଡ଼ା ବିଭାଗ ସହଯୋଗରେ ଓଡ଼ିଶା ଦଳର କୋଚିଂ କ୍ୟାମ୍ପ ଅନୁଷ୍ଠିତ ହୋଇଯାଇଛି। ଓଡ଼ିଶା ଦଳ ସହ କୋଚ୍ ଦେବମୃତ ସାହୁ, ହାଇପରଫର୍ମାନ୍ସ କୋଚ୍ ଅଜୟ ବର୍ଦ୍ଧନ ଗୁଟୁଲା, ମ୍ୟାନେଜର ଉଦିତ ହରପାଲ, ସପୋର୍ଟ ଷ୍ଟାଫ୍ ସୌମ୍ୟଶ୍ରୀ ମିଶ୍ର, ଲିପ୍ସା, ମିଶ୍ର ଓ ପୂଜା ବେହେରା ପ୍ରମୁଖ ଯାତ୍ରା କରିଛନ୍ତି।

# ଜାତୀୟ କ୍ରୀଡ଼ା ଦିବସ: ୪୧ ପୋଲିସ କ୍ରୀଡ଼ାବିତ୍ ସମ୍ବର୍ଦ୍ଧିତ



ରାଜ୍ୟ ଆରକ୍ଷୀ ମହାନିର୍ଦ୍ଦେଶକ ଯୋଗେଶ ବାହାଦୂର ଖୁରାନିଆଙ୍କ ସହ ସମ୍ବର୍ଦ୍ଧିତ ଓଡ଼ିଶା ପୋଲିସର ୪୧ ଶ୍ରେଷ୍ଠ କ୍ରୀଡ଼ାବିତ।

**କଟକ, ୨୯।୮ (କାର୍ତ୍ତିକ ସାହୁ)**

ହକି କିମ୍ବଦନ୍ତୀ ମେଜର ଧ୍ୟାନଚାନ୍ଦଙ୍କ ଜୟନ୍ତୀ ତଥା ଜାତୀୟ କ୍ରୀଡ଼ା ଦିବସ ଅବସରରେ ରାଜ୍ୟ ଆରକ୍ଷୀ ମହାନିର୍ଦ୍ଦେଶକ (ଡିଜିପି) ଯୋଗେଶ ବାହାଦୁର ଖୁରାନିଆ ଓଡ଼ିଶା ପୋଲିସର ୪୧ ଶ୍ରେଷ୍ଠ କ୍ରୀଡ଼ାବିତଙ୍କୁ ସମ୍ବର୍ଦ୍ଧିତ କରିଛନ୍ତି। କଟକ ପୋଲିସ ମୁଖ୍ୟାଳୟ ପରିସରସ୍ଥିତ ଆଇପିଏସ୍ ମେସ୍‌ର ଆର.କେ. ପାଢ଼ୀ ମେମୋରିଆଲ ହଲ୍‌ଠାରେ ଆୟୋଜିତ ଏକ ସ୍ୱତନ୍ତ୍ର ସମ୍ବର୍ଦ୍ଧନା ସମାରୋହରେ ଡିଜିପି ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ଓଡ଼ିଶା ପୋଲିସର କୃତୀ କ୍ରୀଡ଼ାବିତ୍‌ଙ୍କ ଅସାଧାରଣ ପ୍ରତିଭା ଏବଂ କ୍ରୀଡ଼ା ଉତ୍କର୍ଷତାର ସେ ଭୂୟସୀ ପ୍ରଶଂସା କରିଥିଲେ।

ଆମେରିକାର ବର୍ମିଂହାମଠାରେ ନିକଟରେ ସମ୍ପନ୍ନ ହୋଇଥିବା ବିଶ୍ୱ ପୋଲିସ ଏବଂ ଅଗ୍ନିଶମ କ୍ରୀଡ଼ା ଭଳି ଅନ୍ତର୍ଜାତୀୟ ପ୍ରତିଯୋଗିତାରେ ଓଡ଼ିଶା ପୋଲିସର ୭ଜଣ କ୍ରୀଡ଼ାବିତ୍‌ଙ୍କ ଉଲ୍ଲେଖନୀୟ ସଫଳତା ସମ୍ପର୍କରେ ମଧ୍ୟ ଡିଜିପି ଉଲ୍ଲେଖ କରିଥିଲେ। ସେମାନେ ନିଜର ଦକ୍ଷତା ପ୍ରତିପାଦନ କରି ୧୩ ସ୍ୱର୍ଣ୍ଣ, ୩ ରୌପ୍ୟ ଏବଂ ୪ ବ୍ରୋଞ୍ଜ ପଦକ ହାସଲ କରି ଓଡ଼ିଶା ପୋଲିସକୁ ଗୌରବମଣ୍ଡିତ କରିଛନ୍ତି। ଡିଜିପି ୪୧ କ୍ରୀଡ଼ାବିତଙ୍କୁ ଉତ୍ତରୀୟ, ଆର୍ଥିକ ପୁରସ୍କାର ପ୍ରଦାନ କରିବା ସହ ସେମାନଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ।

ଏହି ଅବସରରେ ଆରକ୍ଷୀ ମହାନିର୍ଦ୍ଦେଶକ (କ୍ରାଇମବ୍ରାଞ୍ଚ) ବିନୟତୋଷ ମିଶ୍ର, ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ (ନକ୍ସଲ ବିରୋଧୀ ଅପରେସନ) ସଞ୍ଜୀବ ପଣ୍ଡା, ନିର୍ଦ୍ଦେଶକ (ଏସ୍‌ଏଫ୍‌ଏସ୍‌ଏଲ୍) ସନ୍ତୋଷ ବାଲା, ପରିବହନ କମିଶନର ଅମିତାଭ ଠାକୁର, ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ (ସଶସ୍ତ୍ର) ରାଜେଶ କୁମାର, ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ (ମୁଖ୍ୟାଳୟ) ପ୍ରତୀକ ମହାନ୍ତି, ଆଇଜିପି, ସତୀଶ ଗଜଭିୟେ, ଆଇଜିପି ପ୍ରବୀଣ କୁମାର, ଡିଆଇଜିପି(କେନ୍ଦ୍ରାଞ୍ଚଳ) ଡ. ସତ୍ୟଜିତ ନାଏକ, ଡିଆଇଜିପି (ପ୍ରୋଭିଜନିଂ) ଚରଣ ସିଂ ମିନା, ଡିଆଇଜିପି, (କାର୍ମିକ) ଯୁଗଳ କିଶୋର କୁମାର ବନଥ, ଡିଆଇଜିପି (କ୍ରାଇମବ୍ରାଞ୍ଚ) ବି. ଗଙ୍ଗାଧରଙ୍କ ସମେତ ବରିଷ୍ଠ ପୋଲିସ ଅଧିକାରୀଗଣ ଉପସ୍ଥିତ ଥିଲେ। ଏଆଇଜି (ଆଇନ ଶୃଙ୍ଖଳା) ପ୍ରଭାଶଙ୍କର ନାୟକ ଧନ୍ୟବାଦ ପ୍ରଦାନ କରିଥିଲେ। ରାଜ୍ୟ ପୋଲିସ ମୁଖ୍ୟାଳୟର କ୍ରୀଡ଼ା ଅଧିକାରୀ ନୀଳମାଧବ ସ୍ୱାଇଁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଅନିମେଶ କୁଜୁର ସମ୍ବର୍ଦ୍ଧିତ

**ଭୁବନେଶ୍ୱର, ୨୯।୮ (ତପନ ସ୍ୱାଇଁ)**

ଜାତୀୟ କ୍ରୀଡ଼ା ଦିବସ ଅବସରରେ ଶୁକ୍ରବାର କଟକଠାରେ ଓଡ଼ିଶା ଅଲିମ୍ପିକ୍ ଆସୋସିଏଶନ (ଓଓଏ) ଓ ଓଡ଼ିଶା ଆଥ୍‌ଲେଟିକ୍ସ ଆସୋସିଏଶନ (ଓଏଏ) ପକ୍ଷରୁ ସ୍ପ୍ରିଣ୍ଟର ଅନିମେଶ କୁଜୁରଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ପ୍ରଥମ ଭାରତୀୟ ପୁରୁଷ ଆଥ୍‌ଲେଟଭାବେ ୱାର୍ଲ୍ଡ ଆଥ୍‌ଲେଟିକ୍ସ ଚାମ୍ପିୟନଶିପ୍ ପାଇଁ ଯୋଗ୍ୟତା ଅର୍ଜନ କରିଥିବା ଅନିମେଶଙ୍କୁ ଉଭୟ ଆସୋସିଏଶନ ପକ୍ଷରୁ ୫୦,୦୦୦ ଟଙ୍କା ଲେଖାଏ ପ୍ରଦାନ କରାଯାଇଛି। କ୍ରୀଡ଼ା କ୍ଷେତ୍ରକୁ ଅବଦାନ ପାଇଁ ଅଲିମ୍ପିଆନ ଅନୁରାଧା ବିଶ୍ୱାଳ, ପୂର୍ବତନ ଅନ୍ତର୍ଜାତୀୟ ମହିଳା ଫୁଟବଲ ଖେଳାଳି ଗୀତାଞ୍ଜଳି ଖୁଣ୍ଟିଆ ଓ ଗାୟତ୍ରୀ ମଲିକ, ପୂର୍ବତନ ଭାରତୀୟ ମହିଳା ଫୁଟବଲ ଦଳର କୋଚ୍ ମହମ୍ମଦ ଶାହିଦ ଜବାର ଏବଂ ଭେଟେରାନ ମାରାଥନ ରନର ବିବେକାନନ୍ଦ ତ୍ରିପାଠୀଙ୍କୁ ମଧ୍ୟ ଏହି ଅବସରରେ ସମ୍ବର୍ଦ୍ଧିତ କରାଯାଇଥିଲା। ଓଡ଼ିଶା ଅଲିମ୍ପିକ୍ ଆସୋସିଏଶନ ସଭାପତି ସମୀର ମହାନ୍ତି, ଉପସଭାପତି ପ୍ରତାପ ଶତପଥୀ, ଓଡ଼ିଶା ଆଥ୍‌ଲେଟିକ ଆସୋସିଏଶନ ଚେୟାରମ୍ୟାନ ଆଶୀର୍ବାଦ ବେହେରା, ଯୁଗ୍ମ ସମ୍ପାଦକ ଅଶୋକ ସାହୁ, ଅଲିମ୍ପିକ୍ ଆସୋସିଏଶନ ସମ୍ପାଦକ ତଥା ଆଥ୍‌ଲେଟିକ୍ ଆସୋସିଏଶନ କାର୍ଯ୍ୟକାରୀ ସମ୍ପାଦକ ଅଭିଜିତ ପାଲ, ଜିଲା କ୍ରୀଡ଼ା ଅଧିକାରୀ ଅଜୟ କୁମାର ବେହେରା ପ୍ରମୁଖ ଅତିଥିଭାବେ ଯୋଗଦେଇଥିଲେ।




ଓଡ଼ିଶା ଅଲିମ୍ପିକ୍ ଆସୋସିଏଶନ ଓ ଆଥଲେଟିକ୍ ଆସୋସିଏଶନ ପକ୍ଷରୁ ଅନିମେଶ କୁଜୁରଙ୍କୁ ସମ୍ବର୍ଦ୍ଧିତ କରାଯାଉଛି। (ଫଟୋ: ରାଜକିଶୋର ମହାନ୍ତି)

# ଜାତୀୟ ସିନିୟର ଟାଏକୋଣ୍ଡୋରେ ୧୦୦୦ରୁ ଊର୍ଦ୍ଧ୍ୱ କ୍ରୀଡ଼ାବିତ୍

**ଭୁବନେଶ୍ୱର, ୨୯।୮ (ତପନ ସ୍ୱାଇଁ)**

କଟକର ଜବାହରଲାଲ ନେହେରୁ ଇନ୍‌ଡୋର ଷ୍ଟାଡିୟମରେ ଜାତୀୟ ସବ୍‌ଜୁନିୟର୍ ଓ ସିନିୟର୍ ଟାଏକୋଣ୍ଡୋ ଚାମ୍ପିୟନଶିପ୍ (ପୁମ୍ସେ ଏବଂ କ୍ୟୋରୁଗୀ) ଆରମ୍ଭ ହୋଇଛି। ଏହି ପ୍ରତିଯୋଗିତାରେ ବିଭିନ୍ନ ଜିଲାରୁ ୧୦୦୦ରୁ ଊର୍ଦ୍ଧ୍ୱ କ୍ରୀଡ଼ାବିତ ଅଂଶଗ୍ରହଣ କରିଛନ୍ତି। କ୍ରୀଡ଼ା ଭିତ୍ତିଭୂମି ପରିଦର୍ଶନ ପାଇଁ ଆସିଥିବା ସିକ୍କିମ ମୁଖ୍ୟମନ୍ତ୍ରୀ ପ୍ରେମ ସିଂହ ତମଙ୍ଗ ଜାତୀୟ କ୍ରୀଡ଼ା ଦିବସ ଅବସରରେ ଅତିଥିଭାବେ ଯୋଗ ଦେଇଥିଲେ। ତାଙ୍କ ସ୍ତ୍ରୀ କ୍ରିଷ୍ଣା କୁମାରୀ ରାଇଙ୍କୁ ଏହି ଅବସରରେ ସମ୍ବର୍ଦ୍ଧିତ କରାଯାଇଛି। ଓଡ଼ିଶା ଅଲିମ୍ପିକ ଆସୋସିଏଶନ ସଦସ୍ୟ ପ୍ରସନ୍ନ କୁମାର ରାଉତ, ରାଜ୍ୟ ଟାଏକୋଣ୍ଡୋ ସମ୍ପାଦକ ଚିନ୍ମୟ ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ଏହି ପ୍ରତିଯୋଗିତାରେ ସ୍ୱର୍ଣ୍ଣ ପଦକ ବିଜେତା ପ୍ରତିଯୋଗୀଙ୍କୁ ଆଗାମୀ ବିଶ୍ୱ ଟାଏକୋଣ୍ଡୋ ପ୍ରତିଯୋଗିତା ଏବଂ ଏସିଆନ ଗେମ୍ସ ପାଇଁ ହେବାକୁଥିବା ଚୟନ ପ୍ରକ୍ରିୟାରେ ସାମିଲ କରାଯିବ।



ପ୍ରତିଯୋଗୀଙ୍କ ସହ ପରିଚିତ ହେଉଛନ୍ତି ସିକ୍କିମ ମୁଖ୍ୟମନ୍ତ୍ରୀ ପ୍ରେମ ସିଂହ ତମଙ୍ଗ।

### ରାଜ୍ୟଗୋଷ୍ଠୀ କ୍ରୀଡ଼ା ୨୦୩୦

# ବିଧିବଦ୍ଧ ବିଡ୍ ଦାଖଲ କଲା ଭାରତ

**ଲଣ୍ଡନ, ୨୯।୮ (ପି.ଟି.):** ରାଜ୍ୟଗୋଷ୍ଠୀ କ୍ରୀଡ଼ା ୨୦୩୦ର ଆୟୋଜନ ଅଧିକାର ହାସଲ ପାଇଁ ଭାରତ ଶୁକ୍ରବାର ବିଧିବଦ୍ଧ ବିଡ୍ ଦାଖଲ କରିଛି। ଭାରତ ଦୁଇ ଦଶନ୍ଧି ପୂର୍ବେ ଏହି ମଲ୍ଟି-ସ୍ପୋର୍ଟ୍ସ ଇଭେଣ୍ଟକୁ ସଫଳତାର ସହିତ ଆୟୋଜନ କରିଥିଲା। କମନୱେଲ୍‌ଥ ଗେମ୍ସ ଆସୋସିଏଶନ ଅଫ୍ ଇଣ୍ଡିଆ ଏବଂ ଗୁଜରାଟ ସରକାରଙ୍କର ଏକ ପ୍ରତିନିଧି ଦଳ କମନୱେଲ୍‌ଥ ସ୍ପୋର୍ଟ (କମନୱେଲ୍‌ଥ ଗେମ୍ସ ଫେଡେରେଶନ) ନିକଟରେ ବିଡ୍ ଦାଖଲ କରିଛନ୍ତି। ଏଥିରେ ଅହମ୍ମଦାବାଦକୁ ଆୟୋଜକ ସହର ଭାବେ ପ୍ରସ୍ତାବ ଦିଆଯାଇଛି।

# ତିନି ମାଙ୍କଡ଼ କଥା

ଗଳ୍ପ

**ପ୍ରତାପ ବିଶ୍ୱାଳ**



ଏବେ ସେ ସବୁକଥା ଶୁଣା କଥା ହୋଇଯାଇଛି। କହିବାକୁ ଗଲେ କିଛି ଗୁରୁତ୍ୱ ନାହିଁ ସେ କଥାର। କେବେକାଳେ ସେଠି ରାଜାଙ୍କ ଦରବାର ବସୁଥିଲା। ପ୍ରଜାମାନଙ୍କ ବିଚାର ହୋଇ ନ୍ୟାୟ ପ୍ରଦାନ ପୂର୍ବକ ଦୋଷୀକୁ ଦଣ୍ଡବିଧାନ କରାଯାଉଥିଲା। ରାଜରାଜୁଡ଼ା ଶାସନର ଅନ୍ତ ପରେ ରାଜା ଆଉ ସେଠି ଗାଦିନସୀନ ହେଲେ। ସପରିବାର ଯାଇ କଲିକତାରେ ରହିଲେ। କେଜାଣି କେମିତି ପାଞ୍ଚ ମାଣ ପ୍ରାୟ ସେଇ ଜମି ଉପରେ ଦଣ୍ଡାୟମାନ ଆଗକାଳର କାଠ ବରଗାର ଟାଇଲବିଛା ଦୁଇ ମହଲା ଅଟ୍ଟାଳିକାକୁ ଦାନସୂତ୍ରେ ହେଉ କି ଟଙ୍କା ନେଇ ହେଉ ରାଜା ଦେଇଯାଇଥିଲେ ସରକାରଙ୍କୁ।

ଏବେ ସିଏ ଜିଲାପାଳ ଅଫିସ ରୂପେ ପରିଚିତ। ସହରରୁ ସାମାନ୍ୟ ଦୂର ହେଲେ ବି ସେଠାକାର ଯିବାଆସିବା ରାସ୍ତା ଖୁବ୍ ପ୍ରଶସ୍ତ। ପ୍ରବେଶ ଦ୍ୱାରରେ ଏକ ସୁଦୃଶ୍ୟ ଫାଟକ। ବେଶ୍ ଚଉଡ଼ା ଓ ଉଚ୍ଚା ବି। ଏ ଫାଟକ ବି କାଳେ ସେଇ ରାଜାଙ୍କ ସମୟର ନିର୍ମାଣ। ଚାଳିଶ ଇଞ୍ଚ ଚଉଡ଼ା ଇଟାରେ ଗଢ଼ା ଦୁଇଟି ସ୍ତମ୍ଭ। ଦୁଇଟି ସ୍ତମ୍ଭର ବ୍ୟବଧାନ ବୋଧେ ସତର ଫୁଟ ସରିକି। ତା' ଉପର ଅର୍ଦ୍ଧଚନ୍ଦ୍ରାକାର। ଉପରେ ବସିଛନ୍ତି ଗାନ୍ଧୀ ଦର୍ଶନର ତିନିଟି ମାଙ୍କଡ଼। ସ୍ତମ୍ଭର ଦୁଇପାଖରେ ଦୁଇଟି ଓ ମଝିରେ ଗୋଟିଏ। ଜଣେ ଆଖି ବନ୍ଦ କରିଛି। ଜଣେ କାନ ବନ୍ଦ କରିଛି। ମଝିରେ ବସିଥିବା ମାଙ୍କଡ଼ଟି ବନ୍ଦ କରିଛି ତା' ପାଟି। ସ୍ତମ୍ଭର ଦୁଇପାଖକୁ ଲାଗି ଦୁଇଟି ବଉଳ ଗଛ। ସେ ସମୟରୁ ଲଗାହୋଇଥିଲା ବୋଧେ। ଏବେ ତାହା ଦୁଇଟି ଛତାର ଭ୍ରମ ସୃଷ୍ଟି କରୁଛି। ଅନେକ ସମୟରେ ଦେଖାଯାଏ କିଏ କାହାର ଅପେକ୍ଷାରେ ଥିଲେ କିମ୍ବା ଘଡ଼ିଏ ବିଶ୍ରାମ ନେବାକୁ ଚାହିଁଲେ ସେ ଗଛମୂଳରେ ଆସି ଛିଡ଼ା ହୋଇଯାଆନ୍ତି। ତା'ର ଦଶ କୋଡ଼ିଏ ହାତ ଦୂର ରାସ୍ତା ସଂଲଗ୍ନରେ ଅଛି ଦୁଇଟି ଚା ପାନ ଦୋକାନ। ଆଜବେଷ୍ଟ ଛାଉଣିର ଗୋଟିଏ ଛୋଟିଆ ହୋଟେଲ। ଜିଲାପାଳ ଅଫିସର କିଛି ଚାକିରିଆ, ଅଫିସକୁ ଆସୁଥିବା କିଛି ଲୋକଙ୍କର ଏହା ଆପ୍ୟାୟନ ସ୍ଥଳ।

ଥରେ ଏମିତି କଥା ପ୍ରସଙ୍ଗରେ ଜଣେ କହିଲେ- ଦେଖିଲେ ସେ ସମୟରେ ଗାନ୍ଧିଜୀଙ୍କୁ କେତେ ମାନୁଥିଲେ ସେମାନେ। ତାଙ୍କ ଚିନ୍ତାଧାରାକୁ ସମ୍ମାନ ଜଣାଇ ଫାଟକ ଉପରେ ତିନି ମାଙ୍କଡ଼ ସେମାନେ ରଖିଥିଲେ। ରାଜା ହେଲେ ବି ତାଙ୍କ ଦୃଷ୍ଟିଭଙ୍ଗୀକୁ ମାନିବାକୁ ପଡ଼ିବ। କିନ୍ତୁ ଏହା ସହ ତାଙ୍କ ମୂର୍ତ୍ତିଟାଏ ଯଦି ଏଠି କିମ୍ବା ଭିତରେ କେଉଁଠି ରଖିଥାନ୍ତେ ଆହୁରି ସୁନ୍ଦର ହୋଇଥାନ୍ତା।

ଅନ୍ୟଜଣେ କହିଲେ- ଗାନ୍ଧୀଙ୍କ ମୂର୍ତ୍ତି ରଖିବା କ'ଣ ଆବଶ୍ୟକ। ସେ ତ ତୁମ ମନରେ, ତୁମ ରକ୍ତରେ ଚଳପ୍ରଚଳ କରୁଛନ୍ତି। ତାଙ୍କ ପାଇଁ ଯେତେସବୁ ଧାଁଦଉଡ଼। ତାଙ୍କୁ ନେଇ, ତାଙ୍କ ପାଇଁ ଯେତେସବୁ ଘଟଣା ଦୁର୍ଘଟଣା। ସେ ଏବେ ସବୁ ଦେଖି, ସବୁ ଶୁଣି ନୀରବ। ସେଥିପାଇଁ ବୋଧେ ଏ ଫାଟକ ଉପରେ ଏମିତି ତିନି ମାଙ୍କଡ଼ଙ୍କ ମୂର୍ତ୍ତି ରଖାଯାଇଛି।

ପ୍ରଥମ ବ୍ୟକ୍ତିଟି ଆଶ୍ଚର୍ଯ୍ୟ ହୋଇ ସେ ବ୍ୟକ୍ତିଙ୍କୁ ଚାହିଁ କହିଲେ- ଆପଣ କ'ଣ କହିବାକୁ ଚାହୁଁଛନ୍ତି ମୁଁ ବୁଝିପାରୁନି।

ଦ୍ୱିତୀୟ ବ୍ୟକ୍ତିଟି ତାଙ୍କ ଉତ୍ତରରେ କହିଲେ- ଏଥିରେ ବୁଝି ନ ପାରିବାର କ'ଣ ଅଛି। ଗାନ୍ଧୀ ପରା ଏବେ ଆମ ସମସ୍ତଙ୍କ ପକେଟରେ। ସେ ପକେଟରେ ନ ଥିଲେ ସବୁ ଅନ୍ଧାର। ଆଉ ଫାଟକ ପାଖରେ କି ଭିତରେ କ'ଣ ପାଇଁ ରଖାଯାଇଥାନ୍ତା। ଖାଲି ମୂର୍ତ୍ତିଟିଏ ହୋଇଛି ସିନା ଅଟକାଇ ପାରିଥାନ୍ତେ କ'ଣ ଏଇ ଟଙ୍କା ପାଗଳ ଦୁନିଆକୁ। ଯେଉଁଠି ଟଙ୍କା ନାହିଁ ସେଠି ଉପଦେଶର କିଛି ମୂଲ୍ୟ ନାହିଁ। ଯାହା ପାଖରେ ଟଙ୍କା ନାହିଁ ବଞ୍ଚିବା ବି ତା' ପାଇଁ ମୂଲ୍ୟହୀନ। ସମୟ ଥିଲା ସେ କହୁଥିଲେ କୁଟି ଖାଅ କାଟି ପିନ୍ଧ। ଏବେ ତାହା ପାଲଟିଯାଇଛି ଲୁଟି ଖାଅ। ଏବେ ଲାଗୁଛି ଗାନ୍ଧିଜୀଙ୍କର ଏହା ଥିଲା ଭାବପ୍ରବଣତା। ସମସ୍ତେ ଗାନ୍ଧୀଙ୍କୁ ପକେଟରେ ପାଇବାକୁ ବ୍ୟସ୍ତ, ବ୍ୟାକୁଳ; ତାଙ୍କ ଆଦର୍ଶକୁ ନୁହେଁ। ସେଥିପାଇଁ ତ ସମାଜରେ ଏତେ ହତ୍ୟା, ରାହାଜାନି ଆଦି ଅସତ୍ ପଥର ଅବଲମ୍ବନ କରି ଅନ୍ୟାୟକୁ ପ୍ରଶ୍ରୟ ଦେବା, ଲାଞ୍ଚ ମିଛକୁ ଆପଣେଇ ନେବାକୁ ଟିକିଏ ବି ଆମେ କେହି ପଶ୍ଚାତ୍ତାପ କରୁନେ।

ଗାନ୍ଧୀଙ୍କ ଗଣତନ୍ତ୍ରର ସ୍ୱପ୍ନ ଏବେ ଅନ୍ଧାରରେ। ସେ ସମୟରେ ତିନି ମାଙ୍କଡ଼ ଯେଉଁ ଚିନ୍ତାଧାରା ନେଇ ଗଢ଼ା ହୋଇଥିଲେ ଆଖି ବୁଜିଥିବା ମାଙ୍କଡ଼ କହୁଥିଲା ଖରାପ କଥା ଦେଖିବ ନାହିଁ। ଏବେ କ୍ଲବ୍, ଯାତ୍ରା, ସିନେମା ଏପରିକି ମୋବାଇଲରେ ଆମର ମାଳ ମାଳ ନଗ୍ନ ଦୃଶ୍ୟ। ପର୍ନ ଭିଡିଓ। ପାଟି ବନ୍ଦ କରିଥିବା ମାଙ୍କଡ଼ର ଅର୍ଥ ଥିଲା ଖରାପ କଥା କହିବ ନାହିଁ। ଏବେ ପୁଅ ମା'କୁ ବି ଅତି କଦର୍ଯ୍ୟ ଭାବେ ଗାଳିଦେଉଛି। ଭାଇ ଭାଇ, ସାଇ ସାଇ, ଗାଁ ସହର ସବୁଠି ସୌଜନ୍ୟରହିତ ଭାଷା। କାହାକୁ କହିବେ! କିଏ ଶୁଣିବ! ଗାନ୍ଧିଜୀଙ୍କ ମୂଳ ମନ୍ତ୍ର ଥିଲା ଅହିଂସା। ସେଥିରୁ ଅ କଟିଯାଇ ଏବେ ସବୁଠି ହିଂସାର ରାଜୁତି। ଜାତି ଧର୍ମ ପାଇଁ ଦେଶ ଦେଶ ଭିତରେ ଯୁଦ୍ଧର ତାଣ୍ଡବ। ଚାଖଣ୍ଡେ ଭୂଇଁ ପାଇଁ ହାଣକାଟ। ସ୍ନେହ ସୌହାର୍ଦ୍ଦ୍ୟ ନାହିଁ। ସବୁଠି ଟଙ୍କା ଟଙ୍କା। ପ୍ରବଞ୍ଚନା। ତୃତୀୟ ମାଙ୍କଡ଼, ଯିଏ କାନ ବନ୍ଦ କରିଛି ଗଣତନ୍ତ୍ରରେ, ଏବେ ନେତାଙ୍କ ଭଲ ଦିନ ଆସିବ ଶୁଣି ଶୁଣି ବିରକ୍ତିରେ ଆଉ ଶୁଣିବନି କହି କାନ ବନ୍ଦ କରିଛି। ସମୟଥିଲା କିଏ ଅନଶନରେ ବସିଲେ ବିଧି, ବିଧାନ, ସମ୍ବିଧାନ ଦୋହଲି ଯାଉଥିଲା। ଏବେ କିନ୍ତୁ ଓଲଟା। ପୋଲିସ ଦ୍ୱାରା ତଡ଼ାଖାଉଛି। ମିଛ କେସ୍‌ରେ ଜେଲଯାଉଛି।

ଏହି ସମୟରେ ଜଣେ କିଏ ଗେଟ୍ ପାଖ ବଉଳ ଗଛ ପାଖକୁ ଆସୁଥିଲା। ତା' ପଛେ ପଛେ ଆଉ ଜଣେ ତାକୁ ଅନୁସରଣ କରୁଥିଲା। ଦୁଇଜଣଙ୍କ ପରିପାଟୀ କହୁଥିଲା ଭଦ୍ର ବୋଲି। ଜଣେ ସେ ବଉଳ ଗଛ ତଳେ ଆସି ଛିଡ଼ାହେଲା। ପ୍ରଶସ୍ତ ସ୍ତମ୍ଭଟା ଆଢୁଆଳ କରୁଥିଲା ତାକୁ। ଚାରିଆଡ଼କୁ ଥରେ ସତର୍କ ଦୃଷ୍ଟିରେ ଚାହିଁଲା। ଅନ୍ୟ ଜଣେ ତା' ପାଖକୁ ଦ୍ରୁତ ବେଗରେ ଆସି ପକେଟ୍‌ରୁ ବିଡ଼ାଟିଏ ବାହାର କରି ବଢ଼ାଇ ଦେଲା ତା' ହାତକୁ। ଲୋକଟା ପକେଟରେ ପୂରାଇଲା ବେଳେ ପୂର୍ବ ଦୁଇଜଣ କଥା ହେଉଥିବା ଭିତରୁ ଦ୍ୱିତୀୟ ଜଣଙ୍କ କହିଲେ- ଥରେ ଚାହାଁନ୍ତୁ ସେ ବଉଳ ଗଛ ତଳକୁ, ଦେଖନ୍ତୁ ଆମ ଗଣତନ୍ତ୍ରର ପ୍ରକୃତ ସ୍ୱରୂପକୁ। ପ୍ରଥମ ବ୍ୟକ୍ତି ସେ ଆଡ଼କୁ ଚାହିଁ ଆଶ୍ଚର୍ଯ୍ୟ ହୋଇ ପଚାରିଲେ- କ'ଣ ସେ ପକେଟରେ ପୂରାଇଲେ?

ଗାନ୍ଧୀ ମୁଣ୍ଡକୁ। ମାଙ୍କଡ଼ ତିନୋଟି ତ ଗେଟ୍ ଉପରେ ରାସ୍ତାକୁ ଚାହିଁ ବସିଛନ୍ତି। ସହଜେ ତ ସେମାନେ ଅନ୍ଧ, ମୂକ, ବଧିର। ଏଇ ଆମର ବର୍ତ୍ତମାନର ଗଣତନ୍ତ୍ର। ଅନ୍ଧ, ମୂକ, ବଧିର ହୋଇଯାଇଛି। ଏଇ ତିନି ମାଙ୍କଡ଼ଙ୍କ ପରି ବର୍ତ୍ତମାନର ଗଣତନ୍ତ୍ର। ଆମ ଗଣତନ୍ତ୍ରର ଆଖି ଅଛି, ପାଟି କାନ ଅଛି, କିନ୍ତୁ ସେ ସବୁ ବନ୍ଦ। ଅଫିସରେ କ୍ୟାମେରା ଲାଗିଥାଉ, କ୍ୟାମେରା ତା' ବାଟରେ, ଦୁର୍ନୀତି ତା' ବାଟରେ। ଆମେ ପଢ଼ିଥିବା ଗଣତନ୍ତ୍ର "ଫର୍ ଦ ପିପୁଲ, ଅଫ୍ ଦ ପିପୁଲ, ବାୟ ଦ ପିପୁଲ" ଖାଲି ବହିରେ ଲେଖା। ବୁଝିଲେ ଆଜ୍ଞା ଗାନ୍ଧୀ ଥିଲେ, ଅଛନ୍ତି, ରହିବେ। ତାଙ୍କ ତିନି ମାଙ୍କଡ଼ ବି ଥିଲେ, ଅଛନ୍ତି ରହିବେ, କିନ୍ତୁ ଚଷମାର ଫ୍ରେମ୍ ଥାଇ କାଚର ପାୱାର ବଦଳାଇଲା ପରି ଆମେ ଗଣତନ୍ତ୍ରର ପରିଭାଷାର କାଚକୁ ବଦଳାଇ ଚାଲିଛେ। ଏ ତିନି ମାଙ୍କଡ଼ ଆଉ କହୁନାହାନ୍ତି- "ଖରାପ କଥା ଦେଖିବା ନାହିଁ, ଖରାପ କଥା ଶୁଣିବା ନାହିଁ, ଖରାପ କଥା କହିବା ନାହିଁ" ବରଂ କହୁଛନ୍ତି ଖରାପ କଥା ଦେଖି ଆଖି ବନ୍ଦ କରି ଦେଖି ନ ଦେଖିଲା ପରି, ଶୁଣି ନ ଶୁଣିଲା ପରି ବାଟ ଭାଙ୍ଗି ଚାଲିଯିବ। ଯଦି ତୁମେ ପ୍ରତିବାଦ କଲ, କିଏ ଯଦି ତୁମ ପକେଟରେ ଗାନ୍ଧୀ ମୁଣ୍ଡ କେତେଟା ପୂରାଇଦେଲା, ତା'ହେଲେ ତାକୁ ତୁମେ ନିଃସଙ୍କୋଚରେ ଗ୍ରହଣ କରିନେବ। କାରଣ ଏ ଗାନ୍ଧୀ ମୁଣ୍ଡ ସବୁକିଛି କରିପାରେ। ସବୁ ବଦଳାଇ ଦେଇପାରେ। ଏପରିକି ମିଛ ସାକ୍ଷୀ ଦେଇ ନ୍ୟାୟକୁ ବି।

ବ୍ୟକ୍ତି ଜଣଙ୍କ ଛିଡ଼ା ହୋଇ ଗେଟ୍ ଉପରେ ଥିବା ସେ ତିନି ମାଙ୍କଡ଼ଙ୍କୁ ଚାହିଁଥିଲେ। ପଦେ ବି କଥା ବାହାରୁ ନଥିଲା ତାଙ୍କ ପାଟିରୁ।

ମୋ: ୯୪୩୭୭୪୫୯୮୩

## ପୁସ୍ତକ ପରିଚୟ

### କବିତା ଧାଡ଼ି ବାହାରେ



**କବି:** ଅମରେନ୍ଦ୍ର ମାଧବ ଦାଶ
**ପ୍ରକାଶକ:** ଟାଇମ୍ ପାସ୍, ବରମୁଣ୍ଡା, ଭୁବନେଶ୍ୱର-୩
**ପ୍ରଥମ ପ୍ରକାଶ:** ୨୦୨୪, **ମୂଲ୍ୟ:** ଟ.୨୨୫/-

ଅମରେନ୍ଦ୍ର ମାଧବ ଦାଶ ଏଇ ସମୟର ହୋଇ ବି ସବୁ ସମୟରେ ଲେଖାଯାଉଥିବା ନୂଆ କବିତାର ଜଣେ ସମର୍ଥ କବି। ଆଲୋଚ୍ୟ କବିତାଗ୍ରନ୍ଥଟି ତାଙ୍କର ସପ୍ତମ କବିତା ସଂକଳନ। ୨୦୦୬ରୁ ୨୦୨୪- ଦୁଇ ଦଶକ ଧରି ତାଙ୍କର ନିରବଚ୍ଛିନ୍ନ ଯାତ୍ରା କବିତାରେ ଓ ପ୍ରତ୍ୟେକଟି ବହି ପୂର୍ବବର୍ତ୍ତୀ ବହିଠାରୁ ଉତ୍ତରଣର ଏକ ଏକ ପାହାଚ। ମୋଟ ୫୨ଟି କବିତା ଗ୍ରନ୍ଥରେ ସ୍ଥାନିତ। ନିତି ପ୍ରତି ପ୍ରତ୍ୟକ୍ଷ କରୁଥିବା ଦୈନନ୍ଦିନତାର ଲହୁ ଲୁହରେ ଅମରେନ୍ଦ୍ର ଲେଖନ୍ତି କବିତା। ଆକସ୍ମିକ କିଛି ଗୋଟାଏ ବଦଳାଇଦେବାର ଯେଉଁ ଅହଂକାର ବେଳେବେଳେ କବିତା ରଖିଥାଏ, ସେ ପଙ୍କ୍ତିରେ ସେ ନ ଥା'ନ୍ତି; କିନ୍ତୁ ବଂଚିତର ଅସହାୟତାକୁ ଶବ୍ଦେ ଶବ୍ଦେ ତୋଳିଧରି ସେ ତାଙ୍କର ସାରସ୍ୱତ ଯାତ୍ରା ଜାହିର୍ ରଖନ୍ତି। ସେ କହନ୍ତି: ୧. "ତମକୁ ଲେଖିବାକୁ ହେବ/ ସେଇ ସବୁ କଥା/ ସେଇ ସବୁ ବ୍ୟଥା/ ଯାହା ଲେଖା ହେଲାନି ଆଜିଯାଏଁ,/ ତୁଣ୍ଡ ଖୋଲି ଉଚ୍ଚାରିବାକୁ ହେବ/ ସେଇ ସବୁ ଶବ୍ଦ/ ସେଇ ସବୁ ସ୍ତୋତ୍ର/ ଯାହା ଆଜିଯାଏ ରହିଲେ ଅନୁଚ୍ଚାରିତ।" ('ତୁମକୁ ଲେଖିବାକୁ ହେବ', ପୃ:୨୫), ୨. "କଟାହାତ କବିତା ଲେଖେନି/ କବିତା ହେଇଯାଏ/ ତମ ଟିପାଖାତାର.../ .... ... /ତମ ଅନ୍ଧ, ମୂକ ଓ ବଧିର/ ସର୍କାରକୁ ଫୁଁ କରୁଥିବା/ ସେଇ କଟାହାତ ମୁଁ.../ ଅନୁଗ୍ରହ କି ଅନୁକମ୍ପା/ ଲୋଡ଼ା ନାହିଁ ମୋର.../ ଅନୁଶୋଚନା କି ଅବସୋସ ବି ନାହିଁ/ ଏ କଟାହାତକୁ ନେଇ..." ('କଟାହାତର କବିତା', ପୃ:୬୩)। ବହିର କବିତାଗୁଡ଼ିକୁ ପଢ଼ିଲେ ମନେହୁଏ, ମାନବିକତା ଓ ସମ୍ବେଦନଶୀଳତାର ଜାଗରୂକତା ପାଇଁ କବିଙ୍କର ପ୍ରାୟ କବିତା ନିରବ ବିପ୍ଳବର ଏକ ଏକ ଦୀପ୍ତ ଦୀପଶିଖା। ଭାଷାର ନୂଆ ନିର୍ମାଣ ଗ୍ରନ୍ଥସ୍ଥ କବିତାଗୁଡ଼ିକୁ ସ୍ପନ୍ଦିତ କରି ରଖେ ପ୍ରତିନିୟତ। ଗ୍ରନ୍ଥାରମ୍ଭରେ ଥିବା 'ଗଦ୍ୟଲେଖ'ରେ ସେ ସ୍ପଷ୍ଟ କରନ୍ତି ମାଟି, ମଣିଷ ଓ ମାତୃଭାଷା ପ୍ରତି ତାଙ୍କର ପ୍ରତିବଦ୍ଧତା- "ସେମାନଙ୍କୁ ଯେଉଁଠି ଯେମିତି ଭେଟିଛି ସେଇମିତି ତାଙ୍କ କଥା କହିଛି। ମୁଣ୍ଡ ସାଉଁଳେଇବା ପାଇଁ ନୁହେଁ, ସେମାନଙ୍କ ନ୍ୟାଯ୍ୟ ପାଇଁ ଦଣ୍ଡେ ଠିଆ ହୋଇଛି।" ଆଜିର ଓଡ଼ିଆ କବିତା, ଏପରିକି ଭାରତୀୟ କବିତାରେ ବହିଟି ଏକ ଉଲ୍ଲେଖନୀୟ ସଂଯୋଜନ।

### ସ୍ୱର୍ଣ୍ଣାଭ ଦିଗନ୍ତ



**ଲେଖକ:** ସୂର୍ଯ୍ୟମଣି ଖୁଣ୍ଟିଆ
**ପ୍ରକାଶକ:** ଅପୂର୍ବା, ଖାରବେଳ ନଗର, ଭୁବନେଶ୍ୱର-୧
**ପ୍ରଥମ ପ୍ରକାଶ:** ୨୦୨୫, **ମୂଲ୍ୟ:** ଟ.୨୫୦/-

ଆଲୋଚ୍ୟ ଭ୍ରମଣ କାହାଣୀ ପୁସ୍ତକଟି ଭାରତ ଭ୍ରମଣର କିୟତ୍ ଅନୁଭୂତିକୁ ନେଇ ଲେଖକଙ୍କର ସ୍ମୃତି-ଚାରଣ। ଭ୍ରମଣ ଅନୁଭୂତିକୁ ନେଇ 'ବର୍ଣ୍ଣାଭ ଦିଗନ୍ତ' ପରେ 'ସ୍ୱର୍ଣ୍ଣାଭ ଦିଗନ୍ତ' ହେଉଛି ଓଡ଼ିଶା ଭ୍ରମଣ ସାହିତ୍ୟକୁ ଲେଖକଙ୍କର ଦ୍ୱିତୀୟ ଅବଦାନ। ବହିଟିରେ ରହିଛି ଦୁଇଟି ପର୍ବ। ପ୍ରଥମ ପର୍ବରେ ସ୍ଥାନିତ ଉଜ୍ଜୟିନୀ, ଅହମଦାବାଦ, ସୋମନାଥ ଓ ଦ୍ୱାରକା ଭ୍ରମଣର ଅନୁଭୂତି ଏବଂ ଦ୍ୱିତୀୟ ପର୍ବରେ ରହିଛି ହିମାଳୟ ଭ୍ରମଣ ବୃତ୍ତାନ୍ତ। ଶିପ୍ରାତଟର ଉଜ୍ଜୟିନୀ ଜ୍ୟୋତିର୍ଲିଙ୍ଗ ଶ୍ରୀମହାକାଳଙ୍କ ପୀଠ। ମହାକାଳେଶ୍ୱରଙ୍କ ପଶ୍ଚିମରେ ପୁରାଣ ପ୍ରସିଦ୍ଧ ରୁଦ୍ରସାଗରରେ ହରସିଦ୍ଧିଙ୍କ ମନ୍ଦିର ବିଦ୍ୟମାନ। ଉଜ୍ଜୟିନୀର ଉପାନ୍ତରେ ମହର୍ଷି ସାନ୍ଦୀପନିଙ୍କ ଆଶ୍ରମ। ଗୁଜରାଟର ଅହମଦାବାଦରେ ଅକ୍ଷରଧାମ ମନ୍ଦିର। ସାବରମତୀ ନଦୀକୂଳରେ ଗାନ୍ଧିଜୀଙ୍କର ଆଶ୍ରମ ଓ ଆବାସକୁଟୀର 'ହୃଦୟକୁଞ୍ଜ'। ୧୯୧୮ରୁ ୧୯୩୦ଯାଏ ଗାନ୍ଧୀ ଏଇ ଆଶ୍ରମରେ ଅବସ୍ଥାନ କରୁଥିଲେ। ସୋମନାଥ ମନ୍ଦିର ଓ ପ୍ରଭାସ ତୀର୍ଥ ଶାସ୍ତ୍ରପ୍ରସିଦ୍ଧ। ଗୁଜରାଟୀ ସାହିତ୍ୟରେ ପ୍ରଭାସକୁ ଦେବପାଟଣ, ପ୍ରାଚୀପାଟଣ ଆଦି ନାମରେ ଅଭିହିତ କରାଯାଇଛି। ଆରବସାଗର ତୀରରେ ପୁଣି ଦ୍ୱାରକା ଧାମ। ଏସବୁ ପୁଣ୍ୟ ସ୍ଥାନର ଦର୍ଶନାନୁଭୂତିକୁ ଲେଖକ ଅତି ସାବଲୀଳ ଭାଷାରେ ବର୍ଣ୍ଣନା କରିଛନ୍ତି। ଦ୍ୱିତୀୟ ପର୍ବରେ ହିମାଳୟ ଭ୍ରମଣ। ବଦ୍ରିନାଥ, ଦେବପ୍ରୟାଗ, ନନ୍ଦପ୍ରୟାଗ, ରୁଦ୍ରପ୍ରୟାଗ, ବିଷ୍ଣୁପ୍ରୟାଗ ଆଦିର ବର୍ଣ୍ଣନା ସାଙ୍ଗକୁ ଋଷିକେଶ ଓ ହରିଦ୍ୱାର ଭ୍ରମଣ ପରେ ଲେଖକ ସସ୍ତ୍ରୀକ ଉତ୍ତରାଖଣ୍ଡକୁ ବିଦାୟ ଜଣାଇଛନ୍ତି। ଶ୍ରୀବୈଷ୍ଣୋଦେବୀ ଦର୍ଶନ ଓ ପଞ୍ଜାବର ସ୍ୱର୍ଣ୍ଣ ମନ୍ଦିର ଦର୍ଶନାନୁଭୂତି ମଧ୍ୟ ଆଲୋଚ୍ୟ ଗ୍ରନ୍ଥରେ ସ୍ଥାନିତ। ଆଶା, ପୁସ୍ତକଟି ପାଠିକାପାଠକଙ୍କ ଦ୍ୱାରା ବହୁଳ ଭାବେ ଆଦୃତ ହେବ।

## କବିତା

### ସେମାନଙ୍କ ପାଇଁ ପଦେ

**ଡ. ନିର୍ମଳ ଚନ୍ଦ୍ର ଶୂରଦେଓ**

ଏଠି, ଯେଉଁମାନେ କଥା କହି
ପାରନ୍ତିନି ସେମାନଙ୍କ ପାଇଁ
କବି ଅଛି ଚିରଦିନ ସେମାନଙ୍କ ସଙ୍ଗରେ
କବିକୁ ଛାଡ଼ିଦେଲେ ଏମିତି ଆପଣାର
ମଣିଷଟିଏ ଆଉ କିଏ ଥାଇପାରେ!

ସେମାନଙ୍କ ପାଇଁ, କବି ହିଁ
ପଥରରେ ଗୋଲାପ ଫୁଟାଇପାରେ
ଶୁଷ୍କ ମରୁଭୂମିରେ ନଦୀକୁ ଦେଖିପାରେ
ଟାଙ୍ଗରା ପାହାଡ଼ରେ
ଝରଣାର କୁଳୁକୁଳୁ ଶବ୍ଦ
ଶୁଣିପାରେ ଏକାକୀ।

ହେ ଈଶ୍ୱର! ତୁମେ ଅଛ ବୋଲି ତ
ଏମାନେ ଅଛନ୍ତି
ଏମାନେ ଅଛନ୍ତି ବୋଲି ତ କବି ବଞ୍ଚିଛି
ସୁନ୍ଦରତାର ମଧୁ ଚାଖୁଛି
କବିତା ମଧରେ ହଜିଯାଉଛି
ନିଜକୁ ଦ୍ୱିତୀୟ ଈଶ୍ୱର କହୁଛି।

ହେ ସ୍ରଷ୍ଟା! ତୁମରି ସୃଷ୍ଟି ପାଇଁ
ଆମର କବିତା
ଆମର କବିତା ଗାଉଥାଉ ଚିରଦିନ
ତୁମ ସୃଷ୍ଟିର ନୂତନ ବାରତା।

ପୁରୁଣା ସହର, ନୟାଗଡ଼
ମୋ: ୯୯୩୮୩ ୧୯୬୫୨

### ତୁମ ସହରର ବର୍ଷା

**ଧରଣୀଧର ତ୍ରିପାଠୀ**

ଭଲ ଲାଗୁଥିଲା ବିନ୍ଦୁବିନ୍ଦୁ ବର୍ଷା
ମୁଠାଇ ନେବାକୁ ମୁଠାରେ,
ମୋ ହାତ ମୁଠାରୁ ଖସି
ପଡୁଥିଲା ଯାଇ ଶୁଖିଲା ପତ୍ରରେ।

ବେଳେବେଳେ ନିଶୀଥ ଆକାଶେ
ଦେଖିଚି ତାରା ପଙ୍କ୍ତି ଯେବେ,
ଭାବିଛି ପ୍ରଦୀପ ମାଳା ଜଳାଇଛ ମୋ' ପାଇଁ ତୁମେ!
ଲିଭିଛି ସେ ପ୍ରଦୀପ ସବୁ ସକାଳ ସୂର୍ଯ୍ୟାଲୋକେ,
ମୁଁ ବି ଘୂରି ବୁଲିଛି ସାରା ଜୀବନ
ନିଜ ଛାଇ ଚାରିପାଖେ।

ଇଚ୍ଛା ହେଲା ଥରେ ଭିଜିଯିବାକୁ
ତୁମ ସହରର ବର୍ଷାରେ,
ସେଦିନ ଯେମିତି ଭିଜି ଯାଉଥିଲି
ଜାଣିଶୁଣି ନିଜ ଇଚ୍ଛାରେ।
ଆଜି ଆସି ଦେଖେ ମାୟାବିନୀ ତୁମ ସହରର ବର୍ଷା,
ଧୋଇ ଦେଇଛି ସବୁ ସ୍ମୃତି ଚିହ୍ନ
ଯାହା ଥିଲା ହୃଦୟେ ମୋ ଅଙ୍କା।

କାହିଁଗଲା ସେ କୃଷ୍ଣଚୂଡ଼ା କାହିଁ ସେ ବକୁଳ ବନ,
ଯାହା ତଳେ ବସି ବିତାଉଥିଲି ମୋ' ଅଳସ ଅପରାହ୍ଣ!
ଦିଶୁନି ବି ସେ ଗଙ୍ଗଶିଉଳି
ଛିଡ଼ା ହୋଇଥିଲ ସେଦିନ ଯାହା ଛାଇ ତଳେ
ଝରି ପଡୁଥିଲା ଫୁଲ, ତୁମ ଅଙ୍ଗେ ଅଙ୍ଗେ!

ସାରା ଜୀବନର ଗ୍ଳାନି ଚାହୁଁଥିଲା ଆଜି ଝରିଯିବାକୁ,
କେମିତି ରୋକିବି କୁହ ପୂରା ସାଗରକୁ?

ନୂଆଦିଲ୍ଲୀ, ମୋ: ୯୮୧୯୫୫୦୨୭୯

### ବଂଜର ବହି

**ନିରାକାର ଦାସ**

ଶୌଯ ଖୋଜୁଥିବା ସାହିତ୍ୟ
ପ୍ରାଚୁର୍ଯ୍ୟରେ ପୋଷା ପଦ୍ୟ
ସଂଶୟରେ ସୁପ୍ତ ଶବ୍ଦ
କ'ଣ ଉଠେଇପାରିବ
ମୁହଁମାଡ଼ି ପଡ଼ିଥିବା ସଭ୍ୟତାର ଶୌର୍ଯ୍ୟ?

ବିଶ୍ୱାସରେ ବଞ୍ଚୁଥିବା ବିଜ୍ଞାନ
ନିଃଶ୍ୱାସରେ ଦୋହଲୁଥିବା ସଂଗ୍ରାମ
ଅନ୍ଧାରରେ ଅନୁରଣିତ ଆହ୍ୱାନ
କ'ଣ ସଳଖି ପାରିବ
ଅଣ୍ଟା ଭାଙ୍ଗି ଶୋଇଥିବା ପ୍ରଜ୍ଞାର ପର୍ବତ?

କରୁଣାହୀନ କାଳିରେ ଚାଲୁଥିବା କଲମ
ବାସନାରେ ବୋଝେଇ ବାକ୍ୟ
ବଣିକର କୁହୁକରେ କିଣା କାଗଜ
କ'ଣ ବୋହିପାରିବ
ମରି ଝଡ଼ିପଡୁଥିବା ସଂସ୍କୃତିର ଶବ?

ଜମା ନୁହେଁ!
ଏମିତି ଏମିତି ଶବ୍ଦର, ବାକ୍ୟର
ବଂଜର ବହିସବୁ
ତିଆରେ ବଧଜୀବ, କବନ୍ଧ ସମାଜ।

ଭିଲ୍ଲା-୧, ଫେଜ୍-୨, ଏସ୍‌ବିଟି ଇଣ୍ଡସ୍ ଭ୍ୟାଲି, ରଘୁନାଥପୁର, ଭୁବନେଶ୍ୱର
ମୋ: ୯୪୩୭୦୧୩୧୩୯

### ଗୀତି-କବିତା

### ଡାକ ନାହିଁ

**ମଞ୍ଜୁଲତା ସିଂହ**

କ୍ଳାନ୍ତ ମୁଁ ଆଜି ତନ୍ଦ୍ରା ବିଭୋରେ
ଆଖିପତା ଆସେ ନଇଁ
ଶୋଇବାକୁ ଦିଅ ନିରବରେ କେହି
ଡାକ ନାହିଁ ଡାକ ନାହିଁ।

ଲିଭିଛି ଯେବେ ଏ ସହରର ବତି
ସହର ଯାଇଛି ଶୋଇ
ନିଜ କାହାଣୀକୁ ନିଜେ ମୁଁ ପଢ଼ିଛି
ସାରା ରାତି ଚେଇଁ ରହି...
ନିଜ ସାଥେ କରି ନିରବ ଆଳାପ
ରାତି ଯେ ଯାଇଛି ପାହି
ଶୋଇବାକୁ ଦିଅ ନିରବରେ କେହି
ଡାକ ନାହିଁ ଡାକ ନାହିଁ।

ଘନ ଅନ୍ଧାର ଭେଦି କାହା ସୁର
ଦୂର ଝାଉଁବଣ ଡେଇଁ
ପବନରେ ଆସି ହଜିଲା ସେ ସୁର
ଯାଇଛି କେତେ ଯେ ଛୁଇଁ
କଥା ଥିଲା ସିନା ଫେରିବାକୁ କା'ର
ଫେରିନାହିଁ ଫେରିନାହିଁ...
ଶୋଇବାକୁ ଦିଅ ନିରବରେ କେହି
ଡାକ ନାହିଁ ଡାକ ନାହିଁ।

ମୋ: ୮୮୪୭୮୫୨୯୧୭

## କାଳକାଳକୁ



"ପୁରୁଷ ଏଯାଏଁ ନାରୀ ସହ ଶୋଇବା ଶିଖିଛି, ଚେଇଁ ରହିବା ଶିଖିନାହିଁ।"
– ଅମୃତା ପ୍ରୀତମ୍

**ଅମୃତା ପ୍ରୀତମ୍‌ଙ୍କ** ଜନ୍ମ ୩୧ ଅଗଷ୍ଟ ୧୯୧୯ରେ ପଞ୍ଜାବର ଗୁଜରାନ୍‌ୱାଲା (ଏବେ ପାକିସ୍ତାନ)ରେ ଏବଂ ପରଲୋକ ୩୧ ଅକ୍ଟୋବର ୨୦୦୫ରେ, ନୂଆଦିଲ୍ଲୀରେ। କବିତା, ଉପନ୍ୟାସ, ପ୍ରବନ୍ଧ ଓ ଆତ୍ମଜୀବନୀ ରଚନାରେ ସମଭାବେ ଦକ୍ଷା ଏହି ଲେଖିକା ବିଂଶ ଶତାବ୍ଦୀର ଭାରତୀୟ ସାହିତ୍ୟରେ ଜଣେ ଶିଖରଚୁମ୍ବୀ ପ୍ରତିଭା, ଯାହାଙ୍କର ଶତାଧିକ ପୁସ୍ତକ ପଞ୍ଜାବୀ, ହିନ୍ଦୀ ଓ ଇଂଲିଶ୍ ଭାଷାରେ ପ୍ରକାଶିତ। ତାଙ୍କର ସର୍ବାଧିକ ଅନୂଦିତ ତଥା ଲୋକପ୍ରିୟ ଗ୍ରନ୍ଥ ହେଉଛି ୧୯୭୯ରେ ରଚିତ ଆତ୍ମଜୀବନୀ 'ରସିଦି ଟିକେଟ୍'। ଭାରତୀୟ ସାହିତ୍ୟକୁ ବିଶିଷ୍ଟ ଅବଦାନ ପାଇଁ ୧୯୫୯ରେ 'ସାହିତ୍ୟ ଏକାଡେମୀ ପୁରସ୍କାର', ୧୯୬୯ରେ ପଦ୍ମଶ୍ରୀ, ୧୯୮୧ରେ ଜ୍ଞାନପୀଠ ଓ ୨୦୦୪ରେ ପଦ୍ମଭୂଷଣ ସମ୍ମାନରେ ସେ ସମ୍ମାନିତା। ଏକାଡେମୀର ସର୍ବୋଚ୍ଚ ସମ୍ମାନ ଫେଲୋଶିପ୍‌ରେ ମଧ୍ୟ ସେ ସମ୍ମାନିତା ଓ ୧୯୮୬ରୁ ୧୯୯୨ ଯାଏଁ ରାଜ୍ୟ ସଭାର ମନୋନୀତ ସଦସ୍ୟା। ସେ କହନ୍ତି: "ଯିଏ ଭଲ ଲାଗନ୍ତି, ତାଙ୍କ ପାଖରେ ନିଜକୁ ସଅଁପିଦେବା ବି ଭଲ ଲାଗେ।"

# ଖିଲିକାଟି

ଲଘୁଗଳ୍ପ

**ସନ୍ତୋଷ ମିଶ୍ର**

ବାପାଙ୍କ ଅନ୍ତେ ମାଆ ଇନ୍ଦିରା ଗାଁରେ ଏକା ରହୁଥିଲେ। ସମସ୍ତେ ତାଙ୍କୁ ଶ୍ରଦ୍ଧାରେ ଗାନ୍ଧୀ ବୁଢ଼ୀ ବୋଲି ଡାକୁଥିଲେ। ଦିନେ ପଡ଼ୋଶୀ ତୁମା ଆସି କହିଲା- ଗାନ୍ଧୀ ବୁଢ଼ୀ! ବାଲେଶ୍ୱର ଯାଇଥିଲି। ଦୈବାତ୍ ବିକ୍ରାନ୍ତ ସହିତ ଦେଖା ହେଇଗଲା। ସେ କହିଲା - କକା! ଏଇ ଚିଠିଟା ନେଇ ମାଆକୁ ଦେବ। ବହୁତ ଜରୁରୀ ଚିଠି। ମା' ଆବେଗରେ ତୁମା ହାତରୁ ଚିଠିଟି ନେଇ ପଢ଼ିଲା। ଲେଖାଥିଲା - ମା' ଜାଣିବ। ଆଉ ସପ୍ତାହେ ପରେ ତୁମ ବଡ଼ ନାତି ରାକେଶର ବାହାଘର। କାଳବିଳମ୍ବ ନ କରି ଦୁଇଦିନ ମଧ୍ୟରେ ବାଲେଶ୍ୱରରେ ଯେମିତି ହେଲେ ପହଞ୍ଚିବ। ଅନ୍ୟାନ୍ୟ ସବୁ ସାକ୍ଷାତରେ। ତୁମର ପୁଅ ବିକ୍ରାନ୍ତ। ଚିଠିର ବିଷୟବସ୍ତୁ ଜାଣି ଉଲ୍ଲସିତ ହୋଇ ଉଠିଲେ ମା'। ଥରଥର କଣ୍ଠରେ କହିଲେ - ଶୁଭ ଖବର। ଡେରି କାହିଁକି। ଆସନ୍ତା କାଲି ପ୍ରଥମ ବସ୍‌ରେ ହିଁ ମୁଁ ବାଲେଶ୍ୱର ଯିବି।

ଗାନ୍ଧୀ ବୁଢ଼ୀର ନାତି ବାହାଘର ଖୁବ୍ ଧୁମ୍‌ଧାମ୍‌ରେ ସରିଲା। ବନ୍ଧୁବର୍ଗ, ସାହି ପଡ଼ିଶା, ଭୋଜିଭାତରେ ଆପ୍ୟାୟିତ ହେଲେ। ଚତୁର୍ଥୀ ପରେ ବନ୍ଧୁବର୍ଗ ଯେ ଯାହା ଘରକୁ ଯିବାପାଇଁ ବାହାରିଲେ। ଗାନ୍ଧୀ ବୁଢ଼ୀ ମଧ୍ୟ ଘରକୁ ଫେରିବା ପାଇଁ ପ୍ରସ୍ତୁତ ହେଉଥିଲେ। ତାହା ଦେଖି ପୁଅବୋହୂ ବାରଣ କରି ଅଷ୍ଟମଙ୍ଗଳା ପରେ ଯିବାକୁ କହିଲେ। ପୁଅବୋହୂ କାଳେ ମନ କଷ୍ଟ କରିବେ ଭାବି ସେ ରହିବା ପାଇଁ ରାଜି ହେଲେ। ବୋହୂ ଅଭିମାନ କରି କହିଲା - ମା' ନାତୁଣୀ ବୋହୂର ହାତରନ୍ଧା ନ ଖାଇ ଆପଣ କେମିତି ଯିବାକୁ ବାହାରିଥିଲେ। ଆହ୍ଲାଦିତ ହୋଇ ଶାଶୁ କହିଲେ - ହଉ ହେଲା। ତୁ ଆଉ ମନ ଦୁଃଖ କରନା! ଏଠାରେ କିଛି ଦିନ ରହି ବୋହୂ ରାନ୍ଧଣା ଖାଇବା ବୋଧେ ମୋ' ଭାଗ୍ୟରେ ଲେଖାଅଛି।

ନାତୁଣୀବୋହୂ ଦେଖିବାକୁ ଖୁବ୍ ସୁନ୍ଦର। କେତେ କାଳ ଧରି ବିହି ତାକୁ ଗଢ଼ିଥିଲା କେଜାଣି! କଥାବାର୍ତ୍ତା ବ୍ୟବହାର ଯେମିତି ମଧୁର, ପରଷୁଥିବା ହାତରନ୍ଧା ତତୋଽଧିକ ମଧୁର। ଭାବବିହ୍ୱଳିତ ହୋଇ ମା' କହିଲେ - ଭାଗ୍ୟରେ ଥିଲେ ଏମିତି ବୋହୂ ମିଳେ। ସଂସ୍କାରୀ ଘର ଝିଅ। ଧନ୍ୟ କହିବ ତା' ମାଆବାପାଙ୍କୁ!

କାହିଁକି କେଜାଣି ନାତୁଣୀବୋହୂ ପ୍ରତି ମାୟା ଜାଗିଲା ତାଙ୍କ ମନରେ। ଘରକୁ ନ ଯାଇ ଆଉ କିଛିଦିନ ରହିଯିବା ପାଇଁ ଇଚ୍ଛା ହେଉଥିଲା। ହେଲେ ଯିବାକୁ ତ ହେବ। ଜିନିଷପତ୍ର ସଜାଡୁଥିବା ସମୟରେ ଥାକରେ ଥିବା ଷ୍ଟିଲନିର୍ମିତ ଖିଲିକାଟି ଉପରେ ତାଙ୍କର ନଜର ପଡ଼ିଲା। ବାହାଘର ଦିନ ନାତି ଟୋକା ନଡ଼ିଆ ସହିତ ଖିଲିକାଟି ଧରି ବାହାହେବାକୁ ଯାଇଥିଲା। ଯଦିଓ ସେତେ ଦାମିକା ନୁହଁ, ଦେଖିବାକୁ ଚକ୍‌ଚକ୍ ସୁନ୍ଦର। ଠିକ୍ ନାତୁଣୀବୋହୂ ପରି। ମା' ନିୟମିତ ଭାବେ ପାନ ଖାଆନ୍ତି। ଭାବିଲେ ତାଙ୍କ ପାନ ଥାଳିରେ ଖିଲିକାଟିଟି ଶୋଭାପାଇବ। ଖିଲିକାଟିରେ ଗୁଆ କାଟୁଥିଲାବେଳେ ନାତୁଣୀବୋହୂ କଥା ମନେପଡ଼ିବ। ଅସହାୟତାର ଭାରିପଣ ଆପେ ଆପେ ଦୂରେଇ ଯିବ। ଲାଗିବ ଯେମିତି ନାତୁଣୀବୋହୂ କହୁଚି - ଜେଜେମା'! ମୁଁ ପରା ତମ ପାଖରେ ଅଛି, ମନ ଊଣା କାହିଁକି। ନିମିଷକେ ସବୁ ଅନ୍ଧାର ଦୂରେଇ ଯାଆନ୍ତା! ପୁଅ, ବୋହୂ କିମ୍ବା ଅନ୍ୟ କେହି ଏଠି ତ ପାନ ଖାଆନ୍ତି ନାହିଁ। ସେମାନଙ୍କର କି କାମରେ ବା ଆସିବ ଖିଲିକାଟି। କାହାକୁ କିଛି ନ କହି ସେ ଖିଲିକାଟି ତାଙ୍କ ପାନଥଳିରେ ପ୍ୟାକ୍ କରି ଘରକୁ ଯିବା ପାଇଁ ଉଦ୍ଦିଷ୍ଟ ବ୍ୟାଗ୍‌ରେ ରଖିଦେଲେ। ଅପରାହ୍ଣ ତିନିଟାରେ ଘରକୁ ଯିବାପାଇଁ ବସ୍। ଶୀଘ୍ର ମଧ୍ୟାହ୍ନ ଭୋଜନ ସାରି ଘରକୁ ବାହାରିଲେ।

ମା' କିନ୍ତୁ ଜାଣି ନଥିଲେ ସେ ଖାଉଥିବା ସମୟରେ ସନ୍ଦେହୀ ବୋହୂ ତାଙ୍କ ବ୍ୟାଗ୍ ଯାଞ୍ଚ କରୁଥିଲା। ଶାଶୁ ଖିଲିକାଟି ଚୋରାଇ ନେଇଥିବା କଥାଟା ବିକ୍ରାନ୍ତ କାନରେ ଫୋଡ଼ି ନାଟକ ଦେଖିବା ପାଇଁ ବେଶ୍ ଉତ୍ସୁକତାର ସହିତ ସେ ଅପେକ୍ଷା କରିଥିଲା।



ମା' ଘରକୁ ବାହାରୁଥିବା ସମୟରେ ବିକ୍ରାନ୍ତ ବ୍ୟାଗ୍ ଭିତରୁ ଖିଲକାଟିଟି ବାହାର କରି ଆଣି କହିଲା - ମା' ତୁ ଏମିତି ଚୋରଣୀ ବୋଲି ମୁଁ ଜାଣି ନ ଥିଲି। ସବୁ ଚୋରି କରି ନେଇଯିବା ପାଇଁ ତୋର ଇଚ୍ଛା। ଛିଃ! ଲଜ୍ଜା ଲାଗୁନି। ମା'ଙ୍କ ମୁଣ୍ଡରେ ଯେମିତି ବଜ୍ର ପଡ଼ିଲା। କାନ୍ଦିକାନ୍ଦି ସେ କହିଲେ - କେତେ ବଡ଼ କଥା ନ କହିଲୁରେ ପୁଅ। ମୁଁ ତୋ ମା'। ତୋତେ ଅନ୍ତଫାଡ଼ି ଜନ୍ମ ଦେଇଛି। ସାମାନ୍ୟ ଗୋଟେ ଖିଲକାଟି ନେବାର ଅଧିକାର କ'ଣ ମୋର ନାହିଁ। ସେଥିପାଇଁ ଅନୁମତି ନେବାକୁ ପଡ଼ିବ।

ପୁଅ ଚିତ୍କାର କରି କହିଲା - ହଁ, ଅନୁମତି ନେବାକୁ ପଡ଼ିବ। କାରଣ ଏଇଟା ମୋ' ଘର। ତୋ' ଘର ନୁହେଁ। ଏଠାରୁ କୌଣସି ଜିନିଷ ନେବାର ଅଧିକାର ତୋର ନାହିଁ।

ମା' କାନ୍ଥରେ ମୁଣ୍ଡ ବାଡ଼େଇ କାନ୍ଦିକାନ୍ଦି କହିଲେ - ଧନ୍ୟରେ ପୁଅ! ନଖାଇ, ନପିଇ, ଜମିବାଡ଼ି ବିକି, ଘର ବନ୍ଧାପକାଇ ତୋତେ ପାଠ ପଢ଼ାଇ ଡାକ୍ତର କରିଥିଲି। ଭଲ ପ୍ରତିଦାନ ଦେଲୁ! ଶେଷରେ ମା'କୁ ଚୋରଣୀ ସଜାଇ ଦେଲୁ!

ଉଦଳା, ମୟୂରଭଞ୍ଜ
ମୋ: ୭୦୦୮୨୩୭୬୫୦


ଯୋଗାଯୋଗ: E-mail:dharitrisahityayana@gmail.com

# ବିଶ୍ୱ ବ୍ୟାଡ୍‌ମିଣ୍ଟନ ଚାମ୍ପିୟନଶିପ୍: ସିନ୍ଧୁ, ଧ୍ରୁବ-ତନିଶା ଯୋଡ଼ିଙ୍କ ବିଦାୟ

**ପ୍ୟାରିସ, ୨୯।୮ (ପି.ଟି.)**

ବ୍ୟାଡମିଣ୍ଟନ ୱାର୍ଲ୍ଡ ଫେଡେରେଶନ (ବିଡବ୍ଲ୍ୟୁଏଫ୍) ଚାମ୍ପିୟନଶିପ୍‌ରେ ଭାରତର ଦୁଇଥର ଅଲିମ୍ପିକ ପଦକ ବିଜେତା ପି. ଭି. ସିନ୍ଧୁ ମହିଳା ସିଙ୍ଗଲ୍ସ କ୍ୱାର୍ଟର ଫାଇନାଲରୁ ବିଦାୟ ନେଇଛନ୍ତି। ୨୦୧୯ ବିଶ୍ୱ ଚାମ୍ପିୟନ ତଥା ଇଭେଣ୍ଟରେ ୫ ଥର ପଦକ ବିଜେତା ସିନ୍ଧୁ ଏଠାରେ ରେକର୍ଡ ପୋଡିୟମ ଫିନିଶ ଲକ୍ଷ୍ୟରେ ଥିଲେ। ମାତ୍ର ସେ ୯ମ ସିଡ୍ ଇଣ୍ଡୋନେସିଆର ପୁତ୍ରି କୁସୁମା ୱାର୍ଦାନୀଙ୍କଠାରୁ ୧୪-୨୧, ୨୧-୧୩, ୧୬-୨୧ରେ ପରାଜିତ ହୋଇଯାଇଛନ୍ତି। ଏହା ପୂର୍ବରୁ ଭାରତର ମିକ୍ସଡ ଡବଲ୍ସ ଯୋଡ଼ି ଧ୍ରୁବ କାପିଲା ଓ ତନିଶା କ୍ରାଷ୍ଟୋ ବିଶ୍ୱର ୪ ନମ୍ବର ତଥା ମାଲେସୀୟ ଯୋଡ଼ି ଚେନ୍ ତାଙ୍ଗ୍ ଜି ଓ ତୋ ଇ ୱିଙ୍କଠାରୁ ୧୫-୨୧, ୧୩-୨୧ରେ ହାରିଯାଇଛନ୍ତି। ଫଳତଃ ମିକ୍ସଡ ଡବଲ୍ସରେ ପ୍ରଥମ ପଦକ ହାସଲ କରିବା ଲାଗି ଭାରତ ଯେଉଁ ଆଶା ରଖିଥିଲା ତାହା ଧୂଳିସାତ୍ ହୋଇଯାଇଛି। ସୂଚନାଯୋଗ୍ୟ, ହାଇଦ୍ରାବାଦର ୩୦ ବର୍ଷୀୟା ସିନ୍ଧୁ ୨୦୧୩ରେ ତାଙ୍କର ପ୍ରଥମ ପଦକ ଗୁଆଙ୍ଗଝୋଠାରେ ହାସଲ କରିଥିଲେ। ଏହାର ବର୍ଷକ ପରେ ସେ ଆଉ ଏକ ବ୍ରୋଞ୍ଜ ପଦକ କୋପେନହାଗେନଠାରେ ଜିତିଥିଲେ। ଗ୍ଲାସ୍‌ଗୋ (୨୦୧୭) ଓ ନାନ୍‌ଜିଙ୍ଗଠାରେ ସେ ରନରଅପ୍ ହୋଇଥିବା ବେଳେ ୨୦୧୯ରେ ବାସେଲଠାରେ ସ୍ୱର୍ଣ୍ଣ ଜିତି ଇତିହାସ ସୃଷ୍ଟି କରିଥିଲେ। ଦୁଇଟି କ୍ରମାଗତ ଅଲିମ୍ପିକ୍ସରେ ପଦକ ଜିତିବାରେ ସିନ୍ଧୁ ହେଉଛନ୍ତି ଏକ ମାତ୍ର ଭାରତୀୟ। ୨୦୧୬ ରିଓରେ ସେ ଏକ ରୌପ୍ୟ ଏବଂ ୨୦୨୦ ଟୋକିଓରେ ବ୍ରୋଞ୍ଜ ଜିତିଥିଲେ। ଏହାଛଡ଼ା ସେ ୨୦୨୨ ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ସ୍ୱର୍ଣ୍ଣ ଏବଂ ସେହିବର୍ଷ ସିଙ୍ଗାପୁର ଓପନ ଟାଇଟଲ ଜିତିଥିଲେ।

# ବିଜୟ ସହ ଭାରତର ଅଭିଯାନ



ପେନାଲ୍ଟି କର୍ନରରୁ ଗୋଲ ଦେଉଛନ୍ତି ହରମନପ୍ରୀତ ସିଂ।

## ଏସିଆ କପ୍ ହକି

**ରାଜଗିରି, ୨୯।୮ (ପି.ଟି.)**

ଭାରତ ବିଜୟ ସହ ଏଠାରେ ଶୁକ୍ରବାରଠାରୁ ଆରମ୍ଭ ହୋଇଥିବା ପୁରୁଷ ଏସିଆ କପ୍ ହକି ଟୁର୍ନାମେଣ୍ଟରେ ଏହାର ଅଭିଯାନ ଆରମ୍ଭ କରିଛି। ପୁଲ୍ 'ଏ'ର ଏକ ମ୍ୟାଚରେ ଦଳ ଚାଇନାକୁ ୪-୩ ଗୋଲ୍‌ରେ ପରାସ୍ତ କରିଛି। ଭାରତ ତରଫରୁ ହରମନପ୍ରୀତ ୨୦ତମ, ୩୩ତମ ଓ ୪୭ତମ ମିନିଟ୍‌ରେ ୩ଟି ପେନାଲ୍ଟି କର୍ନରକୁ ଗୋଲ୍‌ରେ ପରିଣତ କରିଥିବା ବେଳେ ଅନ୍ୟ ଗୋଲ୍‌ଟିକୁ ଯୁଗରାଜ ସିଂ ଖେଳର ୧୮ତମ ମିନିଟ୍‌ରେ ଦେଇଥିଲେ। ଚାଇନା ତରଫରୁ ଗୋଲ୍ ସ୍କୋରର ଥିଲେ ଡୁ ଶିହାଓ (୧୨ତମ), ଚେନ୍ ବେହାଇ (୩୫ତମ) ଓ ଗାଓ ଜିଶେଙ୍ଗ୍ (୪୨ତମ)। ମ୍ୟାଚର ପ୍ରଥମ କ୍ୱାର୍ଟରରେ ୦-୧ ଗୋଲ୍‌ରେ ପଛୁଆ ଥିବା ଭାରତ ଦୁଇ ମିନିଟରେ ଦୁଇଟି ଗୋଲ୍ ସ୍କୋର କରି ପ୍ରଥମାର୍ଦ୍ଧ ସୁଦ୍ଧା ୨-୧ରେ ଆଗୁଆ ରହିଥିଲା। ଶୁକ୍ରବାର ଖେଳାଯାଇଥିବା ପୁଲ୍ 'ଏ'ର ପ୍ରଥମ ମ୍ୟାଚରେ ଜାପାନ ୭-୦ ଗୋଲ୍‌ରେ କାଜାଖସ୍ତାନକୁ ପରାସ୍ତ କରିଛି। ଭାରତ-ଚାଇନା ମ୍ୟାଚ ଆରମ୍ଭ ପୂର୍ବରୁ ବିହାର ମୁଖ୍ୟମନ୍ତ୍ରୀ ନୀତୀଶ କୁମାର ଉପସ୍ଥିତ ରହି ଜାତୀୟ କ୍ରୀଡ଼ା ଦିବସ ଉପଲକ୍ଷେ ମେଜର ଧ୍ୟାନଚାନ୍ଦଙ୍କ ଉଦ୍ଦେଶ୍ୟରେ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ଭାରତ ଏହାର ପରବର୍ତ୍ତୀ ମ୍ୟାଚ ରବିବାର ଜାପାନ ବିପକ୍ଷରେ ଖେଳିବ। ସେହିପରି ବାଂଲାଦେଶ ବିପକ୍ଷ ମ୍ୟାଚରେ ମାଲେସିଆ ୪-୧ ଗୋଲ୍‌ରେ ବିଜୟୀ ହୋଇଛି। ପୁଲ୍ 'ବି'ରେ ଗତଥରର ଚାମ୍ପିୟନ କୋରିଆ ୭-୦ ଗୋଲ୍‌ରେ ଚାଇନିଜ ତାଇପେକୁ ପରାସ୍ତ କରିଛି।

# ଓସାକା, ଅଲ୍‌କାରାଜ ବିଜୟୀ



ମ୍ୟାଚ ବିଜୟ ପରେ ନାଓମି ଓସାକା।

**ନ୍ୟୁୟର୍କ, ୨୯।୮ (ଏପି)**

ଦ୍ୱିତୀୟ ସିଡ୍ ସ୍ପେନର କାର୍ଲୋସ ଅଲ୍‌କାରାଜ ୟୁଏସ୍ ଓପନ ଟେନିସର ପୁରୁଷ ସିଙ୍ଗଲ୍ସ ୪ର୍ଥ ରାଉଣ୍ଡରେ ପ୍ରବେଶ କରି ଥିବାବେଳେ ଏମା ରାଡୁକାନୁ ମହିଳା ସିଙ୍ଗଲ୍ସ ତୃତୀୟ ରାଉଣ୍ଡରୁ ବିଦାୟ ନେଇଛନ୍ତି। ଶୁକ୍ରବାର ପୁରୁଷ ସିଙ୍ଗଲ୍ସ ତୃତୀୟ ରାଉଣ୍ଡ ମ୍ୟାଚରେ ଅଲ୍‌କାରାଜ ଇଟାଲୀର ଲୁସିଆନୋ ଦାର୍ଦେରିଙ୍କୁ ପରାସ୍ତ କରିଛନ୍ତି। ଅନ୍ୟପକ୍ଷରେ ବ୍ରିଟେନର ରାଡୁକାନୁଙ୍କୁ ଏଲିନା ରିବାକିନା ହରାଇ ଦେଇଛନ୍ତି।

ଜାପାନର ନାଓମି ଓସାକା ୟୁଏସ୍ ଓପନ ମହିଳା ସିଙ୍ଗଲ୍ସ ତୃତୀୟ ରାଉଣ୍ଡରେ ପ୍ରବେଶ କରିଛନ୍ତି। ଓସାକା ଦ୍ୱିତୀୟ ରାଉଣ୍ଡରେ ହେଲି ବାପ୍‌ଟିଷ୍ଟଙ୍କୁ ହରାଇଛନ୍ତି। ଓସାକା ଏପର୍ଯ୍ୟନ୍ତ ସୁଦ୍ଧା ତାଙ୍କର ସମସ୍ତ ୪ ଗ୍ରାଣ୍ଡସ୍ଲାମ ଟ୍ରଫି ହାର୍ଡକୋର୍ଟରେ ହାସଲ କରିଛନ୍ତି। ତନ୍ମଧ୍ୟରୁ ଦୁଇଟି ୟୁଏସ୍ ଓପନ ଏବଂ ଅନ୍ୟ ଦୁଇଟି ଅଷ୍ଟ୍ରେଲିଆନ ଓପନରେ। ନ୍ୟୁୟର୍କରେ ୨୦୨୦ରେ ଟାଇଟଲ ବିଜୟୀ ହେବାପରେ ୨୦୨୧ରେ ତୃତୀୟ ରାଉଣ୍ଡ ଏବଂ ୨୦୨୨ରେ ପ୍ରଥମ ରାଉଣ୍ଡ ଏବଂ ଗତବର୍ଷ ଦ୍ୱିତୀୟ ରାଉଣ୍ଡରେ ପରାଜିତ ହୋଇଛନ୍ତି।

## ମହିଳା ଡବଲ୍ସରେ ଭେନସଙ୍କ ବିଜୟ

ଭେନସ ୱିଲିୟମ୍ସ ୟୁଏସ୍ ଓପନ ମହିଳା ଡବଲ୍ସରେ ତାଙ୍କ ମ୍ୟାଚ ଜିତିଛନ୍ତି। ୨୦୧୪ ପରେ ଏଠାରେ ସେ ପ୍ରଥମ ବିଜୟ ହାସଲ କରିଛନ୍ତି। ସେତେବେଳେ ତାଙ୍କ ପାର୍ଟନର ଥିଲେ ସାନ ଭଉଣୀ ସେରେନା। ଏଥର କିନ୍ତୁ ତାଙ୍କର ପାର୍ଟନର ଅଛନ୍ତି ଲେଲା ଫର୍ନାଣ୍ଡିଜ। ୪୫ ବର୍ଷୀୟା ୱିଲିୟମ୍ସ ୧୬ ମାସ ଅନୁପସ୍ଥିତି ପରେ ଟୁର୍‌କୁ ଫେରିଛନ୍ତି। ସେ ଓ ଫର୍ନାଣ୍ଡିଜ ୬ଷ୍ଠ ସିଡ୍ ଯୋଡ଼ି ଲ୍ୟୁଦମିଲା କିଚେନକ୍ ଓ ଏଲେନ ପେରେଜଙ୍କୁ ୭-୬ (୪), ୬-୩ରେ ହରାଇ ଦେଇଛି। ଗୁରୁବାର ଉଭୟ ଇଗା ସ୍ୱିଟେକ ଓ ଜାନିକ ସିନର ସେମାନଙ୍କ ମ୍ୟାଚରେ ବିଜୟ ଲାଭ କରିଛି। ସ୍ୱିଟେକ୍ ୬୬ ର୍‍ୟାଙ୍କିଂପ୍ରାପ୍ତ ଡଚ୍ ଖେଳାଳି ସୁଜାନ ଲାମେନ୍ସଙ୍କ ବିପକ୍ଷରେ ୬-୧, ୪-୬, ୬-୪ ସେଟ୍‌ରେ କଷ୍ଟସାଧ୍ୟ ବିଜୟ ହାସଲ କରିଛନ୍ତି। ସିନର ୬-୩, ୬-୨, ୬-୨ରେ ଆଲେକ୍ସି ପପିରିନ୍‌ଙ୍କୁ ହରାଇ ଦେଇଛନ୍ତି, ଯିଏ କି ଗତବର୍ଷ ୟୁଏସ୍ ଓପନରେ ନୋଭାକ୍ ଜୋକୋଭିଚ୍‌ଙ୍କୁ ପରାସ୍ତ କରିଥିଲେ। ଖେଳାଯାଇଥିବା ଅନ୍ୟ ମ୍ୟାଚଗୁଡ଼ିକ ମଧ୍ୟରେ କୋକୋ ଗଫ୍ ୭-୬ (୫), ୬-୨ରେ ଡୋନା ଭେକିକ୍‌ଙ୍କୁ ପରାଜିତ କରିଛନ୍ତି। ଆମେରିକାର ଅନ୍ୟ ଜଣେ ଖେଳାଳି ଆମାଣ୍ଡା ଆନିସିମୋଭା ୭-୬ (୨), ୬-୨ରେ ମାୟା ଜଏଣ୍ଟଙ୍କୁ ପରାସ୍ତ କରିଛନ୍ତି।




1-Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ